ISSN 2581-3994

ଗୋପବନ୍ଧୁଙ୍କ ସତ୍ୟବାଦୀ

GOPABANDHUNKA SATYABADI

www.thesamaja.com

୨୦୨୧ ଜୁଲାଇ



RUCHI
FOODLINE
Since 1976
Celebrating 45 Years
Your health. Our wealth.
Parivar
PACK
OFFER
Buy Ruchi Parivar Pack.
Stand a chance to win a
Dubai Trip
& other exciting prizes!*
FREE
Towel and
box worth
₹250
₹555
Dalma
Chicken
Masala
SEP 2020 - SEP 2021
www.ruchifoodline.com
*T&C apply

ଗୋପବନ୍ଧୁଙ୍କ ସତ୍ୟବାଦୀ

GOPABANDHUNKA SATYABADI www.thesamaja.com

୬ଷ୍ଠ ବର୍ଷ • ୩ୟ ସଂଖ୍ୟା • ଜୁଲାଇ-୨୦୨୧

ମିଥୁନ (ଆଷାଢ଼) ଦି୧୭ନ ଠାରୁ କର୍କଟ (ଶ୍ରାବଣ) ଦି୧୬ନ ପର୍ଯ୍ୟନ୍ତ

ସମ୍ପାଦକ

ନିରଞ୍ଜନ ରଥ

ଯୋଗାଯୋଗ

ସମ୍ପାଦକ, ଗୋପବନ୍ଧୁଙ୍କ ସତ୍ୟବାଦୀ
'ସମାଜ' କାର୍ଯ୍ୟାଳୟ, ଗୋପବନ୍ଧୁ ଭବନ,
ବକ୍ସିବଜାର, କଟକ-୭୫୩୦୦୧
E-mail : samaja.satyabadi@gmail.com
Mob:-6371916289

ଋତଂ ବଦିଷ୍ୟାମି
ସତ୍ୟଂ ବଦିଷ୍ୟାମି
ତନ୍ମାମବତୁ
ତଦ୍‌ବକ୍ତାର ମବତୁ
ଅବତୁ ମାମ୍ ଅବତୁ ବକ୍ତାରଂ
ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ ।

(ମୁଁ ମାନସିକ ସତ୍ୟ କହିବି,
ବାଚନିକ ସତ୍ୟ କହିବି ।
ବ୍ରହ୍ମ ମୋତେ ରକ୍ଷା କରନ୍ତୁ ।
ବ୍ରହ୍ମ ବକ୍ତାଙ୍କୁ ରକ୍ଷା କରନ୍ତୁ ।
ମୋତେ ରକ୍ଷା କରନ୍ତୁ, ବକ୍ତାଙ୍କୁ ରକ୍ଷା କରନ୍ତୁ ।
ଶାନ୍ତି ହେଉ, ଶାନ୍ତି ହେଉ, ଶାନ୍ତି ହେଉ ।)

ବିଜ୍ଞାପନ ପରିଚାଳକ

ସଞ୍ଜୟ କୁମାର ମିଶ୍ର
ଦୂରଭାଷ - 7328835120, 9437030753
E-mail : admgr@thesamaja.in

ପ୍ରସାର ଯୋଗାଯୋଗ

ଦୂରଭାଷ - (0671) 2301994

ସତ୍ୟବାଦୀ ଡେସ୍କ

ଦୂରଭାଷ - (0671) 2301240 / 2301697

ପ୍ରଚ୍ଛଦ ଓ ଅଙ୍ଗସଜ୍ଜା

ଜ୍ଞାନ ରଥ, ରାଜେଶ ନାୟକ

ମୂଲ୍ୟ : ଟ. ୫୦/-

ଡାକଯୋଗେ– ୩ ମାସକୁ - ଟ. ୧୫୦.୦୦ । ୬ ମାସକୁ - ଟ. ୩୦୦.୦୦ । ୧ ବର୍ଷକୁ - ଟ. ୫୦୦.୦୦

ଗ୍ରାହକ ଦେୟ "The Samaja", Payable at Cuttack ଠିକଣାରେ ଡିମାଣ୍ଡ ଡ୍ରାଫ୍ଟ କିମ୍ବା ମନିଅର୍ଡର ମାଧ୍ୟମରେ ପଠାଇବାକୁ ଅନୁରୋଧ ।

adventz

Individually, we nurtured crops. Together, we'll transform the future of Indian agriculture.

Zuari Agro Chemicals, Paradeep Phosphates and Mangalore Chemicals & Fertilizers come together to usher in prosperity for Indian farmers.

When three amongst the biggest names in the Indian agricultural sector come together, it ushers in an exciting phase for the Indian agricultural economy. The complimentary strength of their three brands – Jai Kisaan, Navratna and Mangala will assure an enriched product offering with an enhanced range of nitrogenous and phosphatic fertilisers, speciality plant nutrients, micro-nutrients, soil conditioners, crop care products and seeds. Plus, our innovative initiatives and agri services will create a whole new relationship with the Indian farmers.

JAI KISAAN ZUARI AGRO CHEMICALS LTD. | PPL PARADEEP PHOSPHATES LIMITED | MCF MANGALORE CHEMICALS & FERTILIZERS LIMITED

Corporate Office: Tower A, 5th Floor, Global Business Park, M. G. Road, Sector 26, Gurgaon-122002. | www.adventz.com

ସମ୍ପାଦକୀୟ

କୁଣ୍ଠାଣରେ ବି ପ୍ରବଣତା

ସାରସ୍ୱତ ଜଗତ ଅନ୍ୟ ଜଗତଠୁ ଭିନ୍ନ, ସ୍ୱତନ୍ତ୍ର। ପ୍ରବଣତା, ଚେତନା, ଚିନ୍ତାଶୀଳତା ଏତେ କେମିତି ଏଙ୍କଠେଇ ଠେସିହୋଇ ରହିଛି, ତା'ର ଉତ୍ସ କ'ଣ ଏ ଯାଏ ଅଜଣା। ପ୍ରବନ୍ଧରେ, ଗଳ୍ପ, କବିତା ଓ କାବ୍ୟରେ ସେଇ ଅଜଣା ଉତ୍ସର ପ୍ରଭାବ ଓ ଶକ୍ତି ଅନୁଭୂତ ହୁଏ। 'ସାରସ୍ୱତ ସାଧନା', କଥା ଅନେକ କହନ୍ତି। ଯେ କ'ଣ ଅଭ୍ୟାସାଧୀନ ଦଣ୍ଡବୈଠକ କି ଘର ଠିକଣା ବତାଇବା ଭଳି ଏକ ନିର୍ଦ୍ଦିଷ୍ଟ ମାର୍ଗ ଓ ଲକ୍ଷ୍ୟ ହାସଲ ଭଳି କଥାଟେ? ଦଣ୍ଡବୈଠକ ଗୁରୁ ରାମଦେବଜୀ କ'ଣ ଜଣଙ୍କୁ କବି ବନେଇଦେବେ, ସାରସ୍ୱତ ପରିଚିତି ଦେଇ ପାରିବେ? ଆଦୌ ନୁହେଁ। କବିସମ୍ରାଟ ଉପେନ୍ଦ୍ର ଭଞ୍ଜ, ଗୀତଗୋବିନ୍ଦ ରଚୟିତା କବି ଜୟଦେବ କି ଶ୍ରୀରାମ ଓ ହନୁମାନଜୀଙ୍କ କୃପା ପ୍ରାପ୍ତ ତୁଳସୀ ଓ ସାରଳା ଦାସ ଆଦି ଅମର ସାରସ୍ୱତ ପ୍ରତିଭାଙ୍କ କବିତ୍ୱ ଓ ସାରସ୍ୱତ ପ୍ରତିଭା ବିଷୟରେ ପ୍ରଭୁ ଓ ଦେବୀକୃପା କଥା କୁହାଯାଏ। ତେବେ ଇୟେ ଅଙ୍କ ଭଳି ବା ଘର ଠିକଣା ଜାଣିବା ମାର୍ଗ ଭଳି ନୁହେଁ। ଭକ୍ତି ଏକ ଅଦ୍ଭୁତ ପ୍ରବଣତା। ଏ ପ୍ରବଣତାଦଗ୍ଧ ଜଣେ ତା' ଆଖି ଲୁହରେ କାଠ, ପଥର ମୂର୍ତ୍ତି ସହ କଥା ହୋଇପାରେ। ଅଧ୍ୟାତ୍ମ କୃପା ଲାଭ, ଭକ୍ତି ବିଗଳିତ ନ ହେଲେ କେମିତି ମିଳିବ? ବାକି ଅନ୍ୟମାନଙ୍କଠି ଦୃଷ୍ଟ ଏ ପ୍ରତିଭାର ଉତ୍ସ ପ୍ରାରବ୍ଧ ଫଳ ବ୍ୟତୀତ ଆଉ କ'ଣ ହୋଇପାରେ? ମଲ୍ଲକୁସ୍ତି ପ୍ରତିଯୋଗୀଙ୍କ ଭଳି ବଳିଷ୍ଠ ଶରୀର ଗଠନ ଏଙ୍କର ନ ଥାଏ କି ଚଳଚ୍ଚିତ୍ର ତାରକାମାନଙ୍କର ଲାସ୍ୟମୟ, ପ୍ରଲୁବ୍ଧ ଚେହେରା ନଥାଏ। ସାଦାସିଧା ମଣିଷଟେ ସିଏ। ମାତ୍ର ତାଙ୍କ ଲେଖନୀ ନିଃସୃତ ସୃଷ୍ଟି ଜଗତକୁ ଚମତ୍କୃତ କରିଦିଏ। ଅମର ହୋଇ ଯାଆନ୍ତି ସେମାନେ। "ଯଶୋ ଦେହେ ପରା ଚିର ଆୟୁଷ୍ମାନ।" ଏମାନେ ଦିଆଶିଲି କାଠି, କି ବାରୁଦ ବୋଲ। ଦିଆଶିଲି କାଠିକୁ ଦିଆଶିଲି ପେଡ଼ା ଧାରରେ ଟିକେ ଘଷିଦେଲେ, ବିଜୁଳି ଭଳି ନିଆଁ ଉକୁଟେ, ସେମିତି ବାରୁଦ ଉପରେ ନିଆଁ ଝୁଲଟେ ପଡ଼ିଗଲେ, କି ନିଆଁ, କି ବିସ୍ଫୋରଣ ଲୋ ବୋପା? ମାତ୍ର ବାରୁଦ କି ଦିଆଶିଲି କାଠିରେ ପାଣି ପଡ଼ିଗଲେ ସେ କୋଉ ଜଳିବ କି ବିସ୍ଫୋରିତ ହେବ? ସେଗୁଡ଼ା ହାଲପା ହୋଇ ଯାଆନ୍ତି। ମାତ୍ର ସାରସ୍ୱତ ପ୍ରତିଭାଗୁଡ଼ା କି ପାଣି, କି ପବନ କୋଉଥିରେ ହାଲପା ହୋଇ ନ ଥା'ନ୍ତି। ଅନୁକୂଳତା, ପ୍ରତିକୂଳତାରେ ତାଙ୍କ ଦିହ ସିନା ରଙ୍ଗ ବେରଙ୍ଗ ହୋଇଯାଏ, ତାଙ୍କ ମନ ଚେତନାର ଉଦ୍‌ଗିରଣ କୋଉ ବନ୍ଦ ହୋଇଯାଏ? ଦିନେ ରାଜକୁମାରର ଚେହେରା ଥିବା, ଜମିଦାର ପିଲା କାନ୍ତକବି ଲକ୍ଷ୍ମୀକାନ୍ତ ଦୁରାରୋଗ୍ୟ କୁଷ୍ଠ ରୋଗର ଶିକାର ହୋଇ ବିକୃତ ବୀଭତ୍ସ ହୋଇଗଲେ। ମାତ୍ର ଏ ଦାରୁଣ ଦୁଃଖ ଓ ଯନ୍ତ୍ରଣା ମଧ୍ୟରେ ତାଙ୍କ କବିପ୍ରତିଭା, ଚେତନା କି ପ୍ରବଣତା କୋଉ ବିକୃତ କି ବାଟବଣା ହେଲା? ସେ ପ୍ରଭୁଙ୍କୁ ଲେଖିଲେ, "ସବୁଥିରୁ ବଞ୍ଚିତ କରି କେଉଁ ଯଶବାନା ଉଡ଼ାଇବ ହେ, ମନେ ଭାବିଛକି ଦାଣ୍ଡ ମଝିଟାରେ ଠିଆ କରି କାନ ମୋଡ଼ାଇବ ହେ... ।" ଲାଗେ ସତରେ ସେ ପ୍ରଭୁଙ୍କ ସହ କଥା ହେଉଥିଲେ। ଯେ ସାରସ୍ୱତ-ନିଶାଖୋର, ଏମାନଙ୍କୁ କିଛି ବି ଏଥିରୁ ନିବୃତ୍ତ କରିପାରେନି। ସଂଘର୍ଷମୟ, ଦାରିଦ୍ର୍ୟ କଷାଘାତରେ ଜର୍ଜରିତ ସଂସ୍କୃତ ମହାକବି କବିଚନ୍ଦ୍ର ଭୁବନେଶ୍ୱର ତାଙ୍କ ଯାତନା ଜର୍ଜରିତ ଜୀବନରେ ସାରସ୍ୱତ ପ୍ରବୃତ୍ତି ବିଷୟରେ ଲେଖିଛନ୍ତି, "ବିଧିବିଦ୍ଧା, ଜନବିଦ୍ଧା ସହି ନିରବଧି, ମୋ ମନ ପିଠିର ହେଲା ପଥର ପ୍ରସିଦ୍ଧି, ତଥାପି ନିର୍ଲଜ୍ଜ-ରାଜା-ଲେଖା ପ୍ରବୃତ୍ତିର, ବାରମ୍ବାର ଅଭିଘାତେ ନ ଭାଜଇ ମୋର" ଇତ୍ୟାଦି। ଦଶକ ପଣିକିଆ କି ଜ୍ୟାମିତିର

ଉପପାଦ୍ୟ ଭଳି ସୂତ୍ର ଘୋଷି ଗଣିତ କି ଅଙ୍କର ଚମତ୍କାରିତା ଦେଖେଇବାର ବୌଦ୍ଧିକତା ପରି ସାରସ୍ୱତ ସାଗରରେ ବୁଡ଼ିଯିବାର କାହିଁ କୁ ସୂତ୍ର ଅଛି? ସେଇଥିପାଇଁ ତ କୁହାଯାଇଛି, "କବିତା, ବନିତା ଚୈବ ସରସା ସ୍ୱୟମାଗତା, ବଳାଦାକୃଷ୍ୟମାଣାଚେତ୍ ସରସା ବିରଷାୟତେ" । ଆଜି କାଲି ଅବଶ୍ୟ କୁଣ୍ଠାକବି ପେଣ୍ଠା ପେଣ୍ଠା ହେଲେଣି । ମାତ୍ର ତା' ସବୁ କୋଉ କାଳଜିଣା ହୋଇପାରନ୍ତି? ସମସ୍ତେ କହିପାରନ୍ତି, ମାତ୍ର ଜଣେ ବାଗ୍ମୀ ତୁଣ୍ଡରେ ଶବ୍ଦବ୍ରହ୍ମ ଯେମିତି ପ୍ରକଟିତ ହୁଏ ତା' କାହିଁ କିଏ ଶୁଣିଶୁଣି ଦଖଲ କରିପାରିବ? ତେଣୁ କେତେ କଥା ଅନନୁକରଣୀୟ । ତା' ଭିତରେ ସାରସ୍ୱତ ପ୍ରତିଭା ଅନ୍ତର୍ଗତ । ପୁଣି ଜଣେ ସାରସ୍ୱତ ପ୍ରତିଭାର ସବୁ ସୃଷ୍ଟି କୋଉ କାଳଜିଣା ହୋଇପାରୁଛି? ଗୋଦାବରୀଶଙ୍କ 'କାଳିଜାଈ' ସମତୁଲ ତାଙ୍କର ଅନ୍ୟ କୋଉ ଲେଖା ହୋଇପାରିଛି? ଗାଁଗଣ୍ଡାରେ ଘରେ ଘରେ "ଭଲ କରି ନାଆ ବୁହାରେ ନାଉରୀ" ଏବେ ବି ପ୍ରତିଧ୍ୱନିତ । ସେମିତି ସଚ୍ଚି ରାଉତରାୟଙ୍କ ଛୋଟମୋର ଗାଁଟିର ପ୍ରବଣତା ଓ ଆଦରଣୀୟତା ତାଙ୍କର ଆଉ କୋଉ ସୃଷ୍ଟି ପାଇ ପାରିଛି? ଗଳ୍ପ, ପ୍ରବନ୍ଧ ସବୁ ସେଇ ଭଳି । ଗାଣିତିକ ଚେତନା ଫେଣ୍ଟା ନିରୋଳା ସାରସ୍ୱତ ସୃଷ୍ଟି ପ୍ରବଣତା ସାରସ୍ୱତ କୌତୂହଳତା ସହ କେମିତି ସମାନ ହୋଇପାରିବ? ସ୍ୱତଃପ୍ରବୃତ୍ତ ଓ ବରାଦିଆ ଲେଖା ସେଇଥିପାଇଁ ଭିନ୍ନ । ତେବେ ସମସ୍ତେ ନମସ୍ୟ ଓ ସମ୍ମାନାସ୍ପଦ । କୁଣ୍ଠାଣରେ ବି ପ୍ରବଣତା ଅଛି?

ଏତେ କଥା ମନକୁ ଆସିଲା ଏ ମାସର ପର୍ବପର୍ବାଣି ସମ୍ବନ୍ଧରେ କିଛି ଲେଖିବାର ବରାଦରୁ । ଏ ମାସରେ ପ୍ରଭୁ ଜଗନ୍ନାଥଙ୍କର ଘୋଷଯାତ୍ରା ଅନୁଷ୍ଠିତ । ବର୍ଷକେ ଥରେ ଏ ଯାତ୍ରା ଆସେ । ଏଇ ଘୋଷଯାତ୍ରା ପାଇଁ ସାରସ୍ୱତ ପ୍ରତିଭାମାନଙ୍କଠୁ କେତେ ଯେ ପ୍ରବଣତା ନିଗିଡ଼ି ହୋଇପଡ଼େ ତା'ର ହିସାବ ନାହିଁ । ମାତ୍ର ରଥଯାତ୍ରା ଓ ଶ୍ରୀଜଗନ୍ନାଥଙ୍କ ଏ ଯାତ୍ରା ଏବେ ଦି' ବର୍ଷ ହେବ ଯେମିତି ପାଳିତ ହେଉଛି, ତା' ଘୋର ଆଘାତର କାରଣ ହୋଇଛି । କରୋନା ରୋଗ ବ୍ୟାପିବାର, ସଂକ୍ରମିତ ହେବାର ଆଶଙ୍କାରେ, ଏ ଜନତାଙ୍କୁ ରକ୍ଷା ପାଇଁ ଏ ଯାତ୍ରାରେ କଟକଣା । ପ୍ରଭୁ କ'ଣ ସତରେ ମାଉସୀ ଘରକୁ ବୁଲି ଯାଆନ୍ତି? ଆଚାଣ୍ଡଳ ସମସ୍ତଙ୍କୁ ଦର୍ଶନ ଦେବାକୁ ଯେ ତାଙ୍କର ଗୋଟିଏ ଆଳ । ମାତ୍ର ଅତୀତର ଏ ଯାତ୍ରାକୁ ବେପାର ଉତ୍ସ କରିବାରେ, ନିରୀହ ଭକ୍ତମାନଙ୍କୁ ଏ ଯାତ୍ରାବେଳେ ନାନା ଭାବେ ନିପୀଡ଼ିତ, ଶୋଷଣ କରିବାରେ ପ୍ରଭୁ ଜଗନ୍ନାଥ କ'ଣ କ୍ଷୁବ୍ଧ ହୋଇଗଲେ କି? ଅଭିମାନ କଲେ କି?

ନୋହିଲେ ଭକ୍ତଙ୍କ ବିନା, ତାଙ୍କ ପତିତ ଜନଙ୍କ ବିନା ଏ ରଥଟଣାରେ ସେ କ'ଣ ଖୁସି ଥିବେ? ଲାଗୁଛି, ଜଗନ୍ନାଥଙ୍କର ଯେ ଏକ ଅଭିମାନ ଓ ନିଷ୍ଠୁର ଉପହାସ ଏ ବଣା ମଣିଷମାନଙ୍କ ପାଇଁ । ତଥାପି ଉଦ୍‌ଘୋଷ ହେଉଥିବ– "ଜୟ ଜଗନ୍ନାଥ ସ୍ୱାମୀ ନୟନ ପଥଗାମୀ ଭବତୁ ମେ ।"

●●

ସୂଚିପତ୍ର

ପ୍ରବନ୍ଧ

- ସ୍ୱଦେଶୀ ଭାବନାର ଉନ୍ନାୟକ ଶ୍ରୀଜଗନ୍ନାଥ — ୯
  ମମତା ଦାସ
- ରାମାୟଣର ଶ୍ରେଷ୍ଠ ଚରିତ୍ର! — ୧୫
  ସୀତେଶ ତ୍ରିପାଠୀ
- ଶାସ୍ତ୍ରାନୁକ୍ରମରେ ଓଡ଼ିଆ ପୁରାଣ ସାହିତ୍ୟ — ୧୯
  ଲୋକନାଥ ସାହୁ
- ସାରଳା ଦାସଙ୍କ ଜନ୍ମସ୍ଥାନ ପ୍ରସଙ୍ଗ — ୨୪
  ଲକ୍ଷ୍ମୀକାନ୍ତ ତ୍ରିପାଠୀ

ଅନନ୍ୟ ଅନୁଭୂତି

- କରୁଣାର ବିଭୂତି — ୩୧
  ସୁଲୋଚନା ଦାସ

ପ୍ରତିଭା ପରିଚର୍ଯ୍ୟା

କାବ୍ୟ ସେନାପତି ପ୍ରଦ୍ୟୁମ୍ନ କେଶରୀ — ୩୫

ଉପସ୍ଥାପନ- ମମତା ବିଶୋଇ

କବିତା

- କ୍ରାନ୍ତି : ଏକ ଚେତାବନୀ — ୪୩
  ମନୋରମା ମହାପାତ୍ର
- ମୁଠାଏ ସ୍ୱପ୍ନ: କବି ଆଖିରେ — ୪୪
  ସୁରଞ୍ଜନ ପାତ୍ର
- ଚଦର — ୪୫
  ମୀନକେତନ ପଶାୟତ
- ଇନ୍ଦ୍ରଧନୁ — ୪୬
  ସରୋଜିନୀ ଷଡ଼ଙ୍ଗୀ
- ଦୁଃଖର ସ୍ମୃତି — ୪୭
  ସୁରେଶଚନ୍ଦ୍ର ପଣ୍ଡା
- ଉଇଁଥିଲ ଦିନେ — ୪୮
  କାଦମ୍ବିନୀ ମହାନ୍ତି
- ଶେଷପର୍ବ — ୪୯
  ଶରତ କୁମାର ଦାସ

ବିଶ୍ୱ ସାହିତ୍ୟ

- **Counsel To Girls** — ୫୦
  Robert Herrick
- ତରୁଣୀ ନାତୁଣୀ ପ୍ରତି ଜେଜେମା' — ୫୧
  ଅଜୟଚନ୍ଦ୍ର ଦାସ

ପ୍ରାଚୀନ କବିଙ୍କ ରଚନାରୁ

- ରେଳବାଇ — ୫୨
  ଫକୀରମୋହନ ସେନାପତି

ଗଳ୍ପ

- ହେ ଫଗୁଣ! ତତେ ମୋ ରାଣ — ୫୫
  ଜିତେନ୍ଦ୍ର କୁମାର ମହାନ୍ତି
- ବଂଶୀ — ୬୧
  ପ୍ରତାପ ବିଶ୍ୱାଳ

- ମୋକ୍ଷ ପଥେ ୬୭
  ଯାଜ୍ଞସେନୀ ହୋତା
- ନୀଳ ଆକାଶରୁ ନୀଡ଼ର ଦୂରତା ୭୧
  ପ୍ରୀତିପ୍ରିୟା ମହାନ୍ତି
- ଅନୁତ୍ତରିତ ବୋଝ ୭୫
  କୈଳାସ ଚନ୍ଦ୍ର ପାତ୍ର
- ବିଷାଦ ବର୍ଣ୍ଣାଳୀ ୭୯
  ଜୟନ୍ତୀ ସାହୁ
- ନଟ ମଉସା ୮୩
  ଶକ୍ତିପ୍ରଭା ମିଶ୍ର
- ମହୀଖୁଣ୍ଟର ଛାଇ ୮୭
  କ୍ଷୀରୋଦବିହାରୀ ବିଶ୍ୱାଳ

ଅନୁବାଦ ଗଳ୍ପ

- ଭାଇ ଅବଦୁଲ୍ ରହମାନ୍ ୯୧
  ମୂଳ ସିନ୍ଧୀ : ଅମରଲାଲ ହିଙ୍ଗୋରାନି
  ଅନୁବାଦ: ରାଜେନ୍ଦ୍ର ପ୍ରସାଦ ମହାପାତ୍ର

ପୁରୁଣା ସତ୍ୟବାଦୀ ପୃଷ୍ଠାରୁ

- ସତ୍ୟବାଦୀ ବା ସାକ୍ଷିଗୋପାଳ ୯୫

କାଳଜୟୀ ସାହିତ୍ୟ

- ଜଙ୍ଗଲୀ ୯୮
  ଭଗବତୀଚରଣ ପାଣିଗ୍ରାହୀ

ରମ୍ୟ ରଚନା

- ମୋ ଭୁଲାପଣ ସପକ୍ଷରେ ! ୧୦୨
  ରାଧାଶ୍ୟାମ ରାଉଳ

ବିଶେଷ ଆଲେଖ୍ୟ

- ଶ୍ରୀଜଗନ୍ନାଥ ଉପାସନାର ଦାର୍ଶନିକ ତତ୍ତ୍ୱ ୧୦୫
  ଅନ୍ତର୍ଯ୍ୟାମୀ ମିଶ୍ର

କଳା ଓ ଭାସ୍କର୍ଯ୍ୟ

- ଲୋକକଳା ଓ ପରମ୍ପରାରେ କଣ୍ଢେଇ ନାଚ ୧୧୧
  ପ୍ରସନ୍ନ ମିଶ୍ର

ଧାରାବାହିକ ଉପନ୍ୟାସ

- କୃଷ୍ଣ ପ୍ରାସାଦର ମହାରାଣୀ (ଭାଗ-୯) ୧୧୫
  ଇନ୍ଦିରା ଦାଶ

ଆପଣଙ୍କ ଚିଠିପତ୍ର

୧୨୧

ଟିକି ତାରା

- ଝୁରୁଛି ତାଙ୍କୁ ଏ ଜାତି ୧୨୪
  ସଚ୍ଚିଦାନନ୍ଦ କର
- ଝାଡୁ ୧୨୫
  ପ୍ରଦୀପ୍ତ କୁମାର ଆଚାର୍ଯ୍ୟ
- ମାଟି ଓ ଆକାଶ ୧୨୬
  ରତ୍ନାକର ନାୟକ
- ବଖାଣି ହେବନି ଗୁଣ ୧୨୮
  ଦେବାଶିଷ ଚକ୍ରବର୍ତ୍ତୀ
- ସେବା ମନୋବୃତ୍ତି ୧୨୯
  ରମେଶଚନ୍ଦ୍ର ଦାଶ
- ଭଲ କାମର ଭଲ ଫଳ ୧୩୧
  ରବିନାରାୟଣ ସାହୁ

ବ୍ୟଙ୍ଗ ବିଚାର

- *ଜ୍ଞାନ ରଥ* ୧୩୩

(ରାମଚନ୍ଦ୍ର ନାୟକ)

ସ୍ମୃତିରେ

- ରାଜା ବୀରମିତ୍ରୋଦୟ ସିଂହଦେବ ୧୩୪

ଶେଷ ପୃଷ୍ଠା

- ଦୁଃସ୍ଥିତିରେ ବଞ୍ଚୁଥିବା ମଣିଷ ୧୩୬
  ଗୋବିନ୍ଦଚନ୍ଦ୍ର ତ୍ରିପାଠୀ


ପ୍ରଣତି

ନୀଳକନ୍ଦର ନିବାସୀ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ପବିତ୍ର ରଥଯାତ୍ରା ଅବସରରେ ସୁନ୍ଦରଗଡ ଜିଲାର ଭାଇଭଉଣୀ ତଥା ଓଡ଼ିଶାବାସୀଙ୍କ ସୁଖସମୃଦ୍ଧି କାମନା କରୁଛି । କରୋନା ମହାମାରୀ କବଳରୁ ମହାପ୍ରଭୁ ଶ୍ରୀଜଗନ୍ନାଥ ରାଜ୍ୟ ତଥା ଦେଶବାସୀଙ୍କୁ ରକ୍ଷା କରନ୍ତୁ, ଏହାହିଁ ପ୍ରାର୍ଥନା ।

କୁସୁମ ଟେଟେ

ବିଧାୟିକା, ସୁନ୍ଦରଗଡ

ଦୀର୍ଘ ଚାରି ଦଶନ୍ଧି (ଖ୍ରୀ.୧୭୬୩-୧୮୦୦) ଧରି ନାଗା ସନ୍ନ୍ୟାସୀ, ସାଧୁସନ୍ଥ ଫକୀର ଇଂରେଜମାନଙ୍କ ବିରୁଦ୍ଧରେ ସଶସ୍ତ୍ର ସଂଗ୍ରାମ କରିଥିଲେ । ଯଦିଓ ଏହି ସଂଗ୍ରାମ ସଙ୍ଗଠିତ ଓ ସୁନିୟୋଜିତ ନ ଥିଲା ତଥାପି ତାହା ଇଂରେଜ ଶକ୍ତିକୁ ବାରମ୍ବାର ପ୍ରଚଣ୍ଡ ଆଘାତ କରି ଚାଲିଥିଲା । ପ୍ରତିହିଂସାପରାୟଣ ଇଂରେଜ ଏହି ମୁକ୍ତିସଂଗ୍ରାମକୁ ଦମନ କରିବାକୁ ଦେଢ଼ଶହ ସନ୍ନ୍ୟାସୀଙ୍କୁ ସର୍ବସାଧାରଣ ସ୍ଥାନରେ ଏକକାଳୀନ ଫାଶୀ ଦେଇଥିଲେ ଏବଂ ଲୋକଙ୍କ ମନରେ ଆତଙ୍କ ସୃଷ୍ଟି କରିବା ନିମନ୍ତେ ମାନବିକତାର ସମସ୍ତ ସୀମା ଲଙ୍ଘନ କରି ସେମାନଙ୍କର ଶବକୁ ଫାଶୀକାଠରୁ ନ ଓହ୍ଲାଇ ଚିଲଶାଗୁଣାଙ୍କ ଆହାର ହେବାକୁ ଛାଡ଼ି ଦେଇଥିଲେ । ଅପରପକ୍ଷରେ ଏହି ନିରପରାଧ ସନ୍ନ୍ୟାସୀମାନଙ୍କୁ ପରିଶ୍ରମକାତର, ଠକ, ବିଶୃଙ୍ଖଳ ଭିକ୍ଷୁକ ଭାବରେ ବର୍ଣ୍ଣନା କରି ସେମାନଙ୍କର ଚରିତ୍ର ସଂହାର କରିବାକୁ ମଧ୍ୟ ଇଂରେଜମାନେ କୁଣ୍ଠାବୋଧ କରି ନ ଥିଲେ ।

ମମତା ଦାସ

ଅବସରପ୍ରାପ୍ତ ଅଧ୍ୟାପିକା । ହିନ୍ଦୀ, ଇଂରାଜୀ, ଓଡ଼ିଆ ଓ ସଂସ୍କୃତ ସାହିତ୍ୟ କ୍ଷେତ୍ରରେ ଲେଖନୀ ଚାଳନା ଜାରି ରଖିଛନ୍ତି । ଶିଶୁସାହିତ୍ୟ ତଥା ଅନୁବାଦ ସାହିତ୍ୟ କ୍ଷେତ୍ରରେ ଜଣେ ସଫଳ ସ୍ରଷ୍ଟା । 'ଦୀକ୍ଷା' (ଅନୂଦିତ ଉପନ୍ୟାସ) 'ଉତ୍କଲକେ ପର୍ବ-ତ୍ୟୋହାର' (ହିନ୍ଦୀ), 'ଲିଟିଲ ହିରୋସ୍ ଅଫ୍ ଇଣ୍ଡିଆ', 'ମୋ ପିଲାଦିନ' ଆଦି ପୁସ୍ତକ ପ୍ରକାଶିତ ।

ସ୍ୱଦେଶୀ ଭାବନାର ଉନ୍ନାୟକ ଶ୍ରୀଜଗନ୍ନାଥ

ଆଧ୍ୟାତ୍ମିକତା ବିନା ରାଷ୍ଟ୍ରୀୟତା କବନ୍ଧ ଭଳି ଦିଶାହୀନ, ଅପର ପକ୍ଷରେ ରାଷ୍ଟ୍ରଭାବନା ବ୍ୟତିରେକେ ଆଧ୍ୟାତ୍ମିକତା ମଧ୍ୟ ନିରାଧାର, ଅବାସ୍ତବ କଳ୍ପନା ମାତ୍ର । ଭାରତର ପ୍ରବୁଦ୍ଧ ଋଷିକୁଳ ଉଭୟ ମଧ୍ୟରେ ସମନ୍ୱୟ ରକ୍ଷା କରିବା ନିମନ୍ତେ ସତତ ସାଧନା କରି ଯାଇଛନ୍ତି । ଆର୍ଷ ପରମ୍ପରାରେ ସମୁଦ୍ରବସନା ବସୁନ୍ଧରାକୁ ବିଷ୍ଣୁପତ୍ନୀ ଭାବରେ ବନ୍ଦନା କରାଯାଇଛି । ପ୍ରତି ପ୍ରତ୍ୟୁଷରେ ଭାରତର ପବିତ୍ର ନଦନଦୀ, ପର୍ବତ, ନଗରୀ ଏବଂ ତୀର୍ଥମାନଙ୍କୁ ସ୍ମରଣ କରି ଦେଶମାତୃକା ପ୍ରତି ଭକ୍ତି ନିବେଦନ କରିବା ଏ ଦେଶର ମହନୀୟ ପରମ୍ପରା । "ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରୀୟସୀ"– ଶ୍ରୀରାମଙ୍କ ଏହି ବାଣୀ ଯୁଗଯୁଗ ଧରି ଭାରତୀୟ ଜନତାକୁ ପ୍ରାଣବିନିମୟରେ ମଧ୍ୟ ମାତୃଭୂମିର ସମ୍ମାନ ରକ୍ଷା କରିବାକୁ ପ୍ରଚୋଦିତ କରି ଆସିଛି; କିନ୍ତୁ ମାତୃଭୂମିକୁ ସ୍ୱର୍ଗଠାରୁ ଗରୀୟସୀ ବୋଲି ଅନୁଭବ କରିବାକୁ ହେଲେ ଶ୍ରୀରାମଙ୍କ ଭଳି ଏ ଦେଶକୁ ତନ୍ନ ତନ୍ନ କରି ଏବଂ ସାମଗ୍ରିକ ଭାବରେ ଦେଖିବାକୁ ହେବ । ତାହାହେଲେ ହୁଏତ ଏ ଦେଶର ବିଶାଳତା, ମହାନତା ଏବଂ ପବିତ୍ରତାକୁ କଳନା କରାଯାଇପାରେ । ପ୍ରାଚୀନକାଳରେ ଅତ୍ରି, ଅଗସ୍ତ୍ୟାଦି ମୁନିଗଣ ବିନ୍ଧ୍ୟପର୍ବତ ପାର କରି ଦଣ୍ଡକାରଣ୍ୟରେ ଆଶ୍ରମପୁଞ୍ଜ ଗଢ଼ିଥିଲେ । ନୈମିଷାରଣ୍ୟରେ ଶହଶହ ମୁନି ଏକତ୍ର ହୋଇ ସହସ୍ରବର୍ଷ ପର୍ଯ୍ୟନ୍ତ ପୁରାଣସାହିତ୍ୟ ସଂକଳିତ କରିଥିଲେ । ତତ୍ତ୍ୱଦର୍ଶୀ ମୁନି, ସାଧୁସନ୍ନ୍ୟାସୀ, ଆଚାର୍ଯ୍ୟ, ବାନପ୍ରସ୍ଥୀ, ପରିବ୍ରାଜକଗଣ ପଦବ୍ରଜରେ ଏ ଦେଶର କୋଣ ଅନୁକୋଣ ବୁଲି ଦେଖିଥିଲେ । ହିମାଚ୍ଛାଦିତ ଉତ୍ତୁଙ୍ଗ ହିମାଳୟଠାରୁ ବିସ୍ତୃତ ସାଗର ତଟ ପର୍ଯ୍ୟନ୍ତ, ଦୁର୍ଗମ ଗିରିଗୁହାଠାରୁ ଆରମ୍ଭ କରି ଘନ ଅରଣ୍ୟାନୀ, ସୁରମ୍ୟ ଉପତ୍ୟକା, ଉତ୍ତପ୍ତ ମରୁଭୂମି ପର୍ଯ୍ୟନ୍ତ ତୀର୍ଥଯାତ୍ରା କରି ସେମାନେ କେବଳ ଯେ ଏ ଦେଶର ଭୌଗୋଳିକ ସମଗ୍ରତାକୁ ପ୍ରତ୍ୟକ୍ଷ କରିଥିଲେ ତାହା ନୁହେଁ, ଏଥିରେ ସ୍ପନ୍ଦିତ ହେଉଥିବା ଅଗଣିତ ଜନଗଣଙ୍କ ଭାବନା, ଆକାଙ୍‌କ୍ଷା ଓ ଆସ୍ଥାକୁ ବି ସେମାନେ ଅନୁଭବ କରିଥିଲେ । ସେହି ମୁନିମାନଙ୍କର ନିରନ୍ତର ସାଧନା ଓ ଅପ୍ରତିହତ

ଦୂରଦୃଷ୍ଟି ଫଳରେ ଭାରତୀୟ ସଂସ୍କୃତି ଇନ୍ଦ୍ରଧନୁର ବର୍ଣ୍ଣବିଭାରେ ଉଦ୍‌ଭାସିତ ହୋଇଉଠିଲା । ବୈଦିକ ଶାସ୍ତ୍ରୀୟ ପଟ୍ଟଭୂମି ଉପରେ ଲୌକିକ ପରମ୍ପରାର ରଙ୍ଗରୂପ ଫୁଟି ଉଠିଲା । ତେତିଶ ଗୋଟି ବୈଦିକ ଦେବତା କାଳକ୍ରମେ ତେତିଶ କୋଟିରେ ପରିଣତ ହେଲେ । ଭାରତର ଏହି ବିସ୍ମୟକର ବର୍ଣ୍ଣାଢ୍ୟ ସଂସ୍କୃତି ବୈଦିକ ଶାସ୍ତ୍ରୀୟତା ଏବଂ ଆଧ୍ୟାତ୍ମିକତା ସହ ଲୌକିକ କ୍ଷୁଦ୍ର ତଥା ଗଣ ଦେବତାମାନଙ୍କର ଉଦାର ସମନ୍ୱୟର ସାର୍ଥକ ପରିଣାମ ।

ପୁରୁଷୋତ୍ତମ କ୍ଷେତ୍ରର ସାଂସ୍କୃତିକ ପୃଷ୍ଠଭୂମି :

ଅତି ପ୍ରାଚୀନ କାଳରୁ ଶ୍ରୀଜଗନ୍ନାଥଧାମ ପୁରୀ ପୁରୁଷୋତ୍ତମ କ୍ଷେତ୍ର, ଶ୍ରୀକ୍ଷେତ୍ର, ନୀଳାଚଳଧାମ ଆଦି ନାମରେ ଭାରତର ଏକ ପ୍ରମୁଖ ବୈଷ୍ଣବଧାମ ଭାବରେ ପ୍ରସିଦ୍ଧି ଲାଭ କରିଥିଲା । ମହାଭାରତର ବନପର୍ବରେ ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀ ଏବଂ ମହାବେଦୀର ମାହାତ୍ମ୍ୟ ବର୍ଣ୍ଣିତ ହୋଇଛି । ବ୍ରହ୍ମପୁରାଣ, ପଦ୍ମପୁରାଣ, କୂର୍ମପୁରାଣ, ନାରଦ ପୁରାଣ ଏବଂ ସ୍କନ୍ଦପୁରାଣର ଉତ୍କଳଖଣ୍ଡର ବର୍ଣ୍ଣନାରୁ ଏହା ସ୍ପଷ୍ଟ ଯେ ସପ୍ତମ ଶତାବ୍ଦୀ ବେଳକୁ ପୁରୁଷୋତ୍ତମ କ୍ଷେତ୍ର ଏକ ଆଧ୍ୟାତ୍ମିକ ଏବଂ ସାଂସ୍କୃତିକ କେନ୍ଦ୍ର ଭାବରେ ସର୍ବଭାରତୀୟ ସ୍ତରରେ ପ୍ରତିଷ୍ଠିତ ହୋଇ ସାରିଥିଲା । ତେଣୁ ନିଶ୍ଚିତ ଭାବରେ ଏହି କ୍ଷେତ୍ରର ସ୍ଥିତି ତାହାଠାରୁ ଆହୁରି ପ୍ରାଚୀନ ହୋଇଥିବ ।

କଳିଙ୍ଗ ଯୁଦ୍ଧ ପରେ ସମ୍ରାଟ ଅଶୋକ ବୌଦ୍ଧ ଧର୍ମରେ ଦୀକ୍ଷିତ ହୋଇଥିଲେ ଏବଂ ତାଙ୍କରି ପୃଷ୍ଠପୋଷକତାରେ କଳିଙ୍ଗରେ ବୌଦ୍ଧ ଧର୍ମ ପ୍ରସାର ଲାଭ କରିଥିଲା । ଏହାପରେ କଳିଙ୍ଗ ସମ୍ରାଟ ଖାରବେଳ କୌଣସି ଜୈନ ରାଜକନ୍ୟାଙ୍କୁ ବିବାହ କରି ଜୈନଧର୍ମ ଗ୍ରହଣ କରିଥିଲେ । ସେ ମଗଧ ଆକ୍ରମଣ କରି ମହାପଦ୍ମନନ୍ଦ କଳିଙ୍ଗରୁ ହରଣ କରି ନେଇଥିବା କଳିଙ୍ଗ ଦୀନନାଥ ପ୍ରତିମାକୁ ଫେରାଇ ଆଣିଥିଲେ । କଳିଙ୍ଗରେ ବୌଦ୍ଧ ଓ ଜୈନଧର୍ମର ପ୍ରଭାବ ପ୍ରାୟ ସାତ ଶହ ବର୍ଷ ପର୍ଯ୍ୟନ୍ତ ରହିଥିଲା । ରାଜପୃଷ୍ଠପୋଷକତାରେ ରାଜ୍ୟରେ ବହୁ ବୌଦ୍ଧବିହାର, ସ୍ତୂପ, ମନ୍ଦିର ଆଦି ଗଢ଼ି ଉଠିବା ସଙ୍ଗେ ସଙ୍ଗେ ହିନ୍ଦୁମନ୍ଦିରଗୁଡ଼ିକ ଉପେକ୍ଷିତ ଅବହେଳିତ ଅବସ୍ଥାରେ ରହିଲା । ସୁଦକ୍ଷ ରାଜଶକ୍ତିର ଅବର୍ତ୍ତମାନରେ ରାଜ୍ୟ ସାମରିକ ଦୃଷ୍ଟିରୁ ଦୁର୍ବଳ ହୋଇଗଲା । ଏହାର ସୁଯୋଗ ନେଇ ଅସୁରକ୍ଷିତ ଶ୍ରୀମନ୍ଦିରର ପ୍ରଭୂତ ଧନରାଶି ଲୁଣ୍ଠନ କରିବାକୁ ଯବନ ଆକ୍ରମଣ ଆରମ୍ଭ ହୋଇଗଲା । ମାଦଳାପାଞ୍ଜିର ବର୍ଣ୍ଣନାରୁ ଜଣାଯାଏ ଯେ ଷଷ୍ଠ ଶତାବ୍ଦୀ ବେଳକୁ ରକ୍ତବାହୁ ନାମକ ଯବନ ପୁରୀ ଆଡ଼କୁ ଅଗ୍ରସର ହେଉଥିବାର ଖବର ପାଇ ମନ୍ଦିରର ପୂଜକମାନେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଶଗଡ଼ିରେ ନେଇ ଅପେକ୍ଷାକୃତ ନିରାପଦ ପଶ୍ଚିମ ଓଡ଼ିଶାର ସୋନପୁର ନିକଟସ୍ଥ କୋଟସମଲାଇ ପାହାଡ଼ ଗୁମ୍ଫାରେ ପାତାଳି କରାଇ ଥିଲେ । କୁହାଯାଏ ଯେ ଚତୁର୍ଦ୍ଧାମୂର୍ତ୍ତି ସେଠାରେ ୧୪୪ ବର୍ଷକାଳ ଗୁପ୍ତରେ ରହିଥିଲେ । ଏଣେ ରାଜସଂରକ୍ଷଣ ଅଭାବରୁ ଏବଂ ଦେବତାମାନଙ୍କର ଅନୁପସ୍ଥିତିରେ ପୁରୀର ଶ୍ରୀମନ୍ଦିର ଶ୍ରୀହୀନ ହୋଇପଡ଼ିଲା ।

ଶ୍ରୀମନ୍ଦିର ଓ ଆଦି ଶଙ୍କରାଚାର୍ଯ୍ୟ :

ସନାତନ ଧର୍ମ ଓ ସଂସ୍କୃତିର ସେହି ଦୁର୍ଦ୍ଦିନ କାଳରେ ଲୋକକଲ୍ୟାଣକାମୀ ବ୍ରହ୍ମବେତ୍ତା ମାହାତ୍ମ୍ୟ ଶ୍ରୀଶଙ୍କରାଚାର୍ଯ୍ୟ (୭୮୮-୮୨୦) ତାଙ୍କର ମହାନ୍ ଆଧ୍ୟାତ୍ମିକ ଦିଗ୍‌ବିଜୟକ୍ରମରେ ପୁରୁଷୋତ୍ତମ କ୍ଷେତ୍ରକୁ ଆସି ଶ୍ରୀମନ୍ଦିରକୁ ଦେବଶୂନ୍ୟ ଦେଖିଲେ । ସେତେବେଳକୁ ଶ୍ରୀମନ୍ଦିରର ପୂଜକମାନଙ୍କ ସ୍ମୃତିରୁ ମଧ୍ୟ ଦେବତାମାନଙ୍କର ପାତାଳି ହେବା ସ୍ଥାନର ନିର୍ଦ୍ଦିଷ୍ଟ ଅବସ୍ଥିତି ବିସ୍ମୃତ ହୋଇଗଲାଣି । ଶଙ୍କରାଚାର୍ଯ୍ୟ ନିଜର ଅଲୌକିକ ଆଧ୍ୟାତ୍ମିକ ଶକ୍ତି ବଳରେ ସେହି ଦୁର୍ଗମ ଗିରିଗୁହାରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଠାବ କଲେ । ସେତେବେଳକୁ ଦାରୁମୂର୍ତ୍ତିଗୁଡ଼ିକ ଜୀର୍ଣ୍ଣଶୀର୍ଣ୍ଣ ଅବସ୍ଥାରେ ଥିଲେ । ତେଣୁ ଶଙ୍କରାଚାର୍ଯ୍ୟଙ୍କ ଆଦେଶରେ କେବଳ ବ୍ରହ୍ମକୁ ପୁରୀ ଆଣି ନୂତନ ଦାରୁମୂର୍ତ୍ତି ନିର୍ମାଣ କରି ପ୍ରତିଷ୍ଠା କରାଗଲା । ମାଦଳାପାଞ୍ଜିରେ ମଧ୍ୟ ଏହାର ଉଲ୍ଲେଖ ମିଳେ ଯେ ଭଗବତ୍‌ପାଦ ଆଦି ଶଙ୍କରାଚାର୍ଯ୍ୟ ନୀଳାଦ୍ରିମଣ୍ଡପରେ ଦାରୁବ୍ରହ୍ମପୂଜାର ବିଶେଷ ବିଧାନମାନ ପ୍ରଚଳନ କରାଇଛନ୍ତି । ଶଙ୍କରାଚାର୍ଯ୍ୟ ପୁରୀରେ କିଛିଦିନ ଅବସ୍ଥାନ କରି ମନ୍ଦିରର ରୀତିନୀତି ଏବଂ ସେବାପୂଜା ଯେପରି ଶାସ୍ତ୍ରୀୟ ବିଧିବିଧାନ ଅନୁସାରେ ହେବ ସେଥିନିମନ୍ତେ ପଣ୍ଡିତ ସଭା ଗଠନ କରିଥିଲେ ।

ଆଦି ଶଙ୍କରାଚାର୍ଯ୍ୟ ବୌଦ୍ଧାଚାର୍ଯ୍ୟମାନଙ୍କୁ ଶାସ୍ତ୍ରାର୍ଥରେ ପରାସ୍ତ କରିବା ସଙ୍ଗେସଙ୍ଗେ ବୁଦ୍ଧଙ୍କୁ ବିଷ୍ଣୁଙ୍କ ଅବତାରର ମାନ୍ୟତା ଦେଲେ । ଫଳରେ ବୌଦ୍ଧ ଓ ହିନ୍ଦୁମାନଙ୍କ ମଧ୍ୟରେ ଧର୍ମକୁ ନେଇ ତିକ୍ତତା ରହିଲା ନାହିଁ ଏବଂ ଶବର ଓ ସ୍ମାର୍ତ୍ତମାନଙ୍କ ଭଳି ବୌଦ୍ଧ ଓ ଜୈନମାନେ ମଧ୍ୟ ଜଗନ୍ନାଥଙ୍କୁ ଇଷ୍ଟ ଦେବତା ଭାବରେ ଆଦରି ନେଲେ । ପୁନଶ୍ଚ ଶ୍ରୀଶଙ୍କରାଚାର୍ଯ୍ୟ ତାଙ୍କର ପ୍ରସିଦ୍ଧ 'ଶ୍ରୀଜଗନ୍ନାଥାଷ୍ଟକମ୍' ସ୍ତୋତ୍ରରେ ଜଗନ୍ନାଥ ଓ ଶ୍ରୀକୃଷ୍ଣଙ୍କ ମଧ୍ୟରେ ଅଭେଦ କଳ୍ପନା କରି ଜଗନ୍ନାଥ-ଚେତନାରେ ଏକ ମହାନ୍ ବିବର୍ତ୍ତନର ସୂତ୍ରପାତ କଲେ । ପୁରାଣ ସାହିତ୍ୟରେ ମୀନ, କଚ୍ଛପ, ବରାହ, ନୃସିଂହ ଏବଂ ବାମନଙ୍କୁ ବିଷ୍ଣୁଙ୍କ ଅବତାର ଭାବରେ ସ୍ୱୀକାର କରାଯାଇଥିଲା । ପରେ ପରେ ପରଶୁରାମ, ରାମ ଏବଂ ବଳରାମଙ୍କ ଭଳି ଐତିହାସିକ ଚରିତ୍ର ମଧ୍ୟ ଅବତାରର ମାନ୍ୟତା ପାଇଲେ । ପରବର୍ତ୍ତୀ ଭାଗବତ ପୁରାଣ ଓ ହରିବଂଶରେ ବିଷ୍ଣୁଙ୍କ ଦଶବିଧ ଅବତାରର ବର୍ଣ୍ଣନା ମିଳେ । ଉତ୍କଳୀୟ କବି ଜୟଦେବ ନିଜର 'ଜୟଜଗଦୀଶ ହରେ' ସ୍ତୋତ୍ରରେ ବିଷ୍ଣୁଙ୍କର ଏହି ଦଶବିଧ ରୂପକୁ ସଙ୍ଗୀତ ଓ ନୃତ୍ୟରେ ରୂପାୟିତ କରି ରସସିଦ୍ଧ କରିଯାଇଛନ୍ତି । ଶଙ୍କରାଚାର୍ଯ୍ୟଙ୍କ ଦୂରଦୃଷ୍ଟି ଏବଂ ଦୃଢ଼ସଂକଳ୍ପ ଯୋଗୁଁ ପୁରୁଷୋତ୍ତମ କ୍ଷେତ୍ର ନବଜୀବନ ଲାଭ କଲା ।

ଶଙ୍କରାଚାର୍ଯ୍ୟଙ୍କ ଦ୍ୱିତୀୟବାର ପୁରୀ ଆଗମନ ସମୟରେ ସେ ଭାରତର ଚାରି ଧାମ ମଧ୍ୟରେ ପୁରୁଷୋତ୍ତମ ଜଗନ୍ନାଥ ଧାମକୁ ସ୍ଥାନିତ କଲେ ଏବଂ ଏଠାରେ ଗୋବର୍ଦ୍ଧନ ମଠ ସ୍ଥାପନା କରି ତାଙ୍କର ଅନ୍ୟତମ ପଟ୍ଟଶିଷ୍ୟ ଶ୍ରୀପଦ୍ମପାଦଙ୍କୁ ଏହାର ମଠାଧୀଶ ଭାବରେ ଅଭିଷିକ୍ତ କଲେ । ପ୍ରାଚୀନକାଳରୁ ଭାରତର ପୂର୍ବାଞ୍ଚଳ ପ୍ରଦେଶକୁ ଆରଣ୍ୟକ ଦେଶ ବା ମହାକାନ୍ତାର ନାମରେ ଅଭିହିତ କରାଯାଉଥିଲା । ଶଙ୍କରାଚାର୍ଯ୍ୟ ତାଙ୍କର "ଗୋବର୍ଦ୍ଧନ-ମଠାମ୍ନାୟ" ଗ୍ରନ୍ଥର ପ୍ରାରମ୍ଭରେ ଉଲ୍ଲେଖ କରିଛନ୍ତି ଯେ– ଏହି ପୂର୍ବାଞ୍ଚଳୀୟ ଆରଣ୍ୟକ ପ୍ରଦେଶମାନଙ୍କର କ୍ଷେତ୍ରର ନାମ ପୁରୁଷୋତ୍ତମ, ଦେବତା-ଜଗନ୍ନାଥ, ଦେବୀ-ବିମଳା, ଆଚାର୍ଯ୍ୟ-

ପଦ୍ମପାଦ । ଏହିଭଳି ଭାବରେ ସମଗ୍ର ପୂର୍ବଭାରତର ଆଧ୍ୟାତ୍ମିକ ଅଭ୍ୟୁଦୟ ତଥା ସାଂସ୍କୃତିକ ବିକାଶର ଦାୟିତ୍ୱ ଗୋବର୍ଦ୍ଧନ ମଠ ଉପରେ ନ୍ୟସ୍ତ ରହିଲା ।

ପରମ୍ପରାକ୍ରମେ ପୁରୀ ଗୋବର୍ଦ୍ଧନପୀଠର ମଠାଧୀଶ ଶଙ୍କରାଚାର୍ଯ୍ୟ ଶ୍ରୀମନ୍ଦିର ମୁକ୍ତିମଣ୍ଡପ ପଣ୍ଡିତସଭାର ଅଧ୍ୟକ୍ଷ ରହିଲେ ଏବଂ ଶ୍ରୀଜୀଉଙ୍କ ସେବାପୂଜାନୀତି ନିର୍ଦ୍ଧାରଣରେ ତାଙ୍କର ନିର୍ଣ୍ଣୟ ଅନ୍ତିମ ଓ ସର୍ବମାନ୍ୟ ହେଲା । ଏବେ ମଧ୍ୟ ଶ୍ରୀଜଗନ୍ନାଥଙ୍କ ପୂଜକ-ସମ୍ପ୍ରଦାୟଙ୍କ ଗୁରୁ ହେଉଛନ୍ତି ଆଦି ଶଙ୍କରାଚାର୍ଯ୍ୟ । ଶଙ୍କରାଚାର୍ଯ୍ୟଙ୍କ ଗୋବର୍ଦ୍ଧନପୀଠ ଦ୍ୱାରା ଆୟୋଜିତ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ପ୍ରମାଣ ପତ୍ର ଲାଭ କଲାପରେ ଜଣେ ପୂଜକ ଶ୍ରୀଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା କରିବା ନିମନ୍ତେ ଯୋଗ୍ୟ ବିବେଚିତ ହୁଅନ୍ତି । ଶ୍ରୀକ୍ଷେତ୍ରର ଗୌରବ ଏବଂ ଶ୍ରୀମନ୍ଦିରରେ ଠାକୁରମାନଙ୍କର ପୁନଃପ୍ରତିଷ୍ଠା ନିମନ୍ତେ ଆଦି ଶଙ୍କରାଚାର୍ଯ୍ୟ ଏବଂ ଆଚାର୍ଯ୍ୟ ପଦ୍ମପାଦଙ୍କ ଅତୁଳନୀୟ ଭୂମିକାର ସ୍ମାରକୀ ସ୍ୱରୂପ ରତ୍ନସିଂହାସନ ଉପରେ ଏହି ଦୁଇ ମାହାତ୍ମାଙ୍କ ପ୍ରତିମୂର୍ତ୍ତି ସ୍ଥାପିତ ହୋଇଥିଲା । ମାଦଳାପାଞ୍ଜିର ବର୍ଣ୍ଣନାନୁସାରେ ଗଜପତି ଦିବ୍ୟସିଂହ ଦେବ (୧୭୯୩-୧୭୯୮)ଙ୍କ ସମୟରେ ଏହି ଦୁଇ ପ୍ରତିମୂର୍ତ୍ତିକୁ ରତ୍ନସିଂହାସନରୁ ସ୍ଥାନାନ୍ତରିତ କରାଯାଇଥିଲା । ତଥାପି ବର୍ତ୍ତମାନ ମଧ୍ୟ ଗଜପତି ମହାରାଜଙ୍କ ଭଳି ପୁରୀର ଶଙ୍କରାଚାର୍ଯ୍ୟ ମଧ୍ୟ ରତ୍ନସିଂହାସନରେ ସେବାପୂଜା କରିବା ନିମନ୍ତେ ଅଧିକାରପ୍ରାପ୍ତ ।

ଜଗବନ୍ଧୁ ଜଗନ୍ନାଥ :

ସହସ୍ରରଶ୍ମି ସୂର୍ଯ୍ୟଙ୍କ ହୃଦୟରେ ରାତ୍ରିର ଅନ୍ଧକାର ଅପସରି ଗଲା ଭଳି ଶ୍ରୀଶଙ୍କରାଚାର୍ଯ୍ୟଙ୍କ ଅଲୌକିକ ବ୍ୟକ୍ତିତ୍ୱ ଓ ଅସାଧାରଣ ତତ୍ତ୍ୱଦୃଷ୍ଟି ଯୋଗୁ ଭାରତର ଆଧ୍ୟାତ୍ମିକ ତଥା ଜାତୀୟଜୀବନରେ ନୂତନ ଜାଗରଣ ସ୍ପନ୍ଦିତ ହେଲା । ଶଙ୍କରାଚାର୍ଯ୍ୟଙ୍କ ପରେ ସାରା ଭାରତରୁ ପୁରୁଷୋତ୍ତମ କ୍ଷେତ୍ରକୁ ସାଧୁ, ସନ୍ଥ, ଭକ୍ତ, ପରିବ୍ରାଜକ ଏବଂ ତୀର୍ଥଯାତ୍ରୀଙ୍କ ସୁଅ ଛୁଟିଲା । ସେମାନଙ୍କ ମଧ୍ୟରୁ ରାମାନୁଜ, ମଧ୍ୱାଚାର୍ଯ୍ୟ, ନରହରି ତୀର୍ଥ, ଶଙ୍କରଦେବ, ତୁଳସୀ ଦାସ, ନାନକ, କବୀର, ଶ୍ରୀଚୈତନ୍ୟ, ବଲ୍ଲଭଭଟ୍ଟ, ରାମଚନ୍ଦ୍ରପୁରୀ, ପରମାନନ୍ଦପୁରୀ ଆଦିଙ୍କ ନାମ ଉଲ୍ଲେଖଯୋଗ୍ୟ । ଏହି ମହାତ୍ମାଗଣଙ୍କ ଆଗମନ ଫଳରେ ପୁରୀରେ ନାନା ତତ୍ତ୍ୱ, ନାନା ମତ, ନାନା ସମ୍ପ୍ରଦାୟର ସମାବେଶ ହେଲା । ମହାମାନବର ବିଶାଳ ସାଗରକୁ ନିଜର ବିସ୍ତାରିତ ନେତ୍ର ଓ ପ୍ରସାରିତ ବାହୁରେ କୋଳାଗ୍ରତ କରି ପୁରୁଷୋତ୍ତମ ଶ୍ରୀବିଷ୍ଣୁ ହୋଇଗଲେ ଜଗନ୍ନାଥ– ଜଗତର ନାଥ ।

'ଆତ୍ମବତ୍ ସର୍ବଭୂତେଷୁ ସର୍ବଭୂତାନି ଚାତ୍ମନି'– ସର୍ବାତ୍ମାରେ ଏକାତ୍ମକତାର ଜୈତ୍ରପତାକା ଧରି ବ୍ରାହ୍ମଣ୍ୟ ପରମ୍ପରାରେ ସାମ୍ୟଧର୍ମର ରାଜମାର୍ଗ ଉଦ୍‌ଘାଟିତ ହେଲା । ସାମ୍ୟଭାବ ହିଁ ବ୍ରହ୍ମଭାବ । ସମଦୃଷ୍ଟି ଏବଂ ମୈତ୍ରୀଭାବନା ଆଧ୍ୟାତ୍ମିକ ଜୀବନର ମୂଳଭୂତ ଭାବ । ସେଥିପାଇଁ ଭଗବଦ୍ ଗୀତାରେ ଅଧ୍ୟାତ୍ମସାଧନା ନିମନ୍ତେ ଯୋଗ୍ୟତା ବିଷୟରେ ଭଗବାନ୍ କହିଛନ୍ତି– "ଅଦ୍ୱେଷ୍ଟା ସର୍ବଭୂତାନାଂ ମୈତ୍ରଃ କରୁଣଏବ ଚ ।" ସକଳଭୂତରେ ଯେ ଦ୍ୱେଷରହିତ ନିର୍ବୈରଭାବ ପୋଷଣ କରେ, ଯେ ସମସ୍ତଙ୍କୁ ମିତ୍ରଭାବରେ ଦେଖେ ଏବଂ ସେମାନଙ୍କର ସୁଖଦୁଃଖରେ ସମଭାଗୀ ହୁଏ, ସେ ହିଁ ଆଧ୍ୟାତ୍ମିକତାର ଅଧିକାରୀ । ଆଧ୍ୟାତ୍ମିକତାର ଏହି ମୂଳଭାବକୁ ଆଧାର କରି କେବଳ ବ୍ରାହ୍ମଣ୍ୟ ପରମ୍ପରା ନୁହେଁ, ଶାବର, ବୌଦ୍ଧ, ଜୈନ– ସକଳଧର୍ମଧାରାର ସମନ୍ୱୟ ବିନ୍ଦୁ ରୂପେ ଶ୍ରୀଜଗନ୍ନାଥ ନିଜସ୍ୱ ବିଭୂତିରେ ବିରାଜମାନ ।

ଶ୍ରୀଜଗନ୍ନାଥ ଚେତନାର ଏହି ସର୍ବଗ୍ରାହୀ ଉଦାର ମୈତ୍ରୀଭାବ କେବଳ ଯେ ସାଧୁ, ସନ୍ଥ, ଭକ୍ତ, କବିମାନଙ୍କୁ ଆକର୍ଷିତ, ଆନ୍ଦୋଳିତ, ବିଗଳିତ କରିଥିଲା ତାହା ନୁହେଁ, ସାଧାରଣ ଜନଜୀବନରେ ମଧ୍ୟ ଜଗନ୍ନାଥ ଜନତାର ଆତ୍ମୀୟ, ଜଗବନ୍ଧୁ, ପତିତପାବନ ଭାବରେ ଉଭା ହେଲେ । ଧର୍ମସମ୍ପ୍ରଦାୟ ମତବାଦରୁ ଊର୍ଦ୍ଧ୍ୱରେ ନୀଳାଦ୍ରିବିହାରୀ କଳାଠାକୁର ଓଡ଼ିଶାର ଜନଗଣଙ୍କ ହୃଦୟ-ରତ୍ନସିଂହାସନରେ ବିରାଜିତ, ପୂଜିତ ହେଲେ ।

ସ୍ୱର୍ଣ୍ଣାଭ ସମୟ :

ଦଶମରୁ ଷୋଡ଼ଶ ଶତାବ୍ଦୀ ଓଡ଼ିଶା ଇତିହାସର ଗୌରବୋଜ୍ଜ୍ୱଳ ଅଧ୍ୟାୟ । ଏହି ସାତଶହ ବର୍ଷ ମଧ୍ୟରେ ଓଡ଼ିଶାରେ କେଶରୀବଂଶ, ଗଙ୍ଗବଂଶ, ସୂର୍ଯ୍ୟବଂଶ ଓ ଭୋଇବଂଶର ରାଜାମାନେ ରାଜୁତି କରିଗଲେ । ନିଜର ପରାକ୍ରମ ବଳରେ ସେମାନେ ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ରାଜ୍ୟ ଜୟ କରି ଓଡ଼ିଶାକୁ ଏକ ଅପରାଜେୟ ଶକ୍ତିସମ୍ପନ୍ନ ସମୃଦ୍ଧ ରାଜ୍ୟ ଭାବରେ ଗଢ଼ି ତୋଳିଲେ । ବିଶାଳ ସାମ୍ରାଜ୍ୟ, ଦୁର୍ଦ୍ଧର୍ଷ ସାମରିକ ଶକ୍ତି ତଥା ବିପୁଳ ସମ୍ପତ୍ତିର ଅଧୀଶ୍ୱର ହେଲେ ହେଁ ଏହି ଯଶସ୍ୱୀ ରାଜାମାନେ ଥିଲେ ଇନ୍ଦ୍ରଦ୍ୟୁମ୍ନ ପରମ୍ପରାର ସୁଯୋଗ୍ୟ ଦାୟାଦ । ଓଡ଼ିଶାର ଜାତୀୟ ଭାବନା ସହ ନିଜକୁ ଏକାତ୍ମ କରି ଏହି ଗଜପତିରାଜାମାନେ ନିଜର ଭୋଗବିଳାସ ଅପେକ୍ଷା ଭଗବତ୍ ସେବାକୁ ଅଗ୍ରାଧିକାର ଦେଇଥିଲେ । ନିଜକୁ ପୁରୁଷୋତ୍ତମଙ୍କ ପୁତ୍ର, ରାଉତ ବା ସେବକ ଏବଂ ଓଡ଼ିଶାକୁ ପୁରୁଷୋତ୍ତମ ସାମ୍ରାଜ୍ୟ ଘୋଷଣା କରି ସେମାନେ ସମସ୍ତ ରାଜକୋଷକୁ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ସମର୍ପଣ କରିଗଲେ । ସେହି ପରାକ୍ରମୀ ରାଜାମାନଙ୍କର ଧର୍ମାନୁକୂଳତାର ଶାଶ୍ୱତ ସ୍ୱାକ୍ଷର ଭାବରେ ଭୁବନେଶ୍ୱର, ପୁରୀ ଏବଂ କୋଣାର୍କଠାରେ ଉତ୍କଳୀୟ ସ୍ଥାପତ୍ୟ ଶୈଳୀରେ ଭବ୍ୟ ବିଶାଳ ମନ୍ଦିରମାନ ନିର୍ମିତ ହେଲା । ଏହି ସମୟରେ ସାହିତ୍ୟ, ସଙ୍ଗୀତ, ନୃତ୍ୟ, ସମସ୍ତପ୍ରକାର ଲଳିତକଳା ତଥା ଚାରୁକଳା କ୍ଷେତ୍ରରେ ଉତ୍କର୍ଷ ସାଧନ କରି ଓଡ଼ିଶା ନିଜର ଉତ୍କଳ ନାମକୁ ସାର୍ଥକ କଲା ଏବଂ ଏକ କଳାସଂସ୍କୃତି ସମ୍ପନ୍ନ ଦେଶ ଭାବରେ ଆତ୍ମପରିଚିତି ଅର୍ଜନ କଲା । ୧୫୬୮ରେ ମୁକୁନ୍ଦଦେବଙ୍କ ମୃତ୍ୟୁ ପରେ ଓଡ଼ିଶାର ଏହି ସ୍ୱର୍ଣ୍ଣିମ ଅଧ୍ୟାୟର ଅବସାନ ହେଲା ।

ରାଜା ଶ୍ରୀପୁରୁଷୋତ୍ତମ :

ସାତଶହ ବର୍ଷର ସମୟ ଅବଧି ମଧ୍ୟରେ ରାଜା ଓ ରାଜବଂଶମାନଙ୍କର ଉତ୍ଥାନ-ପତନ ମଧ୍ୟରେ ଓଡ଼ିଶାର ଜନତା ହୃଦୟଙ୍ଗମ କଲେ ଯେ ସବୁ ପରିବର୍ତ୍ତନର ଊର୍ଦ୍ଧ୍ୱରେ ପୁରୁଷୋତ୍ତମ ଶ୍ରୀଜଗନ୍ନାଥ ହିଁ ସନାତନ ସତ୍ୟ । ଯେଉଁ ରାଜରାଜେଶ୍ୱର ଜଗତ୍‌ପତିଙ୍କ ଚରଣରେ ଗଜପତି ରାଜାମାନେ ମଧ୍ୟ ନିଜର ସର୍ବସ୍ୱ ଉତ୍ସର୍ଗ କରି ନିଜକୁ କୃତାର୍ଥ ମନେ କରନ୍ତି, ସେବକପଣରେ ସର୍ବସମକ୍ଷରେ ରଥରେ

ଛେରାପହଁରା କରନ୍ତି, ପୁଣି ରାଜାଙ୍କ ମାନରକ୍ଷା ପାଇଁ ଯେଉଁ ପ୍ରଭୁ କଳାଧଳା ଘୋଡ଼ା ଚଢ଼ି ଗଜପତି ରାଜାଙ୍କ ଆଗେ ଆଗେ ବିଜୟ ଅଭିଯାନରେ ବାହାରି ପଡ଼ନ୍ତି ସେ ହିଁ ସେମାନଙ୍କର ରାଜା, ସର୍ବମୟ କର୍ତ୍ତା ।

ଶ୍ରୀମନ୍ଦିରର ରତ୍ନସିଂହାସନରେ ଶ୍ରୀଜଗନ୍ନାଥ ଛତ୍ରଚାମରାଦି ସମସ୍ତ ରାଜକୀୟ ପରିପାଟି ସହ ବିରାଜିତ । ସମ୍ମୁଖରେ ବାହନ ଭକ୍ତରାଜ ଗରୁଡ଼ ଯୋଡ଼ହସ୍ତରେ ଆଜ୍ଞା ପାଇଁ ଅପେକ୍ଷମାଣ; ଦ୍ୱାରଦେଶରେ ଯୋଦ୍ଧାବେଶରେ ଜୟ-ବିଜୟ ଦଣ୍ଡାୟମାନ; ପାର୍ଶ୍ୱରେ ରାଜଦଣ୍ଡର ପ୍ରତୀକ ସ୍ତମ୍ଭାକାର ଆୟୁଧ ସୁଦର୍ଶନ, ଛତିଶାନିଯୋଗ ସେବାରେ ତତ୍ପର; ପୂଜକ-ସେବକ-ଭକ୍ତଗଣ ତାଙ୍କୁ ଛାମୁ, ମଣିମା, ମହାବାହୁ, ବଳିୟାରଭୁଜ, ସ୍ୱାମୀ, ସାମନ୍ତ ବୋଲି ସମ୍ବୋଧନ କରନ୍ତି । ପୌଷ ପୂର୍ଣ୍ଣିମା ଦିନ ଭାରତର ଶ୍ରେଷ୍ଠ ରାଜା ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଙ୍କ ବେଶରେ ଶ୍ରୀଜଗନ୍ନାଥଙ୍କ ପୁଷ୍ୟାଭିଷେକ ହୁଏ । ମଦନମୋହନ, ରାମ-କୃଷ୍ଣ ଓ ଦୁର୍ଗାମାଧବ ପଟୁଆରରେ ଗୋପାଳବଲ୍ଲଭ ମଠ ସନ୍ନିକଟ ଦଶହରା-ପଦାକୁ ଯାଉଥିଲେ । ଚୋଡ଼ଗଙ୍ଗଦେବଙ୍କ ସମୟରେ ଏହି ବିଜୟ ପଟୁଆର ପରମ୍ପରା ଆରମ୍ଭ ହୋଇଥିବାରୁ ଦଶହରା ପଡ଼ିଆକୁ 'ଚୁଡ଼ଙ୍ଗ ପଡ଼ିଆ' ମଧ୍ୟ କୁହାଯାଉଥିଲା । ସେଠାରେ ଗଜପତିରାଜା ପାତ୍ରମନ୍ତ୍ରୀ, ରାଜଗୁରୁ, ସେନାପତି, ବାହିନୀପତି ଆଦି ପଦାଧିକାରୀମାନଙ୍କ ଗହଣରେ ଉପସ୍ଥିତ ରହି ପାଇକବାହିନୀର ସାମରିକ ଅଭିବାଦନ ଗ୍ରହଣ କରୁଥିଲେ ଏବଂ ଦୁର୍ଗାମାଧବଙ୍କ ସମକ୍ଷରେ ଦେଶର ସମ୍ମାନ ଓ ସୁରକ୍ଷା ନିମନ୍ତେ ଶପଥ ନେଇ ଭଗବତ୍ ଆଶୀର୍ବାଦ ଭିକ୍ଷା କରୁଥିଲେ । ଅପରାହ୍ଣରେ ଦୁର୍ଗାମାଧବଙ୍କ ପଟୁଆର ମନ୍ଦିରକୁ ଫେରିବା ପରେ ଶ୍ରୀମନ୍ଦିରର ଲକ୍ଷ୍ମୀମନ୍ଦିର ସମ୍ମୁଖସ୍ଥ ପାଟ ଅଗଣାରେ ଦୁର୍ଗାମାଧବଙ୍କ ଦରବାର ବସୁଥିଲା ଏବଂ ଗଜପତି ରାଜା ପାଇକବାହିନୀର ପ୍ରମୁଖ ଯୋଦ୍ଧାମାନଙ୍କୁ ବିଭିନ୍ନ ପଦପଦବୀ ସହ ପଦକ, ଶାଢ଼ି ଏବଂ ଖଣ୍ଡାଦେଇ ସମ୍ମାନିତ କରୁଥିଲେ । ଏହାପରେ ଆଗାମୀ ବିଜୟ ଅଭିଯାନର ଦିନ ଘୋଷଣା କରାଯାଉଥିଲା ।

ଚୋଡ଼ଗଙ୍ଗଦେବଙ୍କ ସମୟରେ ଶ୍ରୀକ୍ଷେତ୍ରରେ ଚୁଡ଼ଙ୍ଗ ସାହି, ରଥସାହି, ମଣିକର୍ଣ୍ଣିକା ସାହି, ବାଲିସାହି (ଉଆସ ଦାଣ୍ଡ), ମରୀଚିକୋଟ ସାହି, ଛାମୁସାହି ପାଟଣା, କୁମ୍ଭକାର ପାଟଣା– ଏହିପରି ଅଷ୍ଟପାଟଣା ଥିଲା । ଶ୍ରୀକ୍ଷେତ୍ରର ସୁରକ୍ଷା ନିମନ୍ତେ ଦକ୍ଷିଣରେ ନାଗାକୋଟ, ଉତ୍ତରରେ ଭଗବତୀ କୋଟ, ଉପାନ୍ତରେ ଇନ୍ଦ୍ରଦ୍ୟୁମ୍ନ କୋଟ ଏବଂ ପୂର୍ବରେ ମରୀଚିକୋଟ– ଏହିଭଳି ଚାରିଟି କୋଟ ବା କ୍ଷୁଦ୍ରଦୁର୍ଗ ସ୍ଥାପନା କରାଗଲା । ଏହି କୋଟଗୁଡ଼ିକୁ କେନ୍ଦ୍ରକରି ଯୁବକମାନେ ମନ୍ଦିରର ରକ୍ଷାବିଧାନରେ ତତ୍ପର ହେଲେ । ରାଜାଙ୍କ ନିର୍ଦ୍ଦେଶରେ ଚୁଡ଼ଙ୍ଗକୋଟ ନାମକ ସ୍ଥାନରେ ସଭା ଆୟୋଜିତ ହୋଇ ସ୍ଥିର ହେଲା ଯେ ପୁରୀକ୍ଷେତ୍ରର ସର୍ବବିଧ ଉନ୍ନତି ବିଧାନ ନିମନ୍ତେ ଚାରିଟି ପ୍ରଗତିମୂଳକ କର୍ମପନ୍ଥା ଗ୍ରହଣ କରାଯିବ ।

ଶରୀରରକ୍ଷଣମାଦ୍ୟଂ ସଙ୍ଗୀତତ୍ରୟୀଯୁକ୍ତତଃ
ତୃତୀୟଂ କାରୁକର୍ମ ଚ ଚତୁର୍ଥଂ କ୍ଷେତ୍ରରକ୍ଷଣମ୍ ।
ଏବଂ ଚତୁର୍ବିଧଂ କର୍ମ ନିର୍ଣ୍ଣୟାନ୍ତେ ଯଥାବିଧି
କୁର୍ଯ୍ୟାତ୍ ଦିଶାପାଟେନ କୋଟଶ୍ରେଷ୍ଠା ଚତୁଷ୍ଟୟମ୍ ।।

କୋଟରେ ଅବସ୍ଥାପିତ ଯୋଦ୍ଧାଗଣ କ୍ଷେତ୍ରର ସୁରକ୍ଷା ସଙ୍ଗେ ସଙ୍ଗେ ଶାରୀରିକ ବ୍ୟାୟାମ, ସଙ୍ଗୀତ (ଗୀତ, ବାଦ୍ୟ ଏବଂ ନୃତ୍ୟ) ଏବଂ ନାନାବିଧ କାରୁକଳାର ବିକାଶ ନିମନ୍ତେ ଯତ୍ନବାନ୍ ହେବେ ।

ଅନଙ୍ଗଭୀମ ଦେବ ସମ୍ପୂର୍ଣ୍ଣ ଦୁର୍ଗ ବିଧିରେ ଶ୍ରୀମନ୍ଦିରର କୂର୍ମବେଢ଼ା ଓ ଚାରିକୋଣରେ ଚାରିଟି ବୁରୁଜ ଥାଇ ମେଘନାଦ ପାଚେରି ନିର୍ମାଣ କଲେ ଏବଂ ରାମନବମୀ ଯାତ୍ରା ପାଇଁ ଭୂମି ଖଞ୍ଜିଲେ । ଏତଦ୍‌ବ୍ୟତୀତ ସାତସାହିରେ ସାତଟି ଆଖଡ଼ା ପ୍ରତିଷ୍ଠା କରାଗଲା । ଆଖଡ଼ା ପରିଚାଳନା ପାଇଁ ଜଣେ ନାୟକ ଏବଂ ଚାରିଜଣ ସହାୟକଙ୍କୁ ନେଇ 'ସାହି ଭେଣ୍ଡିଆ' ପଦ ସୃଷ୍ଟି ହେଲା । ପ୍ରତ୍ୟେକ ଯୁବସଭା ପାଇଁ ଜଣେ ସାହିବାରିକ ନିଯୁକ୍ତ ହେଲେ । ରାଜାଙ୍କ ଦ୍ୱାରା ପ୍ରତିଷ୍ଠିତ ଆଖଡ଼ାକୁ କୋଠଆଖଡ଼ା କୁହାଗଲା । ପରେପରେ ମଠ ଓ ଜମିଦାରମାନେ ମଧ୍ୟ ଆଖଡ଼ାମାନ ପ୍ରତିଷ୍ଠା କଲେ । ଏହି ଆଖଡ଼ାଘରର ଯୁବକମାନେ ଶ୍ରୀମନ୍ଦିର ସୁରକ୍ଷା ଦାୟିତ୍ୱରେ ରହିଲେ ।

ଓଡ଼ିଶାର ଏହି ଗୌରବମୟ ସାମରିକ ପରମ୍ପରା ଓ ଉଦ୍ଦାମ ଜାତୀୟତା ଭାବ ଶ୍ରୀଚୈତନ୍ୟଙ୍କ ବୈଷ୍ଣବ ଭକ୍ତିଧାରାର ପ୍ରବାହରେ ଶିଥିଳ ହୋଇଗଲା । ଗଜପତି ପ୍ରତାପରୁଦ୍ର ଦେବ ନିଜର ବ୍ୟକ୍ତିଗତ ଦୁଃଖ ଏବଂ ରାଜନୈତିକ ଦୁର୍ବଳତାକୁ ଏଡ଼ାଇବାକୁ ଶ୍ରୀଚୈତନ୍ୟଙ୍କ ଶରଣାପନ୍ନ ହେଲେ । ପ୍ରତାପରୁଦ୍ର ଦେବ ବୈଷ୍ଣବ ଧର୍ମରେ ଦୀକ୍ଷିତ ହେବା ପରେ ପାଇକଯୋଦ୍ଧାମାନେ ମଧ୍ୟ ଖଣ୍ଡା, ଧନୁଶର ଛାଡ଼ି ସଂକୀର୍ତ୍ତନରେ ମାତିଲେ । ଫଳରେ ଓଡ଼ିଶାର ସାମରିକ ଶକ୍ତି ଦୁର୍ବଳ ଏବଂ ରାଜ୍ୟ ଅସୁରକ୍ଷିତ ହୋଇଗଲା ।

ଦୁର୍ଦ୍ଦିନର ଘନଘଟା :

ଚନ୍ଦ୍ରକୁ ରାହୁଗ୍ରାସ କଲାଭଳି ଦୁର୍ଦ୍ଦମନୀୟ ସାମରିକ ଶକ୍ତିସମ୍ପନ୍ନ ଓଡ଼ିଶାକୁ ଅନ୍ତର୍ବିବାଦ, ଷଡ଼ଯନ୍ତ୍ର ଏବଂ ଦୁର୍ବଳ ରାଜସଭା ନିସ୍ତେଜ କରିଦେଲା । ଏହାର ସୁଯୋଗ ନେଇ ଆଫଗାନ୍ ଓ ମୋଗଲ ସେନାପତିମାନେ ବାରମ୍ବାର ଓଡ଼ିଶା ଆକ୍ରମଣ କଲେ । ବିଧର୍ମୀ ଆକ୍ରମଣକାରୀମାନଙ୍କର ଲୋଲୁପ ଦୃଷ୍ଟି କେବଳ ଯେ ଶ୍ରୀମନ୍ଦିରର ରତ୍ନଭଣ୍ଡାର ଉପରେ ଥିଲା, ତାହାନୁହେଁ, ଓଡ଼ିଶାର ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥଙ୍କୁ ଭୂଲୁଣ୍ଠିତ କରି ଏ ଜାତିର ପ୍ରଚଣ୍ଡ ସ୍ୱାଭିମାନକୁ ଧୂଳିସାତ୍ କରିବା ଏବଂ ଏହି ସ୍ୱର୍ଣ୍ଣପ୍ରସୂ ପ୍ରଦେଶକୁ କବଳିତ କରିବା ଥିଲା ସେମାନଙ୍କର ଉଦ୍ଦେଶ୍ୟ । ସେହି ମନ୍ଦ ଉଦ୍ଦେଶ୍ୟ ନେଇ ବାରମ୍ବାର ଶ୍ରୀମନ୍ଦିର ଉପରେ ଆକ୍ରମଣ ହୋଇଛି । ଫିରୋଜଶାହ ତୋଗଲକ୍, କଳାପାହାଡ଼, ମିର୍ଜା ଖୁରୁମ୍, କେଶୋଦାସ ମାରୁ, କଲ୍ୟାଣ ମଲ୍ଲ, ମକ୍ରମ୍ ଖାଁ, କତ୍‌ଲୁ ଖାଁ, ମହମ୍ମଦ୍ ବେଗ୍, ମିର୍ଜା ମକ୍କୀ (ଅମୀର ଫତେ ଖାଁ), ଏକ୍ରାମ୍ ଖାଁ– ଶ୍ରୀମନ୍ଦିର ଲୁଣ୍ଠନକାରୀଙ୍କ ସଂଖ୍ୟା ଆହୁରି ଅନେକ । ମନ୍ଦିରର ପଣ୍ଡା, ସେବାୟତ, ସ୍ଥାନୀୟ ଯୁବକମାନେ ଯଥାସାଧ୍ୟ ପ୍ରତିରୋଧ କରିଛନ୍ତି, ପ୍ରାଣବଳି ଦେଇଛନ୍ତି । ମନ୍ଦିରକୁ ସୁରକ୍ଷିତ ରଖିବାକୁ ପ୍ରଭୂତଧନ ଉତ୍କୋଚ ଦେଇଛନ୍ତି, ପୁଣି କେତେବେଳେ ପ୍ରାଣର ଦେବତା ଶ୍ରୀଜଗନ୍ନାଥଙ୍କ ସହ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ନେଇ ଗଡ଼ମାଣିତ୍ରୀରେ, ଦକ୍ଷିଣ

ଓଡ଼ିଶାର ମାରଦା ଜଙ୍ଗଲରେ, ଅଥବା ଚିଲିକାର ନିର୍ଜନ ପାରିକୁଦ ଦ୍ୱୀପରେ ଲୁଚାଇ ରଖିଛନ୍ତି। ବର୍ଷବର୍ଷ ଧରି ମନ୍ଦିର ଦେବଶୂନ୍ୟ ହୋଇରହିଛି। ତଥାପି ବିଧର୍ମୀ କଳାପାହାଡ଼ ଶ୍ରୀଜଗନ୍ନାଥଙ୍କ ବିଗ୍ରହକୁ ବଢ଼ଦାଣ୍ଡରେ ଘୋଷାରି ନେଇ ଗଙ୍ଗାକୂଳରେ ପୋଡି ଦେଇଛି। ଭକ୍ତକବି ସାଲବେଗ ଆକୁଳ କଣ୍ଠରେ ଗାଇଛନ୍ତି–

"କୁଳବଧୂଙ୍କର ରଢ଼ି ପଣ୍ଡାଏ ଭିଡ଼ାଭିଡ଼ି ବିଧାତା ବାମ ହେଲା ଓଡ଼ିଶାକୁ
କେଣେ ଘେନିଯାଉଛ ଜଗନ୍ନାଥଙ୍କୁ, ଆମ୍ଭେ ଦ୍ରଶନ କରିବୁ କାହାକୁ?"

ଶ୍ରୀମନ୍ଦିର ଉପରେ ବାରମ୍ବାର ଆକ୍ରମଣ, ଲୁଣ୍ଠନ ଏବଂ ଅତ୍ୟାଚାର ଏ ଜାତିକୁ ସ୍ତବ୍ଧ, ହତପ୍ରଭ କରି ଦେଇଥିଲା। ଦୁର୍ଦ୍ଦିନର ସେହି ଅମାଅନ୍ଧକାର ଭିତରେ ଶକ୍ତିଶାଳୀ ଶାସନକର୍ତ୍ତାଙ୍କ ଅବର୍ତ୍ତମାନରେ ଲୋକଙ୍କ ହୃଦୟକନ୍ଦରରେ ଏକମାତ୍ର ଆଲୋକବର୍ତ୍ତିକା ଥିଲେ ଶ୍ରୀଜଗନ୍ନାଥ।

ଯୁଗଯୁଗ ଧରି ଶ୍ରୀଜଗନ୍ନାଥଙ୍କ ଉପରେ ଲୋକଙ୍କର ଅଟଳ ଆସ୍ଥା, ଶ୍ରୀମଦ୍ ଭଗବଦ୍ ଗୀତାର ସେହି ଶାଶ୍ୱତ ସନ୍ଦେଶ– "ଧର୍ମସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ", ମନରେ ଅଖଣ୍ଡ ବିଶ୍ୱାସ ଯେ ମ୍ଲେଚ୍ଛ ସଂହାର ନିମନ୍ତେ ଭଗବାନ୍ ଅବତାର ଗ୍ରହଣ କରିବେ ଏବଂ ସୁଦିନ ଫେରିବ– ପ୍ରଳୟଜଳରେ ମହାତ୍ମା ମନୁ ମେରୁ ପର୍ବତକୁ ଆଶ୍ରୟ କଲା ପରି– ଏହି ଭାବନାକୁ ହୃଦୟରେ ଜାବୁଡ଼ି ଧରି ଓଡ଼ିଆ ଜାତି ବଞ୍ଚି ରହିଲା। କାଞ୍ଚି ଅଭିଯାନର ଅଲୌକିକ ଘଟଣା ଲୋକେ ପାସୋରି ନ ଥିଲେ। ଶ୍ରୀଜଗନ୍ନାଥ ସମସ୍ତ ବିପଦରୁ ଉଦ୍ଧାର କରିବେ– ଏହି ଦୃଢ଼ବିଶ୍ୱାସ ହିଁ ଏ ଜାତିକୁ ବଞ୍ଚିବାର ରାହା ଦେଇଥିଲା। ଗାଁ ଗାଁରେ ଭାଗବତ ଟୁଙ୍ଗିରେ ପ୍ରତି ସନ୍ଧ୍ୟାରେ ରାମାୟଣ, ଭାଗବତ, ପୁରାଣ ପଢ଼ାଯିବା ସହ ବିଭିନ୍ନ ବିଷୟରେ ଆଲୋଚନା ହେଉଥିଲା। ଆଖଡ଼ାଘରେ ଯୁବକମାନେ ବ୍ୟାୟାମ ଓ ରଣକୌଶଳର ଅଭ୍ୟାସ କରୁଥିଲେ। ଜନଜୀବନରେ ପୋଥିପୁରାଣ ପାଠ ଏବଂ ସାମରିକ କୌଶଳର ଅଭ୍ୟାସ କରିବାର ପରମ୍ପରା ଓଡ଼ିଶାର ଜନତାକୁ ଚରମ ଦୁର୍ଦ୍ଦିନରେ ମଧ୍ୟ ହତୋତ୍ସାହିତ ନ ହୋଇ ଅନୁକୂଳ ସମୟକୁ ଅପେକ୍ଷା କରିବାର ସାମର୍ଥ୍ୟ ଦେଇଥିଲା।

ପୁନଶ୍ଚ ସୂର୍ଯ୍ୟୋଦୟ :

କ୍ରମାଗତ ବିପର୍ଯ୍ୟୟ ଗୋଟିଏ ପ୍ରାଣପ୍ରାଚୁର୍ଯ୍ୟଭରା ଜାତିକୁ ହୁଏତ ସାମୟିକ ଭାବରେ ହତଚକିତ ଓ ମ୍ରିୟମାଣ କରିଦେଇ ପାରେ, କିନ୍ତୁ ଚରମ ଦୁଃଖଦୁର୍ଦ୍ଦଶା ଭିତରେ ମଧ୍ୟ ସେ ଜାତିର ଅନ୍ତଃଚେତନା ବିଶେଷ ହୋଇଯାଏ ନାହିଁ। ଗଜପତି ରାମଚନ୍ଦ୍ର ଦେବ (୧୫୬୭-୧୬୦୭)ଙ୍କ ରାଜଗୁରୁ ବର୍ଦ୍ଧନ ମହାପାତ୍ରଙ୍କୁ ଓଡ଼ିଶାର ଏହି ବିପର୍ଯ୍ୟୟ ବ୍ୟଥିତ କରୁଥିଲା। ଜନଗଣଙ୍କ ମଧ୍ୟରେ ଜାତୀୟତା ଭାବର ଉଦ୍ରେକ ନିମନ୍ତେ ସେ 'ଦୁର୍ଗୋତ୍ସବ ଚନ୍ଦ୍ରିକା' ନାମକ କାବ୍ୟ ରଚନା କରିଥିଲେ। ଏହାପରେ ଶ୍ରୀମନ୍ଦିର ମୁକ୍ତିମଣ୍ଡପ ସଭା ରାଜ୍ୟର ମଙ୍ଗଳ ଦୃଷ୍ଟିରୁ ଲୋକଙ୍କ ମଧ୍ୟରେ ଜାଗରଣ ସୃଷ୍ଟି କରିବା ନିମନ୍ତେ ଶ୍ରୀମନ୍ଦିରରେ ଦୁର୍ଗାପୂଜା ସମୟରେ ବଳିକୁ ଅନୁମତି ଦେଲେ। ଦୁର୍ଗାମାଧବଙ୍କ ବିଜୟ ପଟୁଆର ମଧ୍ୟ ପୁନର୍ବାର ଆରମ୍ଭ କରାଗଲା। ଏଥିରେ ସ୍ଥାନୀୟ ଆଖଡ଼ାମାନଙ୍କର ଯୁବକ ଏବଂ ପାଇକବାହିନୀ ଉତ୍ସାହର ସହ ଯୋଗ ଦେଇ ବିଭିନ୍ନ ଅସ୍ତ୍ରଶସ୍ତ୍ର ସହ ରଣକୌଶଳ ପ୍ରଦର୍ଶନ କଲେ। ପ୍ରତିବର୍ଷ ପୁରୀରେ ଆୟୋଜିତ ଦୁର୍ଗାମାଧବ ବିଜୟ ପଟୁଆର ଲୋକଙ୍କ ମନରେ ଉତ୍ସାହ ଭରିଦେଲା। ଓଡ଼ିଶାର ଗଡ଼ଜାତ ରାଜାମାନେ ମଧ୍ୟ ଶାରଦୀୟ ଶକ୍ତିପୂଜା ଉପଲକ୍ଷେ ଅନୁରୂପ ବିଜୟ ପଟୁଆରମାନ ବାହାର କଲେ। ଓଡ଼ିଶାରେ ସାମରିକ ଶକ୍ତି ଏବଂ ବୀରତ୍ୱର ପ୍ରତିଭୂ 'ଦୁର୍ଗାମାଧବ' କ୍ଷତ୍ରିୟମାନଙ୍କର ଇଷ୍ଟ ଦେବତାଭାବରେ ପୂଜିତ ହେଲେ। ଅଧିକନ୍ତୁ ଧନୁର୍ବାଣ, ଶିରସ୍ତ୍ରାଣ, କବଚ ଆଦି ସହ ବିଭିନ୍ନ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ଶ୍ରୀଜଗନ୍ନାଥଙ୍କ ନାଗାର୍ଜୁନ ବେଶ ଜନସାଧାରଣଙ୍କ ନୂତନ ଜାଗରଣ ସୃଷ୍ଟି କଲା।

ଷୋଡ଼ଶ ଶତାବ୍ଦୀର ପ୍ରାରମ୍ଭରେ ପ୍ରତାପରୁଦ୍ରଙ୍କ ସମୟରେ ଗୁରୁ ନାନକ ଦେବ ପୁରୀ ଆସି ଶ୍ରୀକ୍ଷେତ୍ରରେ କିଛିଦିନ ଅବସ୍ଥାନ କରିଥିଲେ। ଜଗନ୍ନାଥ ଚେତନାର ମୈତ୍ରୀଭାବ, ସର୍ବଗ୍ରାହୀ ଉଦାରତା ଏବଂ ଦ୍ୱେଷରହିତ ସନ୍ତୁଳିତ ସମାଜବ୍ୟବସ୍ଥା ନାନକଙ୍କୁ ବହୁଭାବରେ ପ୍ରଭାବିତ କରିଥିଲା। ପୁରୀଠାରେ ନାନକ ଶିଷ୍ୟମାନଙ୍କ ଦ୍ୱାରା ସ୍ଥାପିତ ବାଉଳି ମଠ ଓ ମଙ୍ଗୁମଠ ଆଜି ମଧ୍ୟ ବିଦ୍ୟମାନ। ପରବର୍ତ୍ତୀ କାଳରେ ଶିଖଧର୍ମର ଦଶମଗୁରୁ ଗୋବିନ୍ଦ ସିଂହ ମଧ୍ୟ ପୁରୀ ଆସି ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିଥିଲେ। ଗୁରୁ ଗୋବିନ୍ଦ ସିଂହ ଶ୍ରୀଜଗନ୍ନାଥଙ୍କ ପରମଭକ୍ତ ଏବଂ ଜଣେ ପରାକ୍ରମୀ ଯୋଦ୍ଧା ଥିଲେ। ଔରଙ୍ଗଜେବଙ୍କ ଅତ୍ୟାଚାରରେ ଅତିଷ୍ଠ ପ୍ରଜାମାନଙ୍କର ସୁରକ୍ଷା ନିମନ୍ତେ ସେ ଏକ ସଶସ୍ତ୍ର ବାହିନୀ ଗଠନ କରିବାକୁ ଭାରତର ବିଭିନ୍ନ ପ୍ରାନ୍ତରୁ ପାଞ୍ଚଜଣ ସଶସ୍ତ୍ର ଯୋଦ୍ଧାଙ୍କୁ ମନୋନୀତ କଲେ। ଏମାନେ ଶିଖ ଖାଲସା ପନ୍ଥର 'ପଞ୍ଚ ପ୍ୟାରେ' ନାମରେ ପରିଚିତ। ଏମାନଙ୍କ ମଧ୍ୟରେ ପୁରୀର ବାଉଳି ମଠର ହିମ୍ମତ ରାୟ ବା ହିମ୍ମତ ସିଂହ ଅନ୍ୟତମ। ଏହି ଘଟଣାକୁ ଜାତୀୟ ସ୍ତରରେ ଓଡ଼ିଶାର ବଳିଷ୍ଠ ସାମରିକ ପରମ୍ପରାର ସ୍ୱୀକୃତି ଭାବରେ ବିବେଚନା କରାଯାଏ।

ସ୍ୱାଧୀନତାର ପ୍ରଥମ ବହ୍ନିଶିଖା :

ଜଙ୍ଗଲରେ ନିଆଁ ଝୁଲ ପଡ଼ିଲେ ଶୁଖିଲାକାଠ ପ୍ରଥମେ ଜଳି ଉଠିଲା ଭଳି ମାତୃଭୂମିର ପବିତ୍ର ମାଟିରେ ବୈଦେଶିକ ଶକ୍ତିର ଔଦ୍ଧତ୍ୟ ଓ ଆଧିପତ୍ୟ ବିରୁଦ୍ଧରେ ସର୍ବପ୍ରଥମେ ସଂସାରବିରାଗୀ ସନ୍ନ୍ୟାସୀମାନେ ହିଁ ଶସ୍ତ୍ର ଉତ୍ତୋଳନ କରିଥିଲେ। ସେମାନେ ଥିଲେ ସର୍ବତ୍ୟାଗୀ, ସ୍ୱାଧୀନଚେତା ନିର୍ଭୀକ ପୁରୁଷ। ଉତ୍ତର ବଙ୍ଗଳାର ମୁର୍ଶିଦାବାଦ, ଜଲପାଇଗୁଡ଼ି, ବୀରଭୂମ, ମେଦିନାପୁର, ପୂର୍ବବଙ୍ଗର ମେଘନା ଏବଂ ପଦ୍ମାନଦୀର ବିସ୍ତୃତ ଅବବାହିକାରେ ସ୍ୱାଧୀନତାର ଶୁଭଶଙ୍ଖ ବାଜିଉଠିଲା। ଦୀର୍ଘ ଚାରି ଦଶନ୍ଧି (ଖ୍ରୀ.୧୭୬୩-୧୮୦୦) ଧରି ନାଗା ସନ୍ନ୍ୟାସୀ, ସାଧୁସନ୍ଥ ଫକୀର ଇଂରେଜମାନଙ୍କ ବିରୁଦ୍ଧରେ ସଶସ୍ତ୍ର ସଂଗ୍ରାମ କରିଥିଲେ। ଯଦିଓ ଏହି ସଂଗ୍ରାମ ସଙ୍ଗଠିତ ଓ ସୁନିୟୋଜିତ ନ ଥିଲା ତଥାପି ତାହା ଇଂରେଜ ଶକ୍ତିକୁ ବାରମ୍ବାର ପ୍ରଚଣ୍ଡ ଆଘାତ କରି ଚାଲିଥିଲା। ପ୍ରତିହିଂସାପରାୟଣ ଇଂରେଜ ଏହି ମୁକ୍ତିସଂଗ୍ରାମକୁ ଦମନ କରିବାକୁ ଦେଢ଼ଶହ ସନ୍ନ୍ୟାସୀଙ୍କୁ ସର୍ବସାଧାରଣ ସ୍ଥାନରେ ଏକକାଳୀନ ଫାଶୀ ଦେଇଥିଲେ ଏବଂ ଲୋକଙ୍କ ମନରେ ଆତଙ୍କ ସୃଷ୍ଟି କରିବା ନିମନ୍ତେ ମାନବିକତାର ସମସ୍ତ ସୀମା ଲଘଂନ କରି ସେମାନଙ୍କର ଶବକୁ ଫାଶୀକାଠରୁ ନ ଓହ୍ଲାଇ ଚିଲଶାଗୁଣାଙ୍କ ଆହାର ହେବାକୁ ଛାଡ଼ି

ଦେଇଥିଲେ। ଅପରପକ୍ଷରେ ଏହି ନିରପରାଧ ସନ୍ନ୍ୟାସୀମାନଙ୍କୁ ପରିଶ୍ରମକାତର, ଠକ, ବିଶୃଙ୍ଖଳ ଭିକ୍ଷୁକ ଭାବରେ ବର୍ଣ୍ଣନା କରି ସେମାନଙ୍କର ଚରିତ୍ର ସଂହାର କରିବାକୁ ମଧ୍ୟ ଇଂରେଜମାନେ କୁଣ୍ଠାବୋଧ କରି ନ ଥିଲେ। ଏହି ଐତିହାସିକ ସଂଗ୍ରାମକୁ ଆଧାର କରି ପ୍ରସିଦ୍ଧ ବଙ୍ଗଳା ଔପନ୍ୟାସିକ ବଙ୍କିମଚନ୍ଦ୍ର ଚଟ୍ଟୋପାଧ୍ୟାୟ କାଳଜୟୀ 'ଆନନ୍ଦମଠ' ଉପନ୍ୟାସ ରଚନା କରି ଯାଇଛନ୍ତି।

ଓଡ଼ିଶାରେ ବୈଦେଶିକ ଶକ୍ତି ବିରୁଦ୍ଧରେ ପ୍ରଥମ ରଣଦୁନ୍ଦୁଭି ବାଜିଥିଲା ଘୁମୁସରର ଘନ ଅରଣ୍ୟାନୀ ମଧ୍ୟରେ। ବନବାସୀ କନ୍ଧମାନେ ଥିଲେ ବଣୁଆ ହାତୀ ଭଳି ଶକ୍ତିଶାଳୀ ଏବଂ ସ୍ୱାଧୀନଚେତା। ନିଜ ରାଜ୍ୟରେ କୌଣସି ବାହ୍ୟଶକ୍ତିର ଉପସ୍ଥିତି ସେମାନଙ୍କ ପକ୍ଷରେ ଅସହ୍ୟ ଥିଲା। ଘୁମୁସରର କନ୍ଧମାନେ ପ୍ରଜାନୁରଞ୍ଜକ ଭଞ୍ଜରାଜବଂଶର ଅନୁଗତ ଥିଲେ। ଭଞ୍ଜରାଜାମାନଙ୍କ ନେତୃତ୍ୱରେ କନ୍ଧବାହିନୀ ଦୀର୍ଘ ଶହେ ତେର ବର୍ଷ ଧରି ଫରାସୀ ଓ ଇଂରେଜମାନଙ୍କ ବିରୁଦ୍ଧରେ ଯୁଦ୍ଧ କରିଥିଲେ ସର୍ବପ୍ରଥମେ ୧୭୫୩ ମସିହାରେ ଘନଭଞ୍ଜଙ୍କ ନେତୃତ୍ୱରେ କନ୍ଧସେନା ବାଲିପଦରଠାରେ ଫରାସୀମାନଙ୍କୁ ପରାସ୍ତ କରିଥିଲେ। ଏହାପରେ ଘୁମୁସରର ଭଞ୍ଜରାଜାମାନେ ୧୮୩୫ ପର୍ଯ୍ୟନ୍ତ ଇଂରେଜମାନଙ୍କୁ କର ଦେବାକୁ ଅଗ୍ରାହ୍ୟ କରି ସେମାନଙ୍କ ସହ ସଶସ୍ତ୍ର ସଂଗ୍ରାମ କରିଥିଲେ। ୧୮୦୦-୧୮୩୭ ପର୍ଯ୍ୟନ୍ତ ଭଞ୍ଜରାଜାଙ୍କ ସେନାପତି ଦୋହରା ବିଷୋୟୀ ଏହି ସଂଗ୍ରାମର ନେତୃତ୍ୱ ନେଇଥିଲେ। ଦୋହରା ବିଷୋୟୀଙ୍କୁ ଇଂରେଜମାନେ ବନ୍ଦୀ କଲାପରେ ତାଙ୍କ ପୁତୁରା ଚକରା ବିଷୋୟୀ ଏହି ମୁକ୍ତିସଂଗ୍ରାମକୁ ଜନାଭିମୁଖୀ କରିଥିଲେ। ପାରଳାଖେମୁଣ୍ଡି ରାଜାଙ୍କ ନିର୍ଦ୍ଦେଶରେ ପାଇକବାହିନୀ ୧୭୬୭ରୁ ୧୮୩୪ ମସିହା ପର୍ଯ୍ୟନ୍ତ ଦୀର୍ଘକାଳ ଧରି ଫରାସୀ ଓ ଇଂରେଜମାନଙ୍କୁ ପରାହତ କରି ରଖିଥିଲେ। ୧୮୧୭ ମସିହାରେ ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ ଖୋରଧାର ପାଇକମାନେ ସଶସ୍ତ୍ର ସଂଗ୍ରାମ ଆରମ୍ଭ କଲେ। ଚାରିଶହ କନ୍ଧ ସେନା ଘୁମୁସରରୁ ଖୋରଧା ଆସି ଏଥିରେ ଯୋଗ ଦେଇଥିଲେ। ଅଳ୍ପସମୟ ମଧ୍ୟରେ ମୁକ୍ତିସଂଗ୍ରାମର ବହ୍ନି ବାଣପୁର, ଖୋରଧା, ପିପିଲି ଏବଂ ଆଖପାଖ ଅଞ୍ଚଳକୁ ବ୍ୟାପୀ ଯାଇଥିଲା। ୧୮୨୫ରେ ବକ୍ସି ଜଗବନ୍ଧୁଙ୍କ ଆତ୍ମସମର୍ପଣ ପରେ ପାଇକମାନଙ୍କର ସଂଗ୍ରାମ ଦୁର୍ବଳ ହୋଇ ୧୮୩୬ ମସିହା ବେଳକୁ ପୂର୍ଣ୍ଣତଃ ନିଃଶେଷ ହୋଇଗଲା।

୧୮୫୭ରେ ଉତ୍ତର-ଭାରତରେ ସିପାହିମାନେ ଇଂରେଜ ଶକ୍ତି ବିରୁଦ୍ଧରେ ସଂଗ୍ରାମ ଆରମ୍ଭ କଲେ। ଓଡ଼ିଶାର ଚାଖି ଖୁଣ୍ଟିଆ ଝାନ୍‌ସୀରାଣୀ ଲକ୍ଷ୍ମୀବାଈଙ୍କ ପରାମର୍ଶଦାତା ଭାବରେ ଏଥିରେ ଯୋଗ ଦେଇଥିଲେ, କିନ୍ତୁ ଏହି ସ୍ୱତନ୍ତ୍ରତା ସଂଗ୍ରାମକୁ ଇଂରେଜ ସରକାର ସ୍ୱଳ୍ପ ସମୟ ମଧ୍ୟରେ ପ୍ରଶମିତ କରି ଦେଇଥିଲେ।

ଏହାପରେ ଇଂରେଜମାନଙ୍କର ରୋଷଦୃଷ୍ଟି ପୁରୀର ସାମ୍ବତ୍ସରିକ ଦୁର୍ଗାମାଧବ ବିଜୟ ଯାତ୍ରା ଉପରେ ପଡ଼ିଲା। ୧୮୭୬ ମସିହାରେ ଗଜପତି ଦିବ୍ୟସିଂହ ଦେବ (ତୃତୀୟ)ଙ୍କ ସମୟରେ 'ରାଜଦ୍ରୋହ' ଆଶଙ୍କାରେ ଇଂରେଜ ସରକାର ଦୁର୍ଗାମାଧବ ଯାତ୍ରାକୁ ନିଷିଦ୍ଧ କଲେ। ପାଇକ ସେନାପତିମାନଙ୍କୁ ବନ୍ଦୀ କରି ସେମାନଙ୍କର ଅସ୍ତ୍ରଶସ୍ତ୍ର ଜବତ କରାଗଲା। ସେବେଠାରୁ ଦୁର୍ଗାମାଧବ ପୂଜା କେବଳ ବିଧିରକ୍ଷା ନିମନ୍ତେ ଶ୍ରୀମନ୍ଦିର ଭିତରେ ଆବଦ୍ଧ ହୋଇଗଲା। ୧୮୭୮ ମସିହାରେ ଗଜପତି ଦିବ୍ୟସିଂହ ଦେବଙ୍କୁ ଚକ୍ରାନ୍ତ କରି ଦ୍ୱୀପାନ୍ତର ଦଣ୍ଡ ଦିଆଗଲା ଏବଂ ଓଡ଼ିଶାର ଜାତୀୟ ଜୀବନରେ ଉଦ୍ଦାମ ବୀରତ୍ୱ ରବି ଅସ୍ତମିତ ହୋଇଗଲା।

ସ୍ୱଦେଶୀ ଭାବଧାରା :

ସନ୍ନ୍ୟାସୀ ଆନ୍ଦୋଳନ, ଘୁମୁସର କନ୍ଧ ସଂଗ୍ରାମ, ପାଇକ ସଂଗ୍ରାମ, ସିପାହି ବିଦ୍ରୋହ ପରେ ଚିନ୍ତାଶୀଳ ସାଧୁସନ୍ଥ ସମାଜ ଅନୁଭବ କଲେ ଯେ ସୈନ୍ୟଶକ୍ତି ବଳରେ ଇଂରେଜମାନଙ୍କୁ ପରାହତ କରିବା ସମ୍ଭବ ନୁହେଁ। ତଥାପି ସେମାନେ ବିଦେଶୀ ଶକ୍ତି ବିରୁଦ୍ଧରେ ସଂଗ୍ରାମ ପାଇଁ କ୍ଷେତ୍ରପ୍ରସ୍ତୁତ କରିବା ନିମନ୍ତେ ଲୋକଙ୍କ ମନରେ ଦେଶପ୍ରେମ ବହ୍ନି ପ୍ରଜ୍ୱଳିତ କରି ରଖିଲେ। ସ୍ୱାମୀ ବିରଜାନନ୍ଦ, ସ୍ୱାମୀ ବିବେକାନନ୍ଦ, ସ୍ୱାମୀ ଦୟାନନ୍ଦ, ସ୍ୱାମୀ ଶ୍ରଦ୍ଧାନନ୍ଦ, ରମଣ ମହର୍ଷି ଆଦି ମହାନ୍ ବିଭୂତିମାନଙ୍କ ନେତୃତ୍ୱରେ ହଜାର ହଜାର ସାଧୁସନ୍ନ୍ୟାସୀ ସମଗ୍ର ଦେଶରେ ଜାଗରଣ ସୃଷ୍ଟି କଲେ। ବିଂଶଶତାବ୍ଦୀର ଆଦ୍ୟ ଭାଗରେ ଧାର୍ମିକ ଭାବନାକୁ ଆଶ୍ରୟ କରି ସ୍ୱଦେଶୀ ଆନ୍ଦୋଳନର ସୂତ୍ରପାତ ହେଲା। ଜଗନ୍ନାଥ ପୁରୀ ହିନ୍ଦୁଧର୍ମର ଏକ ମହାନ୍ ତୀର୍ଥସ୍ଥଳୀ ହେବା ସଙ୍ଗେ ସଙ୍ଗେ ଜାତୀୟ ଭାବଧାରାର ପ୍ରମୁଖ ପୋଷକକ୍ଷେତ୍ର ଥିଲା। ତେଣୁ ୧୯୦୫ ମସିହାରେ ପୁରୀଠାରେ ଆୟୋଜିତ ଏକ ସାଧାରଣ ସଭାରେ ଶହେଜଣ ପରିବ୍ରାଜକ ସନ୍ନ୍ୟାସୀ ସମଗ୍ର ଦେଶରେ ସ୍ୱଦେଶୀଭାବନା ପ୍ରଚାର କରିବା ନିମନ୍ତେ ସଂକଳ୍ପବଦ୍ଧ ହେଲେ। ଏଥିରେ ଉଦ୍‌ବୁଦ୍ଧ ହୋଇ ଜଗନ୍ନାଥ ମନ୍ଦିରର ପୂଜାପଣ୍ଡା, ସେବାୟତମାନେ ମଧ୍ୟ ଶପଥ ନେଲେ ଯେ ଶ୍ରୀମନ୍ଦିର ଭିତରେ କୌଣସି ବିଦେଶୀ ବସ୍ତୁ ବ୍ୟବହାର କରାଯିବ ନାହିଁ।

ଇତିମଧ୍ୟରେ ଶହେ ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତିଗଲାଣି। ଦେଶର ରାଜନୈତିକ, ଅର୍ଥନୈତିକ ଏବଂ ସାମାଜିକ କ୍ଷେତ୍ରରେ ଆମୂଳଚୂଳ ପରିବର୍ତ୍ତନ ଘଟିଯାଇଛି, କିନ୍ତୁ ଆଜି ମଧ୍ୟ ଶ୍ରୀଜଗନ୍ନାଥ ସେହି ସ୍ୱଦେଶୀ ସିଦ୍ଧାନ୍ତରେ ଅଟଳ। ଜଣେ ଦେଶାତ୍ମନିଷ୍ଠ ଆଦର୍ଶ ରାଜା ଭାବରେ ଶ୍ରୀଜଗନ୍ନାଥ ଏ ଦେଶର କଳା, ସାହିତ୍ୟ, ସଂସ୍କୃତିର ପୃଷ୍ଠପୋଷକ ରହି ଆସିଛନ୍ତି। ତାଙ୍କୁ ଆଶ୍ରୟ କରି ଓଡ଼ିଆ ସାହିତ୍ୟ, ଓଡ଼ିଶୀ ସଙ୍ଗୀତ ଓ ନୃତ୍ୟ, ଚିତ୍ରକଳା, ପଟ୍ଟବସ୍ତ୍ର, ଆଭୂଷଣ, ଶୃଙ୍ଗାର ପରିପାଟୀ, ପୁଷ୍ପସଜ୍ଜା, ରନ୍ଧନବିଧି– ସବୁକିଛି ପଲ୍ଲବିତ ହୋଇ ଦେଶବିଦେଶରେ ଆଦୃତ ହୋଇଛି। ଏକ ସ୍ୱୟଂସମ୍ପୂର୍ଣ୍ଣ ଅନୁଷ୍ଠାନ ଭାବରେ ଶ୍ରୀମନ୍ଦିର ଶହ ଶହ ଶିଳ୍ପୀ, କଳାକାର ଏବଂ ଭିନ୍ନ ଭିନ୍ନ ବିଧାର କାରିଗରମାନଙ୍କ ଭରଣପୋଷଣ କରିବା ସଙ୍ଗେ ସଙ୍ଗେ ସେମାନଙ୍କର ପ୍ରତିଭାର ବିକାଶ ନିମନ୍ତେ ସୁଯୋଗ ସୃଷ୍ଟି କରି ଆସିଛି।

ଶ୍ରୀଜଗନ୍ନାଥଙ୍କ ଆନନ୍ଦବିସ୍ଫାରିତ ନେତ୍ରଯୁଗଳ ଓ ପ୍ରସାରିତ ବିଶାଳବାହୁରେ, ଶ୍ରୀମହାପ୍ରସାଦ ଏବଂ ପତିତପାବନ ରଥଯାତ୍ରା ମଧ୍ୟରେ ଆଜି ମଧ୍ୟ ଏ ଦେଶର ଜନତା ଜଣେ ଦରଦୀ ବନ୍ଧୁ, ଜଣେ ଅଗ୍ରଗାମୀ ନେତା ଏବଂ ଜଣେ ପ୍ରଜାବତ୍ସଳ ରାଜାଙ୍କୁ ଦର୍ଶନ କରେ। ■■■

'ତପୋବନମ୍', ପ୍ଲଟ ନଂ-୧୦୩୨/୨୪୦୨
ପ୍ରଗତିନଗର, ୟୁନିଟ୍-୮, ଭୁବନେଶ୍ୱର-୭୫୧୦୦୩

ଶୋକଜର୍ଜରିତ ଶ୍ରୀରାମ ତତ୍ପର ହୋଇ ରାବଣଙ୍କ ପତିତ ଶରୀରରେ ସଞ୍ଚାଳନ କଲେ ତାଙ୍କ ଅମୃତ ହସ୍ତ । ସେହି ପରଶରେ ଉଲ୍ଲସିତ ତଥା ଆହ୍ଲାଦିତ ରାବଣ ଜଣେ ସଦ୍‌ଗୁରୁ ସମ ତାଙ୍କ ମାଧ୍ୟମରେ ଜଗତକୁ ଦେଲେ ତିନିଟି ମହାର୍ଘ ଉପଦେଶ– ସାମାନ୍ୟତମ ଗୃହଶତ୍ରୁ ପ୍ରବଳତମ ବହିଃଶତ୍ରୁଠାରୁ ଅଧିକ ପ୍ରବଳ, ସବଳ ଓ ପ୍ରାଣଘାତକ । ଆସନ୍ତାକାଲିର କାର୍ଯ୍ୟ ଆଜି, ଆଜିର କାର୍ଯ୍ୟ ଏଇ ମୁହୂର୍ତ୍ତରେ ସମ୍ପାଦିତ କରିବା ସଫଳ ମନୁଷ୍ୟର କର୍ତ୍ତବ୍ୟ ତଥା ସଫଳତାର ଚାବିକାଠି । ଦେହଭୋଗର ଅନୁଚିତ ଲାଳସା, ପରନାରୀ ପ୍ରତି ଆସକ୍ତିଭାବ ଓ ମୋହଗ୍ରସ୍ତ ଅଭୀପ୍ସା, ଧର୍ମନୀତି-ରାଷ୍ଟ୍ରନୀତି-ରାଜନୀତିର ବାଧକ ।

ସୀତେଶ ତ୍ରିପାଠୀ

'କମ୍ ଲେଖ, ଭଲ ଲେଖ, ପାଠକଙ୍କୁ ବିରକ୍ତ କରନାହିଁ' – ଏହି ଦର୍ଶନରେ ବିଶ୍ୱାସୀ ମାର୍ମିକ ସ୍ରଷ୍ଟା ଶ୍ରୀ ତ୍ରିପାଠୀଙ୍କର ଅଦ୍ୟାବଧି ୮ଟି ଗଳ୍ପ-ସଂକଳନ, ୫ଟି ନାଟକ, ଗୋଟିଏ ଲେଖାଏଁ ଉପନ୍ୟାସ ଓ କବିତା ପ୍ରକାଶିତ । ଓଡିଶା ସାହିତ୍ୟ ଏକାଡେମୀ ପୁରସ୍କାର, ଝଙ୍କାର ପୁରସ୍କାର, ଡ. ହରେକୃଷ୍ଣ ମହତାବ ଗଳ୍ପ ସମ୍ମାନ ଆଦିରେ ଶ୍ରୀ ତ୍ରିପାଠୀ ସମ୍ମାନିତ ।

ରାମାୟଣର ଶ୍ରେଷ୍ଠ ଚରିତ୍ର!

ସଭ୍ୟ ଦୁନିଆର ଆଦି ଗ୍ରନ୍ଥ ରାମାୟଣ ।

ଆଦିକବି ବାଲ୍ମୀକି ବିରଚିତ ସନାତନ ହିନ୍ଦୁଧର୍ମର ଏ ମହାକାବ୍ୟଟି ଆର୍ଯ୍ୟାବର୍ତ୍ତର ସୂର୍ଯ୍ୟବଂଶୀ ନରପତି, କୋଶଳ ଭୂଖଣ୍ଡର ସମ୍ରାଟ ଅଯୋଧ୍ୟାପତି ଦଶରଥଙ୍କ ସୁପୁତ୍ର, ଯୁବରାଜ ଶ୍ରୀରାମଚନ୍ଦ୍ରଙ୍କ ଜ୍ଞାନ-ଗରିମା-ପ୍ରଜ୍ଞା, ତ୍ୟାଗ-ନିଷ୍ଠା-ବୀରତ୍ୱ, ପ୍ରେମ-ପ୍ରଣୟ-ପରିଣୟ ଏବଂ ବିରହ-ବିଚ୍ଛେଦ-ମିଳନର ଏକ କମନୀୟ ଗାଥା ।

୨୪୦୦୦ ଶ୍ଲୋକ ସମ୍ବଳିତ ଉକ୍ତ ମହାକାବ୍ୟରେ ମହାନାୟକ ଶ୍ରୀରାମଙ୍କ ସତ୍ୟନିଷ୍ଠା, ଉଚ୍ଚମାନର ନୈତିକତା, ବୀରତ୍ୱ, ଆଦର୍ଶ ଓ ଅତିମାନବୀୟ ଗୁଣାବଳୀର ସଂଯତ ବର୍ଣ୍ଣନା ତାଙ୍କୁ ମର୍ଯ୍ୟାଦା ପୁରୁଷୋତ୍ତମ ଭାବେ ଚିତ୍ରିତ କରିବା ସାଥେସାଥେ ମାନବୀୟ ସୀମା ଅତିକ୍ରମି ତାଙ୍କଠାରେ ନିରୂପିତ କରିଛି ଦେବତ୍ୱ । କାଳକାଳକୁ ସେ ଅବତାରୀ । ଶ୍ରୀବିଷ୍ଣୁଙ୍କ ଧରାବତରଣ ରୂପୀ ଭଗବାନ ।

ତେବେ ଶ୍ରୀରାମଙ୍କ ଚରିତ୍ରର ଯଥାର୍ଥ ଚିତ୍ରଣ ସହ ତାଙ୍କୁ କେନ୍ଦ୍ର କରି ଚିତ୍ରିତ ଚରିତ୍ରମାନଙ୍କ ଯଥାର୍ଥ ବର୍ଣ୍ଣନାରେ ସୁଦ୍ଧା କାର୍ପଣ୍ୟ ଦର୍ଶାଇ ନାହାନ୍ତି କବି । ରାମାୟଣର ଖଳନାୟକ ଦଶାନନ ରାବଣଙ୍କ ଚରିତ୍ର ଚିତ୍ରଣ ବାସ୍ତବିକ ଅନନ୍ୟ ।

ଏକ ଦିଗରେ ପରମ ଜ୍ଞାନୀ, ଶାସ୍ତ୍ରଜ୍ଞ, ବେଦବିତ୍ ବ୍ରାହ୍ମଣ ରାବଣ; ସମୟାନ୍ତରରେ ପୁଣି ଏକ ଘୃଣ୍ୟ, ଲମ୍ପଟବତ୍ ଆଚରଣ ।

ଏକ ଦିଗରେ ବୀରଶ୍ରେଷ୍ଠ ଦେବଦଳନ; ସମୟାନ୍ତରରେ ପୁଣି ତାନ୍ତ୍ରିକ ମାରୀଚ ସହାୟତାରେ ସ୍ୱର୍ଣ୍ଣମୃଗର ପ୍ରହେଳିକା ରଚି ତପସ୍ୱୀ ଛଦ୍ମବେଶରେ ଏକାକିନୀ କୁଟୀରବାସିନୀ ସୀତାଙ୍କ ଅପହରଣ ।

ଏକ ଦିଗରେ ସୁଶାସକ, ଦୟାଳୁ, ପ୍ରଜାବତ୍ସଳ; ସମୟାନ୍ତରରେ ପୁଣି ସହୋଦର ଭ୍ରାତା ଧର୍ମମୂର୍ତ୍ତି ବିଭୀଷଣଙ୍କୁ ଦେଶଦ୍ରୋହୀ, ଧର୍ମଦ୍ରୋହୀର ମିଥ୍ୟା ଆରୋପ ଲଗାଇ, ଅପରାଧୀ ଦର୍ଶାଇ ଦେଶାନ୍ତରର ନିର୍ମମ ଆଦେଶ ।

ରାବଣ ଚରିତ୍ରର ଉପରୋକ୍ତ ବିରୋଧାଭାସ ହିଁ ତାଙ୍କୁ ଅଦ୍ୱିତୀୟ ଦର୍ଶାଏ ।

ଏହି ଚରିତ୍ରର ସୂକ୍ଷ୍ମ ବିଶ୍ଳେଷଣ ଦର୍ଶାଏ, ସକଳ ବିରୋଧାଭାସ ସତ୍ତ୍ୱେ ସେ ଏକକ ଓ ଅନନ୍ୟ ।

ଏକାଧାରରେ ସେ ଥିଲେ ଶ୍ରେଷ୍ଠ ବୀର, ଶ୍ରେଷ୍ଠ ବ୍ରାହ୍ମଣ, ଶ୍ରେଷ୍ଠ ରାକ୍ଷସ; ସୁଶାସକ, ଦୟାଳୁ, ପ୍ରଜାବତ୍ସଳ; ଅନ୍ୟତମ ଶ୍ରେଷ୍ଠ ରାଜନୀତିଜ୍ଞ, କୂଟନୀତିଜ୍ଞ, ସଂସ୍କୃତଜ୍ଞ ବିଦ୍ୱାନ୍, ମହାଜ୍ଞାନୀ ଓ ପରମ ଭକ୍ତ ।

ରାବଣ ତାଙ୍କ ସମୟଖଣ୍ଡର ଅନ୍ୟତମ ଶ୍ରେଷ୍ଠ ଯୋଦ୍ଧା, ବୀରଶ୍ରେଷ୍ଠ। କବି ଦର୍ଶାଇଛନ୍ତି– ଲଙ୍କାଧିପତି ରାବଣ ସ୍ୱୀୟ ସାମର୍ଥ୍ୟ ଓ ଶକ୍ତିବଳରେ ଦେବଲୋକକୁ ସୁଦ୍ଧା କରିଥିଲେ ପଦାନତ। ଦେବଗଣଙ୍କ ଆକାଶଚୁମ୍ବୀ ଅହଂ ରାବଣଙ୍କ ବୀରତ୍ୱ ପାଖେ ହୋଇଥିଲା ପରାହତ। ଦେବାସୁର ଯୁଦ୍ଧରେ ବାରମ୍ବାର ପରାଭବ ଲଭିବା ପରେ ଦେବଗଣ ସ୍ୱୀକାର କରିଥିଲେ ପରାଜୟ ଓ ଲୋଡ଼ିଥିଲେ ଶରଣ। ରାବଣ ଶରଣଦାନ କରିଥିଲେ, ଅଭୟ ଦାନ ସୁଦ୍ଧା କରିଥିଲେ: ସ୍ୱର୍ଗପୁରୀକୁ ଅଧିକାର କରିବେ ନାହିଁ। ସ୍ୱର୍ଗକୁ ମର୍ତ୍ତ୍ୟର ଅଧୀନ ବନାଇଦେବେ ନାହିଁ। କାଳକାଳକୁ ସ୍ୱର୍ଗ, ସ୍ୱର୍ଗ ହୋଇ ରହିବ। ଦେବଭୂମି ଓ ସ୍ୱତନ୍ତ୍ର।

ରାବଣ ଥିଲେ ରାକ୍ଷସଶ୍ରେଷ୍ଠ। ତାଙ୍କ ଜୀବଦ୍ଦଶାରେ ପରାଭୂତ ତଥା ନିର୍ଯାତିତ ରାକ୍ଷସକୁଳକୁ ସଂଗଠିତ କରି ସୁଦୃଢ଼ ଶୃଙ୍ଖଳା ଭିତରେ ବାନ୍ଧି ରଖିବାରେ ତାଙ୍କ ବିକଳ୍ପ ନ ଥିଲେ କେହି। ଭୂଖଣ୍ଡ ବ୍ୟାପୀ ରାକ୍ଷସକୁଳ ତାଙ୍କୁ ଭୟ କରୁଥିଲେ ଯେମିତି, ଭକ୍ତି କରୁଥିଲେ ସେମିତି। ଆଚରଣରେ ଦର୍ଶାଉଥିଲେ ଯଥେଷ୍ଟ ଶ୍ରଦ୍ଧା ଓ ସମ୍ମାନ। ପ୍ରତିବଦଳରେ ରାବଣ ସେମାନଙ୍କୁ ନିଶ୍ଚିତ କରିଥିଲେ ସମୃଦ୍ଧି ଓ ନିରାପତ୍ତା। ରାବଣ ଥିଲେ ରାକ୍ଷସକୁଳର ଈଶ୍ୱର।

ରାବଣଙ୍କ ଜନ୍ମ ଥିଲା ଏକ ବିଡ଼ମ୍ବନା। ସେ ଯେ ରାକ୍ଷସକୁଳରେ ଜନ୍ମ ନେଲେ, ଏଥିରେ ତାଙ୍କର ଭୂମିକା ଥିଲା ବା କ'ଣ? ଉଚ୍ଚ କୁଳ ପ୍ରାପ୍ତି ତ କାଳେକାଳେ ଦୈବର ଅଧୀନ। ଉଚ୍ଚକୁଳପ୍ରାପ୍ତ ନୀଚସ୍ୱଭାବୀମାନେ ଯୁଗେଯୁଗେ ନିନ୍ଦନୀୟ। ବ୍ରାହ୍ମଣ ଋଷି ବିଶ୍ରବା ଓ ଅସୁରୀ ନିକଷାଙ୍କ ଅବୈଧ ପ୍ରଣୟର ପରିଣାମ, ଅସୁରୀରଜସମ୍ଭୂତ ରାବଣଙ୍କ ଠାରେ ଭରି ରହିଥିଲା ଦ୍ୱୈତସତ୍ତା। ତାଙ୍କ ସ୍ଥୂଳ ସତ୍ତାରେ ଉଭୟ ବ୍ରାହ୍ମଣ ଓ ରାକ୍ଷସ ପ୍ରବୃତ୍ତିର ସଂଗମ ଘଟିଥିବା ସତ୍ତ୍ୱେ ପ୍ରବୃତ୍ତିର ଊର୍ଦ୍ଧ୍ୱରେ ରହିଥିଲା ତାଙ୍କ ଆତ୍ମସତ୍ତା। ରାକ୍ଷସ ରାବଣ ଥିଲେ ମର୍ତ୍ତ୍ୟର ଶ୍ରେଷ୍ଠ ବ୍ରାହ୍ମଣ।

କବି ଦର୍ଶାଇଛନ୍ତି– ସେତୁବନ୍ଧର ନିର୍ମାଣ ସମାପ୍ତ। ପ୍ରତିଷ୍ଠା ପୂଜନ ଲାଗି ଦେବର୍ଷି, ଶ୍ରୀରାମଙ୍କୁ ଦେଲେ ପରାମର୍ଶ। ଏ ମହାନ୍ ଆଧ୍ୟାତ୍ମିକ କର୍ମରେ ପୌରୋହିତ୍ୟ କରନ୍ତୁ ମର୍ତ୍ତ୍ୟର ସର୍ବଶ୍ରେଷ୍ଠ ବ୍ରାହ୍ମଣ। ତେବେ ଯାଇ ଏ ପ୍ରତିଷ୍ଠା ହେବ ଅର୍ଥପୂର୍ଣ୍ଣ। ନୋହିଲେ ଲକ୍ଷ୍ୟ ହେବ ଭ୍ରଷ୍ଟ, ସିଦ୍ଧି ରହିବ ଅପୂର୍ଣ୍ଣ।

ଆକୁଳ ହୃଦୟରେ ଜାନକୀ ବିହୁନେ ବ୍ୟାକୁଳ ଶ୍ରୀରାମଚନ୍ଦ୍ର ପଚାରିଲେ– କିଏ ସେ ବ୍ରାହ୍ମଣ ଦେବର୍ଷି? କାହା ଉଦାତ୍ତ କଣ୍ଠର ମନ୍ତ୍ରୋଚ୍ଚାରଣରେ ଏ ସେତୁବନ୍ଧ ହେବ ପୂତ? କାହା ଆଶୀର୍ବାଦରେ ଏ ପ୍ରତିଷ୍ଠା ହେବ ପୂର୍ଣ୍ଣ? ହେ ତ୍ରିକାଳଦର୍ଶୀ! ମତେ ଆଲୋକ ଦେଖାନ୍ତୁ। ପଥ ନିର୍ଦ୍ଦେଶ କରନ୍ତୁ।

ଦେବର୍ଷି ପରାମର୍ଶ ଦେଇଥିଲେ– ଉତ୍ତୁଙ୍ଗ ସାଗର ବକ୍ଷରେ ଏ ସେତୁ ଅକଳ୍ପନୀୟ, ଅଶ୍ରୁତପୂର୍ବ, ଅଦ୍ୱିତୀୟ। ୟା'ର ପ୍ରତିଷ୍ଠା କରନ୍ତୁ ଜଣେ ଅସାମାନ୍ୟ ବ୍ରାହ୍ମଣ।

ପ୍ରହେଳିକା ତ୍ୟାଗ କରନ୍ତୁ ଦେବର୍ଷି– କହିଲେ ଶ୍ରୀରାମ।

ବ୍ରହ୍ମକୁ ଚିହ୍ନିଥିବା ଓ ବ୍ରାହ୍ମଣ୍ୟ ତେଜରେ ଜାଜ୍ୱଲ୍ୟମାନ ଥିବା ସେହି ବ୍ରାହ୍ମଣ ଆପଣଙ୍କ ପରମ ଶତ୍ରୁ, ଯାହାଙ୍କ ନିଧନ ଲାଗି ୟେ ସେତୁର ପ୍ରତିଷ୍ଠା, ସେ ଆଉ କେହି ନୁହନ୍ତି ପ୍ରଭୁ, ସେ ଲଙ୍କେଶ ରାବଣ।

ମନୁଷ୍ୟ ଦେହଧାରୀ ପ୍ରଭୁ ସ୍ତବ୍ଧ ହୋଇଥିବେ ନିଶ୍ଚେ।

ପରମୁହୂର୍ତ୍ତରେ ପ୍ରଜ୍ଞା ତାଙ୍କୁ ପ୍ରେରିତ କରିଥିବ, ପ୍ରତିଷ୍ଠାପୂଜନରେ ପୌରୋହିତ୍ୟ ଉଦ୍ଦେଶ୍ୟରେ ରାବଣଙ୍କୁ ବରଣ କରିବା ଲାଗି।

ତାଙ୍କୁ ଅଧିକ ବିସ୍ମିତ କରିଥିବ, ଯେବେ ରାବଣ ପୌରୋହିତ୍ୟ ବରଣକୁ ଟାଳି ନ ଦେଇ ସାଦର ବରଣ କରିଥିବେ, ସେତୁବନ୍ଧ ପ୍ରତିଷ୍ଠାର ସଂକଳ୍ପ ଧରିଥିବେ, ଯଦିବା ତାଙ୍କୁ ଅବଶ୍ୟ ଜ୍ଞାତ ଥିବ, ସେତୁବନ୍ଧ ପୂଜନର ସଂକଳ୍ପ ତାଙ୍କ ନିଶ୍ଚିତ ମୃତ୍ୟୁର ସଂକଳ୍ପ।

ଅମିତ ଶକ୍ତିଧର ସମ୍ରାଟ ରାବଣ ଥିଲେ ପ୍ରଜାବତ୍ସଳ, ସୁଶାସକ।

କବି ଦର୍ଶାଇଛନ୍ତି, ଲଙ୍କା କଟକ ଛୁଇଁଥିଲା ସମୃଦ୍ଧିର ଚରମ ସୋପାନ। ତହିଁରେ ଭରପୂର ଥିଲା ସ୍ୱାଚ୍ଛନ୍ଦ୍ୟର ପ୍ରାଚୁର୍ଯ୍ୟ। ସ୍ୱର୍ଣ୍ଣିମ ଆଭାରେ ଝଲମଲ ବିଶାଳ ବିଶାଳ ଭବ୍ୟ ପ୍ରାସାଦ ଲଙ୍କାନଗରୀରେ ସଦମ୍ଭ ମଥା ଟେକି ଜାହିର୍ କରୁଥିଲେ ତାଙ୍କ ସ୍ଥିତି, ସୂଚାଉଥିଲେ ଏକ ପୂର୍ଣ୍ଣବିକଶିତ ସମୃଦ୍ଧ ସଭ୍ୟତା। ଲଙ୍କାକଟକର ଅଧିବାସୀ ଜିଉଥିଲେ ପରିପୂର୍ଣ୍ଣ ଜୀବନ ଓ ରାବଣ ତାଙ୍କୁ ନିଶ୍ଚିତ କରୁଥିଲେ ସୁଦୃଢ଼ ନିରାପତ୍ତା। ପ୍ରତିବଦଳରେ ରାଜଭକ୍ତି ହିଁ ଥାଏ ଲଙ୍କାକଟକର ରାଜଧର୍ମ। ଯଥାର୍ଥରେ କବି ଲଙ୍କାନଗରୀକୁ ଦର୍ଶାଇଥିଲେ ସ୍ୱର୍ଣ୍ଣଲଙ୍କା।

କଦାଚିତ ନିଷ୍ଠୁର ରାବଣ ଥିଲେ ଦୟାବନ୍ତ। ଏକଦା, ସ୍ୱର୍ଗ ଭ୍ରମଣ କାଳରେ ନର୍କଦର୍ଶନ ତାଙ୍କୁ ବ୍ୟଥିତ କଲା। କାହିଁକି କେଜାଣି ତାଙ୍କର ମନେହେଲା, ନର୍କରେ ନ୍ୟସ୍ତ କ୍ଷମତାର ଅପବ୍ୟବହାର ଘଟୁଛି। ନିର୍ମମ ଦଣ୍ଡନୀତିର ଅତିବ୍ୟବହାର ଥିଲା ତାଙ୍କ ବ୍ୟଥାର କାରଣ। ସେ ତ୍ୱରିତ ନିର୍ଣ୍ଣୟ ନେଇଥିଲେ, ମାତ୍ରାତିରିକ୍ତ ଦଣ୍ଡନୀତି ଉପରେ ଜାରି କରିବେ କଟକଣା। ମାତ୍ର ପରବର୍ତ୍ତୀ କାଳରେ ସେ ଏହାକୁ କାର୍ଯ୍ୟକାରୀ କରିପାରି ନଥିଲେ, କାଳକ୍ଷେପଣ ନୀତି ହେତୁରୁ ଅବା ପାସୋରି ଦେବା ହେତୁରୁ। ସ୍ୱର୍ଗକୁ ଶିଡ଼ି ନିର୍ମାଣ ସେହିଭଳି ଏକ ଉପାଖ୍ୟାନ, ଯେଉଁଥିପାଇଁ ରାବଣଙ୍କ କାଳକ୍ଷେପଣ ନୀତିକୁ ଦାୟୀ କରାଯାଏ।

ଦୟାବନ୍ତ ରାବଣ ଥିଲେ ବି କ୍ଷମାଶୀଳ।

ସେ ଚାହିଁଥାନ୍ତେ ଯଦି, ରାଜଦ୍ରୋହ ଅପରାଧ ଆରୋପ କରି ବିଭୀଷଣଙ୍କୁ ମୃତ୍ୟୁଦଣ୍ଡ ଦେଇପାରିଥାନ୍ତେ। ନିଷ୍କଣ୍ଟକ ହୋଇଥାନ୍ତେ। ମାତ୍ର ସେଭଳି ଗୁରୁଦଣ୍ଡ ପ୍ରଦାନରୁ ବିରତ ରହି, ଭର୍ତ୍ସନା ମାତ୍ର କରି ସେ ଦେଶରୁ ବହିଷ୍କାର କରିଦେଲେ। ଶତ୍ରୁ ଶ୍ରୀରାମଙ୍କ ଶରଣ ନେବା ସମ୍ବାଦ ପ୍ରାପ୍ତ ହେବା ପରେ ସୁଦ୍ଧା ସେ ପ୍ରତିହିଂସାପରାୟଣ ହୋଇ ନାହାନ୍ତି ଓ ପରିଣତିରେ ବିଭୀଷଣଙ୍କ ପରିବାର ପ୍ରତି ଆକ୍ରୋଶ ପୋଷଣ କରି ନାହାନ୍ତି। ପରିଣତି ହେଲା ସ୍ୱ-ପରାଭବ। ଅବଶେଷରେ ବିଭୀଷଣ ହିଁ ରାବଣଙ୍କ ସବଂଶ ନିଧନର କାରଣ ସାଜିଲେ। ଶ୍ରୀରାମଙ୍କ ନିକଟରେ ରାବଣ ତଥା ରାବଣସୁତ ଇନ୍ଦ୍ରଜିତଙ୍କ ମୃତ୍ୟୁଭେଦର ଗୁମର ଯଦି ସେ ଖୋଲି ନ ଥାନ୍ତେ ରାବଣ ରହିଥା'ନ୍ତେ ଅପରାଜେୟ ଓ ଭିନ୍ନ ମୋଡ଼ ନେଇଥାନ୍ତା ରାମାୟଣ।

ଅବବୋଧଟିଏ ଆସେ ଏଇଠି ଯେ ଅବତାରୀପୁରୁଷ ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମଙ୍କ ଅମୃତହସ୍ତରେ ନିଧନ ଲଭି ରାକ୍ଷସ ଜନ୍ମରୁ ମୁକ୍ତି ଲଭିବାର ଆକୁଳ ଆକାଙ୍କ୍ଷା ହୁଏତ ରାବଣଙ୍କୁ ପ୍ରେରିତ କରିଥିଲା,

ଧର୍ମନିଷ୍ଠ ବିଭୀଷଣଙ୍କୁ ଦେଶାନ୍ତରର ନିର୍ମମ ଆଦେଶ ଶୁଣାଇ ପରୋକ୍ଷରେ ଶ୍ରୀରାମଙ୍କ ଶରଣାଗତିକୁ ଯିବାଲାଗି ପ୍ରୋତ୍ସାହିତ କରିବା । ନଚେତ ତାଙ୍କ ସମେତ ତାଙ୍କ ରାକ୍ଷସ ବଂଶଜଙ୍କ ଲାଗି ମୃତ୍ୟୁରୂପୀ ମୁକ୍ତି ହୋଇଥାନ୍ତା ସୁଦୂରପରାହତ । ସୀତାଙ୍କ ହରଣ ପଶ୍ଚାତରେ ରାବଣଙ୍କର ମହଦାକାଂକ୍ଷା ପ୍ରଚ୍ଛନ୍ନ ଥିବାର ଅବବୋଧ ବି ଆସେ । ଶ୍ରୀରାମ ପ୍ରେରିତ ଦୂତ କୁମାର ଅଙ୍ଗଦଙ୍କ ପ୍ରତି ଅଶାଳୀନ ଆଚରଣ ପ୍ରଦର୍ଶନ କରିଥିଲେ ଯେ ରାବଣ, ହୁଏତ ସେଇ ମହଦାକାଂକ୍ଷାର ପୂର୍ତ୍ତି ଲାଗି । ଶ୍ରୀରାମଙ୍କ କ୍ରୋଧାଗ୍ନିରେ ଅସଣ୍ଟଣାରୂପୀ ଘୃତ ଢାଳି ଅଧିକ ପ୍ରଜ୍ୱଳିତ କରିବା ପଛରେ ରାବଣଙ୍କର ଉଦ୍ଦେଶ୍ୟ ହୁଏତ ତାହା ହିଁ ଥିଲା, ଯଦିଓ ସେ ଜାଣିଥିବେ ଦୂତ କାଳେକାଳେ ରାଜୋଚିତ ସମ୍ମାନ ଓ ଆତିଥ୍ୟର ହକଦାର ।

ମହାଜ୍ଞାନୀ ରାବଣଙ୍କ ଜ୍ଞାନର ଗରିମା ଥିଲା ମହାଶୂନ୍ୟ ପରି ବିସ୍ତୃତ ତଥା ମହାସାଗରବତ୍ ଗଭୀର । ସେ ଥିଲେ ବେଦବିତ୍ ପଣ୍ଡିତ ଓ କବି, ଯାହାଙ୍କ ରଚିତ ଶିବସ୍ତୋତ୍ର ଶିବତାଣ୍ଡବ ରଚନାଟି ଥିଲା ମହାଦେବଙ୍କ ପ୍ରିୟତମ ସ୍ତୁତି । ଶିବଭାବରେ ଭୋଳା, ଶିବପ୍ରେମରେ ଗଦଗଦ, ଛଳଛଳ ବିହ୍ୱଳ ହୃଦୟର ତାହା ଥିଲା ସ୍ୱତଃସ୍ଫୂର୍ତ୍ତ ସ୍ଫୁରଣ, ଯାହାର ତୁଳନା ହୋଇପାରେନା, ତୁଳନା ନାହିଁ । ଭକ୍ତଶିରୋମଣି ରାବଣଙ୍କର ନିର୍ମଳ ଶିବଭକ୍ତିର ଅପାର ପରାକାଷ୍ଠା ତାଙ୍କୁ ହରଗୌରୀଙ୍କ ମାନସପୁତ୍ରର ମାନ୍ୟତା ଦେଇଥିଲା ।

ରାମାୟଣ ବର୍ଣ୍ଣିତ ରାବଣକୃତ ଅନାଚାରର କେତେକ ଦୃଷ୍ଟାନ୍ତ ରାବଣଙ୍କ ପ୍ରତି ଜନମାନସରେ ଅସୂୟା ଜାତ କରାଏ, ଜନମାନସରେ କରାଏ ନିନ୍ଦିତ । ମାତ୍ର କବି କାବ୍ୟଛଳରେ ଦର୍ଶାଇଛନ୍ତି, ପୂର୍ବଜନ୍ମ-ପୁନର୍ଜନ୍ମ-ପରଜନ୍ମ ଆଧାରରେ ଯେ ରାବଣ ପୂର୍ବଜନ୍ମରେ ଥା'ନ୍ତି ବୈକୁଣ୍ଠର ଅନ୍ୟତମ ଦ୍ୱାରପାଳ । ଦିନକର ଅକସ୍ମାତ... ଅନିଚ୍ଛାକୃତ ତ୍ରୁଟି ଲାଗି ମାତା ମହାଲକ୍ଷ୍ମୀଙ୍କ ଅସନ୍ତୋଷ କାରଣରୁ ଶାପଗ୍ରସ୍ତ ହୋଇ ରାକ୍ଷସୀଯୋନିରୁ ଜନ୍ମ ନେଲେ ଦ୍ୱାରୀ, ଭୂମଣ୍ଡଳରେ ନାମିତ ଓ ଖ୍ୟାତ ହେଲେ ରାବଣ ଭାବେ । ଦ୍ୱାରୀ ଅଭିଶାପ ପାଇବା ପରେ ଅବଶ୍ୟ ନିଉଛାଳି ହୋଇଥିବେ ମାତାଙ୍କ ନିକଟରେ, କରୁଣାମୟୀ ମାତା ନିଷ୍ଠୁର ଦଣ୍ଡାଦେଶ ପ୍ରଦାନ ହେତୁରୁ ଅବଶ୍ୟ ହୋଇଥିବେ ଅନୁତପ୍ତା । ମାତ୍ର ତୁଣ୍ଡରୁ ବାହାରି ସାରିଥିବା ଅଭିଶାପ କଦାପି ନୁହଁଇ ଅନ୍ୟଥା ରୀତି ହେତୁରୁ ବୈକୁଣ୍ଠଧାମ ପରିତ୍ୟାଗ କରିବାକୁ ହୋଇଥିବ ଦ୍ୱାରପାଳଙ୍କୁ ।

'ନାରାୟଣଙ୍କ ସ୍ୱହସ୍ତେ ନିଧନ ଶାପମୁକ୍ତିର ମାର୍ଗ'– ଦର୍ଶାଇଥିବେ ଦୟାବତୀ ମାତା ଏହି ମର୍ମରେ ତାଙ୍କର ପ୍ରିୟ ସେବକଙ୍କୁ, କ୍ଷଣିକ କ୍ରୋଧ ବଶରେ ଯାହାଙ୍କୁ ସେ ଦେଇସାରିଥିବେ ଅଭିଶାପ ।

ରାବଣ ଅବଶ୍ୟ ଥିଲେ ଜାତିସ୍ମର । ଅସୁରକୁଳଜାତ ହେତୁ ଅହର୍ନିଶ ଥିଲେ ବ୍ୟଥିତ, ବିଚଳିତ । ଯାବତୀୟ ରାଜସିକ ସୁଖ, ସମ୍ପଦର ପ୍ରାଚୁର୍ଯ୍ୟ, ଅନ୍ତଃପୁରରେ ସୁନ୍ଦରୀ ରାଣୀକୁଳ, ସମର୍ଥ କୁମର, ସମର୍ଥ ଭ୍ରାତା, ସମର୍ଥ ଶାସନ, ଦିଗ୍‌ବିଜୟ ଆଦିରେ ମଜ୍ଜି ରହୁଥିଲେ ସୁଦ୍ଧା ରାବଣଙ୍କ ମନ ପ୍ରାଣ ବ୍ୟାକୁଳ ହେଉଥିଲା ମୁକ୍ତି ଲକ୍ଷ୍ୟରେ ।

ମୁକ୍ତି, ମହାମୁକ୍ତି, ଯାହା ତାଙ୍କ ନିୟତି । କେବେ ମିଳିବ ମୁକ୍ତି? କେମିତି ମିଳିବ ମୁକ୍ତି?

କାହିଁକି, କୋଉଭଳି ପରିସ୍ଥିତିରେ ନାରାୟଣ କରିବେ ଧରାବତରଣ? କରିବେ ପୁଣି ତାଙ୍କୁ ନିଧନ?

ରାବଣଙ୍କ ମାନସପଟରେ ଅହରହ ଉଠୁଥିବ ଏ ପ୍ରଶ୍ନ ।

ମାତା ଲକ୍ଷ୍ମୀଙ୍କ ପଦସେବା ଅବା ତାଙ୍କ ସହ ପଶାଖେଳରେ ମାତି କିମ୍ବା ଦେବର୍ଷିଙ୍କ ବୀଣାବାଦନରେ ଭୋଳ ରହି ଅଥବା ମାତାଙ୍କ ଲଳିତ କଣ୍ଠରୁ ବେଦଗାନ ଶୁଣିବା ଭିତରେ ଅନନ୍ତଶୟନରେ ଶୋଇଗଲେ କି ପ୍ରଭୁ?

ପାସୋରିଦେଲେ କି ତାଙ୍କ ସେବକଙ୍କୁ? ଭକ୍ତଙ୍କୁ? ମାତାପ୍ରଦତ୍ତ ଅଭିଶାପକୁ?

କୋଉ ଉପାୟରେ ପ୍ରଭୁଙ୍କ ନିଦ୍ରା ହବ ଭଙ୍ଗ?

ପ୍ରଭୁ ଜାଣିବେ, ଭକ୍ତଙ୍କ ପ୍ରାର୍ଥନା ତାଙ୍କ ହୃଦ ଭେଦିବ, ସେ 'ତଥାସ୍ତୁ' କହିବେ ମୁକ୍ତିବ୍ୟାକୁଳ ସେବକ ଭକ୍ତଙ୍କୁ?

ରାବଣଙ୍କ ମନରେ ପ୍ରଶ୍ନ ପରେ ପ୍ରଶ୍ନ । ଅଜସ୍ର ଉତ୍କଣ୍ଠା । ଶେଷରେ ସମାଧାନ ମିଳିଯାଇଥିବ । ନିଜ ଅନ୍ତର ତଳୁ । ହୋଇଥିବେ ପ୍ରେରିତ । ପାଞ୍ଚିଥିବେ ଉପାୟ ।

ଲକ୍ଷ୍ୟ ସ୍ଥିର କଲେ, ମନକୁ କଲେ ଦୃଢ଼ ଓ ହୃଦୟକୁ କଠୋର ।

ମହତ୍ତର ଲକ୍ଷ୍ୟ ସାଧନ ଅର୍ଥରେ ସାମୟିକ ଭାବେ ଜଳାଞ୍ଜଳି ଦେଲେ ବିବେକର ଡାକ ଓ ତାଡ଼ନାକୁ । ଯାହା ଅବଶ୍ୟମ୍ଭାବୀ, ତାହାହିଁ ଘଟିଲା ।

ଅନାଚାରର ସ୍ରୋତ ଛୁଟିଲା । ଶିକାର ହେଲେ ବେଦମତୀ ।

ଦେବତା ବନିଲେ ଦାସ । ଆସୁରୀଶକ୍ତି ପାଖେ ଦେବତ୍ୱ ହେଲା ପ୍ରତିହତ । ଲଭିଲା ପରାଭବ । ଦିଗହରା ଦିଗପାଳଗଣଙ୍କ ତ୍ରାହି ତ୍ରାହି ରବରେ ଗୋଲୋକ କମ୍ପିଲା ।

ବ୍ୟାକୁଳ ପ୍ରାର୍ଥନାରେ ବୈକୁଣ୍ଠ ଥରିଲା ।

ସନ୍ତାନଗଣଙ୍କ ଯାତନା ବ୍ୟାକୁଳ କଲା ଜଗଜ୍ଜନନୀଙ୍କୁ ଓ ପ୍ରଭୁଙ୍କ ଯୋଗନିଦ୍ରା ହେଲା ଭଙ୍ଗ ।

ପ୍ରଭୁ ଶୁଣାଇଲେ ନିର୍ଣ୍ଣୟ, ଜଗତକଲ୍ୟାଣ, ଜଗତଉଦ୍ଧାର ଲାଗି ସେ କରିବେ ଧରାବତରଣ ମନୁଷ୍ୟଭାବେ । କୋଶଳ ନରପତି ଦଶରଥଙ୍କ ପୁତ୍ର ଭାବେ । ମାନୁଷୀ ଲୀଳାରେ ଭୋଗିବେ ଅକଥନୀୟ ଯନ୍ତ୍ରଣା । ଯନ୍ତ୍ରଣାର କାରଣ ବନିବେ ରାବଣ । ପ୍ରଭୁ ନିଧନ କରିବେ ସ୍ୱହସ୍ତରେ ଦେବ-ନର-ରିପୁ ଦଶାନନଙ୍କୁ । ଶାପମୁକ୍ତିର ମାର୍ଗ ଦର୍ଶାଇବେ ଅଭିଶପ୍ତ ସେବକଙ୍କୁ ଯାହାଙ୍କୁ ସ୍ୱାଗତ କରିବ ବୈକୁଣ୍ଠ ।

ମୁକ୍ତିକାମୀ ରାବଣଙ୍କ ଅନ୍ତର ମୁକ୍ତିର ସମ୍ଭାବନାରେ ଅବଶ୍ୟ ଆନନ୍ଦାତିଶଯ୍ୟରେ ନୃତ୍ୟ କରିଥିବ । ଜାଣୁଥିବେ, ପ୍ରଭୁ ଜନ୍ମ ନେଲେଣି ଅଯୋଧ୍ୟାରେ ସମ୍ରାଟ ଦଶରଥଙ୍କ ପୁତ୍ର ଭାବେ । ତେଣିକି ଘଟଣା ସବୁ ଘଟିତ ହୋଇ ଚାଲିବ ବିଧିନିର୍ଦ୍ଦିଷ୍ଟ ଭାବରେ ।

ଯୁବରାଜ ଶ୍ରୀରାମ ହେବେ ଆଦର୍ଶ, ନୈତିକତା, ସତ୍ୟ-ଧର୍ମ-ନ୍ୟାୟର ପ୍ରତୀକ । କାଳାନ୍ତରରେ ବନଚାରୀ ହେବେ ପତ୍ନୀ, ଭ୍ରାତାଙ୍କ ସହ । ପିତୃସତ୍ୟ ପାଳନ ବନିବ ମାଧ୍ୟମ । ପୂରଣ ହେବ ବିଧିର ପ୍ରଥମ ଚରଣ ।

ଏବେ ନିଶ୍ଚିତ ଯେ, ରାବଣଙ୍କ ମୁକ୍ତିକାମୀ ଚେତନା କାଳକ୍ରମେ ତାଙ୍କୁ ଅସ୍ଥିର କରିଥିବ । ଚେତନାର ତାଡ଼ନା ତାଙ୍କୁ କରୁଥିବ ଭାରାକ୍ରାନ୍ତ । ଏଇଥିଲାଗି ଯେ, ପୁରୁଷୋତ୍ତମ ଶ୍ରୀରାମ– ଦୟା, କ୍ଷମା, ଶାନ୍ତି ଓ ସହାବସ୍ଥାନର ପ୍ରତୀକ ଯିଏ ଅପୂର୍ବ ସଙ୍ଗମ, ସିଏ ସୁଦୂର ପଞ୍ଚବଟୀ ଅରଣ୍ୟମୂଳକରୁ ଦରିଆପାରି ସମୃଦ୍ଧ ନଗରଟିଏକୁ ଶତ୍ରୁଭାବ ନେଇ ଆସିବେ କାହିଁକି?

ଏ ପ୍ରଶ୍ନ ମନରେ ଉଠିଥିବ ତ, ବେଶିବେଶି ବ୍ୟାକୁଳ ହୋଇଥିବେ ଦଶାନନ ।

ମୁକ୍ତି କ'ଣ ତାଙ୍କ ଲାଗି ଦିବାସ୍ୱପ୍ନ ହେଇ ରହିଯିବ?

ବନିଯିବ ପ୍ରହେଳିକା?

ଏ ପ୍ରଶ୍ନର ଉତ୍ତର ଅବଶ୍ୟ ଖୋଜିଥିବେ ରାବଣ । ମିଳିଯାଇଥିବ ବି ।

'ଶ୍ରୀରାମଙ୍କ ଅମୃତ ହସ୍ତରେ ନିଧନ ଯୋଗ'– ଏଇଭଳି ମହଦାକାଂକ୍ଷା ପୋଷଣ ହେତୁ ସୀତାହରଣ ନାଟକର ହୋଇଥିବ ସୂତ୍ରପାତ । ସହାୟକ ହେଲେ ତାନ୍ତ୍ରିକ ମାରୀଚ । ସ୍ୱର୍ଣ୍ଣମୃଗର ପ୍ରହେଳିକା ସୃଷ୍ଟି କଲେ । ଛଳ କୌଶଳରେ ସୀତା ହେଲେ ରାବଣ କର୍ତ୍ତୃକ ଅପହୃତା । ବାଧା ଦେଇ ନିହତ ହେଲେ ଜଟାୟୁ ।

ଜାନକୀ ବିହୁନେ ଅଧୀର ହେଲେ ଶ୍ରୀରାମ ।

ସାଗର ଲଘିଂ ଲଙ୍କାଗଡ଼ରେ ଅନୁପ୍ରବେଶିଲେ ହନୁମାନ ।

ଅଶୋକବନରେ ଠାବ ହେଲେ ସୀତା ମାତା ।

ରାମଦୂତ ଅଙ୍ଗଦ କୁମାର ରାବଣଙ୍କ ଦରବାରରୁ ଅପମାନ ପାଇ ଫେରିଲେ । ବିଭୀଷଣ ନେଲେ ଶ୍ରୀରାମଙ୍କ ଶରଣ । ବାଜିଲା ରଣଦୁନ୍ଦୁଭି । ସମୁଦ୍ରରେ ବନ୍ଧାଗଲା ସେତୁ । ରାବଣ କଲେ ପ୍ରତିଷ୍ଠା । ଜଗତ ଚାକ୍ଷୁଷ କଲା ଅସମ୍ଭବକୁ ସମ୍ଭବ ହେବାର ସଫଳତା । ଚାକ୍ଷୁଷ କଲା ବି ନର-ବାନର-ଭଲ୍ଲୁକର ମିଳିତ ସେନା ଓ ଉଲ୍ଲସିତ ହେଲା ।

ଉଲ୍ଲସିତ ହୋଇଥିବେ ବି ରାବଣ । ନୃତ୍ୟ କରିଥିବ ତାଙ୍କ ମୁକ୍ତିକାମୀ ମନ । ଆସିଗଲା, ଆସିଗଲା ସେଇ ସୁଦିନ । ମୁକ୍ତିର ବେଳା, ମାହେନ୍ଦ୍ର ବେଳା । ସୁଦୀର୍ଘ ପ୍ରତୀକ୍ଷାର ଅନ୍ତ ହେବାର ବେଳା ।

ଶ୍ରୀରାମଙ୍କ ସହ ଯୁଦ୍ଧରେ ନିହତ ହେବା ମୁକ୍ତିର ମାର୍ଗ । ଏଇ ମାର୍ଗରେ ମାର୍ଗଦର୍ଶକ ସାଜିଲେ ରାବଣ ସ୍ୱବଂଶ ପାଇଁ । ସ୍ୱୟଂ ଲଭିବା ଆଗରୁ ମୁକ୍ତି, ସ୍ୱଜନଙ୍କୁ ଦର୍ଶାଇଲେ ମୁକ୍ତିପଥ ଓ ବାଟ କଢ଼ାଇନେଲେ । ସର୍ବଶେଷ ପଥିକ ବନିଲେ ମୁକ୍ତିପଥରେ ରାବଣ । ଶ୍ରୀରାମଙ୍କ ବ୍ରହ୍ମଶର ତାଙ୍କ ନାଭିଭେଦ କଲା, ସ୍ଥୂଳ ଶରୀର ଭୂପତିତ ହେଲା । ଆହତ ରାବଣଙ୍କ ଆଖିରେ ଆନନ୍ଦାଶ୍ରୁ । ଅପଲକ ଦୃଷ୍ଟି ନିବଦ୍ଧ କେବଳ ପ୍ରଭୁଙ୍କ ଉପରେ ।

କବି ଦର୍ଶାଇଲେ, ମରଣ କ୍ଷଣରେ ରାବଣଙ୍କଠାରୁ ଅନୁଜ ଲକ୍ଷ୍ମଣଙ୍କ ମାଧ୍ୟମରେ ଶ୍ରୀରାମ, ସମ୍ରାଟ ରାବଣଙ୍କ ପାଖରୁ ଶିକ୍ଷା କଲେ ରାଜନୀତି, ରାଷ୍ଟ୍ରନୀତି, ଧର୍ମନୀତି ।

ଶୋକଜର୍ଜରିତ ଶ୍ରୀରାମ ଅନୁଜ ଲକ୍ଷ୍ମଣଙ୍କୁ କହିଥିଲେ– ରେ ବାବୁ! ମତେ ଧିକ୍ । ମୋ'ରି ହସ୍ତରେ ନିଧନ ଲଭିଲେ ଜଣେ ତେଜସ୍ୱୀ ବ୍ରାହ୍ମଣ ଯିଏ ସେତୁବନ୍ଧ ପ୍ରତିଷ୍ଠାରେ ପୌରୋହିତ୍ୟ କରିଥିଲେ । ନିଶ୍ଚିତ ନିଧନର ପଦପାତ ଶୁଣି ସୁଦ୍ଧା ସେତୁବନ୍ଧ ପ୍ରତିଷ୍ଠାରେ ସଂକଳ୍ପ ଧରିଥିଲେ ଓ ଆଶୀର୍ବାଦ କରିଥିଲେ "ଯଜମାନଙ୍କ ଅଭୀଷ୍ଟ ସିଦ୍ଧି ହେଉ' ରେ ଲକ୍ଷ୍ମଣ! ମୁଁ ବ୍ରହ୍ମ ହତ୍ୟା କଲି । ବାଳିବଧଠାରୁ ଅଧିକ ବ୍ରହ୍ମବଧ ଦୋଷର କଳଙ୍କ ମୋ ହୃଦୟକୁ ମଳି ଦେଉଛି । ପ୍ରାଣ ସନ୍ତୁଳି ହେଉଛି, ବିବେକ ଦଂଶନ କରୁଛି, ମତେ ଧିକ୍ ।

ଶୋକଜର୍ଜରିତ ଶ୍ରୀରାମ ତତ୍ପର ହୋଇ ରାବଣଙ୍କ ପତିତ ଶରୀରରେ ସଞ୍ଚାଳନ କଲେ ତାଙ୍କ ଅମୃତ ହସ୍ତ । ସେ ପରଶରେ ଉଲ୍ଲସିତ ତଥା ଆହ୍ଲାଦିତ ରାବଣ ଜଣେ ସଦ୍‌ଗୁରୁ ସମ ତାଙ୍କ ମାଧ୍ୟମରେ ଜଗତକୁ ଦେଲେ ତିନିଟି ମହାର୍ହ ଉପଦେଶ–

ସାମାନ୍ୟତମ ଗୃହଶତ୍ରୁ ପ୍ରବଳତମ ବହିଃଶତ୍ରୁଠାରୁ ଅଧିକ ପ୍ରବଳ, ସବଳ ଓ ପ୍ରାଣଘାତକ ।

ଆସନ୍ତାକାଲିର କାର୍ଯ୍ୟ ଆଜି, ଆଜିର କାର୍ଯ୍ୟ ଏଇ ମୁହୂର୍ତ୍ତରେ ସମ୍ପାଦିତ କରିବା ସଫଳ ମନୁଷ୍ୟର କର୍ତ୍ତବ୍ୟ ତଥା ସଫଳତାର ଚାବିକାଠି ।

ଦେହଭୋଗର ଅନୁଚିତ ଲାଳସା, ପରନାରୀ ପ୍ରତି ଆସକ୍ତିଭାବ ଓ ମୋହଗ୍ରସ୍ତ ଅଭୀପ୍ସା, ଧର୍ମନୀତି-ରାଷ୍ଟ୍ରନୀତି-ରାଜନୀତିର ବାଧକ ।

ଶିକ୍ଷାଦାନ ପରେ ଗୁରୁ ତାଙ୍କ ନିର୍ନିମେଷ ନୟନ ଅବଶ୍ୟ ନିବଦ୍ଧ କରିଦେଇଥିବେ ଶିଷ୍ୟଙ୍କ ଠାରେ । ସେ ନୟନରୁ ଝରି ଚାଲୁଥିବ ଅବାରିତ ଆନନ୍ଦାଶ୍ରୁ । ଥରି ଉଠିଥିବ ଓଠ ଓ ଓଠରୁ ସ୍ଫୁରିଥିବ, ହେ ରାମ! ଯୋଡ଼ହସ୍ତ ହେଇଥିବେ, ମନାସିଥିବେ ମୁକ୍ତିର ଭିକ୍ଷା, କ୍ରମେ ବୁଜି ହୋଇ ଯାଇଥିବ ଆଖି ଓ ଆତ୍ମାପକ୍ଷୀ ପରମ ଉଲ୍ଲାସରେ ପରମଧାମ ଉଦ୍ଦେଶ୍ୟରେ ଆରମ୍ଭ କରିଥିବ ଉର୍ଦ୍ଧ୍ୱଉଡ଼ାଣ ।

ଏମିତି ହିଁ ଅନ୍ତ ଘଟିଥିବ ଜଣେ ଭକ୍ତର । ଜନମାନସରେ ଜଣେ ଖଳନାୟକର । ମାତ୍ର କହିହେବ ନାହିଁ କି– ହେ ନାୟକ! ତୁମକୁ ଆମର ଶତକୋଟି ନମସ୍କାର!

ପରିଶେଷରେ; ରାମାୟଣର ଶ୍ରେଷ୍ଠ ଚରିତ୍ର ବିବଦମାନ । ଅବତାରୀ ପୁରୁଷ ପୁରୁଷୋତ୍ତମ ଶ୍ରୀରାମ ଓ ବିଶ୍ୱନିୟନ୍ତା ପ୍ରଭୁ ଶ୍ରୀବିଷ୍ଣୁଙ୍କର ଧରାବତରଣ, ତେଣୁ ସକଳ ଶ୍ରେଷ୍ଠତାର ଉର୍ଦ୍ଧ୍ୱରେ ।

ଏହି ପରିପ୍ରେକ୍ଷୀରେ, କେହି କେହି ଆଲୋଚକ ସୁମିତ୍ରାନନ୍ଦନ ସର୍ବଶୁଭ୍ର ଲକ୍ଷ୍ମଣଙ୍କୁ ରାମାୟଣର ଶ୍ରେଷ୍ଠ ସାଧକ ତଥା ଶ୍ରେଷ୍ଠ ଚରିତ୍ର ଭାବେ ଚିତ୍ରଣ କରିଛନ୍ତି । କେହି ପୁଣି ଶ୍ରୀରାମାନୁଜ କୈକେୟୀସୁତ ଭରତଙ୍କୁ ।

କେହି ମାତା ସୀତାଙ୍କୁ ତ– କବିଗୁରୁ ରବୀନ୍ଦ୍ରନାଥ ତାଙ୍କ ରଚିତ 'ଉପେକ୍ଷିତା'ରେ ଏବଂ ହିନ୍ଦୀ ଭାଷାର ବିଦ୍ୱାନ୍ ଓ ବିଶିଷ୍ଟ କବି ମୈଥିଳି ଶରଣ ଗୁପ୍ତ ତାଙ୍କ 'ସାକେତ' କାବ୍ୟରେ– ସୌମିତ୍ରବଧୂ ଉର୍ମିଳାଙ୍କୁ ରାମାୟଣର ଶ୍ରେଷ୍ଠ ଚରିତ୍ର ଦର୍ଶାଇଛନ୍ତି ।

ତେବେ, ରାବଣଙ୍କ ଚରିତ୍ରର ପୁଙ୍ଖାନୁପୁଙ୍ଖ ତର୍ଜମା ତଥା ସୂକ୍ଷ୍ମ ଅନୁଶୀଳନ କରିବା ବେଳେ ମହାକାବ୍ୟ ରାମାୟଣର ମହାଖଳନାୟକ ରାବଣଙ୍କୁ ମଧ୍ୟ ଚରିତ୍ରଚିତ୍ରଣ ମାନଦଣ୍ଡରେ ଶ୍ରେଷ୍ଠତା ପ୍ରଦାନ କରାଯାଇପାରେ । ■■■

ଫ୍ଲାଟ୍ ନଂ-ଡି/୫, କାଲ୍‌ଭିକ୍ ଓଁକାରା ମ୍ୟାନ୍‌ସନ୍, ନୀଳକଣ୍ଠ ନଗର,

ନୂଆପଲ୍ଲୀ, ଭୁବନେଶ୍ୱର-୭୫୧୦୧୨

ସରଳ, ସୁନ୍ଦର, ପ୍ରାଞ୍ଜଳ, ପୁରାଣ ସୁଲଭ ଭାଷା ଓ ସାଙ୍ଗିତିକତା ଯୋଗୁଁ ପୁରାଣମାନ ସର୍ବଜନାଦୃତ । ଏଥିରେ ଓଡ଼ିଆ ଭାଷାର ଓ ସାହିତ୍ୟର ଅନାବିଳ ପ୍ରତିଚ୍ଛବି ପ୍ରତିବିମ୍ବିତ ଏବଂ ଓଡ଼ିଶାର ସାମାଜିକ ଚିତ୍ର ଚିତ୍ରିତ । ଓଡ଼ିଆ ଭାଷା, ସାହିତ୍ୟ, ସମାଜ, ଧର୍ମ, ସଂସ୍କୃତି, ବିଚାର, ସଂସ୍କାର, ଭକ୍ତି, ଆଧ୍ୟାତ୍ମିକତା, ପୂଜାବିଧି, ଚଳଣି, ବ୍ରତପାଳନ, ଆଖ୍ୟାୟିକା, ଉପଦେଶ ଆଦିରେ ଭରପୂର ଓଡ଼ିଆ ପୁରାଣ ସାହିତ୍ୟ । ଏହା ସତ୍ତ୍ୱେ ଓଡ଼ିଆ ପୁରାଣର ଅଭାବ ମଧ୍ୟ ଅଛି । ଅପ୍ରକାଶିତ ହୋଇ ବି ରହିଛି । ଉତ୍କଳ ବିଶ୍ୱବିଦ୍ୟାଳୟ, ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ଓ ବିଭିନ୍ନ ଗ୍ରନ୍ଥାଗାର ବ୍ୟତୀତ ଓଡ଼ିଶାର ପୁରପଲ୍ଲୀରେ ବହୁ ପୁରାଣ ସାହିତ୍ୟ ଅପ୍ରକାଶିତ ଅବସ୍ଥାରେ ରହିଛି । 'ବୌଦ୍ଧ ପୁରାଣ' ଏକ ବିରାଟ ଓ ଅପ୍ରକାଶିତ ପୁରାଣ ।

ଲୋକନାଥ ସାହୁ

ତୁଳନାତ୍ମକ ସାହିତ୍ୟରେ ଗବେଷଣା ସନ୍ଦର୍ଭ, ଗଳ୍ପ, କବିତା ଓ ପ୍ରବନ୍ଧ ପ୍ରକାଶିତ । ଓଡ଼ିଆ ଭାଷାସାହିତ୍ୟର ପ୍ରଚାର ପ୍ରସାରରେ ଆଗ୍ରହୀ ।

ଶାସ୍ତ୍ରାନୁକ୍ରମରେ ଓଡ଼ିଆ ପୁରାଣ ସାହିତ୍ୟ

ପବିତ୍ର ଭାରତବର୍ଷ ଓ ଭାରତୀୟ ସଂସ୍କୃତି ଅତି ପ୍ରାଚୀନ, ମହନୀୟ ଓ ମହାନ୍ । ଏହାର ଶାସ୍ତ୍ରମାନ ଶୁଦ୍ଧ, ସିଦ୍ଧ, ପବିତ୍ର ଓ ଆର୍ଷ ସାହିତ୍ୟର ଅନୁରୂପ । ଭାରତୀୟ ହିନ୍ଦୁ ଧର୍ମଗ୍ରନ୍ଥ ଓ ଶାସ୍ତ୍ର ସମୂହ ଅନେକ ସିଦ୍ଧ ମୁନିଋଷିଙ୍କ ଦ୍ୱାରା ଅଲୌକିକ ଶକ୍ତି ବଳରେ ହୋଇଛି ଲିପିବଦ୍ଧ । ଶାସ୍ତ୍ରଗୁଡ଼ିକର ଅନୁଧ୍ୟାନ କଲେ ଏକ ସୁସ୍ଥ, ସୁନ୍ଦର, ଆଧ୍ୟାତ୍ମିକ ବାତାବରଣର ଅଧ୍ୟୟନ ଏବଂ ଚଉବର୍ଗ ଫଳପ୍ରାପ୍ତି ଓ ଲକ୍ଷ୍ୟସ୍ଥଳ ନିର୍ଣ୍ଣୟ ନିମିତ୍ତ ମାନବ ସମାଜକୁ ଦେଇଥାଏ ଦିଗ୍‌ଦର୍ଶନ ।

ବେଦ-ସ୍ମୃତି-ପୁରାଣ-ଦର୍ଶନ-ତନ୍ତ୍ର-ଗ୍ରନ୍ଥ-ସୂତ୍ର ଆଦି (ଶାସ୍-ତ୍ର)ମାନ ଅଥବା ପ୍ରାଚୀନ ସଂସ୍କୃତ ଗ୍ରନ୍ଥ ବା ଧର୍ମଗ୍ରନ୍ଥ, ବିଧାନ-ନିର୍ଦ୍ଦେଶ ବା ବିଦ୍ୟା ଅବା ବିଜ୍ଞାନ ବିଷୟକ ଗ୍ରନ୍ଥକୁ ହିଁ ପୁରାଣ ବୁଝାଇଥାଏ । ବିଶ୍ୱ ସମୁଦାୟକୁ ଭାରତୀୟ ସଂସ୍କୃତି ଏଭଳି ଏକ ଏକ ଅଦ୍ୱିତୀୟ ଗ୍ରନ୍ଥ ସମୟସମୟରେ ଭେଟି ଦେଇଥାଏ, ଯାହାର ଜ୍ଞାନ ଏବଂ ଯେଉଁଥିରୁ ନିଃସୃତ ଚିନ୍ତନ ଅନେକଙ୍କ ପାଇଁ ଅନ୍ଧକାର ପଥରେ ଗୋଟିଏ ଗୋଟିଏ ଆଲୋକ ବର୍ତ୍ତିକା । ଏହି ଗ୍ରନ୍ଥସମୂହ ଭାରତର ପବିତ୍ର ଭୂମିର ଅନୁପମ ସୌଭାଗ୍ୟ ।

ଆଗମ ଓ ନିଗମ ହେଉଛି ଭାରତୀୟ ଆର୍ଷ ସାହିତ୍ୟର ଦୁଇଟି ଧାରା । ଯେଉଁ ସାହିତ୍ୟର ଉତ୍ପତ୍ତି ସ୍ୱୟଂ ଦେବଶକ୍ତିମାନଙ୍କ ଦ୍ୱାରା ଅଥବା ଭଗବାନଙ୍କ ମୁଖରୁ ଉଦ୍‌ଘୋଷିତ, ତାହାକୁ ଆଗମ ସାହିତ୍ୟ ବୋଲାଯାଏ । ଭଗବାନ ଶିବଙ୍କ ମୁଖରୁ ନିଃସୃତ ତନ୍ତ୍ରଶାସ୍ତ୍ର ହେଉଛି ଏହି ଶ୍ରେଣୀର । ଦ୍ୱିତୀୟ ଧାରାଟି ହେଉଛି ନିଗମ ସାହିତ୍ୟ, ଯାହା ଭଗବାନଙ୍କ ନିର୍ଦ୍ଦେଶରେ ମୁନିଋଷିମାନଙ୍କ ଦ୍ୱାରା ହୋଇଛି ଲିପିବଦ୍ଧ । ଶ୍ରୁତି ତଥା ବେଦ ହେଉଛି ଏହି ପର୍ଯ୍ୟାୟର ।

ବିଶେଷତଃ ଶାସ୍ତ୍ରଗୁଡ଼ିକ ଦୁଇ ଭାଗରେ ବିଭକ୍ତ । ପ୍ରଥମଟି ହେଉଛି ଶ୍ରୁତି । ଭଗବାନଙ୍କ ନିର୍ଦ୍ଦେଶରେ ମୁନିଋଷିଙ୍କ ଦ୍ୱାରା ଏଗୁଡ଼ିକ ଲିଖିତ । ଦ୍ୱିତୀୟଟି ହେଉଛି ସ୍ମୃତି । ମାନବ ସମାଜର ନୀତି, ନିୟମ, ସାଧନା, ଅବତାର ବର୍ଣ୍ଣନା, ଦେବତାଙ୍କ ଜନ୍ମ ଓ ଜୀବନୀ ଏଥିରେ ବର୍ଣ୍ଣିତ ।

ଶ୍ରୁତି ତିନିଟି ଗ୍ରନ୍ଥକୁ ନେଇ ରଚିତ । ବେଦ, ଉପବେଦ, ଗୀତା । ବେଦ ହେଉଛି ବିଶ୍ୱର ପ୍ରଥମ ଧର୍ମଗ୍ରନ୍ଥ । ଶୁଣିଶୁଣି ମନେ ରଖୁଥିବାରୁ ଏହାର ଅନ୍ୟନାମ ହେଉଛି ଶ୍ରୁତି । ଯେବେ ଲିଖିତ ହେଲା ତାହା ଦେବନାଗରୀ ଲିପି (ସଂସ୍କୃତ)ରେ ଲିପିବଦ୍ଧ । ଋଷି ବେଦବ୍ୟାସ ବେଦକୁ ଚାରିଭାଗରେ ବିଭକ୍ତ କରିଛନ୍ତି ।

୧ । ଋଗ୍‌ବେଦ – ଯାହା ୧୦ଟି ମଣ୍ଡଳ ଆଠ ଅଷ୍ଟକ ଷୋଳ ଅଧ୍ୟାୟ ଅନ୍ତର୍ଗତ ୧୦୨୮ ଶ୍ଳୋକ ବା ସ୍ତୋତ୍ର ଓ ୧୦,୬୦୦ ପଦକୁ ନେଇ ସୃଷ୍ଟ ।

ଏହାର ୨୧ଟି ଶାଖା ମଧ୍ୟରୁ ୫ଟି ଶାଖାର ପରମ୍ପରା ଏବେ ବିଦ୍ୟମାନ। ସେଗୁଡ଼ିକ ହେଉଛି ଶାକଳ, ବାଷ୍କଳ, ଶାଙ୍ଖାୟନ, ଆଶ୍ୱଳାୟନ ଓ ମାଣ୍ଡୂକାୟନ। ଏଥିରେ ଅଗ୍ନି ଦେବଙ୍କର ସ୍ତୁତି ରହିଛି। ଏହାର ମୁଖ୍ୟ ଋଷି ହେଉଛନ୍ତି ପୈଳ। ଶ୍ରୌତସୂତ୍ର, ଗୃହ୍ୟସୂତ୍ର, ଧର୍ମସୂତ୍ର, ଶୁଲଭ୍ସୂତ୍ର ଆଦି ୪ ପ୍ରକାରର କଳ୍ପସୂତ୍ର ବିଷୟରେ ଏଥିରେ ଆଲୋକପାତ କରାଯାଇଛି।

୨। ଯଜୁର୍ବେଦ – ଏଥିରେ ଥିବା ମନ୍ତ୍ରଗୁଡ଼ିକ ଋଗ୍‌ବେଦରୁ ଉଦ୍ଧୃତ। ଏଥିରେ ଯଜ୍ଞ ସମ୍ବନ୍ଧୀୟ ମନ୍ତ୍ର, ସଂସ୍କାର ବିଷୟ ସ୍ଥାନିତ ହୋଇଛି। ଏହାର ୧୦୧ ଶାଖା ମଧ୍ୟରୁ ୬ଟି ଶାଖା ଉପଲବ୍ଧ। ମାଧ୍ୟନ୍ଦିନ, କାଣ୍ୱ, ତୈତ୍ତିରୀୟ, ମୈତ୍ରାୟଣୀ, କଠ, କପିଷ୍ଠଳ ଆଦି। ଏହାର ମୁଖ୍ୟ ଦେବତା ବାୟୁ। ପ୍ରମୁଖ ଋଷି ହେଉଛନ୍ତି ବୈଶମ୍ପାୟନ। ଏହାର ମୋଟ ମନ୍ତ୍ର ସଂଖ୍ୟା ୪୦୬୧। ଏହା ପୁଣି କୃଷ୍ଣ ଯଜୁର୍ବେଦ ଓ ଶୁକ୍ଳ ଯଜୁର୍ବେଦ ଭାବରେ ଦୁଇ ଭାଗରେ ବିଭକ୍ତ।

୩। ସାମବେଦ – ଏଥିରେ ଥିବା ୧୫୪୯ଟି ମନ୍ତ୍ର ମଧ୍ୟରୁ ୧୪୭୧ଟି ମନ୍ତ୍ର ଋଗ୍‌ବେଦରୁ ଆନୀତ। ଏଥିରେ ମନ୍ତ୍ରର ଉଚ୍ଚାରଣ ବିଧି ଓ ପୂଜାପଦ୍ଧତି ବର୍ଣ୍ଣିତ। ଏହାର ୧୦୦୦ ଶାଖା ମଧ୍ୟରୁ ୩ଟି ଉପଲବ୍ଧ। କୌଥୁମୀୟ, ରାଣାୟନୀୟ ଓ ଜୈମିନୀୟ। ଏହାର ମୁଖ୍ୟ ଦେବତା ସୂର୍ଯ୍ୟ ଓ ପ୍ରମୁଖ ଋଷି ହେଉଛନ୍ତି ଜୈମିନି।

୪। ଅଥର୍ବବେଦ – ଏଥିରେ ୬୦୦୦ ପଦକୁ ୭୨୦ଟି କବିତା ମାଧ୍ୟମରେ ଅଥର୍ବ ଓ ଅଙ୍ଗିରା ଋଷିଙ୍କ ଦ୍ୱାରା ରଚିତ। ଏଥିରେ ବୃକ୍ଷଲତା ଓ ଜଳର ଆରୋଗ୍ୟ କରିବାର ଚମତ୍କାରିତା ଉପରେ ବର୍ଣ୍ଣିତ। ଏହାର ୯ଟି ଶାଖା ମଧ୍ୟରୁ ୨ଟି ଉପଲବ୍ଧ। ତାହା ହେଉଛି ପିପ୍ପଲାଦ ଓ ଶୌନକ। ଏହାର ମୁଖ୍ୟ ଦେବତା ସୋମ ଓ ପ୍ରମୁଖ ଋଷି ହେଉଛନ୍ତି ସୁମନ୍ତୁ।

ପ୍ରତିଟି ବେଦ ବିଷୟବସ୍ତୁ ଅନୁସାରେ ୪ଟି ଭାଗରେ ବିଭକ୍ତ। ଯଥା– ସଂହିତା, ବ୍ରାହ୍ମଣ, ଆରଣ୍ୟକ ଓ ଉପନିଷଦ। ଚାରିପ୍ରକାର ବେଦ ଗ୍ରନ୍ଥରେ ମୋଟ ୧୦୮ ଟି ଉପନିଷଦ ରହିଛି। ଈଷାବାଶ୍ୟ, କେନ, କଠ, ଐତେରୀୟ, ପ୍ରଶ୍ନ, ବୃହଦାରଣ୍ୟକ, ମଣ୍ଡୁକ୍ୟ, ତୈତ୍ତରୀୟ, ଛାନ୍ଦୋଗ୍ୟ, ମୁଣ୍ଡକ, କୌଶିତକୀ, ମୈତ୍ରୟିନୀ ଓ ଶ୍ୱେତସ୍ୱର୍ଥ ହେଉଛି ମୁଖ୍ୟ ଉପନିଷଦ। ବେଦର ବିଷୟବସ୍ତୁ ହେଉଛି କର୍ମକାଣ୍ଡ– ଯାହା କ୍ରିୟା ପଦ୍ଧତି ବା ସଂସ୍କାର ପ୍ରଣାଳୀ, ଉପାସନା କାଣ୍ଡ– ପୂଜା ପଦ୍ଧତି ଓ ଜ୍ଞାନକାଣ୍ଡ– ଯାହା ବ୍ରହ୍ମ ବିଷୟରେ ଜ୍ଞାତ ହେବା ଆଦି ବର୍ଣ୍ଣିତ।

ଚାରିଟି ବେଦର ଚାରି ପ୍ରକାର ଉପବେଦ ରହିଛି। ଋଗ୍‌ବେଦର ଉପବେଦ ହେଉଛି ଅର୍ଥବେଦ ବା ଅର୍ଥଶାସ୍ତ୍ର। ଏଥିରେ ଅର୍ଥନୀତି, ଶାସନ ପଦ୍ଧତି ଓ ରାଜନୀତି ତତ୍ତ୍ୱ ବର୍ଣ୍ଣିତ। ସାମ ବେଦର ଉପବେଦ ଗନ୍ଧର୍ବ ବେଦ। ଏଥିରେ କଳା ସଙ୍ଗୀତ ଓ କାମସୂତ୍ର ଇତ୍ୟାଦି ଆଲୋଚିତ। ଯଜୁର୍ବେଦର ଉପବେଦ ଧନୁର୍ବେଦ। ଏହା ଯୁଦ୍ଧ କୌଶଳ ଓ କଳା ଉପରେ ବର୍ଣ୍ଣିତ। ଅଥର୍ବ ବେଦର ଉପବେଦ ଆୟୁର୍ବେଦ। ଏହା ସ୍ୱାସ୍ଥ୍ୟ ଓ ଜୀବନ ଚର୍ଯ୍ୟା ଉପରେ ଆଧାରିତ।

ବେଦର ଭାଷା କ୍ଲିଷ୍ଟ ସଂସ୍କୃତ ଭାଷା ହୋଇଥିବାରୁ ଏହାକୁ ଜନମାନସରେ ସହଜ ଓ ସରଳ ବ୍ୟାଖ୍ୟା କରିବା ପାଇଁ ବେଦାଙ୍ଗର ଉତ୍ପତ୍ତି। ଏଣୁ ବେଦାଙ୍ଗ ୬ ପ୍ରକାରର। ନିରୁକ୍ତ, ବ୍ୟାକରଣ, ଶିକ୍ଷା, ଛନ୍ଦ, ଜ୍ୟୋତିଷ ଓ କଳ୍ପ। ଏଗୁଡ଼ିକରେ ବେଦର ପ୍ରତି ଶବ୍ଦର ଅର୍ଥ, ବ୍ୟାକରଣ, ଉଚ୍ଚାରଣ ପଦ୍ଧତି, ସ୍ୱର, ଗ୍ରହ ନକ୍ଷତ୍ରର ଅବସ୍ଥିତି ଓ ହୋମ ଯଜ୍ଞ ବିଧିର ବିବରଣୀ ବର୍ଣ୍ଣିତ।

ଶ୍ରୁତି ଅନ୍ତର୍ଗତ ତୃତୀୟ ଶାସ୍ତ୍ର ହେଲା ଶ୍ରୀମଦ୍ ଭଗବତ୍ ଗୀତା। ଏହାର ବିଷୟବସ୍ତୁ ୫ଟି ସତ୍ୟ ଉପରେ ଆଧାରିତ। ଯଥା ଈଶ୍ୱର, ଜୀବ, ପ୍ରକୃତି, କର୍ମ ଓ କାଳ। ଏହାର ସମସ୍ତ ବିଷୟବସ୍ତୁକୁ ୧୮ଟି ଅଧ୍ୟାୟରେ ତଥା ପ୍ରଥମ ଅଧ୍ୟାୟରୁ ଷଷ୍ଠ ଅଧ୍ୟାୟ ପର୍ଯ୍ୟନ୍ତ କର୍ମ ଯୋଗ, ସପ୍ତମରୁ ଦ୍ୱାଦଶ ଯାଏ ଭକ୍ତିଯୋଗ ଏବଂ ତ୍ରୟୋଦଶରୁ ଅଷ୍ଟାଦଶ ଅଧ୍ୟାୟ ପର୍ଯ୍ୟନ୍ତ ଜ୍ଞାନ ଯୋଗର ଅବତାରଣା କରାଯାଇଛି।

ସ୍ମୃତି ଅନ୍ତର୍ଗତ ୫ ପ୍ରକାରର ହିନ୍ଦୁ ଧର୍ମଗ୍ରନ୍ଥ ହୋଇଛି ଆଲୋଚିତ। ଯଥା– ଇତିହାସ, ପୁରାଣ, ଧର୍ମଶାସ୍ତ୍ର, ଆଗମ ଓ ଦର୍ଶନ ଶାସ୍ତ୍ର। ଇତିହାସରେ ହିନ୍ଦୁଧର୍ମର ପ୍ରଥା ଓ ବିବରଣ ଗୀତ ଆକାରରେ ସଂସ୍କୃତ ଭାଷାରେ ଲିଖିତ। ୪ଟି ଧର୍ମଗ୍ରନ୍ଥକୁ ଇତିହାସ ବୋଲାଯାଏ। ସେଗୁଡ଼ିକ ହେଉଛି ବାଲ୍ମୀକି ରାମାୟଣ, ବ୍ୟାସ ମହାଭାରତ, ଯୋଗ ବଶିଷ୍ଠ ଓ ହରିବଂଶ।

ମନୁସ୍ମୃତିକୁ ଧର୍ମଶାସ୍ତ୍ର କୁହାଯାଏ। ମନୁ ହେଉଛନ୍ତି ବ୍ରହ୍ମାଙ୍କର ମାନସ ପୁତ୍ର ଓ ମାନବ ସମାଜର ଜନକ। ଏଥିରେ ସୃଷ୍ଟିତତ୍ତ୍ୱ, ମାନବଙ୍କ ପାଇଁ ନିୟମାବଳୀ, କର୍ମାନୁସାରେ ୪ ଜାତି– ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ରଙ୍କର ଧର୍ମ ଓ କର୍ମ ଏବଂ କର୍ମଫଳ ବର୍ଣ୍ଣିତ।

ଆଗମ ଶାସ୍ତ୍ରରେ ମୂର୍ତ୍ତି ଗଠନ ଓ ମୂର୍ତ୍ତି ପୂଜା, ଯଜ୍ଞବିଧି ବର୍ଣ୍ଣିତ। ଶୈବ, ଶାକ୍ତ, ବୈଷ୍ଣବ, ସୌର ଓ ଗଣପତି ଆଦି ୫ ପ୍ରକାରର ଆଗମ ଶାସ୍ତ୍ର ରହିଛି।

ଦର୍ଶନ ଶାସ୍ତ୍ରରେ ଜାଗତିକ, ଆଧାତ୍ମିକ ଓ ଆଧିଭୌତିକ ସୂତ୍ରମାନ ପରିପୂର୍ଣ୍ଣ। ୬ଖଣ୍ଡ ଦର୍ଶନଶାସ୍ତ୍ର ଦେଖିବାକୁ ମିଳେ। ଜୈମିନି ଋଷିଙ୍କର ପୂର୍ବମୀମାଂସା, ଗୌତମ ଋଷିଙ୍କର ନ୍ୟାୟଶାସ୍ତ୍ର, କଣାଦ ଋଷିଙ୍କର ବୈଶେଷିକ ଶାସ୍ତ୍ର, କପିଳ ମୁନିଙ୍କର ସାଂଖ୍ୟ ଶାସ୍ତ୍ର, ପତଞ୍ଜଳି ଋଷିଙ୍କର ଯୋଗଶାସ୍ତ୍ର ଓ ବେଦବ୍ୟାସଙ୍କର ଉତ୍ତର ମୀମାଂସା ବା ବ୍ରହ୍ମସୂତ୍ର।

ସ୍ମୃତି ଭାଗର ଶେଷୋକ୍ତ ସ୍ତର ହେଉଛି ପୁରାଣ। ଏହି ହିନ୍ଦୁ ଗ୍ରନ୍ଥରେ ବ୍ରହ୍ମା, ବିଷ୍ଣୁ, ମହେଶ୍ୱର, ଅନ୍ୟ ଦେବଦେବୀ, ରାକ୍ଷସ, ରାଜା ଓ ମୁନିଋଷିଙ୍କର ବର୍ଣ୍ଣନା ସହିତ ସ୍ୱର୍ଗଲୋକ, ମର୍ତ୍ତ୍ୟଲୋକ, ପାତାଳ ଲୋକ, ବିଶ୍ୱବ୍ରହ୍ମାଣ୍ଡର ସୃଷ୍ଟି, ବିଲୟ ଓ ଦାର୍ଶନିକ ତତ୍ତ୍ୱମାନ ହୋଇଛି ଅନୁମୋଦିତ।

ପୁରାଣ ଏକ ସଂସ୍କୃତ ବିଶେଷ୍ୟ ପଦ। (ପୁରା+ଭାବେ, ଣ= ଯାହା ପୁରା କାଳରେ ଘଟିଥିଲା) ପୁରା= ପ୍ରାଚୀନ କାଳରେ + ସଂଘଟିତ ବା ଜାତ ଅର୍ଥେ + ନ, ପୁରାତନର ପ୍ରାକୃତ ଆକାର ପୁରାଣ) ତଥା ପୁରୁଣା, ଅତୀତ ଘଟଣା ଯାହା ଅତି ପ୍ରାଚୀନ କାଳରେ ପ୍ରସିଦ୍ଧ ବ୍ୟକ୍ତି, ସମାଜ, ଧର୍ମ ଓ ଦେବତା ଆଦିଙ୍କ ଜନ୍ମ ଓ କ୍ରିୟାକଳାପାଦି ଅବଲମ୍ବନରେ ରଚିତ ଆଖ୍ୟାୟିକା। ଅଥବା ବ୍ୟାସାଦି ମୁନିଗଣଙ୍କ ରଚିତ ସର୍ଗ (ସୃଷ୍ଟି), ପ୍ରତିସର୍ଗ (ପ୍ରଳୟ), ମନ୍ୱନ୍ତର (ଯୁଗାଂଶ ବିସ୍ତାର), ବଂଶ (ବଂଶ ବିସ୍ତାର) ଓ ବଂଶାନୁଚରିତ (ବଂଶର ଇତିହାସ)– ଏହି ୫ଟି ଲକ୍ଷଣାକ୍ରାନ୍ତ ଗ୍ରନ୍ଥ ବିଶେଷ ହେଉଛି ପୁରାଣ। Mythology, Hindu Legendary work by Vyasa and other sages dealing with creation, destruction, geneology, the different ages and family history of ancient times.

ବେଦର ସଂହିତା ଓ ବ୍ରାହ୍ମଣ ନାମକ ଭାଗରେ ଅନେକ ରାଜା, ଋଷି,

ମନୁଷ୍ୟ, ସ୍ଥାବର, ଜଙ୍ଗମ, ଦେବତା, ଯକ୍ଷ, ଗନ୍ଧର୍ବ, ରାକ୍ଷସ, କ୍ରିୟାଯୋଗ, ଜ୍ୟୋତିର୍ବିଜ୍ଞାନ, ଆତ୍ମତତ୍ତ୍ୱ ଆଦି ନାନା ବିଷୟକ ପ୍ରାଚୀନ ଆଖ୍ୟାନ ପୁରାଣରେ ହୋଇଥାଏ ବର୍ଣ୍ଣିତ । ଏହା ପାଠ କଲେ ଭୂତ, ଭବିଷ୍ୟ ଓ ବର୍ତ୍ତମାନର ଅବସ୍ଥା ଏବଂ ଜ୍ଞାନ, ଜ୍ଞାନର ନିର୍ମଳତା ଓ ପ୍ରଖର ବୁଦ୍ଧି ଜନ୍ମେ ।

ଏହି ପୁରାଣ ସାହିତ୍ୟ ଦୁଇଟି ଶ୍ରେଣୀରେ ବିଭକ୍ତ– ମହାପୁରାଣ ଓ ଉପପୁରାଣ । ହିନ୍ଦୁଧର୍ମରେ ମୁଖ୍ୟତଃ ୧୮ଖଣ୍ଡ ମହାପୁରାଣ ଓ ୧୮ଟି ଉପପୁରାଣ ଥିବା କୁହାଯାଏ । ୧୮ଖଣ୍ଡ ମହାପୁରାଣ ହେଉଛି–

୧। ବ୍ରହ୍ମପୁରାଣ– ଏହା ୧୦,୦୦୦ ଶ୍ଳୋକ ବିଶିଷ୍ଟ । ଏହାର ପ୍ରଚାରକ ହେଉଛନ୍ତି ବ୍ୟାସଶିଷ୍ୟ ଲୋମହର୍ଷଣ, ଯେଉଁଥିରେ ସୂର୍ଯ୍ୟଦେବଙ୍କର ସ୍ତୁତି ଗାନ କରାଯାଇଛି ।

୨। ପଦ୍ମପୁରାଣ– ଶ୍ଳୋକ ସଂଖ୍ୟା ୫୫,୦୦୦ ଏବଂ ଏହାର ପ୍ରଚାରକ ଦାୟିତ୍ୱରେ ଥିଲେ ଲୋମହର୍ଷଣଙ୍କର ପୁତ୍ର ଉଗ୍ରବୀବା, ଯେଉଁଥିରେ ସୃଷ୍ଟି ବର୍ଣ୍ଣନା କରାଯାଇଛି ।

୩। ବିଷ୍ଣୁ ପୁରାଣ– ଶ୍ଳୋକ ସଂଖ୍ୟା ୨୩,୦୦୦ ଏବଂ ଏହାର ପ୍ରଚାରକ ପରାଶର ମୁନି । ଇତିହାସ ଓ ସୃଷ୍ଟି ବୃତ୍ତାନ୍ତ ଏଥିରେ ବର୍ଣ୍ଣିତ ।

୪। ଶିବ (ବାୟୁ) ପୁରାଣ– ୨୪,୦୦୦ ଶ୍ଳୋକରେ ମହାଦେବଙ୍କର ସ୍ତୁତିଗାନ ହୋଇଛି ଏବଂ ସୁତ ହେଉଛନ୍ତି ଏହାର ପ୍ରଚାରକ ।

୫। ଭାଗବତ ପୁରାଣ– ୧୮,୦୦୦ ଶ୍ଳୋକ ବିଶିଷ୍ଟ । ପ୍ରଚାରକ ଶୁକ ମୁନି ବିଷ୍ଣୁଙ୍କର ବର୍ଣ୍ଣନା ଓ ସ୍ତୁତିଗାନ କରିଛନ୍ତି ।

୬। ନାରଦୀୟ ପୁରାଣ– ୨୫,୦୦୦ ଶ୍ଳୋକରେ ନାରଦ ମହର୍ଷି ବିଷ୍ଣୁଙ୍କର ସ୍ତୁତିଗାନ କରିଛନ୍ତି ।

୭। ମାର୍କଣ୍ଡେୟ ପୁରାଣ– ୯୦୦୦ ଶ୍ଳୋକ ବିଶିଷ୍ଟ । ଏଥିରେ ଦୁର୍ଗାଦେବୀଙ୍କର ବର୍ଣ୍ଣନା ଓ ପ୍ରଚାର କରିଛନ୍ତି ସ୍ୱୟଂ ମାର୍କଣ୍ଡେୟ ଋଷି ।

୮। ଅଗ୍ନି ପୁରାଣ– ୧୫,୦୦୦ ଶ୍ଳୋକ ବିଶିଷ୍ଟ । ବ୍ୟାସ ଶିଷ୍ୟ ସୁତଙ୍କ ଦ୍ୱାରା ବିଭିନ୍ନ ଅବତାର ଓ ରାଜବଂଶାବଳୀ ବର୍ଣ୍ଣିତ ।

୯। ଭବିଷ୍ୟ ପୁରାଣ– ଭବିଷ୍ୟ ଘଟଣାବଳୀକୁ ନେଇ ବ୍ୟାସମୁନି ଭବିଷ୍ୟ ପୁରାଣର ପ୍ରଚାର କରିଛନ୍ତି ଯାହା ୧୪,୫୦୦ ଶ୍ଳୋକଯୁକ୍ତ ।

୧୦। ବ୍ରହ୍ମ ବୈବର୍ତ୍ତ ପୁରାଣ– ୧୮,୦୦୦ ଶ୍ଳୋକ ବିଶିଷ୍ଟ । ସୁତଙ୍କ ଦ୍ୱାରା ଶ୍ରୀକୃଷ୍ଣଙ୍କର ମହିମା ପ୍ରଚାରିତ ।

୧୧। ଲିଙ୍ଗ ପୁରାଣ– ୧୧,୦୦୦ ଶ୍ଳୋକରେ ମହାଦେବଙ୍କର ବର୍ଣ୍ଣନା ରହିଛି ଏହି ପୁରାଣରେ । ଯାହାର ପ୍ରଚାରକ ହେଉଛନ୍ତି ସୁତମୁନି ।

୧୨। ବରାହ ପୁରାଣ– ବ୍ୟାସଦେବ ୨୪,୦୦୦ ଶ୍ଳୋକରେ ବରାହ ଅବତାରର ବର୍ଣ୍ଣନା ଓ ପ୍ରଚାର କରିଛନ୍ତି ବରାହ ପୁରାଣରେ ।

୧୩। ସ୍କନ୍ଦ ପୁରାଣ– ୮୧୧୦୦ ଶ୍ଳୋକରେ ପରିପୂର୍ଣ୍ଣ । ଏଥିରେ ପ୍ରଚାରକ ବ୍ୟାସଦେବ ମହାଦେବଙ୍କର ବର୍ଣ୍ଣନା କରିଛନ୍ତି ।

୧୪। ବାମନ ପୁରାଣ– ୧୦,୦୦୦ ଶ୍ଳୋକ ବିଶିଷ୍ଟ । ତ୍ରିବର୍ଣ୍ଣ ଓ ବାମନ ଅବତାର ଏହାର ପ୍ରଧାନ ବିଷୟବସ୍ତୁ ।

୧୫। କୂର୍ମ ପୁରାଣ– ଏହାର ପ୍ରଚାରକ ହେଉଛନ୍ତି ବ୍ୟାସ । ୧୭,୦୦୦ ଶ୍ଳୋକରେ ମାନବର ଚତୁଃବର୍ଗ ଫଳପ୍ରାପ୍ତି ବିଷୟ ବର୍ଣ୍ଣିତ ।

୧୬। ମତ୍ସ୍ୟ ପୁରାଣ– ୧୪,୦୦୦ ଶ୍ଳୋକ ବିଶିଷ୍ଟ । ବ୍ୟାସ ଏହାର ମଧ ପ୍ରଚାରକ । ଏଥିରେ ସୃଷ୍ଟି ବର୍ଣ୍ଣନ ଓ ଅବତାର ପ୍ରସଙ୍ଗ ରହିଛି ।

୧୭। ଗରୁଡ଼ ପୁରାଣ– ୧୯,୦୦୦ ଶ୍ଳୋକ ବିଶିଷ୍ଟ । ଏହାର ପ୍ରଧାନ ବିଷୟ ହେଉଛି ଗରୁଡ଼ ପ୍ରସଙ୍ଗ ଯାହା ବ୍ୟାସ ପ୍ରଚାର କରିଛନ୍ତି ।

୧୮। ବ୍ରହ୍ମାଣ୍ଡ ପୁରାଣ– ସୃଷ୍ଟିଠାରୁ ପ୍ରଳୟ ପର୍ଯ୍ୟନ୍ତ ବର୍ଣ୍ଣନା ହୋଇଛି ଏଥିରେ । ବ୍ୟାସ ୧୨,୦୦୦ ଶ୍ଳୋକରେ ଏହି ତତ୍ତ୍ୱ ବର୍ଣ୍ଣନା କରିଛନ୍ତି ।

ପ୍ରତ୍ନତତ୍ତ୍ୱବିତ୍‌ଙ୍କ ମତରେ ବାୟୁ ପୁରାଣ ଓ ମତ୍ସ୍ୟ ପୁରାଣ ସମସ୍ତ ପୁରାଣ ମଧ୍ୟରେ ପୁରାତନ, ତା' ପରେ ବିଷ୍ଣୁ ପୁରାଣ ଏବଂ ଶେଷରେ ଭାଗବତ ପୁରାଣ ରଚିତ । ପଦ୍ମପୁରାଣରେ ସବୁ ପୁରାଣକୁ ତ୍ରିଗୁଣ ରୂପରେ ବିଭକ୍ତ କରାଯାଇଛି । ବିଷ୍ଣୁ, ନାରଦ, ଭାଗବତ, ଗରୁଡ଼, ପଦ୍ମ ଓ ବରାହ ପୁରାଣକୁ ସତ୍ତ୍ୱଗୁଣ, ବ୍ରହ୍ମା, ବ୍ରହ୍ମାଣ୍ଡ, ବ୍ରହ୍ମବୈବର୍ତ୍ତ, ମାର୍କଣ୍ଡେୟ, ଭବିଷ୍ୟ ଓ ବାମନ ପୁରାଣକୁ ରଜ ଗୁଣ ଏବଂ ମତ୍ସ୍ୟ, କୂର୍ମ, ଲିଙ୍ଗ, ଶିବ, ସ୍କନ୍ଦ ଓ ଅଗ୍ନି ପୁରାଣକୁ ତମ ଗୁଣରେ ବିଚାର କରାଯାଇଛି ।

୧୮ଖଣ୍ଡ ମହାପୁରାଣ ପରି ୧୮ଟି ଉପ-ପୁରାଣରେ ଦେବଦେବୀ, ମୁନିଋଷି, ଦାନବ ମାନବମାନଙ୍କ ବିଷୟରେ ବ୍ୟାଖ୍ୟା କରାଯାଇଛି । ଉପପୁରାଣମାନ ହେଉଛି– ସନତ୍‌କୁମାର, ନରସିଂହ, ନାରଦ, ଶୈବଧର୍ମ, ଦୁର୍ବାସା, ବୃହଦ୍ ନାରଦୀୟ, କପିଳ, ମାନବ, ଔଶନସ, ବ୍ରହ୍ମାଣ୍ଡ, ବରୁଣ, କାଳିକା, ମାହେଶ୍ୱର, ଶାମ୍ବ, ସୌର, ପରାଶର, ମାରୀଚ ଓ ଭାର୍ଗବ ବା ଦେବୀ ଭାଗବତ ।

ଅତିରିକ୍ତ ପୁରାଣ ମଧ୍ୟରେ ରହିଛି ନନ୍ଦିକେଶ୍ୱର, ଶୁକ୍ର, ବଶିଷ୍ଠ, ଭାଗୁରି, ମନୁ, ବାୟୁ, ମାହେଶ, କଲ୍‌କୀ, ଶୈବ, ଆଦିତ୍ୟ, ଆଦି, ଶମ୍ଭୁ ବିଶିଷ୍ଟ କୃତଲିଙ୍ଗ, ଶିବରହସ୍ୟ, ବାମନ, ଦେବୀ, ଗଣେଶ, ହମସା, ନୀଳ, ଆମ୍ର, ଧର୍ମ, କ୍ରିୟା ଯୋଗେଶ୍ୱର, ବିଷ୍ଣୁଧର୍ମ, ମହାଭାଗବତ୍, ଭଗବତୀ, ଚଣ୍ଡି, ଗୌରୀ କାଳୀ, ସତୀ, ଏକାମ୍ର, ମୁଦ୍‌ଗଲ, ଭବିଷ୍ୟ, ବିଷ୍ଣୁ ଧର୍ମୋତ୍ତର, ଶିବ ଧର୍ମୋତ୍ତର, ଭାସ୍କର, ଅଷ୍ଟବକ୍ର ଗୀତା, ଭୃଗୁ ସଂହିତା, ଗାର୍ଗ ସଂହିତା, କଶ୍ୟପ ସଂହିତା, ଶିବ ସଂହିତା, ମନୁ ସଂହିତା, ଯାଜ୍ଞବଲ୍କ ସଂହିତା, ଘେରଣ୍ଡ ସଂହିତା, ଗୋରକ୍ଷା ସଂହିତା ଆଦି ଅନେକ ପ୍ରକାରର ।

ଅଷ୍ଟାଦଶ ପୁରାଣର ନାମ ଉଲ୍ଲେଖ କରିବା ନିମନ୍ତେ ପଣ୍ଡିତମାନେ ଏକ ଶ୍ଳୋକ ଆବୃତ୍ତି କରିଥାନ୍ତି–

" 'ମ' ଦ୍ୱୟଂ 'ଭ' ଦ୍ୱୟଂ ଚୈବ 'ବ୍ର' ତ୍ରୟଂ 'ବ' ଚତୁଷ୍ଟୟଂ
ଅ, ନା, କୂ, ସ୍କ, ପ, ଲି, ଗ ପୁରାଣାନି ବିଦୁର୍ବଧା ।"

ସଂସ୍କୃତନିଷ୍ଠ ପୁରାଣରେ ପୁରାଣକାରମାନେ ଉତ୍କଳର ତୀର୍ଥ ଓ ତଥ୍ୟ, ଔଷଧ ଓ ବିଜ୍ଞାନ ସମ୍ବନ୍ଧୀୟ ବିଷୟମାନ ସନ୍ନିବେଶିତ କରିଛନ୍ତି । ବ୍ରହ୍ମପୁରାଣରେ କୋଣାର୍କ, ପୁରୀ ଓ ଭୁବନେଶ୍ୱରର ଚିତ୍ର ଓ ତୀର୍ଥମାନ, ସ୍କନ୍ଦ ପୁରାଣରେ ଉତ୍କଳର ତୀର୍ଥମାନ, ଗରୁଡ଼ ପୁରାଣରେ ତନ୍ତ୍ରବିଦ୍ୟା, ଜ୍ୟୋତିଷ, ସାମୁଦ୍ରିକ ବିଦ୍ୟା ଓ ଔଷଧ ବିଷୟ ବର୍ଣ୍ଣିତ ।

ହିନ୍ଦୁ ପୁରାଣର ଅନୁକରଣରେ ଜୈନମାନେ ମଧ୍ୟ ଅନେକ ପୁରାଣ ରଚନା କରିଛନ୍ତି ଯଥା– ଜୈନ ତୀର୍ଥଙ୍କର ରଚିତ ୨୪ଟି ଜୈନ ପୁରାଣ । ବୌଦ୍ଧଧର୍ମରେ ତିବ୍ବତ ଓ ନେପାଳରେ ୯ଟି ପୁରାଣ ବା ନବଗ୍ରନ୍ଥକୁ ସ୍ୱୀକାର କରିଥାନ୍ତି । ପ୍ରଜ୍ଞା ପାରମିତା, ଗଣ୍ଡବ୍ୟୂହ, ସମାଧିରାଜ, ଲଙ୍କାବତାର, ତଥାଗତ ଗୁହ୍ୟକ, ସଦ୍ଧର୍ମ ପୁଣ୍ଡରିକ, ଲଳିତ ବିସ୍ତାର, ସୁବର୍ଣ୍ଣପ୍ରଭା ଓ ଦିଶଭୂମିଶ୍ୱର ।

ଓଡ଼ିଆ ପୁରାଣ ସାହିତ୍ୟର ସ୍ୱାତନ୍ତ୍ର୍ୟ ନିହିତ । ପୁରାଣ 'ପଞ୍ଚଲକ୍ଷଣ'

ଓଡ଼ିଆ ପୁରାଣରେ ଥିଲେ ହେଁ ସଂସ୍କୃତ ପୁରାଣ ପରି ଧାରାବାହିକ ନୁହଁ । ପୁରାଣ ମଧ୍ୟରେ ଆରମ୍ଭ ଓ ଶେଷରେ 'ଉବାଚ', 'ଇତିଶ୍ରୀ', 'ଅଧ୍ୟାୟ'ର ବ୍ୟବହାର ରହିଛି । ଏହାର ବିଷୟବସ୍ତୁ ମଧ୍ୟ ବିଭିନ୍ନ ଭାଗରେ ବିଭକ୍ତ । ଅଧିକାଂଶ ପୁରାଣରେ ଅଧ୍ୟାୟର ନାମକରଣ ନାହିଁ । ବିଷୟ ଶେଷରେ କବି ଭଣତି ସହିତ ବିଷୟ ସୂଚୀର ଧାରା ପ୍ରାୟ ନାହିଁ । ମାତ୍ର ଅନୂଦିତ ପୁରାଣମାନଙ୍କରେ ସଂସ୍କୃତ ପୁରାଣର ବୈଶିଷ୍ଟ୍ୟମାନ ରହିଛି । ଓଡ଼ିଆ ପୁରାଣରେ ପର୍ବ ଓ ଉପପର୍ବର ନାମକରଣରେ ମଧ୍ୟ ସଂସ୍କୃତ ପୁରାଣର ଧାରାକୁ ଅନୁସରଣ କରାଯାଇନାହିଁ । ଆଦି ପୁରାଣକାର ସାରଳାଦାସଙ୍କ ଓଡ଼ିଆ ପୁରାଣ ସାହିତ୍ୟ ରଚନାରେ ଯେଉଁ ଧାରା ଓ ବୈଶିଷ୍ଟ୍ୟ ପ୍ରବର୍ତ୍ତନ କରିଛନ୍ତି ତାହାହିଁ ପରବର୍ତ୍ତୀ ପୁରାଣକାରଙ୍କର ହୋଇଛି ଆଦର୍ଶ ଓ ପ୍ରେରଣା । ଓଡ଼ିଆ ପୁରାଣ ସାହିତ୍ୟ ସଂସ୍କୃତ ପୁରାଣର ଅନୁକରଣରେ ହିଁ ରଚିତ । ସରଳ, ପ୍ରାଞ୍ଜଳ ଓ ପୁରାଣ ସୁଲଭ ଭାଷା ଯୋଗୁଁ ଏହିସବୁ ବହୁ ଜନାଦୃତ । ତେଣୁ ଓଡ଼ିଆ ପୁରାଣ ପ୍ରତ୍ୟେକ ବିଷୟରେ ହୋଇଛି ସ୍ୱତନ୍ତ୍ର, ସ୍ୱାଭାବିକ ଓ ଆଦର୍ଶାନ୍ୱିତ ।

ସଂସ୍କୃତରେ ପୁରାଣ 'ପଞ୍ଚଲକ୍ଷଣ' ପରେ ଓଡ଼ିଆ ଭାଗବତକାର ଜଗନ୍ନାଥ ଦାସ ପୁରାଣର ୧୦ଟି ଲକ୍ଷଣ ବିଶିଷ୍ଟ ଏକ ଆଖ୍ୟାନପ୍ରଦାନ କରିଛନ୍ତି । ତାହା–

"ସର୍ଗ ବିସର୍ଗ ବୃତ୍ତିରକ୍ଷା / ହେତୁ ଯେ ମନ୍ୱନ୍ତର ସଂଖ୍ୟା ।
ବଂଶାନୁଚରିତ ଯେ ସଂସ୍ଥା / ଆଶ୍ରୟ ବଂଶର ବ୍ୟବସ୍ଥା ।
ଏ ଦଶ ଲକ୍ଷଣରେ ଯୁକ୍ତ / ବଡ଼ ପୁରାଣ ନାମେ ଖ୍ୟାତ ।"

(ଭାଗବତ)

ଓଡ଼ିଆ ସାହିତ୍ୟରେ ସମୟ ସମୟରେ ମହାକାବ୍ୟ ଓ ମହାପୁରାଣକୁ ଅଲଗାଅଲଗା କରାଯାଇଛି । ଉପେନ୍ଦ୍ର ଭଞ୍ଜଙ୍କ ଭାଷାରେ– "ବାଲ୍ମୀକି ବ୍ୟାସକବି ଯହିଁରେ ମହାକାବ୍ୟ କେ ପୁରାଣ କରେ ।" ଏଥିରୁ ଜଣାଯାଏ ଯେ ପୁରାଣ ଓ ମହାକାବ୍ୟ ହେଉଛି ସାହିତ୍ୟର ଦୁଇସ୍ୱତନ୍ତ୍ର ରୂପ । 'ଚରିତ କାବ୍ୟ' ଅନ୍ତର୍ଗତ ହେଉଛି ପ୍ରାଚୀନ ଓ ବର୍ତ୍ତମାନର ପୁରାଣ ସାହିତ୍ୟ । ଏଥିରେ ତତ୍‌କାଳୀନ ଗ୍ରାମ୍ୟ କଥା ଓ ଗ୍ରାମ୍ୟ ଜୀବନ ପ୍ରଧାନ ବିଷୟ ହୋଇଥାଏ । ଏଥିରେ 'ନିଧନ ବା ବଧ', 'ହରଣ' ଓ 'ସ୍ୱୟମ୍ବର' ପ୍ରଭୃତି ପ୍ରସଙ୍ଗ ହୋଇଥାଏ ଆଲୋଚିତ । ପୁରାଣ ସାହିତ୍ୟର ଶ୍ରେଷ୍ଠ ବୈଶିଷ୍ଟ୍ୟ ହେଉଛି 'ତୀର୍ଥ ମାହାତ୍ମ୍ୟ', ଶ୍ରୀକ୍ଷେତ୍ର ଏକାମ୍ର, ନାଭିଗୟା, କୋଣାର୍କ, ପ୍ରଭୃତି ତୀର୍ଥ ସହ ଦେବଦେବୀଙ୍କର ବର୍ଣ୍ଣନା ଓ ସୂଚନା ଏଥିରେ ନିହିତ । ଓଡ଼ିଆ ପୁରାଣମାନ ଦାଣ୍ଡିବୃତ୍ତରେ ରଚିତ ।

ଓଡ଼ିଆ ସାହିତ୍ୟର ପ୍ରଥମ ମହାପୁରାଣ ହେଉଛି ସାରଳା ଦାସ କୃତ 'ମହାଭାରତ' ଓ ପୁରାଣ ହେଉଛି 'ଚଣ୍ଡୀ ପୁରାଣ' । ଏହିଠାରୁ ହିଁ ଓଡ଼ିଆ ପୁରାଣ ସାହିତ୍ୟର ସୃଷ୍ଟି ।

ସାରଳାଙ୍କ ପରେ ବିଶିଷ୍ଟ ପୁରାଣକାର ହେଉଛନ୍ତି ନୀଳାମ୍ବର ଦାସ । ତାଙ୍କର 'ଜୈମିନୀ ଭାରତ' ଓ 'ପଦ୍ମପୁରାଣ' ହେଉଛି ଦୁଇଟି ଲୋକପ୍ରିୟ ପୁରାଣ । ଗଜପତି ପୁରୁଷୋତ୍ତମ ଦେବଙ୍କ ସମସାମୟିକ ବିପ୍ର ନାରାୟଣ ଦାସ ସଂସ୍କୃତ 'ହରିବଂଶ ପୁରାଣ'ର ଅନୁବାଦକ ଯାହା ଖଣ୍ଡିକିଆ ହରିବଂଶ ଭାବେ କଥିତ । ଅଚ୍ୟୁତାନନ୍ଦ ଦାସଙ୍କର ସାତଖଣ୍ଡ ହରିବଂଶ ପୁରାଣ ଓଡ଼ିଆଙ୍କ ଘରେ ପୋଥି ରୂପେ ପଠିତ ଓ ପୂଜିତ ।

ବ୍ରହ୍ମଜ୍ଞାନ ମୂଳକ ବିଷୟକୁ ନେଇ ପଞ୍ଚସଖାମାନେ ପୁରାଣ ରଚନାରେ ବ୍ରତୀ । ବଳରାମଙ୍କ ଦାଣ୍ଡି/ଜଗମୋହନ ରାମାୟଣ, ଅଚ୍ୟୁତଙ୍କ ହରିବଂଶ ପୁରାଣ, ବିପ୍ର ଗୋପୀନାଥ ଦାସଙ୍କ ପୁରାଣ ଓ ଚୈତନ୍ୟ ଦାସଙ୍କର ବିଷ୍ଣୁଗର୍ଭ ପୁରାଣ ଆଧ୍ୟାତ୍ମିକ ତତ୍ତ୍ୱ ବା ବ୍ରହ୍ମଜ୍ଞାନମୂଳକ ଓ ପୁରାଣ ସାହିତ୍ୟ, ମାତ୍ର ଜଗନ୍ନାଥ ଦାସଙ୍କର ଭାଗବତ ପୁରାଣ ଭକ୍ତି ତତ୍ତ୍ୱମୂଳକ ଅନୂଦିତ ପୁରାଣ ଏବଂ ନବାକ୍ଷରୀ ବୃତ୍ତ ଓ ସର୍ବଜନବୋଧ ସାଧୁ ଶବ୍ଦାବଳୀରେ ରଚିତ ପୁରାଣ, ଯାହା ସମାଜର ପ୍ରତ୍ୟେକ ସ୍ତରର ଜନମାନସରେ ହେଲା ଅତି ଆଦରଣୀୟ ପୁରାଣ ସାହିତ୍ୟ । ପ୍ରାଚୀନ ପୁରାଣ ସାହିତ୍ୟର ବିଷମାକ୍ଷରୀ ଦାଣ୍ଡୀ ବୃତ୍ତ, ଗ୍ରାମ୍ୟ ଭାଷା ଓ କଳ୍ପନା ଦୂରେଇ ଯାଇ ଏକ ଶିକ୍ଷା, ସଂସ୍କୃତି ସମ୍ପନ୍ନ ଆଦର୍ଶ ଓ ସରଳ ନବାକ୍ଷରୀ ବୃତ୍ତରେ ରଚିତ ପୁରାଣର ହେଲା ଅଭ୍ୟୁଦୟ । ଏଣୁ ଭାଗବତ ହେଲା ଶ୍ରେଷ୍ଠ ଓ ଚିରନ୍ତନ ପୁରାଣ । ତାଙ୍କର 'ଶୈବାଗମ ଭାଗବତ ପୁରାଣ' ମଧ୍ୟ ଶ୍ରେଷ୍ଠତ୍ୱ ଲାଭ କରେ ।

ସପ୍ତଦଶ ଶତକର ଏକ ବିଶିଷ୍ଟ ଓଡ଼ିଆ ପୁରାଣ ହେଉଛି କ୍ଷିତିବଂଶୀ ଈଶ୍ୱର ଦାସଙ୍କର 'ଶ୍ରୀଚୈତନ୍ୟ ଭାଗବତ' । ଯହିଁରେ ଶ୍ରୀଚୈତନ୍ୟ, ପଞ୍ଚସଖା ଓ ଅନ୍ୟ ବୈଷ୍ଣବମାନଙ୍କର ଚରିତ ବର୍ଣ୍ଣିତ । ଏହି ସମୟର ପୁରାଣକାର ହେଉଛନ୍ତି ହଳଧର ଦାସ, ଗୋପାଳ ତେଲଙ୍ଗା, ସୂର୍ଯ୍ୟମଣି ଚ୍ୟାଉପଟ୍ଟନାୟକ, ଦାମୋଦର ଦାସ ଓ ଗୋପୀନାଥ ଦାସ । ସମସ୍ତେ ଗୋଟିଏ ଗୋଟିଏ ଅଧ୍ୟାତ୍ମ ରାମାୟଣ ରଚନା କରିଛନ୍ତି । ଗୋପାଳ ତେଲଙ୍ଗାଙ୍କ 'ଅଧ୍ୟାତ୍ମ ରାମାୟଣ'ରେ ସମ୍ବଲପୁରର ରାଜା ଅଜିତ୍ ସିଂହଙ୍କର ଜୀବନୀ, ବଂଶ ପରମ୍ପରା ଓ ସେବାକାର୍ଯ୍ୟ ବର୍ଣ୍ଣିତ । ଏହା ସଂସ୍କୃତର ଆକ୍ଷରିକ ଅନୁବାଦ ନୁହେଁ, ଅନୁସରଣ କେବଳ । ଲଙ୍କାକାଣ୍ଡର ତ୍ରୟୋଦଶ ଅଧ୍ୟାୟ ବା ବ୍ରହ୍ମସ୍ତୁତି ଅଧ୍ୟାୟଟି ଅଧ୍ୟାତ୍ମ ରାମାୟଣର କଥାବସ୍ତୁ । ବିପ୍ର ସଦାଶିବଙ୍କର 'ବିଚିତ୍ର ହରିବଂଶ' ପୁରାଣଟି ଲୀଳା ଭାବରେ ଗୃହୀତ । ଶିଶୁ ଈଶ୍ୱର ଦାସଙ୍କର 'ବଳରାମ ଚରିତ' ପୁରାଣ ଏବଂ 'ନଳ ଚରିତ' ପୁରାଣ ନବାକ୍ଷରୀ ବୃତ୍ତରେ ରଚିତ । 'ସୁଦଶାବ୍ରତ' ପ୍ରସଙ୍ଗ ଏହାର ଅନ୍ତର୍ଗତ । ଏହି ସମୟରେ ଗୋପୀନାଥ ଦାସ ଦାଣ୍ଡି ବୃତ୍ତରେ ରଚନା କରିଛନ୍ତି 'ସଂକ୍ଷିପ୍ତ ମହାଭାରତ' ବା 'ଟୀକା ମହାଭାରତ' ଓ ଅଷ୍ଟାଦଶ ପୁରାଣ । 'ଅଗ୍ନି ପୁରାଣ'ର ସ୍ରଷ୍ଟା ବାଲୁଗାଁ ଦାସ ଓ 'ଶିବ ପୁରାଣ'ର ସ୍ରଷ୍ଟା ଦ୍ୱାରିକା ଦାସ ବହୁ ବ୍ରହ୍ମଜ୍ଞାନମୂଳକ ଗ୍ରନ୍ଥ ରଚନା କରିଛନ୍ତି । ଭାଗବତର ଦ୍ୱାଦଶ ସ୍କନ୍ଧକୁ ମହାଦେବ ଦାସ ଓ ତ୍ରୟୋଦଶ ସ୍କନ୍ଧକୁ ଦ୍ୱାରିକା ଦାସ ରଚନା କରିଛନ୍ତି । ଦିବାକର ଦାସଙ୍କର 'ଜଗନ୍ନାଥ ଚରିତାମୃତ' ଓ ସଦାନନ୍ଦଙ୍କର 'ବିଶ୍ୱମ୍ଭର ବିହାର' ହେଉଛି ଅନ୍ୟତମ । ନବାକ୍ଷରୀ ବୃତ୍ତରେ ରାମ ଚରିତ ବର୍ଣ୍ଣନା କରିଛନ୍ତି 'ରାମ ରସାମୃତ-ରାମାୟଣ' ଗ୍ରନ୍ଥରେ କାହ୍ନୁ ଦାସ । 'ଦାର୍ଢ୍ୟତା ଭକ୍ତି'ର ଲେଖକ ରାମଦାସ ମଧ୍ୟ 'ରାମ ରସାମୃତ-ରାମାୟଣ' ରଚନା କରିଛନ୍ତି ।

ଦୀନକୃଷ୍ଣ ଦାସ 'ଯମ ପୁରାଣ' ବା 'ଦ୍ୱିତୀୟ ଗୀତା' ନାମକ ପୁରାଣର ସ୍ରଷ୍ଟା । ଏଥିରେ ପାପ ପୁଣ୍ୟ, ଧର୍ମ ଅଧର୍ମର ବିଚାର ଓ ଫଳାଫଳ ଏବଂ ପୂର୍ବଜନ୍ମ ପ୍ରସଙ୍ଗ ଓ ଓଡ଼ିଆ ସାମାଜିକ ଜୀବନର ଚିତ୍ର ବର୍ଣ୍ଣିତ । 'ନାମରତ୍ନ ଗୀତା' ତାଙ୍କର ଅନ୍ୟ ଏକ ଧର୍ମଗ୍ରନ୍ଥ । ଓଡ଼ିଆ ନୃସିଂହ ପୁରାଣ ଏକ

ଲୋକପ୍ରିୟ ପୁରାଣ । ପୀତାମ୍ବର ଦାସ ରାମାୟଣ ସାତ ଖଣ୍ଡ ପରି ନୃସିଂହ ପୁରାଣକୁ ୭ଟି ସାଗରରେ ବିଭକ୍ତ କରି ପ୍ରକାଶ କରିଛନ୍ତି ।

ଅଷ୍ଟାଦଶ ଶତକର ପୁରାଣକାରମାନେ ପ୍ରାୟତଃ ଅନୁବାଦକ । କେଶବ ପଟ୍ଟନାୟକ ସଂସ୍କୃତ ମହାଭାରତର ସରଳ ଓଡ଼ିଆ ଅନୁବାଦ କରିବାରେ ସକ୍ଷମ । ନୃସିଂହ ପୁରାଣର ଲେଖକ ପୀତାମ୍ବର ଦାସଙ୍କର ନାତି ଗୌରାଙ୍ଗ ଦାସ 'ବିଷ୍ଣୁ ପୁରାଣ' ରୀତି ଅବଲମ୍ବନରେ ରଚନା କରିଛନ୍ତି 'ଦାମୋଦର ପୁରାଣ' । 'ଆର୍ଷ ରାମାୟଣ'ର ସ୍ରଷ୍ଟା କୃଷ୍ଣଚନ୍ଦ୍ର ରାଜେନ୍ଦ୍ର ଓ 'ଇତିହାସ ପୁରାଣ'ର ସ୍ରଷ୍ଟା ପୁରୁଷୋତ୍ତମ ରାଜେନ୍ଦ୍ରଙ୍କର ପ୍ରତ୍ୟେକ ଅଧ୍ୟାୟରେ ରହିଛି ଗୋଟିଏ ଲେଖାଏଁ ଧର୍ମମୂଳକ ଉପାଖ୍ୟାନ । ଖଣ୍ଡପଡ଼ାର ବିଶିଷ୍ଟ ବୈଷ୍ଣବକବି ଦୀନବନ୍ଧୁ ଖାଡ଼ଙ୍ଗା, ଶ୍ରୀଧର ସ୍ୱାମୀ, ବିଶ୍ୱନାଥ ଚକ୍ରବର୍ତ୍ତୀ ଭାଗବତ ପୁରାଣର ଟୀକାକରଣ କରିଛନ୍ତି । ବିଶ୍ୱମ୍ବର ପଟ୍ଟନାୟକ 'ବିଚିତ୍ର ଭାରତ' ପୁରାଣ ଲେଖିଥିବାବେଳେ ଚିକିଟିର ରାଜା ପୀତାମ୍ବର ରାଜେନ୍ଦ୍ର ରାମଲୀଳା ସହିତ ରାମାୟଣ ରଚନା କରିଛନ୍ତି । କୃଷ୍ଣଚନ୍ଦ୍ର ପଟ୍ଟନାୟକଙ୍କର 'କଳ୍କୀପୁରାଣ', ଧରଣୀଧର ଦାସଙ୍କର 'କାଳିନ୍ଦୀ ପୁରାଣ', ଭାଗୀରଥିଙ୍କର 'କୁରାଳ ପୁରାଣ', ଘନଶ୍ୟାମ ପଟ୍ଟନାୟକଙ୍କର 'ଗରୁଡ଼ ପୁରାଣ', କୃଷ୍ଣ ଦାସଙ୍କର 'ଧର୍ମ ପୁରାଣ', ମହାଦେବ ଦାସ ଓ ନୀଳାମ୍ବର ଦାସଙ୍କର 'ପଦ୍ମପୁରାଣ', ଯୋଗେଶ୍ୱର ପାଣି ଓ ପରମାନନ୍ଦ ଦାସଙ୍କର 'ବ୍ରହ୍ମାଣ୍ଡ ପୁରାଣ', କପିଳେଶ୍ୱର ନନ୍ଦଙ୍କର ବ୍ରହ୍ମୋତ୍ତର ପୁରାଣ, ଗଙ୍ଗା ପାଣିଙ୍କର 'ବିଷ୍ଣୁ ଧର୍ମୋତ୍ତର ପୁରାଣ' ଓ 'ଭବିଷ୍ୟ ପୁରାଣ' ଆଦି ଓଡ଼ିଆରେ ଅନୂଦିତ ପ୍ରାଚୀନ ପୁରାଣ ।

କୃଷ୍ଣଚରଣ ପଟ୍ଟନାୟକଙ୍କର ରାମାୟଣ, ଭାଗବତ ଓ ବାମନ ପୁରାଣର ଅନୁବାଦ, ଗୋବିନ୍ଦ ଚନ୍ଦ୍ର ମହାପାତ୍ରଙ୍କର ସଂସ୍କୃତ ମହାଭାରତର ଓଡ଼ିଆ ଗଦ୍ୟାନୁବାଦ, ବିଂଶ ଶତାବ୍ଦୀର ପୁରାଣକାର ରତ୍ନାକର ଗର୍ଗବଟୁଙ୍କର ବହୁ ପୁରାଣର ଓଡ଼ିଆ ଅନୁବାଦ, ପଣ୍ଡିତ ଲିଙ୍ଗରାଜ ମିଶ୍ରଙ୍କର ଯୋଗାବଶିଷ୍ଠ ରାମାୟଣର ଅନୁବାଦ ଆଦି ପୁରାଣ ସାହିତ୍ୟର ଧାରାରେ ବଳିଷ୍ଠ ସମ୍ପତ୍ତି । ଏଥିରେ ମଧ୍ୟ ରହିଛି ଗଙ୍ଗାଧର ପ୍ରଧାନଙ୍କ ହରିବଂଶ ପୁରାଣ, ଗଙ୍ଗାଧର ପଟ୍ଟନାୟକଙ୍କ ୧୮ ଖଣ୍ଡରେ 'ଭାରତ ଚରିତାମୃତ' ପୁରାଣ ଦ୍ୱିଜ ନିତ୍ୟାନନ୍ଦଙ୍କ ଭାଗବତ ଗର୍ଭଜ୍ଞାନ ପୁରାଣ, ମୁନିବ୍ୟାସଙ୍କ ଇତିହାସ ପୁରାଣ, ମାଧବଦାସଙ୍କ ଯମଧର୍ମ ପୁରାଣ, ମହାଦେବ ଦାସଙ୍କ ମାର୍କଣ୍ଡେୟ ପୁରାଣ ଓ ବିଷ୍ଣୁ ପୁରାଣ, ନାରାୟଣ ଦାସଙ୍କ ବ୍ରହ୍ମାଣ୍ଡ ପୁରାଣ, ବିଶ୍ୱନାଥ ଦେବବର୍ମାଙ୍କ ବ୍ରହ୍ମବୈବର୍ତ୍ତ ପୁରାଣ, ବଲ୍ଲଭନାରାୟଣ ମହାପାତ୍ରଙ୍କ ବିଷ୍ଣୁ ପୁରାଣ, ଜୟସିଂହଙ୍କ ସୂର୍ଯ୍ୟପୁରାଣ, କୃଷ୍ଣଦାସଙ୍କ ଭବିଷ୍ୟ ପୁରାଣ, ବାରାନିଧି ଦାସଙ୍କ ବିଲଙ୍କା ରାମାୟଣ, ମଦନ ମୋହନଙ୍କ ବାୟୁ ପୁରାଣ, ବଳରାମ ଦାସଙ୍କ ଲିଙ୍ଗ ପୁରାଣ ଓ ବ୍ରହ୍ମାଣ୍ଡ ପୁରାଣ, ସାରଳା ଦାସଙ୍କ ଦୁର୍ଗାପୁରାଣ, ମହାଦେବ ଦାସଙ୍କ ବିଷ୍ଣୁ କେଶରୀ ପୁରାଣ, ପଦ୍ମନାଭ ଦାସ ଓ ପ୍ରହ୍ଲାଦ ଦାସଙ୍କ ବିଷ୍ଣୁ ପୁରାଣ, ରାମଦାସଙ୍କ ଶିବ ପୁରାଣ, ବିପ୍ର ଭାଗୀରଥିଙ୍କ ଶିବ ପୁରାଣ, ମନବୋଧ ଦାସ ଓ ଦ୍ୱାରିକା ଦାସଙ୍କର ଶିବପୁରାଣ, କପିଳେଶ ନନ୍ଦ ଓ ବଳରାମ ଦାସଙ୍କ ସ୍କନ୍ଦ ପୁରାଣ, କବି ଦୈବଜ୍ଞ ଦୀନକୃଷ୍ଣ ଦାସଙ୍କ କୁରାଳ ବ୍ରହ୍ମାଣ୍ଡ ପୁରାଣରେ କୁମ୍ଭାର ଜାତିର ଇଷ୍ଟଦେବତା ପୂଜା, ତାଙ୍କର ଚକ, ମାଟି, ପିଟଣା, ପୂଜା ବିଧାନର ବର୍ଣ୍ଣନା ଏବଂ ବୌଦ୍ଧ ପୁରାଣ ଯାହା ଏକ ବିରାଟ ଓ ଅପ୍ରକାଶିତ ପୁରାଣ ଆଦି ପ୍ରାଚୀନ ପୁରାଣ ସାହିତ୍ୟର ଅନ୍ତର୍ଭୁକ୍ତ ।

ବିଂଶ ଶତାବ୍ଦୀରେ ଅନେକ ପୁରାଣକାର ପୁରାଣ ରଚନା କରିଛନ୍ତି । ସରସ୍ୱତୀ ବିଦ୍ୟାଭଣ୍ଡାର ପ୍ରକାଶିତ ବୁଦ୍ଧିମନ୍ତ ପୁହାଣଙ୍କ ରଚିତ ମହାସତୀ ସାବିତ୍ରୀ ପୁରାଣ ଏବଂ ବିପ୍ରନାରାୟଣଙ୍କ ଖଣ୍ଡିକିଆ ହରିବଂଶ ପରି ଖଣ୍ଡିକିଆ ରାମାୟଣ ରଚନା ପୁରାଣ ସାହିତ୍ୟର ଏକ ନୂତନ ସଂଯୋଗ । ପଣ୍ଡିତ ଶ୍ରୀରାମ ଶର୍ମା ଆଚାର୍ଯ୍ୟଙ୍କ ପ୍ରଜ୍ଞାପୁରାଣ ୪ ଖଣ୍ଡରେ ବୃହତାକାରରେ ପ୍ରକାଶିତ । ମହାଦେବ ଦାସଙ୍କ ବିରଚିତ ମୂଳ ସଂସ୍କୃତ ଶ୍ଳୋକରୁ ଉଦ୍ଧୃତ 'କାର୍ତ୍ତିକ ମାହାତ୍ମ୍ୟ', 'ନିଶା ମଙ୍ଗଳବାର ଓଷା' 'ରବି ନାରାୟଣ ବ୍ରତ କଥା' ଆଦି ଏବଂ କାହ୍ନୁ ଚରଣ ଦାସଙ୍କ 'ତାରିଣୀ ସ୍ତବ' ଓ 'ଶନିଶ୍ଚର ମେଳା', ସରସ୍ୱତୀ ବିଦ୍ୟା ଭଣ୍ଡାର ପ୍ରକାଶିତ 'ଖୁଦୁରୁକୁଣୀ ଓଷା', 'ପଞ୍ଚାନନ ମେଳା', 'ଲକ୍ଷ୍ମୀ ପୁରାଣ', 'ଷୋଳ ଶନିବାର ବ୍ରତ' 'ଶୁକ ବିଳାସ', 'ଗର୍ଗ ସଂହିତା', ଧର୍ମଗ୍ରନ୍ଥ ଷ୍ଟୋର୍ ପ୍ରକାଶିତ 'ଗଙ୍ଗା ମାହାତ୍ମ୍ୟ', ଶାରଦା ପ୍ରେସ୍ ପ୍ରକାଶିତ 'ଗରୁଡ଼ ପୁରାଣ', 'ଦ୍ୱାରିକା ଲୀଳା', 'ହନୁମାନ ଚାଳିଶା', 'ଶ୍ରୀ ବଗଳାମୁଖୀ ସହସ୍ରନାମ', 'ଗାୟତ୍ରୀ ଚାଳିଶା', 'କଟକ ଚଣ୍ଡୀ ଚାଳିଶା', ଅକ୍ଷୟ କୁମାର ସାହୁ ମେମୋରିଆଲ୍ ଟ୍ରଷ୍ଟ ପ୍ରକାଶିତ 'ଗଣେଶ ଚାଳିଶା' ସତ୍‌ସଙ୍ଗ ପବ୍ଲିଶ ହାଉସ୍ ପ୍ରକାଶିତ 'ରା-ଉପାସନା', ବୀଣାପାଣି ପୁସ୍ତକ ଭଣ୍ଡାର ପ୍ରକାଶିତ 'ଶିରିଡ଼ି ସାଇ ବ୍ରତକଥା', 'ଦୁର୍ଗାସ୍ତୁତି, ଅଭିରାମ ପରମହଂସଙ୍କ ରଚିତ 'ଶ୍ରୀକୃଷ୍ଣ ସ୍ତବ' 'ଦୁର୍ଗାମାଧବ ସ୍ତବ' ଓ 'ମାତୃସ୍ତବ' ଆଦି ଓଡ଼ିଆ ପୁରାଣ ସାହିତ୍ୟକୁ ପୂରଣ କରେ । ଏବେ ଅଧିକାଂଶ ପୁରାଣ, ବିଶେଷତଃ ଅତ୍ୟାଧୁନିକ ପୁରାଣମାନ ଗୀତିକାରଙ୍କ କଣ୍ଠରେ ଶୋଭାପାଏ । ଯଥା ଟି ସୌରୀଙ୍କ କଣ୍ଠରେ ସାଇପୁରାଣ, ନମିତା ଅଗ୍ରୱାଲ ଓ ଗୀତା ଦାସଙ୍କ କଣ୍ଠରେ ଲକ୍ଷ୍ମୀ ପୁରାଣ, କାଳିଜାଇ କଥା, ଗୀତଗୋବିନ୍ଦ, ତୃପ୍ତି ଦାସଙ୍କ କଣ୍ଠରେ ବିଭିନ୍ନ ପୁରାଣର ସ୍ୱର, ବିଭିନ୍ନ ଗୀତିକାରଙ୍କ କଣ୍ଠରେ ସ୍ୱାମୀ ପୁରାଣ, ଆଧୁନିକ ସ୍ୱାମୀ ପୁରାଣ, ସ୍ତ୍ରୀ-ଉବାଚ ଆଦି ଶୁଣିବାକୁ ମିଳେ ।

ଯାହାହେଉ ଓଡ଼ିଆ ସାହିତ୍ୟରେ ନବାକ୍ଷରୀ ବୃତ୍ତର ଲୋକପ୍ରିୟତା ବୃଦ୍ଧିହେବା ସଙ୍ଗେସଙ୍ଗେ ପୁରାଣର ସଂଖ୍ୟାରେ ମଧ୍ୟ ବୃଦ୍ଧି ଘଟିଛି । ସରଳ, ସୁନ୍ଦର, ପ୍ରାଞ୍ଜଳ, ପୁରାଣ ସୁଲଭ ଭାଷା ଓ ସାଙ୍ଗିତିକତା ଯୋଗୁଁ ପୁରାଣମାନ ସର୍ବଜନାଦୃତ । ଏଥିରେ ଓଡ଼ିଆ ଭାଷାର ଓ ସାହିତ୍ୟର ଅନାବିଳ ପ୍ରତିଛବି ପ୍ରତିବିମ୍ବିତ ଏବଂ ଓଡ଼ିଶାର ସାମାଜିକ ଚିତ୍ର ଚିତ୍ରିତ । ଓଡ଼ିଆ ଭାଷା, ସାହିତ୍ୟ, ସମାଜ, ଧର୍ମ, ସଂସ୍କୃତି, ବିଚାର, ସଂସ୍କାର, ଭକ୍ତି, ଆଧ୍ୟାତ୍ମିକତା, ପୂଜାବିଧି, ଚଳଣି, ବ୍ରତପାଳନ, ଆଖ୍ୟାୟିକା, ଉପଦେଶ ଆଦିରେ ଭରପୂର ଓଡ଼ିଆ ପୁରାଣ ସାହିତ୍ୟ । ଏହା ସତ୍ତ୍ୱେ ଓଡ଼ିଆ ପୁରାଣର ଅଭାବ ମଧ୍ୟ ଅଛି । ଅପ୍ରକାଶିତ ହୋଇ ବି ରହିଛି । ଉତ୍କଳ ବିଶ୍ୱବିଦ୍ୟାଳୟ, ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ଓ ବିଭିନ୍ନ ଗ୍ରନ୍ଥାଗାର ବ୍ୟତୀତ ଓଡ଼ିଶାର ପୁରପଲ୍ଲୀରେ ବହୁ ପୁରାଣ ସାହିତ୍ୟ ଅପ୍ରକାଶିତ ଅବସ୍ଥାରେ ରହିଛି । 'ବୌଦ୍ଧ ପୁରାଣ' ଏକ ବିରାଟ ଓ ଅପ୍ରକାଶିତ ପୁରାଣ ।

ବର୍ତ୍ତମାନ ପର୍ଯ୍ୟନ୍ତ ଓଡ଼ିଆ ପୁରାଣ ସାହିତ୍ୟର ବିଶାଳତା ଦୃଷ୍ଟିଗୋଚର ହେଲେ ହେଁ ତଥାପି ଯଥେଷ୍ଟ ନୁହଁ, ଏଣୁ ଏ କ୍ଷେତ୍ରରେ ବିଧିବଦ୍ଧ ଆଲୋଚନା ଗବେଷଣା ଓ ଚର୍ଚ୍ଚା ହେଲେ ଓଡ଼ିଆ ପୁରାଣ ସାହିତ୍ୟର ଶ୍ରୀ ବୃଦ୍ଧି ହେବ ଏହା ଆଶା କରାଯାଇପାରେ । ■■■

ମହାପାଟ ମହାବିଦ୍ୟାଳୟ, ଜଙ୍ଘିରା, କେନ୍ଦୁଝର

ଲକ୍ଷ୍ମୀକାନ୍ତ ତ୍ରିପାଠୀ

ସାହିତ୍ୟ ସାଧନାରେ ଗଭୀର ରୁଚି । ସମ୍ପାଦନା ଠାରୁ ପ୍ରବନ୍ଧ, କବିତା, ଗଳ୍ପ, ଅନୁବାଦ, ରମ୍ୟ ରଚନା ଆଦି ସାହିତ୍ୟର ସବୁ ବିଭାଗରେ ଲେଖନୀ ଚାଳନା କରିଛନ୍ତି । କବି ଦୀନକୃଷ୍ଣ ଦାସଙ୍କ କାବ୍ୟ ଗ୍ରନ୍ଥର ସମ୍ପାଦିତ ରୂପ 'ଭୂତକେଳି' 'ବୈଦ୍ୟ ଶାସ୍ତ୍ର' ଠାରୁ 'ଦାଣ୍ଡି ପ୍ୟାଟେଣ୍ଟ ମେଡିସିନ' (ପ୍ୟାରୋଡ଼ି) 'ମିତା ପାଇଁ କବିତା', 'ନେତ୍ର ଚରିତମ୍', 'ମୁଁ ଦିନେ ଛାତ୍ର ଥିଲି' (ରମ୍ୟ ରଚନା), 'ଆଖି' (କବିତା ସଂକଳନ) ଆଦି ତାଙ୍କର ବଳିଷ୍ଠ ସୃଷ୍ଟିର ସ୍ୱାକ୍ଷର ବହନ କରେ ।

ବୈତରଣୀ ନଦୀ କଥା ସାରଳା ଦାସ ମହାଭାରତରେ ବାରମ୍ବାର ଉଲ୍ଲେଖ କରିଥିଲେ ମଧ୍ୟ ଏହି ନଦୀ ତାଙ୍କ ଜନ୍ମସ୍ଥାନର ନିକଟବର୍ତ୍ତୀ ବୋଲି କେଉଁଠାରେ କହିନାହାନ୍ତି । ଜନ୍ମସ୍ଥାନ ଓ ନିକଟବର୍ତ୍ତୀ ଗ୍ରାମ ଭାବରେ ସାରଳା ଦାସ ସାରୋଳା, ଝଙ୍କେଶ୍ୱରପୁର ଓ କନକାବତୀ ପାଟଣା କଥା ଉଲ୍ଲେଖ କରିଛନ୍ତି । ସାରଳାଙ୍କ ଜନ୍ମସ୍ଥାନ ସମ୍ପର୍କରେ ଚର୍ଚ୍ଚା କରିବାକୁ ହେଲେ ଆମକୁ ଗ୍ରାମ ନିକଟରେ କୌଣସି ଏକ ନଦୀ ପ୍ରବାହିତ ହେଉଥିବାର ଦେଖାଇବାକୁ ପଡ଼ିବ ଅଥବା ନଦୀ ପ୍ରବାହିତ ହେଉଥିବା ସ୍ଥଳରେ ଏହିପରି ଏକ ଗ୍ରାମର ଉପସ୍ଥିତିକୁ ଉଲ୍ଲେଖ କରିବାକୁ ପଡ଼ିବ ।

ସାରଳା ଦାସଙ୍କ ଜନ୍ମସ୍ଥାନ ପ୍ରସଙ୍ଗ

ଓଡ଼ିଶାରେ କ୍ୱଚିତ୍ କବି ତାଙ୍କ ଜନ୍ମସ୍ଥାନ ସମ୍ପର୍କରେ ନିଜ ରଚନାରେ ସୂଚନା ପ୍ରଦାନ କରିଯାଇଛନ୍ତି । ପୂର୍ବଜନ୍ମ ସମ୍ପର୍କରେ ତ ସାରଳା ଦାସଙ୍କ ବ୍ୟତୀତ ଆଉ କେହି ବର୍ଣ୍ଣନା କରିଥିବାର ଜଣାଯାଏନାହିଁ । ସାରଳା ଦାସ ନିଜର ଜନ୍ମସ୍ଥାନ ସମ୍ପର୍କରେ ପ୍ରାଞ୍ଜଳ ଭାବରେ ବିଭିନ୍ନ କାବ୍ୟରେ ପ୍ରକାଶ କରିଯାଇଛନ୍ତି । ଏହା ସତ୍ତ୍ୱେ ବି ସାରଳା ଦାସଙ୍କ ଜନ୍ମସ୍ଥାନ ସମ୍ପର୍କରେ ଓଡ଼ିଆ ଗବେଷକମାନେ ଏକ ନିର୍ଦ୍ଦିଷ୍ଟ ସିଦ୍ଧାନ୍ତରେ ଉପନୀତ ହୋଇପାରି ନାହାନ୍ତି ।

ସାରଳା ଦାସଙ୍କ ଉପରେ 'ଶ୍ରୀଭାରତଦର୍ପଣ' ନାମକ ଏକ ଗ୍ରନ୍ଥ ରଚନା କରିବା ସମୟରେ ପଣ୍ଡିତ ଗୋପୀନାଥ ନନ୍ଦ ମହୋଦୟ ତାଙ୍କ ଜନ୍ମସ୍ଥାନ ସମ୍ପର୍କରେ ସମ୍ୟକ୍ ଚର୍ଚ୍ଚା କରିଛନ୍ତି । ବିରାଟ ପର୍ବର ଶେଷଭାଗରେ ଥିବା ପାଠକୁ ଉଦ୍ଧାରକରି ସେ ଝଙ୍କଡ଼, ଶାରଳ, ତେନ୍ତୁଳିଆପଦା ଓ କନକପୁର ପାଟଣା ବା ରାମପାଟଣା ଇତ୍ୟାଦି ସ୍ଥାନମାନଙ୍କୁ କବିଙ୍କର ସାମୟିକ ନିବାସ ବୋଲି ଅନୁମାନ କରିଛନ୍ତି । ପଣ୍ଡିତ ନନ୍ଦଙ୍କ ପୂର୍ବରୁ ମୃତ୍ୟୁଞ୍ଜୟ ରଥ ସାରଳାଙ୍କ ସମ୍ପର୍କରେ 'ସାରଳା ଚରିତ' ନାମକ ଏକ ଗ୍ରନ୍ଥ ରଚନାକରି ସାରଳାଙ୍କର ଜୀବନୀ ଓ ସାହିତ୍ୟର ବିସ୍ତୃତ ଆଲୋଚନା କରିଛନ୍ତି । ସାରଳାଙ୍କ ଜନ୍ମସ୍ଥାନ ସମ୍ପର୍କରେ ସଠିକ୍ ତଥ୍ୟ ଓଡ଼ିଆ ପାଠକମାନଙ୍କୁ ପ୍ରଦାନ କରିବା ପାଇଁ ସେ କେବଳ କବିଙ୍କର ରଚନା ଉପରେ ନିର୍ଭର ନକରି ଝଙ୍କଡ଼ ନିକଟସ୍ଥ ସ୍ଥାନକୁ ଯାଇଥିଲେ ଓ ଅନୁସନ୍ଧାନ ଲବ୍ଧ ତଥ୍ୟକୁ 'ସାରଳା ଚରିତ' ଗ୍ରନ୍ଥର ଜନ୍ମସ୍ଥାନ ଶୀର୍ଷକରେ ପ୍ରକାଶ କରିଥିଲେ ।

ମୃତ୍ୟୁଞ୍ଜୟ ରଥ ଲେଖିଛନ୍ତି ଯେ କବିଙ୍କର ପୂର୍ବନାମ ସିଦ୍ଧେଶ୍ୱର ପରିଡ଼ା ଥିଲା । ମହାଭାରତର ଆଦ୍ୟପର୍ବ ଓ ମଧ୍ୟପର୍ବରୁ ପଦ ଉଦ୍ଧାର କରି ସେ ଅନୁମାନ କରିଛନ୍ତି "ଚନ୍ଦ୍ରଭାଗା ନଦୀର (କନକପୁର ପାର୍ଶ୍ୱବାହିନୀ କ୍ଷୁଦ୍ରନଦୀ) ଘାଟିଆଳ ପରଶୁରାମ ତାହାଙ୍କର ଅଗ୍ରଜ ଥିଲେ । ଏହି ପରଶୁରାମ କନକାବତୀ ପାଟଣା (ଆଧୁନିକ କନକପୁର) ବସାଇଥିଲେ । ଏହି ଗ୍ରାମ କଟକରୁ ତାଳଦଣ୍ଡା ନାଳବାଟେ ପ୍ରାୟ ୧୫କ୍ରୋଶ ପୂର୍ବରେ ଅବସ୍ଥିତ । ତାହାର ଉତ୍ତର ପଶ୍ଚିମବର୍ତ୍ତୀ ଶାରଳ ନାମକ ଗ୍ରାମ (ଆଧୁନିକ ନାମ ବଡ଼ ଶାରୋଳ) କବିଙ୍କର ଆଦି ବାସସ୍ଥାନ ଥିଲା । ଆହୁରି ମଧ୍ୟ କବିଙ୍କର ପରମାରାଧ୍ୟା ଶାରଳା ଦେବୀଙ୍କର ମନ୍ଦିର ପ୍ରଥମେ ଏହି ଗ୍ରାମରେ ଥିଲା । ଏହି ମତକୁ ପୁଷ୍ଟ କରିବା ପାଇଁ ମୃତ୍ୟୁଞ୍ଜୟ ରଥ ଆଦ୍ୟପର୍ବରୁ ଯେଉଁ ଉଦାହରଣଟି ଦେଇଥିଲେ, ତାହା ହେଲା–

ନୀଳ ସୁନ୍ଦର ଗିରି ଉତ୍ତର ଦିଗ କୋଣେ
ସାରସ୍ୱତ ଭୂମି ଭ୍ରତଖଣ୍ଡ ଅଇଶାନ୍ୟେ
ଚନ୍ଦ୍ରଭାଗା ବୋଲି କରି ନଦୀ ଏକ ଗୋଟି
ବୃଦ୍ଧମାତାଙ୍କ ପାରୁଶେ ମହୋଦଧି ଭେଟି
ସେ ନଦୀ ତୀରରେ ପର୍ଶୁରାମ ଯେ ଘାଟଇ
କନକାବତୀ ନାମେ ପାଟଣା ପ୍ରକାଶଇ
ତା ଉତ୍ତରେ ଅନୁଜ ଶରଳ ବୋଲି ଗ୍ରାମେ
ବିଜୟେ ମାହେଶ୍ୱରୀ ଶାରଳା ଚଣ୍ଡୀନାମେ ।

ବିଭିନ୍ନ ପୋଥିରେ ଏହି ପଦଟି ରହିଥିଲେ ମଧ୍ୟ କେଉଁଠିକେଉଁଠି ସାମାନ୍ୟ ପରିବର୍ତ୍ତିତ ହୋଇଯାଇଛି । ପୁଣି ସାରଳାଙ୍କ ଜନ୍ମସ୍ଥାନ ସମ୍ପର୍କରେ ଯେଉଁ ଗବେଷକମାନେ ଚର୍ଚ୍ଚା କରିଛନ୍ତି ସମସ୍ତେ ଏହି ପଦକୁ ଉଦ୍ଧାର କରିଛନ୍ତି । ପୁଣି ସମସ୍ତେ ଏହି ପଦକୁ ଅର୍ଥକରି କହିଛନ୍ତି ଯେ ନୀଳ ସୁନ୍ଦର ଗିରିର ଉତ୍ତର କୋଣରେ ଚନ୍ଦ୍ରଭାଗା ନଦୀ ବୋହି ଯାଉଛି । ଏହି ଚନ୍ଦ୍ରଭାଗା ନଦୀ ବୃଦ୍ଧମାତା ନଦୀ ସହିତ ମିଶି ସମୁଦ୍ରରେ ପଡ଼ିଛି । ଚନ୍ଦ୍ରଭାଗା ନଦୀତୀରରେ ପର୍ଶୁରାମ ବୋଲି ଗୋଟିଏ ଘାଟ ଅଛି । ପର୍ଶୁରାମ ଘାଟପାଖରେ କନକାବତୀ ନାମରେ ଏକ ପାଟଣା ଓ ଶାରୋଳା ନାମରେ ଗୋଟିଏ ଗ୍ରାମ ରହିଛି । ସେହି ସ୍ଥାନଟି ସାରଳା ଦାସଙ୍କର ଜନ୍ମସ୍ଥଳୀ ।

ଚନ୍ଦ୍ରଭାଗା ଓ ବୃଦ୍ଧମାତା ନଦୀ ବ୍ୟତୀତ ସାରଳା ଦାସ ତାଙ୍କ ଜନ୍ମସ୍ଥାନର ନିକଟବର୍ତ୍ତୀ ଆଉ ଦୁଇଗୋଟି ନଦୀ କଥା ଉଲ୍ଲେଖ କରିଛନ୍ତି । ତନ୍ମଧ୍ୟରୁ ଗୋଟିଏ ହେଲା ଚିତ୍ରୋତ୍ପଳା ଓ ଅନ୍ୟଟି ପ୍ରାଚୀ । ବୈତରଣୀ ନଦୀ କଥା ସାରଳା ଦାସ ମହାଭାରତରେ ବାରମ୍ବାର ଉଲ୍ଲେଖ କରିଥିଲେ ମଧ୍ୟ ଏହି ନଦୀ ତାଙ୍କ ଜନ୍ମସ୍ଥାନର ନିକଟବର୍ତ୍ତୀ ବୋଲି କେଉଁଠାରେ କହିନାହାନ୍ତି । ଜନ୍ମସ୍ଥାନ ଓ ନିକଟବର୍ତ୍ତୀ ଗ୍ରାମ ଭାବରେ ସାରଳା ଦାସ ସାରୋଳା, ଜଙ୍ଖେରପୁର ଓ କନକାବତୀ ପାଟଣା କଥା ଉଲ୍ଲେଖ କରିଛନ୍ତି । ସାରଳାଙ୍କ ଜନ୍ମସ୍ଥାନ ସମ୍ପର୍କରେ ଚର୍ଚ୍ଚା କରିବାକୁ ହେଲେ ଆମକୁ ଗ୍ରାମ ନିକଟରେ କୌଣସି ଏକ ନଦୀ ପ୍ରବାହିତ ହେଉଥିବାର ଦେଖାଇବାକୁ ପଡ଼ିବ ଅଥବା ନଦୀ ପ୍ରବାହିତ ହେଉଥିବା ସ୍ଥଳରେ ଏହିପରି ଏକ ଗ୍ରାମର ଉପସ୍ଥିତିକୁ ଉଲ୍ଲେଖ କରିବାକୁ ପଡ଼ିବ ।

ପଣ୍ଡିତ ମୃତ୍ୟୁଞ୍ଜୟ ରଥ ତାଙ୍କର ଗବେଷଣା ଲବ୍ଧ ଜ୍ଞାନବଳରେ ପାଠକମାନଙ୍କୁ ଜଣାଇବାକୁ ଚାହିଁଛନ୍ତି ଯେ ସାରଳାଙ୍କର ଅଗ୍ରଜ ପରଶୁରାମ କନକପୁର ପାର୍ଶ୍ୱରେ ବୋହି ଯାଉଥିବା ଚନ୍ଦ୍ରଭାଗା ନାମକ ଏକ କ୍ଷୁଦ୍ର ନଦୀରେ ଘାଟିଆଳ ଥିଲେ ଓ ସେ କନକବତୀ ପାଟଣା ବସାଇଥିଲେ । କନକପୁରର ଉତ୍ତର ପଶ୍ଚିମ କୋଣରେ ଶାରଳ ନାମକ ଏକ ଗ୍ରାମ ଥିଲା ଯେଉଁଠାରେ ସାରଳା ଦାସ ଜନ୍ମ ଗ୍ରହଣ କରିଥିଲେ । କନକ ପୁରର ଏକ କ୍ରୋଶ ଉତ୍ତରରେ ତେନ୍ତୁଳିଆପଦା ନାମକ ଗ୍ରାମର ପଶ୍ଚାଭାଗରେ ବୃଦ୍ଧନଦୀ ଯାହାକୁ ଏବେ ବୁଢ଼ନଇ ବୋଲି କୁହାଯାଉଛି, ପ୍ରବାହିତ । ପଣ୍ଡିତ ମୃତ୍ୟୁଞ୍ଜୟ ରଥଙ୍କ ମତରେ ସାରଳା ଦାସ ଶାରଳ ଗ୍ରାମରେ ଜନ୍ମ ହୋଇଥିଲେ ମଧ୍ୟ ସେ କିଛିଦିନ ତେନ୍ତୁଳିଆପଦାଠାରେ ଓ କିଛିଦିନ ରାହାମାଠାରେ ଅବସ୍ଥାନ କରିଥିଲେ ।

ରାହାମାଠାରେ ସାରଳା ଦାସ ଅବସ୍ଥାନ କରୁଥିବା କାଳରେ ସାରଳା ଦାସଙ୍କ ନାମରେ ଲୋକ ମୁଖରେ ପ୍ରଚଳିତ ଏକ କିମ୍ବଦନ୍ତୀକୁ ପଣ୍ଡିତ ରଥ ସାରଳା ଚରିତରେ ଉଲ୍ଲେଖ କରିଛନ୍ତି । କିମ୍ବଦନ୍ତୀଟି ହେଲା ରାହାମାରେ ଅବସ୍ଥାନ କାଳରେ କବି ସ୍ୱପ୍ନ ଦେଖିଲେ ଯେ ରାତିରେ ତାଙ୍କୁ ସ୍ୱପ୍ନରେ ଦେବୀ କହୁଛନ୍ତି, ତୁ ଯଦି ସେଠାରେ ରହୁଛୁ ତ ମୋତେ ବି ସେଠାକୁ ନେଇଚାଲ । କେମିତି ଆସିବ ବୋଲି ପଥ ପଚାରିବାରୁ ଦେବୀ କହିଲେ ତୁ ପଛକୁ ନ ଚାହିଁ ଆଗେ ଆଗେ ଚାଲ, ମୁଁ ପଛେ ପଛେ ଯାଉଛି । ଯେଉଁଠାରେ ଗୋଟିଏ ବକ ସଞ୍ଚାଣ ଧରିଥିବାର ଦେଖିବୁ ସେହିଠାରେ ମନ୍ଦିର ନିର୍ମାଣ କରିବୁ । ସେହି ଅନୁସାରେ କବି ଆଗେ ଆଗେ ଚାଲିଥିଲେ ଓ ଦେବୀ ପଛେ ପଛେ ଚାଲିଥିଲେ । କିଛି ଦୂର ଯାଇ ରହସ୍ୟ ଜାଣିବା ପାଇଁ କବି ପଛକୁ ଚାହିଁ ଦେବାରୁ ଦେଖିଲେ ଦେବୀ ଆଗକୁ ଆଗକୁ ନ ଯାଇ ସେହିଠାରେ ସ୍ଥିର ହୋଇଯାଇଛନ୍ତି । କବି ଆଗକୁ ଆଉ କିଛିବାଟ ଆଗେଇ ଯାଇ ଦେଖିଲେ ଗୋଟିଏ ପଡ଼ିଆରେ ସ୍ୱପ୍ନାନୁରୂପ ବକଟିଏ ସଞ୍ଚାଣ ଧରିଅଛି । କବି ସେହିଠାରେ ମନ୍ଦିର ନିର୍ମାଣର ବ୍ୟବସ୍ଥା କରିଥିଲେ ।

ମୃତ୍ୟୁଞ୍ଜୟ ରଥ ସାରଳାଙ୍କର ଜନ୍ମସ୍ଥାନକୁ ଯେଉଁପରି ଭାବରେ ବର୍ଣ୍ଣନା କରିଥିଲେ ଗୋପୀନାଥ ମହାନ୍ତିଙ୍କ ପ୍ରବନ୍ଧ ରଚନାକାଳ ପର୍ଯ୍ୟନ୍ତ

ଝଙ୍କଡ଼ସ୍ଥିତ କବିବନ୍ଦିତ ସାରଳା ଦେବୀ

ଅନ୍ୟମାନେ ବି ତାହା ଗ୍ରହଣ କରିନେଇଥିଲେ । ଜଙ୍ଘେରପୁର କାଳକ୍ରମେ ପରିବର୍ତ୍ତିତ ହୋଇ 'ଝଙ୍କଡ଼' ନାମରେ ପରିଚିତ ହୋଇଛି ଓ ଝଙ୍କଡ଼ର ସାରଳା ଦେବୀ ହିଁ କବିବନ୍ଦିତ ସାରଳା ଦେବୀ ବୋଲି ସମସ୍ତେ ଗ୍ରହଣ କରିନେଇଥିଲେ । ମାତ୍ର ଗୋପୀନାଥ ମହାନ୍ତି 'ଝଙ୍କାର' ଅଷ୍ଟମ ବର୍ଷ ଦ୍ୱିତୀୟ ସଂଖ୍ୟା (୧୯୫୬)ରେ 'ସାରଳା ଦାସଙ୍କର ଘର କେଉଁଠି' ବୋଲି ପ୍ରବନ୍ଧଟିଏ ଲେଖିଦେଲାପରେ ସାରଳା ଦାସଙ୍କର ପ୍ରଚଳିତ ଜନ୍ମସ୍ଥାନ ସମ୍ପର୍କରେ ସନ୍ଦେହ ଆସିଗଲା ।

ଗୋପୀନାଥ ମହାନ୍ତିଙ୍କ ମତରେ ପୁରୀର ଉତ୍ତର ପୂର୍ବ ଦିଗରେ ଚନ୍ଦ୍ରଭାଗା ନଦୀ ବୋହିଯାଇଛି । ଚନ୍ଦ୍ରଭାଗା ଓ ବୃଦ୍ଧାମାତା ନଦୀ ଯେଉଁଠାରେ ମିଳିତ ହୋଇଛନ୍ତି ସେହି ମୁହାଣ ନିକଟରେ କଣିଆ ବୋଲି ଗୋଟିଏ ଜନପଦ ରହିଛି । କଣିଆ କନକପୁରର ଅପଭ୍ରଂଶ । ସାରଳା ଦାସ ସେହି କନକପୁରରେ ଜନ୍ମଗ୍ରହଣ କରିଥିଲେ । ଗୋପୀନାଥ ମହାନ୍ତିଙ୍କ ମତରେ ବୃଦ୍ଧାମାତା ବୋଲି ଯେଉଁ ବୁଢ଼ ନଈକୁ କୁହାଯାଉଛି ତାହାର ଚନ୍ଦ୍ରଭାଗା ବା ପ୍ରାଚୀ ନଦୀ ସହିତ କୌଣସି ସମ୍ପର୍କ ନାହିଁ । ମୁନି ଗୋସେଇଁ ମଠ ନାମରେ ଯେଉଁ ସାରଳା ଦାସଙ୍କୁ ଚିହ୍ନିତ କରାଯାଉଛି ଅନ୍ୟ କୌଣସି ମୁନିଙ୍କ ନାମରେ ସେହି ମଠଟି ହୋଇପାରେ । ଝଙ୍କଡ଼, ସାରଳା ଓ କନକପୁର ପ୍ରଭୃତି ଗ୍ରାମ ନାମକୁ ପରବର୍ତ୍ତୀ ସମୟରେ କେହି ପ୍ରଦାନ କରିଥାଇ ପାରନ୍ତି ।

ତାଙ୍କର ଯୁକ୍ତିକୁ ସିଦ୍ଧ କରିବା ପାଇଁ ଉପରୋକ୍ତ ପ୍ରବନ୍ଧରେ ଗୋପୀନାଥ ମହାନ୍ତି ଲେଖିଥିଲେ– ହଜାରେରୁ ବେଶି ବର୍ଷ ବୋହିଗଲାପରେ ନଈପୋତି ହୋଇଗଲାପରେ ପୃଥିବୀରେ ଏତେ ପରିବର୍ତ୍ତନ ଘଟିଗଲା ପରେ ଅମୁକ ଲୋକ ସାରଳା ଦାସଙ୍କ ବଂଶଧର ବୋଲି ବିନା ପ୍ରମାଣରେ କହିବା କି ଭାବିବା ହାସ୍ୟାସ୍ପଦ, ତହିଁରୁ ଆମୋଦ ମିଳିବ, ସତ୍ୟ ନୁହେଁ । ଉପଯୁକ୍ତ ପ୍ରମାଣ ନଥାଇ ଭୂଗୋଳର ନିର୍ଦ୍ଦେଶ ବିରୁଦ୍ଧରେ ଯାଇ ଝଙ୍କଡ଼କୁ ହିଁ ସାରଳା ଦାସ ବର୍ଣ୍ଣନା କରିଥିବା ଜଙ୍ଘେର ଓ କନକପୁରକୁ ତାଙ୍କ ଘର ବୋଲି ଭାବିବା ବି ସେହିପରି ଅନ୍ଧବିଶ୍ୱାସ । ଏଭଳି ମଧ୍ୟ ବିଶ୍ୱାସ କରାଯାଇପାରେ ଯେ ପ୍ରାଚୀନଦୀ ଜଙ୍ଘେରଗଡ଼ର ସାରୋଳା ଚଣ୍ଡୀଙ୍କ ଦେଉଳକୁ ଓ କନକାବତୀ ବା କଣୟ ଗ୍ରାମରେ ସାରଳା ଦାସଙ୍କ ଆଦିଠାବକୁ ଉଦରସ୍ଥ କରିସାରିବାର କିଛିବର୍ଷ ଅତିବାହିତ ହେଲାପରେ କୌଣସି ସାରଳା ମହାଭାରତପ୍ରେମୀ ବାବାଜି ବା ମୁନି ଝଙ୍କଡ଼ରେ ସାରଳା ଠାକୁରାଣୀଙ୍କି ପ୍ରତିଷ୍ଠା କରିଥିଲେ ଓ ସେହିପାଖରେ ତାଙ୍କର 'ମୁନି ଗୋସେଇଁ' ମଠ ବସାଇଥିଲେ । ସାରଳା ଦାସଙ୍କ ସ୍ମୃତିକୁ ପୁନରୁଜ୍ଜୀବିତ କରିବା ଉଦ୍ଦେଶ୍ୟରେ ଲୁପ୍ତ 'ଜଙ୍ଘେର' ଗଡ଼ର ନାମାନୁସାରେ ସେ ଗ୍ରାମର ନାଁ ରଖିଲେ ଝଙ୍କଡ଼ । ଠାକୁରାଣୀଙ୍କ ନାମ ରଖିଲେ ସାରଳା ଓ ସେହି ପାଖ ଗ୍ରାମର ନାମ ରଖିଲେ କନକପୁର । ଚନ୍ଦ୍ରଭାଗା, ମହୋଦଧି, ଗଙ୍ଗାମାତା ମୁହାଣ ଇତ୍ୟାଦି ସ୍ଥାପନ କରିବା ତାଙ୍କ ପକ୍ଷରେ ଅସମ୍ଭବ ବୋଲି ସେ ନିଶ୍ଚୟ ଜାଣିଥିବେ । କାରଣ ସେସବୁ ଭୂଗୋଳର ପରିଚିତ ସ୍ମୃତିସ୍ତମ୍ଭ ପରି । ତେଣୁ ସେଭଳି ନାଆଁ ସେ ଦେଲେନାହିଁ । ସେ ମୁନି ହେଲେ ବି ମଠାଧୀଶ ବୋଧେ ହୋଇଥିବେ, ଯାହା ସାରଳା ଦାସେ କେବେ ନଥିଲେ । ସାରଳା ଠାକୁରାଣୀଙ୍କୁ ସେ ସେଠି ପ୍ରତିଷ୍ଠା କରିଥିବାରୁ ତାଙ୍କ ବନ୍ଧୁବାନ୍ଧବଙ୍କର ସେଠି ସେବା ଅଧିକାର ରହିଥିବା ସ୍ୱାଭାବିକ ଓ ସେମାନେ ଆପଣାକୁ 'ମୁନି' ବୋଲି କହିଥିବା ମଧ୍ୟ ସ୍ୱାଭାବିକ । ଏ କେବଳ ଏକ କଳ୍ପନା, ସତ୍ୟ ନୁହେଁ, କିନ୍ତୁ ଏ କଳ୍ପନା ଚନ୍ଦ୍ରଭାଗା ସମୁଦ୍ରକୂଳ ମୁହାଣ, ଗୋମୁଖୀ କେଶବ, ଚିତ୍ରୋତ୍ପଳା ଉତ୍ପଳେଶ୍ୱର କାକଟପୁର ମଙ୍ଗଳାଙ୍କ ଦକ୍ଷିଣ ପଟ, ପୁରୀର ଉତ୍ତରପୂର୍ବ ପଟ ଇତ୍ୟାଦି ବିଦ୍ୟମାନ ନଥାଇ ଝଙ୍କଡ଼ର ସାରଳାଙ୍କୁ ମହାଭାରତକାରଙ୍କ ଆରାଧ୍ୟ ସାରୋଳାଚଣ୍ଡୀ କହିବା ଅପେକ୍ଷା ଅଧିକତର ବିଶ୍ୱାସ ଯୋଗ୍ୟ ।

ଗୋପୀନାଥ ମହାନ୍ତିଙ୍କ ପ୍ରବନ୍ଧ ପ୍ରକାଶ ପାଇବା ପରେ ସାରଳା ଦାସଙ୍କ ଜନ୍ମସ୍ଥାନ କେଉଁଠି ବୋଲି ଏକ ସ୍ଥାୟୀ ସିଦ୍ଧାନ୍ତରେ ଉପନୀତ ହୋଇ ହେଲାନାହିଁ । ଯେଉଁମାନେ ଝଙ୍କଡ଼ ସନ୍ନିକଟ ସାରଳା ଦାସଙ୍କର ଘର ବୋଲି କହିଲେ ସେମାନଙ୍କ ନିକଟରେ ଚନ୍ଦ୍ରଭାଗା, ପ୍ରାଚୀ, ଚିତ୍ରୋତ୍ପଳା ଆଦି ନଦୀ ନଥିଲା । ଯେଉଁମାନେ କାକଟପୁର ସମୀପବର୍ତ୍ତୀ କୌଣସି ସ୍ଥାନରେ ସାରଳାଙ୍କର ଘର ବୋଲି କହିଲେ ସେମାନଙ୍କ ନିକଟରେ ବି ନଦୀ ନଥିଲା । କାରଣ ଚନ୍ଦ୍ରଭାଗା ଓ ପ୍ରାଚୀ କେବେଠାରୁ ପୋତି ହୋଇଯାଇଥିଲା । ପୁଣି ସେମାନଙ୍କ ନିକଟରେ ଜଙ୍ଘେରପୁର ବା ସାରୋଳ ପରି ଗ୍ରାମ ମଧ୍ୟ ନଥିଲା ।

ସାରଳାଙ୍କ ଘର ସମ୍ପର୍କରେ ଗୋପୀନାଥ ମହାନ୍ତିଙ୍କର ନୂତନ ତଥ୍ୟକୁ ଓଡ଼ିଶାର ଅନ୍ୟ ଗବେଷକମାନେ ସହଜରେ ଗ୍ରହଣ କରିପାରିଲେ ନାହିଁ । 'ଝଙ୍କାର'ର ଅଷ୍ଟମବର୍ଷ ୨ୟ ସଂଖ୍ୟାରେ ଗୋପୀନାଥ ମହାନ୍ତିଙ୍କ ପ୍ରବନ୍ଧ ପ୍ରକାଶିତ ହୋଇଗଲାପରେ ସେହି ଝଙ୍କାରର ଅଷ୍ଟମବର୍ଷ ୫ମ ସଂଖ୍ୟାରେ ଡ. କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ସେହି ପ୍ରବନ୍ଧର ପ୍ରତିବାଦରେ "ସାରଳା ଦାସଙ୍କ ଘର କେଉଁଠି?" ଶିରୋନାମାରେ ପ୍ରବନ୍ଧଟିଏ ପ୍ରକାଶ କରିଥିଲେ । ସେହି ପ୍ରବନ୍ଧରେ ସେ ଚାରିଗୋଟି ପୋଥିରୁ ସାରଳା ଦାସଙ୍କ ଆତ୍ମପକ୍ଷ ବିବୃତି ସଂଗ୍ରହ କରି ଗୋପୀନାଥ ମହାନ୍ତିଙ୍କ ପ୍ରଦତ୍ତ ସମସ୍ତ ଯୁକ୍ତିକୁ ଖଣ୍ଡନ କରିଥିଲେ । ସମସ୍ତ ପ୍ରମାଣକୁ ଏକତ୍ର ଆଲୋଚନା କରି ସେ ଏହି ସିଦ୍ଧାନ୍ତରେ ଉପନୀତ ହୋଇଥିଲେ ଯେ ସାରଳା ଦେବୀଙ୍କ ଘର ତଥା ସାରଳା ଦେବୀଙ୍କ ପୀଠ ଚନ୍ଦ୍ରଭାଗା ବା ବୃଦ୍ଧମାତା ନଦୀ କୂଳରେ ଜଙ୍ଘେର ଗ୍ରାମରେ ଅବସ୍ଥିତ ଥିଲା । ଏହା ପାଖରେ ଥିଲା ପରଶୁରାମ ପାଟଣା ଓ କନକାବତୀ ନଗର । ବୃଦ୍ଧମାତା ନଦୀ ଚିତ୍ରୋତ୍ପଳା ସହିତ ମିଶି ସମୁଦ୍ରରେ ପଡ଼ିଥିଲା । ସାରଳା ଦାସଙ୍କ ଘର ଯେ ବିରଜା ମଣ୍ଡଳରେ ଥିଲା ଏହା ମଧ୍ୟ ଡ. ପାଣିଗ୍ରାହୀ ପ୍ରମାଣ କରିଥିଲେ ।

'ଝଙ୍କାର'ର ସେହି ଅଷ୍ଟମ ବର୍ଷ ୫ମ ସଂଖ୍ୟାରେ ଡ. ବଂଶୀଧର ମହାନ୍ତି ମଧ୍ୟ 'ସାରଳା ଦାସଙ୍କ ଘର ଝଙ୍କଡ଼ ନା କଣିଆ' ନାମରେ ଏକ ପ୍ରବନ୍ଧ ପ୍ରକାଶ କରିଥିଲେ । ଏହି ପ୍ରବନ୍ଧରେ ସେ ଗୋପୀନାଥ ମହାନ୍ତିଙ୍କର ସମସ୍ତ ଯୁକ୍ତିକୁ କାଟି ତାଙ୍କୁ ଝଙ୍କଡ଼ର ବାସିନ୍ଦା ଭାବରେ ପୁନଶ୍ଚ ପ୍ରତିଷ୍ଠିତ କରିଥିଲେ । ଝଙ୍କଡ଼ ନିକଟରେ ଚନ୍ଦ୍ରଭାଗା ନଦୀ ପ୍ରବାହିତ ହେଉଥିବାର

ପ୍ରମାଣ ଦେଇ ପ୍ରବନ୍ଧର ଶେଷରେ ସେ କହିଥିଲେ ଯେ ଐତିହାସିକ ସାରଳା ମନ୍ଦିର, ସ୍ଥାନ ନାମ, କିମ୍ବଦନ୍ତୀ ଓ ବଂଶ ପରମ୍ପରା ପ୍ରଭୃତି ପ୍ରମାଣରୁ ସାରଳା ଦାସଙ୍କୁ କଟକ ଜିଲ୍ଲା ତିର୍ତ୍ତୋଲ ଥାନା ଝଙ୍କଡ଼ ପ୍ରଗଣାର ବାସିନ୍ଦା କହିବା ଦ୍ୱିରୁକ୍ତି ମାତ୍ର ।

ଡ. ମହାନ୍ତି ଓ ଡ. ପାଣିଗ୍ରାହୀଙ୍କ ପ୍ରବନ୍ଧ ପ୍ରକାଶିତ ହେବାର ଚାରିମାସ ପରେ, ଅର୍ଥାତ୍ 'ଝଙ୍କାର' ୮ମବର୍ଷ ୯ମ ଓ ୧୦ମ ଦୁଇଗୋଟି ସଂଖ୍ୟାରେ ଅଚ୍ୟୁତାନନ୍ଦ ଦାସ ନାମକ ଜଣେ ଗବେଷକ 'ସାରଳା ଦାସଙ୍କ ଆବିର୍ଭାବ ସ୍ଥାନ ଓ ସମୟ' ଶୀର୍ଷକରେ ଏକ ବିସ୍ତୃତ ପ୍ରବନ୍ଧ ପ୍ରକାଶ କରିଥିଲେ । ଏହି ପ୍ରବନ୍ଧରେ ମଧ୍ୟ ଅଚ୍ୟୁତାନନ୍ଦ ଗୋପୀନାଥ ମହାନ୍ତିଙ୍କ 'ଝଙ୍କାର' ଓ 'ଡଗର'ରେ ପ୍ରକାଶିତ ଦୁଇଗୋଟି ପ୍ରବନ୍ଧରେ ଥିବା ମତକୁ ଯୁକ୍ତି ବଳରେ ଖଣ୍ଡନ କରିଥିଲେ । ଅଚ୍ୟୁତାନନ୍ଦ ବୁଢ଼ନଈକୁ ବୃଦ୍ଧ ମାତାଙ୍ଗୀ ଓ କନକପୁର ନିକଟରେ ପ୍ରବାହିତ ନଦୀକୁ ଚନ୍ଦ୍ରଭାଗା ନାମରେ ଚିହ୍ନିତ କରିଥିଲେ । ପ୍ରାବନ୍ଧିକଙ୍କ ମତରେ ବଡ଼ ସାରୋଳ ଗ୍ରାମଟି ସାରଳା ଚଣ୍ଡୀଙ୍କ ଆଦିପୀଠ । ମନ୍ଦିରଟି ଏହି ସ୍ଥାନରୁ ସ୍ଥାନାନ୍ତରିତ ହୋଇଯାଇଥିଲେ ମଧ୍ୟ ନଣ୍ଡାଦେଉଳ ନାମରେ ତାହା ଆଜି ମଧ୍ୟ ପରିଚିତ । ମୁସଲମାନଙ୍କ ଦାଉରୁ ହିନ୍ଦୁ ଦେବଦେବୀଙ୍କୁ ରକ୍ଷା କରିବା ପାଇଁ ମାନସିଂହ ସେଠାରେ ରାଜପୁତ ବସ୍ତି ବସାଇଥିଲେ । ରାଜପୁତମାନଙ୍କର ଇଷ୍ଟଦେବୀ ସାରଳା ଚଣ୍ଡୀ ।

ସାରଳାଙ୍କ ସମ୍ପର୍କରେ ଯେଉଁ ଗବେଷକମାନେ ଆଲୋଚନା କରିଛନ୍ତି ପ୍ରାୟ ସମସ୍ତେ ତାଙ୍କ ଜନ୍ମସ୍ଥାନ ସମ୍ପର୍କରେ କିଞ୍ଚିତ ସୂଚନା ପ୍ରଦାନ କରିଛନ୍ତି । ଅଧିକାଂଶ ଗବେଷକ ଝଙ୍କଡ଼ ନିକଟରେ ତାଙ୍କର ଘର ବୋଲି ମତ ପ୍ରକାଶ କରିଛନ୍ତି । ଐତିହାସିକ କୈଳାସଚନ୍ଦ୍ର ଦାଶ ୨୦୧୭ ମସିହା 'ଝଙ୍କାର'ର ୬୯/୧ ସଂଖ୍ୟାରେ 'ସାରଳା ଦାସଙ୍କ ଜନ୍ମସ୍ଥାନ' ପ୍ରବନ୍ଧରେ ଓ ୨୦୧୯ ମସିହା, 'ଝଙ୍କାର' ପୂଜା ସଂଖ୍ୟାରେ 'ସିଦ୍ଧ ସାରୋଳ ଚଣ୍ଡୀ ଓ ବୃଦ୍ଧମାତା : ଏକ ସଦ୍ୟ ପରିକ୍ରମା' ପ୍ରବନ୍ଧରେ ସାରଳାଙ୍କ ଜନ୍ମସ୍ଥାନ ପ୍ରସଙ୍ଗକୁ ବହୁ ଦୃଷ୍ଟିକୋଣରୁ ଆଲୋଚନା କରି ତାଙ୍କର ଜନ୍ମସ୍ଥାନକୁ ଝଙ୍କଡ଼ଠାରୁ ବହୁଦୂରକୁ ନେଇ ଯାଇଛନ୍ତି । ଶ୍ରୀ ଦାଶ ସିଦ୍ଧାନ୍ତରେ ଉପନୀତ ହୋଇ ପ୍ରକାଶ କରିଛନ୍ତି ଯେ ସାରଳା ମହାଭାରତ ବର୍ଣ୍ଣିତ କେତେକ ପ୍ରସଙ୍ଗରୁ ଏକଥା ସ୍ପଷ୍ଟ ଯେ ସିଦ୍ଧ ସାରୋଳା ଚଣ୍ଡୀଙ୍କ ସ୍ଥାନ ଜଂଖେରପୁର ଚନ୍ଦ୍ରଭାଗା ପ୍ରବାହିତ ଅଂଚଳରେ ଥିଲା ଏବଂ ସେହି ଜଂଖେରପୁର ମଧ୍ୟଯୁଗରେ ପ୍ରସିଦ୍ଧ ଜଂଖେର ବା ବର୍ତ୍ତମାନର ଝଙ୍କଡ଼ ହୋଇ ନପାରେ ।

ଗବେଷକମାନଙ୍କ ପାଇଁ ପାଞ୍ଚଟି ସୂଚନା ଦିଆଗଲା, ଯାହାକୁ ତର୍ଜମା କଲେ ସାରଳା ଦାସଙ୍କ ଜନ୍ମସ୍ଥାନ ନିରୂପଣରେ ତାହା ସହାୟକ ହୋଇପାରିବ । ସେହି ପାଞ୍ଚଗୋଟି ହେଲା- (୧) ସାରଳା ଦାସ ନିଜେ ରଚନା କରିଥିବା ତାଙ୍କର ଜନ୍ମ ଚରିତ (୨) ଅପରଙ୍କ ଦ୍ୱାରା ରଚିତ ତାଙ୍କର ଜନ୍ମଚରିତ (୩) ମହାଭାରତରେ ସାରଳା ଦାସ ଗୁରୁତ୍ୱ ପ୍ରଦାନକରି ବାରମ୍ବାର ଉଲ୍ଲେଖ କରିଥିବା ସ୍ଥାନ (୪) ଶ୍ରୀଚଣ୍ଡୀ ସାରୋଳା ଓ ଜଂଖେରପୁରବାସୀ ମଧ୍ୟରେ ପାର୍ଥକ୍ୟ (୫) ବ୍ୟବହାର କରିଥିବା କେତେକ ଶବ୍ଦରୁ ଜନ୍ମସ୍ଥାନ ସହ ସମ୍ପର୍କ ।

(୧) ସାରଳା ଦାସ ନିଜେ ରଚନା କରିଥିବା ତାଙ୍କର ଜନ୍ମ ଚରିତ: ସାରଳା ଦାସ ନିଜେ ତାଙ୍କର ଜନ୍ମସ୍ଥାନ ସମ୍ପର୍କରେ ଯେଉଁ ସୂଚନାମାନ ପ୍ରଦାନ କରିଛନ୍ତି ପ୍ରାୟ ପ୍ରତ୍ୟେକ ଗବେଷକ ତାହାକୁ ଉଦ୍ଧାର କରି ଆଲୋଚନା କରିଛନ୍ତି । ମାତ୍ର ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ଦ୍ୱାରା ସମ୍ପାଦିତ ସାରଳା ମହାଭାରତର ଆଦିପର୍ବର ପରିଶିଷ୍ଟ ଭାବରେ 'ସାରଳା ଦେବୀଙ୍କ ବନ୍ଦନା' ଶୀର୍ଷକରେ ଏକ କାହାଣୀ 'ଦ' ପୋଥିରୁ ପାଠୋଦ୍ଧାର କରି ପ୍ରକାଶ କରାଯାଇଛି । କାହାଣୀପରି ପ୍ରଦାନ କରାଯାଇଥିବା ତାଙ୍କର ନିଜ କଥାକୁ ଗବେଷକମାନେ ବୋଧହୁଏ ତାଙ୍କର ଗବେଷଣା ପରିସର ଅନ୍ତର୍ଭୁକ୍ତ କରିନାହାନ୍ତି । ଦୁଇଶହ ଚଉଷଠି ପଦବିଶିଷ୍ଟ ଏହି କାହାଣୀକୁ ପାଠକମାନଙ୍କ ଅବଗତି ନିମିତ୍ତ ଏଠାରେ ପ୍ରଦାନ କରାଯାଉଛି ।

ସଂସାରରେ ଯେତେକ ଦେବଦେବୀ ପୂଜା ପାଉଛନ୍ତି ସମସ୍ତେ ସମସ୍ୟା ନଦେଇ ମୌନ ହୋଇ ବସି ରହିଥାଆନ୍ତି । ମାତ୍ର ଶ୍ରୀସାରୋଳା ଚଣ୍ଡୀଙ୍କ ନାମକୁ ଯିଏ ସ୍ମରଣ କରନ୍ତି ସାରୋଳାଚଣ୍ଡୀ ନିଶ୍ଚୟ ତାଙ୍କୁ ସହାୟତା ପ୍ରଦାନ କରି ଥାଆନ୍ତି । ସୂର୍ଯ୍ୟଙ୍କ ଉଦୟରୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ଦେବୀ ତିନି ପ୍ରକାର ମୂର୍ତ୍ତି ଧାରଣ କରିଥାଆନ୍ତି । ପ୍ରଭାତ ସମୟରେ ସେ ବାଳକ ରୂପ ଧାରଣକରି ବାଳକମାନଙ୍କ ସହିତ ଖେଳିଥାଆନ୍ତି । ବାଳକ ରୂପରେ ଏକ ପ୍ରହର ଖେଳିବା ପରେ ଦେବୀ ବାଳକ ରୂପ ପରିତ୍ୟାଗ କରି ଯୁବନାରୀ ରୂପ ଗ୍ରହଣ କରନ୍ତି ଓ ଯୁବାସ୍ତିରୀମାନଙ୍କ ସହିତ ମେଳି ହୁଅନ୍ତି । କାହାର ସଖୀ, କାହାର ସଙ୍ଗାତୁଣୀ ଓ କାହାର ଦାସୀ ରୂପରେ ମନ ମୋହି ଗୋଟିଏ ପ୍ରହର ପରେ ଦେବୀ ସେହି ରୂପକୁ ତ୍ୟାଗ କରନ୍ତି । ଯୁବାସ୍ତିରୀ ରୂପ ତ୍ୟାଗକରି ଦେବୀ ପ୍ରାଚୀନଦୀରେ ସ୍ନାନ କରନ୍ତି ଓ ପରେ ତରୁଣୀ ରୂପ ଧାରଣ କରନ୍ତି । ସେତେବେଳେ ଦେବୀ ନାନା ଅଳଙ୍କାରରେ ଆଭରଣ ହୁଅନ୍ତି । ଶିରରେ ସିମନ୍ତିନୀ, ଗଳାରେ ମୋତିମାଳ, କର୍ଣ୍ଣରେ ସୁବର୍ଣ୍ଣକାପ, ହାତରେ ତାଡ଼ ଓ ପୟରେ ନୁପୂର ଇତ୍ୟାଦି ଧାରଣ କରନ୍ତି । ଅଷ୍ଟଭୁଜା ଦେବୀ ସିଂହ ପିଠିରେ ବିଜୟ କରନ୍ତି । ତାଙ୍କ ପାଦରେ ଡାକୁଣୀ ଓ ପିଶାଚୁଣୀମାନେ ଖଟୁଥାଆନ୍ତି । ସନ୍ଧ୍ୟା ସମୟରେ ନଗର ଭ୍ରମଣକରି ଆସି ଦେବୀ ମନ୍ଦିରରେ ବିଜେ କରନ୍ତି । ସିଂହାସନରେ ଉପବିଷ୍ଟ ହୋଇ ସେ ପୁରୁଷୋତ୍ତମ ଧାମକୁ ବିଜେକରି ଜଗନ୍ନାଥଙ୍କୁ ଦର୍ଶନ କରନ୍ତି । ଜଗନ୍ନାଥଙ୍କ ବଡ଼ସିଂହାର ବେଶ ଦେଖିସାରି ଦେବୀ ନିଜ ଆସ୍ଥାନକୁ ମେଲାଣି ହୋଇ ଆସନ୍ତି । ଏହିପରି ପ୍ରତିଦିନ କରୁଥିବା ଦେବୀଙ୍କର ପଟାନ୍ତର ନାହିଁ । କୌଣସି ରାଜା ତାଙ୍କ ପାଇଁ ଭୋଗଖଞ୍ଜି ନାହାନ୍ତି, ମାତ୍ର ଦେବୀଙ୍କର ଆଜ୍ଞାରେ ଛେଳି, ପୋଡ଼ୁହ, ବୋଦା ଆଦି ବହୁ ଦୂରରୁ ଆସି ତାଙ୍କୁ ସମର୍ପିତ ହୋଇଥାଏ । କବି ଲେଖିଛନ୍ତି-

ମୁହିଁ ଯେ ସାରୋଳା ଦାସ ସେହି ଗ୍ରାମରେ ଥାଇ
ନାନା କଷ୍ଟ ପଡ଼ିଣ ଦିନ ମୁଁ ବଞ୍ଚଇ
ଜାତିରେ ଶୂଦ୍ର ମୁଁ ଯେ ଅଟଇ ମୂରୁଖ
ପାଠ ସାହାସ୍ରମାନ ମୁଁ ନଜାଣଇ ହାକ ।

ନିଜ ସମ୍ପର୍କରେ ସୂଚନାଦେଇ ସାରଳା ଦାସ କହୁଛନ୍ତି ଯେ ସେ ସାରୋଳା ଗ୍ରାମରେ ପ୍ରଧାନ ଅଟନ୍ତି । ପୁରୁଷାନୁକ୍ରମରେ ସେ ଗ୍ରାମୀଣ

ଭାବରେ ଅବସ୍ଥାପିତ ଅଛନ୍ତି । ତାଙ୍କର ଇଷ୍ଟଦେବତା ସାରୋଳା ଚଣ୍ଡୀ ଓ ତାହାଙ୍କ ଚରଣରେ ସେ ସର୍ବଦା ସେବା କରୁଥାଆନ୍ତି । ନିଜର ଜୀବିକା ସମ୍ପର୍କରେ ସାରଳା ଲେଖିଛନ୍ତି ଯେ–

ଚାଷ ଚଷିଣ ଆମ୍ଭେ ନାନା କୃଷି କରି
ଧାନର ଚାଷ କାକୁଡ଼ି ମାଣ୍ଡିଆ ଆଦି କରି
ନାନା କୃଷିକରି ଦୁଃଖରେ ଦିନ ନେଉ
ଯେଥିର ଆହାଲାଦେ ଦିନ ବଞ୍ଚିଥାଉ ।

ନିଜ ପରିବାର ସମ୍ପର୍କରେ ସୂଚନା ଦେଇ ସାରଳା ଦାସ କହିଛନ୍ତି ଯେ ତାଙ୍କ ପିତାଙ୍କର ଚାରିଗୋଟି ପୁତ୍ର । ମୁଁ ସବୁଠାରୁ ସାନ । ପିତାମାତା ବୃଦ୍ଧ ହୋଇଯାଇଛନ୍ତି । ଜ୍ୟେଷ୍ଠ ଭାଇମାନେ ସବୁବେଳେ ଚାଷକାର୍ଯ୍ୟରେ ମନୋନିବେଶ କରୁଥାଆନ୍ତି । ମୋତେ ସେମାନେ ଯେଉଁ କୃଷିକାମରେ ଲଗାଇ ଦିଅନ୍ତି ମୁଁ ସୁଖରେ ସେହି କାର୍ଯ୍ୟ ସମ୍ପାଦନ କରିଥାଏ ।

ଏହିପରି କିଛି ଦିନ ଅତିବାହିତ ହେବାପରେ ବୈଶାଖ ମାସ ଶୁକ୍ଳପକ୍ଷ ଅଷ୍ଟମୀ ମଙ୍ଗଳବାର ଉପସ୍ଥିତ ହେଲା । ସେଦିନ ପରିବେଶ ଥିଲା ଖୁବ୍ ଉତ୍ତପ୍ତ । ସାରଳା ଦାସଙ୍କ ପରିବାର ପ୍ରାଚୀ ନଦୀର ଉତ୍ତର କୂଳରେ ଆଖୁଭୂମି ଖଣ୍ଡିଏ ଚାଷ କରୁଥିଲେ । ଭାଇମାନେ ଯନ୍ତ୍ର ବସାଇ ଆଖୁବାଡ଼ିକି ପାଣି ତେଣ୍ଟୁଥାଆନ୍ତି । ତାହାର ପାଖାପାଖି ରାଜପଥ ହୋଇଥିବାରୁ ବହୁ ସଂଖ୍ୟାରେ ଲୋକ ଯାତାୟାତ କରୁଥାଆନ୍ତି । ପାଣି ତେଣ୍ଟୁଥିବା ସମୟରେ ସାରଳା ଦାସ ବିଭଙ୍ଗକରି ଗୀତପଦୁଟିଏ ଲେଖାଏ ଗାଇ ଦେଉଥାଆନ୍ତି । ସେହି ରାସ୍ତାରେ ଦେବୀ ଷୋଡ଼ଶୀ ରୂପଧାରଣ କରି ଆସୁଥାଆନ୍ତି । ଦେବୀଙ୍କୁ ଦେଖି ସାରଳା ଦାସ ଲଜ୍ଜାପାଇ ଗୀତ ଗାଇବା ବନ୍ଦ କରିଦେଲେ । ଦେବୀ ଖଣ୍ଡେ ଦୂରଯାଇ ଯୁବାରୂପ ତ୍ୟାଗକରି ବୃଦ୍ଧାରୂପ ଧାରଣ କଲେ । ସାରଳାଙ୍କୁ ଦେଖି ଦେବୀ ପଚାରିଲେ, ତୁ ଗୀତ ଗାଉଥିଲୁ ବନ୍ଦ କଲୁ କାହିଁକି? ସାରଳା କହୁଛନ୍ତି-

ମୁହିଁ ବୋଇଲି ମାଗୋ ଯାଉଅଛ ତୁମ୍ଭେ
କେସନେ ଭଣ୍ଡ ବିଭଣ୍ଡ ଫୁକାରିବି ତୁଣ୍ଡେ
ଯେତେକ କହି ମୁହିଁ ହୋଇଲଙ୍ଗ ତୁନି
କି ଗୀତ ଗାଇବି ଯେ କହିଦିଅ ପୁଣି
ଠାକୁରାଣୀ ବୋଇଲେ ତୁ ବିଷ୍ଣୁର ଚରିତ ବଖାଣ
ତୋହର ମୁଖରେ ଅନ୍ୟକାବ୍ୟ ନଫୁରୁ ବଚନ ।

ସେହିଦିନଠାରୁ ସାରଳା ଦାସ ବିଷ୍ଣୁଙ୍କର ଚରିତ ପ୍ରକାଶ କରିବାରେ ମନୋନିବେଶ କଲେ । ଏହାପରେ ସାରଳା ଦାସ ତାଙ୍କର ପୂର୍ବଜନ୍ମର କଥା ପ୍ରକାଶ କରିଛନ୍ତି । ପୂର୍ବଜନ୍ମରେ ସେ କପିଳାସପୁରରେ ଶିବଙ୍କର ପଶ୍ଚିମଦ୍ୱାରରେ ଦ୍ୱାରପାଳ ଥିଲେ । ଏକଦା ପାର୍ବତୀଙ୍କର ଉଲଗ୍ନ ଶରୀର ଦେଖିବାରୁ ପାର୍ବତୀ ତାଙ୍କୁ କ୍ରୋଧରେ ମୃତ୍ୟୁମଣ୍ଡଳରେ ଜନ୍ମ ହେବ ବୋଲି ଶାପ୍ୟ ପ୍ରଦାନ କରିଥିଲେ । ଶିବ ମଧ୍ୟ ଅଳ୍ପ ଦୋଷରେ ଶାପ୍ୟ ପ୍ରଦାନରେ ଅସନ୍ତୁଷ୍ଟ ହୋଇଥିଲେ ମଧ୍ୟ ପାର୍ବତୀଙ୍କ ଶାପ୍ୟ ଯେ ଫଳିବ ଏହା ନିଶ୍ଚିତ କରିଦେଲେ । କେଉଁଠାରେ ଜନ୍ମହେବେ ବୋଲି ସାରଳା ପଚାରିବାରୁ ଶିବ କହିଲେ–

ଶୁଣି ବିଶ୍ୱନାଥେ ଅଳପ ହସିଲେ
ବୋଇଲେ ଉତ୍କଳ ଦେଶ ଓଡ଼୍ରରାଷ୍ଟ୍ର ମଣ୍ଡଳେ
ନୀଳଗିରି ନୀଳସୁନ୍ଦର ବଟ ନିକଟର
ପ୍ରାଚୀ ନଦୀର ସେ ଯେ ଉତ୍ତର ତୀରର
ସ୍ୱର୍ଗୁ ବଳିଣ ସେ ଦେଶ ପଟାନ୍ତର ।
ତହିଁର ପଢ଼ା ଯେ ସାରୋଳା ନାମେ ଗ୍ରାମ
ତୋହରି ପିତା ତହିଁ ହୋଇବ ଗ୍ରାମୀନ
ତୋହର ନାମ ଯେ ହୋଇବ ସାରୋଳା
ଜନମୁଁ ମୂରୁଖି ବିଦ୍ୟାରେ ନାହିଁ ମେଳା ।

ଦେବୀ ସାରଳା ଓ ସାରୋଳାଦାସ ଗୋଟିଏ ସ୍ଥାନରେ ଜନ୍ମଗ୍ରହଣ କରିଥିଲେ । ଦେବୀ ମହାଭାରତ ପୁରାଣ ଗୀତରେ ସାରଳାଙ୍କୁ କହିଦେବାରୁ ସାରଳା ତାହା ପୋଥିରେ ଲେଖିବାକୁ ସକ୍ଷମ ହୋଇଥିଲେ ।

ସାରଳା ଦାସଙ୍କର ଏହି କାହାଣୀରେ ଚନ୍ଦ୍ରଭାଗା ନଦୀ କିମ୍ବା ବୃଦ୍ଧାମାତା ନଦୀର ନାମ ନାହିଁ । ପ୍ରାଚୀ ନଦୀର ଉତ୍ତର ତଟରେ ସାରୋଳା ନାମକ ଗ୍ରାମରେ କବି ଜନ୍ମ ଗ୍ରହଣ କରିଥିଲେ ବୋଲି ଏହି ଅଧ୍ୟାୟରେ ସୂଚନା ପ୍ରଦାନ କରାଯାଇଛି । ସାରଳା ଦାସଙ୍କ ଜନ୍ମସ୍ଥାନ ଚର୍ଚ୍ଚା କରିବା ସମୟରେ ଏହି ତଥ୍ୟକୁ ଗ୍ରହଣ କରିବା ଏକାନ୍ତ ଆବଶ୍ୟକ ।

(୨) ଅପରଙ୍କ ଦ୍ୱାରା ରଚିତ ସାରଳା ଦାସଙ୍କ ଜନ୍ମ ଚରିତ: ଯେପରି ଦାର୍ଢ୍ୟତା ଭକ୍ତି ଗ୍ରନ୍ଥରେ ରାମଦାସ ବିଭିନ୍ନ ବ୍ୟକ୍ତିଙ୍କର ଜୀବନୀକୁ ପଦ୍ୟାକାରରେ ଲିପିବଦ୍ଧ କରିଛନ୍ତି, ସେହିପରି ସାରଳା ଦାସଙ୍କର ଜୀବନ କାହାଣୀକୁ ମଧ୍ୟ କୌଣସି କବି ଲିପିବଦ୍ଧ କରିଯାଇଛନ୍ତି । ଶ୍ୟାମସୁନ୍ଦର ରାଜଗୁରୁ ଉତ୍କଳ ସାହିତ୍ୟର ସପ୍ତମ ବର୍ଷ ଚତୁର୍ଥ ସଂଖ୍ୟା ୧୯୦୩ ମସିହାରେ ଜଣେ କବିଙ୍କର ସାରଳା ଦାସଙ୍କ ଜୀବନୀ ସମ୍ପର୍କିତ କବିତାକୁ ଉଦ୍ଧାର କରିଛନ୍ତି । ଖଣ୍ଡିଏ ହସ୍ତଲିଖିତ ପୁସ୍ତକର ପ୍ରାରମ୍ଭରେ ଲେଖା ହୋଇଥିବା କବିତାକୁ ଉଦ୍ଧାରକରି ରାଜଗୁରୁ ମହାଶୟ ଏହାକୁ ଜଣେ ସାହିତ୍ୟ ଶଠର କାର୍ଯ୍ୟ ବୋଲି ଅନୁମାନ କରିଛନ୍ତି । ଏଥିରୁ ଆମେ ପ୍ରାମାଣିକତା ସଂଗ୍ରହ କରି ନପାରିଲେ ବି ଜଣେ କବି କବିତାକୁ ଲେଖିଲା ବେଳେ ସେ ଶୁଣିଥିବା କଥା ଉପରେ କିଛିଟା ଗୁରୁତ୍ୱ ଦେବା ଗବେଷକର କର୍ତ୍ତବ୍ୟ ହେବା ଉଚିତ । ସେହି ହାତ ଲେଖାଟି ମଧ୍ୟ କୌଣସି ଜଣେ ପ୍ରାଚୀନ କବିଙ୍କର । ସେହି ଦୃଷ୍ଟିରୁ ସେ ଯେଉଁ କଥାକୁ ଶୁଣିଛନ୍ତି ସେଥିରେ କିଛିଟା ସତ୍ୟତା ରହିଥିବା ଅସମ୍ଭବ ନୁହେଁ ।

ଶ୍ୟାମସୁନ୍ଦର ରାଜଗୁରୁ ଉଦ୍ଧାର କରିଥିବା କବିତାଟି ଏହିପରି–

କୈଳାସବାସୀ ସେ (ଶାରଳା ଦାସ) ରୂପରେ ଅବତାର
ମୂର୍ଖ ହୋଇ ଜନ୍ମ ହେଲା ଶୂଦ୍ରଘର
ବିରଜା ମଣ୍ଡଳ ଦେଶେ କୃଷି କରୁଥାଇ
ଏକଦିନେ ପଦେ ସେ ଟେକିଲା ଗୀତଗାଇ

ପଛକୁ ଚାହିଁଲା ଆମ୍ଭେ (ଶାରଳା ଦେବୀ) ବୃଦ୍ଧାସ୍ତିରୀ ରୂପ
ତେଣୁ କରି ଗୀତପଦ କଲାକ ସେ ଲୋପ
କରେ ହଳ ବାଡ଼ି ଧରିଣ ଭୂମିଚଷି
ପୁଣି ହିଁ ଢମାଳି ଗୀତ ଗାଇଲା ପଦେ ହସି
ଅତି ବୃଦ୍ଧ ଅବସ୍ଥା ହୋଇଣ ଆମ୍ଭେ ଗଲୁଁ
ସେ କୃଷିକାର ପାଶେ ପ୍ରବେଶ ହୋଇଲୁଁ
ଚାଲନ୍ତେ ଲଡ଼ବଡ଼ ଯେ ଛିଡ଼ା ଧୋତି କଟି
ସେ ଭୂମିର ହୁଡ଼ା ନପାରିଲୁଁ ଉଠି
ଥରହର ହୋଇ ଭୂମିରେ ପଡ଼ିବା ବେଳେ
କୃଷିକାର ଦେଖି ଧାଇଁଲା ତତକାଳେ
ବେନିକରେ ମୋତେ କୋଳାଗ୍ରତ କରି
ସ୍ଥିର କରିନେଇ ବସାଇଲା ଧରି
କାହିଁର ମାତ ତୁଗୋ କେବଳ ଦେଶ ଯାଉ
ସଙ୍ଗେ କେହି ନାହିଁ ଏକା ତ ଅଇଲୁ କାହୁଁ
ମୁଁ ବୋଇଲି ଆରେ ବନ୍ଧୁବର୍ଗ ମୋର ନାହିଁ
ତେଣୁ ଏକା ହୋଇ ଅଇଲି ଏଥେ ମୁହିଁ
ଯକ୍ଷପୁର ଶାସନେ ଅଟଇ ମୋର ବାସ
ବଣା ହୋଇ ଅଇଲି ନ ଜାଣି କେଉଁ ପାଶ
ମୁଁ ବୃଦ୍ଧା ମୋତେ ଗଙ୍ଗା ପାରି କରିଦିଅ

x x x x x x

ଆମ୍ଭେ ଜାଣିଲୁ ତାର ହୃଦର ବେଦନା
ବୋଇଲୁଁ ବାବୁ ଗୀତ ପଦେ ଗାଉନା
ବଚନେ କହିଲା ମା ଗୋ ମୂର୍ଖ ମୋର ମତି
ବଷଟକାର ପଦ କେମନ୍ତେ କରିବି ଭକତି
ଆମ୍ଭେ ବିଚାରିଲୁଁ ସେ ହୋଇଲା ତୋର ଜ୍ଞାନ
ଶ୍ରୀମହାଭାରତ ଏବେ କରତୁ ଲେଖନ ।

ଏହି କବିତାରେ ସାରଳା ଦାସଙ୍କୁ ବିରଜା ମଣ୍ଡଳର ଅଧିବାସୀ ଭାବରେ ବର୍ଣ୍ଣନା କରାଯାଇଛି । ପୁଣି ବୃଦ୍ଧ ନଦୀକୁ ଗଙ୍ଗା ନାମରେ ଅଭିହିତ କରାଯାଇଛି । ସାରଳାଙ୍କ ଘରକୁ ଯକ୍ଷପୁର ଶାସନ ନାମରେ ଅଭିହିତ କରାଯାଇଛି । ତେଣୁ ଏହିସବୁ ଦୃଷ୍ଟିରୁ ସାରଳାଙ୍କ ଜନ୍ମସ୍ଥାନ ପ୍ରସଙ୍ଗ ଆଲୋଚନା କାଳରେ ଏହି ଗୀତକୁ ମଧ୍ୟ ଆଲୋଚନା ପରିସରର ଅନ୍ତର୍ଭୁକ୍ତ କରିବା ନିହାତି ଆବଶ୍ୟକ ।

(୩) ମହାଭାରତରେ ସାରଳା ଦାସ ଗୁରୁତ୍ୱ ପ୍ରଦାନ କରି ବାରମ୍ବାର ଉଲ୍ଲେଖ କରିଥିବା ସ୍ଥାନ : ଉପର କବିତାରେ ସାରଳା ଦାସଙ୍କୁ ବିରଜା ମଣ୍ଡଳର ଅଧିବାସୀ ରୂପେ ଚିହ୍ନିତ କରାଯାଇଛି । ବିରଜାମନ୍ଦିର ଯାଜପୁରରେ ଥିବା ଯୋଗୁଁ ବିରଜା ପଞ୍ଜିକା ପ୍ରଚଳନ କରାଯାଉଥିବା ସ୍ଥାନକୁ ବିରଜାମଣ୍ଡଳ ବୋଲି କୁହାଯାଇଥାଏ ।

ଡ. କୃଷ୍ଣଚନ୍ଦ୍ର ପାଣିଗ୍ରାହୀ 'ଝଙ୍କାର' ଅଷ୍ଟମବର୍ଷ ୫ମ ସଂଖ୍ୟାରେ ସାରଳା ଦାସଙ୍କ ଘର କେଉଁଠି ଶିରୋନାମାରେ ବିଭିନ୍ନ ମହାଭାରତ ପୋଥିରୁ ସଂଗ୍ରହ କରି ଯେଉଁ ଉଦାହରଣମାନ ପ୍ରଦାନ କରିଛନ୍ତି ତନ୍ମଧ୍ୟରୁ ଗୋଟିଏ ଉଦାହରଣରେ ଲେଖାଯାଇଛି ଯେ–

ମହୁଦଧି ଉତ୍ତର ପାରୁସେ ଯମ୍ବୋଦ୍ୱୀପ ମହୀ
ଭ୍ରଥଖଣ୍ଡ ଓଡ଼ରାଷ୍ଟ୍ର ଆଗମେଣ କହି
ଶୁବିଧାନ କଟେକ ଯାଯପୁର ନଗ୍ରି
ବିଖଳେଶ୍ୱର ଦକ୍ଷିଣ କୋଣେ ବିଜୟେ ସାକୋମ୍ବେରି ।

ଏଠାରେ ଯାଯପୁର ନଗ୍ରର କଥା ଉଲ୍ଲିଖିତ ହୋଇଥିବାରୁ ଯାଯପୁର ତାଙ୍କର ଖୁବ୍ ପରିଚିତ ସ୍ଥାନ ବୋଲି ମନେ କରାଯାଇପାରେ । ଅନେକ ସ୍ଥାନରେ ସେ ଯାଯପୁର କଥା ଲେଖିଥିବା ଯୋଗୁଁ ଯାଜପୁର ନିକଟବର୍ତ୍ତୀ କୌଣସି ସ୍ଥାନରେ ସେ ଜନ୍ମ ହୋଇଥିବା କଥାକୁ ଏଡ଼ାଇ ଦିଆଯାଇ ନପାରେ ।

ମହାଭାରତର ଉଦ୍‌ଯୋଗ ପର୍ବର ଗୋଟିଏ ଅଧ୍ୟାୟରେ ଭାରଦାର କଥା ବର୍ଣ୍ଣନା କରାଯାଇଛି । ଭାରଦା ଏପରି ଏକ ପାପୀ ଯିଏ ନିଜ ସ୍ତ୍ରୀର ସେବାକରି ଜୀବନ ଅତିବାହିତ କରୁଥାଏ । ନିଜ ସ୍ତ୍ରୀକୁ ପରପୁରୁଷ ନିକଟରେ ଛାଡ଼ିଦେଇ ସେ ଦୁଆର ମୁହଁରେ ଜଗି ବସିଥାଏ । ସେହି ଭାରଦା ମୁହଁରୁ ପାଣ୍ଡବମାନେ ଭାରତ ଯୁଦ୍ଧର ଭବିଷ୍ୟତ ସମ୍ପର୍କରେ ଜାଣିପାରିଥିଲେ । ସେଇଥିପାଇଁ ମହାଭାରତରେ ଭାରଦା ଚରିତ୍ରର ଗୁରୁତ୍ୱ ରହିଛି ।

ଭାରଦାର ଘର ଯାଜପୁର ନଗ୍ରରେ ବୋଲି ମହାଭାରତରେ ଉଲ୍ଲେଖ କରାଯାଇଛି । ଭାରଦାର ଘର ସମ୍ପର୍କରେ ଯୁଧିଷ୍ଠିରଙ୍କର ପ୍ରଶ୍ନର ଉତ୍ତର ଦେଇ ସହଦେବ କହିଛନ୍ତି–

ସ୍ୱାମୀ ବଇତରଣୀ ନଦୀକୂଳେ ଯାଯପୁର ବୋଲି ନଗ୍ରେ
ଧବଳୀ ପର୍ବତ ଗୋଟି ଅଛି ପଛିମର ଭାଗେ

ସେହି ଧବଳି ପର୍ବରେ ଗୋଟିଏ ସୁସଞ୍ଚ ପରିମଳ ପୁରରେ ଭାରଦା ପତ୍ନୀ ସହିତ ବାସକରେ ।

ସ୍ୱର୍ଗାରୋହଣ ପର୍ବରେ ଯାଜପୁରକୁ ଅତ୍ୟନ୍ତ ପ୍ରାଧାନ୍ୟ ଦିଆଯାଇଛି । କଳିର ପ୍ରବେଶ ପରେ ପାଣ୍ଡବମାନେ ରାଜ୍ୟତ୍ୟାଗ କରି ସନ୍ନ୍ୟାସବେଶ ଧାରଣ କରି ପ୍ରଥମେ ବୈତରଣୀ ନଦୀ କୂଳରେ ଯାଜପୁର ନଗ୍ରରେ ପ୍ରବେଶ କରିଛନ୍ତି । ମହାଭାରତର ସ୍ୱର୍ଗାରୋହଣ ପର୍ବରେ ଅଛି–

ଭୋ ରାଜନ କୋଇନ୍ତାର ପୁତ୍ରେ ଯେ ରାଜ୍ୟ ତେଜ୍ୟାକରି
ବଇତରଣୀ ନଦୀକୂଳେ ଅଛି ଯାଜନଗ୍ରପୁରୀ
ଯହୁଁ ଯୁଧେଷ୍ଟି ଦେବ ଚଳିଲେ ପ୍ରସ୍ଥାନେ
ରହିଲେ ଧର୍ମପୁରେ ପଣ୍ଡୁର ନନ୍ଦନେ ।

ଯାଜପୁରରେ ହରି ସାହୁର କନ୍ୟା ସୁହାଣୀକୁ ଯୁଧିଷ୍ଠିର ବିବାହ କରିଥିଲେ । ଏଠାରେ ଗବେଷକମାନଙ୍କୁ ସୂଚିତ କରାଇବାକୁ ଚାହେଁ ଯେ ସାରଳା ଦାସଙ୍କ ମହାଭାରତର କ ପୋଥି, ଛ ପୋଥି, ଥ ପୋଥି,

୫ ପୋଥି, ୦ ପୋଥି ଓ ଡ ପୋଥିରେ ଯାଜପୁର ନଗରକୁ ଚିତ୍ରୋତ୍ପଳା ନଦୀ ତୀରରେ ବୋଲି କୁହାଯାଇଛି ।

"ଚିତ୍ରୋତ୍ପଳା ନଦୀ ତୀରେ ଯେ ଯାଜନାମେ ନଗ୍ରୀ ।"

ହୁଏତ ବୈତରଣୀକୁ କବି ଚିତ୍ରୋତ୍ପଳା ନଦୀ ବୋଲି କହୁଥିଲେ । ତେଣୁ ସାରଳା ଦାସ ପ୍ରୟୋଗ କରିଥିବା ଚିତ୍ରୋତ୍ପଳା ନଦୀକୁ ଯଦି ବୈତରଣୀ ନଦୀ ଭାବରେ ଗ୍ରହଣ କରାଯିବ ତ ଅନେକ ସମସ୍ୟାର ସମାଧାନ ହୋଇଯାଇପାରିବ ।

ଯାଜପୁରର ପ୍ରଶଂସାରେ କବି କିପରି ଶତମୁଖ ହୋଇଛନ୍ତି ସେହି ସ୍ୱର୍ଗାରୋହଣ ପର୍ବରୁ ତାହାର ଉଦାହରଣ ସଂଗ୍ରହ କରିହେବ । ହରି ସାହୁଙ୍କ ସମକ୍ଷରେ ଯମଦେବତା ସତ୍ୟକରି କହିଛନ୍ତି-

ମୃତ୍ୟୁମଣ୍ଡଳରେ ଯେ ନଗ୍ର ନାମ ଅମରାବତୀ
ଶୁଣ ଆହେ ବୁଧଜନେ ମୁଁ ଯାହା କହିଲି
ତେଣୁ ସେ ଅମରାବତୀ ନାମ ଧର୍ମପୁର ବୋଲି ।

ଏହି ସବୁ ଦୃଷ୍ଟିରୁ ବିଚାରକଲେ କବିଙ୍କର ଘର ଯାଜପୁର ନଗ୍ର ହୋଇଥାଉ ବା ନଥାଉ ବିରଜାମଣ୍ଡଳରେ ବୋଲି ସ୍ପଷ୍ଟଭାବରେ ଅନୁମିତ ହୋଇଥାଏ ।

(୪) ଶ୍ରୀଚଣ୍ଡୀ ସାରୋଳା ଓ ଜଂଖେରପୁରବାସୀ ମଧ୍ୟରେ ପାର୍ଥକ୍ୟ: ସାରଳା ଦାସ କେତେବେଳେ ଶ୍ରୀଚଣ୍ଡୀ ସାରଳାଙ୍କୁ ସାରଳା ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ବୋଲି କହିଛନ୍ତି ତ ପୁଣି କେତେବେଳେ ଜଙ୍ଖେରପୁରବାସୀ ବୋଲି କହିଛନ୍ତି । ତେଣୁ ସାରୋଳାଚଣ୍ଡୀ ଜଣେ କି ଦୁଇଜଣ ଏ ନେଇ ସନ୍ଦେହ ସୃଷ୍ଟି ହେବା ସ୍ୱାଭାବିକ । ସାରଳା ଦାସଙ୍କ ରଚିତ ଭାରତ ହରିବଂଶ ନାମକ ପୋଥିରେ ସାରଳାଙ୍କ ବନ୍ଦନା ପାଠକଲେ ସମସ୍ତ ସନ୍ଦେହ ଦୂରୀଭୂତ ହୋଇପାରିବ ।

ସାରଳା ମହାଭାରତରେ ସାରଳାଙ୍କର ଯେପରି ଦଶଗୋଟି ଅବତାରର ବର୍ଣ୍ଣନା କରାଯାଇଛି, ଭାରତ ହରିବଂଶରେ ସେହିପରି ଏକୋଇଶ ଗୋଟି ଅବତାରର ବର୍ଣ୍ଣନା କରାଯାଇଛି । ପାର୍ବତୀ, ଚଣ୍ଡୀ, ମଙ୍ଗଳା, କାଳିକା, ବ୍ରହ୍ମାୟେଣି, ରୁଦ୍ରାୟେଣି, ସିଦ୍ଧେଶ୍ୱରୀ, କାମାକ୍ଷୀ, ହିଙ୍ଗୁଳା ପ୍ରମୁଖଙ୍କୁ ସାରଳାଙ୍କ ଅବତାର ଭାବରେ ବର୍ଣ୍ଣନା କରିସାରିବାପରେ ସେ ଲେଖିଛନ୍ତି–

ବିଂଶ ଅବତାରେ ଶ୍ରୀଚଣ୍ଡୀ ସାରୋଳା
ୟେକବିଂଶ ଅବତାରେ ଯଙ୍ଖେରପୁରବାସୀ
ମୁହିଁ ଦୀନପାମର ତୁମ୍ଭର ପାଦରେ ଶରଣ ପଶି ।

ଏଠାରେ ଶ୍ରୀଚଣ୍ଡୀ ସାରୋଳାଙ୍କୁ ଗୋଟିଏ ଅବତାର ଓ ଯଙ୍ଖେରପୁରବାସୀଙ୍କୁ ଆଉ ଗୋଟିଏ ଅବତାର ବୋଲି କହିଥିବା ଯୋଗୁଁ ସେ ଦୁଇଜଣ ଯେ ଅଲଗା, ତାହା ନିଶ୍ଚିତ ରୂପେ ଗ୍ରହଣ କରିହେବ । ଏଣୁ ସାରଳା ଦାସଙ୍କର ଘର ଏମିତି ଏକ ସ୍ଥାନରେ ଥିଲା ଯେଉଁଠାରେ ଦୁଇଜଣ ସାରଳାଙ୍କ ଉପସ୍ଥିତିକୁ ସ୍ୱୀକାର କରାଯାଉଥିଲା । ଝଙ୍କଡ଼ ନିକଟରେ ବିଲ୍ୱସାରଳା, ବଡ଼ ସାରୋଳା ନାମରେ କେତେକ ଗ୍ରାମ ରହିଥିବାରୁ ସେହିସବୁ ସ୍ଥାନମାନଙ୍କରେ ସାରୋଳାଚଣ୍ଡୀ ପୂଜିତ ହେଉଥିବାର ଅନୁମାନ କରାଯାଇପାରେ । ଯେଉଁମାନେ ସାରଳାଙ୍କ ଜନ୍ମସ୍ଥାନ ସମ୍ପର୍କରେ ଗବେଷଣା କରୁଛନ୍ତି, ସେମାନଙ୍କୁ ମନେ ରଖିବାକୁ ହେବ ଯେ ଦୁଇଜଣ ସାରଳା ପୂଜିତ ହେଉଥିବା ସ୍ଥାନରେ ହିଁ ସାରଳା ଦାସ ଜନ୍ମଗ୍ରହଣ କରିଥିଲେ ।

(୫) ବ୍ୟବହାର କରିଥିବା କେତେକ ଶବ୍ଦରୁ ଜନ୍ମସ୍ଥାନ ସହ ସମ୍ପର୍କ: ସାରଳା ଦାସଙ୍କ ଜନ୍ମସ୍ଥାନ ସମ୍ପର୍କରେ ଜାଣିବା ପାଇଁ ମହାଭାରତରେ ପ୍ରଯୁକ୍ତ କେତେକ ଶବ୍ଦ ଉପରେ ଗବେଷକମାନେ ଗୁରୁତ୍ୱ ଦେଇଥାଆନ୍ତି । ମହାନଦୀ, ଚିତ୍ରୋତ୍ପଳା, ଚନ୍ଦ୍ରଭାଗା, ବୃଦ୍ଧାମାତା, ବୈତରଣୀ, ଜଂଖେରପୁର, କନକାବତୀ, ସାରୋଳା ଇତ୍ୟାଦି ଶବ୍ଦକୁ ତର୍ଜମା କରି ସାରଳାଙ୍କ ଜନ୍ମସ୍ଥାନ ସମ୍ପର୍କିତ ଏକ ସିଦ୍ଧାନ୍ତରେ ଉପନୀତ ହେବାକୁ ଚେଷ୍ଟା କରିଥାଆନ୍ତି । ଡ. ବଂଶୀଧର ମହାନ୍ତି ସାରଳା ଦାସଙ୍କର ଜନ୍ମସ୍ଥାନ ଶୀର୍ଷକ ଆଲୋଚନାରେ ଝଙ୍କେଶ୍ୱର, ସାନସାରୋଳ, ସାରୋଳ, କନକପୁର ଦେଉଳୀ, ବଡ଼ ସାରୋଳ, ତେନ୍ତୁଳିଆପଦା, ରାଉଳପୁର ଇତ୍ୟାଦି କେତେକ ଗ୍ରାମର ନାମ ୧୯୫୧ ମସିହା ସେନ୍‌ସସ୍ ରିପୋର୍ଟରୁ ଉଦ୍ଧାର କରି ପ୍ରଦାନ କରିଛନ୍ତି । ଗୋଟିଏ ଗ୍ରାମର ନାମ ରାଉଳପୁର ଥିବା ଯୋଗୁଁ ସେଠାରେ ରାଉଳମାନେ ବାସ କରୁଥିବାର ଆମେ ଅନୁମାନ କରିବା । ସାରଳା ଦାସଙ୍କ ଭାରତ ହରିବଂଶରେ ରାଉଳମାନଙ୍କର କଥା ଅତିସୁନ୍ଦର ଭାବରେ ଉଲ୍ଲେଖ କରାଯାଇଛି । ସୂଦ୍ର ରାଉଳଟିଏ ଶ୍ମଶାନ ଭୂମିକୁ ଚାଷ କରିବା ସମୟରେ ଭୂତମାନେ ଗୋଳ କରିବାରୁ ଭୂତମାନଙ୍କୁ ସେ ମହାଜାଲରେ ବାନ୍ଧି ପକାଇଲା ।

ସମସାନ ଭୂମିକି ସୁଦ୍ର ରାଉଳ ଚଷିଲା
ଭୂତଗୋଳ କରନ୍ତେ ମହାଜାଲରେ ବାନ୍ଧିଲା

(ଭାରତ ହରିବଂଶ : ପ୍ରସଙ୍ଗ : ଦୂତଭାବରେ ଶ୍ରୀକୃଷ୍ଣଙ୍କର ହସ୍ତିନାପୁର ଗମନ)

ସେହି ରାଉଳମାନଙ୍କର ନାମରେ ଯେ ଝଙ୍କଡ଼ ନିକଟବର୍ତ୍ତୀ ସ୍ଥାନ ରାଉଳପୁର ହୋଇନଥିବ ତାହା କିଏ କହିପାରିବ?

ଉପରୋକ୍ତ ପ୍ରମାଣ ଓ ପ୍ରୟୋଗଗୁଡ଼ିକୁ ତର୍ଜମା କଲେ ସାରଳା ଦାସଙ୍କର ଜନ୍ମସ୍ଥାନ ବିରଜାମଣ୍ଡଳର ଅନ୍ତର୍ଗତ ଥିଲା ବୋଲି ଅନୁମାନ କରିହେବ । ଅବଶ୍ୟ ଏହି ସବୁ ପ୍ରମାଣମାନ ସାରସ୍ୱତ ଚର୍ଚ୍ଚାରୁ ନିର୍ଗତ ହୋଇ ଆମ ନିକଟରେ ତଥ୍ୟ ରୂପରେ ପ୍ରତିଭାତ ହୋଇଛି । ଯେଉଁମାନେ ସାରଳା ଦାସଙ୍କର ଜନ୍ମସ୍ଥାନ କୋଣାର୍କ ନିକଟରେ ବୋଲି ଦାବି କରୁଛନ୍ତି ସେମାନଙ୍କ ନିକଟରେ ବଳିଷ୍ଠ ଓ ଅକାଟ୍ୟ ଯୁକ୍ତି ନ ପହଞ୍ଚିବା ପର୍ଯ୍ୟନ୍ତ ଝଙ୍କଡ଼ ନିକଟବର୍ତ୍ତୀ ସ୍ଥାନରେ ସାରଳାଙ୍କ ଜନ୍ମସ୍ଥାନ ବୋଲି ଗ୍ରହଣ କରିବାକୁ ହେବ । ■■■

ଅମୃତାୟନ, ନାଗେଶ୍ୱରପଲ୍ଲୀ
ଆଲୁପୁର, ତାମୁଲିଆରୋଡ଼, ବାଲେଶ୍ୱର-୭୫୬୦୦୧

ସୁଲୋଚନା ଦାସ

ସମକାଳୀନ ଓଡ଼ିଆ ସାହିତ୍ୟରେ ଜଣେ ସ୍ୱତନ୍ତ୍ର ସ୍ରଷ୍ଟା । ମନସ୍ତାତ୍ତ୍ୱିକ ବିଶ୍ଳେଷଣ ପାଇଁ ସେ ପାଠକ ମହଲରେ ବେଶ୍ ଆଦୃତ । 'ମାଟିର ମହକ', 'ସଜଳଘର', 'ଭଙ୍ଗୁର', 'ମଧୁକ୍ଷରା', 'ସ୍ୱୟଂବର' ଆଦି ଗଳ୍ପ ସଂକଳନ ତାଙ୍କ କୃତିର ପରିଚୟ । ସାରସ୍ୱତ ପ୍ରତିଭା ପାଇଁ ପାଇଛନ୍ତି ଅନେକ ସମ୍ମାନ ଓ ପୁରସ୍କାର ।

କରୁଣାର ବିଭୂତି

ଅନାମିକାଙ୍କର ସପ୍ରେମ ସମ୍ବୋଧନ– ହେ ମୋର ପ୍ରାଣପ୍ରିୟ ପ୍ରଭୁ! ଅନେକଦିନ ପରେ ଆଜି ତୁମକଥା ମନେ ପକାଇଲାବେଳେ ଅତୀତ ମୂର୍ତ୍ତିମନ୍ତ ହୋଇ ଉଭା ହୋଇଯାଉଛି ସାମ୍ନାରେ । ଆଜି ଆଉ ବିଶ୍ୱାସ ଅବିଶ୍ୱାସର ଦ୍ୱନ୍ଦ୍ୱ ନାହିଁ । ମନରେ ତୁମ ଉପସ୍ଥିତି ସମ୍ପର୍କରେ କୌଣସି ସଂଶୟ ନାହିଁ । ତୁମେ ମୋର ହାତଧରି ବାଟ କଢ଼ାଇ ନେଇଛ, ଏକଥା ମୁଁ ମୁକ୍ତ କଣ୍ଠରେ ସ୍ୱୀକାର କରୁଛି । ମୋର କୃତଜ୍ଞତା, ହୃଦୟଭରା ସ୍ୱୀକୃତି ଓ ଭକ୍ତି ଗ୍ରହଣ କରିବ ପ୍ରଭୁ । ତୁମ ପାଦତଳେ ନିବେଦନ କରୁଛି ।

ପ୍ରଭୁ, ତୁମକୁ କିଏ ସଶରୀରେ ଦେଖିଛି କି ନାହିଁ ସେକଥା ଜଣାନାହିଁ ଅନାମିକାଙ୍କୁ । କିନ୍ତୁ କିଏ କେତେ ଭାବରେ ତୁମକୁ ପାଇଛି, ସେ ବିବରଣୀ ବେଶ ଦୀର୍ଘ । ତୁମେ ତ ଭାବର ଠାକୁର । ଭାବଭକ୍ତିରେ ଥରେ ଡାକିଦେଲେ ତୁମେ ଓ କର । ଏକଥା କିଏ ବା ନଜାଣେ ।

୧୯୭୪ ମସିହା । ଅଧ୍ୟାପିକା ଅନାମିକା ବ୍ରହ୍ମପୁର ମହିଳା କଲେଜରେ ଚାକିରି କରୁଥିବା ସମୟର କଥା । ତେଲଗୁ ବିଭାଗର ଅଧ୍ୟାପିକା ଆୟାରାମା ଦିଦି ତିନିଥର ପି.ଏ.ସି. ନ ପାଇ ଚାକିରି ହରାଇଥାନ୍ତି । ସେ କଲେଜର ଏନ୍.ସି.ସି. ଦାୟିତ୍ୱ ନିର୍ବାହ କରୁଥିଲେ । ଏବେ ସମସ୍ୟା ହେଲା କାହା ମୁଣ୍ଡ ଉପରେ ଏ ଦାୟିତ୍ୱ ଲଦିଦିଆ ଯିବ । ଅଧ୍ୟକ୍ଷା କେତେଜଣ ସିନିଅର ଅଧ୍ୟାପିକାଙ୍କୁ ପଚାରିଲେ । ହେଲେ ପ୍ରାୟ ସମସ୍ତେ ଅରାଜି ହେଲେ । କାହାର ଅନ୍ୟ କେଉଁ ଦାୟିତ୍ୱ ଥାଏ । ଅଧ୍ୟକ୍ଷା ଅନାମିକାଙ୍କୁ ଡାକି କହିଲେ ଆୟାରାମ ଦିଦିଙ୍କ ଠାରୁ ଏନ୍.ସି.ସି.ର ଚାର୍ଜ ନେବାପାଇଁ । ଏନ୍.ସି.ସି. ସମ୍ପର୍କରେ ସମ୍ପୂର୍ଣ୍ଣ ଅଜ୍ଞ, ଏପରିକି ଏହାର ଅ ଆ ଜାଣିନଥିବା ଗୋଟେ ଅଜ୍ଞ ଲୋକକୁ ଦାୟିତ୍ୱ ଦେବାକଥା ଅଧ୍ୟକ୍ଷା କେମିତି ଭାବି ପାରିଲେ କେଜାଣି । ବାଧବାଧକତାରେ ଦାୟିତ୍ୱ ଗ୍ରହଣ କଲେ ଅନାମିକା । ଏ ଦାୟିତ୍ୱ ବହନ କରିବାକୁ ପ୍ରତ୍ୟାଖ୍ୟାନ କରିବା ପାଇଁ କଣ୍ଠ ଯାଏ ଶବ୍ଦମାନେ ଆସି ମିଳାଇଗଲେ । ମନେ ପଡ଼ିଗଲା ସ୍ୱାମୀଙ୍କର ଉପଦେଶ, ଯେତେ କଷ୍ଟକର ହେଉପଛେ ଉପରିସ୍ଥ ଅଫିସର ବା ଅଧ୍ୟକ୍ଷାଙ୍କର ଯେ କୌଣସି ପରିସ୍ଥିତି 'ନା' କହିବ ନାହିଁ । ପରେ ହୁଏତ ସୁବିଧା ଅସୁବିଧା ଜଣାଇଲେ ସେ ବୁଝି ପାରିବେ ।

ଏହାଛଡ଼ା ଅନାମିକା ନିଜ ଚାକିରି ବଞ୍ଚେଇ ରଖିବା ପାଇଁ ସବୁ ଅସୁବିଧା ଓ କଠିନ ପରିସ୍ଥିତିକୁ ସାମନା କରିବା ପାଇଁ ସବୁବେଳେ ସଚେତନ ଥିଲେ । ଏନ୍.ସି.ସି. ଦାୟିତ୍ୱ ସହଜ କଥା ନୁହେଁ । ଡିଫେନ୍ସ ବା ସୈନ୍ୟବିଭାଗର ସମ୍ପର୍କ ରହିଛି ଏଥିରେ । ଆଇନକାନୁନ, ରୀତିନୀତି ସବୁ କଡ଼ାକଡ଼ି । ମିଲିଟାରୀ ଅଫିସରମାନେ ଏନ୍.ସି.ସି. ଟ୍ରେନିଂ ଓ ଅନ୍ୟସମସ୍ତ ବ୍ୟବସ୍ଥାକୁ ନିୟନ୍ତ୍ରଣ କରିଥାନ୍ତି । ରାଜ୍ୟ ବାହାରର ଅଫିସରମାନେ ରାଜ୍ୟରେ ଅବସ୍ଥାପିତ ହୋଇ କ୍ୟାଡେଟମାନଙ୍କୁ ତାଲିମ ଦେଇଥାନ୍ତି । ରାଜ୍ୟରେ ଓ ଭାରତବର୍ଷର ଅନ୍ୟାନ୍ୟ ରାଜ୍ୟରେ କ୍ୟାଡେଟମାନଙ୍କର ବାର୍ଷିକ କ୍ୟାମ୍ପ ହୁଏ । ବିଭିନ୍ନ ପରୀକ୍ଷା ହୁଏ । ସାଧାରଣ ଲୋକଙ୍କ ପ୍ରବେଶ ଏଥିରେ କମ୍ । ଆଇନ ଓ ଶୃଙ୍ଖଳା ଏହାର ମୂଳମନ୍ତ୍ର । ଭାବିବାକୁ ଗଲେ ବେଶ୍ ଗୁରୁଦାୟିତ୍ୱ । ଅନାମିକା ମନେ ମନେ ସ୍ଥିର କଲେ, ଯାଉ କିଛିଦିନ ଅଧ୍ୟକ୍ଷାଙ୍କୁ ନିଜର ଅସାମର୍ଥ୍ୟ ଜଣାଇ ମନା କରିବେ । ଆରମ୍ଭରୁ ମନାକଲେ ସେ ନିଶ୍ଚୟ କ୍ଷୁଣ୍ଣ ହେବେ । ଦାୟିତ୍ୱ ବହନ କରିବା ପୂର୍ବରୁ ସେ ମନେମନେ ନିଜ ଠାକୁରଙ୍କୁ ପ୍ରାର୍ଥନା କରି କହିଲେ– ପ୍ରଭୁ! ଏ ଗୁରୁଦାୟିତ୍ୱ କେବଳ ତୁମରି ଭରସାରେ ବହନ କରୁଛି । ଏଣିକି ସମ୍ଭାଳିବ ତମେ ।

ଷ୍ଟୋର ଚାର୍ଜ ଦେବା ପୂର୍ବରୁ ଆୟାରାମା ଦିଦି ଅନେକ କଥା, ଅନେକ ଉପଦେଶ ଦେଇଥିଲେ । ସେସବୁ ଅନାମିକାଙ୍କ ଏ କାନରେ ପଶି ସେ କାନରେ ବାହାରିଯାଉଥାଏ । ଦାୟିତ୍ୱ ବହନ କରିବାର

ଦୁଇମାସ ପରେ ସାଧାରଣତନ୍ତ୍ର ଦିବସ ପଡ଼ିଲା। ମହିଳା ଟ୍ରୁପ୍ ଏ ପ୍ୟାରେଡରେ ଯୋଗଦେବା ସ୍ୱାଭାବିକ କଥା। ବଡ଼ ବିଚିତ୍ର କଥା ଅନାମିକାଙ୍କ ପରି ଜଣେ ଅନଭିଜ୍ଞ ସିଭିଲିଆନ ଅଫିସରଙ୍କ ତତ୍ତ୍ୱାବଧାନରେ ଯୋଗ ଦେଇଥିବା ତାଙ୍କ ମହିଳା କ୍ୟାଡେଟ୍‌ମାନେ ସମସ୍ତ ଟ୍ରୁପ୍‌କୁ ଟପି ସେ ବର୍ଷର 'ବେଷ୍ଟ ଟ୍ରୁପ୍‌ଟ୍ରଫି' ହାସଲ କଲେ। କିଛିଦିନ ପରେ ଏ ଦାୟିତ୍ୱରୁ ଅନାମିକାଙ୍କୁ ଅବ୍ୟାହତି ଦେବେ ବୋଲି ନିର୍ଭର ପ୍ରତିଶ୍ରୁତି ଦେଇଥିବା ଅଧ୍ୟକ୍ଷ ହସି ହସି କହିଲେ, ତୁମେ ନିଜ ଦକ୍ଷତା ପ୍ରମାଣିତ କରିଦେଲ ଅନାମିକା। ମୁଁ ବେଶ୍ ଆନନ୍ଦିତ ଆମ ପିଲାଙ୍କର ଏ ସଫଳତାରେ, ଏ ଦାୟିତ୍ୱ ବେଶ୍ ଭଲଭାବରେ ତୁମେ ତୁଲେଇ ପାରିବ, ଏକଥା ତ ତୁମେ ପ୍ରମାଣ କରିଦେଲ। ଏବେ ଆଉ ଏନ୍.ସି.ସି. ଛାଡ଼ିବା କଥା ମନରୁ ପୋଛିଦିଅ। ଏଇ ଅଳ୍ପବୟସରୁ ହିଁ ସବୁକଥା ଶିଖି ପାରିଲେ ତୁମକୁ ଭବିଷ୍ୟତରେ କିଛି ଅସୁବିଧା ହେବନାହିଁ। ସବୁପାରିବ– ଏଇ ମାନସିକତା ହିଁ ତୁମକୁ ଆଗକୁ ନେବ।

ରେଭେନ୍ସାକୁ ବଦଳି ହୋଇ ଆସିବାଯାଏ ସେଠି ଅନାମିକା ଏ ଦାୟିତ୍ୱକୁ ସୁଚାରୁରୂପେ ତୁଲାଇଥିଲେ। ରେଭେନ୍‌ସାକୁ ବଦଳି ହେଲା। ସେପର୍ଯ୍ୟନ୍ତ ରେଭେନ୍ସାରେ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ମହିଳା ବିଭାଗ (ଗାର୍ଲସ ଉଇଙ୍ଗ) ଖୋଲି ନଥିଲା। ଏନ୍.ସି.ସି. ବାସ୍ତବରେ ଅନାମିକାଙ୍କୁ ବହୁତ କଥା ଶିଖାଇଛି। ଶୃଙ୍ଖଳାବୋଧ ଶିଖାଇଛି। ଦୃଷ୍ଟିର ଦିଗ୍‌ବଳୟକୁ ସମ୍ପ୍ରସାରିତ କରିଛି। ଅନୁଭବକୁ ଶାଣିତ କରିଛି। ବହୁ କଥା ଦେଇଛି। ସୈନ୍ୟ ବିଭାଗର ବିଭିନ୍ନ ଅଫିସର, କର୍ମଚାରୀଙ୍କ ସହିତ ମିଶିବାର ସୁଯୋଗ ଦେଇଛି।

ରେଭେନ୍ସାରେ ଅନାମିକାଙ୍କୁ ଗାର୍ଲସ ଉଇଙ୍ଗ ଖୋଲିବା ପାଇଁ ସେ ସମୟର ଅଧ୍ୟକ୍ଷ ଡ. ମହେନ୍ଦ୍ର ରାଉତ ପ୍ରୋତ୍ସାହିତ କଲେ। ବୟଜ ଉଇଙ୍ଗର ଅଣ୍ଡର ଅଫିସର ଥିବା ପିଲାମାନେ ଅନାମିକାଙ୍କ ପିଛା ପଡ଼ିଗଲେ। ଶେଷରେ ସେ ଇଚ୍ଛା ବି ପୂରଣ ହେଲା ଅଧ୍ୟକ୍ଷଙ୍କର। ପିଲାମାନଙ୍କର ଖୁସି କାହିଁରେ କ'ଣ। ଏସବୁ ମହାର୍ଘ ଅନୁଭବ ଜୀବନର।

ଏଠାରେ ଯେଉଁ ବିଶେଷ ଘଟଣାଟି ବର୍ଣ୍ଣନା କରିବାକୁ ହେଉଛି, ତାହା ଈଶ୍ୱରଙ୍କ କରୁଣାର ବିଭୂତି ଛଡ଼ା ଅନ୍ୟ କିଛି ନୁହେଁ। ଏପରି ଏକ ଅନୁଭୂତି ବର୍ଣ୍ଣନାର ଉଦ୍ଦେଶ୍ୟ ଏହାକୁ ପଢ଼ି କିଛିଲୋକ ଜୀବନର ଆଲୋକମୟ ଦିଗକୁ ଅନ୍ୱେଷଣ କରିବେ। ଈଶ୍ୱରଙ୍କୁ ବିଶ୍ୱାସ ଓ ଭରସା କରିବେ। ନୈରାଶ୍ୟର ଅନ୍ଧାରି ଗୁହାରୁ ବାହାରି ଆସିବା ପାଇଁ ଚେଷ୍ଟା କରିବେ। ଜୀବନର କିଛି ଅର୍ଥ ଅଛି, ବୁଝିପାରିବେ।

ଏନ୍.ସି.ସି. ଦାୟିତ୍ୱ ନେବାର ଦ୍ୱିତୀୟ ବର୍ଷର ଘଟଣା। ହେଡ଼କ୍ୱାର୍ଟରରୁ ଅର୍ଡ଼ର ଆସିଲା କୋଡ଼ିଏ ଜଣ ଝିଅ କ୍ୟାଡେଟ୍‌ଙ୍କୁ ନେଇ ନୈନିତାଲରେ ହେଉଥିବା ସର୍ବଭାରତୀୟ କ୍ୟାମ୍ପରେ ଯୋଗ ଦେବାକୁ ହେବ। ମେ ମାସ। ଖରାଛୁଟିରେ ଦଶଦିନର କ୍ୟାମ୍ପ। ଯିବା ଆସିବା ହୋଇ ପ୍ରାୟ ପନ୍ଦରଦିନ। ଅନାମିକାଙ୍କ ଛୁଆମାନେ ଛୋଟ। ସବା ସାନଝିଅର ବୟସ ମାତ୍ର ଦୁଇବର୍ଷ। ଅନାମିକା କଟକରୁ ଡକେଇଲେ ସ୍ୱାମୀଙ୍କୁ। ତାଙ୍କ ପାଖରେ ରହୁଥା'ନ୍ତି ତାଙ୍କ ଶ୍ୱଶୁର ଓ ଦୁଇ ଭଉଣୀ। ଭଉଣୀ ଦୁହେଁ ସେଠି ରହି ଏମ୍.ଏ. ପଢୁଥା'ନ୍ତି। ପିଲାମାନଙ୍କ କଥା ସେ ଦୁହେଁ ବୁଝିପାରିବେ। ଆପାତତଃ ସବୁ ବ୍ୟବସ୍ଥା ହୋଇଗଲା। ସ୍ୱାମୀ, ଶ୍ୱଶୁର ଓ ପିଲାମାନଙ୍କ ଦାୟିତ୍ୱ ନେଲେ ତାଙ୍କ ଦୁଇ ଭଉଣୀ। ହେଲେ ଏପରି ଏକ ଯାତ୍ରା ତାଙ୍କ ପାଇଁ ଥିଲା ଅଗ୍ନିପରୀକ୍ଷା ପରି କଠିନତମ ପରୀକ୍ଷା।

ଆଗରୁ ସେ କେବେ କଟକ ଷ୍ଟେସନ ଟପି ବାହାରକୁ ଯାଇନଥିଲେ। ଦଉଡ଼ କେବଳ ବ୍ରହ୍ମପୁର ଯାଏ। ସାଙ୍ଗରେ କୋଡ଼ିଏ ଜଣ ଝିଅଙ୍କୁ ନେଇ ସେ ଯିବେ ନୈନିତାଲ। ଯେଉଁ ଝିଅମାନଙ୍କ ବୟସ ଷୋହଳରୁ କୋଡ଼ିଏ ଭିତରେ। ତାଙ୍କ ନିଜ ବୟସ ବି କେତେ! ଚବିଶ କି ପଚିଶ। ନା ହିନ୍ଦୀ ଜଣା, ନା ଇଂରାଜୀରେ କଥାବାର୍ତ୍ତା କରିବାର ଦକ୍ଷତା ଅଛି। ଇଂରାଜୀ ଭାଷା ସାହିତ୍ୟରେ ତାଙ୍କର ବେଶ୍ ଦକ୍ଷତା ଥିବା ସତ୍ତ୍ୱେ ତୁଣ୍ଡ ଖୋଲି ଇଂରାଜୀରେ କଥାବାର୍ତ୍ତା ସେ କେବେ ବି କରିନଥିଲେ। ଓଡ଼ିଆ ମିଡିୟମରେ ଗାଁରେ ହାଇସ୍କୁଲ ପାଠ ପଢ଼ା। ଗାଉଁଲୀ ଝିଅ। ସବୁକଥାରେ ସଙ୍କୋଚ। ରକ୍ଷଣଶୀଳ ପରିବାରରୁ ଆସିଥିବାରୁ ସହରୀ ପିଲାଙ୍କ ପରି ସ୍ମାର୍ଟ ବି ନୁହନ୍ତି। ଏପରି ପରିସ୍ଥିତିରେ କୋଡ଼ିଏ ଜଣ ଯୁବତୀ ଝିଅଙ୍କୁ ଏକା ଏକା ସାଙ୍ଗରେ ନେଇ ଏତେ ବାଟ ଯାତ୍ରା କରିବା କେତେ ବିଡ଼ମ୍ବନାର କଥା ତାହା ସହଜରେ ଅନୁମେୟ। ଅନାମିକା ହୁଏତ କୌଣସି ବାହାନା କରି ଏ ଦାୟିତ୍ୱରୁ ଓହରି ଯାଇ ପାରିଥାନ୍ତେ, କିନ୍ତୁ ସବୁବେଳେ ତାଙ୍କ ମନରେ ଭୟ, କାଳେ ଚାକିରିରେ କିଛି ଆଞ୍ଚ ଆସିଯିବ। ଯେଉଁ ଭୟ ତାଙ୍କ ଭିତରଟାକୁ ଜଡ଼ସଡ଼ କରି ରଖିଥାଏ। କାରଣ ସ୍ୱାମୀ ତାଙ୍କର ସେତେବେଳକୁ ଅଧ୍ୟାପନା ଛାଡ଼ି ବିଜୁବାବୁଙ୍କ ଡାକରାରେ 'କଳିଙ୍ଗ' ଖବରକାଗଜରେ ସହ-ସମ୍ପାଦକ ଥାନ୍ତି। ବିଜୁବାବୁଙ୍କ ଅବସ୍ଥା ସେତେବେଳେ ଭଲ ନ ଥାଏ। ସେଠୁ ପଇସାପତ୍ର ପାଇବାର ସମ୍ଭାବନା କ୍ଷୀଣ। ଏପରି ପରିସ୍ଥିତିରେ ଅନାମିକାଙ୍କ ଚାକିରି ହିଁ ଏକମାତ୍ର ସର୍ବସ୍ୱ। ଏଇ ଚାକିରି ରଖିବା ପାଇଁ ସେ ଏ ଦୁଃସାହସିକ ଯାତ୍ରାରେ ପାଦ ବଢ଼ାଇଲେ। ପହଁରା ନ ଜାଣିଥିବା ମଣିଷଟି ଗଭୀର ସାଗରକୁ ଲମ୍ଫ ଦେଲେ ଯାହା ହେବା କଥା, ସେପରି ଆଶଙ୍କା, ଭୟ ତାଙ୍କ ସମଗ୍ରସତ୍ତାକୁ ଆଚ୍ଛନ୍ନ କରି ରଖିଥାଏ।

ସେ ମନେ ମନେ ଈଶ୍ୱରଙ୍କ କରୁଣା ପ୍ରାର୍ଥନା କରି କହିଲେ, ମୁଁ ତୁମରି ହାତଧରି ଏ ଗଭୀର ସାଗରକୁ ଡେଇଁଛି ପ୍ରଭୁ। ମାରିବ କି ତାରିବ ତୁମେ ଜାଣ। ଏତିକି ପ୍ରାର୍ଥନା, ମୋ ହାତ ଛାଡ଼ି ଦେବନି। ତୁମେ ହାତ ଛାଡ଼ିଦେଲେ ମୁଁ ଗଭୀର ଜଳରେ ଲୀନ ହୋଇଯିବି। ସେ ଦୋଷ ତୁମକୁ ଲାଗିବ। କେବଳ ତୁମ କରୁଣାକୁ ଭରସା କରି ଏ ଯାତ୍ରାରେ ମୁଁ ପାଦ ବଢ଼ାଉଛି। ମୋ ପ୍ରାର୍ଥନା ତୁମ କାନରେ ବାଜୁଛି କି ନାହିଁ ମୁଁ ଜାଣେନି। କିନ୍ତୁ ତୁମକୁ, କେବଳ ତୁମକୁ ଆଶ୍ରା କରି ମୁଁ ଯାଉଛି। ଏଣିକି ସବୁ ଦାୟିତ୍ୱ ତୁମର।

ଭୁବନେଶ୍ୱର ଏନ୍.ସି.ସି. ହେଡ଼କ୍ୱାଟରରେ ଅନାମିକା ପହଞ୍ଚିଲେ। ପୁରୀ ମହିଳା କଲେଜରୁ ଦଶଜଣ ଓ ବାଲେଶ୍ୱରର ଦଶଜଣ ଝିଅ ଯିବେ ତାଙ୍କ ସାଙ୍ଗରେ। ଟିକଟ ହୋଇଛି ହେଡ଼କ୍ୱାଟର ତରଫରୁ, କିନ୍ତୁ ବିନା

ରିଜର୍ଭେସନରେ । ଏବେ ସେ ଦିନର କଥା ଭାବିଲେ ଅନାମିକାଙ୍କ ଦେହ ଶୀତେଇ ଯାଏ । ସମ୍ପୂର୍ଣ୍ଣ ଅନିଶ୍ଚିତତା ଭିତରେ, ବିନା ରିଜର୍ଭେସନ୍‌ରେ କୋଡ଼ିଏ ଜଣ ଝିଅଙ୍କୁ ନେଇ ସେ ଯିବେ ନୈନିତାଲ । ସେତେବେଳେ ଭୁବନେଶ୍ୱରରୁ ଦିଲ୍ଲୀ ସିଧାସଳଖ କୌଣସି ଟ୍ରେନ ଚାଲୁ ନ ଥିଲା । ଏଣୁ ସେମାନଙ୍କୁ ଯିବାକୁ ହେବ କଲିକତା । କଲିକତାରୁ ଲକ୍ଷ୍ନୌ, ସେଠୁ କାଠଗୋଦାମ, ତା'ପରେ ବସ୍‌ରେ ନୈନିତାଲ ।

ହେଡ଼କ୍ୱାଟରରେ କିଟ୍ ବ୍ୟାଗ, ଡ୍ରେସ ଜୋତା, ମୋଜା, ଅନ୍ୟାନ୍ୟ ଆନୁଷଙ୍ଗିକ ଜିନିଷ ଇସୁ କଲେ ପିଲାମାନେ । କାଗଜପତ୍ର, ପିଲାଙ୍କ ଖର୍ଚ୍ଚ ପାଇଁ ଟଙ୍କା (ତାହା ପୁଣି ସୀମିତ) ପ୍ରଭୃତି ଗ୍ରହଣ କଲେ ଅନାମିକା । ସେମାନେ ନିର୍ଦ୍ଦେଶ ଦେଲେ କେମିତି କେଉଁଠି ଟ୍ରେନ ବଦଳାଇବାକୁ ହେବ । କେମିତି ବିନା ରିଜର୍ଭେସନରେ ଜଣେ ଅନଭିଜ୍ଞ ଅଧ୍ୟାପିକାଙ୍କ ସହିତ ଏତେବାଟ ଝିଅଗୁଡ଼ାଙ୍କୁ ଗୋଟେ ଗୋଟେ ଲଗେଜ ଭଳି ପଠାଉଥା'ନ୍ତି, ସେକଥା ଭାବି ଅନାମିକାଙ୍କ ଭୟ ଆହୁରି ବଢ଼ି ଯାଇଥାଏ । ଅଥଚ ସେ ନିଜେ ବି ପ୍ରତିବାଦ କରି ପାରୁନଥା'ନ୍ତି ଡରରେ । ସେ ବୟସରେ ତାଙ୍କର ଏତେ ସାହସ ନଥାଏ ଏମାନଙ୍କ ପାଖରେ ସ୍ୱର ଉତ୍ତୋଳନ କରିବାକୁ । ହେଡ଼କ୍ୱାଟରରେ ଅଫିସ ସମ୍ଭାଳିଥା'ନ୍ତି ଓଡ଼ିଆମାନେ, କିନ୍ତୁ କହିବାକୁ ଲଜ୍ଜା, ସେମାନେ ଏତେ ଉଦାସୀନ ଯେ ପିଲାମାନେ ଗୋଟେ ଜାତୀୟସ୍ତରର କ୍ୟାମ୍ପରେ ଯୋଗ ଦେବାକୁ ଯାଉଛନ୍ତି, ଏକଥା ବହୁ ପୂର୍ବରୁ ଜାଣି ମଧ୍ୟ କୌଣସି ରିଜର୍ଭେସନ କରିନଥା'ନ୍ତି । ଝିଅପିଲା । ସେମାନଙ୍କ ନିରାପତ୍ତା କଥା ମଧ୍ୟ ଚିନ୍ତା କରନ୍ତି ନାହିଁ । ଥରେ ସାଙ୍ଗରେ ଯାଉଥିବା ଅଧ୍ୟାପିକାଙ୍କୁ ଦାୟିତ୍ୱ ଅର୍ପଣ କରିଦେଲା ପରେ ସେମାନେ ବୋଧହୁଏ ଭାବନ୍ତି ଯେ ସେମାନଙ୍କର କର୍ତ୍ତବ୍ୟ ସରିଗଲା ।

ହେଡ଼କ୍ୱାଟରରୁ ଦୁଇଜଣ ଲୋକ ଓ ଜଣେ ଅଫିସର ଆସି ସେଦିନ ରାତିରେ ପୁରୀ ହାୱଡ଼ା ଏକ୍ସପ୍ରେସରେ ମିଲିଟାରୀ କମ୍ପାର୍ଟମେଣ୍ଟରେ ପିଲାମାନଙ୍କୁ ଉଠାଇଦେଲେ । ସେତେବେଳେ ଅଧିକାଂଶ ଟ୍ରେନରେ ମହିଳା ବଗି ଓ ସୈନ୍ୟବିଭାଗର ଲୋକଙ୍କ ପାଇଁ ସ୍ୱତନ୍ତ୍ର ବଗି ରହୁଥିଲା । ଆଜିକାଲି ଆଉ ସେ ବ୍ୟବସ୍ଥା ଥିଲା ପରି ଲାଗୁନି । ରିଜର୍ଭେସନ ନ ଥିବାରୁ ବସିବା ପାଇଁ ଜାଗା ନଥାଏ । ଶୋଇବାର ପ୍ରଶ୍ନ ଉଠୁନି । ଝିଅମାନେ ଏନ.ସି.ସି. ଡ୍ରେସରେ ଥା'ନ୍ତି । ଏଇ ନିୟମ । କୌଣସି ଜାଗାକୁ କ୍ୟାଡେଟମାନେ ଯାତ୍ରା କଲାବେଳେ ୟୁନିଫର୍ମ ଡ୍ରେସ ପିନ୍ଧିବେ । ସେମାନେ କିଏ କେଉଁଠି ସୁବିଧା ଦେଖି ବସିଥାନ୍ତି । ଅନାମିକା ଗୋଟେ ସିଟର କୋଣକୁ ଜାକିଜୁକି ହୋଇ ସଂତ୍ରସ୍ତ ଭାବରେ ବସିଥାନ୍ତି । କମ୍ପାର୍ଟମେଣ୍ଟରେ ଥିବା ଅନ୍ୟ ଯାତ୍ରୀମାନେ ଅଧିକାଂଶ ସୈନ୍ୟ ବିଭାଗ ଓ ତାଙ୍କ ପରିବାରର । ଅବଶ୍ୟ ଏ ଝିଅମାନଙ୍କ ପ୍ରତି ତାଙ୍କର ସହାନୁଭୂତି ରହିବା ସ୍ୱାଭାବିକ, କିନ୍ତୁ ସେମାନେ ନିଜେ ନ ଶୋଇ କାହାକୁ କେମିତି ଜାଗାଛାଡ଼ି ଦେବେ । ମହାନଦୀ ପୋଲରେ ଟ୍ରେନ ଯାଉଥାଏ । ଅନାମିକାଙ୍କ ଆଖିରୁ ଧାରଧାର ଲୁହ ବୋହି ଯାଉଥାଏ । ଆଉ ଯେ କଟକ ଫେରିଆସିବେ ଏ ବିଶ୍ୱାସ ତାଙ୍କର ନଥାଏ । ଏ ଯେମିତି ତାଙ୍କର ଶେଷଯାତ୍ରା । ପିଲାମାନେ, ସ୍ୱାମୀ, ପରିବାର କେଉଁଠି! ଆଉ ସେ ଯାଉଛନ୍ତି ଏପରି ଅନିଶ୍ଚିତତା ଭିତରେ । ସାଙ୍ଗରେ ସାହା ଭରସା କେହି ନାହିଁ । ଜଣେ ବି ପୁରୁଷ ଲୋକ ନାହିଁ ।

ଅନାମିକାଙ୍କ ଭ୍ୟାନିଟି ବ୍ୟାଗରେ ଥାଏ ଠାକୁରଙ୍କର ସେଇ ଛୋଟ ଫଟୋଟି । ତାକୁ ସେ ଛାତିରେ ଚାପି ଧରିଥା'ନ୍ତି ବ୍ୟାଗ ସହିତ । ମନେମନେ ବ୍ୟାକୁଳ ହୋଇ ଠାକୁରଙ୍କ ନାମ ଜପ କରୁଥାନ୍ତି । ସାରାରାତି ଆଖିରେ ନିଦ ନଥାଏ । ପିଲାମାନେ ଢୁଳୋଉଥାନ୍ତି । ଅନାମିକା ବାରମ୍ବାର କହୁଥାନ୍ତି– ହେ ପ୍ରଭୁ! ମତେ ଏ ମହାବିପତ୍ତିରୁ ଉଦ୍ଧାର କର । ତୁମ ପାଦତଳେ ମୁଁ ଶରଣ ପଶୁଛି । ତୁମେ ହିଁ ଜାଣ ମୁଁ ଆଉ ଫେରିବି କି ନାହିଁ । ତୁମ ଚରଣାରବିନ୍ଦରେ ନିଜକୁ ସମର୍ପି ଦେଉଛି ପ୍ରଭୁ ।

ଟ୍ରେନ ସକାଳୁ ସକାଳୁ ପହଞ୍ଚିଲା ହାୱଡ଼ା ଷ୍ଟେସନରେ । ସେ ବଗିର ଜଣେ ଭଦ୍ରଲୋକ ଅନାମିକାଙ୍କୁ ଲକ୍ଷ୍ୟ କରୁଥାନ୍ତି । ସେ ପ୍ଲାଟଫର୍ମରେ ଓହ୍ଲାଇଲା ପରେ କିଛିସମୟ ଠିଆ ହେଲେ । ପିଲାମାନେ ନିଜ ଜିନିଷପତ୍ର ଓହ୍ଲାଇ ସାରିଲେ । ହାୱଡ଼ା ଷ୍ଟେସନ ଏତେବଡ଼! ଅନାମିକାଙ୍କୁ ଲାଗିଲା ସେ ହଜିଯିବେ ସେଠି । କୁଆଡ଼େ ଯିବେ? କ'ଣ କରିବେ? କିଛି ବୁଦ୍ଧିବାଟ ଦେଖା ଯାଉନଥାଏ । ସେ ଭଦ୍ରଲୋକ ଅନାମିକାଙ୍କ ପାଖକୁ ଆସି କହିଲେ– ଆପଣ କ'ଣ ଏ ପିଲାମାନଙ୍କୁ ଆଣି କଲିକତା ଆସିଛନ୍ତି? ମୁଁ ଜଣେ ମେଜର । ସୈନ୍ୟ ବିଭାଗରେ କାମ କରେ । ଯଦି କିଛି ଦରକାର ଥାଏ, କହିଲେ ମୁଁ ଆପଣଙ୍କୁ ସାହାଯ୍ୟ କରିପାରିବି ।

ସେତେବେଳେ ମନ କେତେ ସ୍ୱଚ୍ଛ, ନିର୍ମଳ ଥିଲା । ଟିକେ ବି ସନ୍ଦେହ ହେଲାନି ତାଙ୍କ କଥାରେ । ଅନାମିକା ନିଃସଙ୍କୋଚରେ ତାଙ୍କ ଦୁରବସ୍ଥା କଥା କହିଲେ । ନୈନିତାଲ ଯିବା ପାଇଁ କେମିତି କେଉଁ ଟ୍ରେନରେ ଯିବାକୁ ହେବ ଟିକେ ସାହାଯ୍ୟ କଲେ ସାରାଜୀବନ ଋଣୀ ରହିବେ ବୋଲି କହିଲେ ଅନାମିକା । ସେ ପିଲାମାନଙ୍କୁ ଦୁଇଦଳରେ ବିଭକ୍ତ କରିଦେଲେ । କହିଲେ– ପ୍ରଥମ ଦଶଜଣଙ୍କୁ ନେଇ ଆପଣ ଲେଡିଜ ୱେଟିଙ୍ଗ ରୁମ୍‌କୁ ଯାଇ ନିତ୍ୟକର୍ମ ସାରିଦେଇ ଆସନ୍ତୁ । ସେମାନେ ଆସିଲେ ଏ ଦଶଜଣଙ୍କୁ ନେଇ ପୁଣି ଥରେ ଆପଣ ଯିବେ । ପିଲାମାନେ ଏଠି ଜିନିଷ ପତ୍ର ଜଗି ବସିଥାନ୍ତୁ । ମୁଁ ଜେଣ୍ଟ୍‌ସ ୱେଟିଙ୍ଗ ରୁମ୍‌ରୁ ଆସି କେଉଁ ଟ୍ରେନ କେତେବେଳେ ଅଛି ବୁଝାବୁଝି କରିଆସୁଛି । ଏତେଗୁଡ଼େ ଜିନିଷପତ୍ର ଧରି କୁଲି ଡାକି ଏଠିକି ସେଠି ଯିବାରେ ଅଯଥାରେ ଗୁଡ଼େ ଖର୍ଚ୍ଚାନ୍ତ ହେବେ ଓ ହଇରାଣ ହେବେ ।

ତାଙ୍କ ନିର୍ଦ୍ଦେଶ ଅନୁସାରେ ଅନାମିକା ସବୁ କଲେ । କିଛି ସମୟ ପରେ ସେ ଭଦ୍ରଲୋକ ଆସି କହିଲେ– ଦିନ ଦୁଇଟାବେଳେ 'ଡୁନ ଏକ୍ସପ୍ରେସ'ରେ ଯିବାକୁ ହେବ । ସେଥିପାଇଁ ଦୁଇଜଣ କୁଲିଙ୍କି ଡାକି ଡୁନ୍ ଏକ୍ସପ୍ରେସ୍‌ରେ ଲେଡିଜ କମ୍ପାର୍ଟମେଣ୍ଟରେ ପିଲାମାନଙ୍କୁ ବସାଇ ଦେବାପାଇଁ କଥାବାର୍ତ୍ତା କରିବାକୁ ହେବ ।

କୁଲିଙ୍କ ସହିତ କଥାବାର୍ତ୍ତା କରି ଟଙ୍କା ଛିଡ଼ାଇ ସେ ଅନାମିକାଙ୍କୁ ସାଙ୍ଗରେ ନେଇ ଷ୍ଟେସନ ମାଷ୍ଟରଙ୍କ ପାଖକୁ ଯାଇ ଆନୁଷଙ୍ଗିକ ଟିକଟ, ରିଜର୍ଭେସନ ସବୁ କଥା ବୁଝିବାଝି ଆସିଲେ । ବିଦାୟ ନେଇ ଯିବା ପୂର୍ବରୁ

ସେ କହିଲେ– ମ୍ୟାଡାମ ମୁଁ ଭାବୁଛି ଆପଣଙ୍କର ଆଉ କିଛି ଅସୁବିଧା ହେବନି । ମୁଁ ନିଜେ କୁମାୟୁଁର ରେଜିମେଣ୍ଟରେ କିଛିଦିନ କାମ କରିଛି, କିନ୍ତୁ ଗୋଟେ କଥା ରାତି ଏଗାରଟାବେଳେ ଲକ୍ଷ୍ନୌରେ ଆପଣମାନେ ପହଞ୍ଚିବେ । ସେ ଜାଗା ଆପଣମାନଙ୍କ ପାଇଁ ସୁବିଧାଜନକ ନୁହେଁ । ଷ୍ଟେସନ ବାହାରକୁ ଆଦୌ ବାହାରିବେ ନାହିଁ । ଲେଡିଜ ୱେଟିଙ୍ଗ ରୁମ୍‌କୁ ଯାଇ ରାତିଟା ରହିଯିବେ । ପରଦିନ ସନ୍ଧ୍ୟା ଛଅଟା ବେଳେ ଯାଇ ଆପଣଙ୍କ ଟ୍ରେନ୍ । ଛୋଟା ଲାଇନରୁ ଯିବ କାଠଗୋଦାମକୁ । ଦରକାର ହେଲେ ଷ୍ଟେସନ ମାଷ୍ଟରଙ୍କ ସାହାଯ୍ୟ ନେବେ । ଅନ୍ୟ ବାହାର ଲୋକଙ୍କ କଥା ଶୁଣିବେନି । ମନେରଖିବେ ଏକଥା ।

ସେ ଅନାମିକା ଓ ପିଲାମାନଙ୍କଠାରୁ ବିଦାୟ ନେଇଗଲେ । ବାସ୍ତବରେ ଈଶ୍ୱରଙ୍କୁ କେବେ ଆଖିରେ ଦେଖି ନାହାନ୍ତି ଅନାମିକା । ମନେହେଲା ସେ ହିଁ ପ୍ରକୃତରେ ଈଶ୍ୱର ଥିଲେ । ଜୀବନରେ ଆଉ କେବେ ତାଙ୍କ ସହିତ ଭେଟ ହୋଇନି ଅନାମିକାଙ୍କର । ସାମନା ସାମନି ଦେଖାହେଲେ ବି ଚିହ୍ନିପାରିବେ ନାହିଁ, କିନ୍ତୁ ନୈନିତାଲ କଥା ଯେବେ ମନେପଡ଼େ, ପରମଶ୍ରଦ୍ଧାରେ ତାଙ୍କୁ ମନେ ମନେ ପ୍ରଣାମ କରନ୍ତି ଅନାମିକା । ସେଦିନର ସେ ସାହାଯ୍ୟ– ଅଥଳ ଜଳରେ ଭାସିଯାଉଥିବା ମଣିଷକୁ ନୌକା ବାହୀ କୂଳରେ ପହଞ୍ଚେଇ ଦେବା ସଙ୍ଗେ ସମାନ । ଏ ସଂସାରରେ ବହୁତ ଭଲଲୋକ ଅଛନ୍ତି । ଯେଉଁମାନେ ନିଃସର୍ତ୍ତ ଭାବରେ ଅନ୍ୟମାନଙ୍କ ପାଖକୁ ସାହାଯ୍ୟ, ସହାନୁଭୂତିର ହାତ ବଢ଼େଇ ଦେଇଥାନ୍ତି । ଈଶ୍ୱର ତ ଆଉ ଚତୁର୍ଦ୍ଧାମୂର୍ତ୍ତି ରୂପରେ ଆସନ୍ତି ନାହିଁ । ଆସନ୍ତି ଏମିତି ଅଜଣା ଅଶୁଣା ଭଲମଣିଷଟି ରୂପରେ ।

କୁଲିମାନେ ଟ୍ରେନ୍ ଆସିବା ଜାଗାରୁ ହିଁ ପିଲାମାନଙ୍କ ପାଇଁ ଏକୋଇଶଟି ସିଟ ରଖି ଆସିଥିଲେ । ପ୍ଲାଟଫର୍ମରେ ଗାଡ଼ି ଲାଗିବା ସାଙ୍ଗେ ସାଙ୍ଗେ ଅନ୍ୟ ଦୁଇଜଣ କୁଲି ସବୁ ଜିନିଷପତ୍ର ଉଠାଇଦେଲେ । ପିଲାମାନେ ବଗି ଭିତରକୁ ଉଠି ଆରାମରେ ଜମେଇ ବସିଗଲେ । ଠିକ୍ ଦିନ ଦୁଇଟାରେ ଗାଡ଼ି ଛାଡ଼ିଲା । ଅନାମିକା ଆଶ୍ୱସ୍ତ ହେଲେ । ଭଦ୍ରଲୋକଙ୍କୁ ଦୁଇହାତ ଯୋଡ଼ି ପ୍ରଣାମ କଲେ ତାଙ୍କ ଅନୁପସ୍ଥିତିରେ । ପିଲାମାନେ ନିରାଲମ୍ବ ହୋଇ ଗୋଟେ ଗୋଟେ ସିଟ୍‌ରେ ଶୋଇ ପଡ଼ିଲେ । ସେ ବଗିରେ ଆଉ ଅଳ୍ପ କେତେଜଣ ଯାତ୍ରୀ ଥିଲେ ।

ଦୁର୍ଗାପୁର ଷ୍ଟେସନରେ ଟ୍ରେନ୍ କିଛି ସମୟ ଅଟକିଲା । ଜଣେ ସୁଶ୍ରୀ ଭଦ୍ରମହିଳା ଉଠିଲେ ସେ ବଗିରେ । ପାଞ୍ଚଫୁଟ ଛଅଇଞ୍ଚ ପାଖାପାଖି ଉଚ୍ଚତା । ଗୋରା ତକତକ । ସୁନ୍ଦର ସ୍ୱାସ୍ଥ୍ୟ । ବୟସ ବତିଶ ତେତିଶ ହେବ । ମୁହଁଟି ଆକର୍ଷଣୀୟ । ପ୍ରଥମ ଦେଖାରୁ ତାଙ୍କୁ ଭାରି ଭଲଲାଗିଲା । ସେ ଆସି ଅନାମିକାଙ୍କ ସାମନା ସିଟରେ ବସିଲେ । ବ୍ୟାଗରୁ ଗୋଟେ ଇଂଲିଶ ନଭେଲ କାଢ଼ି ପଢ଼ିଲେ । ଅନାମିକା ନିରବରେ ତାଙ୍କୁ ନିରୀକ୍ଷଣ କରୁଥା'ନ୍ତି ।

ପାହାଡ଼ୀ ନଈ ପରି ଜୀବନର ଉଦ୍ଦାମତା । ଯେତେବେଳେ ଦେହ ମନରେ ଯୌବନର ପରଶ ଲାଗେ, ସଦା ଛଳଛଳ, ଚଳଚଞ୍ଚଳ । ଆରମ୍ଭ ହୋଇଗଲା ନାଚଗୀତର ଆସର । ଯିଏ ଜାଣିଥିଲା ସେ ଗାଇଲା, ଯିଏ ଜାଣି ନ ଥିଲା ସେ ବି । ଧୀରେ ଧୀରେ ସାରା ବଗିର ଯାତ୍ରୀମାନେ ଉତ୍ସୁକ ହୋଇ ଏ ନୃତ୍ୟଗୀତକୁ ଉପଭୋଗ କଲେ । ସେ ଭଦ୍ରମହିଳା ବି ହାତ ତାଳିରେ ତାଳ ପକାଇ ଏଥିରେ ସାମିଲ ହୋଇଗଲେ । ଗାଡ଼ି ଦ୍ରୁତଗତିରେ ଆଗେଇ ଯାଉଥାଏ । ଅନାମିକାଙ୍କ ଭିତରର ଭୟ କ୍ରମଶଃ ରୂପାନ୍ତରିତ ହୋଇଯାଉଥାଏ ଆନନ୍ଦରେ । ଅନ୍ଧାର ଡେଣା ମେଲାଇ ପୃଥିବୀ ପୃଷ୍ଠକୁ ପହଁରି ଆସୁଥାଏ । ରାତ୍ରିର ମଳିଚିଆ ଅନ୍ଧାରରେ ହଜି ଯାଉଥିଲେ ରାସ୍ତାକଡ଼ର ଗଛବୃଛ । ଛାତ୍ରୀମାନଙ୍କ ମନର ଉଚ୍ଚାଟନ ସହିତ ସମତାଳରେ ଟ୍ରେନ୍‌ଟି ଗତିଶୀଳ ହେଉଥିଲା ।

ମୋଗଲସରାଇ ଷ୍ଟେସନରେ ଟ୍ରେନ୍ ବେଶ୍ କିଛିସମୟ ଅଟକିଲା । ପିଲାମାନେ ପ୍ଲାଟଫର୍ମରେ ପୁରିତରକାରି କିଣି ଖାଉଥାନ୍ତି । ଏତିକିବେଳେ ଦୁଇତିନିଜଣ ଯୁବକଙ୍କ ମଧ୍ୟରୁ ଜଣେ ଆସି ଇଚ୍ଛାକୃତ ଭାବରେ ଟ୍ରୁପ୍‌ର ଗୋଟେ ଝିଅ ଦେହରେ ଧକ୍କା ଦେଲା । ଝିଅଟି ତଳେ ପଡ଼ିଗଲା । ଯୁବକମାନେ ହୋ ହୋ ହସି ନାନା ପ୍ରକାର ଅଶ୍ଳୀଳ କମେଣ୍ଟ ଦେଲେ । ଲଜ୍ଜା ଓ ଅପମାନରେ ଝିଅଟିର ମୁହଁ ଲାଲ ପଡ଼ିଗଲା । ବାଟରୁ ଉଠିଥିବା ସେ ଭଦ୍ରମହିଳା ଜଣକ ସେ ପାଖରେ ଛିଡ଼ା ହୋଇ କ'ଣ କିଣୁଥିଲେ । ସେ ଦୌଡ଼ିଯାଇ ସେ ଯୁବକକୁ ଧରି ପକେଇଲେ । ଅନ୍ୟ ଯୁବକମାନେ ଏକାଠି ହୋଇ ତାଙ୍କୁ ଆକ୍ରମଣ କଲେ । ଝିଅମାନେ ମଧ୍ୟ ଭଦ୍ରମହିଳାଙ୍କୁ ରକ୍ଷା କରିବାକୁ ଚେଷ୍ଟା କରୁଥାନ୍ତି । ସେତେବେଳକୁ ଲୋକ ଜମା ହୋଇଗଲେଣି । ପୁଲିସ ଧାଇଁଆସିଲେ । ପୁଲିସ ଓ ଲୋକମାନେ ସେ ଯୁବକମାନଙ୍କୁ ଧରି ପିଟିଲେ । ଏଇ ଧସ୍ତାଧସ୍ତି ଭିତରେ ଭଦ୍ରମହିଳା ପୁଲିସକୁ ନିଜର ପରିଚୟ ଦେଇ କହିଲେ, ସେ ଦୁର୍ଗାପୁରର ପୁଲିସ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ (ଡି.ଏସ୍.ପି) ସେ ଟୋକାମାନଙ୍କୁ ପୁଲିସ ଧରି ନେଇଗଲା । ସେତେବେଳକୁ ଅନାମିକା ଭୟରେ ଗୋଟାପଣେ ଥରୁଥା'ନ୍ତି । ସମସ୍ତେ ବଗି ଭିତରକୁ ଉଠିଲେ । ଟ୍ରେନ କିଛି ସମୟ ପରେ ଛାଡ଼ିଲା । ସେ ଭଦ୍ରମହିଳାଙ୍କ କ୍ରୋଧ ତଥାପି ଶାନ୍ତ ହୋଇ ନ ଥାଏ । ଅନାମିକା ନିରବରେ ତାଙ୍କୁ ଚାହିଁ ଚୁପ୍ ହୋଇ ବସିଥାନ୍ତି । ତୁଣ୍ଡ ଖୋଲି ତାଙ୍କୁ କୃତଜ୍ଞତା କି ଧନ୍ୟବାଦ ଜଣାଇବାକୁ ସେ ସାହସ କରିପାରୁ ନ ଥାନ୍ତି । ଭଦ୍ରମହିଳା ଅନାମିକାଙ୍କ ଅସହାୟତା ବୁଝି ପାରିଲେ । ସେ ଅନାମିକାଙ୍କ ପାଖକୁ ଉଠିଆସି ତାଙ୍କ ପିଠି ଥାପୁଡ଼େଇ ତାଙ୍କୁ ବହୁତ ଉପଦେଶ ଦେଲେ । ଲକ୍ଷ୍ନୌ ଷ୍ଟେସନରେ ଟ୍ରେନ ପହଞ୍ଚିଲାବେଳକୁ ରାତି ପ୍ରାୟ ସାଢ଼େ ଏଗାରଟା । କାଳେ ଅନାମିକା ଜାଣିପାରିବେ ନାହିଁ କେଉଁଟା ଲକ୍ଷ୍ନୌ ଷ୍ଟେସନ, ସେଥିପାଇଁ ସେ ଚେଇଁ ରହି କୁଲି ଡାକି ପିଲାମାନଙ୍କୁ ଓହ୍ଲାଇବାରେ ସାହାଯ୍ୟ କଲେ ଓ ରାତିଟା ସେଇଠି ୱେଟିଙ୍ଗ ରୁମ୍‌ରେ ରହିଯିବାକୁ ବାରମ୍ବାର ତାଗିଦ କଲେ । ଟ୍ରେନ ଅଳ୍ପ ସମୟ ପରେ ଚାଲିଗଲା । ଭଦ୍ରମହିଳା ଝରକା ପାଖରେ ହାତ ହଲେଇ ହଲେଇ ବିଦାୟ ନେଲେ । ଏପରି ସହୃଦୟ ବ୍ୟକ୍ତିମାନେ ହୃଦୟରେ ଗୋଟେ ଗୋଟେ ଆସ୍ଥାନ ଜମେଇ ରହିଯାନ୍ତି ଚିରକାଳ । କେତୋଟି ଘଣ୍ଟାର ଯାତ୍ରା ଓ ଦେଖା ସାକ୍ଷାତ । ଅଥଚ କେତେ ଗାଢ଼ ଓ ଉଜ୍ଜ୍ୱଳ ସେ ସ୍ମୃତି ।

କ୍ରମଶଃ.....

'ଜେତବନ', ଶ୍ରୀରାମ ନଗର, ବାଦାମବାଡ଼ି, କଟକ-୧୨

କାବ୍ୟ ସେନାପତି ପ୍ରଦ୍ୟୁମ୍ନ କେଶରୀ

'ମାଷ୍ଟ୍ର' ଶବ୍ଦଟା ଓଡ଼ିଆ ନୁହଁ କି ଇଂରାଜୀ ନୁହଁ, ମାତ୍ର ପାଠ ପଢ଼ଉଥିବା ଜଣଙ୍କୁ ଗାଁ'ଠୁ ସହରଯାଏ ସଭିଏଁ 'ମାଷ୍ଟ୍ରେ' କହନ୍ତି । 'ଗୁରୁ', ଏ ଶବ୍ଦର ଏକ ମିଶା ପ୍ରତିଧ୍ୱନି କୁହାଯାଇପାରେ । ସମାଜରେ ବିଭିନ୍ନ ବ୍ୟକ୍ତି ବିଭିନ୍ନ କାର୍ଯ୍ୟ ସମ୍ପାଦନ କରି ତଦନୁଯାୟୀ ସ୍ୱୀୟ ପରିଚିତି ସୃଷ୍ଟି କରିଥାଏ । କିଏ ଚିକିତ୍ସକ ତ କିଏ ଯନ୍ତ୍ରୀ ତ କିଏ ପ୍ରଶାସକ । ମାତ୍ର 'ମାଷ୍ଟ୍ରେ' ଶବ୍ଦରେ ସୃଷ୍ଟ ଅନ୍ତର୍ନିହିତ ସ୍ପନ୍ଦନ, ସାବଧାନତା, ସ୍ୱୟଂ ସୃଷ୍ଟ ପ୍ରମାଣ ମୁଦ୍ରା ଜଣଙ୍କ ଠେଇ ଆବେଶ ହୋଇଯାଏ । ଏମାନେ ସବୁ ମଣିଷଗଢ଼ା କୁମ୍ଭାର ତ! ଦୁର୍ବାସାଙ୍କଠୁ ଆରମ୍ଭ କରି ବାଲ୍ମୀକି ଓ ପ୍ଲାଟୋ ତଥା ଆଜିର ଗୁରୁଦିବସର ପ୍ରତୀକ ରାଧାକୃଷ୍ଣନ ପ୍ରମୁଖଙ୍କ ସ୍ମରଣ ମନରେ ଏକ ଦୃଢ଼ ଆଲୋଡ଼ନ ଓ ଉଷ୍ମତା ସୃଷ୍ଟି କରେ । ଭୟ ସହ ସମ୍ମାନ ଏମିତି ଫେଣ୍ଟାଫେଣ୍ଟି ରହିବା ଆଉ କାହାପ୍ରତି କୋଉ ମଣିଷର କାଇଁ? ରାଜା, ଚିକିତ୍ସକ, ପୁଲିସ, ହାକିମ ଶବ୍ଦରେ,

ମାଷ୍ଟ୍ରେ ପ୍ରତି ଜାଗରିତ ସମ୍ମାନବୋଧ ଓ କୃତଜ୍ଞତା ଭାବ କାହିଁ? ଭୟ ଅବଶ୍ୟ ଏକଚାଟିଆ ଭାବେ ଏମାନଙ୍କ ଠେଇ ଥାଏ। ଭୟ କୋଉ ପ୍ରାଣଛୁଆଁ ହୋଇପାରେ, ବରଂ ପ୍ରାଣଭିଣା। ଅନ୍ୟକୁ ଭେଟିବାରେ ଦମ୍ଭ ଲୋଡ଼ା ପଡୁଥିବା ବେଳେ ମାଷ୍ଟ୍ରଙ୍କୁ ଭେଟିବାକୁ ଭକ୍ତି, କୃତଜ୍ଞତା ସହ ଭୟ ବି ଢେର ଜାଗେ। ଏମାନେ ବି ଭାରି ରୋକ୍‌ଠୋକିଆ। ପାତ୍ରାପାତ୍ର ବିଚାର ନାହିଁ, ଏମାନଙ୍କ କଥାସବୁ ଶବ୍ଦ ବ୍ରହ୍ମ ପରି ଲାଗେ, ତାଙ୍କ ରାଗ, ସୁଲୁସୁଲିଆ ପବନ ଘୂର୍ଣ୍ଣିବାତ୍ୟାର ଭୟଙ୍କର ରୂପ ନେବା ପରି ଅଭିଶାପର ରୂପ ନିଏ ବୋଲି ରାଜାଠୁ ଆରମ୍ଭ କରି ପ୍ରଜାଯାଏ ସମସ୍ତଙ୍କର ଧାରଣା, ବିଶ୍ୱାସ। ଟିକିଏ ବଗଲ ଚଗଲ ଏଠି ହେଲେ କଥା ସରିଲା। ସେ କେବଳ ଜଣେ ମାଷ୍ଟ୍ରେ ନୁହନ୍ତି ଜଣେ ଭିନ୍ନ ସ୍ୱାଦର କବି ମଧ୍ୟ। ସେକ୍‌ସପିୟର କହିଲେ– 'One can't lift the heart up to tongue'. ଆମର ଏ ମାଷ୍ଟ୍ରେଙ୍କ କବିତା ପଢ଼ିଲେ ତାଙ୍କ ହୃଦୟକୁ ସ୍ୱଚକ୍ଷୁରେ ଦେଖିଲାଭଳି ଲାଗେ। ଶାଣଦିଆ ଯେମିତି ପ୍ରାଣଘେନା ବି ସେମିତି। ପ୍ରଭୁ ବରାଦରେ ସହଧର୍ମିଣୀ ନର୍ମଦା ନୀଳୋତ୍ପଳା ତାଙ୍କର କାବ୍ୟିକ ଧର୍ମ ବି ଗ୍ରହଣ କରିଛନ୍ତି। ସେଠି ପହଞ୍ଚିଲାବେଳକୁ ଆମ କୌତୂହଳତା ଆଗ୍ରହରେ ଭୟ ମିଶି ଯାଇଥାଏ, ମାତ୍ର ତାଙ୍କ ସହ ସାକ୍ଷାତପରେ ସେ ଏ ସଂସ୍କୃତିର 'ମାଷ୍ଟ୍ରେ'ବୋଲିତ ମାନିଲୁ, ଜଣେ ଅନ୍ତରଙ୍ଗ ବ୍ୟକ୍ତିର ଅଭୁଲା ସ୍ମୃତି ଓ ଅନୁଭୂତି ନେଇ ଫେରିଲୁ। ସେ ହେଲେ ଓଡ଼ିଆ ସାରସ୍ୱତ ଜଗତର ପ୍ରଣମ୍ୟ, ପ୍ରେମାସ୍ପଦ ମହାବିଦ୍ୟାଳୟର 'ମାଷ୍ଟ୍ରେ' ସେନାପତି ପ୍ରଦ୍ୟୁମ୍ନ କେଶରୀ।

ପ୍ରାୟତଃ ପ୍ରତ୍ୟେକ କବି, କଳାକାର ଓ ସାହିତ୍ୟିକ ସ୍ୱାଭିମାନୀ, ଅଭିମାନୀ। ଏମାନଙ୍କ ସ୍ୱାଭିମାନ, ଅଭିମାନ ତାଙ୍କ ହୃଦୟକନ୍ଦରରେ ଠୁଳ ହୋଇ ଜୀବନକୁ ଯନ୍ତ୍ରଣାମୟ ତଥା ବେଦନାସିକ୍ତ କରିଦିଏ ସିନା, ସେମାନେ ଏହାକୁ କାହା ସମ୍ମୁଖରେ ବ୍ୟକ୍ତ କରିବାକୁ ପସନ୍ଦ କରନ୍ତି ନାହିଁ। କଥାରେ କହନ୍ତି, ମରମ ଦୁଃଖ, ବେଦନାକୁ ବ୍ୟକ୍ତ କଲେ ତା' ଲାଘବ ହୋଇଥାଏ। ଏ ସାରସ୍ୱତିୟାମାନେ କିନ୍ତୁ ଭିନ୍ନ କିସମର। କାହା ଆଗେ କହିବେ କିଆଁ? ମନର ଅଭିମାନଭରା ଦୁଃଖକୁ ନେଇ ସେମାନେ ଚର୍ବଣଚର୍ବିତ କରି ପରିଶେଷରେ ମା' ସରସ୍ୱତୀଙ୍କୁ ଆୟୁଧ କରିବସନ୍ତି। ତାଙ୍କରି ବରଦାନ ପ୍ରାପ୍ତ ହୋଇ କଲମ ଚାଳନାରେ ମଜ୍ଜି ଯାଆନ୍ତି। ସବୁ ଦୁଃଖ, ଅଭିମାନ, ଯନ୍ତ୍ରଣା, ବେଦନାକୁ କଲମ କାଳିରେ ସ୍ରୋତ ବୁହାଇ ଚାଲନ୍ତି। କେତେ କେତେ ନଦନଦୀରୁ ଆରମ୍ଭ କରି ସମୁଦ୍ର ମନ୍ଥନ ଭଳି ଅଜସ୍ର ସାରସ୍ୱତ ସମ୍ଭାର ସୃଷ୍ଟି କରିଚାଲନ୍ତି।

କେନ୍ଦ୍ରାପଡ଼ା ଜିଲା ଅନ୍ତର୍ଗତ କଷଣଅଣ୍ଡାରେ ଜନ୍ମଗ୍ରହଣ କରି ସାମରିକ ଅଫିସର ପିତାଙ୍କ କଡ଼ା ଆଇନକାନୁନ୍‌ରେ ଲାଳିତପାଳିତ ପୁତ୍ର ପ୍ରଦ୍ୟୁମ୍ନ ଭାଇମାନଙ୍କଠାରୁ ସ୍ୱଭାବତଃ ଭିନ୍ନ। ପିଲାବେଳୁ ବାପାଙ୍କର କଠୋର ଶାସନ ସହିତ କଡ଼ା ତାଗିଦା ଥିଲା ଭଲ ପାଠ ପଢ, ବଡ଼ମଣିଷ ହୁଅ। ପ୍ରଦ୍ୟୁମ୍ନ ଭିନ୍ନ ରାଇଜର ରଜା ଭାବେ ଚଳୁଥିଲେ। ଗୋଟିଏ ରାଜ୍ୟରେ ଦୁଇ ଭିନ୍ନ ଚିନ୍ତନ ଏକତ୍ର ହେବେ ବା କିପରି? କେବଳ ମନଧ୍ୟାନ ଦେଇ ପାଠ ପଢିବାକୁ ବାପା ପସନ୍ଦ କରୁଥିଲେ। ପ୍ରଦ୍ୟୁମ୍ନ ପିଲାବେଳୁ ପାଠ ପଢିବା ସହ ଭଲ ଚିତ୍ର ଆଙ୍କିବା, ମାଟିରେ ମୂର୍ତ୍ତି ଗଢିବା, ଅଭିନୟ କରିବା, ମନକୁ ମନ ଗୀତ ଫାନ୍ଦି ବୋଲିବାରେ ନିମଗ୍ନ ରହୁଥିଲେ ଏବଂ ସେଥିରେ ଅନେକ ସମୟ ବ୍ୟୟ କରୁଥିଲେ। ବଡ଼ ପରିବାରର ଗହଳିଚହଳିରେ କେବଳ ଖେଳକୁଦ, ପାଠପଢା, ଖୁସିଗପରେ ମସ୍‌ଗୁଲ ରହି ସମୟ ଅତିବାହିତ କରିବାକୁ ସେ ଗ୍ରହଣ କରିପାରୁନଥିଲେ। ସମୟ ମିଳିଲାମାତ୍ରେ ଘର ପଛପଟ ଆମ୍ବତୋଟା, ପୋଖରୀ ତୁଠରେ ଏକାକୀ ନିର୍ଜନରେ ସମୟ କାଟିବା ତାଙ୍କର ରୁଚି ଥିଲା। ଏକାନ୍ତରେ ବସି ପକ୍ଷୀମାନଙ୍କ କାକଳି ଶୁଣିବା, ଧାନବିଲ ଆରି ଉପରେ ଚାଲିଚାଲି ଗୁଣୁଗୁଣୁ ଗୀତଗାଇ ଦୀର୍ଘ ଧାନବିଲକୁ ଉପଭୋଗ କରିବାରେ ସମୟ ଅତିବାହିତ କରିବା ତାଙ୍କର ସଉକ୍ ଥିଲା। ତାଙ୍କ ରୁଚି, ବାପାଙ୍କ ରୁଚିର ପ୍ରତିକୂଳ ଥିବାରୁ ବାଲ୍ୟକାଳୁ ବାପା ତାଙ୍କ କାର୍ଯ୍ୟକଳାପକୁ ନେଇ ଖୁବ୍ ଅସନ୍ତୋଷ ପ୍ରକାଶ କରୁଥିଲେ। ବାପାଙ୍କର ଧାରଣା ହେଉଥିଲା ଏଭଳି କାର୍ଯ୍ୟରେ ଲିପ୍ତ ରହିଲେ, ସେ ଭଲ ପାଠ ପଢିପାରିବ ନାହିଁ। ବାପାଙ୍କ ଅସନ୍ତୋଷ ଯୋଗୁ ନିଜର ରୁଚିକୁ ପରିପ୍ରକାଶ କରିବାରେ କୁଣ୍ଠାବୋଧ କରୁଥିଲେ ସିନା, ହେଲେ ତାଙ୍କ ହୃଦୟ ବେଦନା ଜର୍ଜରିତ ହେଉଥିଲା। ସେହି ବେଦନାବୋଧ ଭିତରୁ ତାଙ୍କ କଲମ ମୁନରୁ ଝରିଥିଲା କବିତା ଯେଉଁଥିରେ ସେ ତାଙ୍କର ସମସ୍ତ ବେଦନାକୁ ବ୍ୟକ୍ତ କରିପାରୁଥିଲେ।

ପିଲାଦିନ କଥା ମନେପକାଇ କହନ୍ତି, ପଡ଼ିଶାଘର ବୁଢାବାପା କୁଷ୍ଠରୋଗାକ୍ରାନ୍ତ ହୋଇ ମୃତ୍ୟୁବରଣ କଲାପରେ ବୁଢୀମା'ଙ୍କୁ ମଧ୍ୟ କୁଷ୍ଠରୋଗ ହୋଇଥିଲା। ଗାଁରେ ସମସ୍ତେ ମିଶି ଘରଠାରୁ ଅନତିଦୂରରେ ଶ୍ମଶାନ ନିକଟରେ ପଲାଟିଏ କରି ତାଙ୍କୁ ଏକଘରିକିଆ କରିଦେଲେ, ଏପରିକି ପାଣି ପାଇଁ ମଧ୍ୟ ତାଙ୍କୁ ବାରଣ କରିଥିଲେ। ଦିନେ ପ୍ରଦ୍ୟୁମ୍ନ ସେହି ବାଟଦେଇ ଯାଉଥିବା ସମୟରେ ପାଣିଟିକିଏ ଦେବାକୁ ବୁଢୀମା'ଙ୍କ ଆକୁଳ ନିବେଦନରେ ସେ ନିୟମିତ ନଳକୂପରୁ କଳସୀରେ ପାଣିଆଣି ତାଙ୍କୁ ଦିଅନ୍ତି। ମାତ୍ର ନିର୍ଜନ ଜାଗାରେ ଅନ୍ଧକାରରେ ଏକାକୀ କାଳାତିପାତ କରୁଥିବା ବୁଢୀମା'ଙ୍କ ଯନ୍ତ୍ରଣାଦାୟକ ଜୀବନକାହାଣୀ ତାଙ୍କୁ ବ୍ୟଥିତ କରି ତାଙ୍କ ହୃଦୟରୁ ସ୍ଫୁରଣ କରିଥିଲା କବିତା। ଗାଁରେ ମନ୍ମଥନାଥ ଉଚ୍ଚବିଦ୍ୟାଳୟରେ ଶିକ୍ଷା ସମାପ୍ତ ପରେ ରାଉରକେଲା ଇସ୍ପାତ କାରଖାନାରେ ଚାକିରି କରୁଥିବା ମାମୁ ତାଙ୍କୁ ସାଙ୍ଗରେ ନେଇଯିବାକୁ

କବି ସେନାପତି ପ୍ରଦ୍ୟୁମ୍ନ କେଶରୀଙ୍କ ସହ ଧର୍ମପତ୍ନୀ କବୟିତ୍ରୀ ନର୍ମଦା ନୀଳୋତ୍ପଳା

ଆଗ୍ରହ ପ୍ରକାଶ କରିବାରୁ ବାପା ଅମତ ଥିଲେ। ରାଉରକେଲାରେ ପାଠ ପଢିଲେ ଚାକିରି ସମ୍ଭାବନା କଥା ମାମୁ କହିବାରୁ ବାପା ସମ୍ମତି ପ୍ରକାଶ କରିଥିଲେ। ବାସ୍ତବରେ କିନ୍ତୁ ତାଙ୍କ ରୁଚି ତଥା କାର୍ଯ୍ୟକଳାପକୁ ନାପସନ୍ଦ କରୁଥିବା ବାପାଙ୍କର ନାଲିଆଖିର ଭୟ ତାଙ୍କୁ ରାଉରକେଲା ଯିବାକୁ ବାଧ୍ୟ କରିଥିଲା ମହାବିଦ୍ୟାଳୟରେ ଶିକ୍ଷାରମ୍ଭ ନିମନ୍ତେ। ମାମୁମାଈଙ୍କ ଶ୍ରଦ୍ଧା ପାଇ ଗାଁରୁ ଯାଇ ରାଉରକେଲାରେ ସେ ଗୋଟିଏ ନୂଆ ଦୁନିଆ ପାଇଲାଭଳି ଅନୁଭବ କରୁଥିଲେ। ରାଉରକେଲା ଯିବା ପରେ ଅନେକ ସମୟରେ ସେ ଚରମ ନିଃସଙ୍ଗତାବୋଧ, ବ୍ୟର୍ଥତା ଉପଲବ୍ଧି କରୁଥା'ନ୍ତି। ନିଜ ଉପରେ ତାଙ୍କର ଅଭିମାନ ଆସୁଥାଏ ଗାଁ ମାଟିରୁ ଦୀର୍ଘ ପଥ ଅତିକ୍ରମ କରି ରାଉରକେଲା ପଢିବାକୁ କାହିଁକି ଆସିଲେ। ବୋଉର ହାତରନ୍ଧାକୁ ସେ ପାସୋରି ପାରିଲେ ନାହିଁ। ଏସବୁ ଭାବାନ୍ତର ତାଙ୍କ ଭିତରେ ନୂତନ ଜୀବନ ଦର୍ଶନକୁ ଜନ୍ମ ଦେଲା, ଯାହା କବିତା ରଚନା ନିମନ୍ତେ ପ୍ରେରଣା ତଥା ଖୋରାକ୍ ଯୋଗାଇଲା। ଜୀବନକୁ ନୂଆଭାବେ ସେ ବୁଝିଲେ, ଅନୁଭବ କଲେ, ଆଗାମୀ ଦିନକୁ ନେଇ ସ୍ୱପ୍ନ ସଞ୍ଚାର ହେଲା। ଆଶା ନିରାଶାର ଦୋଳିଖେଳର ଭାବନା ତାଙ୍କ ମନକୁ ଆନ୍ଦୋଳିତ କରୁଥିଲା ଯେଉଁଥିରୁ ସୃଷ୍ଟି ହେଲା କବିତାର ନିର୍ଝର। ସେତେବେଳେ ସେ ଅନେକ କ୍ଷୁଦ୍ର କବିତା ରଚନା କରୁଥିଲେ ମଧ୍ୟ ପ୍ରକାଶ ଉଦ୍ଦେଶ୍ୟରେ ପଠାଇ ନଥିଲେ। ତାଙ୍କର ଜଣେ ସହପାଠୀ ବନ୍ଧୁ ତାଙ୍କୁ ପ୍ରବର୍ତ୍ତାଇଥିଲେ ଏକ ସାହିତ୍ୟ ଅନୁଷ୍ଠାନକୁ କବିତା ଦେବାପାଇଁ। ସେଠାରେ ଥିବା ଇସ୍ପାତ ସାହିତ୍ୟ ସଂସଦର ସାଧାରଣ ସମ୍ପାଦକ ସନତ୍ ରାୟଙ୍କ ସହିତ ପରିଚିତ ହେବାରୁ ସେ ପ୍ରତି ସପ୍ତାହରେ ଅନୁଷ୍ଠିତ ହେଉଥିବା ସାହିତ୍ୟସଭାକୁ ଯିବାକୁ ତାଙ୍କୁ ଅନୁରୋଧ କରିଥିଲେ। ସାହିତ୍ୟ ପ୍ରତି ଥିବା ଆବେଗ, ଅନୁରାଗ ତାଙ୍କୁ ସେହି ସାହିତ୍ୟ ଅନୁଷ୍ଠାନ ସହିତ ସମ୍ପର୍କ ସ୍ଥାପନରେ ସହାୟକ ହୋଇଥିଲା। ସେ ନିୟମିତ ରଚନା କରିଚାଲିଲେ ଅନେକ କବିତା। କେହି କେହି ମଧ୍ୟ ତାଙ୍କ ଦ୍ୱାରା ରଚିତ ନୂତନ କବିତାକୁ କଞ୍ଚାହାତର କବିତା କହି ସମାଲୋଚନା କରନ୍ତି, ଯାହା ତାଙ୍କୁ ଅଧିକ ଉନ୍ନତମାନର କବିତା ଲେଖିବାକୁ ସଂକଳ୍ପବଦ୍ଧ କରିଥିଲା। ପାଠ ପଢିଲାବେଳେ ହାତଖର୍ଚ୍ଚ ପାଇଁ ବାପା ପଠାଉଥିବା ଅର୍ଥରୁ କିଛି ସଞ୍ଚୟ କରି ସେ 'ନବରବି', 'ଆସନ୍ତାକାଲି', 'ଝଙ୍କାର' ଆଦି ସାହିତ୍ୟ ପତ୍ରିକା କିଣି ପଢୁଥିଲେ ଏବଂ ସେଥିରୁ ଆଧୁନିକ କବିତା ରଚନା, ଚିତ୍ରକଳ୍ପ, ପ୍ରତୀକର ବ୍ୟବହାର ସମ୍ପର୍କରେ ଜ୍ଞାନ ଆହରଣ କରୁଥିଲେ। ତା'ପରେ ସେ ଲେଖି ଚାଲିଲେ ଅନେକ କବିତା ଯାହା ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶ ପାଉଥିଲେ ମଧ୍ୟ ତତ୍କାଳୀନ ପ୍ରସିଦ୍ଧ 'ଝଙ୍କାର' ପତ୍ରିକାରେ ତାଙ୍କ କବିତା ପ୍ରକାଶ ପାଉନଥିବା ଅବସାଦରେ ଘାରି ହେଉଥିଲେ। ଇତ୍ୟବସରରେ ସେ ସ୍ନାତକ ସମାପ୍ତ ପରେ ପରେ ଆସିଥିଲେ ଘରକୁ। ମାତ୍ର ଗାଁକୁ ଯିବାବାଟରେ ପଥଭାଙ୍ଗି ଚାଲିଲେ 'ଝଙ୍କାର' କାର୍ଯ୍ୟାଳୟକୁ ଏବଂ ସାକ୍ଷାତ କରିବାର ସୁଯୋଗ ପାଇଥିଲେ 'ଝଙ୍କାର'ର ସମ୍ପାଦକ ହରେକୃଷ୍ଣ ମହତାବଙ୍କୁ। ତାପରେ 'ଝଙ୍କାର' ପତ୍ରିକାରେ ତାଙ୍କର କବିତା ପ୍ରକାଶ ପାଇଥିଲା। ମାତ୍ର ସେଦିନ ମହତାବ ତାଙ୍କୁ କହିଥିବା କଥା ପଦକ ସେ ଆଜିବି ମନେ ରଖିଛନ୍ତି; 'କେବଳ ଘରେ ବସି କବିତା ଲେଖିଲେ ହେବନାହିଁ, ବରଂ ସାହିତ୍ୟ ଅନୁଷ୍ଠାନ ଗଢ। ସାହିତ୍ୟ ଅନୁଷ୍ଠାନ ଗଢିଲେ ବହୁ ସାହିତ୍ୟିକ ସୃଷ୍ଟି ହୋଇପାରିବେ।'

ପରବର୍ତ୍ତୀ ସମୟରେ ସମ୍ବଲପୁରରେ ଥିବା ବଡ଼ଭାଇ ପ୍ରଫେସର ବିକ୍ରମ କେଶରୀ ସେନାପତିଙ୍କ ନିକଟକୁ ଯାଇ ଜ୍ୟୋତିବିହାରରେ ରହିଥିଲେ ଏବଂ ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ଓଡ଼ିଆ ସ୍ନାତକୋତ୍ତର ଅଧ୍ୟୟନ କରୁଥିବା ସମୟରେ ନ'ଜଣ ସାହିତ୍ୟିକଙ୍କୁ ନେଇ ଜ୍ୟୋତିବିହାର ସାହିତ୍ୟ ସଂସଦ ସ୍ଥାପନା କରି ଅନେକ ସାହିତ୍ୟିକଙ୍କୁ ଏକତ୍ରିତ କରିଥିଲେ। ତା' ପରେ ସେ କଳାହାଣ୍ଡି ଜିଲାସ୍ଥିତ କେସିଙ୍ଗାରେ ଅଧ୍ୟାପନା ବୃତ୍ତିରେ ଯୋଗ ଦାନ କରିଥିଲେ ମଧ୍ୟ ସାହିତ୍ୟ ସାଧନାରେ ନିମଗ୍ନ ଥିଲେ। ସେଠାରେ କିଛି ଅଣ-ଓଡ଼ିଆଙ୍କ ଆଧିପତ୍ୟ ହେତୁ ଓଡ଼ିଆ ସାହିତ୍ୟର ବିଶେଷ ପ୍ରଭାବ ନଥିଲା। ସାହିତ୍ୟ ସାଧନା ପ୍ରତି ଥିବା ତାଙ୍କର ଦୁର୍ବଳତାକୁ ସେ ଏଡ଼େଇ ଦେଇନପାରି ସେଠାରେ ଥିବା ପ୍ରାଥମିକ ବିଦ୍ୟାଳୟ, ମଧ୍ୟ ଇଂରାଜୀ ବିଦ୍ୟାଳୟ, ଚାରିଟି ଉଚ୍ଚବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ଏକତ୍ର କରି ସ୍ଥାପନା କଲେ 'ଚେତାବନୀ' ସାହିତ୍ୟ ସଂସଦ। ୩୬ବର୍ଷ ତଳେ ଆରମ୍ଭ ହୋଇଥିବା ସେ ଅନୁଷ୍ଠାନ ଆଜିବି ସାରସ୍ୱତ ସାଧନା ନିମନ୍ତେ ଲେଖକଲେଖିକାଙ୍କୁ ପ୍ରବର୍ତ୍ତାଇବାରେ ସମର୍ଥ

ହୋଇଛି ଏବଂ ସ୍ମାରକୀ ସ୍ୱରୂପ 'ସୌମ୍ୟା' ବାର୍ଷିକ ମୁଖପତ୍ର ପ୍ରତିବର୍ଷ ରାଜ୍ୟସ୍ତରୀୟ ପୁଷପୁନି ଭେଟ୍‌ଘାଟ୍ ସମାରୋହରେ ପ୍ରକାଶ ପାଉଛି । ସେ କଟକରେ ଅବସ୍ଥାନ କରୁଥିଲେ ମଧ୍ୟ ବର୍ଷକୁ ଦୁଇତିନିଥର କଳାହାଣ୍ଡି ଯାଇ ସେହି ସାହିତ୍ୟ ଅନୁଷ୍ଠାନର କାର୍ଯ୍ୟନିର୍ବାହ କରିଥା'ନ୍ତି ।

କବିତାରେ ଅନ୍ତରଙ୍ଗ ଭାବ ଏବଂ ଭାବାନୁସାରୀ ଶବ୍ଦର ସଫଳ ପ୍ରୟୋଗ ହେଲେ କବିତା ସୁଖପାଠ୍ୟ ହୋଇଥାଏ । ଭାବ ବିନା କବିତା ବର୍ଣ୍ଣନାଧର୍ମୀ ହେଲେ ତା' ଅର୍ଥହୀନ ଏବଂ କବିତା ପଦବାଚ୍ୟ ହୁଏନାହିଁ । କବିତାଟିଏ ଭାବାନୁସାରୀ ହେଲେ ପାଠକ ମନ୍ତ୍ରମୁଗ୍ଧ ହୋଇ ତାକୁ ବାରମ୍ବାର ପଢିବାକୁ ମନ ବଳାଇଥାଏ ବୋଲି କବି ପ୍ରଦ୍ୟୁମ୍ନଙ୍କ ମତ । ପ୍ରଦ୍ୟୁମ୍ନଙ୍କ କାବ୍ୟସ୍ୱର ପ୍ରେମପ୍ରବଣ ମନେହେଲେ ହେଁ ଜୀବନର ନିଛକ ଅନୁଭୂତିକୁ ନେଇ ସେ ଅନେକ ସମାଜବାଦୀ କବିତା ରଚନା କରିଛନ୍ତି । ଦେଶାତ୍ମବୋଧକ ତଥା ଜନ୍ମଭୂମିକୁ ନେଇ ତାଙ୍କ ଜୀବନର ପ୍ରଥମ କବିତା ପଟ୍ଟାମୁଣ୍ଡାଇ ମନ୍ମଥନାଥ ଉଚ୍ଚବିଦ୍ୟାଳୟର ସାହିତ୍ୟପତ୍ରିକା 'ପୁଷ୍ପ'ରେ ପ୍ରକାଶ ପାଇଥିଲା । ସଂସ୍କାରୀ ତଥା ଶିକ୍ଷିତ ପରିବାରରେ ଜନ୍ମି ଲାଳିତପାଳିତ ହୋଇଥିବାରୁ ବାସ୍ତବତାକୁ ସେ ବେଶ୍ ଅନୁଭବ କରିପାରିଛନ୍ତି ଯାହା ତାଙ୍କ କବିତାରେ ସ୍ପଷ୍ଟ ହୋଇଛି । ତାଙ୍କ ମତରେ କବିତା ସର୍ବଦା ବୋଧଗମ୍ୟ ହେବା ଉଚିତ୍ । ପାଠକଙ୍କ ରୁଚିବୋଧକୁ ଚାହିଁ ସେ କବିତା ରଚନା କରନ୍ତି । କବିତା ସର୍ବଦା କୌତୁକ, ପ୍ରେମ, ଆନନ୍ଦ, ଯନ୍ତ୍ରଣା, ଅନୁଭବସିଦ୍ଧ ଭାବାବେଗ, ଏହା ଆଦୌ କସରତର ବିଷୟ ନୁହଁ ବୋଲି ସେ କହନ୍ତି । କବିତା ମୁଖ୍ୟତଃ ଛନ୍ଦାଶ୍ରୟୀ । ଆଧୁନିକ କବିତା ସହିତ ଛନ୍ଦୋବଦ୍ଧ କବିତା ରଚନା କରିବାକୁ ଅଧିକ ପସନ୍ଦ କରନ୍ତି ।

କବିତାରେ ଚୁମ୍ବକରେ ଅନେକ କଥା କହିବାକୁ ପଡ଼େ । ମାତ୍ର ଦୈନନ୍ଦିନ ଜୀବନରେ ତାଙ୍କ ମନକୁ ଆସୁଥିବା ଶବ୍ଦକୁ ସେ ଟିପି ରଖନ୍ତି, ଯାହାକୁ ପରବର୍ତ୍ତୀ ସମୟରେ କବିତାରେ ରୂପାୟିତ କରନ୍ତି । ତାଙ୍କ ମତରେ ଶବ୍ଦ ହେଉଛି ବ୍ରହ୍ମ, କବିତାରେ ଚୁମ୍ବକରେ ବହୁ କଥାକୁ ମାପିଚୁପି ଶବ୍ଦ ମାଧ୍ୟମରେ ପ୍ରୟୋଗ କଲେ ତାହା ଅନେକ କଥା ବ୍ୟାଖ୍ୟା କରିଥାଏ । ଏପରିକି ଆକାଶର ଧ୍ୱନିକୁ ମଧ୍ୟ କବିତା ମାଧ୍ୟମରେ ସୂକ୍ଷ୍ମଭାବେ ଶୁଣେଇବାରେ ସମର୍ଥ ହୋଇଥାଏ । କବିତାକୁ ଯଦି କେହି ବନେଇଚୁନେଇ ବ୍ୟାଖ୍ୟା କରେ, ତାହା କବିତା ପଦବାଚ୍ୟ ହେବନାହିଁ । ଏଥିରେ ବର୍ଣ୍ଣନା ଆଦୌ ରହିବ ନାହିଁ, ବିଶେଷକରି ଆଧୁନିକ କବିତାକୁ ପ୍ରତୀକାତ୍ମକ ଓ ଚିତ୍ରକଳ୍ପ ଭାବରେ ଉଦାହରଣ ଦେଇ ସେ କହିଥିଲେ ଯେ ଆକାଶରେ ନକ୍ଷତ୍ରର ଜ୍ୟୋତିକୁ ଏଭଳି ବର୍ଣ୍ଣନା କରିଥା'ନ୍ତି, ଯେ ପାଠକ ନଭମଣ୍ଡଳ ନକ୍ଷତ୍ରର ଜ୍ୟୋତିକୁ ଉପଲବ୍ଧ କରିବାରେ ସମର୍ଥ ହୁଏ ।

ଗଦ୍ୟଭିତ୍ତିକ କବିତାର ମର୍ମ ସମ୍ପର୍କରେ କହିଥିଲେ ଯେ ସଂପ୍ରତି ଅନେକ କବି ଗଦ୍ୟଭିତ୍ତିକ କବିତା ରଚନା କରୁଛନ୍ତି ଯାହାକୁ ଆଧୁନିକ କବିତାର ଆଖ୍ୟା ଦିଆଯାଇପାରିବ ନାହିଁ । ମାତ୍ର ତନ୍ମଧ୍ୟରେ ଯେ ଗୋଟିଏ ଅନ୍ତର୍ଛନ୍ଦ ଲୁଚି ରହିଥାଏ, ଏକଥା ଅନେକ ତଥାକଥିତ ଆଧୁନିକ କବି ବୁଝିନଥା'ନ୍ତି । ଗଦ୍ୟ ବା ପଦ୍ୟାକାରରେ ହେଉ, ଯାହା ପାଠକର ବୋଧଗମ୍ୟ ହେବନାହିଁ, ତାକୁ ଦୁର୍ବୋଧ କବିତା କୁହାଯାଇପାରେ । କିନ୍ତୁ କବିତାର ଉତ୍ତମ ଭାବାର୍ଥ ସତ୍ତ୍ୱେ ପାଠକ ଯଦି ବୁଝିବାରେ ଅକ୍ଷମ ହୁଏ, ତାହା ଦୁର୍ବୋଧ କବିତା ବୋଲି କୁହାଯାଇପାରିବ ନାହିଁ ।

ବାସ୍ତବରେ ବିଦ୍ୟାଳୟରେ ଅଧ୍ୟୟନ ସମୟରୁ ସେ କବିତା ଲେଖିଥିଲେ ବି ଗୀତ ଲେଖୁଲେଖୁ କବିତା ଆଡ଼କୁ ମୁହାଁଇଥିଲେ ବୋଲି କହନ୍ତି । ସେହି ଗୀତରୁ ହିଁ ସେ ଆକାଶବାଣୀର ଗୀତିକାର ସ୍ୱୀକୃତି ପାଇଥିଲେ । ସଙ୍ଗୀତ ତାଙ୍କର ପ୍ରାଣ ଥିଲାବେଳେ କବିତା ଜୀବନ ବୋଲି ସେ କହନ୍ତି । ତାଙ୍କ ମତରେ 'ପୁତନା' କାବ୍ୟ ତାଙ୍କୁ ସର୍ବଶ୍ରେଷ୍ଠ ସ୍ୱୀକୃତି ପ୍ରଦାନ କରିଛି । ବାରବର୍ଷର ସାଧନାରୁ ଜନ୍ମ ନେଇଥିବା ପୁତନା କାବ୍ୟରେ ସେ ପୁତନାକୁ ଜଣେ ମା'ରୂପେ ଚିତ୍ରଣ କରିଛନ୍ତି । ଏହା ୧୯୯୪ରୁ ଆରମ୍ଭ କରି ୨୦୦୬ମସିହାରେ ସମାପ୍ତ କରିଥିଲେ । ଏଥିରେ ବ୍ରହ୍ମବୈବର୍ତ୍ତ ପୁରାଣ, ହରିବଂଶଠାରୁ ଆରମ୍ଭ କରି ଅତିବଡ଼ି ଜଗନ୍ନାଥ ଦାସଙ୍କ ଭାଗବତ ପର୍ଯ୍ୟନ୍ତ ବହୁ ପୁରାଣରେ ପୁତନା ସମ୍ପର୍କିତ ତଥ୍ୟକୁ ଗଭୀର ଅଧ୍ୟୟନ କରିଛନ୍ତି ସେ । ତାଙ୍କ ମତରେ ଗୋଟିଏ କାବ୍ୟ ରଚନା କରିବା ପୂର୍ବରୁ ତା'ର ଭିତ୍ତିଭୂମି ସୁଦୃଢ଼ କରିବା ନିତାନ୍ତ ଜରୁରୀ । ବହୁଶ୍ରମର ଫଳସ୍ୱରୁପ ତାଙ୍କଦ୍ୱାରା ପ୍ରକାଶିତ 'ପୁତନା' ପ୍ରଥମେ 'ଉଆଁସୀ' ନାମରେ ବିଭିନ୍ନ ପ୍ରତିଷ୍ଠିତ ସାହିତ୍ୟପତ୍ରିକାରେ ପ୍ରକାଶିତ ହୋଇଥିଲା । ପାଠକମାନଙ୍କର ସେହି ଧାରାବାହିକ ପ୍ରତି ଶ୍ରଦ୍ଧାଶୀଳତା ଦେଖି ପରବର୍ତ୍ତୀ ସମୟରେ ସେ କାବ୍ୟାକାରରେ ପ୍ରକାଶିତ କରିଥିବା ପୁସ୍ତକରେ ଏକ ପ୍ରତୀକାତ୍ମକ ନାମ ଦେବାକୁ ଯାଇ ନାମକରଣ କରିଥିଲେ 'ପୁତନା' । ୨୦୦୬ମସିହାରେ ପ୍ରକାଶିତ 'ପୁତନା' ପୁସ୍ତକଟି ବିପୁଳ ପାଠକୀୟ ଶ୍ରଦ୍ଧା ଲାଭରେ ସମର୍ଥ ହୋଇଥିଲା ।

କବି ପ୍ରଦ୍ୟୁମ୍ନଙ୍କ ମତରେ କବିତା ରଚନା ବାସ୍ତବରେ ଏତେ ସହଜସାଧ୍ୟ ବ୍ୟାପାର ନୁହେଁ । ଏହା ଏକ ସୂକ୍ଷ୍ମକଳା । ଆବହମାନ କାଳରୁ ଯେଉଁମାନେ କବିତାକୁ ଆଶ୍ରୟ କରିଛନ୍ତି, ସେମାନେ କବିତା ରଚନା କରିବାକୁ ବହୁ ସଂଗ୍ରାମ, ସଂଘର୍ଷ କରିଥିବା କଥା କେବଳ ତତ୍କାଳୀନ କାବ୍ୟକବିତାକୁ ଅଧ୍ୟୟନ କଲେ ଅନୁମାନ କରିହେବ । ଟି.ଏସ୍. ଏଲିଏଟ୍‌ଙ୍କ କବିତାଗ୍ରନ୍ଥ 'ଦି ୱେଷ୍ଟଲ୍ୟାଣ୍ଡ' ନୋବେଲ ପୁରୁସ୍କାର ପାଇବାପରେ ସମଗ୍ର ବିଶ୍ୱର କବିମାନେ ଆଧୁନିକ କବିତା ପ୍ରତି ଆକୃଷ୍ଟ ହୋଇ ଅନେକ ଦୁର୍ବୋଧ କବିତା ରଚନା କରିଚାଲିଲେ । ସେଥିରେ ଭାରତୀୟ ସଂସ୍କୃତି, ପରମ୍ପରାର ଲେଶମାତ୍ର ସ୍ପର୍ଶ ରହିଲା ନାହିଁ । ଆମ ଗାଁ ମାଟିର ମହକ, ମାଟିମନସ୍କତାର ସଙ୍କେତ ସେଥିରେ ସ୍ପଷ୍ଟ ହେଲା ନାହିଁ । ତିରିଶ ବର୍ଷଧରି ଓଡ଼ିଆ ସାହିତ୍ୟରେ ଏହି ସାହିତ୍ୟିକଙ୍କ ରଚନାକୁ ନେଇ କବି ହୃଷିକେଶ ମଲ୍ଲିକ ଓଡ଼ିଆ ପଦ୍ୟସାହିତ୍ୟର ଅନ୍ଧକାରଯୁଗ ବୋଲି ଏକ ପ୍ରବନ୍ଧ ରଚନା କରିଥିଲେ । ସେମାନଙ୍କ ରଚିତ ଅନେକ ଦୁର୍ବୋଧ କବିତା ପାଠ କରିବାପରେ ପାଠକମାନେ କବିତା ପ୍ରତି ବୀତସ୍ପୃହ ହୋଇଥିଲେ । ମାତ୍ର ୧୯୮୦ମସିହା ପରେ ଅନେକ ପୁରାତନ କବିତାର ମହକକୁ ଫେରେଇ ଆଣି ପୁନଶ୍ଚ କବିତା ପ୍ରତି ପାଠକଙ୍କୁ ଆକୃଷ୍ଟ କରିବା ନିମନ୍ତେ ଉତ୍ତର ଆଧୁନିକ କବିମାନେ ବହୁ ସଂଘର୍ଷ ତଥା ଶ୍ରମସ୍ୱୀକାର କରିଛନ୍ତି ଯାହାଦ୍ୱାରା ପାଠକମାନଙ୍କର ପୂର୍ବବତ୍ କବିତା ପ୍ରତି ଶ୍ରଦ୍ଧା ଓ ବିଶ୍ୱାସ ଅତୁଟ ରଖିବାରେ ସମର୍ଥ ହୋଇଛନ୍ତି । ଏପରିକି କବି ହୃଷୀକେଶ

ମଲ୍ଲିକଙ୍କର 'ଧାନ ସାଉଁଟା ଝିଅ', ପ୍ରଦ୍ୟୁମ୍ନଙ୍କ 'ମହୁ ମୁହାଣ', ଶତ୍ରୁଘ୍ନ ପାଣ୍ଡବଙ୍କର 'ନିଶ୍ୱାସର ତାଳପତ୍ର', ସୌଭାଗ୍ୟ ମିଶ୍ରଙ୍କର 'ଦ୍ୱାସୁପର୍ଣ୍ଣା' ଆଦି କବିତା ଉତ୍ତରପିଢ଼ିଙ୍କ ଉପରେ ଯଥେଷ୍ଟ ପ୍ରଭାବ ପକାଇଥିଲା ବୋଲି ସେ ମତ ଦେଇଥିଲେ।

ପୂର୍ବସୂରୀଙ୍କ କବିତାର ଉଦାହରଣ ଦେଇ କହିଥିଲେ ଯେ ରମାକାନ୍ତ ରଥଙ୍କ ପ୍ରଥମ କବିତା କେତେଦିନର, ସନ୍ଦିଗ୍ଧ ମୃଗୟା, ଜହ୍ନ ରାଜ୍ୟ, ଲଣ୍ଡନ, ବାଘ ଶିକାର, ଚନ୍ଦ୍ରା ବେହେରାଣୀ ପ୍ରଭୃତି କବିତା ପଢ଼ି ସେ ଖୁବ୍ ପ୍ରଭାବିତ ହୋଇଛନ୍ତି। ବିଶେଷକରି ଚନ୍ଦ୍ରା ବେହେରାଣୀ କବିତାରେ ଥିବା ଚମତ୍କାର କାରୁଣ୍ୟ ପାଠକଙ୍କୁ ବହୁପରିମାଣରେ ବିମୋହିତ କରିଛି। ରମାକାନ୍ତ ରଥଙ୍କ ଶ୍ରୀରାଧା ସମଗ୍ର ଯୁବପିଢ଼ିଙ୍କ ମଧ୍ୟରେ ଉନ୍ମାଦନା ଜାଗ୍ରତ କରିବାରେ ସମର୍ଥ ହୋଇଥିଲା ଏବଂ ତା'ପରଠାରୁ କବିତା ପ୍ରତି ଶ୍ରଦ୍ଧାଶୀଳତା ପୁନଃଜାଗ୍ରତ ହୋଇଥିଲା। ପୁନଶ୍ଚ ସେ କହିଥିଲେ ଯେ ଉଆଁସୀ କାବ୍ୟ ରଚନା ପଛରେ ରମାକାନ୍ତ ରଥଙ୍କ ଶ୍ରୀରାଧା, ପ୍ରତିଭା ଶତପଥିଙ୍କ ଶବରୀ, ସୁରେଶ ପରିଡ଼ାଙ୍କ କାହ୍ନୁ ତାଙ୍କୁ ବିଶେଷ ଉତ୍ସାହିତ କରିଥିଲା। ସେମାନଙ୍କ ରଚିତ କାବ୍ୟରେ ସକାରାତ୍ମକ ଚରିତ୍ର ସଂଯୋଜନା ହୋଇଥିଲାବେଳେ ପୁତନା କାବ୍ୟରେ ସେ ନକାରାତ୍ମକ ଚରିତ୍ର ଚିତ୍ରଣ କରିଥିଲେ, ଯାହା ତାଙ୍କ ମନରେ ଆଶଙ୍କା ସୃଷ୍ଟି କରିଥିଲା ଯେ ସମ୍ଭବତଃ ପାଠକ ମାନେ ଏଭଳି ଚରିତ୍ରକୁ ଗ୍ରହଣ କରିନପାରନ୍ତି। ଏହା କିନ୍ତୁ ବେଶ୍ ପାଠକୀୟ ଆଦୃତି ପାଇଥିଲା ଏବଂ ଷଷ୍ଠ ସଂସ୍କରଣରେ ପହଞ୍ଚିବା ସହିତ ହିନ୍ଦୀ ଭାଷାରେ ଅନୂଦିତ ହୋଇ ଅନ୍ୟ ରାଜ୍ୟରେ ମଧ୍ୟ ପାଠକୀୟ ଶ୍ରଦ୍ଧାଲାଭ କରିପାରିଛି।

କବିତା ରଚନାର ଆଭିମୁଖ୍ୟ ସମ୍ପର୍କରେ ସେ କହନ୍ତି ଯେ ଜଣେ କବି ତା'ର ଆତ୍ମଦହନକୁ ହ୍ରାସ କରିବା ନିମନ୍ତେ କବିତା ରଚନା କରିଥାଏ। ସମାଜର ଦୁଃଖ ଯନ୍ତ୍ରଣାକୁ ଦେଖି ହୃଦୟରେ ସୃଷ୍ଟି ହେଉଥିବା ଅସହ୍ୟ ବେଦନାକୁ ଭାବମାଧ୍ୟମରେ ବ୍ୟକ୍ତ କରିବାରେ ହିଁ ସେହି ଦୁଃଖ ବହୁ ପରିମାଣରେ ଲାଘବ ହୋଇଥାଏ। ନିଜର ଅନୁଭୂତି, ବ୍ୟାକୁଳତାକୁ ପ୍ରକାଶ କରିନପାରିଲେ ଅନ୍ତର୍ମନରେ ସୃଷ୍ଟ ଛଟପଟ ଭାବକୁ ପ୍ରକାଶ କରିପାରିଲେ କବିଟିଏ ଆଶ୍ୱସ୍ତି ଲାଭ କରେ।

ସମ୍ପ୍ରତି ଓଡ଼ିଆଭାଷା ମଧ୍ୟରେ ଅନ୍ୟାନ୍ୟ ବାହ୍ୟଶବ୍ଦର ପ୍ରବେଶ ଫଳରେ ଭାଷା ପ୍ରଦୂଷିତ ହେଉଥିଲେ ମଧ୍ୟ ଓଡ଼ିଆ ଭାଷାର ଭବିଷ୍ୟତ ଅନ୍ଧକାର ନୁହେଁ। ଏପରିକି ଅନ୍ୟରାଜ୍ୟର ବହୁ ଆଞ୍ଚଳିକ ଭାଷା ଲୋପ ପାଇଯାଉଥିଲାବେଳେ, ଓଡ଼ିଆ ଭାଷାଭାଷୀ ବ୍ୟକ୍ତି ନିଜର ମାତୃଭାଷାକୁ ନ୍ୟୁନଦୃଷ୍ଟିରେ ଦେଖୁଥିଲେ ମଧ୍ୟ ଆମ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇଛି। ସଂପ୍ରତି ଓଡ଼ିଆ ଭାଷା-ସାହିତ୍ୟ ଦୁର୍ବଳ ହେବାର ଅନ୍ୟତମ କାରଣ ହେଲା ତ୍ରୁଟିପୂର୍ଣ୍ଣ ଶିକ୍ଷା ବ୍ୟବସ୍ଥା। ଶିକ୍ଷାବ୍ୟବସ୍ଥା ଭିତରେ ଯେଉଁମାନେ ରହିଲେ ସେମାନଙ୍କ ଭିତରେ କଳା ସାହିତ୍ୟର ମାନସିକତା ରହିବା ଆବଶ୍ୟକ। ପୂର୍ବେ ପାଠ୍ୟକ୍ରମ ନିର୍ଦ୍ଧାରଣ ସମିତିର ସଭ୍ୟବୃନ୍ଦ କଳା ଓ ସାହିତ୍ୟକୁ ଗୁରୁତ୍ୱ ଦେଉଥିଲେ। ସେହିଭଳି ଅଭିଜ୍ଞ ବ୍ୟକ୍ତିଙ୍କ ରୁଚିବୋଧକୁ ନେଇ ପାଠ୍ୟକ୍ରମ ପ୍ରଣୟନ କରାଯାଉଥିଲା। ବର୍ତ୍ତମାନ ଅନଭିଜ୍ଞ ବ୍ୟକ୍ତିଙ୍କ ଦ୍ୱାରା ପାଠ୍ୟକ୍ରମ ପ୍ରଣୟନ ହେତୁ ଛାତ୍ରଛାତ୍ରୀ ପ୍ରକୃତ ସାହିତ୍ୟ ଜ୍ଞାନ ହାସଲ କରିପାରୁନାହାନ୍ତି। ଓଡ଼ିଆ ଆଭିଜାତ୍ୟ, କଳା, ସାହିତ୍ୟ, ସଂଗୀତ କଥା ଛାଡ଼, ଶିକ୍ଷାର ଉତ୍କର୍ଷ ଦିଗରେ ମଧ୍ୟ ସେମାନେ ଗୁରୁତ୍ୱ ଦିଅନ୍ତି ନାହିଁ। ବ୍ୟବସ୍ଥା ବିଗିଡ଼ିଯିବା ଦ୍ୱାରା ଉତ୍ତରପିଢ଼ିଙ୍କ ନିକଟରେ ଓଡ଼ିଆଭାଷା ସାହିତ୍ୟର ଅଧୋଗତି ହେବ ହିଁ ହେବ।

ଏହାର ପ୍ରତିକାର ସ୍ୱରୂପ ବିଦ୍ୟାଳୟମାନଙ୍କରେ ଓଡ଼ିଆ ସମ୍ମାନ ସ୍ୱତନ୍ତ୍ର ବିଷୟ ରଖିଥିବା ବ୍ୟକ୍ତିବିଶେଷଙ୍କୁ କେବଳ ଓଡ଼ିଆ ଶିକ୍ଷାଦାନ ନିମନ୍ତେ ନିଯୁକ୍ତି ଦିଆଯାଉ, ଯାହାଦ୍ୱାରା ପ୍ରକୃତ ଓଡ଼ିଆ ଭାଷାର ଉତ୍କର୍ଷ ସାଧନ ସମ୍ଭବ ହେବ। ସାକ୍ଷାତକାର ସମୟରେ ସାହିତ୍ୟ ଶିକ୍ଷକମାନଙ୍କୁ ନିଯୁକ୍ତି ଦେବା ପୂର୍ବରୁ ସରକାର ସେମାନଙ୍କ ଭିତରେ ଯଥାର୍ଥ ସାହିତ୍ୟ ଜ୍ଞାନ ଅଛିକି ନାହିଁ ତା'ର ପରୀକ୍ଷାସ୍ୱରୂପ ସେମାନଙ୍କୁ ଶ୍ରେଣୀଗୃହରେ ସାହିତ୍ୟ ଶିକ୍ଷାଦାନ ପାଇଁ ଏକ ସ୍ୱତନ୍ତ୍ର ପରୀକ୍ଷାର ସମ୍ମୁଖୀନ କରାଇବା ଉଚିତ୍, ସେଥିରେ ଉତ୍ତୀର୍ଣ୍ଣ ହେଲେ ହିଁ ସେମାନଙ୍କୁ ନିଯୁକ୍ତି ଦେବା ଉଚିତ୍ ବୋଲି ସେ ମତ ଦେଇଥିଲେ। ସଂପ୍ରତି ଓଡ଼ିଆ

ନାମ : ସେନାପତି ପ୍ରଦ୍ୟୁମ୍ନ କେଶରୀ
ପିତା : ଶ୍ରୀ ଗୋକୁଳ ଚନ୍ଦ୍ର ସେନାପତି
ମାତା : ଶ୍ରୀମତୀ ସୁଲୋଚନା ଦେବୀ
ପତ୍ନୀ : ଶ୍ରୀମତୀ ନର୍ମଦା ନିଳୋତ୍ପଳା
ଜନ୍ମ : ୩ ଜୁଲାଇ, ୧୯୫୯ (ଶ୍ରାବଣ ପୂର୍ଣ୍ଣିମା)
ଠିକଣା : 'ସାଇ ସର୍ଜନା', ଜଗନ୍ନାଥ ବିହାର, ବାଲିକୁଦା, କଟକ-୧୧
ଦୂରଭାଷ : ୯୪୩୮୨୭୫୩୨୩

ପ୍ରକାଶିତ ପୁସ୍ତକ –

କବିତା ଗ୍ରନ୍ଥ – •ମହୁ ମୁହାଣ •ଅଲଗା ଅଯୋଧ୍ୟା •ଧୂଳିବେଶ •ପୂତନା •ପାପଦ୍ରଷ୍ଟା •ପୁରାଣନଦୀ •ଭାଜ୍ୟ ଭାଜକ •ଖେଳଛୁଟିର ଖରା।

ଅନୂଦିତ କବିତା ଗ୍ରନ୍ଥ : •The gate is Open (ଇଂରାଜୀ) •ପୂତନା (ହିନ୍ଦୀ)

ପ୍ରମୁଖ ପୁରସ୍କାର ଓ ସମ୍ମାନ –

•ସପ୍ତର୍ଷି କବିତା ପୁରସ୍କାର •ପ୍ରଜାତନ୍ତ୍ର କବିତା ପୁରସ୍କାର •ଭୁବନେଶ୍ୱର ପୁସ୍ତକ ମେଳା ପୁରସ୍କାର •କେନ୍ଦ୍ରାପଡ଼ା ଗୌରବ ସମ୍ମାନ •ବିଷୁବ ମିଳନ ଝଙ୍କାର ପୁରସ୍କାର •କୋଣାର୍କ ସାହିତ୍ୟ ସମ୍ମାନ •ଗଙ୍ଗାଧର ମେହେର ସାରସ୍ୱତ ସମ୍ମାନ •ପୁନର୍ନବା କବିତା ପୁରସ୍କାର •ତୀରତରଙ୍ଗ କବିତା ପୁରସ୍କାର •ବସନ୍ତ ମୁଦୁଲି କବିତା ପୁରସ୍କାର।

ଦସ୍ତଖତ କରିବାକୁ ବା ଓଡ଼ିଆ ଭାଷାରେ ଦରଖାସ୍ତଟିଏ ଲେଖିବା ପାଇଁ ଶିକ୍ଷିତ ବ୍ୟକ୍ତିବିଶେଷ ମଧ୍ୟ କୁଣ୍ଠାବୋଧ କରୁଛନ୍ତି, ଯାହା ଶୁଭଙ୍କର ନୁହେଁ । ମହାଭାରତ, ଭାଗବତ ଆଦି ଗ୍ରନ୍ଥରେ ଥିବା ମୂଲ୍ୟବାନ ଶବ୍ଦକୁ ଭାଷା ସାହିତ୍ୟରେ ପ୍ରୟୋଗ କଲେ ଶବ୍ଦର ଅଭାବ ରହିବ ନାହିଁ । ତେବେ ଓଡ଼ିଆ ଭାଷାଭାଷୀ ବ୍ୟକ୍ତିମାନେ କଥୋପକଥନରେ ପାରୁପର୍ଯ୍ୟନ୍ତ ଓଡ଼ିଆ ଶବ୍ଦକୁ ବ୍ୟବହାର କରିପାରିଲେ ଓଡ଼ିଆ ଭାଷା ସାହିତ୍ୟ କିଛିମାତ୍ରାରେ ସମୃଦ୍ଧ ହୋଇପାରିବ ।

ସରକାରୀ ସ୍ତରରେ ପ୍ରଚଳିତ ପୁରସ୍କାର ପ୍ରକ୍ରିୟା ଆଦୌ ସମ୍ମାନଜନକ ନୁହେଁ, କିନ୍ତୁ ପୁରସ୍କାର ଓ ସମ୍ବର୍ଦ୍ଧନା ଲେଖକଙ୍କୁ ଅନୁପ୍ରାଣିତ କରେ, ତାଙ୍କର ଆତ୍ମବିଶ୍ୱାସ ବଢାଇଥାଏ । ପୁରସ୍କାର ପାଇବା ଆଶାରେ କେହି ଲେଖନ୍ତୁ ନାହିଁ କିମ୍ବା ପୁରସ୍କାର ନ ପାଇଲେ ତାଙ୍କ ଲେଖନୀ ଶିଥିଳ ହୁଏ ନାହିଁ । ତେବେ କବିତା ସମାଲୋଚନା ଅନେକ ସମୟରେ ଲେଖକଙ୍କୁ ମାର୍ଗଦର୍ଶନ କରିଥାଏ, ଉନ୍ନତମାନର କବିତା ରଚନା କରିବାକୁ ମନଭିତରେ ସଂକଳ୍ପ ଭରିଦେଇଥାଏ ବୋଲି କବି ପ୍ରଦ୍ୟୁମ୍ନ ମତ ଦିଅନ୍ତି ।

ସ୍ୱରଚିତ ସାରସ୍ୱତ ସର୍ଜନାରେ କବିତା ସହିତ ଗଳ୍ପ ରଚନା କରିଥିଲେ ମଧ୍ୟ ସେ କବିତା ରଚନାରେ ଅଧିକ ଆନନ୍ଦିତ ହେବା କଥା ସ୍ପଷ୍ଟ କରନ୍ତି । କବିତାର ସୀମିତ ଶବ୍ଦ ମାଧ୍ୟମରେ ସବୁକଥା ବ୍ୟକ୍ତ କରିହୁଏ ନାହିଁ । ଅନେକ ସମୟରେ ବାସ୍ତବଧର୍ମୀ, ସାମାଜିକ, ପାରିବାରିକ, ପ୍ରେମ, ଦୁଃଖଦ, ସ୍ପର୍ଶକାତର ଅନୁଭବ, ଅନୁଭୂତି ମନରେ ବସା ବାନ୍ଧେ, ଯାହାକୁ ବିସ୍ତୃତଭାବେ ଗଳ୍ପରେ ପ୍ରକାଶ କରିଥା'ନ୍ତି କବି ପ୍ରଦ୍ୟୁମ୍ନ । ବର୍ଣ୍ଣନା ମାଧ୍ୟମରେ କଥା ବା କାହାଣୀକୁ ଅନେକ ଶାଖାପ୍ରଶାଖା ମାଧ୍ୟମରେ ସୁବିସ୍ତୃତ କ୍ଷେତ୍ରରେ ଗଳ୍ପର ପରିପ୍ରକାଶ ହୁଏ । ଗଳ୍ପକୁ ଯେତିକି ରସାଳ କରି ବର୍ଣ୍ଣନା କରାଯାଏ ତାହା ପାଠକକୁ ସେତିକି ଆମୋଦିତ, ଆଲୋଡ଼ିତ କରିଥାଏ । ପ୍ରଦ୍ୟୁମ୍ନଙ୍କ ମତରେ ଗଳ୍ପଟିଏ ରଚନା କରିବା ସମୟସାପେକ୍ଷ ହେତୁ ସେ ଅଧିକ ଗଳ୍ପ ଲେଖିବାକୁ ପସନ୍ଦ କରନ୍ତି ନାହିଁ ।

ମହାବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ଓଡ଼ିଆ ସାହିତ୍ୟ ଶିକ୍ଷାଦାନ ସମୟରେ ବିଶ୍ୱସାହିତ୍ୟ ପଢାଇବା ଜରୁରୀ ବୋଲି ତାଙ୍କର ହୃଦବୋଧ ହୋଇଥିଲା, ଯାହା ସେମାନଙ୍କ ଭାଷାସାହିତ୍ୟର ଚିନ୍ତାଚେତନାକୁ ବ୍ୟାପକ କରିବ । ତେଣୁ ସେ ଓଡ଼ିଆ ଅଧ୍ୟାପକ ଥିବା ସମୟରେ ଇଂରାଜୀ ସାହିତ୍ୟରେ ସ୍ନାତକୋତ୍ତର ହାସଲ କରିଥିଲେ ଯାହା ତାଙ୍କୁ ଓଡ଼ିଆ ଶିକ୍ଷାଦାନରେ ସହାୟକ ହୋଇଥିଲା । ମହାବିଦ୍ୟାଳୟରେ ପଢୁଥିବା ସମୟରେ ସେ ରାଉରକେଲା ମଜଦୁର ସଭାର ମୁଖପତ୍ର 'ଇସ୍ପାତ୍ ଶ୍ରମିକ'ର ସମ୍ପାଦନା କରି ସେସମୟରେ ୭୫୦ଟଙ୍କା ପାରିଶ୍ରମିକ ପାଇ ଅଧିକରୁ ଅଧିକ ସାହିତ୍ୟ ସାଧନା ପ୍ରତି ଆକୃଷ୍ଟ ହୋଇଥିଲେ ।

ପୂର୍ବବତ୍ କବିତାର ସମାଲୋଚନା ଆଜି ବି ହେଉଛି, ମାତ୍ର ବରିଷ୍ଠଙ୍କ ଅପେକ୍ଷା କନିଷ୍ଠମାନେ ଅଧିକ ସମାଲୋଚନା କରୁଛନ୍ତି ଏବଂ ସେମାନେ ନିଜ କବିତାକୁ ନେଇ ବାହୁସ୍ଫୋଟ ଦେଖାଉଛନ୍ତି । ସାଧନା ବିନା ନିଜକୁ କବି ବୋଲାଇ ବରିଷ୍ଠମାନଙ୍କୁ ସମାଲୋଚନା କରି ମନେମନେ ଆହ୍ଲାଦିତ ହେଉଛନ୍ତି ଯାହା ଆଦୌ ଶୋଭନୀୟ ନୁହେଁ ।

ସବୁକାଳେ କଳାପ୍ରେମୀ ବ୍ୟକ୍ତିଙ୍କ ସଂଖ୍ୟା କମ୍ ଥାଏ । ଏବେ ପରିବର୍ତ୍ତିତ ପରିସ୍ଥିତିରେ ତରୁଣବର୍ଗଙ୍କ ପାଇଁ ମନୋରଞ୍ଜନଠାରୁ ଆରମ୍ଭ କରି ଜୀବନଜୀବିକା ନିମନ୍ତେ ବହୁ ମାଧ୍ୟମ ରହିଛି, ଯେଉଁଥିରେ ସେମାନେ ସମୟ ଅତିବାହିତ କରୁଛନ୍ତି । କଳାସାହିତ୍ୟ ଆଉ ଏକମାତ୍ର ମାର୍ଗ ହୋଇ ରହିନାହିଁ ଯାହା ସେମାନଙ୍କୁ ଆକୃଷ୍ଟ କରିବ । ପୂର୍ବେ ମନୋରଞ୍ଜନର ମାଧ୍ୟମ ଭାବେ କାବ୍ୟ, କବିତା, ଗଳ୍ପ, ଉପନ୍ୟାସ ଇତ୍ୟାଦି ଅଧ୍ୟୟନ କରିବା ଥିଲା ଏକମାତ୍ର ମାଧ୍ୟମ, ଅନେକେ ସେସବୁ ପଢି ସମୟ ଅତିବାହିତ କରିବା ସହିତ ଆନନ୍ଦିତ ହେଉଥିଲେ । ମାତ୍ର ବର୍ତ୍ତମାନ ମନୁଷ୍ୟର ମାନସିକତାରେ ପରିବର୍ତ୍ତନ ଆସିବା ହେତୁ କେବଳ କଳା ସାହିତ୍ୟ ପ୍ରତି ସେମାନେ ଆଉ ମନ ବଳାଉ ନାହାନ୍ତି ବୋଲି କବି ସେନାପତି ପ୍ରଦ୍ୟୁମ୍ନ କେଶରୀ କହନ୍ତି ।

ପାରମ୍ପରିକ ଓ ଆଧୁନିକ କବିତା ମଧ୍ୟରେ ପାର୍ଥକ୍ୟ ଦର୍ଶାଇ କହିଥିଲେ ପୂର୍ବରୁ ଛନ୍ଦ, ଅଳଙ୍କାର, ଅନୁପ୍ରାସ ଇତ୍ୟାଦିକୁ ନେଇ ପାରମ୍ପରିକ କବିତା ରଚନା ହେଉଥିଲା, ମାତ୍ର ବର୍ତ୍ତମାନ ଆଧୁନିକ କବିତାରେ ପ୍ରତୀକ, ପୁରାଣକଳ୍ପ ରହୁଛି । ଚିତ୍ରକଳ୍ପ ଜରିଆରେ କୌଣସି ନା କୌଣସି ଉଦାହରଣ ଦେଇ କବିତା ରଚନା କରାଯାଉଛି, ଯାହା ପାଠକମାନଙ୍କୁ ଏକ ନୂତନ ସ୍ୱାଦ ପ୍ରଦାନ କରିବାରେ ସମର୍ଥ ହେଉଛି ।

କବିତା ରଚନାରେ ସାମାଜିକ ପ୍ରତିବଦ୍ଧତା ଓ ସାହିତ୍ୟିକ ସୌନ୍ଦର୍ଯ୍ୟବୋଧ ଉଭୟ ପରିପୂରକ ହେତୁ ଦୁଇଟିଯାକ ଉପାଦାନ ରହିବା ଜରୁରୀ । କବିତାଟିଏ ରଚନା କଲାବେଳେ ସାମାଜିକ ପ୍ରତିବଦ୍ଧତା ନିଜର ଅଜାଣତରେ ମଧ୍ୟ ଆସିଥାଏ, କାରଣ ସମାଜରୁ ଜଣେ ବ୍ୟକ୍ତି କେବେବି ଭିନ୍ନ ନୁହେଁ । ସାମାଜିକ ସ୍ଥିତି ବିଶ୍ୱର ପ୍ରତ୍ୟେକଟି ମଣିଷ ପାଇଁ ସମାନ ଅବସ୍ଥା ସୃଷ୍ଟି କରିବା ସହିତ ସୁଖଦୁଃଖ ସମଭାବେ ପ୍ରଭାବ ପକାଇଥାଏ ।

ଉତ୍ତର ପିଢିଙ୍କ ଉଦ୍ଦେଶ୍ୟରେ ବାର୍ତ୍ତାଦେଇ କହିଥିଲେ ଯେ କବିତା କେବେବି ଆତ୍ମପ୍ରଚାରମୁଖୀ ବା ଦୁର୍ବଳ ନହେଉ । ସମାଜ ପ୍ରତି ଦାୟିତ୍ୱବୋଧ ତାଙ୍କ କବିତାରେ ପ୍ରତିଫଳିତ ହେଉ । ସେମାନେ କବିତା ପ୍ରତି ସ୍ୱତଃ ଦାୟବଦ୍ଧ, ସଂକଳ୍ପବଦ୍ଧ ହୁଅନ୍ତୁ । କବିତା ହେଉଛି ସ୍ୱୟମ୍ଭୂ, ଏହା ଏକ ସ୍ୱୟଂପ୍ରକାଶକ୍ଷମ କଳା । କବିତା ଆପେ ଆପେ ଲେଖିହୋଇଯାଏ । କବି ଦୀପକ ମିଶ୍ର ସେଥିପାଇଁ କହିଥିଲେ- 'କବିତା ହୁଏନି ଗଢା କୋଣାର୍କ ତାଜମହଲ ପରି, କବିତା ଫୁଟଇ ତା ଇଚ୍ଛାରେ ଆମ ହାତେ, ନାମହୀନ ତାଜା ଫୁଲ ଭଳି ।' କବିତାଟିଏ ସ୍ୱଇଚ୍ଛାରେ ଆମ ହାତରେ ଫୁଟିଥାଏ, ଆମେ କେବଳ ହାତର ସ୍ପର୍ଶ କବିତାକୁ ଦେଇଥାଉ । ଏହାହିଁ ସମସ୍ତଙ୍କର ଧ୍ୟେୟ ହେବା ଉଚିତ୍ ବୋଲି ସେ କହିଥିଲେ । ■

ଉପସ୍ଥାପନ : **ମମତା ବିଶୋଇ**

ଫଟୋ- ତାପସ ମହାନ୍ତି, କଟକ

ଅର୍ପିତା

ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଶ୍ରାଦ୍ଧବାର୍ଷିକୀ ବାର୍ତ୍ତା

ଓଡ଼ିଆ କଳା ଓ ଧର୍ମ-ପ୍ରାଣର କେନ୍ଦ୍ର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ପୁଣ୍ୟ ତୀର୍ଥସ୍ଥଳ ଘୁମୁସର ମାଟିର ପ୍ରଣାମ । ପୁଣ୍ୟ ନୀଳାଚଳ ଧାମରୁ ଘୋଷ ଯାତ୍ରାର ଜୟ ଜୟକାର ଧ୍ୱନି ସତ୍ୟ-ଧର୍ମ ଓ ନ୍ୟାୟର ପୃଷ୍ଠଭୂମିକୁ ଅଧିକ ପ୍ରଜ୍ୱଳିତ କରୁ । ପୁଣ୍ୟାତ୍ମା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଶ୍ରାଦ୍ଧ ଦିବସରେ ନେତ୍ରୋତ୍ସବର ସ୍ୱର୍ଗୀୟ ସୁଷମା ସମସ୍ତ ଜନଜୀବନରେ ପ୍ରବାହିତ ହେଉ, ଗୋପବନ୍ଧୁ ଦାସଙ୍କ ତ୍ୟାଗ-ଆଦର୍ଶ ଓ ସେବାରେ ସମସ୍ତେ ଅନୁପ୍ରାଣିତ ହୁଅନ୍ତୁ ।

।। ସୌଜନ୍ୟ ।।

ପୁରୁଷୋତ୍ତମ ପାତ୍ର
ସୁପରକ୍ଲାସ୍ କଣ୍ଟ୍ରାକ୍ଟର, ଜଡ଼ଗାଁ, ଭଞ୍ଜନଗର

ଲକ୍ଷ୍ମୀନାରାୟଣ ନାୟକ
ସ୍ୱତନ୍ତ୍ର ଶ୍ରେଣୀ ଠିକାଦାର, ବାଉଁଶଲୁଣ୍ଡି, ଭଞ୍ଜନଗର

ମନୋରମା ମହାପାତ୍ର

କବୟିତ୍ରୀଙ୍କର 'ଅର୍ଦ୍ଧନାରୀଶ୍ୱର' କବିତା ସଙ୍କଳନ ତାଙ୍କ କାବ୍ୟସାଧନାର ଏକ ଉଲ୍ଲେଖନୀୟ ଦସ୍ତାବିଜ । ଓଜସ୍ୱିନୀ ବକ୍ତା ଭାବେ ଖ୍ୟାତ, ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଭାପତି ଏବଂ ଦୈନିକ 'ସମାଜ'ର ପୂର୍ବତନ କାର୍ଯ୍ୟକାରୀ ସମ୍ପାଦକ ।

କ୍ରାନ୍ତି : ଏକ ଚେତାବନୀ

କ୍ରାନ୍ତି : ଏକ ସମୁଜ୍ଜ୍ୱଳ ପ୍ରେରଣାର ଉତ୍ସ
କ୍ରାନ୍ତି : ଏକ ପ୍ରତିଶ୍ରୁତିଭରା ଭାବ-ସ୍ୱଚ୍ଛ ।
କ୍ରାନ୍ତି : ଏକ ମହାର୍ଘ ଚେତନା
କ୍ରାନ୍ତି : ଏକ ସୁସ୍ଥ ସମ୍ଭାବନା !
କ୍ରାନ୍ତି କେବେ ଭ୍ରାନ୍ତି ନୁହେଁ– ସେ ନୁହେଁ ଅଶାନ୍ତି
ଦେଶପ୍ରେମ ପ୍ରବାହ ସେ, ଧ୍ୟେୟ ତା' ପ୍ରଶାନ୍ତି,
କ୍ରାନ୍ତି ନୁହେଁ କ୍ଷମତାର ମୋହ ଅବା ସଂଶୟ, ସନ୍ଦେହ
କ୍ରାନ୍ତି ନୁହେଁ ଧ୍ୱଂସମୁଖୀ ତୀବ୍ର ଉଗ୍ରବାଦ ।
ଧରିତ୍ରୀର କଲ୍ୟାଣ ମାନସେ ଶୁଭଙ୍କର ସେ ଏକ ସମ୍ବାଦ ।
କାଳେ କାଳେ କ୍ରାନ୍ତିକାରୀ ବ୍ୟକ୍ତି, ଜାତୀୟ ସମ୍ପଦ !
କ୍ରାନ୍ତି :
ସୁସୁପ୍ତି ସେ ନୁହେଁ– ସେ ଜାଗୃତି,
ସ୍ୱାର୍ଥହୀନ, କର୍ମଯୋଗ-ଲଢ଼ିବାର ଦୀକ୍ଷା
ଜୀବନ ବିଦ୍ୟାଳୟରୁ କ୍ରାନ୍ତି ନିଏ ସର୍ବଶ୍ରେଷ୍ଠ ଶିକ୍ଷା ।
କ୍ରାନ୍ତି : ସେ ତିତିକ୍ଷା ।
ମାନବାତ୍ମା ମୁକ୍ତି ପାଇଁ କ୍ରାନ୍ତି ଅଭିପ୍ରେତ ।
ବୈଷମ୍ୟର ବାଡ଼ ଭାଙ୍ଗିବାକୁ କ୍ରାନ୍ତି ହିଁ ସମର୍ଥ ।
କ୍ରାନ୍ତି – ଏକ ସଂଗ୍ରାମର ବ୍ରତ !
ସୃଜି ପାରେ ସିଏ ଅସହାୟ ବକ୍ଷୁଚିତ୍ତେ ଆତ୍ମଶକ୍ତି ଦମ୍ଭ ।
ଅନ୍ୟାୟକୁ ଫିଙ୍ଗି ଦେଇ ପାରେ, ସ୍ଥାପନ କରେ ସେ ଦୃଢ଼ ନୀତିସ୍ତମ୍ଭ ।

କ୍ରାନ୍ତି : ଏକ ନବ ଯୁଗ ଶୁଭାରମ୍ଭ
କ୍ରାନ୍ତି ନଇ ଯାଉଅଛି ବହି
ଗତିରୋଧ ତା'ର କର ନାହିଁ ।
ସେ ଛୁଟୁଛି ଇଷ୍ଟମୁଖୀ ଆହରଣ କରିବାକୁ ପବିତ୍ର ପ୍ରସାଦ,
କଣ୍ଠେ ତା'ର ମହାମନ୍ତ୍ରଟିଏ ।
ସେ ମାନବବାଦ ।
ପ୍ରତି ପ୍ରାଣେ ସଞ୍ଚାରିବ ମଧୁସ୍ରାବୀ ଗୋଟାଏ ଆସ୍ୱଦ ।
କ୍ରାନ୍ତି ଏକ ଚେତାବନୀ
ପ୍ରକ୍ଷାଳନ କରିବାକୁ ପାପ ତାପ ସେ ଯେ ମନ୍ଦାକିନୀ
ନିଃସ୍ୱ ପ୍ରାଣେ ଭରିବ ଆଶ୍ୱାସ-ଆତ୍ମବଳ-ଅକ୍ଷୟ ବିଶ୍ୱାସ ।
ସେ ଦିଗବାରେଣୀ ।
ମଧୁମୟ, ସେବାମୟ- ପରିଶୁଦ୍ଧ କରିବାକୁ ବିଶ୍ୱ
କ୍ରାନ୍ତି; ଏକ ସଂକଳ୍ପ, ଏକ ଅଖଣ୍ଡ ପ୍ରୟାସ ।

■■■

'ପଦାରବିନ୍ଦ ନିଳୟ', ଶ୍ରୀବିହାର କଲୋନୀ, କଟକ-୮

ସୁରଞ୍ଜନ ପାତ୍ର

ସୁପରିଚିତ ସାରସ୍ୱତ ସାଧକ । ବିଭିନ୍ନ ଓଡ଼ିଆ ପତ୍ରପତ୍ରିକାରେ ବହୁ ଲେଖା ପ୍ରକାଶିତ । ଓଡ଼ିଶାର ବହୁ ସାରସ୍ୱତ ଅନୁଷ୍ଠାନରୁ ସମ୍ବର୍ଦ୍ଧିତ । ପ୍ରକାଶିତ କବିତା ସଂକଳନ 'ପ୍ରୀତିଲଗ୍ନା' ।

ମୁଠାଏ ସ୍ୱପ୍ନ: କବି ଆଖିରେ

ଧୂସର ମାଟି ତଳେ କବିଟିଏ
ସଞ୍ଚାରି ପାରେ
ଶ୍ୟାମଳ କବିତାର ଭ୍ରୁଣ
ହିମସିକ୍ତ ଧାନ ଫୁଲ ବାସ୍ନାରେ
ବାରିପାରେ
ମେହନତି ମଣିଷର ମୂଲ ।

ଛଳଛଳ ଶବ୍ଦର ବାହୁତଳେ
କବି ଏକା
ଖେଳାଇ ପାରେ
ଜହ୍ନ ରାତିର ସରାଗ
ଆକାଶର ଛାତି ତଳେ
ଟାଙ୍ଗିପାରେ ଭଲପାଇବାର ଇନ୍ଦ୍ରଧନୁ
କୋଳାଗ୍ରତ କରିପାରେ
କୃଷ୍ଣଚୂଡ଼ା ହସ ।

କବିଟିଏ
ଡଙ୍ଗର ତଳ
ଝରଣାରେ ଦେଖି ପାରେ
ପୃଥିବୀର ଖୁସି
ଶବ୍ଦେ ତା' ପରାଜୟ ବରଣ କରେ
ଆତତାୟୀ
ମାଟି ପାଇଁ ବିଦ୍ରୋହ ସେ କରେ
ଭୋକିଲା ଜନତାର ସ୍ୱର ବି ପାଲଟେ ।

ଦେଶର ସୁରକ୍ଷା ପାଇଁ
ଶବ୍ଦର ରାଫେଲ ଉଡ଼ାଏ
ସତ୍ୟର ଅବତରଣ ପାଇଁ
ମଶିକୁ ଅସି କରି ଧରେ
ପାହାଡ଼ ସମୁଦ୍ରର ଦୁଃଖ
ଏକା ଏଇ କବି
ଛାତି ପାତି ତୋଳି ନେଇପାରେ ।

କବିର ଶବ୍ଦର ସାରେଗାମା
ନଚେଇ ପାରେ
ଉଜାଣି ନଈକୁ
କବି ହିଁ ସୃଷ୍ଟି କରିପାରେ
ସୃଜନର ଶ୍ରୀମନ୍ଦିର

ତା' ଗେହ୍ଲା ପଣରେ
ଲେଉଟାଏ କଡ଼
ସଞ୍ଜ ଓ ସକାଳ
ଛମ୍ ଛମ୍ ବାଜି ଉଠେ
ବର୍ଷା ପାଦେ
ଫୁଲର ଘୁଙ୍ଗୁର ।

■■■

ସମ୍ପାଦକ-ନୀହାରକନ୍ୟା ସାହିତ୍ୟ ସଂସଦ
ନୂଆଗାଁ, ଶିଙ୍ଗାଖୁଣ୍ଟା, ସୋର, ବାଲେଶ୍ୱର-୪୫

ମୀନକେତନ ପଶାୟତ

*ସାମ୍ପ୍ରତିକ ସମାଜ ବ୍ୟବସ୍ଥାର ବିଭିନ୍ନ ଦିଗ ପ୍ରତି
ସୃଜନାତ୍ମକ, ସମ୍ବେଦନଶୀଳ, ସକାରାତ୍ମକ
ଦୃଷ୍ଟିଭଙ୍ଗୀ ହିଁ ତାଙ୍କ କବିତାର ଅନ୍ତଃସ୍ୱର ।
ସାରସ୍ୱତ ସାଧନା ସହିତ ଜଣେ ସାହିତ୍ୟ
ସଂଗଠକ ଭାବେ କାର୍ଯ୍ୟରତ ।*

ଚଦର

ସତ୍ୟବାଦୀର
ସେ ଶୋଭାବନ୍ତ ପୁରୁଷ
ତାଙ୍କ ଶ୍ରୀଅଙ୍ଗ ଶୋଭିତ
ଯେଉଁ ଖଣ୍ଡେ ଚଦର
ଚଦର ନୁହେଁ ତ
ଦେଶ ପ୍ରୀତିରେ ମହମହ
ମାଟି ମା'ର ସୋରାଏ ପଣତ
ବିଶ୍ୱ ଜନପ୍ରୀତିର ଖୁଣ୍ଟରେ
ଫରଫର ଉଡୁଥିବା
ଗୋଟିଏ ଗରିମାମୟ ନେତ
ଆଃ ! କି ସୁନ୍ଦର ।
ସେ ଚଦରଟିକୁ
ମୋତେ ଟିକେ ଦିଅ
ମୁଁ ଛୁଇଁ ଦିଏ
ଘୋଡ଼ି ଦିଏ ମୋ ଦେହ
କାଳେ ଲୁକ୍କାୟିତ କରୁଣା
ସହାନୁଭବତାର କବିତା ହୋଇ
ସଞ୍ଚରି ଯିବ ଦିହ ସାରା ।
ଏ ଚଦର ତଳେ
ଲୁଚିଛି ଯେଉଁ ଜୀବନ ଚିନ୍ତା
ଉଙ୍କି ମାରୁଛି ଯେଉଁ ଜାତୀୟ ଦର୍ଶନ
ମୋ ଦେହକୁ ଆଉଁଶି ଦେଲେ
କାଳେ ମୁଁ ହୋଇ ଯିବି
ଏ ଜାତିର ବାସ୍ତବ ଦାୟାଦ ।

ଏ ଚଦର ଦେଖିଛି
ସ୍ୱାଧୀନତାର ସ୍ୱପ୍ନ
ଜାତୀୟତାରେ ବିଶ୍ୱବୋଧର ପ୍ରେମ
ତପୋନିଷ୍ଠ ବାଲ୍ମୀକି ପରି ଗାଇଛି
ମାତିଲବ୍ଧ ରାମନାମ
ପୋଛିଦେଇଛି ଜାତିର ବିଶ୍ୱାସରେ
ଲାଗିଥିବା କଳଙ୍କର ଦାଗ
ଛାତିରେ ଲେଖିଛି
ସ୍ୱଦେଶପ୍ରୀତିର ପବିତ୍ର ରାମାୟଣ ।
ଏ ଚଦର ଢାଙ୍କିଛି
ମେଦ ମାଂସ ରକ୍ତର ଶରୀର
ମୁଠାଏ ପାଉଁଶରୁ ତିଆରିଛି
ହାଡ଼ର ବ୍ରହ୍ମାସ୍ତ୍ର
ପୀଡିତ ମଣିଷ ପାଇଁ
ବିନ୍ଧିଛି ଆଜନ୍ମ ଶତ୍ରୁକୁ
ଯିଏବି ଯିଏବି
ମା 'ର ଛାତିରେ ଦେଇଛି
ଦୁଃଖ ପରେ ଦୁଃଖ ।
ଏ ଚଦରର ନରମ ସ୍ପର୍ଶ
ଗୋଟିଏ ଜାତିକୁ ଦେଇଛି ଦେହ
ଭାଷାକୁ ଆୟୁଷ
ରାଜନୀତିର ଦୀର୍ଘାଶ୍ୱାସେ
ଭରିଛି ବିଶ୍ୱାସ
ଶିକ୍ଷାର ଦୁଃଖିନୀ ଓଠରେ

ଫୁଟେଇଛି ହସ
ଯା ପାଖରେ କବିତା ତ
କରୁଣାର ମନ୍ଦାକିନୀ
ମୃତ୍ୟୁ ଏକ ପରାସ୍ତ ସୈନିକ
ଏ ଚଦର ତ ମୃତ୍ୟୁ ସଂଜୀବନୀ
ଯାହାର ଉଚ୍ଚାରିତ ମନ୍ତ୍ର
ମରଣକୁ କରେ ଜୀବନ ଦାନ
ଜୀବନ ଯହିଁରେ ଅଞ୍ଜଳି ଭରି
କରଇ ମୁକ୍ତି ପୀୟୂଷ ପାନ ।
ଆହା ! କି ସୁନ୍ଦର
ବକୁଳ ବନର ଶୋଭାବନ୍ତ
ସେ ଫୁଲର ଚଦର ।

■■■

*କ୍ୱା.ନ.-ଏଫ୍.ଏଲ.-୧୧, ବାସନ୍ତୀ ନଗର,
ରାଉରକେଲା -୧୨*

ସରୋଜିନୀ ଷଡ଼ଙ୍ଗୀ

କବୟିତ୍ରୀ ସ୍ତ୍ରୀରୋଗ ଓ ପ୍ରସୂତି ବିଶେଷଜ୍ଞା । ଜଣେ ଲୋକପ୍ରିୟ ବିଜ୍ଞାନ ଲେଖିକା । 'ଶ୍ୱେତାମ୍ବରୀ', 'ଆତ୍ମଜା' ଆଦି କବିତା ସଂକଳନ ଓ 'ନିରାପଦ ମାତୃତ୍ୱ', 'ଆମେ ଗଢ଼ିବା ନୂଆ ସଂସାର' ପୁସ୍ତକ ପ୍ରକାଶିତ । ବହୁ ଅନୁଷ୍ଠାନରୁ ପୁରସ୍କୃତ ହୋଇଥିଲାବେଳେ ସମାଜସେବୀ ଭାବେ ଖ୍ୟାତିଲାଭ କରିଛନ୍ତି ।

ଇନ୍ଦ୍ରଧନୁ

ଆଞ୍ଜୁଳାଏ ଅଗ୍ନି ଆଉ
ବିଚିତ୍ର ବର୍ଣ୍ଣର କିଛି
ମେଘଫୁଲ ସଂଯୋଗରେ
ଅଚାନକ ଅନନ୍ତ ଏ'
ଆକାଶରେ ନୀଳ ଦେହେ
ଇନ୍ଦ୍ରଧନୁ ସୃଷ୍ଟି ହେଲା -
ସୋରିଷ ରଙ୍ଗର ଖରା
ଶ୍ରାବଣର ସଜଳ ବର୍ଷାରେ ଭିଜି
ପୃଥିବୀର ପଣତ କାନିରେ,
ବାଘନିଶ ହଳାନାର
ସାତଟି ଭିନ୍ନ ରଙ୍ଗରେ
ଇନ୍ଦ୍ରଧନୁ ଚିତ୍ର ଆଙ୍କିଦେଲା ।

ସେ ରଙ୍ଗର ଦର୍ଶନରେ
ପୁଲକିତ ଜଳକଣା
ଖେଳାଇଲା ପବନରେ ଆଶ୍ଚର୍ଯ୍ୟ ମହକ !
ଅଖଣ୍ଡ ଅନୁରାଗରେ
ଦିଗ୍‌ବଳୟ ଉଇଁ ଆସି
ଛୁଇଁଦେଲା ଧରିତ୍ରୀର ଆରକ୍ତ କପାଳ !

ସେ ରଙ୍ଗର କି ସୌନ୍ଦର୍ଯ୍ୟ !
ସେ ରଙ୍ଗର କି ଐଶ୍ୱର୍ଯ୍ୟ !!
ଶରୀରରେ ସୃଷ୍ଟିହେଲା
ଅଦ୍ଭୁତ କମ୍ପନ !
ସମୁଦ୍ର, ପୃଥିବୀ ଆଉ ଆକାଶ କି
ସେ ଦିବ୍ୟ ସ୍ରୋତରେ ଭାସି
ଏକାଥରେ କଲେ ମହାସ୍ନାନ !

ଇନ୍ଦ୍ରଧନୁ ଲାଗେ ସତେ
ମର୍ତ୍ତ୍ୟରୁ ସ୍ୱର୍ଗକୁ
ଯୋଡୁଥିବା ଅନନ୍ୟ ନିଶୁଣି
ଇନ୍ଦ୍ରଧନୁ ଲାଗେ ପୁଣି
ଧରିତ୍ରୀରୁ ଅନ୍ତରୀକ୍ଷ
ଛୁଉଁଥିବା ଅଖଣ୍ଡ ତରଣୀ ।

ସେ ଭବ୍ୟ ଇନ୍ଦ୍ରଧନୁର
କେଉଁ ଭଳି ରୂପ ?
ମନର ଉଲ୍ଲାସ ଆଉ ଓଠର ସ୍ମିତ ହସରେ
ଗଢ଼ା ହୋଇଥାଏ ଯା'ର
ସୂକ୍ଷ୍ମ ଅବୟବ ?

ସେ ସ୍ୱପ୍ନର ଇନ୍ଦ୍ରଧନୁ
ମନର ତୂଳୀରେ ଧରି
ଶବ୍ଦର ମଧୁ ତରଙ୍ଗ
ଧୀରେ ଧୀରେ ଆଙ୍କିଦିଏ
ହୃଦୟରେ ଚିତ୍ରଟିଏ
ପରମ ସ୍ନେହର ।

ପ୍ରତିଟି ଅଂଶରୁ ତା'ର ଶୁଭୁଥାଏ
ସଙ୍ଗୀତର କୋମଳ ଗାନ୍ଧାର !
ପ୍ରତିଟି ଅଙ୍ଗରୁ ତା'ର ଝରୁଥାଏ
ଫଗୁ ଆଉ ଅବିରର
ବିଚିତ୍ର ସମ୍ଭାର
ଯା'ର ମୁଗ୍ଧ ମାଧୁର୍ଯ୍ୟରେ
ସାରା ଜୀବକୋଷ ହୁଏ ଏକାଥରେ
ତନ୍ମୟ ତଲ୍ଲୀନ !

■■■

ଲିଙ୍କ୍‌ରୋଡ଼, କଟକ-୧୨

ସୁରେଶଚନ୍ଦ୍ର ପଣ୍ଡା

ସାହିତ୍ୟିକ ଏବଂ ସମାଲୋଚକ ଭାବେ ସୁପରିଚିତ । କଳା ଓ ସାହିତ୍ୟ ସାଧନାରେ ରହିଛି ନିବିଡ଼ ସମ୍ପୃକ୍ତି । କବିତା, ଗଳ୍ପ, ଗୀତିକବିତା, ପ୍ରବନ୍ଧ, ସମାଲୋଚନା ସାହିତ୍ୟ, ଶିଶୁ ସାହିତ୍ୟ ତଥା ଭଞ୍ଜ ସାହିତ୍ୟ ଗବେଷଣା ଏବଂ ଆଲୋଚନା କ୍ଷେତ୍ରରେ ଗଭୀର ଆତ୍ମନିବେଶ ଥିବା ଡକ୍ଟର ପଣ୍ଡାଙ୍କର ଏଯାବତ୍ ୧୪ଖଣ୍ଡ ପୁସ୍ତକ ପ୍ରକାଶିତ ।

ଦୁଃଖର ସ୍ମୃତି

ଦୁଃଖର କେହି ଭାଗୀଦାର ନଥା'ନ୍ତି ବୋଲି
ଆପଣେଇ ନେଇଛି ଦୁଃଖ ।

ବେଳେବେଳେ ଏମିତି ବି ହୁଏ
ନାନା ବାଗରେ
ସମ୍ପର୍କ ଖୋଜୁ ଖୋଜୁ
ନିଃସଙ୍ଗ ନିଆଁ ପାଖରେ
ସମର୍ପି ଦେବାକୁ ମନ ଡାକେ
ପଥରେ କି ବିପଥରେ
ତା'ର ଛାଇକୁ ଦେଖିହୁଏ
ନିଜକୁ ସୁନ୍ଦର କରିବାକୁ
ଲୋଡ଼ାପଡ଼େ ଶୂନଶାନ ରାସ୍ତାଟିଏ
ଲୁହର ନଇଟିଏ ।

ପ୍ରତିଟି ଦୁଃଖସହ ସାମିଲ ନ ହେଲେ ନାହିଁ
ରାତିସହିତ ମିଶାଇ ପାରେ
ସକାଳସହ ଅନ୍ତରଙ୍ଗତାରେ
ଆଲୁଅକୁ ଦେଖିପାରେ
ମୁକ୍ତ ବିହଙ୍ଗଟେ ପରି
ଖୁବ୍ ଦୂରକୁ ଉଡ଼ିଯାଇପାରେ
ଘର ଝର୍କାଦେଇ ଦେଖୁଥାଏ
ଖୋଲା ମୁକୁଳା ମନରେ
ବିହ୍ୱଳ ହୋଇଯିବାକୁ
କାହାକୁ ଆଲିଙ୍ଗନ କରିବାରେ
ସୃଜନଶୀଳତାର ଚମତ୍କାରିତାରେ ।

କାଠଗଡ଼ାରେ ଠିଆ ହୁଏନି ବୋଲି
ଏବେ ଖୁବ୍ ମନେପଡ଼େ ଦୁଃଖର ସ୍ମୃତି,
ପରୀକ୍ଷା ଦେବାର
କି ଗୁରୁଜୀଙ୍କ ବେତଭୟ
ନନାଙ୍କ ଜୀବନ ବଞ୍ଚିବାର
ବୋଉର ଆଖିରୁ ଲୁହ ପୋଛିବାର
ମୋ ଅଭିଯାନ ବ୍ୟାହତ ହେବାର
ସକଳ ଦୁଃଖର
ଛାତି ଭିତରେ କେଉଁଠି ନା କେଉଁଠି
ସ୍ପନ୍ଦିତ ହେଉଛି ଆଜି ।

ଲାଗୁଛି ଯେମିତି
ବିସ୍ମରଣ ହୋଇଯାଇଥିବା
ଚିହ୍ନା ଗୀତଟିଏ
ନିଜ ଭିତରେ ସ୍ୱର ତୋଳୁଛି
ରାଗ, ରସ, ଲାଳିତ୍ୟରେ
ହାତରେ ମଲ୍ଲୀ ଗଜରା ଧରି
ଅପେକ୍ଷା କରିଛି
ଦୁଃଖକୁ ଅଭିମନ୍ତ୍ରିତ କରିବାରେ ।

■■■

କଳିଙ୍ଗ ନଗର, ଭଞ୍ଜନଗର

କାଦମ୍ବିନୀ ମହାନ୍ତି

ଗୃହିଣୀ ହେଲେ ମଧ୍ୟ ସାହିତ୍ୟ ସାଧନାରେ ରହିଛି ଗଭୀର ଅନୁରକ୍ତି । ଛାତ୍ରୀ ଜୀବନରୁ କବିତା ଲେଖି ଆସୁଛନ୍ତି । ନିପୀଡ଼ିତ, ଦୁର୍ଗତି ମଣିଷର ସଖା, ଦୀନଜନବନ୍ଧୁ ଗୋପବନ୍ଧୁଙ୍କ ଆଦର୍ଶରେ ଅନୁପ୍ରାଣିତ ।

ଉଇଁଥିଲ ଦିନେ

ଉଇଁଥିଲ ଦିନେ ଉତ୍କଳ ଆକାଶେ
ଆଶାର ଆଲୋକ ନେଇ
ଉତ୍କଳ ମାଟିରୁ ଅମା ଅନ୍ଧକାର
ଯାଇଥିଲା ଦୂରହୋଇ ।
ଦରଦୀ ମନର ମରମ ବେଦନା
ତମ ରକ୍ତେ ଥିଲା ଲେଖା
ବନ୍ୟା ପୀଡିତ ମରୁଡିଗ୍ରସ୍ତ
ଦୀନ ଦୁଃଖୀଙ୍କର ସଖା ।
ନିଃସହାୟର ଆର୍ତ୍ତଚିତ୍କାର
ଶୁଭୁଥିଲା ଯେବେ ଦୂରେ
ହୃଦୟ ତମର ଥରି ଉଠୁଥିଲା
ବେଦନା ବିଦଗ୍ଧ ସ୍ୱରେ ।
କାରାଗାରର କାଳ କୋଠରିରେ
ପ୍ରବାସୀ ରାଇଜେ ରହି
ଛୁଇଁଥିଲା ତମ ବ୍ୟଥିତ ପରାଣ
ବନ୍ୟା ର କରାଳ ଛାଇ ।
ଭୋକ ଉପାସରେ ଶଢି ଯାଉଥିବା
କରୁଣ କଙ୍କାଳ କଥା
ଅପ-ସଂସ୍କୃତିର ଅଦିନିଆ ଝଡ଼
ମରମ ତଳର ବ୍ୟଥା ।

ଜାତୀୟତା ମନ୍ତ୍ର ଗାଇଥିଲ ତମେ
ଜୀବନର ଚଲାପଥେ
ଦେହ ମାଂସ ହାଡ଼ ମିଶାଇ ମାଟିରେ
ଜଳିବାକୁ ଦେଶହିତେ ।
ପରାଧୀନତାର ଅମାଅନ୍ଧକାରେ
ସ୍ୱଦେଶୀର ବହ୍ନି ଜାଳି
ଉତ୍କଳ ମାଟିର ଧ୍ୱଜା ଉଡାଇଛ
ପ୍ରେମର ଅଶ୍ରୁ ଢାଳି ।
କାରାଗାରେ କେତେ ବିତିଛି ଜୀବନ
ଇତିହାସ ଅଛି ସାକ୍ଷୀ
ନିର୍ଯାତନାର ଶିକାର ହୋଇଛ
ଆନନ୍ଦ ଅଶ୍ରୁ ପାତି ।
ଜନ୍ମଭୂମିର ଶୃଙ୍ଖଳ ଛେଦି
ଫୁଟାଇବା ପାଇଁ ହସ
ଅଶ୍ରୁ ନିଗାଡି କରିଅଛ କେତେ
ଆମରଣ ଉପବାସ ।
ଓଡିଆ ଭାଷାର ଜାଗ୍ରତ ପ୍ରହରୀ
କରିନ ମନରେ ଶଙ୍କା
ଘୋର ଦୁର୍ଦିନରେ ଜିତାଇ ମାଟିକୁ
ପିନ୍ଧିଛ ବିଜୟ ଟିକା ।

ସ୍ୱାଧୀନତାର ମହାସଂଗ୍ରାମେ
ଉଲ୍ଲାସେ ଝାସ ଦେଇ
ଉତ୍କଳ ଭୂମିର ରଖିଥିଲ ଯଶ
ଅହିଂସାର ବାର୍ତ୍ତା ଗାଇ ।
ସେବା ତ୍ୟାଗର ଅନିନ୍ଦ୍ୟ ତପସ୍ୱୀ
ଏ ଜାତି ବିପ୍ଳବୀ ନେତା
ଦେଶାତ୍ମବୋଧରେ ଜୀବନ ଉତ୍ସର୍ଗୀ
ପିନ୍ଧିଛ ଅମର ଚିତା
ସ୍ୱାଧୀନତାର ଅରୁଣ ଉଭାସ
ଏ ଦେଶେ ଦେଇଛ ବୁଣି
ରକ୍ତବୀର୍ଯ୍ୟର ଅବତାର ତମେ
ଉତ୍କଳ ମଉଡମଣି ।
ଆୟୁଷ୍ମାନ ତମେ ଉତ୍କଳ ଭୂଇଁର
ନିତି ହୋଇଥାଅ ଖୋଜା
ଆଖିକୋଣେ ତମ ବିନ୍ଦୁଏ ଲୁହ
କହେ ମହାସିନ୍ଧୁ ବ୍ୟଥା ।

■■■

୭ ମଲ୍ଲିକ କମ୍ପ୍ଲେକ୍ସ, ଜାଗମରା, ଭୁବନେଶ୍ୱର

ଶେଷପର୍ବ

ଶରତ କୁମାର ଦାସ

ପେସା ଅଧ୍ୟାପନା, ସାହିତ୍ୟ ସାଧନା ନିଶା । ସାମାଜିକ ଜୀବନର ନିଛକ ବାସ୍ତବତାକୁ ନେଇ କବିତା ରଚନାରେ ପ୍ରୟାସୀ । 'ଭିଜାମାଟିର ବାସ୍ନା' ଶୀର୍ଷକ କବିତା ସଂକଳନ ପ୍ରକାଶିତ । ଓଡିଶାର ଅନେକ ପ୍ରତିଷ୍ଠିତ ପତ୍ରପତ୍ରିକାରେ ଲେଖା ପ୍ରକାଶିତ ତଥା ବିଭିନ୍ନ ଅନୁଷ୍ଠାନ ତରଫରୁ ସମ୍ମାନିତ ।

ହେଇ ଦେଖ ଦେଖ
ଏବେ ବହିଲାଣି ବା' ସୁ ସୁ ହୋଇ
ଅସମ୍ଭାଳ ହେଲାଣି ମେଦିନୀ
ଉଠୁଛି ପଡୁଛି ମୋ ଜେଜେ ବାପା ଅମଳର
ଉଇ ଖିଆ ଭଙ୍ଗା ଚାଳ ଛପର ଘର ଖଣ୍ଡିକ ।

ଉଠ ଉଠ ଶୀଘ୍ର ଉଠ
ଗଡିଯାଉଛି ବେଳ
ଏଣେ ଦେଖ...
ମାଡି ଆସୁଛି କଳାଛାଇ ପାଟି ଆଁ' କରି
ଗିଳିଦେବ ସୂର୍ଯ୍ୟ, ଚନ୍ଦ୍ର, ଗ୍ରହ
ପୁଣି ସଚରାଚର ବିଶ୍ୱ ବ୍ରହ୍ମାଣ୍ଡ ।

ପାରିବତ ଯଦି ଗଣ୍ଠୁଲିଟିଏ ବାନ୍ଧି ଦିଅ ମୋ ପାଇଁ
କିଛି ଚୁଡା, ମୁଢି, ଚିନି ସହ ଆଉ କିଛି,
ନଟେଇରେ ସୂତା ଗୁଡାଇଲା ଭଳି
ଗୁଡେଇତୁଡେଇ ବାନ୍ଧି ଦିଅ
ରଡ ରଡ ହୋଇ ଭାଙ୍ଗି ଚୂରମାର୍ ହୋଇଯାଉଥିବା
ମୋ ବର୍ତ୍ତମାନ ଓ ଭବିଷ୍ୟର
ପଞ୍ଜରା ହାଡକୁ ।

ପାରୁଛ ଯଦି ଦରବା ଦି'ଟା ଗଣ୍ଠୁଲିରେ ପୂରେଇ ଦିଅ
ଯିବାକୁ ପଡିବ ସଅଳ ସଅଳ ମୋତେ
ଗାଆଁ ସେ ମୁଣ୍ଡରେ ଲମ୍ବା ତାଳଗଛ ପରି
ଆକାଶକୁ ମୁଣ୍ଡ ଟେକି ସଗର୍ବେ
ଛିଡା ହୋଇଥିବା ପକ୍କା ଆଶ୍ରୟ ଘରକୁ,
ଅଧାପୋଡା କାଠ ପରି
ମୋ ଅଧୁରା ଜୀବନକୁ ସାଥିରେ ନେଇ ।

ମେଞ୍ଚାଏ ଭୋକକୁ ପେଟରେ ଭର୍ତ୍ତି କରି
ଆଉ ଆଞ୍ଜୁଳିରେ ଆଞ୍ଜୁଳାଏ ଶୋଷକୁ
ପିଇ ପିଇ ମୋତେ ଅପେକ୍ଷା କରିବାକୁ ପଡିବ,
ଗୁରୁଣ୍ଡି ଗୁରୁଣ୍ଡି ଜୀବନ ଜିଇବାକୁ ହେବ
କାହିଁ କେତେ ଦିନ କେଜାଣି
ଖିଲି ଖିଲି ହସୁଥିବା
ସେହି ଆଶ୍ରୟ ଘରର ଶକ୍ତ ଛାତ ତଳେ
ଫଟା ଚଟାଣରେ ମୁଣ୍ଡ ପିଟି ପିଟି ଓ
ମୋ ଫଟା ଭାଗ୍ୟ ସହ ସାଲିସ୍ କରି କରି ।

ହଜାର ହିସାବ କିତାବ ପୁଣି
ଖାତା କଲମର ଗୋଲକ ଧନ୍ଦାରୁ ମୁକ୍ତ ହୋଇ
କେବେ ରିଲିଫ ପହଞ୍ଚିବ କି ନାହିଁ
ତା' ତ ମୋତେ ଜଣା ନାହିଁ ।

ଲମ୍ବା ଧାଡିରେ ମୋତେ ପୁଣି
ଛିଡାହେବାକୁ ପଡିବ ସାହସ ସଞ୍ଚୟ କରି
ଶେଷ ସମ୍ବଳ ଥିବା
କାହିଁ କେଉଁ ଦିନର ପୁରୁଣା ଦଦରା
ରସ ଥାଳିଟିଏ ହାତରେ ଧରି
ଦରଫୁଟା ଭାତ ମୁଠାଏ ପାଇଁ
ମୋ ଖର ନିଃଶ୍ୱାସକୁ ଜବରଦସ୍ତ ଜାବୁଡି ଧରି ।

କେବେ ଫେରିବି ମୋ ଭିଟାମାଟିକୁ ପୁଣି
ମୋତେ ତ ତାହା ଜମା ଜଣା ନାହିଁ,
ମାତ୍ର ଏତିକି ଜାଣିଛି ମୁଁ
ମୁଁ ମରିଗଲା ପରେ ପରେ ମୋ ପୁଅ ନାତିଙ୍କୁ
କିଛି ଟଙ୍କା ସରକାରୀ ସାହାଯ୍ୟ ମିଳିଯିବ
ଯୋଜନା ମୁତାବକ ଅବଶ୍ୟ
ମୋ ଶୁଦ୍ଧି କ୍ରିୟା ଓ ବ୍ରାହ୍ମଣ ଭୋଜନ
ତଥା, ବାକିଥିବା ଅବଶିଷ୍ଟ ଶେଷପର୍ବ ପାଇଁ ।

■■■

ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ,
ବଡବିଲ ମହାବିଦ୍ୟାଳୟ, ବଡବିଲ, କେନ୍ଦୁଝର-୭୫୮୦୩୫

Robert Herrick
(Born: 24.8.1591 - Died: Oct' 1674)

Robert Herrick was a 17th-century English lyric poet and cleric. He is best known for Hesperides, a book of poems. This includes the carpe diem poem "To the Virgins, to Make Much of Time", with the first line "Gather ye rosebuds while ye may".

Counsel To Girls

Gather ye rose-buds while ye may,
Old time is still a-flying:
And this same flower that smiles to-day,
Tomorrow will be dying.

The glorious Lamp of Heaven, the Sun,
The higher he's a-getting
The sooner will his race be run,
And nearer he's to setting.

That age is best which is the first,
When youth and blood are warmer;
But being spent, the worse, and worst,
Times, still succeed the former.

Then be not coy, but use your time;
And while ye may, go marry:
For having lost but once your prime,
You may for ever tarry.

■■■

ଅଜୟଚନ୍ଦ୍ର ଦାସ

ବିଶ୍ୱନାଥ କରଙ୍କ ସମ୍ପାଦନାରେ ପ୍ରକାଶ ପାଉଥିବା ମାସିକ ସାହିତ୍ୟ ତଥା ସମାଲୋଚନା ପତ୍ରିକା 'ଉତ୍କଳ ସାହିତ୍ୟ'ରୁ ଆନୀତ । ଅନୁବାଦକଙ୍କ ଦ୍ୱାରା ଇଂରାଜୀ କବିଙ୍କ ଅନୂଦିତ କବିତା ସାମୟିକ ଭାବେ ଏଥିରେ ପ୍ରକାଶିତ ହେଉଥିଲା । ସରଳ-ସାବଲୀଳ ଭାଷା ଅନୁବାଦର ବୈଶିଷ୍ଟ୍ୟ ।

ତରୁଣୀ ନାତୁଣୀ ପ୍ରତି ଜେଜେମା'

ଦିନ ଉଠୁଁ ଉଠୁଁ ତୋଳ ଲୋ ନୂତନା,
ଅମଳ କମଳ କଢ଼ି,
ବାଳ-ବୁଢ଼ା ସେ ତ ଖରେ ପଳାଉଛି
ସମସ୍ତଙ୍କ ଆଗ ବଢ଼ି;
ରଙ୍ଗ ଦେଖାଉଛି ଏହି ଯେ ସୁମନା
ମୁରୁକି ମୁରୁକି ହସି,
କାଲି ତ ମଉଳି ଯାଇଥିବ ଧନୀ
ପଡ଼ିଥିବ ଡେମ୍ଫୁ ଖସି ।

ଦେଖ, ଦିବାନାଥ ସରଗ-ପ୍ରଦୀପ
ବପୁ ତାଙ୍କ କି ଚହଟ !
ଯହୁଁ ଯହୁଁ ସେ ତ ଊର୍ଦ୍ଧ୍ୱେ ଉଠୁଛନ୍ତି
ସୀମାଚଳ ସନ୍ନିକଟ;
ତାଙ୍କ ଦଉଡ଼ ତ ସରିଯିବ ତହୁଁ
ଯିବେକି ତଳେ ଉଭେଇ,
ଏହିଭଳି ଦଶା ସଭିଙ୍କ ଭୂତଳେ
ଛାଡ଼ି ଯିବେ ନାହିଁ କେହି ।

ସଜ ଛୁଇଁ ଛଇ ବୟସ ତୋ ତନୁ
ତାକୁ ଘେନ ବଡ଼ କରି,
ଯଉବନ ଶିରୀ ରକତ ଉଷୁମ
ଅଛି ସବୁ ଅଙ୍ଗ ଭରି;
ଗଡ଼ି ଗଲେ ବେଳ ନବ ବୟସୀ ଲୋ,
ହେବ ସିନା ଏହୁ କ୍ଷୟ,
ପୁରତେ ଆସିବ ଅଧିକୁଁ ଅଧିକ
ଦିନ ତୁଛା ଖେଦମୟ ।

ବରଜ ଲୋ ଲାଜ, ନ କର ଉଛୁର,
ଛାଡ଼ନା ଏ ମହାଯୋଗ,
ବେଳ ଥାଉଁ ଥାଉଁ କରସି ନାଗରୀ,
କାନ୍ତ ହାତ-ଛନ୍ଦା ଭୋଗ;
ଢଳି ପଡ଼ିଲେ ଲୋ ସରସ ବୟସ
କରିଥା' ମୂଳ ନବୀନା,
ବାଢୁଅ ରହି ତୁ ଦେହକ ଘେନିବୁ
ଜଳକା ସ୍ୱଭାବ ସିନା ।

■■■

Robert Herrick ଙ୍କ 'Counsel to Girls' କବିତାର ଅନୁବାଦ ।

ପ୍ରାଚୀନ କବିଙ୍କ ରଚନାରୁ

ଓଡ଼ିଆ କଥାସାହିତ୍ୟର ଅନବଦ୍ୟ ସ୍ରଷ୍ଟା ବ୍ୟାସକବି ଫକୀରମୋହନ ସେନାପତି। ସାହିତ୍ୟର ପ୍ରତ୍ୟେକ ବିଭାଗରେ ଲେଖନୀ ଚାଳନା କରି ସାମାଜିକ କୁସଂସ୍କାର, ଅନ୍ଧବିଶ୍ୱାସ ବିରୋଧରେ ଦୃଢ଼ ସ୍ୱର ଉତ୍ତୋଳନ କରିଛନ୍ତି, ସମାଜ ସଂସ୍କାରର ବାର୍ତ୍ତା ପ୍ରଦାନ କରିଛନ୍ତି। ତାଙ୍କ ଲେଖନୀ ନିଃସୃତ ଗଳ୍ପ, ଉପନ୍ୟାସ ଓଡ଼ିଆ ସାହିତ୍ୟକୁ ଏକ ନୂତନ ଯୁଗରେ ପଦାର୍ପଣ କରିବାରେ ସମର୍ଥ କରାଇଛି। ଓଡ଼ିଆ ଭାଷା ସୁରକ୍ଷା ଓ ସମୃଦ୍ଧିରେ ତାଙ୍କର ଯୋଗଦାନ ଅବିସ୍ମରଣୀୟ। ଏହି କାଳଜୟୀ କ୍ରାନ୍ତିକାରୀ ସାରସ୍ୱତ ସାଧକ ଏକ ସଂକଟଜନକ ମୁହୂର୍ତ୍ତରେ ଓଡ଼ିଆ ସାହିତ୍ୟର ନେତୃତ୍ୱ ନେଇ କାଳକାଳକୁ ଅମର ହୋଇଯାଇଛନ୍ତି। 'ରେଳବାଇ' ବ୍ୟାସକବି ଲେଖନୀ ନିଃସୃତ ଏକ ସଚେତନତାଧର୍ମୀ କବିତା। ଦୁନିଆ ରଙ୍ଗମଞ୍ଚରେ ଜଣେ କଳାକାର ଭାବରେ ମଣିଷ ଆସିଛି, ଅଭିନୟ ସରିଗଲେ ବାହୁଡ଼ିଯିବ ଅଫେରା ରାଇଜକୁ। ଏଇ ନଶ୍ୱର ସଂସାରରେ ପ୍ରେମ, ସହାନୁଭୂତି, ସମ୍ବେଦନଶୀଳତା ପରିବର୍ତ୍ତେ ସେ ପାଲଟି ଯାଉଛି ସ୍ୱାର୍ଥାନ୍ଧ। ମୋହ-ମାୟାର ବନ୍ଧନରେ ପଡ଼ି ଧର୍ମ ଅର୍ଜନ ଭୁଲିଯାଉଛି, ଅବିଶ୍ରାନ୍ତ ଭାବରେ ଧାଉଁଥିବା ରେଳଗାଡ଼ିର ଯାତ୍ରୀ କିନ୍ତୁ ସୀମିତ ସମୟ ପାଇଁ ଯାତ୍ରା କରିଥା'ନ୍ତି। ଠିକ୍ ସଂସାରରେ ମଣିଷର ସୀମିତ ରହଣି ଭଳି। 'ଧର୍ମ ଟିକଟ'କୁ ପାଥେୟ କରି ସଂସାର ଯାତ୍ରା ନିର୍ବାହ ପାଇଁ ଏଥିରେ ରହିଛି ଉଦାତ୍ତ ଆହ୍ୱାନ।

ରେଳବାଇ

ଫକୀରମୋହନ ସେନାପତି

ଅବିଶ୍ରାନ୍ତ ଧାଇଁଅଛି ଦେଖ ରେଳବାଇ,
ପାସେଞ୍ଜରେ ଚଢ଼ି ଯାଉଅଛନ୍ତି ଓହ୍ଲାଇ।
ଆଶ୍ଚର୍ଯ୍ୟ ଏ ପାସେଞ୍ଜରଙ୍କର ଆଚରଣ,
ରେଳରେ ରହିବେ ଜାଣୁଛନ୍ତି କେତେକ୍ଷଣ,
ତଥାପି କଳହ କରୁଛନ୍ତି ପରସ୍ପରେ,
ଯେମନ୍ତ ରହିବେ ଚିରଦିନ ଏ ରେଳରେ !
ଧିକ ଧିକ ଯାତ୍ରୀଙ୍କର କି ସ୍ୱାର୍ଥପରତା,
ଦୁଇଦଣ୍ଡ ପାଇଁ କିପାଁ ଏ ମାୟାମମତା ?
ଟିକକ ଜାଗାର ପାଇଁ କିପାଁ ଧରାଧରି,
ଚିରକାଳ ରେଳଗୋଟା ଥିବ କି ତୁମରି ?
ଏକ ଇଷ୍ଟେସନେ ନିଶ୍ଚେ ପଡ଼ିବ ଓହ୍ଲାଇ,
କାହିଁ ଯିବ ତୁମ୍ଭେ, କାହିଁ ଯିବ ରେଳବାଇ !
ଏକ ସଙ୍ଗେ ବସି ସର୍ବେ ପ୍ରେମ ଆଳାପରେ
କାଳ କି କଟିବ ନାହିଁ ସୁଖସ୍ୱଚ୍ଛନ୍ଦରେ ?
କେତେ ପାସେଞ୍ଜର ସଙ୍ଗେ ବସିଥିଲ ଭାଇ,
ଦେଖୁଛ ତ ଗଲେ ଜଣ ଜଣକେ ଓହ୍ଲାଇ।
ଓହ୍ଲାଇ ଗଲେଣି ତୁମ୍ଭ ସଙ୍ଗୀ ଯେତେ ଲୋକ,
ସେମାନଙ୍କ ସଙ୍ଗେ କିଛି ଅଛି କି ସମ୍ପର୍କ ?
ତୁମ୍ଭେ ବି ଓହ୍ଲାଇ ଯିବ ଭଲରୂପେ ଜାଣ,
ତେବେ କିପାଁ ଏ ରେଳଟା ପାଇଁ ଏତେ ଟାଣ ?
ଜାଣିଥାଅ ପହଞ୍ଚିଲେ ତୁମ୍ଭ ଇଷ୍ଟେସନେ
ରହି ନ ପାରିବ ଜଣେ ବୁଝି ଥାଅ ମନେ।
ଟିକିଟ ଖଣ୍ଡିକ ବାନ୍ଧିଛ ତ ଭଲ କରି ?
ନୋହିଲେ ପୁଲିସ ନିଶ୍ଚେ ଘେନିଯିବ ଧରି।

x x x x

ପୃଥ୍ୱୀ ରେଳେ ଚଢ଼ିଅଛ ଯେତେ ଜଣ ଭାଇ,
ଜଣ ଜଣ କରି ସର୍ବେ ଯିବଟି ଓହ୍ଲାଇ।
ଯାଉଛନ୍ତି–ଆସୁଛନ୍ତି କେତେ ପାସେଞ୍ଜର,
ଦେଖି ଦେଖି ନ ଜନ୍ମିଲା ଚେତନା ତୁମ୍ଭର।
କିପାଁ ଏତେ କଳି ଦ୍ୱନ୍ଦ୍ୱ ଏତେ ବିଡ଼ମ୍ବନା,
ସବୁ ଛାଡ଼ି ଯିବ ଚାଲି, ଅଛି ଭଲ ଜଣା।
ଭାଇ ଭାଇ ମିଳିମିଶି ପ୍ରେମ ଆଳାପରେ
କେତେଟା ବା ଦିନ କଟି ଯିବ ସ୍ୱଚ୍ଛନ୍ଦରେ।
ରଖିଛ ତ ବାନ୍ଧି ଧର୍ମ-ଟିକଟ ସଙ୍ଗରେ ?
ଲୋଡ଼ା ହେବ ମାତ୍ର ସେହି ଖଣ୍ଡିକ ଶେଷରେ।
ଏ ରେଳ ସେ ରେଳ ମଧ୍ୟେ ପ୍ରଭେଦ ଏତେକ–
ସେ ରେଳେ ପକାଇ ଯିବ ଲଗେଜ ଯେତେକ।
ଧର୍ମର ଟିକଟ ଯେବେ ନ ଯିବଟି ଧରି,
ଶମନ ପୁଲିସ ଠୁଙ୍କି ଦେବ ଆଚ୍ଛା କରି।

■■■

ଗଳ୍ପ

SAI MULTISPECIALITY HOSPITAL

ISO 9001-2008 CERTI9FIED COMPANY REGD. NO. 1489/13

N.H.-6 BHATLI CHOWK, BARGARH-768028

PH- 06646-246799, 9040096126/9937942429, 9437083561

Website-www.saimultispecialityhospital.com Mail-saimultispecialityhospitalbgh@gmai.com

ପଶ୍ଚିମଓଡିଶାର ପ୍ରଥମ ପ୍ରାଇଭେଟ ବ୍ଲଡ ବ୍ୟାଙ୍କ କେନ୍ଦ୍ର-ସାଇ ମଲ୍ଟି ସ୍ପେସିଆଲିଟି ହସ୍ପିଟାଲ । ଏଠାରେ ସେପାରେସନ ୟୁନିଟ ରହିଛି, ଯଦ୍ୱାରା କି ରୋଗୀ ଉପଯୁକ୍ତ ସମୟରେ ଉପଯୁକ୍ତ ରକ୍ତ ପାଇ ପାରୁଛନ୍ତି । ଏଠାରେ ରୋଗୀଙ୍କୁ ସଠିକ୍ ସମୟରେ ପିଆରବିସି, ହୋଲ ବ୍ଲଡ, ପ୍ଲାଜମା ଓ ପ୍ଲାଟଲେଟ ମିଳିପାରୁଛି ।

ସାଇ ମଲ୍ଟି ସ୍ପେସିଆଲିଟି ହସ୍ପିଟାଲ ସରକାରୀ ସ୍ୱୀକୃତି ପ୍ରାପ୍ତ କୋଭିଡ କେୟାର ହସ୍ପିଟାଲ ।

* ଏଠାରେ ଏ ପର୍ଯ୍ୟନ୍ତ ୪୦୦ ରୁ ଅଧିକ ରୋଗୀ ସୁସ୍ଥ ହୋଇ ସାରିଲେଣି ।
* ଜରୁରୀକାଳିନ ପରିସ୍ଥିତିରେ ହସ୍ପିଟାଲରେ ସଂପୂର୍ଣ୍ଣ OXYGEN ସୁବିଧା ସହ 24X7 ଘଣ୍ଟିଆ ଚିକିତ୍ସା ସୁବିଧା ଉପଲବ୍ଧ ଅଟେ ।

ଡା. ପ୍ରବୀଣ ଅଗ୍ରୱାଲ

M.S. General Surgery

(ପରିଚାଳନା ନିର୍ଦ୍ଦେଶକ)

ଶ୍ରୀ ଅଚ୍ୟୁତାନନ୍ଦ ଦାଶ

(ୟୁନିଟ ହେଡ)

ଜିତେନ୍ଦ୍ର କୁମାର ମହାନ୍ତି

ଏକାଧିକ କାରଖାନାର ବିଭିନ୍ନ ବିଭାଗରେ କାର୍ଯ୍ୟକରି ଉପମୁଖ୍ୟ ମହାପ୍ରବନ୍ଧକ ଭାବେ ଅବସର ନେଇଛନ୍ତି । ଶ୍ରୀଜଗନ୍ନାଥ ସାହିତ୍ୟ, ସଂସ୍କୃତିର ଜଣେ ଗବେଷକ । ବିଭିନ୍ନ ଓଡ଼ିଆ ପତ୍ରପତ୍ରିକା ତଥା ଦୈନିକ ଖବର କାଗଜରେ ବହୁ ଲେଖା ପ୍ରକାଶିତ ହୋଇ ପାଠକୀୟ ସ୍ୱୀକୃତି ଲାଭ କରିଛି ।

ହେ ଫଗୁଣ! ତତେ ମୋ ରାଣ

'ଶୁଭ୍ରକାନ୍ତ', 'ସରୋଜିନୀ' ଓ 'ଫଗୁଣ' ଏହି ଲେଖାଟିର ମୁଖ୍ୟ ଚରିତ୍ର । ଶୁଭ୍ରକାନ୍ତ ଓ ସରୋଜିନୀ ଚରିତ୍ର ହୋଇପାରନ୍ତି ହେଲେ 'ଫଗୁଣ' ଏକ ମାସ, ଚରିତ୍ର କିପରି ହେବ?

ହଁ ଫଗୁଣ ଏ ଲେଖାଟିର ମୁଖ୍ୟ ଚରିତ୍ର– ଏକ ବ୍ୟତିକ୍ରମ ।

ଫଗୁଣ ଆସିଛି ଧରାଧାମକୁ... ହାଡ଼ଭଙ୍ଗା ଶୀତ ଅପସରି ଯାଉଛି, ମୁଣ୍ଡଫଟା ଖରା ମୁହାଁଉଛି ଧରାପୃଷ୍ଠକୁ, ଏହି ମଧ୍ୟାନ୍ତରରେ ଫଗୁଣ ଆସିଛି ଧରାକୁ, ଋତୁଚକ୍ରର ନିୟମାବଧିରେ, ବୃକ୍ଷରାଜି ନବପତ୍ରରେ ପଲ୍ଲବିତ, ଆମ୍ବ ବଉଳର ବାସରେ ଚଉଦିଗ ଚହଟି ଯାଉଛି, କୋକିଳମାନଙ୍କ କୁହୁତାନ ମନରେ ପୁଲକ ଭରିଦେଉଛି, ଫଗୁଣ ଆସିଛି ଧରାଧାମକୁ... ।

ଗାଁ ଗାଁରେ ଦୋଳ ପରବ ପାଳନ ହେଉଛି, ରଙ୍ଗ ବେରଙ୍ଗର ଚାନ୍ଦୁଆରେ ବିମାନ ସବୁ ବିମଣ୍ଡିତ । ଠାକୁର ମନ୍ଦିରରୁ ବାହାରି ଭକ୍ତ ଦୁଆରକୁ ବିଜେ କରିବେ ତା'ର ହାଲଚାଲ ବୁଝିବାକୁ, ଅବୁଝା ଲାଗେ ଭକ୍ତ ବଡ଼ ନା ବଡ଼ ଭଗବାନ ।

ଫଗୁ ଖେଳ, ପିଚକାରୀରେ ରଙ୍ଗମାରି, ରଙ୍ଗ ବୋଳାବୋଳି ସ୍ରଷ୍ଟାର ସୃଷ୍ଟିକୁ ସୁନ୍ଦରରୁ

ସୁନ୍ଦରତମ କରିଦେଉଛି। ଗାଈଆଳର ବଂଶୀସ୍ୱନ ଗ୍ରାମ୍ୟ ପରିବେଶକୁ ପୁଲକିତ କରୁଛି। ବରଷକ ମେହନତୀରେ ଫସଲ ଆମଦାନୀ କରି ଖଳାରେ ଗଦା ମାରୁଛି– ଚଷାପୁଅ ଅମଳ କରିବାକୁ ନିଶ୍ଚିନ୍ତ ହେବ ବରଷକ ପାଇଁ ସେ।

ସମସ୍ତେ ଉଜ୍ଜୀବିତ, ଉଲ୍ଲସିତ, ଉନ୍ମାଦିତ, ପ୍ରଫୁଲ୍ଲିତ। ଫଗୁଣ ଆସିଛି ଧରାଧାମକୁ ଅପେକ୍ଷାର ଅନ୍ତକରି। ନବବିବାହିତା ଚାହିଁ ବସିଛି ବାପଘରର ଲୋକର ଆସିବା ବାଟକୁ। ଓଡ଼ିଶା ଚାଷର ରାଜ୍ୟ, ଏଠି ଅଧିକାଂଶ ଚାଷୀ। କନ୍ୟାର ବିବାହ ବେଳେ ଅନ୍ୟାନ୍ୟ ଖର୍ଚ୍ଚ ଯୋଗୁଁ ମନଲାଖି ବେଭାର ଦେଇ ପାରିନଥିଲେ, ବାପ, ଦାଦିର ମନ ମାନୁ ନାହିଁ। ଆହୁରି କିଛି ଦେଇ ଥାଆନ୍ତେ କନ୍ୟା ବିଦାବେଳେ, ମୁଣ୍ଡ ଝାଳ ତୁଣ୍ଡରେ ମାରି ମେହନତୀ ମଣିଷ ଅମଳ କରିବ ଫସଲ ଏଇ ବେଳରେ। ବରଷର ନୂଆ ଅମଳ ଶସ୍ୟରେ କନ୍ୟାର ବି ଭାଗ ଅଛି। କାହିଁକିନା ଯୋଉ ଗର୍ଭ ଆଉ ଗୃହରେ ପୁତ୍ର ବଢ଼ିଛି, ପୁତ୍ରୀ ବି ବଢ଼ିଛି ତ ସେଇଠି। ଆଉ ବରଷକ ଫସଲ ଅମଳର ବେଳ ସେଇଥିପାଇଁ ଅସଲ ବେଳ। ସେଇଥିପାଇଁ ତ ଏ ସୁନ୍ଦର ପରମ୍ପରା ଏଇ ଓଡ଼ିଶାର। ଫଗୁଣ ଆସିଲେ, ଦୋଳଯାତ ବେଳକୁ, ଫସଲ ଅମଳ ଚାଲିଥିବା ବେଳେ ବାପଘରୁ ଭାଇ ହେଉ କି ବାପ କି ଦାଦି କିଏ ଯାଇ ଆଣି ଥାଆନ୍ତି ନବବିବାହିତା କନ୍ୟାକୁ, ପୁଣି ସେ ଫେରି ଆସିବ ପୁଆଣି ଭାର ସହିତେ ଶାଶୂ ଘରକୁ ମକର ସଂକ୍ରାନ୍ତି ଆଗରୁ। ଯାହା ଶ୍ରୀମନ୍ଦିରରେ ପାଳନ ହେଉଛି ତାହା ପ୍ରତ୍ୟେକ ଓଡ଼ିଆର ପରମ୍ପରା। କନ୍ୟାର ବି ବାପଘର ଫସଲ ଅମଳରେ ସମଭାଗ ଅଛି, କି ମହାନ ପରମ୍ପରା! ଥିଲାବେଳେ ଦେବା ପାଇଁ ମନ ବିକଳ, ସରି ଆସିଲେ ଦେଇ ହେବନି, ମନ କଷ୍ଟ ହେବ ବାପ, ଦାଦି, ଭାଇ ଆଉ ବୋଉର। ଫଗୁଣ ଆସିଛି ଧରାଧାମକୁ...।

ବିଦ୍ୟାଳୟମାନଙ୍କରେ ପୂଜା ହେବ ବାଗ୍‌ଦେବୀ ସରସ୍ୱତୀଙ୍କର ବସନ୍ତ ପଞ୍ଚମୀ ତିଥିରେ। ପୂଜା ହେବ, ପୁଷ୍ପାଞ୍ଜଳି ଦିଆଯିବ, ଘଣ୍ଟ, ଘଣ୍ଟା, ଶଙ୍ଖ ଶବ୍ଦରେ ପାଠଶାଳା ମୁଖରିତ ହେବ। ଧୂପ, ଦୀପର ସୁଗନ୍ଧରେ ମହକି ଉଠିବ ପାଠଶାଳା ପ୍ରାଙ୍ଗଣ। ଆରାଧନାର ଦିନ, ଆରାମର ଦିନ, ଆବେଗଭରା ଦିନ... ପାଠପଢ଼ାରୁ ବିରାମର ଦିନ। କେତେ ଦିନର ଅପେକ୍ଷାର ଅନ୍ତକରି ଆସିଛି ଏଇ ଦିନଟି ଖାସ୍ କରି ପାଠ ପଢୁଥିବା ପିଲାଙ୍କ ପାଇଁ। ଫଗୁଣ ଆସିଛି ଧରାଧାମକୁ।

ଆସୁ, ଏମିତି ଆସୁଥାଉ ଫଗୁଣ ଧରାଧାମକୁ... ଋତୁଚକ୍ରର ନିୟମାନୁସାରେ।

ଏତେବେଳଯାଏ ଏ ସବୁକଥା ଅନର୍ଗଳ ଭାବରେ କହୁଥିଲେ ବିଦ୍ୟାଳୟର ସାହିତ୍ୟ ଶିକ୍ଷକ ମଧୁସୂଦନ ପାଣିଗ୍ରାହୀ, ଦଶମ ଶ୍ରେଣୀର ସାହିତ୍ୟ ପିରିୟଡ୍‌ରେ।

ଛାତ୍ରଛାତ୍ରୀମାନେ ସ୍ତବ୍ଧ ଓ ନିରବ, ଶୁଣୁଥାଆନ୍ତି ମନଦେଇ। ମଧୁ ସାର୍‌ଙ୍କ କହିବାର ଅପୂର୍ବ ଶୈଳୀ। ଠିକ୍ ସ୍ଥାନରେ ସଠିକ୍ ଶବ୍ଦର ପ୍ରୟୋଗ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କ ମନକୁ ଶ୍ରେଣୀ ଗୃହରୁ ଗାଁର ତୋଟା, ପୋଖରୀ, ମନ୍ଦିର, ଦୋଳବେଦୀ ଆଉ ମେଳଣ ପଡ଼ିଆ ଆଡ଼େ ବୁଲାଇ ଆଣୁଥିଲା।

ସାର୍‌ଙ୍କ କଥାକୁ ମନଦେଇ ଶୁଣୁଥିଲେ ଛାତ୍ରଛାତ୍ରୀମାନେ। ସତେକି ପିଇଯାଉଛନ୍ତି, କୋମଳମତି ପିଲାଏ, ମଧୁର ଅମୃତର ଧାରା, ଆଉ ଏଥିରୁ ବ୍ୟତିକ୍ରମ ନଥିଲା ସ୍କୁଲର ପ୍ରଥମ ଶ୍ରେଣୀରୁ ନବମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ପରୀକ୍ଷାରେ ସର୍ବଦା ପ୍ରଥମ ସ୍ଥାନରେ ଉତ୍ତୀର୍ଣ୍ଣ ହୋଇଆସି ଏବେ ଦଶମ ଶ୍ରେଣୀରେ ପଢୁଥିବା ଛାତ୍ର ଶୁଭ୍ରକାନ୍ତ। ଶୁଭ୍ରକାନ୍ତ ଦେଖିବାକୁ ଯେମିତି ସୁନ୍ଦର, ବ୍ୟବହାର ସେମିତି ସୁନ୍ଦର। ପାଠପଢ଼ାରେ ସବୁ ଶ୍ରେଣୀରେ ପ୍ରଥମ ସ୍ଥାନ, ତା'ର ତୁଳନା ସମବୟସ୍କ ସହପାଠୀଙ୍କ ମଧ୍ୟରେ ନାହିଁ। ତା'ର ହସହସ ମୁହଁ, ବିନମ୍ରତା ଓ ଶିଷ୍ଟତା ସମସ୍ତଙ୍କ ମନକୁ ଜିଣିନିଏ। ଉତ୍ତମ, ମେଧାବୀ, ପ୍ରତିଭାଦୀପ୍ତ ଛାତ୍ର ଭାବରେ ସେ କେବଳ ସେହି ସ୍କୁଲର ଛାତ୍ରଛାତ୍ରୀ, ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କର ନୁହେଁ, ଏପରିକି ବିଜିପୁର ଗ୍ରାମବାସୀଙ୍କର ଆଶା ଓ ବିଶ୍ୱାସ ସେ ଦଶମ ଶ୍ରେଣୀ ବୋର୍ଡ଼ ପରୀକ୍ଷାରେ ଭଲ ନମ୍ବର ରଖି, ପାସ୍ କରି ସ୍କୁଲ ତଥା ଗ୍ରାମ ଓ ସେ ଅଞ୍ଚଳର ସୁନାମ ଆଣିଦେବ।

ସରୋଜିନୀ ସେହି ସ୍କୁଲର ଦଶମ ଶ୍ରେଣୀର ଛାତ୍ରୀ ଶୁଭ୍ରକାନ୍ତର ସହପାଠିନୀ। ଭଲ ପାଠ ପଢୁଥିବା ସରୋଜିନୀ କୌଣସି ଶ୍ରେଣୀରେ ପ୍ରଥମ ସ୍ଥାନ ହାସଲ କରିପାରୁନଥିଲେ ବି ଶ୍ରେଣୀ ପରୀକ୍ଷାରେ ଦ୍ୱିତୀୟ କିମ୍ବା ତୃତୀୟ ସ୍ଥାନରୁ କେବେବି ତଳକୁ ଖସି ନାହିଁ। ସେ ସୁନ୍ଦରୀ, ସୁଶୀଳା, ମିଷ୍ଟଭାଷିଣୀ, ସୁଶ୍ରୀ ତଥା ଆକର୍ଷଣୀୟା। ତାକୁ ପ୍ରଥମ ଥର ଦେଖୁଥିବା ଲୋକ ଥରେକେ ମନପୂରାଇ ଦେଖିପାରୁ ନ ଥିବାରୁ ଆଉ ଥରକ ପାଇଁ ଆଖି ଫେରାଇ ଦେଖିଥାଏ। ବିଜିପୁର ହାଇସ୍କୁଲ ଏକ ନାମକରା ସ୍କୁଲ, ଭଲ ପାଠପଢ଼ା ହୁଏ ସ୍କୁଲରେ, ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ଛାତ୍ରଛାତ୍ରୀମାନଙ୍କର ପାଠପଢ଼ାରେ ଯତ୍ନ ନେଇଥାଆନ୍ତି, ଆଉ ସେଇଥି ପାଇଁ ତ ଦଶମ ଶ୍ରେଣୀ ବୋର୍ଡ଼ ପରୀକ୍ଷାରେ ପ୍ରଥମ ଶ୍ରେଣୀ ସହ ପାସ୍ କରୁଥିବା ଛାତ୍ରଛାତ୍ରୀଙ୍କ ହାର ଆଖପାଖ ଅଞ୍ଚଳର ଅନ୍ୟ ସ୍କୁଲମାନଙ୍କଠାରୁ ବହୁତ ଅଧିକ। ସରୋଜିନୀର ବାପାଙ୍କ ବଡ଼ ଭଉଣୀ ବିଜିପୁରରେ ବାହା ହୋଇଥିଲେ। ତାଙ୍କ ଘରେ ସରୋଜିନୀ ରହି ବିଜିପୁର ହାଇସ୍କୁଲରେ ପାଠ ପଢୁଥିଲା, କାରଣ ତାଙ୍କ ନିଜ ଗାଁ ଏହି ଗାଁ ଠାରୁ ଦଶ କି ବାର ମାଇଲ୍ ଦୂର।

ଶୁଭ୍ରକାନ୍ତ ମନେମନେ ଖୁସି ହେଉଥାଏ ସରୋଜିନୀ ଭଳି ସୁନ୍ଦରୀ, ସର୍ବଗୁଣସମ୍ପନ୍ନା, ମେଧାବିନୀ ଜଣେ ସହପାଠିନୀ ତା' ଶ୍ରେଣୀରେ ଅଛି। ବୟସର ପ୍ରଭାବରେ ତା' ଚକ୍ଷୁରେ ସରୋଜିନୀର ରୂପ ଛାପି ହେଉଥାଏ। ସେ ରମ୍ଭା, ମେନକା ଓ ଉର୍ବଶୀ ଆଦି ଅତୀବ ସୁନ୍ଦରୀ ଅପସରାମାନଙ୍କ ରୂପମାଧୁର୍ଯ୍ୟ ବିଷୟରେ ଶୁଣିଥିଲା, କିନ୍ତୁ କେବେବି ଦେଖି ନ ଥିଲା ହେଲେ ଏବେଏବେ ନବଯୌବନା ସରୋଜିନୀ ତାକୁ ତା'ର ମାନସପଟରେ ସେମାନଙ୍କ ଭଳି ପ୍ରତୀୟମାନ ହେଉଥିଲା। ସେଦିନ ମଧୁ ସାର୍ କ୍ଲାସରେ ଫଗୁଣ ବିଷୟରେ ବର୍ଣ୍ଣନା କରୁଥିବାବେଳେ, ନୂଆ ନୂଆ ନିଶ ଗଜୁରୁଥିବା ଶୁଭ୍ରକାନ୍ତର ମନଟା ଟିକିଏ ଚହଲି ଯାଇଥିଲା ବୟସର ଢେଉରେ, ଆଉ ସେ ଭାବିଲା– ମୁଁ ଖାସ୍ ମୋ ପାଇଁ ସରୋଜିନୀର ନାଁ ଫଗୁଣ ରଖୁଛି। ହେ ଫଗୁଣ! ତୁ କେତେ

ସୁନ୍ଦର, କେତେ ଆକର୍ଷଣୀୟ, ତୁ ଅବର୍ଣ୍ଣନୀୟ, ତୁ ଶୋଭାମୟୀ, ତୁ ତୃପ୍ତିମୟୀ । ହେ ଫଗୁଣ ତୁ ଅପରୂପା, ତୁ ସୁଖ ପ୍ରଦାୟିନୀ, ତୁ ଚିର ଈପ୍‌ସିତ । ହେ ଫଗୁଣ ତୁ ସବୁଦିନ ପାଇଁ ମୋ ଜୀବନରେ, ମୋ ପାଖରେ ଥାଆ । ଏହା କହୁଥିବା ଓ ଶୁଣୁଥିବା ଲୋକର କହିବା ଓ ଶୁଣିବାରେ ଫରକ ହୃଦୟ ଓ କାନର ତଫାତ୍ ବୁଝାଏ । ଏକଥା ଶୁଭ୍ରକାନ୍ତ ବ୍ୟତୀତ ଆଉ କିଏ ବା ବୁଝିବ?

ମେଧାବୀ, ଶିଷ୍ଟ ତଥା ସଂସ୍କାରର ସୀମା ମଧ୍ୟରେ ଥାଇ ସେ ମନ ଦେଇ ପାଠ ପଢୁଥିଲା, ଆଉ ମନେମନେ ସରୋଜିନୀକୁ ଭଲ ପାଇବା ଆରମ୍ଭ କରିଦେଇଥିଲା । କାହିଁକି ଭଲ ପାଉଛି ଓ ତା'ର ପରିଣାମ ସମ୍ପର୍କରେ ଥରେ ହେଲେ ବି ଚିନ୍ତା କରୁନଥିଲା ।

ଆଉ ଅଳ୍ପଦିନ ପରେ ଦଶମ ଶ୍ରେଣୀର ବୋର୍ଡ଼ ପରୀକ୍ଷା । ପ୍ରଧାନ ଶିକ୍ଷକଙ୍କଠାରୁ ଆରମ୍ଭ କରି ପ୍ରତ୍ୟେକ ଶିକ୍ଷକ ଓ ଶିକ୍ଷୟିତ୍ରୀ ଗୋଡ଼େଗୋଡ଼େ ପିଲାଙ୍କୁ ଜଗିଛନ୍ତି, ସେମାନଙ୍କ ପାଠପଢ଼ାରେ ସାହାଯ୍ୟ କରୁଛନ୍ତି, ପିଲାମାନଙ୍କର ଯତ୍ନ ନେଉଛନ୍ତି, ଉତ୍ସାହିତ କରୁଛନ୍ତି, କାରଣ ପିଲାମାନଙ୍କର ସଫଳତା ହିଁ ସେମାନଙ୍କର ସଫଳତା । ପରୀକ୍ଷା ସରିଲା । ସ୍କୁଲ ଓ ହଷ୍ଟେଲ ଛୁଟି ହୋଇଗଲା, ପରୀକ୍ଷାର ବୋଝ ମୁଣ୍ଡରୁ ଓହ୍ଲାଇଯିବାରୁ ହାଲ୍‌କା ଲାଗିଲା ସମସ୍ତଙ୍କୁ, କେବଳ ବ୍ୟତିକ୍ରମ ଶୁଭ୍ରକାନ୍ତ । ଖରାଦିନ ଛୁଟି ଯୋଗୁଁ ସରୋଜିନୀ ତା' ପିଉସୀ ଘରୁ ତାଙ୍କ ନିଜ ଗାଁକୁ ବି ଚାଲି ଯାଇଥିଲା ପରୀକ୍ଷା ପରେ ।

ଶୁଭ୍ରକାନ୍ତର ମାମୁ ଘର ଗାଁକୁ ଲାଗିଛି ସରୋଜିନୀର ନିଜ ଗାଁ ଯେଉଁଠିକି ତା' ଫଗୁଣ ଯାଇଛି । ଛୁଟିରେ ସେ ତା' ମାମୁ ଘରକୁ ଯିବ, ତା' ଫଗୁଣ ସହିତ ଦେଖାହେବ କେତେ କଥା କହିବାର ଅଛି, କହିବ ବହୁତ, ଶୁଣିବ ବହୁତ । ଖରାଦିନ ଛୁଟିରେ ବୋଉ ସାଙ୍ଗରେ ମାମୁ ଘରକୁ ବୁଲିଯିବାକୁ ତା' ବାପାଙ୍କୁ କହିଥିଲା ଶୁଭ୍ରକାନ୍ତ । ବୋଉ ବି ବାପଘରକୁ ଅନେକ ଦିନ ହେଲାଣି ଯାଇ ପାରିନଥିଲେ, ତେଣୁ ବାପା ଶୁଭ୍ରକାନ୍ତ କଥାରେ ରାଜି ହେଲେ । ବାପା ମୁରବି ଶ୍ରେଣୀର, ଗାଁରେ ସମସ୍ତେ ଖାତିର୍ କରନ୍ତି । ଅଳ୍ପ କଥାବାର୍ତ୍ତା କରନ୍ତି, ଯାହା କହନ୍ତି ବୁଝି ବିଚାରି କହିଥାଆନ୍ତି । ତେଣୁ ସଠିକ୍ କେଉଁ ଦିନ ଯିବେ ନ କହି କହିଥିଲେ, "ହଉ ବୋଉ ତା'ର ସୁବିଧା ଦେଖି ବାହାରିବ ଓ ତୁ ତା' ସାଙ୍ଗରେ ଯିବୁ ।" ହେଲେ ବୋଉ ତା'ର ବାପଘରକୁ ଯିବ ଯିବ ବୋଲି ଡେରି ହେଉଥିଲା । ଦିନ ପରେ ଦିନ ଗଡ଼ି ଯାଉଥିଲା, କାରଣ ବୋଉ ପାଇଁ ଆଜି ସଂକ୍ରାନ୍ତି ତ କାଲି ମାସାନ୍ତ, ତା' ପରଦିନ ଗୁରୁବାର, ତା' ପର ଦିନ ଗାଁ ଠାକୁରଙ୍କ ପାଳି ତ ଧାନ କଳକୁ ପେଷା ହେବାକୁ ଯିବ ତ ଆଗ ସପ୍ତାହରେ ଜେଜେ ମା'ର ଶ୍ରାଦ୍ଧ, ଘର ଦୁଆର ଲିପାପୋଛା ହେବ, ଏମିତି ଘରକରଣା ତୁଳାଉ ତୁଳାଉ ବୋଉ ବାପ ଘରକୁ ଯିବାର ଦିନ ଗଡ଼ି ଯାଉଛି । ଶୁଭ୍ରକାନ୍ତର ପରୀକ୍ଷା ସରିବାର ମାସେ ଚାରି ଦିନ ପରେ ସେ ଦିନ ଆସିଲା ଯେଉଁ ଦିନ ତା' ବୋଉ ବାପ ଘରକୁ ଯିବ ବୋଲି ଠିକ୍ ହେଲା । ଶୁଭ୍ରକାନ୍ତ ଭିତରେ ଭିତରେ ବ୍ୟସ୍ତ । ବୟସ ତାକୁ ଉନ୍ମାଦ କରୁଛି, ମନ ତାକୁ ରଙ୍ଗିନ ସପନ ସବୁ ଦେଖାଉଛି, ସମୟ ତାକୁ ଉତ୍ତାଳ କରୁଛି, ହେଲେ ସଂସ୍କାର ତାକୁ ତା'ର ସୀମା ହେଜେଇ ଦେଉଛି ଆଉ ସେ ସଂସ୍କାରକୁ ମର୍ଯ୍ୟାଦା ଦେଉଛି । ଅପେକ୍ଷାର ଅନ୍ତକରି ବୋଉ ତା' ବାପଘରକୁ ଯିବା ଦିନ ସକାଳୁ ସକାଳୁ ସେମାନେ ବାହାରିଲେ ଶଗଡ଼ରେ ।

ସରୋଜିନୀ !

ତମର ତ ପରୀକ୍ଷା ଭଲ ହୋଇଥିବ, ମୋର ବି ପରୀକ୍ଷାରେ ଭଲ ହୋଇଛି ।

ତମେ ଆଉ ମୁଁ ଦୁହେଁ ବ୍ରାହ୍ମଣ କୁଳର । ମୁଁ ମୋ ବାପା ମା'ଙ୍କର ଏକମାତ୍ର ସନ୍ତାନ, ଆଉ ତମେ ବି ତମ କୁଳର ଗୋଟିଏ ବୋଲି ଝିଅ ।

ଗାଁରେ ଚଳିବା ପାଇଁ ଆମ ସମ୍ପତ୍ତିବାଡ଼ି ଯଥେଷ୍ଟ । ମୁଁ କଟକରେ ରେଭେନ୍‌ସା କଲେଜରେ ପଢ଼ିବି ଏମ୍.ଏ. କରିବି । ଆଇ.ଏ.ଏସ୍. ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ କଲେକ୍ଟର ହେବାକୁ ମୋର ଇଚ୍ଛା ।

ତମେ ବି ତମର ପାଠପଢ଼ା ଜାରି ରଖିବ । ଆମେ ଆମ ସମାଜର ସୀମା ଭିତରେ ଥାଇ ପରସ୍ପର ସହ କଥା ହେଉଥିବା । ମୁଁ ପାଠପଢ଼ି, କଲେକ୍ଟର ହୋଇ ନିଜକୁ ଯୋଗ୍ୟ କରାଇ, ତୁମ ଘରକୁ ବିବାହ ପ୍ରସ୍ତାବ ପଠାଇବି ।

ଏଇଟା ତ ସାତ ଆଠଟା ବର୍ଷର କଥା, ପାଠ ପଢୁପଢୁ ଦିନ କୁଆଡ଼େ ବିତିଯିବ, ମୁଁ ତୁମକୁ ପାଇବାକୁ ମନ ଦେଇ ପାଠ ପଢ଼ି ଆଇ.ଏ.ଏସ୍. ହେବି, ତମେ ମୋ ପାଇଁ ଅପେକ୍ଷା କରିବ ।

ମୋ ଉପରେ ଭରସା ରଖ, ମୋତେ ବିଶ୍ୱାସ କର, ଆସ୍ଥା ରଖ । ମୁଁ ତୁମକୁ ସୁଖ ଦେଇ ସୁଖ ପାଇବି, ଆମେ ଆମର ସୁନ୍ଦର ସଂସାର ଗଢ଼ିବା ।

ଏମିତି ମନ ଗହନର କଥାକୁ ସଜାଡ଼ି କହିବ ବୋଲି ବାଟଯାକ ଶଗଡ଼ ଗାଡ଼ିରେ ବସିବସି ଭାବୁଥିଲା ଶୁଭ୍ରକାନ୍ତ ।

ବିଧିର ବିଧାନ ଥିଲା ଆନ ।

ଦଶମ ଶ୍ରେଣୀ ବାର୍ଷିକ ପରୀକ୍ଷା ସରିବାର ମାସଟିଏ ନପୂରୁଣୁ ସରୋଜିନୀର ବାପା ଜଣେ ଉତ୍ତମ ବରପାତ୍ର ପାଇଥିବାରୁ ବାହାଘର କରାଇଦେଲେ । ତା'ର ବାହାଘର ଏତେ ଶୀଘ୍ର ହେଲା ଯେ ସରୋଜିନୀ ତା' ମାମୁ କି ପିଉସୀ ଘରକୁ କନିଆ ଡାକରା ଖାଇବାକୁ ବି ଯାଇପାରି ନ ଥିଲା । ନା, ସେ ଜାଣିଥିଲା କାହାକୁ ସେ ବାହାହେଉଛି, ଦେଖିବାକୁ କେମିତି, କି ଚାକିରି କରୁଛି, କେତେ ପାଠ ପଢ଼ିଛି?

ମୁରବି– ମୁରବି ମଧ୍ୟରେ କଥାବାର୍ତ୍ତା, ଜବାବ ଦିଆନିଆ, ଆଉ ସେ ବାହା ହେବାକୁ ବାଧ୍ୟ । ବିଚାରୀ କିଛି ଜାଣି ପାରି ନ ଥିଲା ।

ଏକଥା ଜାଣି ଥିଲା ତା'ର ସହପାଠୀ ଶୁଭ୍ରକାନ୍ତ । ତାକୁ ପସନ୍ଦ କରି ମନେମନେ ଏକତରଫା ଭଲ ପାଇ ତା' ଗାଁକୁ ଆସି ଦେଖାକରି ମନର କଥା ନିରୋଳାରେ କହିବ ବୋଲି ଯୋଜନା କରୁଛି । ଶୁଭ୍ରକାନ୍ତ କଥା ସରୋଜିନୀ କେବେ ବି ଭାବିନି, କାରଣ ସେ ସୁନ୍ଦର, ଶୀଳ, ମେଧାବୀ, ଧନୀ ଘରର ଏକମାତ୍ର ସନ୍ତାନ । ବାପା ତା'ର ଗାଁର ମୁରବି ଆଉ ତାଙ୍କ ଘର ତୁଳନାରେ ସରୋଜିନୀର ଘରେ କେତେ ତଳେ, ଯଦିଓ ଉଭୟ ବ୍ରାହ୍ମଣ ଜାତିର । ପୁଣି ପରମ୍ପରା ଅଛି ବିବାହରେ ବରର ବୟସ କନ୍ୟା ବୟସ ଠାରୁ ଅଧିକ ହେବା ଉଚିତ, ଯଦିଓ ପ୍ରେମ ଏ ସବୁ ନିୟମକୁ

ମାନେନା । ପାଠ ପଢ଼ିବାରେ ଦିନ କୁଆଡ଼େ ଚାଲି ଯାଉଥିଲା ଜାଣି ହେଉ ନ ଥିଲା । ସେ ବିବାହ ଯୋଗ୍ୟ ହେଲାଣି, ଏକଥା ଭାବିବାକୁ ତାକୁ ସୁଯୋଗ ଦେଇ ନ ଥିଲା ।

ସରୋଜିନୀର ବିବାହର ଆଠ ଦିନ ଉପରବେଳା ଶୁଭ୍ରକାନ୍ତ ଓ ତା' ବୋଉ ଶଗଡ଼ରେ ଯାଇ ତା'ର ମାମୁ ଘରେ ପହଞ୍ଚିଥିଲେ । ରାତିରେ ଖାଉଥିଲା ବେଳେ ତା'ର ମାଇଁ ତା' ବୋଉକୁ କହୁଥିଲେ, ଆମ ଶୁଭ୍ରକାନ୍ତ ସଙ୍ଗେ ପଢୁଥିବା ସରୋଜିନୀ ଭଳିଆ ସୁନ୍ଦରୀ ଏ ଗାଁରେ କେହି ନଥିଲେ, ଗୋଟିଏ ଚାଉଳରେ ତ ଗଢ଼ା, ଯେମିତି ସୁନ୍ଦରୀ ସେମିତି ସଣ୍ଟଣା ତାକୁ ଜଣା । ବାପ ମା'ଙ୍କର ଗୋଟିଏ ବୋଲି ଝିଅ । ଶୁଭ୍ରକାନ୍ତ କାନେଇ କାନେଇ ଶୁଣୁଥିଲା ଆଉ ଭିତରେ ଭିତରେ ଖୁସି ହେଉଥିଲା । ମାଇଁ କହୁଥିଲେ, ସେଇ ସରୋଜିନୀର ମାସେ ତଳେ ହଠାତ୍ ବାହାଘର ହୋଇଗଲା । ଶୁଭ୍ରକାନ୍ତର ହାତରୁ ଭାତ ଗୁଣ୍ଡାଟା ଖସି ପଡ଼ିଲା । ଏ କ'ଣ କହୁଛନ୍ତି ତା' ମାଇଁ? ବିଶ୍ୱାସ ହେଉନଥିଲା ତା'ର, ତେଣୁ ସେ ଅଧିକ କାନେଇଲା ମାଇଁଙ୍କ କଥା ଶୁଣିବା ପାଇଁ ।

ଜ୍ୱାଁଇ ପିଲାଟି ସରକାରୀ ଚାକିରି କରୁଛି । ତାଙ୍କର ସାଧାରଣ ଚଳିବା ଘର, ବାପ ମା'ଙ୍କର ଗୋଟିଏ ବୋଲି ପୁଅ, ପିଲାଟି ବହୁତ ଭଲ । ଆଉ ସରକାରୀ ଚାକିରି କରୁଛି, ତେଣୁ ସରୋଜିନୀର ବାପା ତା' ବାହାଘର ପାଇଁ ରାଜି ହୋଇଗଲେ । ସରୋଜିନୀକୁ ଦେଖି ତା' ଶାଶୂ ଶ୍ୱଶୁର ଏତେ ଖୁସି ହୋଇଥିଲେ ଯେ କହିଥିଲେ ଆମର ଖାଲି ବୋହୂଟି ଦରକାର, ଯାନିଯୌତୁକ କିଛି ଦରକାର ନାହିଁ । ଶୁଭ୍ରକାନ୍ତର ରାତ୍ରିଭୋଜନ ସରି ଯାଇଥିଲା କଥା ଶେଷ ହେବା ଆଗରୁ ।

ବୋଉ! ମୋତେ ନିଦ ଲାଗିଲାଣି, ହାଲିଆ ବି ଲାଗୁଛି ଅନେକ ସମୟ ଧରି ଶଗଡ଼ରେ ବସି ବସି ଆସିଥିବାରୁ । ମୁଁ ଶୋଇବାକୁ ଯାଉଛି କହି ଶୁଭ୍ରକାନ୍ତ ରୋଷେଇ ଘର ବାରଣ୍ଡାରୁ ଉଠି ଶୋଇବା ଘର ଆଡ଼କୁ ଯାଉଥିଲା ।

ଶୁଭ୍ରକାନ୍ତର ସପନ ଚୂରମାର ହୋଇଯାଇଥିଲା । ଶୋଇବାର ଅଭିନୟ କରୁଥିଲା, ବାସ୍ତବରେ ସାରା ରାତି ତାକୁ ନିଦ ଆସି ନ ଥିଲା ।

କହି ପାରିଲାନି ସେ ତା'ର ମନ କଥା ତା' ମାନସୀ, ତା'ର 'ଫଗୁଣ'କୁ । ମନର ଦୁଃଖକୁ ସେ ଚପାଇ ଦେଇଥିଲା । କେହି ବି ସୁରାକ ପାଇ ନ ଥିଲେ ତା' ହୃଦୟର ବ୍ୟଥା ସମ୍ପର୍କରେ, ଏପରିକି ତାକୁ ଜନ୍ମ ଦେଇଥିବା ତା' ମା' । ମାମୁ ଘରେ ଛଅଦିନ ରହି ସାତଦିନ ସକାଳୁ ବୋଉ ଗାଁକୁ ଫେରିଯିବ ବୋଲି ଆଗରୁ ଠିକ୍ କରିଥିଲା, କାରଣ ସିଆଡ଼େ କେତେ କାମ । ବୋଉ ଫେରିଗଲେ ଯିବ, ହେଲେ ଆଉ କିଛିଦିନ ମାମୁ ଘରେ ରହିବାକୁ ଆଗରୁ ଶୁଭ୍ରକାନ୍ତ ମନେମନେ ଠିକ୍ କରିଥିଲା । ପରିସ୍ଥିତି କିନ୍ତୁ ବଦଳି ଯାଇଥିଲା । ତେଣୁ ମନ କଥା ମନରେ ରଖି ବୋଉ ସାଙ୍ଗରେ ଗାଁକୁ ଫେରିଥିଲା ।

ନିର୍ଦ୍ଧାରିତ ତାରିଖରେ ଦଶମ ଶ୍ରେଣୀ ବୋର୍ଡ଼ ପରୀକ୍ଷାର ଫଳ ବାହାରି ଥିଲା । ଶୁଭ୍ରକାନ୍ତ ସମଗ୍ର ଓଡ଼ିଶାର ପ୍ରଥମ ସ୍ଥାନ ଅଧିକାର ହାସଲ କରିଥାଏ ବୋର୍ଡ଼ ପରୀକ୍ଷାରେ, ଆଉ ସରୋଜିନୀ ପ୍ରଥମ ଶ୍ରେଣୀରେ ପାସ୍ କରିଥିଲା । ତା'ର କୃତିତ୍ୱ ପାଇଁ ବିଜିପୁର ହାଇସ୍କୁଲରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା, ଯେଉଁଥିରେ ଜିଲାପାଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ସ୍କୁଲର ପ୍ରଧାନ ଶିକ୍ଷକ, ଶିକ୍ଷକ, ଶିକ୍ଷୟିତ୍ରୀ, ଗାଁର ମୁରବି ସର୍ବୋପରି ଜିଲାପାଳ ଶୁଭ୍ରକାନ୍ତର ଭୂୟସୀ ପ୍ରଶଂସା କରିବା ସଙ୍ଗେ ସଙ୍ଗେ ତା'ର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ । ତା'ର ଏହି ସଫଳତା ପାଇଁ ଗାଁ ତଥା ଆଖପାଖ ଗାଁରେ ଖୁସିର ଲହରୀ ଖେଳି ଯାଇଥିଲା । ଓଡ଼ିଶାର ଚତୁର୍ଦ୍ଦିଗରୁ ଶୁଭ୍ରକାନ୍ତ ପାଖକୁ ଅଭିନନ୍ଦନର ବାର୍ତ୍ତା ଆସୁଥାଏ, ହେଲେ ଯାହା ପାଖରୁ ସେ ଶୁଭେଚ୍ଛା ଟିକକ ଆଶା କରୁଥିଲା ସିଏ ଦେଉନାହିଁ ଅଭିନନ୍ଦନ ବାର୍ତ୍ତା । ବୋଧହୁଏ ଦେଇପାରୁ ନ ଥିବ ।

ସିଏ ସରୋଜିନୀ (ତା' ଫଗୁଣ) ସେ ଏବେ ବିବାହିତା । ସ୍ୱାମୀ, ଶାଶୂ, ଶ୍ୱଶୁର ଓ ନଣନ୍ଦକୁ ନେଇ ଏବେ ତା'ର ସଂସାର, ଯେଉଁ ସଂସାରରେ ଶୁଭ୍ରକାନ୍ତ କେହି ନୁହଁ । ଏବେ ଶୁଣିଛି ସରୋଜିନୀର ସ୍ୱାମୀ ଓଡ଼ିଶା ସରକାରଙ୍କ ଜଣେ କିରାଣି ଆଉ ଅବିଭକ୍ତ କୋରାପୁଟ ଜିଲାର ଜୟପୁର ସହରରେ ଅବସ୍ଥାପିତ । ସେତେବେଳେ ନାଁ ଥିଲା ଟେଲିଫୋନର ବହୁଳ ପ୍ରସାର ନାଁ ମୋବାଇଲ ଫୋନ୍ । ସେ ବିଚାରୀ କିପରି ଜାଣିବ ତା'ର ସହପାଠୀ ତାକୁ ଝୁରୁଛି, ମନସ୍ତାପ କରୁଛି । ଥରୁଟେ ତା' ମନର କଥା ତା' ଫଗୁଣକୁ କହି ନପାରି ଅକୁହା କଥାର ବୋଝରେ ଦୁଃଖିତ, ବ୍ୟଥିତ ।

କାଳ କଡ଼ ଲେଉଟାଉ ଥିଲା...
ସମୟ ବିତି ଯାଉଥିଲା...
ଦିନ ଗଡ଼ି ଗଡ଼ି ଯାଉଥିଲା...
ତାରିଖ ବଦଳି ଯାଉଥିଲା...
ଋତୁ ପରିବର୍ତ୍ତନ ହେଉଥିଲା...
ବର୍ଷ ସରିଗଲେ କାନ୍ଥର କ୍ୟାଲେଣ୍ଡର ବଦଳି ଯାଉଥିଲା...

ବର୍ଷାଦିନେ ପ୍ରବଳ ବର୍ଷା ହେଲେ ନଦୀରେ ବନ୍ୟା ଆସୁଥିଲା, ପୁଣି କିଛିଦିନ ପରେ ବନ୍ୟା ଛାଡ଼ି ଯାଉଥିଲା । ବନ୍ୟା ଯୋଗୁ କୋଉ ଜମିରେ ପଟୁମାଟି ପଡୁଥିଲା ତ କେଉଁ ଜମି ଉଜୁଡ଼ି ଯାଉଥିଲା ବାଲିଚରି ଯାଉଥିବାରୁ । ଏ ସଂସାରଟା ଏମିତି । କିଏ ହସୁଥାଏ ତ କିଏ କାନ୍ଦୁଥାଏ । ବିଧିର ବିଧାନ । ବାତ୍ୟା ହେଲେ ଗଛପତ୍ର ଛିନ୍ନଛତ୍ର ହୋଇ ଯାଉଥିଲା, ପୁଣି ବସନ୍ତ ଆସିଲେ, ମଳୟ ବହୁଥିଲା, ଭଙ୍ଗାଗଛରେ ପତ୍ର କଅଁଳୁ ଥିଲା ।

ସମୟ ବିତିଲେ ପରିବେଶ, ପରିସ୍ଥିତିର ପରିବର୍ତ୍ତନ ହୁଏ, କିଛି ନ ବଦଳିଲେ ସଂସାରଟା ସ୍ଥାଣୁ ହୋଇଯିବ । ବଦଳିବାଟା ତ ପରିବର୍ତ୍ତନର ଅନ୍ୟ ନାମ । ତାକୁ ସ୍ୱାଗତ କରିବା ଦରକାର, ସୃଷ୍ଟିକୁ ସୁନ୍ଦର ନିମିତ୍ତ ଯାହା ପରିବର୍ତ୍ତନ ଦରକାର ସେଇଆ ହେଉଥାଉ ।

ଶୁଭ୍ରକାନ୍ତ କଟକ ରେଭେନ୍ସା ମହାବିଦ୍ୟାଳୟରେ ପାଠପଢ଼ି ବର୍ଷ ପରେ ବର୍ଷ ତଳୁ ଉପର ଶ୍ରେଣୀକୁ ଉତ୍ତୀର୍ଣ୍ଣ ହୋଇ ଚାଲିଲା । ଉତ୍ତମ ତଥା ମେଧାବୀ ଛାତ୍ର ହିସାବରେ ସେ ସେହି ଶିକ୍ଷାନୁଷ୍ଠାନରେ ସମସ୍ତଙ୍କର ପ୍ରିୟ, ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନରେ ଏମ୍.ଏ. (ଅର୍ଥନୀତି) ପରୀକ୍ଷାରେ ରେଭେନ୍ସା

କଲେଜରୁ ପ୍ରଥମ ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କରି ବିଶ୍ୱବିଦ୍ୟାଳୟ ସ୍ୱର୍ଣ୍ଣପଦକ ହାସଲ କଲା । ସେ ଆଇ.ଏ.ଏସ୍. ପରୀକ୍ଷାରେ କୃତିତ୍ୱର ସହ ପାସ୍ କଲା, ଡେରାଡୁନ ପ୍ରଶିକ୍ଷଣ କେନ୍ଦ୍ରରୁ ଉତ୍ତୀର୍ଣ୍ଣ ହୋଇ ଓଡ଼ିଶାର କେନ୍ଦୁଝରେ ଜିଲାର ଅତିରିକ୍ତ ଜିଲାପାଳ ପଦରେ ନିଯୁକ୍ତି ପାଇଲା । ଗାଁରେ, ବନ୍ଧୁବାନ୍ଧବ ମହଲରେ ଖୁସିର ଲହରୀ ଖେଳିଗଲା । ସେ ମନେ ମନେ ଯାହାକୁ ଯାହା ପ୍ରତିଶ୍ରୁତି ଦେଇଥିଲା ତାହା ପୂରଣ କଲା, ହେଲେ ଯାହାକୁ ନିରବ ପ୍ରତିଶ୍ରୁତି ଦେଇଥିଲା । ସେ କ'ଣ ଜାଣିପାରିଲା? ଏତେ ପରିବର୍ତ୍ତନ, ଉତ୍ଥାନ ଭିତରେ ଶୁଭ୍ରକାନ୍ତ ମନ ରାଇଜରେ ତା' 'ଫଗୁଣ'ର ସ୍ଥାନ ଅପରିବର୍ତ୍ତିତ ଥିଲା ।

ଶୁଭ୍ରକାନ୍ତ ଭଲ ପିଲା, ଭଲ ଘରର ପିଲା, ଭଲ ଚାକିରି, ଏତେ 'ଭଲ'କୁ ଏକ ସଙ୍ଗେ ପାଇବାକୁ ବି ଭଲ ଭାଗ୍ୟ ଦରକାର । ତା' ସହିତ ନିଜ ନିଜର କନ୍ୟାର ବିବାହ ପ୍ରସ୍ତାବ ନେଇ ଆଶାୟୀ ପିତାମାତା ଆସୁଥିଲେ, ଶୁଭ୍ରକାନ୍ତର ବାପା ମା' ବି ବହୁତ ବୁଝାଇଥିଲେ । ତାଙ୍କୁ ସେଇ ଗୋଟିଏ ଉତ୍ତର ସେ ଦେଉଥିଲା "ମୁଁ ବିବାହ କରିବି ନାହିଁ ।" କ'ଣ କାରଣ କେହି ଜାଣି ପାରୁନଥିଲେ ।

ଶୁଭ୍ରକାନ୍ତ ମନେମନେ ଖୋଜୁଛି ତା'ର ଫଗୁଣକୁ । ସେ ଜାଣେ ତା' ଫଗୁଣ ବିବାହିତା, ହୁଏତ ଜନନୀ ହୋଇସାରିବଣି, ତଥାପି... ମନ ଖୋଜୁଛି । ଥରୁଟିଏ ହେଲେ ତା' ସଙ୍ଗେ ଦେଖାହୁଅନ୍ତା କି?

ସୁଯୋଗ ପାଇଲେ ମନର କଥାକୁ କହିଦିଅନ୍ତା । ଶେଷରେ କହିବି "ବିଧିର ବିଧାନ ଅନ୍ୟ ହେଲେ ବି ମୁଁ ତୁମକୁ ନିରବରେ ଦେଇଥିବା ପ୍ରତିଶ୍ରୁତି ପାଳନ କରିବି ଖାସ୍ ତମରି ପାଇଁ ।"

ରାଜ୍ୟ ସରକାରୀ ଚାକିରିରେ କର୍ମଚାରୀମାନଙ୍କର ବଦଳି ହୁଏ, ଏବେ ତା' ଫଗୁଣର ସ୍ୱାମୀ କେଉଁ ସ୍ଥାନରେ, କେଉଁ ଅଫିସରେ କି ଚାକିରି କରୁଛନ୍ତି, କିପରି ଅଛି, ସେ କଥା କାହାକୁ ପଚାରି ବୁଝିବେ ଜିଲାର ଅତିରିକ୍ତ ଜିଲାପାଳ? ପଦପଦବୀର ମର୍ଯ୍ୟାଦା ଅଛି, ସୀମା ବି ଅଛି ।

ଥରେ ଶୁଭ୍ରକାନ୍ତ ତା' ନିଜ ଗାଁକୁ ଯାଇଥିବା ବେଳେ ତା'ର ସହପାଠୀ ଗଙ୍ଗାଧର ଯିଏ ଅଷ୍ଟମ ଶ୍ରେଣୀରେ ଫେଲ୍ ହୋଇ ପାଠପଢ଼ା ଛାଡ଼ି ଗାଁରେ ଚାଷବାସ କରୁଛି ତା' ସହିତ ଦେଖା ହୋଇଥିଲା । ତା' ଠାରୁ ଶୁଣିଲା ସରୋଜିନୀର ସ୍ୱାମୀ ବୋଧହୁଏ କେନ୍ଦୁଝରରେ ଚାକିରି କରୁଛନ୍ତି ଯଦିଓ ଗଙ୍ଗାଧର ତା'ର ପ୍ରକୃତିବଶତଃ ମିଛ କହିଥିଲା, କାରଣ ସରୋଜିନୀ ବିଷୟରେ ସେ କିଛି ଜାଣି ନ ଥିଲା । ଶୁଭ୍ରକାନ୍ତ ଛୁଟି ସାରି ଗାଁରୁ କେନ୍ଦୁଝରକୁ ଫେରିଆସିଥିଲେ । ଅଫିସ୍‌ରେ ଯୋଗଦେଇ ଦେଖିଲେ ତାଙ୍କ ଅଫିସର ଜଣେ କିରାଣି ଗୋକୁଳାନନ୍ଦ ମିଶ୍ରଙ୍କର ଏକ ଦରଖାସ୍ତ ତାଙ୍କ ରୋଗଗ୍ରସ୍ତା ସ୍ତ୍ରୀର ଚିକିତ୍ସା ପାଇଁ । ଜିଲାପାଳଙ୍କ ସହାୟତା ପାଣ୍ଠିରୁ ଅନୁଦାନ ନିମନ୍ତେ ଦରଖାସ୍ତ ସହ ଚିକିତ୍ସା କରୁଥିବା ଡାକ୍ତରଙ୍କ ପ୍ରେସ୍‌କ୍ରିପ୍‌ସନ, ଚିକିତ୍ସିତାଙ୍କ ନାମ ଥିଲା ଶ୍ରୀମତୀ ସରୋଜିନୀ ମିଶ୍ର ।

ଅତିରିକ୍ତ ଜିଲାପାଳଙ୍କ ମୁଖମଣ୍ଡଳ ଉଜ୍ଜ୍ୱଳ ହୋଇଉଠିଲା ।

ଯାହାକୁ ସେ ଏତେ ଦିନ ହେଲାଣି ମନେମନେ ଖୋଜୁଛନ୍ତି ସେ ତାଙ୍କ ଅଫିସ୍ କଲୋନୀରେ ଅଛି, ବେମାର ଅଛି ଅଥଚ ସେ ତାକୁ ଥରୁଟିଏ ହେଲେ ବି ଦେଖିପାରିନାହାନ୍ତି । ଏବେ ଆଉ ଡେରି କରିବାର ନାହିଁ, ସେ ଦେଖାକରିବେ । ସୁଯୋଗ ଦେଖି ମନକଥା କହିବେ, ଦରକାର ପଡ଼ିଲେ ଚିକିତ୍ସା ପାଇଁ ଅଧିକ ବନ୍ଦୋବସ୍ତ କରାଇଦେବେ । ତାଙ୍କ 'ଫଗୁଣ' ଯେଉଁଠି ଥାଉ, ଯାହା ସାଙ୍ଗରେ ଥାଉ ଭଲରେ ରହୁ ।

ଗୋକୁଳାନନ୍ଦଙ୍କ ଦରଖାସ୍ତ ମଞ୍ଜୁର ହେଲା– ସର୍ତ୍ତ, ଅତିରିକ୍ତ ଜିଲାପାଳ ଚିକିତ୍ସାଧୀନାଙ୍କୁ ତାଙ୍କ ବାସଭବନରେ ଅନୁଦାନର ରାଶି ଚେକ୍ ପ୍ରଦାନ କରିବେ ।

ଅତିରିକ୍ତ ଜିଲାପାଳଙ୍କ ବଦାନ୍ୟତା ପାଇଁ ତାଙ୍କ କାର୍ଯ୍ୟାଳୟର କର୍ମଚାରୀମାନେ ଗର୍ବ କରୁଥିଲେ । ନିର୍ଦ୍ଧାରିତ ଦିନ ଓ ସମୟରେ ସେ ଯାଇଥିଲେ ଚିକିତ୍ସିତାଙ୍କୁ ଦେଖାକରି ଚେକ୍ ଦେବାପାଇଁ । ହେଲେ ଏ କ'ଣ ସେ ଦେଖୁଛନ୍ତି?

ଶ୍ରୀମତୀ ସରୋଜିନୀ ମିଶ୍ର କାଳୀ, ଗେଡ଼ି ଓ ସାମାନ୍ୟ ଛୋଟୀ, ତାଙ୍କ ଫଗୁଣ ନୁହେଁ । ଚେକ୍‌ଟିକୁ ଚିକିତ୍ସାଧୀନାଙ୍କୁ ଦେଇ, ତାଙ୍କର ଆଶୁ ଆରୋଗ୍ୟ କାମନା କରି ନିରାଶ ହୋଇ ଫେରିଥିଲେ ସେ । ଜୀବନର ଅନେକ କ୍ଷେତ୍ରରେ ସଫଳତା ହାସଲ କରିଥିବା ଶୁଭ୍ରକାନ୍ତ ଏହି କ୍ଷେତ୍ରରେ ବାରମ୍ବାର ଅସଫଳ ହେଉଛନ୍ତି, ବିଧିର ବିଧାନ ବିଧାତାଙ୍କୁ ଜଣା ।

ସମୟ ସବୁ ସମସ୍ୟାର ସମାଧାନ କରାଇଥାଏ । ହେଲେ, ସମସ୍ୟାର ସମାଧାନ ପାଇଁ 'ସମୟ'କୁ ବି କିଛି 'ସମୟ' ଦରକାର ।

ନିଜର କାର୍ଯ୍ୟକୁଶଳତା, ଦକ୍ଷତା ଓ ପରୋପକାର ମନୋବୃତ୍ତି ପାଇଁ ଶୁଭ୍ରକାନ୍ତ ବେଶ୍ ଜଣାଶୁଣା । ସୁଦକ୍ଷ ପ୍ରଶାସକ, ଓଡ଼ିଶାର କେତୋଟି ମର୍ଯ୍ୟାଦାପୂର୍ଣ୍ଣ ପଦରେ ରହି ଏବେ ପୁରୀ ଜିଲାର ଜିଲାପାଳ ହୋଇ ଆସିବାର ପ୍ରାୟ ଦୁଇବର୍ଷ ହୋଇଗଲାଣି । କାର୍ଯ୍ୟବ୍ୟସ୍ତତା ଯୋଗୁ ସେ ନିଜର ବନ୍ଧୁବାନ୍ଧବଙ୍କ ଘରକୁ କମ୍ ଯାଉଥିଲେ । ଏହା ଭିତରେ ତାଙ୍କର ବାପା ଓ ବୋଉ ଆରପାରିକୁ ଚାଲି ଗଲେଣି । ଗାଁର ଜମିବାଡ଼ି ଭାଗଚାଷୀମାନେ ଚାଷ କରୁଛନ୍ତି । ଗାଁ କୁଟୁମ୍ବର ଜଣେ ଘରଦ୍ୱାର ରକ୍ଷଣାବେକ୍ଷଣ କରୁଛନ୍ତି । ଶୁଭ୍ରକାନ୍ତ ତାଙ୍କ ବଡ଼ ମାମୁ ପୁଅ ଭାଇ ନିରଞ୍ଜନର ବଡ଼ପୁଅ ନିଶିକାନ୍ତର ବିବାହରେ ଯୋଗଦେବା ପାଇଁ ଅନେକ ଦିନ ପରେ ଆସିଥିଲେ, କାରଣ ବାପା କି ବୋଉ ନାହାନ୍ତି, ଇଏ ଗୋଟିଏ ମାତ୍ର ଭଣଜା । ବନ୍ଧୁବାନ୍ଧବଙ୍କ ସହ ଦେଖା ସାକ୍ଷାତ୍ କଥାବାର୍ତ୍ତା ବେଳେ । ସରୋଜିନୀଙ୍କ ଭାଇ ସର୍ବେଶ୍ୱରଙ୍କୁ ପ୍ରଥମଥର ପାଇଁ ଭେଟିଥିଲେ । ସର୍ବେଶ୍ୱର ନିରଞ୍ଜନର ଘନିଷ୍ଠ ବନ୍ଧୁ ତେଣୁ ଦାୟିତ୍ୱ ନେଇ ବିବାହ ଉତ୍ସବରେ ଅନେକ କାମ କରୁଥାଆନ୍ତି । ସର୍ବେଶ୍ୱରଙ୍କ ସହିତ ଶୁଭ୍ରକାନ୍ତ କଥାବାର୍ତ୍ତା ହେଉଥିବା ବେଳେ ସେ ଜାଣିବାକୁ ପାଇଲେ, ସରୋଜିନୀର ସ୍ୱାମୀ ଜୟପୁରରେ କାମ କରୁଥିଲେ । ସେମାନଙ୍କ ବିବାହର ତିନିବର୍ଷ ପୂରିବା ଆଗରୁ ଏକ ସଡ଼କ ଦୁର୍ଘଟଣାରେ ସରୋଜିନୀର ସ୍ୱାମୀ ପ୍ରାଣ ହରାଇଛନ୍ତି । ସେତେବେଳକୁ ସରୋଜିନୀ ଅନ୍ତଃସତ୍ତ୍ୱା, ଗର୍ଭରେ ତା'ର ଚାରିମାସର ଶିଶୁ । ବିଚାରୀ ସ୍ୱାମୀ ନିଧନ ଦୁଃଖ ସମ୍ଭାଳି ପାରିଲାନି, ତା'ର

ଗର୍ଭପାତ ହୋଇଗଲା, ତେଣୁ ସେ ନିଃସନ୍ତାନ। ସ୍ୱାମୀ ତା'ର ଜୀବନବୀମା କରିନଥିଲେ। ସରକାରୀ ତହସିଲରୁ ତାଙ୍କର ପ୍ରାପ୍ୟ ପାଇବାକୁ ତାକୁ ଦୀର୍ଘ ଦୁଇବର୍ଷ ଲାଗିଗଲା। ଆଉ ଯାହା ମିଳିଲା ସମୁଦ୍ରକୁ ଶଙ୍ଖେ। ଶାଶୂ ଓ ଶ୍ୱଶୁର ଜଣକ ପରେ ଜଣେ, ଏକମାତ୍ର ପୁତ୍ରର ଅକାଳ ବିୟୋଗରେ ମ୍ରିୟମାଣ ହୋଇ, ବରଷକ ମଧ୍ୟରେ ଚାଲିଗଲେ। ନଣନ୍ଦଟି ବିବାହିତା। ଏବେ ସରୋଜିନୀ ପୁରୀ ସହରର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶିକ୍ଷୟିତ୍ରୀ ଭାବରେ କାମ କରୁଥିଲା, ତା'ର ଶାରୀରିକ ଅସୁସ୍ଥତା ହେତୁ ସ୍ୱେଚ୍ଛାରେ ଅବସର ନେବା ପାଇଁ ଆବେଦନ କରିଥିଲା ଓ ତାହା ମଞ୍ଜୁର ହୋଇସାରିଛି। ସେ ଫେରି ଆସିବ ମୋ ପାଖକୁ, ତା' ଗାଁକୁ, ମୁଁ ତା'ର ଭାଇ ବଞ୍ଚିଛି, ତା'ର ଦାୟିତ୍ୱ ନେବି– ଏତେକଥା ସର୍ବେଶ୍ୱର କହି ପକାଇଲେ ଆଉ ସିଏ ବା ଜାଣିବେ କିପରି ଶୁଭ୍ରକାନ୍ତଙ୍କୁ କି କଷ୍ଟ ହେଉଥିବ, ତାଙ୍କ 'ଫଗୁଣ'ର ଦୁଃଖଦ କଥା ଶୁଣି।

ଶୁଭ୍ରକାନ୍ତ – ସ୍ନାତକୋତ୍ତର ଡିଗ୍ରୀ ଅଛି, ଆଇ.ଏ.ଏସ୍ ଅଫିସର, ଜିଲାପାଳ, ବଙ୍ଗଳା ଅଛି, ଗାଡ଼ି ଅଛି, ଅର୍ଦଳି, ଦପ୍ତରୀ, କର୍ମଚାରୀ ଅଛନ୍ତି, କ୍ଷମତା ଅଛି, ଯଶ ଅଛି, ସମ୍ମାନ ଅଛି, ଗାଁରେ ପୈତୃକ ଘର ଓ ଜମିବାଡ଼ି ଅଛି– ଏତେ ଅଛି ଅଛି ଭିତରେ ତାଙ୍କର ଜୀବନରେ ଫଗୁଣ ନାହିଁ।

ସରୋଜିନୀ – ସ୍ୱାମୀ ନାହିଁ, ସନ୍ତାନ ନାହିଁ, ଶାଶୂ-ଶ୍ୱଶୁର ନାହାନ୍ତି, ଶାଶୂ ଘରେ ଚଳିଲା ଭଳି ସମ୍ପତ୍ତି ନାହିଁ, ଜୀବନ ଅତିବାହିତ କରିବା ପାଇଁ ଆବଶ୍ୟକ ଅର୍ଥ ନାହିଁ, ଏତେ ନାହିଁ ନାହିଁ ଭିତରେ ସେ ଜାଣିପାରୁନି ତାକୁ ଜଣେ ଖୋଜୁଛି ଯାହା ତାକୁ ଜଣା ନାହିଁ।

ଶୁଭ୍ରକାନ୍ତ ଓ ସରୋଜିନୀ ସଂସାର ନଦୀର ଦୁଇଟି ଧାର– ସମାନ୍ତରାଳ ସରଳ ରେଖା ଦୁଇଟି କେବେ ମିଶି ପାରନ୍ତି ନାହିଁ। ଠିକ୍ ଗୋଟିଏ ନଦୀର ଦୁଇଟି ଧାରଭଳି, ଉଭୟ ଧାରରେ ଶସ୍ୟଶ୍ୟାମଳ କ୍ଷେତ ଅଛି, ବୃକ୍ଷରାଜି ଅଛନ୍ତି, ଜଙ୍ଗଲ ଅଛି, ଜନବସତି ଅଛି, ଜଳସ୍ରୋତ ଅଛି ଆଉ ସେଥିରେ ଜଳଜୀବ ସନ୍ତରଣ କରୁଛନ୍ତି, ଜଳରେ ତରଙ୍ଗ ସୃଷ୍ଟି ହେଉଛି; କିନ୍ତୁ ଭଉଁରୀ ବି ଅଛି ଏତେ ଅଛି ଅଛି ଭିତରେ ଦୁଇ ଧାରର ମିଳନ ନାହିଁ ତେଣୁ ଧାର ଦୁଇଟି ଅତୃପ୍ତ। ଏ ତ ବିଧିର ବିଧାନ।

ବିବାହ ଉତ୍ସବରେ ଯୋଗଦେଇ କର୍ମସ୍ଥଳ ପୁରୀକୁ ଫେରିଛନ୍ତି ରେଳ ଯୋଗେ ଜିଲାପାଳ ଶୁଭ୍ରକାନ୍ତ। ପୁରୀ ରେଳଷ୍ଟେସନ ଏକ ନମ୍ବର ପ୍ଲାଟଫର୍ମରେ ସକାଳ ଛ'ଟାରେ ରେଳଗାଡ଼ି ପହଞ୍ଚିଲା, ଆଉ ସେ ଗାଡ଼ିରୁ ଓହ୍ଲାଇ ଦେଖୁଛନ୍ତି ଅନେକ ଛାତ୍ରଛାତ୍ରୀ ଓ ଶିକ୍ଷୟିତ୍ରୀଙ୍କର ଭିଡ଼ ଆଗଉଛି ଷ୍ଟେସନର ଦୁଇ ନମ୍ବର ପ୍ଲାଟଫର୍ମ ଆଡ଼କୁ, ସମସ୍ତଙ୍କ ହାତରେ ଫୁଲତୋଡ଼ା ଅବା ଫୁଲମାଳ। ବିଦାୟ ଦେବାକୁ କିମ୍ବା ଆଗନ୍ତୁକ ଅତିଥିଙ୍କୁ ସ୍ୱାଗତ କରିବାକୁ ବୋଧହୁଏ ଆସିଛନ୍ତି। ସରକାରୀ ଉଚ୍ଚପଦସ୍ଥ କିମ୍ବା ରାଜନୈତିକ ନେତାଙ୍କ ଆଗମନ ପାଇଁ ସ୍ୱାଗତ କରିବାକୁ ଆସିଥିଲେ ତ ତାଙ୍କ ପାଖକୁ ଖବର ଆସିଥାଆନ୍ତା, ଖବର ଆସିନି। ଶୁଭ୍ରକାନ୍ତ ଆସିଥିବା ରେଳଗାଡ଼ି ଖାଲି ହୋଇଯିବା ପରେ ଏକ ନମ୍ବର ପ୍ଲାଟଫର୍ମରୁ ବାହାରିଗଲାଣି। ଜିଲାପାଳଙ୍କ ଡ୍ରାଇଭର ଓ ଅର୍ଦଳି ଆସିଛନ୍ତି ଷ୍ଟେସନକୁ ଜିଲାପାଳଙ୍କୁ ନେବା ପାଇଁ। ବ୍ୟାଗ୍ ସେମାନେ ଧରିଛନ୍ତି। ଶୁଭ୍ରକାନ୍ତ ଜିଲାର ଜିଲାପାଳ, ତାଙ୍କର ଆଖି ଷ୍ଟେସନର ଚାରିଆଡ଼କୁ ଘୂରି ବୁଲୁଛି।

ଏ କ'ଣ ସେ ଦେଖୁଛନ୍ତି? ବିଶ୍ୱାସ ହେଉନି। ପୁରୀରେ ପହଞ୍ଚି ଯାହାକୁ ସେ ଯେତେ ଶୀଘ୍ର ଦେଖିବାର ବ୍ୟବସ୍ଥା କରିବେ ବୋଲି ମନେମନେ ସ୍ଥିର କରିଥିଲେ, ପୁରୀ ଷ୍ଟେସନର ତିନି ନମ୍ବର ପ୍ଲାଟଫର୍ମରେ ଛିଡ଼ା ହୋଇଥିବା ରେଳଗାଡ଼ିର ଏକ ସାଧାରଣ ଡବାର ଦ୍ୱାର ମୁହଁରେ ଛିଡ଼ା ହୋଇ ଆଖିରେ ଆଖିଏ ଲୁହ, ମୁହଁରେ ହସ ନେଇ ବିଦାୟ ଦେବାକୁ ଆସିଥିବା ଶିକ୍ଷୟିତ୍ରୀ ଓ ଛାତ୍ରୀମାନଙ୍କୁ ହାତ ହଲାଉଛି ସିଏ... ଯାହାକୁ ଶାଢ଼ି ପରିହିତାରେ ପ୍ରଥମ ଥର ପାଇଁ ଦେଖୁଛନ୍ତି, ଯାହାକୁ ଏତେଦିନ ସେ ମନେମନେ ଖୋଜୁଥିଲେ– ସିଏ ତାଙ୍କ 'ଫଗୁଣ'।

ଜିଲାପାଳ ଶୁଭ୍ରକାନ୍ତ ଷ୍ଟେସନର ଏକ ନମ୍ବର ପ୍ଲାଟଫର୍ମରେ ଠିଆ ହୋଇ ଦେଖୁଛନ୍ତି ତାଙ୍କ ଫଗୁଣକୁ, ହେଲେ ବିଚରା ସରୋଜିନୀ କ'ଣ ଜାଣୁଛି ତାକୁ ଥରେ ଦେଖିବା ପାଇଁ ଜିଲାର ଜିଲାପାଳ ଅଟକି ଯାଇଛନ୍ତି। ହଠାତ୍ ଚାରି ଆଖି ମିଶିଗଲା, ହାତ ହଲେଇ ପାରିଲେନି ଜିଲାର ଜିଲାପାଳ। ସେ ଠିକ୍ ଚିହ୍ନି ପାରିଲେ ତାଙ୍କ ଫଗୁଣକୁ, ହେଲେ ସରୋଜିନୀର ଆଖି ଲୋତକପୂର୍ଣ୍ଣ, ଛାତ୍ରୀ ଓ ଶିକ୍ଷୟିତ୍ରୀମାନେ ଫୁଲ ତୋଡ଼ାମାନ ଦେଇ ବିଦାୟ ଜଣାଉଛନ୍ତି।

ରେଳଗାଡ଼ି ଷ୍ଟେସନ୍ ଛାଡ଼ିବା ପାଇଁ ସିଟି ଦେଲାଣି। ଯେଉଁ ଜିଲାର ଜିଲାପାଳ ଶୁଭ୍ରକାନ୍ତ, ସେହି ଜିଲାର ସଦର ମହକୁମାରେ ସରସ୍ୱତୀ ଶିଶୁ ମନ୍ଦିର ବିଦ୍ୟାଳୟରେ ତାଙ୍କ ଫଗୁଣ ଥିଲା। ଉଭୟ ଥିଲେ ଏକ ସହରରେ ଦୀର୍ଘ ଦୁଇ ବର୍ଷ ଧରି। ଭାଗ୍ୟର ବିଡ଼ମ୍ବନା ଥରୁଟିଏ ବି ଦେଖା ହୋଇପାରିଲାନି, ନିଜକୁ ହତଭାଗ୍ୟ ମଣୁଥିଲେ ଶୁଭ୍ରକାନ୍ତ।

ରେଳଗାଡ଼ି ଚାଲିବାକୁ ଆରମ୍ଭ କଲାଣି। ନା ସେ ତାଙ୍କ ଫଗୁଣ ପାଖକୁ ଦୌଡ଼ି ଯାଇପାରୁଛନ୍ତି, ନା ହାତ ହଲାଇ ପାରୁଛନ୍ତି, ନା କିଛି କହି ପାରୁଛନ୍ତି, ନା ସେ ଗାଡ଼ିକୁ ଅଟକାଇ ପାରୁଛନ୍ତି। ସେ ଜିଲାପାଳ, ପଦମର୍ଯ୍ୟାଦା ଅଛି, ହେଲେ ଆକୁଳ ମନ ତାଙ୍କର ବିକଳ ହୋଇ ଭିତରେ ଭିତରେ କହୁଥିଲେ, "ହେ ଫଗୁଣ! ତତେ ମୋ ରାଣ, ରହିଯା"। ଏ ହତଭାଗା ଥରେ କହିଦେଉ ତା' ମନ ତଳର କଥାକୁ।

ଡ୍ରାଇଭର କହିଲା... ସାର୍ ଯିବା?

ହଁ, ଚାଲ ଚାଲ କହିଲେ ଶୁଭ୍ରକାନ୍ତ।

ପଛକୁ ଫେରି ଚାହିଁଲାବେଳକୁ ରେଳଗାଡ଼ି ଷ୍ଟେସନ୍ ଛାଡ଼ି ଆଗକୁ ଗଡ଼ିଲାଣି, ଆଉ ରେଳଗାଡ଼ିର ଧୂଆଁ ମୁହାଉଁଛି ଷ୍ଟେସନ ଆଡ଼କୁ ଠିକ୍ ଯେମିତି ଫଗୁଣ ଯାଉ ଯାଉ ଧରାପୃଷ୍ଠକୁ ଧସେଇ ପଶେ ଚୈତ୍ରମାସ।

■■■

'ପ୍ରାର୍ଥନା', ପ୍ଲଟ ନଂ-୧୬/୧୧୪୩
ମଧୁବନ, ସୁନ୍ଦରପଦା, ଜଟଣୀରୋଡ଼
ହରିରାଜପୁର-୭୫୨୦୫୦

ପ୍ରତାପ ବିଶ୍ୱାଳ

କଥାକାର ଓଡ଼ିଆ ସାହିତ୍ୟର ଏକ ସ୍ୱର୍ଦ୍ଧିତ ସ୍ୱର । ଚାରିଦଶନ୍ଧି ଧରି ସାହିତ୍ୟ ସାଧନାରେ ନିମଗ୍ନ । 'ପାପ', 'ପରନ୍ତୁ ପ୍ରିୟତମା' ଓ 'ପ୍ରଜାପତିର ଡେଣା' ଗଳ୍ପ ସଂକଳନର ସ୍ରଷ୍ଟା । ତାଙ୍କ ଗଳ୍ପରେ ଅସହାୟ ମଣିଷର କଥା ଓ ବ୍ୟଥା ପ୍ରକାଶପାଏ ।

ବଂଶୀ

ନଇଁ ପଡ଼ିଛି, ଦିଶୁଛି ହାତୀଟିଏ ଶୋଇ ପଡ଼ିଲା ପରି । ସେଇ ଜରାଜୀର୍ଣ୍ଣ ମାଟିକାନ୍ଥ, ଭଙ୍ଗାଛପର ଘରକୁ ଚାହିଁଦେଲେ ମନଟା ବି ଭାଙ୍ଗିଯାଏ । ବୋଉ କହିବାର ଶୁଣିଛି ଦଶବର୍ଷ ହେଲାଣି । ଆଉ କ'ଣ ସେମାନେ ଫେରିବେ? ସେ ସମୟରେ ବାପା ଆଖି ଉଠାଇ ବୋଉକୁ ଏମିତି ଚାହାନ୍ତି, ଆଖି ତାଙ୍କର କୁହେ "ତୁ କେମିତି ଜାଣିଲୁ ଫେରିବେନି ବୋଲି? ଦେଖିବ ନିଶ୍ଚୟ ଫେରିବେ ।"

ସେତେବେଳେ ବୋଉ ବାପାଙ୍କ ମୁହଁକୁ ଚାହିଁ ଚୁପ୍ ହୋଇଯାଏ ।

ମୁଁ ଦେଖେ ସେ ଘର ଚାରିପାଖ ଅନାବନା ଘାସରେ ଭର୍ତ୍ତି । ପ୍ରତିବର୍ଷ ବାପା ଦୁଇ ତିନିଥର ସେ ଘର ଚାରିପାଖ ସଫା କରନ୍ତି, ବଢ଼ି ଯାଇଥିବା ବାଇଗବା ବାଡ଼କୁ କାଟନ୍ତି । କେବଳ ଜନ୍ତୁଜୁନ୍ତାଙ୍କ ପାଇଁ । ସେ ଘର ଆମ ଘର ମଝିରେ ଖାଲି ଗୋହରି ପରି ରାସ୍ତାଟିଏ ଲମ୍ବିଛି ବାରିଆଡ଼ ପୋଖରୀ ଯାଏ । ଦୁଇଟା ଘରକୁ ବିଚ୍ଛିନ୍ନ କରୁଛି ସେଇ ରାସ୍ତାଟା, ଏପଟୁ ଛିଡ଼ାହେଲେ ସ୍ପଷ୍ଟ ଦିଶୁଛି ଘର ପିଣ୍ଡାକୁ ଲାଗି ପକ୍କା ଚଉରାଟା । ରଙ୍ଗଛଡ଼ା ହେଲେ ବି ଚଉରା ଉପରେ ଏବେ ଝଙ୍କାଳିଆ ହୋଇଛି ତୁଳସୀ ଗଛଟା । ଅନେକ ସମୟରେ ଦେଖିଛି

ଖରାଦିନରେ ଗଛଟା ମରିଗଲେ ବି ବର୍ଷାଦିନରେ ପୁଣି ମଞ୍ଜି ପଡ଼ି ଉଠି ଯାଉଛି ଗଛ। ଚଉତରାତଳେ ସେ ଅନାବନା ଘାସ ଭିତରେ ବି ତୁଳସୀଗଛ ସହ ମଲ୍ଲୀଗଛ କେତେଟା'ର ବାସ୍ନାରେ ମହକି ଉଠେ ଆଖପାଖ। ତୋଫା ଜହ୍ନରାତିର ଶୂନ୍ୟତା ଓ ନିର୍ଜନତାରେ ବି ବାସ୍ନାଟିକକ ଯେମିତି କହେ ସେ ଘର ଭିତରେ କିଏ ଅଛନ୍ତି। ଘରର କିଛି ଦୂରରେ ଗୋଟାଏ ପିଜୁଳି ଗଛ। ବାପାଙ୍କ ଡରରେ ଦିନରେ କେହି ପିଜୁଳି ତୋଳିବାକୁ ସାହସ କରନ୍ତି ନାହିଁ। ରାତିରେ ଯାହା ଗାଁ ପିଲାମାନେ ଚୋରି କରନ୍ତେ ଅରମା ପାଇଁ ଭିତରକୁ ପଶିବାକୁ ଯେତିକି ଭୟ ଥାଏ ତା'ଠାରୁ ବେଶି ଭୟ ଥାଏ ସେ ଘରେ କାଳେ କୃଷ୍ଣ ବଡ଼ବାପାଙ୍କର ଭୂତ ରହୁଛି ବୋଲି।

ବାପାଙ୍କର ସେ ବିଶ୍ୱାସର ପୁଞ୍ଜି କିନ୍ତୁ ତାଙ୍କ ମନଭିତରେ ସାଇତା ହୋଇ ରହିଛି। ତାଙ୍କ ବଡ଼ଭାଇ ନିଶ୍ଚୟ ଦିନେ ଫେରିବେ। ବାପାଙ୍କର ବଡ଼ଭାଇ କହିଲେ ତାଙ୍କ ବଡ଼ବାପାଙ୍କ ପୁଅ। ମୁଁ ତାଙ୍କୁ ବହୁତ ଛୋଟବେଳେ ଦେଖିଥିଲି। ଟିକିଏ ଟିକିଏ ମନେ ପଡ଼େ ତାଙ୍କ ମୁହଁ ଓ ତାଙ୍କ ସ୍ତ୍ରୀ ସୁନା ବଡ଼ବୋଉଙ୍କ ମୁହଁ, ସୁନା ବଡ଼ବୋଉଙ୍କର ସୁନାପରି ରୂପ, ମୋତେ ଅନେକଥର କାଖେଇ ଗେଲ କରୁଥିଲେ ମୋ ପିଲାବେଳେ।

ଆଜି ସ୍କୁଲରୁ ଫେରିଲାବେଳେ କଥାଟା ମୁଁ ଶୁଣିଲି ମୋ ସାଙ୍ଗ ସନିଆ ଠାରୁ। ବାପା ସେ ଘରର ଚାରିପାଖ ସବୁକୁ ସଫା କରିଥିବାର ଜାଣି ତା' ସହ ଆଉ କେତେଜଣ କାଲି ରାତିରେ ଆସିଥିଲେ ପିଜୁଳି ଚୋରି କରିବାକୁ କିନ୍ତୁ ଗଛଟା ପାଖ ହେଉ ହେଉ ଫଡ଼ଫାଡ଼୍, ଝଣଝଣ ଶବ୍ଦରେ ସେମାନେ ପିଜୁଳି ନ ତୋଳି ଭୟରେ ଫେରି ଯାଇଥିଲେ। ସେ କହିଥିଲା ତୁ ଜାଣିଛୁ? ସେ ଘରେ ତୋ ପାଗଳ ବଡ଼ବାପା, ବଡ଼ବୋଉଙ୍କ ଭୂତ ଅଛନ୍ତି। ରାତିହେଲେ ପିଜୁଳି ଗଛରେ ଆସି ବସୁଛନ୍ତି। ମୁଁ ବି ଟିକିଏ ଡରିଯାଇ କିଛି କହିପାରିନଥିଲି। ଘରକୁ ଆସି ବ୍ୟାଗ ଥୋଇ ଚାହୁଁଥିଲି ପିଜୁଳି ଗଛକୁ। ଗଛଟା ପିଜୁଳିରେ ଭର୍ତ୍ତି। ଅସ୍ତଗାମୀ ସୂର୍ଯ୍ୟକିରଣ ଗଛ ଉପରେ ପଡ଼ି ଗଛର ପତ୍ରଗୁଡ଼ିକ ଚିକ୍ ଚିକ୍ କରୁଥିଲା। ମୁଁ ପିଜୁଳି ଗଛ ଓ ସେ ଭଙ୍ଗା ଘରଆଡ଼କୁ ଚାହିଁ ଭାବୁଥିଲି ସତରେ କ'ଣ ଏଠି ଭୂତ ଅଛି?

ବୋଉ ଆସି କହିଲା: ତେଣେ କ'ଣ ଚାହିଁ ଦେଖୁଛୁ? ଖାଇବୁ ଆ। ବାଢ଼ି ସାରିଲେଣି। ମୁଁ ଭାତ ଥାଳି ପାଖରେ ବସି ବୋଉକୁ ପଚାରିଲି, ବୋଉ! ସତରେ କ'ଣ ବଡ଼ବାପା, ବଡ଼ବୋଉ ଫେରିବେ? ନା ସେମାନେ ମରିଗଲେଣି? ଏଠି ଭୂତ ହୋଇ ଆସି ରାତିରେ ରହୁଛନ୍ତି।

ବୋଉ ମୋ ମୁହଁକୁ ଚାହିଁ କହିଲା, ଭୂତ! କାଇଁ, ତୁ କ'ଣ କିଛି ଦେଖିଲୁକି?

– ନା। ମୋ ସାଙ୍ଗ ସନିଆ କହୁଥିଲା କାଲି ରାତିରେ ସେ ଶୁଣିଥିଲା ସେ ଗଛ ପାଖରେ ଫଡ଼୍‌ଫାଡ଼୍, ଚେଁଚେଁ ଶବ୍ଦ।

ବୋଉ କହିଲା, ସିଏ ବାଦୁଡ଼ି ହୋଇଥିବେ।

ମୁଁ ପଚାରିଲି, ସେମାନେ ତା'ହେଲେ ଆସୁନାହାନ୍ତି କାହିଁକି?

ସେ କହିଲା ସେ ବହୁତ କଥା। ସଞ୍ଜଦିଆବେଳ ହେଲାଣି। ତୁ ଖାଉଥା' ମୁଁ ଯାଉଛି ସଞ୍ଜବତି ବଳି, ସଞ୍ଜ ଦେବାକୁ।

ମୁଁ ଶୁଣିଛି ମଝିରେ ମଝିରେ ବାପା, ବୋଉକୁ କହନ୍ତି, ଆମ ଚଉରାମୂଳେ ସଞ୍ଜ ଦେଉଚୁ। କେତେ ବା ବାଟ ଯେ, ଯାଇ ସେ ଚଉରାମୂଳେ ସଞ୍ଜ ବତିଟାଏ ଦେଇ ଦେଲେ କ'ଣ ଅସୁବିଧା ହୋଇ ଯାଉଛି?

ବୋଉ ବିରକ୍ତ ହୋଇ କହେ ମୋର ତ କିଛି କାମ ନାହିଁ ମୁଁ ଯାଇ ଆଉ କାହା ଚଉରାମୂଳେ ସଞ୍ଜ ଦେବି। ତୁମେ କ'ଣ ଏପର୍ଯ୍ୟନ୍ତ ଭାବୁଛ ସେମାନେ ଫେରିବେ। ଫେରିବାର ହୋଇଥିଲେ କ'ଣ ଗାଁ, ଘରକୁ ପାସୋରି ସେମାନେ ଏତେ ବର୍ଷଧରି ଆଉ କେଉଁଠି ରହିପାରିଥାନ୍ତେ?

ବାପା କଥା ବଢ଼ାନ୍ତି ନାହିଁ ସିନା, ମନଟା ତାଙ୍କର ଦୁଃଖ ହୋଇଯାଏ। କହନ୍ତି ଦେଖିବୁ ସେମାନେ ନିଶ୍ଚୟ ଫେରିବେ।

ବୋଉ କହେ, ଫେରିଲେ କ'ଣ ହେବ? ସେ ଭଙ୍ଗା ଘରଟାରେ ଆଉ କ'ଣ ଥିବ ଯେ ସେମାନେ ଫେରିବେ। କେତେଥର କହିଲେଣି ସେ ଭଙ୍ଗା ଘରଟାକୁ ଆଉ ରଖନା। ପୂରା ଭାଙ୍ଗିଦିଅ। ବହୁତ ଦିନ ହେଲା ବ୍ୟବହାର ନ ହୋଇ ପଡ଼ିଛି। ଜନ୍ତୁଜାନ୍ତାଙ୍କର ବାସସ୍ଥଳୀ ହୋଇଗଲାଣି। ଗାଁ ପିଲାମାନେ କହୁଛନ୍ତି ସେଠି କ୍ଳବଘର କରିବେ। ବରଂ କୁହ ସେମାନେ କରନ୍ତୁ। ଅନ୍ତତଃ ଘରପାଖ ଜାଗାଟା ତ ଟିକିଏ ସଫାସୁତୁରା ରହିବ।

ବାପା କିଛି କୁହନ୍ତି ନାହିଁ। ବାପାଙ୍କର କିନ୍ତୁ ଇଚ୍ଛାଥାଏ ସେ ଭଙ୍ଗା ଘରକୁ ପୁଣି ସଜାଡ଼ି ଠିଆ କରାଇବାକୁ; କିନ୍ତୁ ପଇସା ଅଣ୍ଟେନି। ନିଜ ଚଳଣି ଘରକୁ ତ ସେ ପ୍ରତିବର୍ଷ ଛାଉଣି କରିପାରନ୍ତିନି। ବୋଉ ତେଣୁ ସାଫ୍‌ସାଫ୍ ମନା କରିଦେଇ କହେ, "ନିଜ ହାଣ୍ଡିରେ ପକାଇବାକୁ ତେଲ ଟିକିଏ ନାହିଁ। ଅନ୍ୟ ତରକାରିରେ ତେଲ ପଡ଼ିନାହିଁ ବୋଲି ତୁମ ଆଖିକୁ ଦିଶୁଛି, ନୁହଁ।"

ବାପା କଥା ଧରି କହନ୍ତି ଭାଇ ଗଲାବେଳେ କହି ଯାଇଥିଲେ ଘର ପ୍ରତି ନିଘା ରଖିବାକୁ। ତାଙ୍କ ମାଣକ ଜମିକୁ ପୁଣି ଆମେ ଚାଷ କରି ଚଳୁଛେ ନା। ସେ ଯଦି କେବେ ଫେରିବେ, ଦେଖି କ'ଣ ଭାବିବେ?

ବୋଉ ଏଥର ଚୁପ୍ ହୋଇଯାଏ। କହେ ଦେଖିବା ଆରସନକୁ। ଆଉ ଆରସନ ଆରସନ ହୋଇ ସମୟ ଗଡ଼ିଯାଏ ସିନା, ବର୍ଷକୁ ଦୁଇତିନିଥର ଯାହା ବାପା ଘର ଆଗଟା ସଫା କରନ୍ତି କିନ୍ତୁ ଘର ମରାମତି ହୁଏ ନାହିଁ। ବେଳେବେଳେ ସେ ସଫାକରିବା ସମୟରେ ଥକ୍କା ମାରିବାକୁ ସେ ପିଜୁଳି ଗଛ ତଳେ ବସିଯାଆନ୍ତି। ଘରଟା ଆଡ଼କୁ କ'ଣ ଗୋଟାଏ ଖୋଜିଲା ଖୋଜିଲା ଆଖିରେ ଚାହାନ୍ତି। କିଛି କିନ୍ତୁ କହିପାରନ୍ତି ନାହିଁ।

ସେଦିନ ସକାଳେ ଦାଣ୍ଡ ପିଣ୍ଡାରେ ବସି ମୁଁ ପଢୁଛି। ସଦାକକେଇ ଆମ ଘରକୁ ଆସି ବାପାଙ୍କୁ ଖୋଜିଲେ। ବାପା ନ ଥିଲେ। ଯାଇଥିଲେ କୁଆଡ଼େ। ବୋଉ ଯାଇଥିଲା ନଈଆଡ଼କୁ ସକାଳର ନିତ୍ୟକର୍ମ ସାରିବାକୁ, ଘରେ କେହି ନ ଥିବା ଜାଣି ମୋତେ କହିଲେ ଘରୁ ମୃଦଙ୍ଗଟା ଆଣିଦେ। ଡେରି ହୋଇଯାଉଛି ମୁଁ କିରଣ କରିବାକୁ ନେବି। ମୁଁ ଜାଣିଛି ପ୍ରତିବର୍ଷ ଆମ ଗାଁରେ ଅଷ୍ଟପ୍ରହର ହୁଏ। ଶୀତ ଘୁମେଇ ପଡ଼ିଥିବା ବସନ୍ତ ପାଦ ଥାପୁଥିବ,

ଦୋଳ ପୂର୍ଣ୍ଣିମା ବେଳକୁ ଗାଁ ମୁଣ୍ଡ, ନଈକୂଳ ପାଖ ରାଧାମାଧବ ମନ୍ଦିର ପାଖରେ; କିନ୍ତୁ ଏବେ ତ ଦୋଳ ପୂର୍ଣ୍ଣିମା ଆସିନି । ଏବେ ପୁଣି କି ଅଷ୍ଟପ୍ରହର! ତେଣୁ ପଚାରିଦେଲି, ଏବେକି ଅଷ୍ଟମ ପ୍ରହର? ଦୋଳ ପୂର୍ଣ୍ଣିମା କ'ଣ ହେଲାଣି? ସେ କହିଲେ ଗାଁ ଅଷ୍ଟପ୍ରହର ନୁହେଁ । ରାଧୁଆ ଅଷ୍ଟପ୍ରହର କରିବ । ତା' ପୁଅକୁ ବର୍ଷେ ପୂରିବ ତ । ସେ ଯାଚିଥିଲା । ସେ ତୋ ବାପାକୁ କହିଛି, ଗାଁରେ ଅଷ୍ଟପ୍ରହର ହେଉଛି ଯେତେବେଳେ ମୃଦଙ୍ଗ ପୂଜା ହେବାର ବିଧି ଅଛି । କିରଣ ହେଲେ ପୂଜା ହେବ ।

ମୁଁ କହିଲି, ମୃଦଙ୍ଗଟାକୁ ତୁମ ଘରେ କି ଗାଁର ଆଉ କାହାଘରେ ନେଇ ରଖୁନ । ଆମଘରେ କାହିଁ ରଖିଛ? ଆଉ କାହା ଘରେ ରହିଲେ ସିଏ ବଜାବଜି କରନ୍ତା । ପ୍ରତିବର୍ଷ ଆଉ କିରଣ କରିବାକୁ ପଡ଼ନ୍ତା ନାହିଁ । ସେ କହିଲେ ମୃଦଙ୍ଗଟା ତ ତୁମର ନା । ଆମେ କାହିଁ ରଖିବୁ? ତୋ ବଡ଼ବାପା ଥିଲାବେଳେ ସେ କିଣିଥିଲେ । ଗାଁର ପର୍ବପର୍ବାଣିରେ ଭଜନ, କୀର୍ତ୍ତନ ହେଉଥିଲା । ମୃଦଙ୍ଗ ବାଜୁଥିଲା । ଏବେ ତ ଗାଁରେ ରାହାସ ଟିକିଏ ବୋଲା ହୋଇ ପାରୁନାହିଁ, ମୃଦଙ୍ଗ କ'ଣ ବାଜିବ? ଗାଁରେ ସେହି ଏକା ଭଲ ମୃଦଙ୍ଗ ବଜା ଜାଣିଥିଲେ । ଆଉ ଏମାନେ ସବୁ ତାଙ୍କ ଠାରୁ ଶିଖି ଟୁଂ ଟାଙ୍ଗ କରୁଛନ୍ତି । ମୃଦଙ୍ଗ କିଏ ତାଳରେ ବଜାଉଛି? ପ୍ରତିବର୍ଷ ଗାଁ ଅଷ୍ଟପ୍ରହର ବେଳେ ଘରେ ମୃଦଙ୍ଗ ଥିଲେ ପୂଜା ହେବାର ବିଧି ଅଛି । ତୋ ବାପା ସେଇ ପରମ୍ପରାକୁ ରଖିଛନ୍ତି ଏଯାଏ । ସେଦିନ ଯାହା ଟିକିଏ ମୃଦଙ୍ଗ ବାଜେ । ଏବେ ତ ନାମ କୀର୍ତ୍ତନ କରିବାକୁ ବାହାରୁ ପଇସା ନେଇ ଆସୁଛନ୍ତି । ଖାଲି ଆମ ଗାଁ ବାଲା ଅଧିବାସ ଟିକକ ଯାହା କରିଦିଅନ୍ତି । ସେତିକିରେ କାମ ଶେଷ ।

ମୁଁ ପଚାରିଲି ବଡ଼ବାପା କ'ଣ ଏତେ ବଡ଼ ମୃଦଙ୍ଗ ବଜାଳି ଥିଲେ? ସେ କହିଲେ ଖାଲି ମୃଦଙ୍ଗ ନୁହେଁ, ଏ ଖଣ୍ଡମଣ୍ଡଳରେ ତାଙ୍କ ପରି କେହି ବଂଶୀ ବାଦକ ବି ନ ଥିଲେ । ଏବେବି କେହି ନାହାନ୍ତି ।

ମୁଁ ଏ କଥା ନୂଆ ଶୁଣୁଥିଲି । ବାପା ସେତିକିବେଳେ ଆସି ମୃଦଙ୍ଗ ଓ ଟଙ୍କା କେତେଟା ବଢ଼ାଇଦେଲେ ସଦା କକେଇଙ୍କ ହାତକୁ । ସଦା କକେଇ ମୃଦଙ୍ଗ ଓ ଟଙ୍କା ଧରି ତରତର ହୋଇ ପଳାଇ ଯାଇଥିଲେ ।

ମୋ ମନ କିନ୍ତୁ ବୁଝିନଥିଲା । ବଡ଼ବାପାଙ୍କ ବିଷୟରେ ଜାଣିବାକୁ ଆଗ୍ରହ ମୋର ବଢ଼ି ଯାଇଥିଲା । ଏ ଘଟଣା ଘଟିବାର ଦୁଇଚାରିଦିନ ପରେ ଦିନେ ସ୍କୁଲରୁ ଆସି ନଈ ପଠାକୁ ବରକୋଳି ଖାଇବାକୁ ଯାଇ ମୋର ପୁଣି ଭେଟ ହୋଇଯାଇଥିଲା ସଦାକକେଇଙ୍କ ସହ । ସେ ନଦୀ ପଠାକୁ ଲାଗି ରାଧାମାଧବ ମନ୍ଦିର ବାହାରେ ଥିବା ବଡ଼କଦମ୍ବ ଗଛମୂଳେ ବସିଥିଲେ । ଗୋରୁ ତାଙ୍କର ପଠାରେ ଚରୁଥିଲେ । ମୁଁ ଆଉ ବରକୋଳି ତୋଳିବାକୁ ନ ଯାଇ ତାଙ୍କ ପାଖରେ ବସି ଯାଇ ପଚାରିଲି, କକେଇ ମୋ ବଡ଼ବାପା ଘର ଛାଡ଼ି କୁଆଡ଼େ କାହିଁକି ଯାଇଛନ୍ତି?

ସେ କହିଲେ ସେ ତ ବହୁତଦିନର କଥା, ତୋତେ କ'ଣ ତୋ ବାପା, ବୋଉ ଏ ବିଷୟରେ କିଛି କହି ନାହାନ୍ତି?

ମୁଁ ମନାକରି କହିଲି ନା । ତୁମେ କହୁନ ।

ସେ କହିଲେ କୃଷ୍ଣଭାଇ ଏ ଗାଁରେ ଗୋଟାଏ ଧର୍ମପରାୟଣ, ପରଉପକାରୀ ଲୋକଟିଏ ଥିଲେ । ପଇସା ନ ଥିଲେ ବି ସମସ୍ତଙ୍କ ଭଲମନ୍ଦରେ ଯାଇ ତାଙ୍କ ପାଖରେ ଛିଡ଼ା ହେଉଥିଲେ । ସବୁଦିନେ ସନ୍ଧ୍ୟାରେ କାମଦାମ ସାରି ସେ ଚାଲି ଆସୁଥିଲେ ଏଇ ମନ୍ଦିର ପାଖକୁ, ଏଇଠି ଆସି ମୃଦଙ୍ଗ କି ବଂଶୀ ବଜାଉଥିଲେ । ଆଉ ଗାଁ ଓ ଆମ ଗାଁର ସ୍ତ୍ରୀ ଲୋକମାନେ ସେ ସମୟରେ ଏଠାକୁ ଆସୁଥିଲେ ସନ୍ଧ୍ୟାଦୀପ ଦେବାକୁ । ତୋ ବଡ଼ବାପାର ବଂଶୀର କିମିଆରେ ସେପଟ ଗାଁର ଝିଅଟିଏ ଏତେ ମୁଗ୍ଧ ହୋଇଗଲା ଯେ, ଦୁହେଁ ଦୁହିଁଙ୍କୁ ବାହା ହେବାକୁ ବି ଠିକ୍ କରିନେଲେ । ଅବଶ୍ୟ ସେତେବେଳେ ଟିକିଏ ଖିଟ୍‌ଖାଟ୍ ହୋଇଥିଲା । ଦୁଇ ପରିବାର ଭିତରେ, କିନ୍ତୁ ଏକାଜାତି, ପୁଣି ଘର ପାଖ ବୋଲି ପୁଣି ରାଜି ହୋଇ ଯାଇଥିଲେ ଦୁଇ ପରିବାର । ବାହାଘର ହୋଇ ଯାଇଥିଲା ।

ମୁଁ ମନ୍ତ୍ରମୁଗ୍ଧ ପ୍ରାୟ ଶୁଣୁଥିଲି । କକେଇ ମୋତେ କହୁଥିଲେ ବି ଆଖି ତାଙ୍କର ଥିଲା ନଦୀପଠା ଆଡ଼େ । ଚରୁଥିବା ତାଙ୍କ ଗାଈ ବଳଦଙ୍କ ଆଡ଼େ । ବେଳେବେଳେ ରହିଯାଇ ପାଟିକରି କହୁଥିଲେ "ଆରେ, ଆରେ, ସିଆଡ଼େ ଯାଆନା କାଳି (କାଳି ତାଙ୍କ ଗାଈର ନାଁ) ସଞ୍ଜ ହୋଇ ଆସିଲାଣି । ଆ-ଆ ଘରକୁ ଯିବା ।" ମୋତେ ଚାହିଁ କହୁଥିଲେ ପଠାରେ କଖାରୁ, ଶାଗ, କୋବି, ବାଇଗଣ ସବୁ ଲାଗିଛି । ଏ ଗାଈଟା ଏତେ ଓଲିଆ ଯେ, ଆଖି ପାଖରୁ ଟିକିଏ ଚାଲିଗଲେ ଗଲା । ଟିକିଏ ବସାଇ ଦେଉନି ।

ମୁଁ ପଚାରୁଥିଲି ତା' ପରେ । ସେ କହୁଥିଲେ ତୋ ବଡ଼ବୋଉର ନାଁଟା ଯେପରି ସୁନା ରୂପ ବି ସେମିତି ସୁନା ପରି । ରଜାଘର ଝିଅପରି ଚେହେରା । ବାହାଘର ପରେ ବି ଯୋଡ଼ି-ଯାଉଁଳି ହୋଇ ଆସନ୍ତି ମନ୍ଦିରର ଆଳତି ଦେଖିବାକୁ । ଏଇ କଦମ୍ବଗଛମୂଳେ ତୋ ବଡ଼ବାପା ବଂଶୀବଜାଏ ଘଣ୍ଟା ଘଣ୍ଟା ଧରି, ଆମେ ସବୁ ପ୍ରଥମେ ଭାବିଥିଲୁ କୃଷ୍ଣଭାଇ ବାହାହୋଇ ସାରିଲା ପରେ ଆଉ ମନ୍ଦିର ପାଖକୁ ଆସି ବଂଶୀ ବଜାଇବେ ନାହିଁ, ସେ ସିନା ସୁନାଭାଉଜ ପାଇଁ ବଂଶୀ ବଜାଉଥିଲେ । ସୁନା ଭାଉଜ ତ ମିଳିଗଲେ । ଆଉ କାହିଁ ଆସିବେ? କିନ୍ତୁ ନା, ବାହାଘର ପରେ ବି କେବେ ଦିନେ ସେ ବଂଶୀ ବଜାଇବା ଛାଡ଼ି ନଥିଲେ । ସେ ବଂଶୀ ବଜା ଯେ ଶୁଣିଛି, ଜାଣିଛି ସେ ସ୍ୱରର ମଧୁରତା, ସ୍ୱୟଂ ରାଧାମାଧବ ବୋଧେ କାନେଇ ଶୁଣୁଥିବେ ସେ ବଂଶୀସ୍ୱରକୁ । କିନ୍ତୁ ସବୁଭିତରେ ତୋ ବଡ଼ବାପା ଓ ବଡ଼ବୋଉଙ୍କ ମନରେ ଗୋଟାଏ ବଡ଼ ଦୁଃଖ ରହିଥିଲା ସଦାସର୍ବଦା । ସେଇଥିପାଇଁ ବୋଧେ ତୋ ବଡ଼ବାପାଙ୍କ ବଂଶୀସ୍ୱର ଏତେ କରୁଣ ଥିଲା ଯେ, ଯିବାଲୋକ ବି ଘଡ଼ିଏ ଛିଡ଼ା ହୋଇ ଶୁଣୁଥିଲା । ତା' ଅଜାଣତରେ ତା' ଆଖିରୁ ଲୁହ ବହି ଆସୁଥିଲା ।

ସୂର୍ଯ୍ୟକିରଣ ଅସ୍ପଷ୍ଟ ହୋଇ ଆସୁଥିଲା ନଈପଠା ଝାଉଁବଣ, ଖରିବଣ ଆଡୁ । ଗାଈ, ବଳଦମାନେ ଫେରିଆସୁଥିଲେ ଘର ମୁହାଁ ହୋଇ ଗାଁ ଆଡ଼କୁ । ସଦାକକେଇ ଉଠୁଉଠୁ କହିଲେ ସଞ୍ଜ ହୋଇ ଆସିଲାଣି, ମୁଁ ଗଲେ ପୁଣି ଗାଈ ବଳଦଙ୍କୁ କୁଣ୍ଡା ପାଣି ମୁହାଁଇବି ।

ଆଉ କେବେ କହିବି ତୋ ବଡ଼ବୋଉ, ବଡ଼ବାପା କଥା । ଆ ଯିବା ।

ସେ ପର୍ଯ୍ୟନ୍ତ କିନ୍ତୁ ମୋ ସାଙ୍ଗମାନେ ପଠାରୁ ବରକୋଳି ତୋଳି ଫେରିନଥିଲେ । ଉଠିବାକୁ ଇଚ୍ଛା ନ ଥିଲେ ବି ମୋ ଉତ୍ସାହରେ ପୂର୍ଣ୍ଣଚ୍ଛେଦ ପକାଇ କହିଲି, ତୁମେ ଯାଅ, ମୁଁ ଆଉ ଟିକିଏ ପରେ ଯିବି ।

ସେଦିନ ସନ୍ଧ୍ୟାରେ ଘରଭିତରକୁ ପଶୁପଶୁ କେବେ ନ ଦେଖିଲା ପରି ପୁଣି ଟିକିଏ ଛିଡ଼ାହୋଇ ଚାହିଁଲି ବଡ଼ବାପାଙ୍କ ସେ ଭଙ୍ଗା ଘରଟା ଆଡ଼େ । ଭଲକରି ସଞ୍ଜ ବି ହୋଇ ନ ଥିଲା । ବୁଲାକୁକୁରଟାଏ ଚଉରାର କିଛି ଦୂର ପିଣ୍ଡା ଉପରେ ତା' ଛୁଆ ପାଞ୍ଚଟାକୁ କ୍ଷୀର ଦେବାରେ ବ୍ୟସ୍ତ ଥିଲା । ମନେମନେ ଭାବିଲି ଏଇଟା ତା'ର ଏବେ ବାସସ୍ଥଳୀ ହୋଇଯାଇଛି । ତା' ପିଲାଛୁଆଙ୍କୁ ଧରି ଆରାମରେ ରହିଛି ।

ବୋଉ ସଞ୍ଜ ଦେବାକୁ ଆମ ଚଉରା ପାଖକୁ ଗଲାବେଳେ ମୋତେ ଏମିତି ଘରଟା ଆଡ଼େ ଚାହିଁରହିଥିବାର ଦେଖି ପଚାରିଲା, କାହାକୁ ଚାହିଁଛୁ? ଆଜି ପାଠପଢ଼ା ହେବ ନାହିଁ କି? ମୁଁ ଅଗତ୍ୟା ଘରଭିତରକୁ ଯାଇ କିଛି ସମୟ ପରେ ବହିଧରି ବସିଗଲି ସିନା ଗୋଟିଏ ପୃଷ୍ଠା କିନ୍ତୁ ପଢ଼ି ପାରିଲି ନାହିଁ । ମୋ ମନକୁ ଖାଲି ବଡ଼ବାପା, ବଡ଼ ବୋଉଙ୍କ କଥା ଆସୁଥିଲା ।

ବୋଉ କ'ଣ ପାଇଁ ସେ ଘରକୁ ଆସିଥିଲା କେଜାଣି, ଘରକୁ ପଶିଲାମାତ୍ରେ ମୁଁ ପଚାରିଲି, ବୋଉ ବଡ଼ବାପା, ବଡ଼ବୋଉ ଏ ଘର ଛାଡ଼ି ଚାଲିଗଲେ କାହିଁକି? ବଡ଼ବାପା କ'ଣ ସତରେ ପାଗଳ?

ବୋଉ ଦଣ୍ଡେ ଛିଡ଼ା ହୋଇ କହିଲା, ତୋ ମୁଣ୍ଡକୁ କାହିଁକି ଏକଥା ଏବେ ପଶିଲା? କିଏ କହିଲା ତୋ ବଡ଼ବାପା ପାଗଳ ବୋଲି ।

ମୁଁ କହିଲି, ସେଦିନ ମୋ ସାଙ୍ଗ ସନିଆ କହୁଥିଲା ।

ବୋଉ କହିଲା, ଏ ଗାଁର ଲୋକଗୁଡ଼ାକ ସଜ ମାଛରେ ପୋକ ପକାଇ ଦେବେ । ତୋ ବଡ଼ବାପାଙ୍କ ପରି ଧାର୍ମିକ ଲୋକ ଏ ଗାଁରେ କିଏ ଥିବେନା? ସେ ତୋ ବଡ଼ବୋଉକୁ ଖୋଜିବାକୁ ଯାଇ ଏ ପର୍ଯ୍ୟନ୍ତ ଆଉ ଫେରି ନାହାନ୍ତି ।

– ବଡ଼ବୋଉ କ'ଣ ହଜି ଯାଇଥିଲେ?

– ହଁ, ତୋ ବଡ଼ବୋଉ, ବଡ଼ବାପା ଶ୍ରୀକୃଷ୍ଣଙ୍କ ବଡ଼ ଭକ୍ତ ଥିଲେ । ସବୁଦିନେ ସେମାନେ ସନ୍ଧ୍ୟାକୁ ନଇ ପାଖ ରାଧାମାଧବ ମନ୍ଦିରକୁ ଯାଇ ପୂଜା ଆରାଧନା କରୁଥିଲେ, କିନ୍ତୁ ତାଙ୍କ ମନରେ ଗୋଟାଏ ବଡ଼ ଦୁଃଖ ଥିଲା । ବାହାଘରର ସାତବର୍ଷ ପରେ ବି ସେମାନଙ୍କର ସନ୍ତାନଟିଏ ନଥିଲା । ମୁଁ ସେତେବେଳକୁ ନୂଆନୂଆ ବାହାହୋଇ ଆସିଥାଏ । ଦିନେ ଭାଉଜ ଯାଇ ତିନିଦିନ ତିନି ରାତି ଗୁହାରି ପଡ଼ିଲେ ରାଧାମାଧବଙ୍କ ମନ୍ଦିରରେ । କ'ଣ ସ୍ୱପ୍ନାଦେଶ ହେଲା କେଜାଣି ଯେତେ ଯିଏ ପଚାରିଲେ କାହାକୁ କିଛି କହିଲେନି । ମନ ମାରି ବସିରହିଲେ । ଭାଉଜଙ୍କ ବାପଘର ସେପଟ ଗାଁ ହରିପୁର । ତାଙ୍କ ବାପ, ମା' ସେଥରକ ତୀର୍ଥକରି ବାହାରିଲେ କାଶୀ ମଥୁରା, ବୃନ୍ଦାବନ । ଗୋଟାଏ ତୀର୍ଥଯାତ୍ରୀ ବସ୍ ଯାଉଥିଲା ଆଖପାଖ ଲୋକମାନଙ୍କୁ ନେଇ । ସେ ତାଙ୍କ ବାପ, ମା'ଙ୍କ ସାଙ୍ଗରେ ଗଲେ ଯେ ଆଉ ଫେରିଲେ ନାହିଁ । ତାଙ୍କ ବାପ, ମା' ଖବର ଦେଲେ ବୃନ୍ଦାବନରେ ଭାଉଜ କୁଆଡ଼େ ହଜି ଯାଇଛନ୍ତି ।

କହିଲାବେଳେ ବୋଉ ମୁହଁ ବଡ଼ ବିଷଣ୍ଣ ଦିଶୁଥିଲା । ବଡ଼ ନିଠେଇ, ନିଠେଇ ଦୟନୀୟ ହୋଇ ସେ କହିଲାଭଳି ଲାଗୁଥିଲା । ମୋତେ ଲାଗୁଥିଲା ସେ ଯେପରି ଭିଜି ଯାଇଛି ଦୁଃଖରେ । ମୋର ଉତ୍ସୁକତା କ୍ରମେ ଶାଖା ପ୍ରଶାଖା ମେଲୁଥିଲା । ମୁଁ ପଚାରିଲି ଥାନାରେ କ'ଣ ଖବର ଦିଆଯାଇ ନ ଥିଲା । ବୋଉ ପୁଣି କହିଲା, ଦିଆଯାଇଥିଲା, କିନ୍ତୁ ଗୁରୁତ୍ୱ ଦିଆଯାଇ ନ ଥିଲା । ତୋ ବଡ଼ବାପା, ବଡ଼ବୋଉ ହଜିଯିବାର ଖବର ଶୁଣି ପୂରା ଭାଙ୍ଗିପଡ଼ିଥିଲେ । ଖାଇବା ପିଇବା ଏକ ପ୍ରକାର ଛାଡ଼ିଦେଇ ରାଧାମାଧବ ମନ୍ଦିରରେ ଯାଇ ଦିନରାତି ବଂଶୀ ବଜାଇବାକୁ ଲାଗିଲେ । ତାଙ୍କର ଅଖଣ୍ଡ ବିଶ୍ୱାସ ଥିଲା ରାଧାମାଧବ ନିଶ୍ଚୟ ତାଙ୍କ ସ୍ତ୍ରୀଙ୍କୁ ଫେରାଇ ଆଣିବେ ।

ବୋଉ ଅଟକିଯାଇ ଗୋଟାଏ ଦୀର୍ଘଶ୍ୱାସ ଟାଣିଲା । ମୁଁ ତା' ମୁହଁକୁ ଚାହିଁଲି । ତା'ପରେ କ'ଣ ହେଲା ପଚାରିବା ପୂର୍ବରୁ ସେ କହିଲା ଦିନେ ସକାଳୁ ସକାଳୁ ଆସି ଘରର ଚାବି ତୋ ବାପାକୁ ଦେଇ କହିଲେ, ନେ ଏ ଘରର ଚାବି ରଖ । ମୁଁ ଯାଉଛି ତୋ ଭାଉଜକୁ ଖୋଜିବାକୁ । ପାଇଲେ ଯାଇ ଆସିବି । ଜମିବାଡ଼ି ସବୁକୁ ଚାଷକରି ଖାଉଥିବୁ । ଘର ଆଡ଼କୁ ଟିକିଏ ନିଘା ରଖିଥିବୁ । ସେଇଦିନଠାରୁ ସେ ଯାଇଛନ୍ତି ଯେ ଯାଇଛନ୍ତି । ଘରଟା ବି ସେଇଦିନଠୁ ତାଲା ପଡ଼ିଛି । କେବଳ ଗୋଟିଏ ଦିନ ଖୋଲା ହୋଇଥିଲା ଗାଁ ଲୋକମାନେ ଯେଉଁ ଥରକ ମୃଦଙ୍ଗ ନେବାକୁ ଆସିଥିଲେ । ବାହାର ଘରେ ମୃଦଙ୍ଗଟା ଥୁଆ ହୋଇଥିଲା । ବାପା ଆଣି ଦେଇଥିଲେ । ସେଇଦିନୁ ଆମଘରେ ମୃଦଙ୍ଗଟା ରହୁଛି । ସେ ଘରକୁ ନେଇ ଆଉ ମୃଦଙ୍ଗଟା ବି ରଖାଯାଇନି ।

ମୋର ଭାରି ଇଚ୍ଛା ହେଲା ସେ ଘରଟାକୁ ଖୋଲି ଦେଖିବାକୁ । କହିଲି କାଲି ଟିକିଏ ସେ ଘର ଚାବିଟା ଦେବୁ ତ ।

ବୋଉ ପଚାରିଲା– କାହିଁକି?

– ଦେଖିବି କ'ଣ ଅଛି ସେ ଘରେ ।

– କ'ଣ ଆଉ ଥିବ । ଯାହା ଥିଲା ଉଇ ଲାଗି ନଷ୍ଟ ହୋଇ ଯିବଣି । ସେ ଯେତେ କହିଲେ ବି ଆମେ କାହିଁ ତାଙ୍କ ଘର ଖୋଲିବା କି ତାଙ୍କ ଜିନିଷପତ୍ର ଖୋଲିବା । ସେ ସମୟ ଯଦି ଆସେ ସେତେବେଳକୁ ଦେଖିବା ।

ମନ ଭିତରେ ଗୋଟାଏ ଅବସୋସ ନେଇ ମୁଁ ରହିଗଲି । ଭାବିଲି ବୋଉ କେଉଁ ସମୟକୁ ଆଉ ଅପେକ୍ଷା କରିଛି? ବୋଧେ ସେ ଅପେକ୍ଷା କରିଛି କେବେ ଶୁଣିବ ତା' ଦେଢ଼ଶୁର, ତା' ସ୍ତ୍ରୀ ଆଉ ନାହାନ୍ତି ବୋଲି, କିନ୍ତୁ କିଏ ବା ଦେଇ ପାରିବ ସେମାନଙ୍କ ଭଲମନ୍ଦର ସଠିକ୍ ଖବର । କୁଆଡ଼େ ହଜିଗଲେ ବଡ଼ବୋଉ । ତାଙ୍କୁ ଖୋଜି ବଡ଼ବାପା ପାଇଲେକି ନାହିଁ? ଏ ତ ଏକ ଅସମାହିତ ପ୍ରଶ୍ନ । ପୁଣି ମନକୁ ଆସିଲା ସବୁ ହୁଏତ ସମୟ କରିଦେଇପାରେ । ସମୟଠାରୁ କେହି ତ ଆଉ ବଳବାନ ନୁହନ୍ତି ନା ।

ରାଧୁଆଦାଙ୍କ ଅଷ୍ଟପ୍ରହର ଦିନ ସନ୍ଧ୍ୟା ରତରତ ପ୍ରାୟ । ଅଷ୍ଟପ୍ରହର ପାଇଁ ଗାଁଟା ସାରା ଚଳଚଞ୍ଚଳ । ମାଇକ୍ ଲାଗି ଗାଁଟା ପ୍ରକମ୍ପିତ । ଗାଁର ପ୍ରାୟ ସବୁ ପୁରୁଷଲୋକ ଯାଇ ସେଇ ଅଷ୍ଟପ୍ରହର ପାଖରେ । ହଠାତ୍ ଜଣେ ଗେରୁଆ

ବସ୍ତ୍ର ପରିହିତ, ପ୍ରୌଢ଼ ଶ୍ମଶ୍ରୁ ବର୍ଦ୍ଧିତ, ବେକରେ ତୁଳସୀମାଳି, ମଥାରେ ରାମାନନ୍ଦୀଚିତା, କାନ୍ଧରେ ଗୋଟାଏ ଥଳି, ଆସି କବାଟ ପାଖରେ ଛିଡ଼ା ହେବାର ଦେଖି ବୋଉ ପଚାରିଲା, କାହାକୁ ଖୋଜୁଛନ୍ତି?

ସେ ବାପାଙ୍କ ନାଁ ଧରି କହିଲେ, ଗୋବିନ୍ଦ ନାହିଁକି?

ପ୍ରକମ୍ପିତ ମାଇକ୍ ଶବ୍ଦରେ ବି ବୋଉ ପାଟିରୁ ବାରିନେଲା । ଚମକିପଡ଼ିଲା । ନ' ବର୍ଷ ତଳେ ମେଘରେ ଢାଙ୍କି ହୋଇ ଯାଇଥିବା ଗୋଟାଏ ସକାଳ ପୁଣି ଆଲୋକରେ ଉଦ୍‌ଭାସିତ ହୋଇଉଠିଲା । ମୁଣ୍ଡ ଭୂମିରେ ଲଗାଇ ପ୍ରଣାମ କରୁକରୁ ତା' ପାଟିରୁ ଅସ୍ପଷ୍ଟ ଭାବେ ବାହାରି ଆସିଲା, ଭାଇନା! ଆସନ୍ତୁ ଘରଭିତରକୁ ଆସନ୍ତୁ ସେ ଅଷ୍ଟପ୍ରହର ପାଖରେ ଥିବେ, ବୋଉର ଆଖିବି ଛଳଛଳ ।

ସେ ଘରକୁ ନ ଯାଇ କହିଲେ, ହଉ, ତୁମେ ଥାଅ ମା', ମୁଁ ଯାଇ ଦେଖୁଛି ।

ଗାଁଟା ସାରା ଲୋକ ବଡ଼ବାପାଙ୍କୁ ଦେଖି ନିର୍ବାକ । ଯେମିତି ଲିଭିଲିଭି ଆସୁଥିବା ଆଲୋକଟିଏ ପୁଣି ଜଳିଉଠିଲା । କିଏ କୋଳାଗ୍ରତ କରି ପକାଉଥିଲେ ତ କିଏ ପାଦଧୂଳି ନେଇ ମୁଣ୍ଡରେ ମାରୁଥିଲେ । ତାଙ୍କ ଚାରିପାଖରେ ଗାଁଟା ସାରା ଲୋକଙ୍କ ରୁଣ୍ଡ ।

ବଡ଼ବାପା ସ୍ଥିତପ୍ରଜ୍ଞ ଋଷିଟିଏ ପରି କେବଳ ଯାହା ଛିଡ଼ା ହୋଇଥିଲେ । କିଏ କହୁଥିଲେ ଆପଣ ଏ ପର୍ଯ୍ୟନ୍ତ କେଉଁଠି ଥିଲେ? କିଏ କହୁଥିଲେ ଭାଉଜ ମିଳିଲେ? ସେ କିନ୍ତୁ କାହାକୁ କିଛି ନ କହି ଚାରିଆଡ଼କୁ ଚାହିଁ ବାପାଙ୍କୁ କହିଲେ ଟିକିଏ ଘରକୁ ଆସିଲୁ ।

ବାପାଙ୍କ ସହ ମୁଁ ବି ଘରକୁ ଆସିଲି । ବଡ଼ବାପା ଆସିଥିବାର ଜାଣି ବୋଉ ଜଳଖିଆର ବ୍ୟବସ୍ଥା କରି ସାରିଥିଲା । ଦାଣ୍ଡପିଣ୍ଡାରେ ଥୁଆ ହୋଇଥିବା ପାଣି ଢାଳରେ ଗୋଡ଼ଧୋଇ ବାପାଙ୍କ ସହ ଘରଭିତରକୁ ପଶୁପଶୁ ସେ କହିଲେ ମୁଁ ବର୍ତ୍ତମାନ ଫେରିଯିବି ।

ବାପା ଆଶ୍ଚର୍ଯ୍ୟ ହୋଇ ପଚାରିଲେ, ବର୍ତ୍ତମାନ! ଏ ସନ୍ଧ୍ୟାରେ ଯିବେ କୁଆଡ଼େ । ଗାଁରେ ଅଷ୍ଟପ୍ରହର, ଯାହାକୁ ତୁମେ ବହୁତ ଭଲ ପାଅ । ଆଜି ପରି ଦିନରେ ଆସି ପ୍ରସାଦ ନ ପାଇ ଫେରିଯିବା କଥା କେମିତି ଭାବୁଚ । ଗାଁ ଲୋକମାନେ ଖରାପ ଭାବିବେନି?

ବଡ଼ବାପା ଟିକିଏ ମଉନ ରହି କ'ଣ ଭାବିଲା ଭଳି ଦିଶୁଥିଲେ । ବୋଉ ସେତିକି ବେଳେ ଆଣି ପାଣିଗ୍ଲାସେ ଓ ଜଳଖିଆ ଥୋଇଲା । ବଡ଼ବାପା କହିଲେ ଜଳଖିଆ ନୁହେଁ ମା', ଖାଲି ଚା' ଟିକିଏ ଆଣିବୁ ଯଦି ଆଣେ । ବୋଉ ଚା' କରିବାକୁ ଚାଲିଗଲା ପରେ ବାପା କହିଲେ କେତେବେଳେ କେଉଁଠି ଖାଇଥିବେ । ଜଳଖିଆ, ଚା' ଖାଇ ଚାଲନ୍ତୁ ଅଷ୍ଟପ୍ରହର ପାଖକୁ । ଏତିକି କହି ବାପା ତାଙ୍କ ହାତକୁ ଜଳଖିଆ ପ୍ଲେଟଟାକୁ ବଢ଼ାଇ ଦେଉ ଦେଉ ପଚାରିଲେ, ଭାଉଜଙ୍କର କିଛି ଖବର ମିଳିଲା?

ସେ ଜଳଖିଆ ପ୍ଲେଟରୁ ସିଙ୍ଗଡ଼ାଟାଏକୁ ପାଟିକୁ ନେଉ ନେଉ କହିଲେ, ହଁ, ସେଇଥିପାଇଁ ତ ମୁଁ ଆସିଛି । ବାପା ଉତ୍ସାହିତ ହୋଇ ପୁଣି ପଚାରିଲେ, ଆଉ ଆପଣ କ'ଣ ଏକା ଆସିଲେ ଭାଉଜଙ୍କୁ କାହିଁ ଆଣିଲେନି, ଦେଖିଲେଣି ସେ ଘର କେମିତି ଭାଙ୍ଗିଭୁଙ୍ଗି ପଡ଼ିଛି । ଘରେ ମଣିଷ ନ ରହିଲେ ଯାହା ଅବସ୍ଥା ହୁଏ ।

ବୋଉ ବଡ଼ବାପା ଓ ବାପାଙ୍କ ପାଇଁ ଦୁଇକପ୍ ଚା' ଆଣି ଥୋଇଦେଲା । ବଡ଼ବାପା ଚା' ଉଠାଇ ପିଉ ପିଉ କହିଲେ, ଭାଉଜ ତୋର ଆଉ ଆସିବା ଅବସ୍ଥାରେ ନାହିଁ । ସେ ତିନିମାସ ହେଲାଣି ବୃନ୍ଦାବନରେ ଶଯ୍ୟାଶାୟୀ । ମୁଁ ଆସିଛି ସେ ଘରେ ଥିବା ବଂଶୀଟାକୁ ନେବାକୁ । ସେ ବଂଶୀସ୍ୱର ନ ଶୁଣିଲେ ଜୀବନ ତା'ର ଯିବନି ।

ମୁଁ ଆଶ୍ଚର୍ଯ୍ୟ ହୋଇ କବାଟ ସେପଟେ ଛିଡ଼ାହୋଇ ଏସବୁ କଥା ଶୁଣୁଥିଲି । ବୋଉ ବି ଛିଡ଼ାହୋଇଥିଲା ମୋ ପାଖରେ ।

ବାପା କହିଲେ, ଏ କ'ଣ କହୁଛନ୍ତି! ଡାକ୍ତର ଦେଖାଇଲେନି?

– ନା, ସେ ଆଉ ଭଲ ହେବାର ପ୍ରାୟ ନାହିଁ । ମୁଁ ଗଲାବେଳେ ବଂଶୀଟାକୁ ସେ ଟିଣ ବାକ୍‌ସରେ ରଖିଦେଇ ଯାଇଥିଲି । ବୃନ୍ଦାବନ ସାରା ଖୋଜି ଖୋଜି ଯାଇ ତୋ ଭାଉଜକୁ ପାଇଲି । ସେ ମୋତେ ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲା ।

ବାପା ପଚାରିଲେ, ଭାଉଜ ଏତେ ଲୋକଙ୍କ ଗହଣରେ ଥାଇ ହଜିଗଲେ କେମିତି?

– ନା, ସେ ହଜିନଥିଲା, ବରଂ ତା' ନିଜ ଇଚ୍ଛାରେ ସେ ସେଠି ରହିଯାଇଥିଲା । ମୁଁ ଘରକୁ ଆସିବାକୁ ତାକୁ ଯେତେ କହିଲେ ବି ସେ ମନାକଲା । ମୋତେ ବରଂ ବୁଝାଇ କହିଲା, ଶ୍ରୀକୃଷ୍ଣ ରାଧାଙ୍କ ମିଳନରେ ସେମାନେ ତ କେବେ ପିଲାଟିଏ ପାଇଁ ଚିନ୍ତା କରି ନ ଥିଲେ କି ତାଙ୍କର କେହି ସନ୍ତାନସନ୍ତତି ନ ଥିଲେ । ଆମର କେହି ସନ୍ତାନସନ୍ତତି ନାହାନ୍ତି ବୋଲି ଆମେ କାହିଁ ମନ ଦୁଃଖ କରିବା । ସବୁ ସେଇ ଈଶ୍ୱରଙ୍କ ଲୀଳା, କିନ୍ତୁ ଗୋଟିଏ ଜିନିଷକୁ ଖୋଜି ହେଉଥିଲେ । ବଂଶୀ । ମୋତେ କହୁଥିଲେ ତୁମେ ଯାଇ ଘରୁ ତୁମ ବଂଶୀଟା ନେଇ ଆସ ।

ବାପା କଥା ଅଧାରୁ କହିଲେ, ବୃନ୍ଦାବନରେ ତ ବହୁଜାଗାରେ ବଂଶୀ ବିକ୍ରି ହେଉଥିବ । ବଡ଼ବାପା କହିଲେ, ନା, ସେ ବଂଶୀ ନୁହେଁ । ଏଇ ବଂଶୀର ସ୍ୱର ତା'ର ଦରକାର ।

– ହେଉ, ରାତି ପାହୁ, ଆପଣ ଚାଲନ୍ତୁ ଅଷ୍ଟପ୍ରହର ପାଖକୁ ।

ବଡ଼ବାପା ରାଜି ନ ହୋଇ କହିଲେ, ସେଠାକୁ ମୋର ଯିବାର ନାହିଁ । ଦେଖୁଛି ଗାଁର ଉନ୍ନତି ହୋଇଛି, ରାସ୍ତାଘାଟ ଘରସବୁ ପକ୍କା ହୋଇ ଯାଇଛି । ବିଜୁଳି ଆଲୋକରେ ଘରସବୁ ଝଲସୁଛି । ଆଉ ସେ ସମୟର ଦୁଃଖ, ଦୈନ୍ୟ ନାହିଁ । କିନ୍ତୁ ଅଷ୍ଟପ୍ରହର ନାମରେ ସେଠି ଯେଉଁ ନାମ ସଂକୀର୍ତ୍ତନ ହେଉଛି ସେ କ'ଣ ନାମ, ସଂକୀର୍ତ୍ତନ? ତୁମେ ଆଧୁନିକ ହୋଇଗଲ ବୋଲି କ'ଣ ଠାକୁର ବି ଆଧୁନିକ ହୋଇଗଲେ । କି ସ୍ୱରରେ ସେଠି ନାମଧରା ହେଉଛି । ଆଧୁନିକ ସିନେମାଗୀତର ସ୍ୱର । ଏଇଟା କ'ଣ ନଦୀୟା କୀର୍ତ୍ତନର ସ୍ୱର! ତୁ ଲଣ୍ଠନ ଆଣେ ମୁଁ ବଂଶୀଟା ଆଣିବି ।

ବାପା ପଚାରିଲେ, କ'ଣ ବର୍ତ୍ତମାନ ଏ ଅନ୍ଧାରରେ?

– ଘରେ ଅନ୍ଧାର କ'ଣ ଆଲୁଅ କ'ଣ?

ବୋଉ ଲଣ୍ଠନ ଲଗାଇ ଦେଇ ଘରର ଚାବିକି ବଢ଼ାଇଦେଲା ବାପାଙ୍କ ହାତକୁ । ମୋର ଇଚ୍ଛା ହେଉଥିଲା ଯାଇ ସେ ଘରେ କ'ଣ ଅଛି ଟିକିଏ ଦେଖି ଆସିବାକୁ । ବୋଉ କିନ୍ତୁ

ବିରକ୍ତ ହୋଇ କହିଲା, ବଡ଼ମାନଙ୍କ କଥାରେ ମୁଣ୍ଡ ପୂରାନା। ସେମାନେ ଏଇ ସାଙ୍ଗେ ସାଙ୍ଗେ ଆସିବେ।

ସତକୁ ସତ ବାପା, ବଡ଼ବାପା ଫେରି ଆସିଲାବେଳେ ବାପାଙ୍କ ହାତରେ ଥିଲା ଲଣ୍ଠନ ଓ ବଡ଼ବାପାଙ୍କ ହାତରେ ଥିଲା ବଂଶୀଟାଏ। ମୁଁ ଲକ୍ଷ୍ୟ କରିଥିଲି ବଡ଼ବାପାଙ୍କ ହାତକୁ, ସାଧାରଣ ବଂଶୀଠାରୁ ଏ ବଂଶୀଟା ଭିନ୍ନ ଜଣାପଡୁଥିଲା। ଅପେକ୍ଷାକୃତ ବଡ଼ ଲାଗୁଥିଲା ବଂଶୀଟା। ଲଣ୍ଠନ ଆଲୁଅରେ ବଂଶୀ ଦୁଇ ପାଖରେ ଦୁଇଟି ଗୋବ ଚିକ୍‌ଚିକ୍ କରୁଥିଲା। ମୁଁ ବୋଉକୁ ପଚାରିଲି ବୋଉ ବଂଶୀ ଦୁଇପାଖ ଚିକ୍‌ଚିକ୍ କରୁଛି କେମିତି ଦେଖିଲୁ। ବୋଉ କହିଲା ତା' ଦୁଇପଟେ ରୁପାର ଗୋବ ଦୁଇଟା ଲାଗିଛି। ତୋ ବଡ଼ବୋଉ କଥାରେ ବଂଶୀଟା ସେତେବେଳେ ତିଆରି ହୋଇଥିଲା। ପ୍ରତ୍ୟେକ ଦିନ ତୋ ବଡ଼ବାପା ଏଇ ବଂଶୀନେଇ ରାଧାମାଧବ ମନ୍ଦିରରେ ବଜାଉଥିଲେ। ମୁଁ ଭାବୁଥିଲି କ'ଣ ଅଛି ଏ ବାଉଁଶ ଖଣ୍ଡ ତିଆରି ବଂଶୀଟାରେ ଯେ, ବଡ଼ବାପା ଖାଲି ଏ ବଂଶୀ ଖଣ୍ଡକ ପାଇଁ ସୁଦୂର ବୃନ୍ଦାବନରୁ ଏଠାକୁ ନେବାକୁ ଆସିଛନ୍ତି।

ବଡ଼ବାପା ଗଲେନାହିଁ ଆଉ ସେ ଅଷ୍ଟପ୍ରହର ପାଖକୁ। ବୋଉ କହୁଥିଲା ଘରେ ତାଙ୍କ ପାଇଁ ରୋଷେଇ କରିବାକୁ ଯେ, ବାପା ମନା କରି କହିଲେ, ନା ରୋଷେଇ କରିବା ଦରକାର ନାହିଁ। ମୁଁ ଖାଇବା ସେଠୁ ପଠାଇଦେବି। ବଡ଼ବାପାଙ୍କ ଶୋଇବା ପାଇଁ ଅଲଗା ବିଛଣା ପରାହେଲା ଆମ ଦାଣ୍ଡଘର ଖଟ ଉପରେ। ବଡ଼ବାପା ସମ୍ପୂର୍ଣ୍ଣ ଅଲଗା ଲାଗୁଥିଲେ। ବଡ଼ ଚୁପ୍‌ଚାପ୍, ଗମ୍ଭୀର। ଯେମିତି ସେ ଅନ୍ୟ ଗୋଟାଏ ସତ୍ତାରେ ନିମଗ୍ନ।

ସେ ଦାଣ୍ଡଘରେ ବିଶ୍ରାମ ନେଉଥା'ନ୍ତି। ମୋର ଇଚ୍ଛା ଥିଲେ ବି ମୁଁ ଆଉ ଅଷ୍ଟପ୍ରହର ପାଖକୁ ଗଲି ନାହିଁ। କିଛି ସମୟ ପରେ ବାପା ଖାଇବା ଧରି ଆସି ପହଁଚିଲେ। ବୋଉ ଘର ଭିତର ପିଣ୍ଡାରେ କଦଳୀପତ୍ରରେ ଖାଇବା ବାଢ଼ିଦେଇ ବାପାଙ୍କୁ କହିଲା ବଡ଼ବାପାଙ୍କୁ ଡାକିବାକୁ। ମୁଁ ଅପେକ୍ଷା କରିଥିଲି ବଡ଼ବାପା କେମିତି ସେ ଘରୁ ବାହାରିବେ। ମୁଁ ଯାଇ ସେ ବଂଶୀକୁ ଥରେ ଭଲକରି ଦେଖିବି। କ'ଣ ଅଛି ସେ ବଂଶୀରେ ଯେ ସେ ଏତେବାଟ ଆସିଛନ୍ତି ବଂଶୀଟାକୁ ନେବାକୁ।

ବଡ଼ବାପା ଖାଇଲାବେଳେ ମୁଁ ପଛପଟ ଦେଇ ସେ ଘରଭିତରେ ଯାଇ ଦେଖେ ତ ତାଙ୍କ ମୁଣ୍ଡପାଖ ତକିଆ ପାଖରେ ଥୁଆହୋଇଛି ବଂଶୀଟା। ଉଠାଇ ଧରିଲି। କେମିତି ଗୋଟାଏ କମ୍ପନ ସୃଷ୍ଟି ହେଲାପରି ଲାଗିଲା ମୋ ଦେହରେ। ଭଲକରି ଚାହିଁଲି। ଏତେଦିନ ପରେ ବି ତେଲରେ ମାଲିସ ହେଲାପରି ଚିକ୍‌ଚିକ୍ ଦିଶୁଥିଲା ବଂଶୀଟା। ଇଚ୍ଛା ହେଉଥିଲା ଥରେ ପାଟିରେ ପୂରାଇ ଫୁଙ୍କି ଦିଅନ୍ତି, କିନ୍ତୁ ଡରିଗଲି ଯଦି ବଡ଼ବାପା ଜାଣନ୍ତି କାଳେ କ'ଣ ଭାବିବେ। ବାଁ ହାତରେ ଧରି ଡାହାଣ ହାତରେ ଆଉଁଶି ଆଣିଲି ବଂଶୀଟାକୁ। ମୋତେ ଲାଗୁଥିଲା ମୁଁ ଯେପରି ମୋ ବଡ଼ମା ପାଦକୁ ଆଉଁଶି ଦେଉଛି। ମୁଁ ଜାଣିନି ମୋ ଅଜାଣତରେ କାହିଁକି ଲୁହ ଦୁଇଟୋପା ଆଖିରୁ ଗଡ଼ିପଡ଼ିଲା ସେ ବଂଶୀ ଉପରେ। ପୁଣି ମୁଁ ଯେଉଁଠି ଥୁଆ ହୋଇଥିଲା ବଂଶୀକୁ ସେଠି ଥୋଇଦେଲି। ପାପୁଲିରେ ମୋ ଲୁହକୁ ପୋଛି ବାହାରି ଆସିଲି ଦାଣ୍ଡ ପିଣ୍ଡାକୁ।

ବଡ଼ବାପା ଖାଇସାରି ହାତଧୋଇ ବାପାଙ୍କୁ କହିଲେ, ଆ ତ ଟିକିଏ ଏ ଘରକୁ।

ବାପା ମଧ୍ୟ ଶିଶୁଟିଏ ପରି ସେ ଘରକୁ ଗଲେ। ବଡ଼ବାପା ତାଙ୍କ ଥଳିରୁ କାଗଜ ଦୁଇଖଣ୍ଡ ବାହାର କରି ବାପାଙ୍କ ହାତକୁ ବଢ଼ାଇଦେଇ କହିଲେ, "ନେ ଏଇଟା ରଖ। ଜମିବାଡ଼ି ଘର ସବୁ ତୋ ନାମରେ କରିଦେଇଛି। ଏଣିକି ଏ ସବୁ ତୋର। ପାରିବୁ ଯଦି ଏତିକି କରିବୁ, ନଈ ପାଣି ଅତଡ଼ାଖାଇ ଦିନକୁଦିନ ରାଧାମାଧବଙ୍କ ମନ୍ଦିର ପାଚେରି ଧରିଲାଣି। ପଥର କେତେଖଣ୍ଡ ଆଣି ଗୋଟାଏ ବନ୍ଧ ଭଳି କରିଦେବୁ। ନଈପାଣି ମାଡ଼ ହେଲେ ବି ଯେମିତି ମନ୍ଦିରର କିଛି କ୍ଷତି ନ ହୁଏ।

ବାପା ଆଶ୍ଚର୍ଯ୍ୟ ହୋଇ ପଚାରିଲେ, କିନ୍ତୁ ଏ ସବୁ କାହିଁକି?

– ଆଉ କ'ଣ ହେବ ଏ ଘର, ଜମିବାଡ଼ି ମୋର। ସେଇ ବୃନ୍ଦାବନରେ ହିଁ ଆମ ଦୁଇଜଣଙ୍କ ଜୀବନ ଯିବ। ଏତିକି କୃଷ୍ଣ, କହ୍ନେୟା ପାଖରେ ଆମ ଦୁଇଜଣଙ୍କ ଅଳି।

ବଡ଼ବାପା କହୁଥିଲେ ବଡ଼ ନିର୍ବିକାର ଭାବରେ। ସକାଳର ଖରା ପରି ମୁହଁ ତାଙ୍କର ତେଜୋଦୀପ୍ତ ଦିଶୁଥିଲା। ମୁଁ ଓ ବୋଉ ବାହାରେ ଛିଡ଼ାହୋଇ ଖାଲି ଯାହା ଆଶ୍ଚର୍ଯ୍ୟ ହୋଇ ଶୁଣୁଥିଲୁ।

ବାପା କହୁଥିଲେ ହେଉ। ଆପଣ ରାତିରେ ବିଶ୍ରାମ ନିଅନ୍ତୁ। ସକାଳେ ସେ କଥା ଚିନ୍ତା କରିବା। ବଡ଼ବାପା କହିଲେ ମୁଁ ଯାଉଛି ସେଇ ରାଧାମାଧବ ମନ୍ଦିରରେ ଯାଇ ରହିବି। ସକାଳୁ ସକାଳୁ ବାହାରିଯିବି। ଭାଉଜ ତୋର ମୋତେ ଅପେକ୍ଷା କରିଥିବ।

ବଡ଼ବାପା ତାଙ୍କ ଥଳିରେ ବଂଶୀଟାକୁ ପୂରାଇ ଘରୁ ବାହାରି ଆସିଲେ। ବାପାଙ୍କୁ ଆଉକିଛି କହିବାକୁ ବି ସମୟ ଦେଲେନି।

ସକାଳ ହେଲାମାତ୍ରେ ନିଦରୁ ଉଠି ମୁଁ ଧାଇଁଥିଲି ନଈପାଖ ରାଧାମାଧବଙ୍କ ମନ୍ଦିରକୁ। ଦେଖିଲି ବଡ଼ବାପା ସେଠି ନାହାନ୍ତି। ଗାଁଟା ସାରା ଲୋକ କୁହାକୁହି ହେଉଥିଲେ କାଲି ରାତିସାରା ରାଧାମାଧବ ମନ୍ଦିରରେ ବଂଶୀ ବାଜୁଥିଲା।

ସଦାକକେଇଙ୍କୁ ସେଠି ଦେଖି ମୁଁ କହିଲି କ'ଣ ଥିଲା ସେ ବଂଶୀଟାରେ ଏମିତି ଯେ, ବଡ଼ବାପା ଏତେବାଟ ବଡ଼ବୋଉ କଥାରେ ଦୌଡ଼ିଆସିଲେ ବଂଶୀଟା ନେବାକୁ?

ସଦାକକେଇ ବଡ଼ ଈଶ୍ୱରପ୍ରେମୀ ଲୋକ। କହିଲେ ତୁ ପିଲାଲୋକ ତୁ ବୁଝିପାରିବୁନି। ସେଇ ବଂଶୀ ସ୍ୱନ ପାଇଁ ପରା ଶତସହସ୍ର ଗୋପନାରୀ ଏକଦା ପାଗଳ ହୋଇଯାଇଥିଲେ। ସେଇ ବଂଶୀ ସ୍ୱର ପାଇଁ ପରା ଦିନେ ତୋ ବଡ଼ବୋଉ ତା' ଘରଛାଡ଼ି ତୋ ବଡ଼ବାପାଙ୍କ ପାଖକୁ ପଳାଇ ଆସିଥିଲା। ସେ ଖାଲି ବାଉଁଶ ତିଆରି ବଂଶୀ ଖଣ୍ଡେ ନୁହେଁ। ସେଥିରେ ଅଛି ହୃଦୟଭରି ଭଲପାଇବା, ପ୍ରେମ, ସେ ପ୍ରେମ ଆମ ତମ ପ୍ରେମ ପରି ନୁହେଁ, ସେ ଐଶ୍ୱରୀୟ, ନୈସର୍ଗିକ ହୃଦୟର ଅନାବିଳ ପ୍ରେମ।

ମୁଁ କିଛି ବୁଝି ନପାରି ସଦାକକେଇଙ୍କୁ ଯାହା ଚାହିଁଥିଲି।

■■■

ରାହାଡିଙ୍ଗା, ଜଗତସିଂହପୁର-୭୫୪୧୦୪

ଯାଜ୍ଞସେନୀ ହୋତା

ଶିକ୍ଷୟିତ୍ରୀ ବୃତ୍ତି ଭିତରେ ସାରସ୍ୱତ ସାଧନା ଜାରି ରଖିଛନ୍ତି । କବିତା, ଗଳ୍ପ ତଥା ଶିଶୁକିଶୋର ଉପଯୋଗୀ ଲେଖା ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ ହୋଇ ଆଦୃତି ଲାଭ କରିଛି । ବାଣୀ ଆରାଧନା ପାଇଁ ବିଭିନ୍ନ ଅନୁଷ୍ଠାନ ଦ୍ୱାରା ସମ୍ବର୍ଦ୍ଧିତ ଓ ସମ୍ମାନିତ । ପ୍ରକାଶିତ ଗଳ୍ପସଂକଳନ 'ସ୍ୱର୍ଣ୍ଣସେତୁ' ।

ମୋକ୍ଷ ପଥେ

ନିଜ ପରିଚୟ ହରେଇ ସାରିଲା ପରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିବାକୁ ଅପରିଚିତ ଜାଗାକୁ ବାଛିନେବାକୁ ବାଧହୁଏ ମଣିଷ ।

ରାଗିଣୀ ବି ବାଧହେଇ ଖୋଜୁଛି ଏକ ନୂଆ ଠିକଣା ।

ଫାଟକ ମୁହଁରେ ବ୍ରେକ୍ ମାରିଲା ଗାଡି । ତଳେ ପାଦଥାପିଲା ରାଗିଣୀ । ତା' ଆଖି କାହା ମୁହଁରେ ପଡିବା ଆଗରୁ ସିକ୍ୟୁରିଟି ଧାଇଁଆସି ଜିଜ୍ଞାସା କଲା...

କାହାକୁ ଖୋଜୁଛନ୍ତି ?

ହଁ ...ଏଠିକାର ମୁଖ୍ୟଙ୍କୁ ।

କିଛି କାମଥିଲା??

ଅଛି ....

ପୂର୍ବାପେକ୍ଷା ଉଲ୍ଲସିତ ଦିଶିଲା ମାଟିଆ ଡ୍ରେସ୍ ପିନ୍ଧା ଝିଅଟି ।

ଅପେକ୍ଷା କରିବାକୁ ଅଙ୍ଗୁଳି ନିର୍ଦ୍ଦେଶ କରି ଭିତରକୁ ଚାଲିଗଲା ଆଉ ସାକ୍ଷାତ୍ କରିବାର ଆଦେଶନାମା ନେଇ ଆସିଲା ।

ଭିତରକୁ ପ୍ରବେଶ କଲା ରାଗିଣୀ । ବିରାଟ୍ ପାଚେରି, ଭିତରେ ହରରଙ୍ଗୀ ଫୁଲର ବଗିଚା । ପ୍ରଜାପତି ପରି ବଗିଚାରେ ଘୁରୁଛନ୍ତି ଭିନ୍ନଭିନ୍ନ ବୟସର ପୁଅଝିଅ । ବାଆଁପଟେ ଅଫିସ୍ ଗୃହ । ଏକ ସାଧାରଣ କାଠ ଚୌକିରେ ବସିଛନ୍ତି... ଜଣେ ମଧ୍ୟବୟସ୍କା ସ୍ତ୍ରୀ । ଶ୍ରୀମତୀ ରାଗିଣୀକୁ ଦେଖୁଦେଖୁ ଉଠିପଡି ହାତଯୋଡି ଅଭିବାଦନ ଜଣେଇଲେ । ପ୍ରତି ନମସ୍କାର୍ କଲା ସେ ।

ବସିବାକୁ ଇସାରା କରି କହିଲେ... କୁହନ୍ତୁ ମାଡାମ୍ କି ସେବା କରିପାରେ ମୁଁ?

ବେବି ଆଡପ୍ଟ କରିବାକୁ ଆସିଛନ୍ତି ନା ପିଲାଙ୍କୁ ଜନ୍ମଦିନର ଉପହାର ଦେବାକୁ?

ଆପଣ ତ ଭାରି ସମ୍ଭ୍ରାନ୍ତ ଜଣାପଡୁଛନ୍ତି । ଅନେକ ଦମ୍ପତି ଆସନ୍ତି ଏଠିକି ଅନାଥ ଶିଶୁକୁ କୋଳେଇ ନେଇ ଏକ ସ୍ୱତନ୍ତ୍ର ପରିଚୟ

ଦେବାକୁ। କେହି କେହି ନିଜର ଜନ୍ମଦିନ ଉତ୍ସବ ପାଳନ କରି ପିଲାଙ୍କୁ ମିଷ୍ଟାନ୍ନ ଆଉ ଉପହାର ବାଣ୍ଟନ୍ତି।

ଫିକା ହସଟିଏ ହସିଲା ରାଗିଣୀ..କେବଳ ଏଇଥିପାଇଁ ଆସନ୍ତି? ଆଉ ଏଠିକାର ପରିଚାରିକାମାନେ?

ସମ୍ଭ୍ରାନ୍ତ ନାମକ ବିଶେଷଣ ପଦକୁ ବିଶ୍ଳେଷଣ କଲା। କିଏ ସମ୍ଭ୍ରାନ୍ତ?

ରୂପ ସହ ନାଁର ଅପୂର୍ବ ସମନ୍ୱୟ। ହେଲେ ସେ ଗର୍ବରେ ଫାଟିଉଠେ ଯେତେବେଳେ କିଏ ତାକୁ ସମ୍ବୋଧନ କରନ୍ତି ମିସେସ୍ ଦାସ୍ ବୋଲି। ସ୍ୱାମୀଙ୍କ ପରିଚୟରେ ପରିଚିତ ହେବାରେ ସର୍ବଦା ଲାଳାୟିତ ହେଉଥାଏ ନାରୀ ଟିଏ। ପିତାଙ୍କର ପରିଚୟ ତ ସେଇଦିନ ହଜିଯାଏ, ଯେବେ ଝିଅଟିଏ ପରଗୋତ୍ରୀ ହେଇଯାଏ ଅଗ୍ନିକୁ ସାକ୍ଷୀ ରଖି। କେବଳ ମୁଠାଏ ବିଶ୍ୱାସକୁ କାନିରେ ଗଣ୍ଠି ପକାଇ ପାଦ ବଢାଏ। ପର ଘରେ ମହମହ ବାସ୍ନା ବାଣ୍ଟେ, ଦିକ୍ ଦିକ୍ ଜଳୁଥାଏ ଦୀପ ଭଳି ଆଉ ସ୍ୱର୍ଗଟିଏ ରଚୁଥାଏ ନିତିନିତି। ସର୍ବଦା ଗଢୁଥାଏ ଆଶାର ତାଜ୍ ମହଲ୍।

ସୁନା, ହୀରା ବିମଣ୍ଡିତା, ପାଟଶାଢ଼ି ପରିହିତା, ଓଠରେ ଖିଲିଖିଲି ହସ ଲାଗିରହିଥିବା ସ୍ତ୍ରୀ ଲୋକଟିଏ ସିନା..ଏ ପଦର ପଦବାଚ୍ୟ..?

ନ ଥିଲା କି ସେ ଏ ପଦର ଅଧିକାରିଣୀ?

ହେଲେ... କାଲିଠୁ ତ ସେ ନିଃସ୍ୱ ହେଇଯାଇଛି। ହରେଇ ସାରିଛି ଜୀବନର ସର୍ବସ୍ୱ। ଭାଙ୍ଗିଯାଇଛି ମେରୁଦଣ୍ଡ, ସର୍ବହରା ତା'ର ସାଂଜ୍ଞା। ଐଶ୍ୱର୍ଯ୍ୟର ଉତ୍ତାଳ ସମୁଦ୍ର.. ଲହଡି ଭାଙ୍ଗୁଥିବାବେଳେ ଚଳୁରେ ଗର୍ଭସ୍ଥ ହେଇ ଯାଇଛି ବିଶ୍ୱାସଘାତକର କପଟ ପାପୁଲିରେ ପାପୁଲିଏ ପାଣି ହେଇ।

ନିର୍ମଳ ନାରୀତ୍ୱର ସଫେଦ୍ ପଣତରେ ଲାଗିଯାଇଛି ମେଞ୍ଚାଏ ଅଭିଶାପର କାଳି।

ଚିଫ୍ ଏକ୍‌ଜିକ୍ୟୁଟିଭ୍ ଇଞ୍ଜିନିୟର ଅଶୋକ୍ ଦାସଙ୍କ ଧର୍ମପତ୍ନୀ ରାଗିଣୀ ଦାସ, କଲୋନୀର ସବୁଠୁ ସୁନ୍ଦରୀ ତଥା ଶ୍ରେଷ୍ଠ ସ୍ୱାମୀ ସୋହାଗିନୀ ବୋଲି ଗୁଞ୍ଜରଣ ସୃଷ୍ଟି କରୁଥିବା ରାଗିଣୀ ଆଜି କେଉଁ ଅନାଥାଶ୍ରମରେ ଛିଡା ହେଇଛି ଆଶ୍ରୟ ପାଇଁ?

ଏଇତ... ଗତ ଜୁଲାଇ ବାର...। ପଚିଶତମ ବିବାହବାର୍ଷିକୀର ଧୁମ୍‌ଧାମ୍ ଆସର। ଗର୍ଜିଅସ୍ ପାର୍ଟି, ବାଣ ଫୋଟକା, ମ୍ୟୁଜିକ ମେଲୋଡି ଅପୂର୍ବ ଆୟୋଜନ। ଗୋଟେ ପ୍ଲାଟିନମ୍ ହାର ପିନ୍ଧେଇଦେଲେ ସ୍ୱାମୀ ଅଶୋକ। ଆଶ୍ଚର୍ଯ୍ୟ ହେଇନଥିଲା ରାଗିଣୀ। ତା' ପ୍ରତି ଜନ୍ମଦିନର, ଆଉ ପଚିଶ ବର୍ଷର ଧରି ବିବାହ ବାର୍ଷିକୀର ଉପହାର ସୁନା ହାର, ଚୁଡି ମୁଦି କାନଫୁଲରେ ତା' ବାକ୍ସରେ ଆଉ ଜାଗା ନାହିଁ। ନୂଆ ପୁରୁଣା ସବୁ ଆଦରରେ ସାଇତି ରଖିଛି ଭେଲ୍‌ଭେଟ୍ ବାକ୍ସରେ ଚାବିଦେଇ ପୈତୃକ ସମ୍ପତ୍ତିରୁ ଭାଗ ମିଳିଥିବା ସିନ୍ଦୁକରେ।

ଏଇ ଗୋଟେ ଦିନ ସବୁତକ ହାର ଏକାଥରକେ ପିନ୍ଧି ପକାଏ ରାଗିଣୀ।

ପୁରୁଣାଯାକ ବଦଳେଇ ନୂଆ ନେଇ ଆସୁନ... କହନ୍ତି ମିଷ୍ଟର ଅଶୋକ।

ନା ଥାଉ... ଫେଣ୍ଟି ହେଇକି ରହିଛି ଏଥିରେ ପ୍ରେମ।

ସେସବୁ ଭାଙ୍ଗିଦେଲେ କାଳେ ତୁମ ପ୍ରେମ ବି ଭାଙ୍ଗିଯିବ.. ରାଗିଣୀ କହେ।

ଛାତି ଉପରକୁ ଆଉଜେଇ ନେଇ ତା' ଚମ୍ପାକଢି ପରି ଆଙ୍ଗୁଳିକୁ ଓଠ ପାଖକୁ ନେବା ପୂର୍ବରୁ ଫୁଲେଇ ହେଇ ସେ କହେ ଥାଉ ଥାଉ..ଏ ବୁଢା ବେଳେ ଉଚ୍ଛୁଳା ପ୍ରେମ...ଦେହ ସହିବନି।

ପ୍ରାଚୁର୍ଯ୍ୟରେ କଟିଛି ପିଲା ବେଳ।

ରାଗିଣୀ ରତ୍ନ ସ୍କୁଲର ନାଁ, ବାପା ଡାକୁଥିଲେ ଡାଇମଣ୍ଡ, ଜେଜୀ ଡାକୁଥିଲା ରତ୍ନମଣି, ଆଉ ଅଶୋକ ଡାକନ୍ତି ରାଗିଣୀ...

ରୂପ ସହ ନାଁର ଅପୂର୍ବ ସମନ୍ୱୟ। ହେଲେ ସେ ଗର୍ବରେ ଫାଟିଉଠେ ଯେତେବେଳେ କିଏ ତାକୁ ସମ୍ବୋଧନ କରନ୍ତି ମିସେସ୍ ଦାସ୍ ବୋଲି।

ସ୍ୱାମୀଙ୍କ ପରିଚୟରେ ପରିଚିତ ହେବାରେ ସର୍ବଦା ଲାଳାୟିତ ହେଉଥାଏ ନାରୀ ଟିଏ। ପିତାଙ୍କର ପରିଚୟ ତ ସେଇଦିନ ହଜିଯାଏ, ଯେବେ ଝିଅଟିଏ ପରଗୋତ୍ରୀ ହେଇଯାଏ ଅଗ୍ନିକୁ ସାକ୍ଷୀ ରଖି।

କେବଳ ମୁଠାଏ ବିଶ୍ୱାସକୁ କାନିରେ ଗଣ୍ଠି ପକାଇ ପାଦ ବଢାଏ। ପର ଘରେ ମହମହ ବାସ୍ନା ବାଣ୍ଟେ, ଦିକ୍ ଦିକ୍ ଜଳୁଥାଏ ଦୀପ ଭଳି ଆଉ ସ୍ୱର୍ଗଟିଏ ରଚୁଥାଏ ନିତିନିତି। ସର୍ବଦା ଗଢୁଥାଏ ଆଶାର ତାଜ୍ ମହଲ୍।

ପଦ୍ମପାଖୁଡା ପରି ଢଳଢଳ ହେଉଥିବା ଆଖିରେ ଆଖି ମିଶେଇ ବେଳେବେଳେ ଅଶୋକ କୁହନ୍ତି... ଈଶ୍ୱର ତୁମକୁ ଭାରି ଫୁରୁସତ୍‌ରେ ଗଢିଛନ୍ତି... ବୁଝିଲ ରବିବାରିଆ କି ଲମ୍ବା ଖରାଛୁଟିରେ ଗଢିଥିବେ ତୁମକୁ...। ଅଣଚାଶ ବୟସରେ ବି ତୁମ ମୁହଁରେ ଯେଉଁ ଝଟକ ନା...

ଭାରି ଭୟ ମୋର..କାଳେ ତୁମ ପ୍ରେମରେ ଟୋକାମାନେ ପଡିଯିବେ..।

ସେ ଭୟ ଜମା ରଖନା ମନରେ...।

ଓଲଟାଇ ଦିଏ କଥା.କହେ

ଆଉ ତୁମେ?

ମୁଁ ଏକପତ୍ନୀ ବ୍ରତ ନିୟମ ପାଳୁଥିବା ସ୍ୱୟଂ ରାମଚନ୍ଦ୍ର।

ଓଃ! ମୋତେ ନିର୍ବାସନ ଦଣ୍ଡଦେଇ ମର୍ଯ୍ୟାଦା ପୁରୁଷର ଡିଣ୍ଡିମ ପିଟିବ ତା'ହେଲେ?

ଓହୋ... ସେତିକି ଭାବି ପାରୁଛ ଡାର୍ଲିଂ। ମୋ ପାଇଁ ଲୋଡା ପଡିବନି ବି ରାଗିଣୀର ସୁବର୍ଣ୍ଣ ପ୍ରତିମା..ଯଦି ଶତପୁଣ୍ୟ ଅର୍ଜନ କରିବାକୁ ଅଶ୍ୱମେଧ ଯଜ୍ଞର ଆବଶ୍ୟକତା ପଡେ କେବେ। ତୁମେ ହିଁ ତୁମେ ମୋର... ପ୍ରାଣପ୍ରିୟା, ପ୍ରିୟତମା ହୃଦୟ ଈଶ୍ୱରୀ, ମୂର୍ତ୍ତିମନ୍ତ ମୃଣ୍ମୟୀ... ଅପରୂପା ଦେବୀ। ତାଜମହଲଟେ ଗଢି ଦେଇପାରେ ତୁମ ନା'ରେ ସାହାଜାହାନ ହେଇ ତୁମ ପ୍ରେମର ସଜଳ ସ୍ମୃତିକୁ ସାଇତି ରଖିବାକୁ।

ତରଳି ଯାଏ ରାଗିଣୀ । ମାନବୀରୁ ଦେବୀ ପାଲଟିଯାଏ । ପ୍ରମୋସନ୍ ପାଇଯାଏ ସୀତାଙ୍କଠୁ ଆହୁରି ଉର୍ଦ୍ଧ୍ୱକୁ, ରାଗିଣୀରୁ ମମ୍‌ତାଜକୁ ।

ନା... ସେ କେବେ ସନ୍ଦେହ କି ଅବିଶ୍ୱାସଟିଏ କରିପାରିବନି ସ୍ୱାମୀଙ୍କୁ, ତାଙ୍କ ଭଲପାଇବାକୁ କି ସ୍ୱାମୀଙ୍କର ଚରିତ୍ରକୁ ।

ସେ ତ ବିଶ୍ୱର ସର୍ବଶ୍ରେଷ୍ଠ ପତି ସୋହାଗିନୀ ପ୍ରତିଯୋଗିତାରେ ପ୍ରଥମ ପୁରସ୍କାର ବିଜୟିନୀ ହେବାର ପ୍ରତିଦ୍ୱନ୍ଦ୍ୱିତା କରିପାରେ... ଅପୂର୍ବ ସୁନ୍ଦରୀ ଷୋଡ଼ଶୀଙ୍କ ସହ ।

ପଚିଶ ବର୍ଷର ମହକିତ, ଉଲ୍ଲସିତ ଦାମ୍ପତ୍ୟ ଜୀବନ । ବିଳାସମୟ ଦିନଚର୍ଯ୍ୟା, ପ୍ରତିଟି ରାତି ଚାନ୍ଦିନୀ ରାତି, ନା ଅଭାବ ସୁଖର, ସନ୍ତାନର କି ଅଭାବ ପ୍ରେମର...।

ପ୍ରାଚୁର୍ଯ୍ୟର ଉଚ୍ଛୁଳା ଜୁଆର, ସମ୍ଭୋଗର ଶ୍ୟାମଳ ଉପତ୍ୟକା..ସେ ହେଉଛି... ରାଗିଣୀ ରତ୍ନ ଦାସ ।

ଚେହେରାରେ ଭାଙ୍ଗ ପଡିଯିବ ବୋଲି ମସାଜ୍ କ୍ରିମ୍‌ଠୁ ଫେସ୍ ୱାସ୍ ଯାଏ ସବୁ ଆସେ ବ୍ରାଣ୍ଡେଡ୍ କମ୍ପାନୀରୁ । ଚାକରଠୁ ରୋଷେଇଆ ମାଳୀଠୁ କୁକୁର ଯାଏ, କେତେ ସେବାକାରୀ ରାଗିଣୀ ପଛରେ ତା' ସୌନ୍ଦର୍ଯ୍ୟକୁ ଅକ୍ଷତ ରଖିବା ଦାୟରେ । କଲୋନୀରେ, ସହରରେ, ରାସ୍ତା ଘାଟରେ ବହୁଚର୍ଚ୍ଚାର ବିଷୟ... ମିସେସ୍ ଦାସ୍‌ଙ୍କର ଶାଢି, ସୁନା, ଚପଲ, ବଗିଚାର ରଙ୍ଗବେରଙ୍ଗୀ ଗୋଲାପର, ଚାକର ବାକର ଆଉ ଘରକରଣାର ।

ସବୁ ପ୍ରଶଂସାର ଶ୍ରେୟଯାଏ ମିଷ୍ଟର୍ ଅଶୋକ ଦାସଙ୍କ ପାଖକୁ ।

ବିବାହ ବାର୍ଷିକୀର ଉତ୍ସବ ଜନିତ କ୍ଳାନ୍ତି ଦୂରେଇ ନଥିଲା ଦେହରୁ । ଓଠରୁ ଲିଭି ନଥିଲା ଦାମୀ ଲିପ୍‌ଷ୍ଟିକ୍‌ର ଗାଢ ନାଲି ରଙ୍ଗ । ମର୍ଣ୍ଣିଂ ୱାକ୍‌ରୁ ଫେରି ସମ୍ବାଦ ପତ୍ର ଖୋଲୁଖୋଲୁ କିଛି ନୂଆଖବର ଶୁଣେଇବା ଏକ ଅଭ୍ୟାସ ମି. ଦାସ୍‌ଙ୍କର ।

ଚୋରି, ହତ୍ୟା, ଧର୍ଷଣ..। ବୟସ୍କ ଶିକ୍ଷକଙ୍କ ନାବାଳିକା ଛାତ୍ରୀ ପ୍ରତି ଅସତ୍ ଆଚରଣ ।।

ଛିଃ ଏମାନଙ୍କୁ ଫାଶୀ ଦରକାର...। ଝିଙ୍ଗାସିଲା ସ୍ୱରରେ କହିଲା ରାଗିଣୀ ।

ମିଷ୍ଟର୍ ଦାସଙ୍କ ମୁହଁରେ ସାମାନ୍ୟ ଉଦାସିଆ ଭାବ...

ଯଦି ତୁମ ନିଜ ଲୋକ କେହି ଏ କାମ କରେ?

ତା' ବିରୁଦ୍ଧରେ ଲଢେଇ କରିବି.... ଉଚ୍ଚ ପାଟିରେ କହିଲା ରାଗିଣୀ ।

ସକାଳ ପ୍ରାୟ ନ'ଟା । ତା' ଘର ଚାରିପଟେ ପ୍ରବଳ ଭିଡ । ପୁଲିସ, ଉତ୍ତ୍ୟକ୍ତ ଜନତା, ଠେଙ୍ଗାବାଡି... ହୋ ହଲ୍ଲା । କିଛି ବୁଝିପାରୁନଥାଏ ରାଗିଣୀ ।

ମି.ଅଶୋକ ଦାସଙ୍କ ନାଁରେ ୱାରେଣ୍ଟ । ବାର ବର୍ଷର ନାବାଳିକାକୁ ଧର୍ଷଣ ।

ନା... ହେଇ ନପାରେ... କେବେ ନୁହେଁ ଉଚ୍ଚପାଟିରେ ଚିତ୍କାର କଲା ରାଗିଣୀ ।

ଘରୁ ହାତକଡି ପକେଇ ଟାଣିଟାଣି ନେଇଗଲା ପୁଲିସ୍ ।

ଜ୍ୱଳନ୍ତ ପ୍ରମାଣ ଦେଉଥିଲା ନାବାଳିକାର ସ୍ୱଷ୍ଟ ବୟାନ୍ ।

ତା' ଦେହର କ୍ଷତ ଚିହ୍ନ ।

ରାସ୍ତା କଡର ତେଜରାତି ଦୋକାନ୍‌ରେ ଲାଗିଥିବା ସିସି କ୍ୟାମେରାର ସ୍ୱଷ୍ଟଚିତ୍ର ଦୃଶ୍ୟମାନ ହେଉଥିଲା... ଚକୋଲେଟ୍ ଯାଚି ସେ ଝିଅକୁ ହାତଧରି ଅବହେଳିତ ହେଇ ପଡିଥିବା ସରକାରୀ କ୍ୱାଟରକୁ ନେଇଯିବାର ଦୃଶ୍ୟ ।

ଏହା କ'ଣ ଚକ୍ରାନ୍ତ? ନା ଏ ଆଖି ଧୋକା ଖାଇଯାଉଛି?

ତା' ଆଖିଆଗରେ କ'ଣ ସବୁ ଘଟିଗଲା? ଭାବି ପାରୁନଥିଲା ରାଗିଣୀ ।

ତନ୍ନତନ୍ନ କରି ଖୋଳତାଡ଼ କଲା ନିଜ ସ୍ୱାମୀଙ୍କ ମନ୍ଦ ଚରିତ୍ରର କିଛି ସାଙ୍କେତିକ ପ୍ରମାଣପତ୍ର । କିଛି ବି ପାଇଲାନି ଟେର୍ ।

ହେଲେ... ଏ ସିସି କ୍ୟାମେରା କ'ଣ ଭୁଲ୍ କହିବ?

ମନେ ପକେଇବାକୁ ଚେଷ୍ଟାକଲା...

ଥରେ ଗାଏବ ହେଇଯାଇଥିଲା ତା' ଅତି ପ୍ରିୟ... ପିଆଜ ରଙ୍ଗର ପିଓର୍ ସିଲ୍କ ଶାଢି । କେତେ ଖୋଜିଲା... ଆଲମାରି, କପ୍‌ବୋର୍ଡ.. ଖିନ୍‌ଭିନ୍‌କରି ।

କଲୋନିର ମିସେସ୍ ରାୟ ପଚାରିଥିଲେ ମାସେ ପରେ... ଏତେ ସୁନ୍ଦର ଦାମୀ ଶାଢିଟା ଚାକରାଣୀକୁ ଦେଇଦେଲେ?? ମୁଁ ତ ଦେଖିଛି ମେଲାରେ ସେହି ଶାଢିଟା ପିନ୍ଧି ସେ ଦୋଳି ଝୁଲୁଥିଲା । ମୋର ବହୁତ ପସନ୍ଦ ଥିଲା ସେ ଶାଢି... ଆଶ୍ଚର୍ଯ୍ୟ ହେଲା ରାଗିଣୀ, ଚୋରି କରିଥିବ ଚାଣ୍ଡାଲୁଣୀ... ହେଲେ ସବୁ ଜିନିଷ ସଜଡା ଥିଲା । ଚୋରଣୀ ଦୋଷରେ ଚୁପ୍‌ଚାପ୍ ବାହାର୍ କରିଦେଇଥିଲେ ତାକୁ...। ତା'ହେଲେ...ଛିଃ

ନନ୍ ବେଲ୍ କେସ୍ । ଖୋଜା ଚାଲିଥିଲା ସାକ୍ଷୀ ଆଉ ପ୍ରମାଣ । ରାଗିଣୀ ଗଲା ଦେଖା କରିବାକୁ ସ୍ୱାମୀଙ୍କୁ

ସତ୍ ସାହସ ଯୋଗାଡକରି ଦମ୍ଭିଲା ଛାତିନେଇ ।

ମିଷ୍ଟର ଛିଡା ହେଇଥିଲେ... ଆତତାୟୀ ପରି... ତଳମୁହାଁ ହେଇ । ତା' ଛାତିକୁ ହଜାରେ ପ୍ରଶ୍ନ ବିଦ୍ଧ କରୁଥିଲେ ବି କିଛି ପଚାରିଲାନି ସେ । ଦେଖିନେଲା ଖାଲି ମୁହଁକୁ ।

ଏମିତି ଜଘନ୍ୟ ପାପ କରିଥିବା ସ୍ୱାମୀର ସ୍ତ୍ରୀମାନେ ଓକିଲମାନଙ୍କର ଗୋଡ ଧରି ନେହୁରା ହେଉଥିବେ? ପୀଡିତାର ମାଆ ବାପାଙ୍କର ଗୋଡତଳେ ପଡି ଲକ୍ଷ ଲକ୍ଷ ଟଙ୍କାର ନିଲାମ୍ ଡାକୁଥିବେ? ନା ସେ ପାରିବନି... ସେ ନେବ ଏକ କଠୋର ପଦକ୍ଷେପ । ଯୋଗ୍ୟ ପୁତ୍ରର ବାପ, ସୁନ୍ଦରୀ, କୁଶଳୀ, ସର୍ବଗୁଣସମ୍ପନ୍ନା ସ୍ତ୍ରୀର ପାରିଲା ସ୍ୱାମୀର ଏ ଅପରାଧ ନିଶ୍ଚୟ ଅକ୍ଷମଣୀୟ । ଦୁନିଆ ଛେପ ପକାଇବ ତା' ମୁହଁରେ । ସର୍ବଂସହା ନାରୀର ବିଦ୍ରୋହିଣୀ ରୂପ ଦେଖି ଛି' ଛାକର କରିବେ ଲୋକେ ତାକୁ । କରନ୍ତୁ.. । ଅନ୍ୟାୟକୁ ମଥାପାତି ସହିନେବା ଲୋକ ଦୋଷୀଠୁ ଅଧିକ ଦଣ୍ଡନୀୟ, ଏକଥା ସେ ଭଲଭାବେ ଜାଣେ ।

ହାତ ଯୋଡିଲେ ମିଷ୍ଟର ଦାସ ।

ଥରୁଟିଏ ରାଗିଣୀ... କ୍ଷମା କରିଦିଅ ମୋତେ । କ'ଣ ନକରିଛି ମୁଁ ତୁମପାଇଁ । ଏ ସାମାନ୍ୟ ଭୁଲ୍‌ଟିଏ କେମିତି କେଜାଣି...? ଅଜସ୍ର ବ୍ୟାଙ୍କ ବାଲାନ୍ସ ଅଛି । ଖର୍ଚ୍ଚକରି ମୋତେ ମୁକୁଳେଇ ନିଅ ।

ସାମାନ୍ୟ ଭୁଲ? ଏ ବୁଢା ବୟସରେ...? ପୁଣି ବା'ର ବର୍ଷର ଛୁଆ ସାଥିରେ ଛିଃ..

କିଛି କହିଲାନି ରାଗିଣୀ... ଫେରି ଆସିଲା ସେ ବିଶ୍ୱାସଘାତକ ଧର୍ଷଣକାରୀର ସାମନାରୁ ।

ତା'କୁ ହାଣୁଥିଲା ହଜାରେ ପ୍ରଶ୍ନ । ଲଢିବ କି ସ୍ୱାମୀ ସପକ୍ଷରେ?

ଏମିତି ଦୁର୍ଘଟଣା ତା' ଜୀବନରେ ହେଇଛି ନା ଆଉ କାହା ଜୀବନରେ ହେଇଥିବ?

ଏମିତି ଜଘନ୍ୟ ପାପ କରିଥିବା ସ୍ୱାମୀର ସ୍ତ୍ରୀମାନେ ଓକିଲମାନଙ୍କର ଗୋଡ ଧରି ନେହୁରା ହେଉଥିବେ?

ପୀଡିତାର ମାଆ ବାପାଙ୍କର ଗୋଡତଳେ ପଡି ଲକ୍ଷ ଲକ୍ଷ ଟଙ୍କାର ନିଲାମ୍ ଡାକୁଥିବେ?

ନା ସେ ପାରିବନି... ସେ ନେବ ଏକ କଠୋର ପଦକ୍ଷେପ । ଯୋଗ୍ୟ ପୁତ୍ରର ବାପ, ସୁନ୍ଦରୀ, କୁଶଳୀ, ସର୍ବଗୁଣସମ୍ପନ୍ନା ସ୍ତ୍ରୀର ପାରିଲା ସ୍ୱାମୀର ଏ ଅପରାଧ ନିଶ୍ଚୟ ଅକ୍ଷମଣୀୟ ।

ଦୁନିଆ ଛେପ ପକାଇବ ତା' ମୁହଁରେ । ସର୍ବଂସହା ନାରୀର ବିଦ୍ରୋହିଣୀ ରୂପ ଦେଖି ଛି' ଛାକର କରିବେ ଲୋକେ ତାକୁ । କରନ୍ତୁ.. । ଅନ୍ୟାୟକୁ ମଥାପାତି ସହିନେବା ଲୋକ ଦୋଷୀଠୁ ଅଧିକ ଦଣ୍ଡନୀୟ, ଏକଥା ସେ ଭଲଭାବେ ଜାଣେ ।

ଝିଅର ବାପା ଖୋଜୁଥିଲେ... ସାକ୍ଷୀ... ଦୋଷୀ ବିପକ୍ଷରେ । ପଇସାବାଲା ବିପକ୍ଷରେ ପାଟି ଫିଟେଇବାକୁ କେହି ସାହସ କରୁନଥିଲେ ।

ନିଜେ ଛିଡାହେଲା କାଠଗଡାରେ ।

ମୋବାଇଲ୍‌ରେ ରେକର୍ଡ ଅନ୍ କରି ସ୍ୱୀକାର୍ କରିଥିବା ବାର୍ତ୍ତାଳାପ ସହ ସ୍ୱାମୀ ବିପକ୍ଷରେ ବୟାନ ଦେଲା ।

ଆଶ୍ଚର୍ଯ୍ୟ ହେଲା ସାରା ସହର..., ମିଡିଆ ଆଉ ସାରା ଦୁନିଆ ।

ସକାଳର ଖବର କାଗଜର ମୁଖ୍ୟ ଖବର ଥିଲା... ସ୍ତ୍ରୀଙ୍କ ସାକ୍ଷ୍ୟ ପ୍ରମାଣ କ୍ରମେ ନାବାଳିକାକୁ ଧର୍ଷଣ ଅପରାଧରେ ମିଷ୍ଟର ଅଶୋକ ଦାସଙ୍କୁ ଆଜୀବନ କାରାଦଣ୍ଡ ।

ବିଦେଶରେ ଗବେଷଣାରତ ପୁଅକୁ କିଛି ଜଣେଇବା ଆବଶ୍ୟକ ମନେ କଲାନି ।

ଲକର୍ ଖୋଲି କାଢ଼ିଲା ସୁନା ଗହଣା, ପାଟଶାଢ଼ି । ଝୁମ୍ପୁଡ଼ିରେ ବାଣ୍ଟିଦେଇ ଆସିଲା ଶାଢ଼ିତକ ।

ସ୍ୱାମୀଙ୍କ ପ୍ରେମଭରା ଉପହାର, ସୁନା ଗହଣାତକ ନେଇ ଧର୍ଷିତା ନାବାଳିକା ଘରେ ଥୋଇ ଫେରିଆସିଲା ଶତ ବାରଣ ସତ୍ତ୍ୱେ ।

କିଛି ବ୍ୟାଙ୍କ ବାଲାନ୍ସ ପୁଅ ନାଁରେ ଆଉ କିଛି ଅନାଥାଶ୍ରମ ନାଁରେ କରେଇ ନେଇଛି ରାଗିଣୀ ।

ଆପଣ କିଛି କହିଲେନି ତ?

ଚମକି ପଡିଲା ରାଗିଣୀ ।

ଆରେ ହଁ ତ... ଏଠି ପରିଚାରିକା ଦରକାର୍?

ଆପଣ? କାହାପାଇଁ କହୁଛନ୍ତି?

ମୋ ପାଇଁ । ପଚାଶ ଲକ୍ଷ ଟଙ୍କାର ସମ୍ପତ୍ତି ଆଶ୍ରମ ନାଁରେ ଡୋନେଟ୍ କରିବି । ଆଉ ଏ ପିଲାଙ୍କର ଯତ୍ନ ନେବି ।

ଆଶ୍ଚର୍ଯ୍ୟ ହେଇ ଚାହିଁଥିଲେ ଅନାଥାଶ୍ରମର ପରିଚାଳିକା ।

ମନା କରନ୍ତୁନି, ପିଲାଙ୍କୁ ମୁଁ ଖୁବ୍ ଭଲ ପାଏ, ଆଉ ସ୍ୱାସ୍ଥ୍ୟ ସଚେତନତା ଉପରେ ଯଥେଷ୍ଟ ଜ୍ଞାନ ବି ଅଛି ମୋର । ବରଂ ଏ ମୋକ୍ଷ ପଥରେ ଚାଲିବା ପାଇଁ ମୋତେ ସହାୟ ହୁଅନ୍ତୁ । ଏ ନିରୀହ ଛୁଆଙ୍କ ସେବାକରି ମୁଁ ମୋକ୍ଷ ହେଇଯିବି ଏ ଜଟିଳ ସଂସାରରୁ ।■■■

ଆସ୍ଥା ପବ୍ଲିକ ସ୍କୁଲ୍, ବେଲପଡା, ବଲାଙ୍ଗୀର

ପ୍ରୀତିପ୍ରିୟା ମହାନ୍ତି

ବୃତ୍ତିରେ ଶିକ୍ଷୟିତ୍ରୀ । ସାହିତ୍ୟ ସାଧନା ପ୍ରତି ରୁଚିରୁ ଗଳ୍ପ, କବିତା ଓ ଶିଶୁ ସାହିତ୍ୟ ଲେଖନ୍ତି । ତାଙ୍କ ଲେଖାରେ ସମାଜ ଜୀବନର ଚିତ୍ର ଓ ମାନବୀୟ ସମ୍ବେଦନା ପ୍ରତିଫଳିତ ।

ନୀଳ ଆକାଶରୁ ନୀଡ଼ର ଦୂରତା

ସାରିଆ ସେଦିନ ବିଦ୍ୟାଳୟରୁ ଫେରି କ୍ଷୀର ନେଇ ସହରୀ ବାବୁ ରହୁଥିବା ଡାକବଙ୍ଗଳାକୁ ଯାଇଥିଲା । ଗଲା ଯେ ଗଲା ଆଉ ଫେରିଲାନି । ବାବୁ ରହୁଥିବା ଡାକବଙ୍ଗଳାକୁ ଯାଇ ଦେଖିଲୁ ସେଠି କେହି ନାହାନ୍ତି ।

ଦୁଇଦିନ ହେଲାଣି ଝିଅଟିକୁ ଖୋଜି ଖୋଜି ଆମେ ସ୍ୱାମୀ ସ୍ତ୍ରୀ ଦୁଇଟା ନୟାନ୍ତ ହେଇଗଲୁଣି । ବିଦ୍ୟାଳୟଠାରୁ ଆରମ୍ଭ କରି ରେଳ ଷ୍ଟେସନ ଯାଏ, ଏପରିକି ଗାଁ କୂଅମୂଳ ପୋଖରୀ ତୁଠକୁ ବି ବାଦ୍ ଦେଇନୁ, କିନ୍ତୁ ବାବୁ

ଝିଅର କିଛି ଖବର ମିଳୁନି । ସାଙ୍ଗସାଥି କେହି ବି କିଛି କହିପାରୁ ନାହାନ୍ତି । ଆମକୁ ଦୟା କରନ୍ତୁ ସାହେବ ।

କାନ୍ଦି କାନ୍ଦି ଧନୁ ମୁଣ୍ଡା ପୁଲିସ ବାବୁଙ୍କୁ ଗୁହାରି କରୁଥିଲା । ପୁଲିସ ବାବୁ ସବୁ ଶୁଣି ନ ଶୁଣିଲା ପରି ଦାନ୍ତ ନିକୁଟୁ ଥାଆନ୍ତି । କ'ଣ ସବୁ କାଗଜପତ୍ର ଦେଖାଦେଖି କରି ଟା' ଢୋକେ

ତୁମ ସହରୀମାନଙ୍କ ପରି ଆମେ ସାତ ପୁରୁଷ ପାଇଁ ସଞ୍ଚୟ କରୁନା । ଟଙ୍କା, ବ୍ୟାଙ୍କ ବାଲାନ୍ସ, ଗାଡି ଘୋଡାରେ ଅଟକି ଯାଉନା । ବଣମୁଲକର ଲୋକ ଆମେ, ନିଜ କର୍ମ ଉପରେ ବିଶ୍ୱାସ ରଖୁ । ଖୁବ୍ ମେହେନତି କରୁ । ନିଜ ପରିବାର ପାଇଁ ତିନି ଓଳି ଖାଇବା ଯୋଗାଡ଼ କରିଥାଉ । ଜଙ୍ଗଲ ଏ ଆଦିବାସୀ କୁ କ'ଣ ନ ଦେଇଛି ଯେ ସେ ତୁମଠାରୁ ନେଇକି ଯିବ । ଆଦିବାସୀ ତା ଜଙ୍ଗଲକୁ ଭଲପାଏ । ମଣିଷକୁ ଭଲପାଏ । ତୁମର ଗୋଟିଏ ଝିଅ ତୁମକୁ ଦିନେ ବୋଝ ହେଇଥିଲା ବାବୁ । ହେଲେ ମୁଁ ଆଜି ଗର୍ବରେ କହୁଛି ମୋର ତିନିତିନିଟା ଝିଅ । ତମେ ଆଜି ଖାଇ କାଲି କ'ଣ ଖାଇବ ଚିନ୍ତା କର । ଆଦିବାସୀ ଆଜି ଯାହା ଖାଏ ସେତିକିରେ ଖୁସିରେ ରହେ ।

ଢୋକେ ପିଉଥା'ନ୍ତି । ପୁଣି ପଚାରୁଥାଆନ୍ତି କ'ଣ ହୋଇଛି ତମର ଆଉ ଥରେ କୁହ । ସେଇ କଥା ଧନୁ ମୁଣ୍ଡା ପାଞ୍ଚ ଥର ଦୋହରେଇଲାଣି, ପୁଲିସବାବୁ କହୁଛି ଆଉ ଥରେ କହ । ପୁଣି କେତେବେଳେ କହୁଛି ଜଙ୍ଗଲୀ ବାଘ ବୋଧେ ଖାଇଯାଇଥିବ । ଖୋଜିଲେ ଆଉ କ'ଣ ସେ ମିଳିବ? ମନ ବିରକ୍ତି ହୋଇ ସ୍ୱାମୀ ସ୍ତ୍ରୀ ଦୁହେଁ ଫେରିଗଲେ । ଦୁହେଁ ମୁହଁ ଚାହାଁ ଚାହିଁ ହୋଇ କାନ୍ଦିଲେ । ଅଖିଆ ଅପିଆ ପଡିରହିଲେ । ଭାଗ୍ୟକୁ ନିନ୍ଦିଲେ । ଝିଅକୁ କେତେ ସରାଗ କରି ରଖିଥିଲେ ଦୁହେଁ । ସ୍କୁଲ ସାର୍ କହୁଥିଲେ ଆମ ଆଦିବାସୀ ମୁଲକରୁ ସେ ପ୍ରଥମ ଝିଅ ଭାବେ ନିଶ୍ଚୟ ମାଟ୍ରିକ ପାସ କରିବ । ପାଠ ପଢାରେ ତା'ର ଭାରି ମନ ବୋଲି ପାଠ ବି ପଢାଉଥିଲେ । ହେଲେ ଏବେ ସେମାନେ ତାକୁ କୋଉଠି ଖୋଜିବେ । ରତନୀ ଝିଅକୁ ବାହୁନି ବାହୁନି କଣ୍ଠା ହେଲାଣି ।

ଚାରିପଟେ ଗଦା ଗଦା ଦାମୀ ଖେଳନା । ସହରର ଭଲ ସପିଂ ମଲରୁ ଦାମୀ ଡ୍ରେସ୍, ସୁସ୍ୱାଦୁ ଖାଇବା ଜିନିଷ, ନୂଆ ବ୍ୟାଗ୍, ନୂଆ ବହିପତ୍ର । ହେଲେ କିଛି ବି ସାରା ମନକୁ କିଣିପାରୁନି । ଅନେକ ଚେଷ୍ଟା କରି ବି ସାରାକୁ ମନେଇବାରେ ଅସଫଳ । ସାରାର ଗୋଟିଏ ଜିଦ୍ ସେ ଖୋଲା ଆକାଶରେ ଉଡିବ । ପାହାଡ଼ ଚଢିବ । ତା' ବା' ଆଉ ମା' ସହ ସାରା ଜଙ୍ଗଲ ଖେଦିଯିବ । ଏ ସହରର ପାଣି,ପବନ ଚାଲିଚଳନ ତାକୁ ଭଲ ଲାଗୁନି । ଏ ସାରା ନାଁଟା ବି ତା'ର ନୁହେଁ, ସେ ସାରିଆ । ଥରେ ସେ ଏ ଘରୁ ମୁକୁଳିଲେ ତା' ବା'କୁ ଯାଇ ସବୁ କହିବ । ତା' ବା' ଧନୁ ତୀରରେ ସହରୀ ବାବୁକୁ ଠିକ୍ ଜବାବ ଦେବ ।

ହସି ହସି କୁହନ୍ତି ସିଦ୍ଧାର୍ଥ ବାବୁ ହଁ ସେ ରାଜି ଅଛନ୍ତି ତା' ବା'ର ତୀରରେ ମରିବାକୁ । ହେଲେ ତୁ ଖାଇ ପିଇ ବଞ୍ଚିଲେ ତ' ବା' ପାଖକୁ ଯିବୁ । ନିଜେ ପ୍ରଥମେ ଖାଇ ପିଇ ସୁସ୍ଥ ରହ, ପରେ ବା' ପାଖକୁ ଯାଇ ସବୁ କହିବୁ ।

ମମତା ଦେବୀ ଏ ସବୁ ଦେଖି ରାଗିକି ନିଆଁ ବାଣ । କିଛି ନ କହି ନ ଜଣେଇ କୁଆଡୁ ଏ ଝିଅକୁ ମନ ଇଚ୍ଛା ଧରିଆଣିଛ? ଭଲରେ ଯାକୁ ନ ଛାଡିଲେ ମୁଁ ତୁମ ନାଁରେ ଥାନାରେ କେସ୍ ଦେବି ବୋଲି ଧମକ ଦେଉଥାଆନ୍ତି ମମତା ଦେବୀ । ସିଦ୍ଧାର୍ଥ ବାବୁ ମୁଣ୍ଡ ପୋତି ସବୁ ସହି ଯାଉଥାଆନ୍ତି । ଥାନାକୁ ନ ଯିବା ପାଇଁ ନେହୁରା ହେଉଥାଆନ୍ତି । ଧୀରେ ଧୀରେ ସେ ସବୁ ବୁଝିଯିବେ ବୋଲି କହୁଥାଆନ୍ତି ।

ମମତା ଦେବୀ ଅବଶ୍ୟ ପରେ ବୁଝିପାରିଥିଲେ ସିଦ୍ଧାର୍ଥ କୌଣସି ମନ୍ଦ ଉଦ୍ଦେଶ୍ୟ ନେଇ ଝିଅଟିକୁ ଆଣି ନାହାନ୍ତି । ଝିଅଟିର ବାପା ମାଆ କେହି ନାହାନ୍ତି । ସେ ଅନାଥ । ତେଣୁ ସେ ତାକୁ ସାଙ୍ଗରେ ନେଇଆସିଛନ୍ତି । ଏବେ ସାରାକୁ ଦୁଇ ପୁଅଙ୍କ ସହ ସମାନ ଭାବେ ଆଦର କରୁଛନ୍ତି ମମତା ଦେବୀ ।

ମାଆର ସ୍ନେହ ଅଜାଡି ଦେଉଛନ୍ତି ତା' ଉପରେ । ଆଶ୍ଚର୍ଯ୍ୟ ହେଉଛନ୍ତି ଯେ ନିଜ କୋଳରେ ସବୁବେଳେ ଝିଅଟିଏ ପାଇଁ ଅନିଚ୍ଛା ପ୍ରକାଶ କରୁଥିବା ପୁରୁଷଟି ଆଜି ଏମିତି ଅଜଣା ଜଣେ ଝିଅ ପାଇଁ ନିଜ ପିତୃ ପ୍ରେମ ଢାଳିଦେଉଛନ୍ତି କିପରି? ବୋଧହୁଏ ଝିଅ ଟିଏ ନାହିଁ ବୋଲି ଝିଅର ଆବଶ୍ୟକତା ଏବେ ସେ ଅନୁଭବ କରିପାରୁଛନ୍ତି । ମମତାଙ୍କର ବି ତ' ଇଚ୍ଛା ଥିଲା ଝିଅଟିଏ ପାଇଁ । ସିଦ୍ଧାର୍ଥ ଭଲ କରିଛନ୍ତି ସାରାକୁ ସାଙ୍ଗରେ ଆଣିଛନ୍ତି । ଏବେ ସବୁଠୁ ଅଧିକ ସମୟ,ଅଧିକ ଭାଗ ଦେଉଛନ୍ତି ତାଙ୍କ ଆଦରର ସାରାକୁ । ମନେ ହେଉଛି ସତେ ଯେମିତି ସେ ତାଙ୍କର ନିଜ ଝିଅ । ସାରାକୁ ଖୁସି କରିବା ପାଇଁ ମମତା ଓ ସିଦ୍ଧାର୍ଥ ତାକୁ ଅନେକ ଜାଗା ବୁଲେଇବାକୁ ନେଉଛନ୍ତି ।

ଯା ଭିତରେ ତିନି ବର୍ଷ ବିତିଗଲାଣି । ସାରିଆ ଏଠୁ ମୁକୁଳିବାର କିଛି ଉପାୟ ନ ପାଇ ବାଧ ହୋଇ ରହୁଥାଏ । ତା'ର ମନ କିନ୍ତୁ ବହୁତ ଦୁଃଖ ଏଠିକୁ ଆସିବା ଦିନରୁ । ତା'ସହ ସାଙ୍ଗ ହେଉଥିବା ପ୍ରିୟ ଶୁଆ ଏବେ ପଞ୍ଜୁରୀରୁ କୁଆଡେ ଫେରାର୍ ହେଇଯାଇଛି । ହେଲେ ସେ କାହିଁକି ମନ ଦୁଃଖ କରିବ ଯେ? ଇଏ ତ ଖୁସିର କଥା ସେ ତା'ବାପା ମାଆ ପାଖକୁ ଉଡି ଯାଇଥିବ । ନୀଳ ଆକାଶରେ ଏବେ ଉଡି ବୁଲୁଥିବ । ସାରା ଆକାଶଟାକୁ ନିଜର କରିପକଉଥିବ । ସେ ଏ ପଞ୍ଜୁରୀରେ କେତେ ଛଟପଟ୍ ହେଉ ନ ଥିଲା ସତେ । ସେ ଖୁସି ହେବା ଉଚିତ୍ । ସାରା ଅପେକ୍ଷା ମମତା ଦେବୀ କିନ୍ତୁ ବେଶି ଦୁଃଖୀ । ବସାରେ ତା' ମାଆ ନ ଥିବାବେଳେ ତଳକୁ କେମିତି ଖସିପଡିଥିଲା ସେ । ସିଦ୍ଧାର୍ଥ ତାକୁ ଛୋଟଟିଏ ବେଳୁ ଘରକୁ ଆଣିଥିଲେ । ନିଜ ହାତରେ ସେ ତାକୁ ଖୁଆଇପିଆଇ ବଡ଼ କରି ଥିଲେ । ସମସ୍ତଙ୍କର ନାଁ ଧରି ଡାକି ଡାକି ଘରଟା ଯାକ ସେ

କମ୍ପଉଥିଲା । ହେଲେ ଆଜି ତାଙ୍କୁ ଧୋକା ଦେଇ କେଉଁଆଡେ ଚାଲିଯାଇଛି । ମନ ଭାରି ହେଇଯାଉଛି ତାଙ୍କର । ସାରାକୁ ପାଇ ସେ ଶୁଆକୁ ଭୁଲିବାକୁ ଚେଷ୍ଟା କରୁଛନ୍ତି ।

ରତନୀ ଏଣେ ସାରିଆକୁ ଭୁଲିବାକୁ ଚେଷ୍ଟା କରି ବି ପାରୁନି । ଧନୁ ଯେତେ ଯୁଆଡେ ଖୋଜିବା କଥା ଖୋଜିଲାଣି । କ'ଣ ବା ଆଉ କରିବ ଯେ ସିଏ? ରତନୀର ମନ ଖୁସି କରିବା ପାଇଁ ତାକୁ ବୁଲେଇବାକୁ ସହରକୁ ନେଇ ଆସିଲା । ଯେତେ ସହର ବୁଲିଲେ ଯାତ ଦେଖିଲେ ବି ସ୍ୱାମୀ ସ୍ତ୍ରୀ ଦୁହିଁଙ୍କ ମନ ବୁଝୁନି । ଉଭୟ ଉଭୟଙ୍କୁ ଖାଲି ଯାହା ମିଛି ମିଛିକା ଖୁସି ଦେବାକୁ ଚେଷ୍ଟା କରୁଛନ୍ତି । ସାରିଆର ସାନ ଦୁଇ ଭଉଣୀ ବି ଦିନ ରାତି ଖୋଜି ହେଉଛନ୍ତି । ଗହଳିର ଛାତି ଚିରି ଦଉଡି ଆସି କେହି ଜଣେ ରତନୀକୁ ଜୋର କରି ଜାବୁଡି ଧରିଛି । ରତନୀ ଖୁସିରେ ଗଦ୍ ଗଦ୍ । ଇଏ ତ' ସାରିଆ । ତା' ସୁନାଧନ, ତା' ଗଣ୍ଠିଧନ । ରତନୀର ଖୁସି କହିଲେ ନ ସରେ । କେତେ କୁଆଡେ ଆମେ ତତେ ନ ଖୋଜିଛୁ, ହେଲେ ତୁ ଇଆଡେ ଆସିଲୁ କେମିତି । ଏତିକିବେଳେ ମମତା ଦେବୀ ରତନୀ ହାତ ଧରି ଛାଟିଦେଲେ । କିଏ ତୁ? ଛାଡ଼ ମୋ ଝିଅର ହାତ । ରତନୀ ଖୁସିରେ କହିଲା ଇଏ ମୋ ଝିଅ ମାଆ । ମମତା ଦେବୀ ରାଗିଯାଇ କହିଲେ, ଗୋଟେ ଆଦିବାସୀ, ଅପରିଷ୍କାର, ମୂର୍ଖ ସ୍ତ୍ରୀ ଲୋକଟାଏ ତୁ । ତୁ ପୁଣି ମୋ ଝିଅକୁ ତୋ ଝିଅ ବୋଲି କହୁଛୁ । ସାରିଆର ଗୋଟେ ହାତ ମମତା ଦେବୀଙ୍କ ହାତରେ ଆଉ ଗୋଟେ ହାତ ରତନୀ ହାତରେ । ଉଭୟ ତାକୁ ଜୋର କରି ଟାଣିବାରେ ବ୍ୟସ୍ତ । ସାରା ମଝିରେ ଲହୁଲୁହାଣ । ଦେଖିବା ଲୋକ ଆଁ କରି ଚାହିଁଛନ୍ତି ଘଟଣା କ'ଣ?

ଏତିକି ବେଳେ ସିଦ୍ଧାର୍ଥ ବାବୁ ଆସି ପହଞ୍ଚିଲେ । ରତନୀ ସିଦ୍ଧାର୍ଥ ବାବୁଙ୍କୁ ଦେଖି ଗୋଡ଼ ତଳେ ପଡି କାନ୍ଦିବାକୁ ଲାଗିଲା । କ୍ଷମା କରିଦିଅ ବାବୁ ତମ ଅମାନତ୍ ମୁଁ ସାଇତି ପାରିଲିନି । ଏଇ ସ୍ତ୍ରୀ ଲୋକ ମୋଠୁ ଝିଅକୁ ତିନି ବର୍ଷ ହବ ଚୋରେଇ ନେଇ ରଖିଛି । ମତେ ଭୁଲ ବୁଝନି । କ'ଣ କେମିତି ହେଇଗଲା ମୁଁ କିଛି ଜାଣିପାରିଲିନି । ହେଲେ ମୁଁ ସାରିଆକୁ ମୋ ଭଲପାଇବା ଦେବାରେ ଏତେ ଟିକେ ହେଲେ ଊଣା କରିନି । ମମତା ଦେବୀ କହିଲେ କି ଅମାନତ୍, କାହା ଅମାନତ୍ କଥା କହୁଛୁ । ଇଏ ଗୋଟେ ଅନାଥ ଝିଅ, ମୋ ସ୍ୱାମୀ ତାକୁ ସାହାରା ହେବା ପାଇଁ ଆମ ଘରକୁ ନେଇଆସିଛନ୍ତି । ରତନୀ ଏ ସବୁ କଥାର ମାନେ କିଛି ବୁଝିପାରୁ ନ ଥାଏ । ସେ ସିଦ୍ଧାର୍ଥଙ୍କୁ ପଚାରୁଥାଏ ଇଏ କି କଥା ବାବୁ, ନିଜ ଝିଅକୁ ନିଜ ଘରେ ଅନାଥର ପରିଚୟ ଦେଇ ରଖିଛ କ'ଣ ପାଇଁ? ତେବେ ସେଦିନ ତାକୁ କିଏ ମୋ ଠାରୁ ଛଡେଇ ନେଇ ଆସିଲା? ଆଣିବାର ଥିଲା ଯଦି ପନ୍ଦର ବର୍ଷ ତଳେ ତାକୁ ମୋ ହାତରେ ଟେକି ଦେଇଥିଲ କ'ଣ ପାଇଁ? ସିଦ୍ଧାର୍ଥ କହିଲେ' ପନ୍ଦର ବର୍ଷ ତଳେ ତୁମ ଅଞ୍ଚଳରେ ମୋ ଚାକିରି ଥିବାବେଳେ ମୋର ଏଇ ଝିଅଟିଏ ଜନ୍ମ ହେଇଥିଲା । ଝିଅ ପ୍ରତି ମୋ ଧାରଣା ଭଲ ନ ଥିବାରୁ,ଝିଅ ମତେ ବୋଝ ପରି ଲାଗୁଥିବାରୁ ସେ ଜନ୍ମ ହେବା ପରେ ମୁଁ ତୋ ହାତରେ ତାକୁ ଟେକିଦେଇ ତା' ମାଆକୁ ମୃତ ବୋଲି ଜଣେଇ ଦେଇଥିଲି ସତ, ହେଲେ ପ୍ରତି ମୁହୂର୍ତ୍ତରେ ମୋ ବାପପଣିଆ ମତେ ଧିକ୍କାରୁ ଥିଲା । ତାକୁ ଖୋଜି ପାଇବା ଆଶାରେ ମୁଁ ପୁଣି ସେହି ଜାଗାକୁ ଯାଇଥିଲି । ମୋ ପାଇଁ କ୍ଷୀର ଆଣି ଆସିବାବେଳେ ମୁଁ ଜାଣିପାରିଥିଲି ସେ ମୋ ଝିଅ ବୋଲି । କାରଣ ତୁମ ସମ୍ପ୍ରଦାୟର ମଣିଷମାନଙ୍କଠାରୁ ସେ ଅଲଗା ଦିଶୁଥିଲା । ତା' ବା' ଓ ମା' ନାଁ ସେ ଧନୁ ମୁଣ୍ଡା ଓ ରତନୀ ମୁଣ୍ଡା ବୋଲି କହିଥିଲା । ତୁ ମତେ ଦେଖିବା ପୂର୍ବରୁ ମୁଁ ତାକୁ ନେଇ ପଳେଇ ଆସିଥିଲି । ମମତା ଦେବୀ ସ୍ୱାମୀଙ୍କର ଏ କଥା ଶୁଣି ଆଶ୍ଚର୍ଯ୍ୟ ହେଉଥାନ୍ତି । ଏତେ ଦିନ ଧରି ନିଜ ଝିଅକୁ ଚିହ୍ନିପାରି ନ ଥିବାରୁ ନିଜ ମାତୃତ୍ୱକୁ ଧିକ୍କାରୁ ଥାନ୍ତି । ରତନୀ କହିଲା ବାବୁ ଇଏ ତମ ଝିଅ ମତେ ଥରେ କହିକି ତ' ତମେ ସାରିଆକୁ ଆଣିପାରିଥାଆନ୍ତ । ସିଦ୍ଧାର୍ଥ କହିଲେ କ୍ଷୀର ଦେବାକୁ ଆସିଥିବା ସମୟରେ ଝିଅ ମୁହଁରୁ ଅନେକ କଥା ଶୁଣିଲି ତା' ବା' ଆଉ ମା'ର ତା ପ୍ରତି ଭଲପାଇବା । କହିଥିଲେ କ'ଣ ସେ ଭଲରେ ଆସିଥାଆନ୍ତା, ସେ ବିଶ୍ୱାସ ମୋର ହେଲାନି । ମୁଁ ତୁମମାନଙ୍କ ପ୍ରତି ତା' ଭଲପାଇବା ଓ ତା' ପ୍ରତି ତୁମମାନଙ୍କର ଭଲପାଇବା ଦେଖିବା ପରେ ଜାଣିପାରିଲି ସେ ମୋ ସହ ଆସିବାକୁ ରାଜି ହେବନି ।

ସବୁଠୁ ଭାଙ୍ଗି ପଡୁଥାଏ ସାରିଆ। କ'ଣ ଏ ସବୁ ତା' ଆଖି ଆଗରେ ଘଟିଯାଉଛି ସେ ଜାଣିପାରୁ ନଥାଏ। ରତନୀକୁ କହୁଥାଏ ଚାଲ ମା' ଚାଲ୍ ଏଠୁ ପଳେଇବା ଆମେ। ମମତା ଦେବୀ ସାରିଆର ହାତ ଧରି ନିଜ ପାଖକୁ

ମମତାଙ୍କ ଅନ୍ୟମନସ୍କତାକୁ ଭାଙ୍ଗି ଫର୍ ଫର୍ ହୋଇ ଉଡିଆସିଲା ଶୁଆ। ବସିଲା ମମତାଙ୍କ କୋଳରେ। ମମତା ଦେବୀ ତାକୁ ଆଉଁଶିଦେଇ ଉଡେଇଦେଲେ। କହିଲେ ଯା ତୋ ନୀଳ ଆକାଶକୁ। ତୁ ଏବେ ମୁକ୍ତ। ହେଲେ ଶୁଆ ଉଡି ଆସି ପୁଣି ବସିଲା ମମତାଙ୍କ କୋଳରେ। ଯିବାର ନାଁ ଆଉ ଧରିଲାନି। ମମତାଙ୍କୁ ଲାଗିଲା ସତେ ଯେମିତି ସେ କହୁଛି ମତେ ଉଡେଇ ଦେ ନା। ତୋ ହାତରୁ ଖାଇ ବଡ଼ ହେଇଛି ପରା, ତୋତେ ଛାଡି କ'ଣ ମୁଁ ରହିପାରିବି? ଆକାଶଟା ମୋର ହେଇପାରେ, ହେଲେ ଏଇ କୋଳ, ଏଇ ଘରକୁ ମୁଁ କ'ଣ ଭୁଲିପାରିବି? ସତରେ ପକ୍ଷୀଟିଏ ହୋଇ ବି ସେ ଏତେ କୃତଜ୍ଞ, ସ୍ନେହ ପ୍ରେମର ରଜ୍ଜୁରେ ବନ୍ଧା!

ଟାଣୁଥାଆନ୍ତି। ଲୁହ ସର ସର ଆଖିରେ ଝିଅକୁ ନିବେଦନ କରୁଥାଆନ୍ତି ନିଜ ସହ ଘରକୁ ଯିବାକୁ। ରତନୀ ବି ଅନେକ ବୁଝାଉଥାଏ ତୋ ନିଜ ବାପା ମାଆଙ୍କ ସହ ତୁ ଚାଲି ଯାଆ। ତୁ ବଡ଼ ଘର ଝିଅ। ମୁଁ ତୋର କି ଅଭାବ ପୂରଣ କରିପାରିବି? ଧନୁ ମୁଣ୍ଡା ରତନୀକୁ ନେଇ ଫେରିଯିବାକୁ ବାହାରିଥିବା ବେଳେ ସାରିଆ ମମତା ଦେବୀଙ୍କ ହାତ ଛାଡି ବା' ବା'କହି ଦଉଡି ଯାଇ ଧନୁ ମୁଣ୍ଡାକୁ ଜାବୁଡି ଧରିଲା। ସେଦିନ ସିନା ତୁ ନିଃସନ୍ତାନ ଥିଲୁ ବୋଲି ମୋ ଝିଅକୁ ଖୁସିରେ ଗ୍ରହଣ କରିଥିଲୁ ଏବେ ତ ତୋର ଦୁଇଟା ଝିଅ ହେଲେଣି। ଆଜି ଯାଏ ମୋ ଝିଅ ପାଇଁ ଯେତେ ଖର୍ଚ୍ଚ କରିଛୁ କହ, ସବୁ ଦେଇ ମୁଁ ମୋ ଝିଅକୁ ନେଇଯିବି। ତୋ ଅନ୍ୟ ଦୁଇ ଝିଅଙ୍କ ପାଠ ପଢା, ଅନ୍ୟାନ୍ୟ ଖର୍ଚ୍ଚ ବାବଦକୁ ବି ମୁଁ ସବୁ ଦେବାକୁ ରାଜି। ହେଲେ ତା' ବଦଳରେ ମୋ ଝିଅକୁ ମତେ ଫେରାଇ ଦେ'– କହିଲେ ସିଦ୍ଧାର୍ଥ ବାବୁ। ଧନୁ ମୁଣ୍ଡା ଭିଜା ଭିଜା ସ୍ୱରରେ କହିଲା ତୁମ ସହରୀମାନଙ୍କ ପରି ଆମେ ସାତ ପୁରୁଷ ପାଇଁ ସଞ୍ଚୟ କରୁନା। ଟଙ୍କା, ବ୍ୟାଙ୍କ ବାଲାନ୍ସ, ଗାଡି ଘୋଡାରେ ଅଟକି ଯାଉନା। ବଣମୁଲକର ଲୋକ ଆମେ, ନିଜ କର୍ମ ଉପରେ ବିଶ୍ୱାସ ରଖୁ। ଖୁବ୍ ମେହେନତି କରୁ। ନିଜ ପରିବାର ପାଇଁ ତିନି ଓଳି ଖାଇବା ଯୋଗାଡ଼ କରିଥାଉ। ଜଙ୍ଗଲ ଏ ଆଦିବାସୀ କୁ କ'ଣ ନ ଦେଇଛି ଯେ ସେ ତୁମଠାରୁ ନେଇକି ଯିବ। ଆଦିବାସୀ ତା ଜଙ୍ଗଲକୁ ଭଲପାଏ। ମଣିଷକୁ ଭଲପାଏ। ତୁମର ଗୋଟିଏ ଝିଅ ତୁମକୁ ଦିନେ ବୋଝ ହେଇଥିଲା ବାବୁ। ହେଲେ ମୁଁ ଆଜି ଗର୍ବରେ କହୁଛି ମୋର ତିନିଟିନିଟା ଝିଅ। ତମେ ଆଜି ଖାଇ କାଲି କ'ଣ ଖାଇବ ଚିନ୍ତା କର। ଆଦିବାସୀ ଆଜି ଯାହା ଖାଏ ସେତିକିରେ ଖୁସିରେ ରହେ। ପଇସାକୁ ସେ ପ୍ରେମ ସହ ତୁଳନା କରେନି।

ରତନୀ ଲୁଗା କାନିରେ ସାରିଆ ମୁହଁ ପୋଛିଦେଉଥାଏ। ମମତା ଦେବୀ ରାଗ ଓ ଦୁଃଖରେ ଗର୍ଜନ କରି କହୁଥାଆନ୍ତି– ଏତେ ସାହସ୍ ତୋର। ଜଣେ ଆଦିବାସୀ ସ୍ତ୍ରୀ ଲୋକ ହୋଇ ମୋ ଝିଅକୁ ସାଙ୍ଗରେ ନେଇଯିବୁ, ତୋ ମଇଳା ଲୁଗା କାନିରେ ମୋ ଝିଅର ମୁହଁ ପୋଛିବୁ।

ସବୁ ଶୁଣି ବି ରତନୀକୁ ଜଡେଇ ଧରିଥିବା ସାରିଆ କିନ୍ତୁ ନିଶ୍ଚଳ। ସାରିଆର ଅପତ୍ୟ ସ୍ନେହ, ମାତୃପିତୃ ପ୍ରେମ ଜଣେଇ ଦେଉଥାଏ ମଣିଷ ଛୁଆର ମନ କେବଳ ଛଳନାବିହୀନ ପ୍ରେମ ଖୋଜେ। ଭଲଖାଦ୍ୟର ଲାଳସା ତ' ପଶୁ କୁ ବି ମୋହରେ ପକେଇଦିଏ। ନିଃସ୍ୱାର୍ଥ ପ୍ରେମ ମିଳିଲେ ମଣିଷ ଯାହା ପାଖରେ ବି ବନ୍ଧା ପଡିଯାଇପାରେ। ଆଦିବାସୀ ଚଳଣି, ମୂର୍ଖ, ଅଶିକ୍ଷିତ ହେଲେ ବି ସେମାନଙ୍କ ପ୍ରେମରେ ସେ ବନ୍ଧା। ସହରର ଚାକଚକ୍ୟ, ବଡ଼ଲୋକିଆ ବାପା ମାଆ ଦେଖି ସେ ଭଳିଯିବନି। ମଣିଷ ସ୍ନେହ ପ୍ରେମର ଦାସ ହୋଇଥିବାବେଳେ ଆମେ ସହରୀ, ଆଦିବାସୀ ନାଁରେ ସମ୍ପର୍କକୁ କଳୁଷିତ କରୁନାହୁଁ କି? ସାରିଆ ଠିକ ବୁଝିଛି ସହରିଆଙ୍କ ରକ୍ତ ଆଦିବାସୀଙ୍କ ରକ୍ତ ଅଲଗା ନୁହେଁ। ସେ ଚାଲିଯାଇଛି ସେଇ ପାହାଡ଼, ନଈ, ଜଙ୍ଗଲ ଘେରା ଆଦିବାସୀ ଅଧ୍ୟୁଷିତ ଗାଁକୁ।

ମମତା ଦେବୀ ବାଲକୋନିରେ ଉଦାସ ହୋଇ ବସିଥିବା ବେଳେ ଭାବୁଥାଆନ୍ତି ସ୍ୱାମୀଙ୍କୁ ଝିଅ ପସନ୍ଦ ନୁହେଁ ବୋଲି ସେ ମୋ ଅଜାଣତରେ ଝିଅକୁ ଅନ୍ୟ ହାତରେ ଟେକିଦେଇଥିଲେ, ହେଲେ ମୁଁ ଏବେ କୋଉ ଅପରାଧର ଦଣ୍ଡ ଭୋଗୁଛି। ମମତାଙ୍କ ଅନ୍ୟମନସ୍କତାକୁ ଭାଙ୍ଗି ଫର୍ ଫର୍ ହୋଇ ଉଡିଆସିଲା ଶୁଆ। ବସିଲା ମମତାଙ୍କ କୋଳରେ। ମମତା ଦେବୀ ତାକୁ ଆଉଁଶିଦେଇ ଉଡେଇଦେଲେ। କହିଲେ ଯା ତୋ ନୀଳ ଆକାଶକୁ। ତୁ ଏବେ ମୁକ୍ତ। ହେଲେ ଶୁଆ ଉଡି ଆସି ପୁଣି ବସିଲା ମମତାଙ୍କ କୋଳରେ। ଯିବାର ନାଁ ଆଉ ଧରିଲାନି। ମମତାଙ୍କୁ ଲାଗିଲା ସତେ ଯେମିତି ସେ କହୁଛି ମତେ ଉଡେଇ ଦେ ନା। ତୋ ହାତରୁ ଖାଇ ବଡ଼ ହେଇଛି ପରା, ତୋତେ ଛାଡି କ'ଣ ମୁଁ ରହିପାରିବି? ଆକାଶଟା ମୋର ହେଇପାରେ, ହେଲେ ଏଇ କୋଳ, ଏଇ ଘରକୁ ମୁଁ କ'ଣ ଭୁଲିପାରିବି? ସତରେ ପକ୍ଷୀଟିଏ ହୋଇ ବି ସେ ଏତେ କୃତଜ୍ଞ, ସ୍ନେହ ପ୍ରେମର ରଜ୍ଜୁରେ ବନ୍ଧା! ମଣିଷ ବା ଏଥିରୁ ବାଦ ପଡ଼ନ୍ତା କିପରି? ■■■

ମୟୂରଝାଳିଆ, ରଣପୁର, ନୟାଗଡ଼

ଅନୁତ୍ତରିତ ବୋଝ

କୈଳାସ ଚନ୍ଦ୍ର ପାତ୍ର

ଅର୍ଥନୀତି ପ୍ରାଧ୍ୟାପକ ତଥା ଅଧ୍ୟକ୍ଷ ଭାବେ କାର୍ଯ୍ୟକରି ଅବସର ନେଇଛନ୍ତି । ବିଭିନ୍ନ ପତ୍ରପତ୍ରିକାରେ କ୍ଷୁଦ୍ରଗଳ୍ପ ପ୍ରକାଶ ପାଇ ପାଠକୀୟ ଶ୍ରଦ୍ଧା ଲାଭ କରିଛି । ଅବସର ପରେ ବି ଗଳ୍ପଲେଖା ଜାରି ରଖିଛନ୍ତି ।

ମୁଁ ସ୍ୱପ୍ନ ଦେଖୁନଥିଲି । ବରଂ ତାଙ୍କ ପ୍ରତିଶ୍ରୁତି ମୋତେ ସ୍ୱପ୍ନ ବିଭୋର କରିଦେଲା । ମୁଁ ମୋ ପରିବାରର ଭବିଷ୍ୟତ କଥା ଭାବି ଉଲ୍ଲସିତ ହେଲି, କିନ୍ତୁ ହଠାତ୍ ସ୍ୱପ୍ନ ଭାଙ୍ଗିଗଲା । ମନେ ହେଲା ଯେମିତି ତାଙ୍କର ସବୁ ପ୍ରତିଶ୍ରୁତି ମୋ ପାଇଁ ପ୍ରଲୋଭନ ବ୍ୟତୀତ ଅନ୍ୟ କିଛି ନଥିଲା । ମତେ ବହଲେଇ ମୋ ଠାରୁ କାମ ହାସଲ କରିବା ତାଙ୍କର ଉଦ୍ଦେଶ୍ୟ ଥିଲା । ଏଇ କଥା ଭାବି ମନଟା ବିଷାକ୍ତ ହୋଇ ଉଠିଲା । ଅପ୍ରାପ୍ତି ଓ ହତାଶାର ଅନ୍ଧାର ଭିତରେ ମୁଁ ବାଟବଣା ହୋଇଗଲି । ବିପଥକୁ ପଥ ଭାବି ଆପଣେଇ ନେଲି, ଯେଉଁଥିପାଇଁ ଆଜି ପଶ୍ଚାତ୍ତାପର ଅଗ୍ନିରେ ଜଳୁଛି ପ୍ରତିନିୟତ ।

ଭୁଲିବାକୁ ଯେତେ ଚେଷ୍ଟା କଲେ ବି ଆଖି ଆଗରେ ଦିଶିଯାଉଛି ମୋ କର୍ମଭୂମିର ଚିତ୍ରପଟ । ଏବେବି ମୁଁ ସେଠିକୁ ଯାଉଛି । ଘର ଜଗାରଖା କରିବାକୁ । ବାବୁଙ୍କ ପୁଅ ମୋତେ ଦାୟିତ୍ୱ ଦେଇଛନ୍ତି । ମୋର ଉତ୍ସର୍ଗୀକୃତ ସେବା ଓ ତ୍ୟାଗ ପାଇଁ ମୋତେ ସମସ୍ତେ ଜାଣନ୍ତି ବାବୁ ଘରର ବିଶ୍ୱସ୍ତ ଚାକରାଣୀ, କିନ୍ତୁ ବାବୁଙ୍କ ପୁଅ ସମେତ ଅନ୍ୟମାନଙ୍କ ଭାବନା ଭିତରେ ଥିବା 'ମୁଁ' ବାସ୍ତବରେ 'ମୁଁ' ନୁହେଁ ।

ଆଜି ମୁଁ ସେଠିକୁ ଗଲେ ସମସ୍ତେ ପ୍ରଶ୍ନିଳ ଦୃଷ୍ଟିରେ ଚାହୁଁଛନ୍ତି । ସକାଳୁ ସକାଳୁ ମୋ ଉପସ୍ଥିତିରେ ଯେଉଁ ଘରେ ଜୀବନ ସଞ୍ଚାର ହେଉଥିଲା, ଯେଉଁ ଗଛଲତା ମୋ ହାତଟେକା ପାଣି ମୁନ୍ଦେ ପାଇଁ ମୋ

ବାଟକୁ ଚାହିଁଥାଆନ୍ତି ସେମାନେ ସମସ୍ତେ ଆଜି ମୋତେ ଧିକ୍‌କାରୁଛନ୍ତି। ସେଥିପାଇଁ କୌଣସି ପ୍ରକାର ପାଇଟି ସାରି ତରବରରେ ଘରକୁ ପଳେଇ ଆସେ।

ଘରେ ବାହାରେ ଯେଉଁଠିକୁ ଗଲେ ମତେ ଦିଶିଯାଏ ବାବୁଙ୍କ ଛବି। ମନେ ପଡ଼ିଯାଏ ପୂର୍ବ କଥା ସବୁ। ବାବୁ ମୋର ପ୍ରଥମ ଦେଖା ହୋଇଥିଲେ ପରିବା ହାଟରେ। ସେଠି ହଠାତ୍ ଜଣଙ୍କର ଟଙ୍କା ଚୋରି ହୋଇଗଲା। ଚୋରକୁ ଖୋଜା ପଡ଼ିଲା। ସେଠି ପରିବା ଦୋକାନ ଆଗରେ ସବୁ ଧୋବଧାଉଳିଆଙ୍କ ମଧ୍ୟରେ ମୁଁ ଥିଲି ଏକା ମଳିମୁଣ୍ଡିଆ। ଭଦ୍ର ମୁଖାପିନ୍ଧା ଧୋବଧାଉଳିଆଙ୍କ ଭିତରେ ଚୋର ଥିଲେ ବି ମଳିମୁଣ୍ଡିଆଙ୍କୁ ଧରିବା କୋଉ ନୂଆ କଥା ଯେ! ସନ୍ଦେହରେ ମୋତେ ଧରିଲେ। ମୋ ବ୍ୟାଗଠାରୁ ଆରମ୍ଭ କରି ଅଣ୍ଟା ପର୍ଯ୍ୟନ୍ତ ସବୁ ଦେଖେଇଲି। ତଥାପି ସେମାନଙ୍କର ବିଶ୍ୱାସ ହେଲାନି। ବିନା ଦୋଷରେ ମୋତେ ଗାଳିଗୁଲଜ କଲେ। ଥାନାକୁ ନେବାକୁ ଧମକ ଦେଲେ। ମୁଁ କାନ୍ଦିବାକୁ ଲାଗିଲି। ସେତିକିବେଳେ ଅଚିହ୍ନା ବାବୁଜଣକ ମୋ ସପକ୍ଷରେ ଯୁକ୍ତି କଲେ। ତା' ପରେ ସମସ୍ତେ ନିରବ ହୋଇଗଲେ। ବାବୁଜଣକ ପରିବା ବ୍ୟାଗ ଧରି ତାଙ୍କ କାର୍ ପାଖକୁ ଗଲେ। ମୁଁ ମଧ୍ୟ ମୋ ପରିବା ବ୍ୟାଗ୍ ଧରି ଚାଲିଲି। ହଠାତ୍ ବାବୁ ଜଣକ ଡାକିଲେ। ମୁଁ ଅଟକିଗଲି। ବାବୁ ମୋର ଓ ମୋ ପରିବାର ବିଷୟରେ ଜାଣିବାକୁ ଚାହିଁବାରୁ ମୁଁ କହିଲି,

– ମୋ ନାଁ ରମା। ଏଇ ଅଳ୍ପ ଦୂରରେ ଆମ ଗାଁ। ଏଠିକି ଦେଢ଼ କି ଦି' କିଲୋମିଟର ହେବ। ଘରେ ମୋର ଗୋଟିଏ ପୁଅ, ଶାଶୂ ମା' ଓ ସ୍ୱାମୀ ଅଛନ୍ତି। ଗରିବ ସଂସାର। ଦିନକୁ ଦି' ଓଳି ଚୁଲି ଜଳିବା କଷ୍ଟକର। ଏଠି ସେଠି ପାଇଟି କରି ଘର ଚଳାଏ। ସ୍ୱାମୀଟି ମୋର ନିକମା। ସନ୍ଧ୍ୟା ହେଲେ ମୁଁ ଝାଳବୁହା ପରିଶ୍ରମ କରି ଆଣିଥିବା ଟଙ୍କାରୁ ତାଡ଼ି ପିଇବାକୁ ନେଇଯାଏ। ନ ହେଲେ ମାରଧର କରେ।

– ତୁ ଯଦି ରାଜି ହେବୁ ମୋ ଘରର ଦାୟିତ୍ୱ ତତେ ଦେଇଦେବି। ତୁ ମୋ ଘରର ଭଲ ମନ୍ଦ ସବୁ ବୁଝିବୁ। ତୋ ନିଜ ଘର ଚଳାଇବାକୁ ଯାହା ଦରକାର ମୁଁ ଦେଇଦେବି। ତୋର ଅଭାବ ରହିବ ନାହିଁ। ଏଠୁ ମାତ୍ର ଦୁଇ କିଲୋମିଟର ଦୂରରେ ମୋ ଘର। ଘରେ ମୁଁ ଏକା। ପୁଅ-ବୋହୂ ବିଦେଶରେ। ବହୁ ଅସୁବିଧାରେ ଚଳୁଛି ମୁଁ। ବୁଝିଲୁ ରମା! ସମସ୍ତେ ମତେ ଠକି ଦେଇ ଚାଲିଗଲେ। ଅଳ୍ପ ବୟସରେ ସ୍ତ୍ରୀ ଚାଲିଗଲା। ପୁଅ-ବୋହୂ ତାଙ୍କର ତାଙ୍କ ବାଟରେ ଚାଲିଗଲେ। ଚଳିବା ବଡ଼ କଷ୍ଟକର ହୋଇପଡ଼ିଲା। ଶେଷକୁ ମୋ ଦାଦା ଝିଅ ଭଉଣୀକୁ ମୋ ପାଖରେ ରଖିଲି। ସବୁ ଠିକ୍‌ଠାକ୍ ଚାଲିଥିଲା। ତା' ପରେ ତା'ର ହାତଉଠା ପଣ ଆରମ୍ଭ ହୋଇଗଲା। ବାଧ୍ୟ ହୋଇ ତାକୁ ନେଇ ତାଙ୍କ ଘରେ ଛାଡ଼ିଦେଲି।

ସବୁ ଶୁଣିଲା ପରେ ମୁଁ ରାଜି ହୋଇଗଲି। ତା' ପରଦିନ ପଚାରି ପଚାରି ଯାଇ ତାଙ୍କ ଘରେ ପହଞ୍ଚିଗଲି। ବାବୁ ପୋର୍ଟିକୋରେ ବସିଥିଲେ। ମତେ ଦେଖି ବକଟେ ହସ ତାଙ୍କ ଓଠ ସନ୍ଧିରୁ ଲଟେଇ ଆସିଲା। ବାବୁ ଉଠିଆସି ପ୍ରଥମେ ତାଙ୍କ ଘର ବାହାର ସବୁ ବୁଲେଇ ଦେଖେଇଲେ। ପ୍ରାୟ ପାଞ୍ଚ ଏକର ଜମି ଉପରେ ତାଙ୍କର ଘର ଓ ବାଡ଼ି ବଗିଚା। ଜାଗାର ଚାରିପଟରେ ଦିଆଲ ବୁଲିଛି। ସାମ୍ନାପଟ ଦିଆଲର କଡ଼େ କଡ଼େ ଓଲଟ ଦେବଦାରୁ ଗଛରୁ ଗହଳ ପତ୍ରର ସବୁଜିମାକୁ ନେଇ ଝୁଲି ପଡ଼ିଥିବା ଡାଳ ସବୁ ଜାଗାଟିର ଶୋଭା ବଢ଼ାଉଥିଲା। ବଗିଚାର କେନ୍ଦ୍ରସ୍ଥଳରେ ଏକ ବିରାଟ ଖ୍ରୀଷ୍ଟମାସ୍ ଗଛ ଡେଙ୍ଗେଇ ଯାଇଛି ଉପରକୁ ଓ ତା' ଚଉହଦି ବିଛେଇ ହୋଇପଡ଼ିଛି ସବୁଜ ଘାସର ଗାଲିଚା। ଏସବୁକୁ ଦେଖି ଯେତିକି ଖୁସି ଲାଗିଲା, ସେତିକି ଦୁଃଖ ବି ଲାଗିଲା। ବଗିଚାକୁ ଦେଖିଲେ ମନେ ହେଉଥିଲା ଯେମିତି ତା'ର ଶିରୀ ତୁଟିଯାଇଛି। ଗଛଗୁଡ଼ା ପାଣି ଅଭାବରେ ଝାଉଁଳି ପଡ଼ିଥିଲେ। ବାବୁଙ୍କୁ ପଚାରିବାରୁ କହିଲେ, ବଗିଚା ଦେଖାଶୁଣା କରିବାକୁ ଜଣେ ମାଳୀ ଥିଲା ଯେ ଚାରି ପାଞ୍ଚ ଦିନ ତଳେ ସେ ଛାଡ଼ି ଚାଲିଗଲା। ଏଣିକି ଘର ଚଳେଇବା, ରୋଷେଇ କରିବା ସହିତ ବଗିଚାରେ ପାଣି ଦେବା ତୋ କାମ।

ପ୍ରତିଦିନ ସକାଳ ଓଳା ବାବୁଙ୍କ ଚା' ଖାଇବା ସମୟକୁ ମୁଁ ପହଞ୍ଚିଯାଏ। ସେତେବେଳକୁ ବାବୁ ବସିଥାଆନ୍ତି ବଗିଚାରେ। ତାଙ୍କ ପାଖରେ ଚା' ପହଞ୍ଚାଇ ଦେଇ ମୁଁ ମୋ କାମରେ ଲାଗିଯାଏ। ସକାଳ ଓଳାର ଜଳଖିଆ ଓ ସାଢ଼େ ବାରଟା ସୁଦ୍ଧା ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା କରିଦେଇ ମୁଁ ଘରକୁ ଚାଲିଯାଏ। ପୁଣି ଅପରାହ୍ଣରେ ଆସି ବାବୁଙ୍କୁ ଚା' ବିସ୍କୁଟ ଦେଲାପରେ ଗଛରେ ପାଣିଦିଏ। ପାଣିଦିଆ କାମ ସରିଗଲା ପରେ ବେଳେବେଳେ ବାବୁ ତାଙ୍କ ପାଖରେ ବସିବାକୁ କୁହନ୍ତି। ମୁଁ ବସେ। ବାବୁ କହିଚାଲନ୍ତି ତାଙ୍କ ଜୀବନରେ ଘଟି ଯାଇଥିବା ସବୁ ସୁଖ ଦୁଃଖ କଥା।

ବାବୁଙ୍କ ପୁଅକୁ ଯେତେବେଳେ ଦଶ ବର୍ଷ, ବାବୁଆଣୀ ଚାଲିଗଲେ। ବାବୁ ଆଉ ବାହା ହେଲେନି। ସେଇ ପୁଅ ମୁହଁକୁ ଚାହିଁ ରହିଗଲେ। ବାପା ମା' ଉଭୟଙ୍କ କାମ ନିଜେ କଲେ। ସେଣେ ଚାକିରି କଥା ତୁଳେଇ ଘରକଥା, ବିଶେଷ କରି ପୁଅ କଥା ବୁଝିବା କଷ୍ଟକର ହୋଇପଡ଼ିଲା। ରୋଷେଇ ଓ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ଗୋଟିଏ ଲୋକ ରଖିଥିଲେ ଯେ ସେ ଛଅ ମାସ ରହି ଚାଲିଗଲା। ଶେଷରେ ବାଧ୍ୟ ହୋଇ ପୁଅକୁ ହଷ୍ଟେଲରେ ରଖି ପଢ଼ାଇଲେ। ପୁଅ ଭଲ ପାଠ ପଢୁଥିଲା। ଗ୍ରାଜୁଏସନ୍ ପରେ ରୁର୍‌କି ବିଶ୍ୱବିଦ୍ୟାଳୟରେ ଜିଓଲୋଜି ପଢ଼ିଲା। ସେଥିରେ ସେ ଟପ୍ପର ହେଲା ଓ ପରେ ପରେ ତୈଳ ଓ ପ୍ରାକୃତିକ ବାଷ୍ପ ଆୟୋଗ (ଓ.ଏନ୍.ଜି.ସି.)ରେ ଚାକିରି ହୋଇଗଲା। ବମ୍ବେରେ ତା'ର ପୋଷ୍ଟିଂ ହେଲା। ବାବୁ ଆଉ ବିଳମ୍ବ ନ କରି ପୁଅର ବାହା ଘର କରିଦେଲେ। ଭାବିଥିଲେ ବୋହୂ ଅନ୍ତତଃପକ୍ଷେ ବର୍ଷେ ଦୁଇ ବର୍ଷ ରହି ତାଙ୍କ ସେବା କରିବ। ବୋହୂ କିନ୍ତୁ ରହିବାକୁ ରାଜି ନ ଥିଲା। ମାସଟିଏ ରହିଛି କି ନାହିଁ ପୁଅ ସହିତ ବମ୍ବେ ଚାଲିଗଲା। ତାଙ୍କର ସେତେବେଳେ ମନେ ପଡୁଥିଲା ବାବୁଆଣୀଙ୍କ କଥା। ଶେଷ ସମୟରେ ବାବୁଆଣୀ କହିଥିଲେ, "ପୁଅକୁ ପାଠ ପଢ଼େଇ ମଣିଷ କରିବ, ବଡ଼ ଘରେ ବାହା କରିବନି। କୌଣସି ନିମ୍ନ ମଧ୍ୟବିତ୍ତ ଘରୁ ଶିକ୍ଷିତା ବୋହୂଟିଏ ଆଣିବ। ମୋର ତ ଆଉ ସମୟ ନାହିଁ, ସେ ଆସିଲେ ହୁଏତ ତୁମ କଥା ବୁଝିବ।" ବାବୁ ସେୟା କଲେ, କିନ୍ତୁ ଫଳ ଓଲଟା ହୋଇଗଲା।

ସମସ୍ତେ ବାବୁଙ୍କୁ ଛାଡ଼ି ଚାଲିଗଲେ। ଏତେ ବଡ଼ ବଙ୍ଗଳାଟାରେ ବାବୁ ଏକା ଜୀବନ ବିତେଇଲେ।

ନିଃସଙ୍ଗ ଜୀବନ ବିତେଇଲେ ବି ବାବୁ ଖୁସି ଥିଲେ। ବମ୍ବେରେ ଥିଲାବେଳେ ପୁଅ ମାସରେ ପ୍ରାୟ ଦୁଇ ଥର ଘରକୁ ଆସୁଥିଲା। ବୋହୂ କେବେ କେମିତି ବର୍ଷେ ଦି' ବର୍ଷରେ ଥରେ ଆସୁଥିଲା। ସେ ପାଇଁ ବାବୁଙ୍କ ମନ ଊଣା ହେଉଥିଲେ ବି ସେ ତାକୁ ମନ ଭିତରେ ଚାପି ଦେଉଥିଲେ। ତିନି ଚାରି ବର୍ଷ ପରେ ପୁଅ ମୋଟା ଅଙ୍କର ଦରମା ସହ ଚାକିରି ପାଇଗଲା ଆମେରିକାରେ। ସେ ଦିନ ବାବୁଙ୍କର ଆନନ୍ଦ କହିଲେ ନ ସରେ। ଗର୍ବରେ ଫାଟି ପଡ଼ିଲେ। ବନ୍ଧୁ ଓ ସମ୍ପର୍କୀୟମାନଙ୍କୁ ଡାକି ଗୋଟେ ବଡ଼ ହୋଟେଲରେ ପାର୍ଟି ଦେଲେ। ତା' ପରେ ପୁଅ ବୋହୂ ଆମେରିକା ଚାଲିଗଲେ। ଭାରତରେ ଥିବାବେଳେ ଯିଏ ମାସକୁ ଦୁଇ ଥର ଆସୁଥିଲା, ସେ ବର୍ଷକୁ ଥରେ ବି ଆସିଲାନି। ନାତିଟିଏ ହେବାର ବର୍ଷକ ପରେ ପୁଅ ବୋହୂ ଥରେ ଆସିଥିଲେ। ତା' ପରେ ଯାଇଛନ୍ତି ଯେ ଯାଇଛନ୍ତି। ଆଉ ଦେଖା ସାକ୍ଷାତ ନାହିଁ କି ଫୋନ୍‌ରେ କଥାବାର୍ତ୍ତା ନାହିଁ। ଶୂନ୍ୟତା ଭିତରେ ଯାହା ବଞ୍ଚିଛନ୍ତି ସେ। ଏଇ କଥା ସବୁ ଭାବି ଭାବି ସେ ଅସ୍ତବ୍ୟସ୍ତ ହୋଇପଡୁଥିଲେ। ସେତେବେଳେ ତାଙ୍କ ଭାବନା ଭିତରକୁ ପଶି ଆସୁଥିଲା ତାଙ୍କ ବନ୍ଧୁଙ୍କ କଥା। ତାଙ୍କ ବନ୍ଧୁ କହିଥିଲେ, ଏ ଖୁସି ରହିଲେ ହେଲା। ଯେଉଁ ପରୀକ୍ଷାର ଉଡ଼ାଣରେ ତୁ ଖୁସିରେ ଗଦ୍‌ଗଦ୍ ହୋଇ ଯାଉଛୁ କାଲି ତା'ର ରୂପାନ୍ତରଣ ହୋଇଯିବ ବହିରାଗତ ପକ୍ଷୀରେ। ଋତୁ ଆଉ ଅନୁକୂଳ ପାଗରେ କଦବା କେମିତି ହୁଏତ ଦେଖା ହୋଇଯାଇପାରନ୍ତି। ସତରେ ବନ୍ଧୁଙ୍କ କଥା ସତ ହୋଇଗଲା।

ଏମିତି ନିଜ ପୁଅ, ବୋହୂ, ନାତି ଓ ବାବୁଆଣୀ ସହ ବିତେଇଥିବା ଦିନମାନଙ୍କୁ ନେଇ ଯେତେ ଯାହା ହସ କାନ୍ଦର କାହାଣୀକୁ କହିସାରିବା ପରେ ବାବୁ କିଛି ସମୟ ଆତ୍ମସମାହିତ ହୋଇଯାଆନ୍ତି। ତା' ପରେ କୁହନ୍ତି, ଆଜି ଏତେ ଧନସମ୍ପତ୍ତି, କୋଠାବାଡ଼ି, ପୁଅ ନାତି ସବୁ ଥାଇ ବି ମୋର କିଛି ନାହିଁ। ଏକମାତ୍ର ତୁ ହିଁ ମୋର ସାହାଭରସା। କହିସାରିଲା ବେଳକୁ ବିନ୍ଦୁ ବିନ୍ଦୁ ତତଲା ଲୁହ ଇଡ଼ି ଆସେ ତାଙ୍କ ଗାଲ ଦେଇ।

ବାବୁ ଯେତେବେଳେ ଏଇ ସାହାଭରସା କଥା କୁହନ୍ତି ସେତେବେଳେ ବାଇଚଢ଼େଇର ଧୂଳି ଗାଧୁଆକୁ ଦେଖି ଚାଷୀକୁଳ ଭିଜାମାଟିର ଗନ୍ଧବାରି ଉଲ୍ଲସିତ ହେଲାପରି ମୁଁ ଉଲ୍ଲସିତ ହୋଇଉଠେ କିଛି ପ୍ରାପ୍ତିର ଆଶାରେ। ବାବୁ ବି ସେଥିରେ ହେଳା କରନ୍ତି ନାହିଁ। ମାସିକ ଦରମାକୁ ଛାଡ଼ି ଏମିତି କିଛି କିଛି ମଝିରେ ମଝିରେ ଦେଇଥା'ନ୍ତି। ସବୁ ନିର୍ଭର କରେ ବାବୁଙ୍କ ମନ ମିଜାଜ ଉପରେ।

ବାବୁ ବହୁତ ଉଦାର। ମତେ କଥା ଦେଇଛନ୍ତି ମୋ ପରିବାରର ଭବିଷ୍ୟତ ପାଇଁ କିଛି ବ୍ୟବସ୍ଥା କରିବେ ବୋଲି। ମୋ ପରିବାର ଖୁସିରେ ଚଳୁଥିଲା କେବଳ ତାଙ୍କ ପାଇଁ। ମୋ ପୁଅର ପାଠପଢ଼ା ପ୍ରତି ତାଙ୍କର ବହୁତ ନିଘା ଥିଲା। ସ୍କୁଲ ଫି' ସାଙ୍ଗକୁ ବର୍ଣ୍ଣବୋଧଠାରୁ ଆରମ୍ଭ କରି ବିଜ୍ଞାନ ବହି ଯାଏ ସବୁ କିଛି ସେ ଯୋଗାଇ ଦେଇଥିଲେ। ତାଙ୍କରି ପାଇଁ ବି.ଏ. ପାସ୍ କରି ପୁଅ ମୋର ଚାକିରି ଖଣ୍ଡେ କରିଛି। ତା' ବାହାଘର ବି କରିଦେଇଛି। ପୁଅ ବୋହୂକୁ ନେଇଯାଇଛି। ଚାକିରି ପଇସା ସହ ଜମିର ଆୟକୁ ନେଇ ସେମାନେ ବେଶ୍ ସୁଖ ଶାନ୍ତିରେ ଅଛନ୍ତି।

ପୁଅ ବୋହୂକୁ ନେଇ ଗଲାବେଳେ କହିଲା, ବୋଉ! ତୁ ଏକୁଟିଆ କାହିଁକି...। ତା' କଥା ନ ସରୁଣୁ ବୋହୂ ଆଗୁଆପଡ଼ି କହିଲା, ସେଠି ଇଏ ଗୋଟିଏ ଛୋଟ ଘର ନେଇଛନ୍ତି। ଆଉ ଗୋଟେ ବଡ଼ ଘର ନେଲେ ଆପଣଙ୍କୁ ନେଇଯିବୁ। ମୋର ବି ତିଳେ ମାତ୍ର ଇଚ୍ଛା ନ ଥିଲା। ତା' ଛଡ଼ା ମୁଁ ତାଙ୍କ ସାଙ୍ଗରେ କାହିଁକି ଯାଇଥାଆନ୍ତି? ଯେଉଁ ବୋହୂ ଏଠି ଥିଲାବେଳେ ମୋ ଖବର ଅନ୍ତର ବୁଝେନି ସେ ସେଠି ମୋତେ କି ସୁଖଶାନ୍ତି ଦେଇଥାଆନ୍ତା।

ସେମାନେ ଚାଲିଗଲେ। ପୁଅ କେବଳ ମଝିରେ ମଝିରେ ଆସି ଚାଉଳ ନେଇଯାଏ। ସମୟ ବିତିବା ସହ ପୁଅର ପଦୋନ୍ନତି ହୋଇଗଲା। ଦରମା ବଢ଼ିଗଲା। ଘରୁ ଚାଉଳ ନେବା ତା'ର ଦରକାର ପଡ଼ିଲାନି। ଘରକୁ ମଧ୍ୟ ସେ ଆଉ ଆସିଲା ନାହିଁ। ମୁଁ ସମ୍ପୂର୍ଣ୍ଣ ଏକା ହୋଇଗଲି। ତା' ବାପା ଥିଲା ବେଳେ ତାଙ୍କ ସହିତ ସୁଖଦୁଃଖ ହୋଇ ସମୟ କଟି ଯାଉଥିଲା। ସେ ତ ଅଧା ବୟସରୁ ପିଇ ପିଇ ଚାଲିଗଲା। ବୟସ ବଢ଼ିବା ସହ ରୋଗବ୍ୟାଧି ମୋତେ କାବୁ କରିଦେଲା। ପଡ଼ିଶା ଘରର ଜଣେ ପୁତୁରାକୁ ନେଇ ଡାକ୍ତରଖାନା ଯାଇଥିଲି। ଡାକ୍ତର କହିଲେ କିଡ୍‌ନୀରେ ଷ୍ଟୋନ୍ ହୋଇଛି। ଖବର ପାଇ ପୁଅ ଆସିଥିଲା। ଡାକ୍ତରଙ୍କ ପାଖକୁ ଯାଇଥିଲା କି ନାହିଁ ସେ ଜାଣେ। କହିଲା, ଡାକ୍ତର କହିଛନ୍ତି ଏ ବୟସରେ ଅପରେସନ୍ କରିବା ଠିକ୍ ନୁହେଁ। ତୁ କେବଳ ସେ ଲେଖିଥିବା ଔଷଧ ଖାଆ। ସେ ମିଛ କହିଲା ବୋଲି ଜାଣିଲେ ବି ମୁଁ ନିରବ ରହିଲି।

ଜୀବନର ସାୟାହ୍ନରେ ଅସହାୟ, ବେସାହାରା ମା'କୁ ଛାଡ଼ି ଚାଲିଗଲା। ଦଶମାସ ଗର୍ଭକଷ୍ଟ ସହିଲି, ଅନ୍ତଫାଡ଼ି, ରକ୍ତ ନିଗାଡ଼ି ବଢ଼େଇ କୁଢ଼େଇ ଏଡ଼େରୁ ଏଡୁଟିଏ କରିଥିଲି। ସେ କିନ୍ତୁ ସବୁ ଭୁଲିଗଲା। ଆଜି କାଲି ଭୁଲିଯିବା ବି କିଛି ନୂଆକଥା ନୁହେଁ। ମୁଣ୍ଡକୁ ହାତ ପାଇଗଲା ପରେ ବିଶେଷ କରି ବାହା ହେଲାପରେ ମା'ର ସ୍ନେହମମତା ପାଣିଚିଆ ହୋଇଯାଏ। ଯେଉଁ ମା' ଦିନେ ପୁଅ ପାଇଁ ସୁରକ୍ଷା କବଚ, ଆଶା ଓ ଆଶ୍ୱାସନା, ବିଶ୍ୱାସ ଓ ଭରସାର ଭଣ୍ଡାର ହୋଇଥାଏ, ସମୟ କ୍ରମେ ସେ ପୁଅ ପାଇଁ ବର୍ଜ୍ୟବସ୍ତୁରେ ପରିଣତ ହୋଇଯାଏ।

ସେମାନେ ନ ପଚାରିଲେ ବି ମୋର ଦୁଃଖ ନାହିଁ। ଏ ନିଃସଙ୍ଗ ଜୀବନ, ଦୁଃଖ ଯନ୍ତ୍ରଣା ତ ମୋର ପ୍ରାପ୍ୟ। ଏଇ ଜୀବନରେ ହିଁ ମୋତେ ସମସ୍ତ ପାପପୁଣ୍ୟର ହିସାବ କିତାବ ତୁକ୍ତି କରିବାକୁ ପଡ଼ିବ। କର୍ମଫଳ ଭୋଗିବାକୁ ପଡ଼ିବ। ଭଗବାନଙ୍କୁ ଖାଲି ମୋର ଏତିକି ପ୍ରାର୍ଥନା ସେମାନଙ୍କୁ ଖୁସିରେ ରଖନ୍ତୁ। ଆଗରୁ ମୋତେ ସବୁବେଳେ ଉଦାସ ଓ ଆନମନା ହେବା ଦେଖି ପୁଅ ବୋହୂ ଅନେକ ଥର ମୋତେ ପ୍ରଶ୍ନ କରିଛନ୍ତି, କିନ୍ତୁ ସେମାନଙ୍କ ସୁଖ ଶାନ୍ତି ବିପର୍ଯ୍ୟସ୍ତ ହେବା ଭୟରେ ମୁଁ ନିରବ ରହିଛି। ସେମାନେ ସନ୍ଦେହ କଲେ ବି ଏ ଯାଏ

କିଛି ଜାଣିନାହାନ୍ତି । କେବଳ ସେମାନେ କାହିଁକି କେହିବି ଜାଣିନାହାନ୍ତି । ଭୌତିକ ସୁଖ ଅନେକ ସମୟରେ ମଣିଷକୁ ପଥଭ୍ରଷ୍ଟ କରି ନିନ୍ଦା ଅପବାଦର ପାତ୍ର କରାଇଥାଏ । ମୁଁ କିନ୍ତୁ ଏକ ବ୍ୟତିକ୍ରମ । ଭୌତିକ ସୁଖ ପାଇଁ ଲୋଭାସକ୍ତ ଓ ସ୍ୱାର୍ଥାନ୍ଧ ହୋଇ କର୍ମ କରିଥିଲେ ବି ନିନ୍ଦା ଅପବାଦ ମୋତେ ଏ ଯାଏ ସ୍ପର୍ଶ କରିପାରିନି । ବରଂ କେହି କେହି ମୋ ନିଃସ୍ୱାର୍ଥ ସେବା ଓ ତ୍ୟାଗ ପାଇଁ ମୋତେ ତାରିଫ୍ କରନ୍ତି ।

ସେମାନେ ସବୁ ଅନ୍ଧାର ଭିତରେ । ମୁଁ କିନ୍ତୁ ଜାଣେ ମୁଁ କ'ଣ । ସେଥିପାଇଁ ସେମାନଙ୍କ ତାରିଫ୍ ମୋ ପାଇଁ ଯନ୍ତ୍ରଣା ପାଲଟିଯାଏ । ଆଜି ପରିବାରରେ ସମସ୍ତେ ସୁଖରେ ଅଛନ୍ତି । ସୁଖର ସମସ୍ତ ସାଧନ ଥାଇବି ମୁଁ ସୁଖ ଶାନ୍ତି ପାଇପାରୁନି । କେମିତି ଶାନ୍ତି ପାଇବି? ମିଥ୍ୟା ସହିତ ସାଲିସ କରିପାରିଥିଲେ ହୁଏତ ଶାନ୍ତିରେ ରହି ପାରିଥାଆନ୍ତି । ମୁଁ କିନ୍ତୁ ପାରିଲି ନାହିଁ । ବର୍ତ୍ତମାନ ମହଣ ମହଣ ଦୁଃଖ, ଯନ୍ତ୍ରଣା ଓ ଅସହାୟତା ମୋ ଉପରେ ଲଦି ହୋଇପଡୁଛି । ଅପରାଧବୋଧ ମୋତେ ପ୍ରତି ମୁହୂର୍ତ୍ତରେ ସନ୍ତାପିତ କରି ଚାଲିଛି । ଜୀବନଟା ଥାଇବି ନ ଥିଲା ପରି । ମୋ ଭିତରେ ମୁଁ ମରିସାରିଛି । ବିକ୍ରମାଦିତ୍ୟ ବେତାଳକୁ ଲାଉ କରି ବୁଲିଲା ପରି ମୁଁ ନିଜେ ମୋ ଶବକୁ ଲାଉ କରି ବୁଲୁଛି । ବେତାଳ ପରି ସେ ମୋତେ ପ୍ରଶ୍ନ ପରେ ପ୍ରଶ୍ନ ପଚାରି ଚାଲିଛି । ସ୍ୱୀକାରୋକ୍ତି ସହ ସମସ୍ତ ପ୍ରଶ୍ନର ଉତ୍ତର ଦେଲା ପରେ ବି ମୋ ପିଠି ଉପରୁ ବୋଝ ହଟୁନି । ଏବେ ସେ ବୋଝକୁ ବୋହିବାକୁ ମୋର ଆଉ ବଳ ବୟସ ନାହିଁ । ମୁଁ ଥକି ପଡ଼ିଲିଣି । ମନର ଗମ୍ଭୀରା ଖୋଲି ଏବେ ମୋତେ ସବୁ କହିବାକୁ ପଡ଼ିବ । ନ କହିଲେ ମୁଁ ଶାନ୍ତିରେ ମରିପାରିବି ନାହିଁ ।

ମୋ ରହିବାର ଦୀର୍ଘ ବର୍ଷ ପରେ ବାବୁ ଅସୁସ୍ଥ ହୋଇପଡ଼ିଲେ । ସେତେବେଳକୁ ତାଙ୍କ ବୟସ ପଚସ୍ତରି ବର୍ଷ ପାଖାପାଖି । ମଧୁମେହ, ଶ୍ୱାସ ଓ ହୃଦ୍‌ରୋଗରେ ବାବୁ ପୀଡ଼ିତ ହୋଇପଡ଼ିଲେ । ମତେ ବାଧ୍ୟ କଲେ ତାଙ୍କ ଘରେ ରହିବାକୁ । କାରଣ ସେତେବେଳକୁ ସେ ଠିକ୍ ଭାବେ ବିଛଣାରୁ ଉଠି ପାରୁନଥିଲେ । ମୁଁ ରାଜି ହୋଇଗଲି । ସେ ମୋତେ ପ୍ରତିଶ୍ରୁତି ଦେଲେ ମୋ ନାମରେ କିଛି ଜମି କରିଦେବାକୁ । ତାଙ୍କ ଘରେ ରହିବାର ବର୍ଷକ ପରେ ବାବୁଙ୍କ ବାମପଟ ଅଙ୍ଗ ଅଚଳ ହୋଇପଡ଼ିଲା, ପକ୍ଷାଘାତ ଯୋଗୁ । ତାଙ୍କ ଗୁହ, ମୂତ କାମ, ତାଙ୍କୁ ଖୁଆଇ ଦେବା ଇତ୍ୟାଦି କାମ ମତେ କରିବାକୁ ପଡ଼ିଲା ।

ଯେତେ କଷ୍ଟ ହେଉପଛେ ମୁଁ ସେଠି ପଡ଼ିରହିଲି । ପୁଣ୍ୟ କମେଇବା ନୁହେଁ, କିଛି ପାଇବା ଆଶାରେ । ଦୀର୍ଘ ଦିନ ଗଲା ପରେ ବି କିଛି ପାଇଲି ନାହିଁ । ମୁଁ ଭାବିନଥିଲି ଯେ ବାବୁ ଏମିତି ଝାଞ୍ଜି ବାଡ଼େଇ କହିବେ ବୋଲି । ତଥାପି ଭାବୁଥିଲି କାଳେ ତାଙ୍କ ବ୍ୟକ୍ତିଗତ ଓକିଲ ଜରିଆରେ କିଛି କରିଥିବେ ବୋଲି । ଶେଷରେ ନିରାଶ ହେଲି ।

ଦୀର୍ଘବର୍ଷ ଧରି ମୁଁ ବାବୁଙ୍କ ପାଇଁ ଯାହା କରିଛି ତାହା ଆଉ କେହି କରିନଥାଆନ୍ତେ । ବାବୁଙ୍କ ପାଇଁ ଅପବାଦ, ଗାଳି ଓ ମାଡ଼ ବି ଖାଇଛି । ବାବୁଙ୍କ ଚାକିରି ସରିବାକୁ ଦୁଇବର୍ଷ ଥିଲା । ମୁଁ ତାଙ୍କ ଘରେ କାମ କଲି । ସେତେବେଳକୁ ବାବୁଙ୍କ ବୟସ ଓ ମୋ ବୟସ ଭିତରେ ତଫାତ୍ ମାତ୍ର ସାତ ଆଠ ବର୍ଷ । ସେଥିପାଇଁ ଆଖପାଖରେ କିଛି ଟୋକା ବାବୁ ଓ ମୋ ଉପରେ ଟିପ୍ପଣୀ ଦିଅନ୍ତି । ଏମିତିକି ମୋ ନିଶାଖୋର୍ ସ୍ୱାମୀ ମଧ୍ୟ ମୋତେ ସନ୍ଦେହ ଦୃଷ୍ଟିରେ ଦେଖେ । ବେଳେବେଳେ ସନ୍ଧ୍ୟା ଗଡ଼ି ରାତି ହୋଇଗଲେ ସେ ମୋତେ ମାରଧର୍ କରେ । ସବୁ ମୁଁ ସହିଯାଏ ପୁଅର ଭବିଷ୍ୟତ ପାଇଁ । ଯଦିଓ ବାବୁ ସେମିତିକା ଲୋକ ନୁହନ୍ତି । ମୁଁ ମାସଟିଏ ରହିଛି କି ନାହିଁ ଥରେ ବାବୁ ଦୁଇଟି ଗଜରା ହାର ଧରି ଘରେ ପହଞ୍ଚିଲେ । ବାବୁଙ୍କର ଆଖିଦୁଇଟା ଲାଲ୍ ଦେଖାଯାଉଥିଲା । ଗୋଟିଏ ଗଜରା ବାବୁଆଣୀଙ୍କ ଫଟୋରେ ଟଙ୍ଗେଇ ଦେଲେ ଓ ଆରଟି ମୋ ହାତକୁ ବଢ଼େଇ ଦେଲେ । ମୁଁ ଆଶ୍ଚର୍ଯ୍ୟ ହୋଇଗଲି । ଭୟ ଓ ଆଶଙ୍କାରେ ମୋ କପାଳ ଝାଳେଇଗଲା । ସେମିତି କିନ୍ତୁ କିଛି ଘଟିଲାନି । ଅବଶ୍ୟ କେତେବେଳେ କେମିତି ଥଟ୍ଟାମଜାରେ ଇଆଡୁ ସିଆଡୁ କହିଦେଲେ ବି, ତାଙ୍କ କଥାବାର୍ତ୍ତାରେ ସେମିତି କିଛି ହେରଷାମି ନ ଥାଏ । ତେବେ ମୁଁ ତାଙ୍କର ସେ ସବୁ କଥାକୁ ଦିହକୁ ନିଏନି । ସବୁବେଳେ ମୁଁ ତାଙ୍କୁ ଖୁସିରେ ରଖିବାକୁ ଚାହେଁ । ତାଙ୍କୁ ଖୁସିରେ ରଖିବା ପାଇଁ ମୁଁ ଯାହା ଯାହା କରିଛି, ପୁଅ ବୋହୂଙ୍କ କଥା ଛାଡ଼ ନିଜ ସ୍ତ୍ରୀ ବି କରିଥାଆନ୍ତା କି ନାହିଁ ସନ୍ଦେହ ।

ଏତେ ସବୁ କରିବା ସତ୍ତ୍ୱେ ଯେତେବେଳେ କିଛି ପାଇଲିନି ମନଟା ବିଷେଇଗଲା । ଭାବିଲି ମୋର କି ଗରଜ ପଡ଼ିଛି ଯେ, ଘରସଂସାର ପିଲାଛୁଆଙ୍କୁ ଛାଡ଼ି ଏଠି ପଡ଼ିରହିବି । ଠିକ୍ କଲି ଆଉ ସେ ଘରେ ରହିବିନି ବୋଲି । ମୋ ଭିତରେ ଅଶୁଚିକର ଭାବନା ସବୁ ମୁଣ୍ଡ ଟେକିଲା । ଘର ଛାଡ଼ି ଗଲାବେଳେ ଲୋଭ ଓ ଲାଳସାର ଯୂପକାଠରେ ବଳି ଚଢ଼େଇ ଦେଲି ନିଜର ମାନବିକତାକୁ ହାତ ଉଠାପଣକୁ ଆପଣେଇ ନେବା ସହ ଅନ୍ଧ ଆକ୍ରୋଶରେ ତାଙ୍କ ଜୀବନ ବଞ୍ଚେଇବା ଔଷଧ ଓ ନେବୁଲାଇଜରକୁ ଅପହଞ୍ଚ ଦୂରତାରେ ରଖିଦେଲି । ବାରବର୍ଷର ତପ ମୋର ଶୁଖୁଆ ଝୋଳରେ ଗଲା ।

ମତେ ଅସମୟରେ ଘରେ ପହଞ୍ଚିବା ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହେଲେ । ମୋ ବିଷାଦଗ୍ରସ୍ତ, ନିଷ୍ପ୍ରଭ ମୁଖମଣ୍ଡଳକୁ ଦେଖି ସେମାନେ ଜିଜ୍ଞାସୁ ହୋଇଉଠିଲେ, କିନ୍ତୁ କେହି କିଛି ପଚାରିଲେ ନାହିଁ । ମୁଁ କାହାରିକି କିଛି ନ କହି ଘର ଭିତରେ ଚୁପ୍ ଚାପ୍ ବସି ରହିଲି । ଭାରି ଅସ୍ଥିର ଲାଗୁଥିଲା । ମୋ ବିବେକ ମୋତେ ବାରମ୍ବାର ଦଂଶନ କରୁଥିଲା । ଏଇ ସମୟରେ ବାବୁଙ୍କ ଓକିଲ ଆମ ଘରେ ପହଞ୍ଚି ମୋତେ ଡକେଇଲେ । ମୁଁ ତାଙ୍କ ପାଖରେ ପହଞ୍ଚିବା ମାତ୍ରେ ସେ ମୋତେ ଖଣ୍ଡେ କାଗଜ ବଢ଼େଇ ଦେଲେ । କହିଲେ ବାବୁ ତୋ ନାମରେ ପାଞ୍ଚ ଏକର ଜମି କରିଦେଇଛନ୍ତି । ଏ କଥା ଶୁଣି ମତେ ଲାଗିଲା ଯେମିତି ମୋ ଉପରେ ବଜ୍ର ପଡ଼ିଗଲା । ମୁଁ ଅଣନିଶ୍ୱାସୀ ହୋଇ ଦୌଡ଼ିଲି ବାବୁଙ୍କ ଘରକୁ । ଦେଖିଲି ବାବୁଙ୍କ ଶରୀରଟା ନିସ୍ତେଜ ହୋଇ ପଡ଼ିରହିଛି । ମୋ ଅନ୍ତଃସ୍ଥଳ ଚିତ୍କାର କରିଉଠିଲା । ■■■

ବେଲତଳ, ପଟ୍ଟାମୁଣ୍ଡାଇ,
କେନ୍ଦ୍ରାପଡ଼ା-୭୫୪୨୧୫

ଜୟନ୍ତୀ ସାହୁ

ଏକାଧାରରେ ଜଣେ କବି, ଗାଳ୍ପିକା, ଶିଶୁସାହିତ୍ୟିକା ଓ ସୁବକ୍ତା। 'ସ୍ୱତନ୍ତ୍ର ପୁରୁଷ', 'ସମର୍ପିତା', 'ମହାମୁକ୍ତି', 'ପୁଣ୍ୟପଣତ' ଶୀର୍ଷକ ଚାରିଟି ଗଳ୍ପ ସଂକଳନ, 'ବର୍ଣ୍ଣବିଭା' କବିତା ସଂକଳନ, 'ଅମ୍ଳାନ ଜ୍ୟୋତି' ଜୀବନୀ ପୁସ୍ତକ ଓ 'ଚୂନାଚୂନା ତାରାଫୁଲ' ଶିଶୁକବିତା ସଂକଳନ ଭଳି ସାତଟି ପୁସ୍ତକ ପ୍ରକାଶିତ। ସାରସ୍ୱତ କୃତି ପାଇଁ ବିଭିନ୍ନ ଅନୁଷ୍ଠାନରୁ ପୁରସ୍କୃତ।

ବିଷାଦ ବର୍ଣ୍ଣାଳୀ

ତନ୍ମୟଙ୍କ ସଙ୍ଗେ ବାହାଘର ସ୍ଥିର ହେବା ଦିନଠାରୁ ହିଁ ତଟିନୀର ମନରେ ପୂର୍ବଭଳି ସରସତା ନାହିଁ। ସବୁବେଳେ ଅନ୍ୟମନସ୍କ ରହୁଛି। ଖାଇବା ପିନ୍ଧିବାରେ ବି ସେତେଟା ଆଗ୍ରହ ନାହିଁ। ନିଜ ରୁଚି ମୁତାବକ ଖାଦ୍ୟ ଓ ମନ ପସନ୍ଦର ଡ୍ରେସ୍ ପିନ୍ଧିବା ପାଇଁ ସଦାସର୍ବଦା ଅଳି ଅଝଟ କରୁଥିବା ବାପା ମାଆଙ୍କର ଏକମାତ୍ର ଅଳିଅଳ ଝିଅ ତଟିନୀ ଏବେ କିଛିଦିନ ହେବ ପୂରାପୂରି ଚୁପ୍ ରହୁଛି। ସାଥୀମାନଙ୍କ ସଙ୍ଗେ ସିନେମା ଦେଖିବାକୁ କିମ୍ବା ବଜାର କରିବାକୁ ଅବା କୌଣସି ଦର୍ଶନୀୟ ସ୍ଥାନକୁ ବୁଲିଯିବାକୁ ଆଦୌ ପସନ୍ଦ କରୁନି। ଝିଅର ଏଭଳି ବୀତସ୍ପୃହ ମନୋଭାବ ଦେଖି ବାପା ମା' ଅତ୍ୟନ୍ତ ଚିନ୍ତିତ ହୋଇପଡ଼ିଥିଲେ। ଠିକ୍ ଏହି ସମୟରେ ହିଁ ଭାବୀଜ୍ୱାଇଁ ତନ୍ମୟଙ୍କ ପ୍ରସ୍ତାବ ଆଣି ତଟିନୀର ପିଉସା ଘରେ ପହଞ୍ଚିଥିଲେ। ପିଉସାଙ୍କ ଦୂର ସମ୍ପର୍କୀୟ ହେଉଛନ୍ତି ତନ୍ମୟ। ବୃତ୍ତିରେ ଇଞ୍ଜିନିୟର। ସେ ପୁଣି କେନ୍ଦ୍ରସରକାରଙ୍କ ଅଧୀନରେ ଉଚ୍ଚବେତନଭୋଗୀ ଅଫିସର। ରୂପରେ, ଗୁଣରେ ଅତି ଉତ୍ତମ ପିଲା ବୋଲି ସେ ଅଞ୍ଚଳରେ ତନ୍ମୟଙ୍କର ସୁଖ୍ୟାତି। ସମ୍ଭ୍ରାନ୍ତ, ଧନାଢ଼୍ୟ ପରିବାରର ଏକମାତ୍ର ସୁପୁତ୍ର ତନ୍ମୟ। ତେଣୁ ବାପା, ମାଆ ବି ରୂପ, ଗୁଣ, ବିଦ୍ୟା ବୁଦ୍ଧିରେ ଉତ୍ତମା କନ୍ୟାଟିଏ ଖୋଜୁଥିଲେ ପୁଅପାଇଁ। ଯା'ହେଉ ଉଚ୍ଚଶିକ୍ଷିତା, ଅପରୂପା,

ସୁଗୁଣସମ୍ପନ୍ନା ତଟିନୀକୁ ଦେଖୁଦେଖୁ ହିଁ ତନ୍ମୟଙ୍କ ସମେତ ସାରା ପରିବାର ପୂରାପୂରି ଖୁସିରେ ବିହ୍ୱଳ ହୋଇଯାଇଥିଲେ। ତା' ପରେ ସହରର ଏକ ନାମୀ ଦାମୀ ହୋଟେଲରେ ମୁଦିପିନ୍ଧା ଉତ୍ସବ ପାଇଁ ଭୋଜିଭାତର ଆୟୋଜନ କରାଯାଇଥିଲା। ଉତ୍ସବର ମାସକ ପରେ ଖୁବ୍ ବ୍ୟୟବହୁଳ ବାହାଘରର ବନ୍ଧୁବାନ୍ଧବ ଅତିଥିମାନଙ୍କ ଗହଣରେ ସମାପ୍ତ ହୋଇଥିଲା। ଏ ବାହାଘରରେ ତନ୍ମୟଙ୍କ ସହ ଉଭୟ

ଏମିତି ଭାବୁ ଭାବୁ ତଟିନୀର ଅଲକ୍ଷ୍ୟରେ ହିଁ କୁଳପୁରୋହିତ ତା'ର ହାତକୁ ଟାଣିନେଇ ତନ୍ମୟଙ୍କ ହାତରେ ମନ୍ତ୍ରଦ୍ୱାରା ଛନ୍ଦିଦେଲେ। ପୁଷ୍ପ ବୃଷ୍ଟି ହୋଇଗଲା ଅଚାନକ ଦୁହିଁଙ୍କ ମଥାଉପରେ ଓ ଯୁଗଳବନ୍ଦୀ ହସ୍ତଗଣ୍ଠିରେ। ତା'ପରେ ମନ୍ତ୍ରସ୍ନିଗ୍ଧ ଆଶୀର୍ବାଦର ସୁହାଗସିନ୍ଦୂରକୁ ସପ୍ରେମରେ ସଯତ୍ନରେ ଜନ୍ମଜନ୍ମର ଜୀବନସଙ୍ଗିନୀ ତଟିନୀର ସୀମନ୍ତରେ ସ୍ୱାମିତ୍ୱର ଗର୍ବରେ ଗାଢ଼ ଭାବେ ଥାପିଦେଲେ ତନ୍ମୟ। ବାହାବେଦୀରୁ ଉଠି ବାପଘରର ଏରୁଣ୍ଡି ଡେଇଁ ତନ୍ମୟଙ୍କ ହାତଧରି ବାଧ ଶିଶୁଟିଏ ଭଳି ତଟିନୀ ଶାଶୂଘରେ ପାଦଥାପିଲା। ହେଲେ ମନରେ କାହିଁ କେଉଁଠି ନବବଧୂର ସରାଗ, ଶିହରଣକୁ ସେ ତିଳେ ହେଲେ ଉପଲବ୍ଧି କରିପାରୁ ନ ଥିଲା।

ପରିବାର ବନ୍ଧୁପରିଜନ ଖୁସିରେ ଆତ୍ମହରା ହୋଇ ଉଠୁଥିବାବେଳେ ଏକା ତଟିନୀର ଅନ୍ତର କାହିଁକି କେଜାଣି ଗୁମୁରି ଗୁମୁରି କାନ୍ଦି ଉଠୁଥିଲା। ବାପା ମାଆ, ଆତ୍ମୀୟସ୍ୱଜନ ସମସ୍ତେ ଚତୁଃପାର୍ଶ୍ୱରେ ତାକୁ ବେଢ଼ି ରହିଥିଲେ ବି ଆଉ ଜଣଙ୍କର ଅଭାବ ସେ ଅନବରତ ଅନୁଭବ କରୁଥିଲା। ବାହାବେଦୀରେ ଅବଗୁଣ୍ଠନ ତଳୁ ତା'ର ନମ୍ର ଆଖିଦୁଇଟା ସତେ ଯେମିତି ଆଉ କାହାକୁ ଖୋଜି ବୁଲୁଥିଲା। ମନକହୁଥିଲା ଅଚାନକ ସମସ୍ତଙ୍କୁ ଚକିତ କରି ସେ କାହିଁ କେଉଁ ଅଜଣା ମୁଲକରୁ ଏ ବାହାବେଦୀ ପାଖରେ ଆସି ପହଞ୍ଚିଯାଆନ୍ତେ କି? ସେ ଏଠି ସମସ୍ତଙ୍କୁ ପର କରିଦେଇ ତାଙ୍କରି ହାତଧରି ଏ ସମସ୍ତଙ୍କ ଗହଣରୁ କୁଆଡ଼େ ଉଭାନ୍ ହୋଇଯାଆନ୍ତା। ସେମାନେ ଆଉ ଏକ ନୂତନ ପୃଥିବୀରେ ଦୁହେଁ ବାସ କରନ୍ତେ, ଯେଉଁଠି ନ ଥାନ୍ତା ଆଉ କାହାର କଟକଣା କିମ୍ବା ଅନ୍ୟ କାହାର ଭଲମନ୍ଦ ନିର୍ଦ୍ଦେଶାବଳୀ। ସେଠି ବର୍ଷ ତମାମ୍ ଦୁହେଁ ମିଶି ପାଳନ କରନ୍ତେ ଭଲ ପାଇବାର ଫୁଲ ଆଉ ଫଗୁଣର ଋତୁ। ପ୍ରତିଟି ଦିନ ତାଙ୍କ ପାଇଁ ପାଲଟିଯାଆନ୍ତା ଭାଲେଣ୍ଟାଇନ୍ ଡେ। ପ୍ରତିଟି ରାତି ପାଲଟନ୍ତା ସୁସ୍ୱପ୍ନିଳ ମଧୁଝରା ଜହ୍ନରାତି।

ଏମିତି ଭାବୁ ଭାବୁ ତଟିନୀର ଅଲକ୍ଷ୍ୟରେ ହିଁ କୁଳପୁରୋହିତ ତା'ର ହାତକୁ ଟାଣିନେଇ ତନ୍ମୟଙ୍କ ହାତରେ ମନ୍ତ୍ରଦ୍ୱାରା ଛନ୍ଦିଦେଲେ। ପୁଷ୍ପ ବୃଷ୍ଟି ହୋଇଗଲା ଅଚାନକ ଦୁହିଁଙ୍କ ମଥାଉପରେ ଓ ଯୁଗଳବନ୍ଦୀ ହସ୍ତଗଣ୍ଠିରେ। ତା'ପରେ ମନ୍ତ୍ରସ୍ନିଗ୍ଧ ଆଶୀର୍ବାଦର ସୁହାଗସିନ୍ଦୂରକୁ ସପ୍ରେମରେ ସଯତ୍ନରେ ଜନ୍ମଜନ୍ମର ଜୀବନସଙ୍ଗିନୀ ତଟିନୀର ସୀମନ୍ତରେ ସ୍ୱାମିତ୍ୱର ଗର୍ବରେ ଗାଢ଼ ଭାବେ ଥାପିଦେଲେ ତନ୍ମୟ। ବାହାବେଦୀରୁ ଉଠି ବାପଘରର ଏରୁଣ୍ଡି ଡେଇଁ ତନ୍ମୟଙ୍କ ହାତଧରି ବାଧ ଶିଶୁଟିଏ ଭଳି ତଟିନୀ ଶାଶୂଘରେ ପାଦଥାପିଲା। ହେଲେ ମନରେ କାହିଁ କେଉଁଠି ନବବଧୂର ସରାଗ, ଶିହରଣକୁ ସେ ତିଳେ ହେଲେ ଉପଲବ୍ଧି କରିପାରୁ ନ ଥିଲା। ଶାଶୂଘରେ ପ୍ରଥମେ ବଡ଼ ନଣନ୍ଦ ଉପହାର ସ୍ୱରୂପ ହନିମୁନ ପାଇଁ ଫ୍ଲାଇଟ୍ ଟିକଟ ଆଣି ହସିହସି ତା' ହାତରେ ଧରାଇଦେଲେ। ସ୍ୱିଜର୍‌ଲ୍ୟାଣ୍ଡକୁ ଦୁହେଁ ବୁଲିଯିବାର ସୁଦୀର୍ଘ ଯୋଜନା। ତନ୍ମୟ ସେ ଟିକଟ୍ ଦେଖି ଖୁସିରେ ଉତ୍‌ଫୁଲ୍ଲିତ ହୋଇଉଠୁଛନ୍ତି। ତୀର୍ଯ୍ୟକ ନୟନରେ ତଟିନୀକୁ ଚାହିଁ ତା' ମୁହଁରୁ ତା' ଖୁସିର ପ୍ରତିକ୍ରିୟାକୁ ଲକ୍ଷ୍ୟ କରୁଛନ୍ତି। ହେଲେ ତଟିନୀ ପ୍ରତିକ୍ରିୟାହୀନା ହୋଇ ବସି ରହିଛି। ଭାବୁଛି ବିଗତ କାଳରାତ୍ରିର କଥା ଯେଉଁ ରାତ୍ରିରୁ କୁଆଡ଼େ ଉଭାନ୍ ହୋଇଯାଇଛନ୍ତି ତା' ମନର ମଣିଷ ମନ୍ମଥ। ମନ୍ମଥ ଥିଲେ ତଟିନୀର ବାଲ୍ୟ, କୈଶୋର ତଥା ଆଦ୍ୟ ଯୌବନର ସାଥୀ। ବାଲିଖେଳରୁ ହିଁ ଉଭୟଙ୍କ ଅଜାଣତରେ ଆରମ୍ଭ ହୋଇଥିଲା ଉଭୟଙ୍କ ପ୍ରତି ଭଲପାଇବା। ସେହି ବାଲ୍ୟକୈଶୋରର ନିଷ୍ପାପ, ଅନାବିଳ, ଚପଳତାପୂର୍ଣ୍ଣ ଆନ୍ତରିକତା ପରେ ରୂପାନ୍ତରିତ ହୋଇଥିଲା ପ୍ରଗାଢ଼ ପ୍ରେମରେ। ଦୁହେଁ ଦୁହିଁଙ୍କୁ ମୁହୂର୍ତ୍ତେ ମଧ ଛାଡ଼ି ରହିପାରୁ ନ ଥିଲେ। ଉଭୟ ପଡ଼ୋଶୀ ଘରର ପୁଅଝିଅ ଥିଲେ। ଦୁହେଁ ଉତ୍ତମ ଚରିତ୍ର ସମ୍ପନ୍ନ ହୋଇଥିବାରୁ ଗାଁରେ ସମସ୍ତେ ତଟିନୀ ଓ ମନ୍ମଥଙ୍କର ଏତାଦୃଶ ଅଭିନ୍ନ ହୃଦୟର ବନ୍ଧୁତାକୁ ଭାରି ଭଲ ପାଉଥିଲେ।

ସେଦିନ ଥାଏ କାର୍ତ୍ତିକ ପୂର୍ଣ୍ଣମୀ। ଭୋର ଚାରିଟାରୁ ଚଳଚଞ୍ଚଳ ହୋଇଉଠିଲେ ସମଗ୍ର ଗ୍ରାମବାସୀ। ସମସ୍ତେ ପ୍ରାତଃସ୍ନାନ କରି ହବିଷ ସମାପନ ପାଇଁ ଡଙ୍ଗା ଓ ଦୀପ ଧରି ଗାଁପାଖରେ ବହି ଯାଉଥିବା ପୁଣ୍ୟତୋୟା ବ୍ରାହ୍ମଣୀ ନଦୀର ତଟକୁ ଚାଲିଲେ। ତନ୍ମୟଙ୍କୁ ତାଙ୍କ ସାଙ୍ଗମାନେ ଆସି ତାଙ୍କ ଘରର କଲିଂ ବେଲ୍ ଟିପି ନଦୀକୁ ଡଙ୍ଗା ଭସେଇ ଯିବାପାଇଁ ଡାକିଲେ। ମନ୍ମଥ ମଧ ପୂର୍ବରୁ ତିଆରି କରି ରଖିଥିବା ସୁନ୍ଦର ଡଙ୍ଗାଟିକୁ ନେଇ ବ୍ରାହ୍ମଣୀ ନଦୀ କୂଳକୁ ଚାଲିଲେ। ସେ ବର୍ଷ ଉତ୍ତରମୁଣ୍ଡରେ ପ୍ରବଳ ବର୍ଷା ଯୋଗୁ ନଦୀରେ ବନ୍ୟା ଆସିଥାଏ, ସ୍ରୋତ ମଧ ପ୍ରଖର ଥାଏ। ମନ୍ମଥ ଓ ତାଙ୍କ ବନ୍ଧୁମାନେ ପୁରୁଷ ତୁଠରେ ପ୍ରାତଃସ୍ନାନ କରୁଥାନ୍ତି। ତଟିନୀ ଓ ତା'ର ସାଥୀମାନେ ମହିଳା ତୁଠରେ ସ୍ନାନ କରି ଡଙ୍ଗା ଭସାଇବାରେ ବ୍ୟସ୍ତ ଥା'ନ୍ତି। ଏତିକିବେଳେ ପୁରୁଷତୁଠରୁ ଜୋର୍‌ରେ ଚିତ୍କାର ଶୁଭିଲା, ଭାସିଗଲା, ଭାସିଗଲା, ବୁଡ଼ିଗଲା, ବୁଡ଼ିଗଲା, କିଏ ଅଛ ତାକୁ ଉଦ୍ଧାର କର। ତାକୁ ବଞ୍ଚାଅ। ଯିଏ ଯେଉଁ ତୁଠରେ ସ୍ନାନ କରୁଥିଲେ, ସମସ୍ତେ ଏ ଶବ୍ଦ ଶୁଣି ସେଇ ପୁରୁଷତୁଠକୁ ଅଣନିଃଶ୍ୱାସୀ ହୋଇ ଦୌଡ଼ିଲେ। କେତେ ପୁରୁଷଲୋକ ବୁଡ଼ି ଯାଉଥିବା ଲୋକଟିକୁ ଉଦ୍ଧାର କରିବା ପାଇଁ

ନଦୀର ସ୍ରୋତକୁ ଡେଇଁ ଖୋଜିବାକୁ ଲାଗିଲେ। ହେଲେ ସମସ୍ତେ ନିଷ୍ଫଳ, ନିରାଶ ହେଲେ। କହିବା ବାହୁଲ୍ୟ, ସେହି ବୁଡ଼ିଯାଉଥିବା ଓ ଅଥଳ ନଦୀସ୍ରୋତରେ ଭାସିଯାଇଥିବା ଲୋକଟି ହିଁ ଥିଲା ତଟିନୀର ମନର ମଣିଷ ମନ୍ମଥ। ସେବେଠୁ ଆଜିଯାଏ ଦୀର୍ଘ ସାତବର୍ଷର ପ୍ରତୀକ୍ଷା ତଟିନୀର ଓ ତାଙ୍କ ବାପା ମାଆ ପରିବାର ଲୋକଙ୍କର। ସେଦିନ କିନ୍ତୁ ପୂରା ନଦୀଟା ଉପରମୁଣ୍ଡରୁ ତଳ ମୁଣ୍ଡ ଯାଏ ତନ୍ନତନ୍ନ କରି ମନ୍ମଥଙ୍କୁ ଖୋଜିଥିଲେ ସରକାରଙ୍କର ଦମକଳବାହିନୀ। ଆଶ୍ଚର୍ଯ୍ୟର କଥା ଏ ଯାବତ୍ ଶତଚେଷ୍ଟା କଲେ ବି ମନ୍ମଥଙ୍କୁ କେହି ପାଣି ମଧ୍ୟରୁ ମୃତ କିମ୍ବା ଜୀବିତ ଅବସ୍ଥାରେ ପାଇପାରିଲେ ନାହିଁ। ମନ୍ମଥଙ୍କୁ ଚାହିଁ ଚାହିଁ ଆଖିର ଲୁହ ଶୁଖିଗଲା ତଟିନୀର ତଥାପି ଏଯାବତ୍ ଅନନ୍ତ ପ୍ରତୀକ୍ଷା ତା'ର ସରିନାହିଁ। ପରିବାରର ବାଧ୍ୟ ବାଧକତାରେ ସିନା ଜଡ଼ବତ୍ ତନ୍ମୟଙ୍କୁ ସେ ବାହା ହେଲା, ହେଲେ ସ୍ମୃତିସିକ୍ତ ଅତୀତକୁ/ପ୍ରାଣର ମନ୍ମଥଙ୍କୁ ତଟିନୀ ସ୍ୱାମୀଙ୍କ ପ୍ରଗାଢ଼ ପ୍ରେମର ଆଶ୍ଳେଷ ମଧ୍ୟରେ ଥାଇ ବି ବିସ୍ମରି ପାରୁନି। ଅତୀତର ସମସ୍ତ ସ୍ମୃତି ସତେଜ ହୋଇ ତା' ଚକ୍ଷୁ ସାମ୍ନାରେ ବାରମ୍ବାର ପ୍ରତିଭାତ ହେଉଛନ୍ତି। ନା ସେ ସବୁ ସ୍ମୃତିକୁ ଭୁଲିପାରୁଛି ନା ନିଜେ ସେ ସ୍ମୃତିର ଫାଶରୁ ମୁକୁଳି ପାରୁଛି। ବରଂ ସେ ସ୍ମୃତିସବୁ ସହସ୍ର ବାହୁ ପ୍ରସାରିତ କରି ତଟିନୀକୁ ଆବଦ୍ଧ କରି ପକାଉଛନ୍ତି। ସ୍ମୃତିର କବଳରୁ ମୁକ୍ତହେବା ଅତି ଅସମ୍ଭବ ମନେ ହେଉଛି ତଟିନୀକୁ।

ହନିମୁନ୍‌ର ସକଳ ପ୍ରସ୍ତୁତି ସାରି ତନ୍ମୟ ତଟିନୀକୁ ଶୀଘ୍ର ଦିଲ୍ଲୀ ଅଭିମୁଖେ ଦୁହେଁ ଯାତ୍ରା କରିବାର ପ୍ରସ୍ତାବ ଦେଲେ। ତଟିନୀ ମଧ୍ୟ ଯନ୍ତ୍ରବତ୍ ତନ୍ମୟଙ୍କର ଅନୁଗାମିନୀ ହୋଇ ନିର୍ଦ୍ଧାରିତ ସମୟରେ ଫ୍ଲାଇଟ୍ ଯୋଗେ ଦିଲ୍ଲୀ ଅଭିମୁଖେ ଯାତ୍ରା କଲେ। ପୂର୍ବଯୋଜନା ଅନୁସାରେ ମହାନଗରୀ ଦିଲ୍ଲୀରେ ଗୋଟିଏ ଦିନର ରହଣି ଓ ବୁଲାବୁଲି ପରେ ତା' ପରଦିନ ସୁଇଜର୍‌ଲ୍ୟାଣ୍ଡକୁ ଆକାଶପଥରେ ଫ୍ଲାଇଟ୍ ଯୋଗେ ଯାତ୍ରା କରିବେ ଦୁହେଁ। ସେଇଆ ହିଁ ହେଲା। ଦିଲ୍ଲୀର ଦର୍ଶନୀୟ ସ୍ଥାନସବୁ ବୁଲିସାରିଲା ପରେ ସନ୍ଧ୍ୟାବେଳେ ତଟିନୀ ଓ ତନ୍ମୟ ଦୁହେଁ ନିଜର ନାମୀଦାମୀ ଷ୍ଟାର୍ ହୋଟେଲକୁ ରାତ୍ରି ରହଣି ପାଇଁ ପ୍ରତ୍ୟାବର୍ତ୍ତନ କରୁଥିଲେ। ହୋଟେଲ ପାଖରେ ପହଞ୍ଚିବାକୁ ଅଳ୍ପ ବାଟ ଅଛି, ଏକ ବଡ଼ ମନ୍ଦିରରେ ବହୁ ଜନସମାବେଶ ଓ କିଛିଟା କୋଳାହଳ ଦେଖାଗଲା। ସମସ୍ତ କୋଳାହଳକୁ ପ୍ରତିହତ କରି ମାଇକ୍ରୋଫୋନ୍‌ରେ ଏକ ଅତି ପରିଚିତ କଣ୍ଠସ୍ୱର ତଟିନୀର ଅନ୍ତର୍ଭେଦ କଲା। ଅଗତ୍ୟା ଗାଡ଼ି ସେହି ମନ୍ଦିର ସାମ୍ନାରେ ରଖିବାକୁ ତଟିନୀ ସ୍ୱାମୀଙ୍କୁ ଅନୁରୋଧ କଲା। ନବପରିଣୀତା ପ୍ରାଣପ୍ରିୟାର ଅନୁରୋଧକୁ ଏଡ଼ି ନପାରି ତନ୍ମୟ ଡ୍ରାଇଭରକୁ ଗାଡ଼ିରଖିବା ପାଇଁ ନିର୍ଦ୍ଦେଶ ଦେଲେ। ଗାଡ଼ି ଅଟକିବା କ୍ଷଣି କାହାକୁ କିଛି ନ କହି ସେହି ମନ୍ଦିର ପ୍ରାଙ୍ଗଣରେ ଅଗଣିତ ଜନତାଙ୍କୁ ପ୍ରବଚନ ପ୍ରଦାନ କରୁଥିବା ଜଟାଜୁଟ ବିମଣ୍ଡିତ ବହଳ ଶ୍ମଶ୍ରୁଧାରୀ ଗେରୁଆବସ୍ତ୍ର ପରିହିତ ଯୁବ ସନ୍ନ୍ୟାସୀଙ୍କ ଭାଷଣ ଶୁଣିବାକୁ ତଟିନୀ ଏକମୁହାଁ ଦୌଡ଼ିଲା। ତାଙ୍କ କଣ୍ଠସ୍ୱର ତଟିନୀକୁ ବହୁ ପରିଚିତ ଏବଂ ଅତି ଆପଣାର ଲାଗିଲା। ହୃତ୍‌ସ୍ପନ୍ଦନ ତା'ର ଦ୍ରୁତତର ହେବାକୁ ଲାଗିଲା।

ଭିଡ଼ ମଧ୍ୟରେ ସନ୍ନ୍ୟାସୀଙ୍କ ପାଖରୁ ଅଳ୍ପଦୂରରେ ଥାଇ ସେ ଯାହା ଶୁଣିଲା, ଯୁବ ସନ୍ନ୍ୟାସୀ ଜଣକ ଭାରତୀୟ ସଂସ୍କୃତି ଓ ଭାରତୀୟ ନାରୀଙ୍କ ଉପରେ ହିଁ ପ୍ରବଚନ ପ୍ରଦାନ କରୁଛନ୍ତି। ବହୁ ସଂଖ୍ୟକ ପୁରୁଷ ଓ ମହିଳା ତାହା ଆନନ୍ଦରେ ଶ୍ରବଣ କରୁଛନ୍ତି। ତାଙ୍କ ହିନ୍ଦୀଭାଷାର ବକ୍ତବ୍ୟର ଅର୍ଥ ଥିଲା ଏହିପରି ଯେ– "ବିକଶିତ ନାରୀତ୍ୱର ବିଭୂତିରେ ଭାରତକୁ ସମୃଦ୍ଧ କରିଥିବା ନାରୀ ଆଜି ତ ନୀତିଜ୍ଞ, ସମୃଦ୍ଧ। ସେ ଶକ୍ତିମୟୀ, ସୃଜନୀଶକ୍ତିସ୍ୱରୂପା, ସେ ଦଶଭୁଜା, ଶତରୂପା। ସେ ପୁଣି କଲ୍ୟାଣମୟୀ, ମାଧୁର୍ଯ୍ୟମୟୀ, ଜ୍ୟୋତିର୍ମୟୀ, ବାଙ୍ମୟୀ ଓ ଶ୍ରୀମୟୀ ଆଦି ବହୁ ବିଭାବରେ ବିମଣ୍ଡିତା।

ସେ ପୁରୁଷର ଉପଭୋଗର ସାମଗ୍ରୀଟିଏ ନୁହେଁ। ସେ ଦେବତାମାନଙ୍କୁ ମଧ୍ୟ ଗର୍ଭରେ ଧାରଣ କରିପାରେ। ତ୍ୟାଗ ଓ ସାଧନା ବଳରେ ସମୁଚିତ ସଂସ୍କାର ପ୍ରଦାନ ପୂର୍ବକ ଶତଶତ ବୈଜ୍ଞାନିକ, ଦାର୍ଶନିକ, ଯୋଗୀ, ତ୍ୟାଗୀ ଓ ଦେଶଭକ୍ତ ସୃଷ୍ଟି କରିପାରେ। ତା'ର ନିଷ୍ଠା ବହୁ ଦାନବଙ୍କୁ ଦେବତା' ଏବଂ ବହୁପୁରୁଷଙ୍କୁ ମହାପୁରୁଷରେ ପରିଣତ କରିପାରେ। ତେଣୁ ଆଧୁନିକ ଯୁଗ ପରିପ୍ରେକ୍ଷୀରେ ନାରୀ ତା'ର ଅନାବିଳ ସ୍ନେହ ଓ ପ୍ରେମରେ, ତ୍ୟାଗର ମହିମାରେ, ପରମ୍ପରା ରକ୍ଷାରେ, ସେବାର ମହକରେ, ପ୍ରତିଦାନ ଓ ସହିଷ୍ଣୁତାର ବିନ୍ଦୁବିନ୍ଦୁ ରେଣୁରେ ଗଢ଼ି ଚାଲିଛି ପରିବାର, ସମାଜ ଓ ଦେଶକୁ। ଗୃହଲକ୍ଷ୍ମୀ ଏକ ସାମାନ୍ୟ ପଦ ନୁହେଁ। ବଂଶବୃଦ୍ଧି ଓ ତା'ର ସୁରକ୍ଷା, ଗୃହରେ ଏକ ସଦାଚାର ବାତାବରଣ ସୃଷ୍ଟି କରିବା ତାଙ୍କର ପ୍ରଧାନ କର୍ମ। ଏତିକି କହି "ଲୋକାଃ ସମସ୍ତାଃ ସୁଖୀନୋ ଭବନ୍ତୁ।" ବେଦବାକ୍ୟ ଉଚ୍ଚାରଣ ପୂର୍ବକ ଯୁବ ସନ୍ନ୍ୟାସୀ ଜଣକ ତାଙ୍କ ପ୍ରବଚନ ସାଙ୍ଗ କଲେ। ଅସୁମାରି କରତାଳିରେ ଫାଟି ପଡ଼ୁଥିଲା ସେ ମନ୍ଦିର ପ୍ରାଙ୍ଗଣ। ଏଥର ଆଉ ନିଜକୁ ଆୟତ୍ତରେ ରଖିପାରିଲାନି ତଟିନୀ। ସମସ୍ତ ଜନତାଙ୍କୁ ଠେଲି ଦେଇ ଯୁବ ସନ୍ନ୍ୟାସୀଙ୍କ ଅତି ନିକଟରେ ପହଞ୍ଚି ତଟିନୀ ଯାହା ଦେଖିଲା, ସେଥିରେ ସେ ହତଭମ୍ବ ହୋଇପଡ଼ିଲା। ଯୁବ ସନ୍ନ୍ୟାସୀଙ୍କ ଆଖି ଦୁଇଟି ଠିକ୍ ମନ୍ମଥଙ୍କ ଆଖି ସହ ମେଳ ଖାଉଥିଲା। ପ୍ରାଣର ପ୍ରତିମାକୁ ଚିହ୍ନିବାରେ ଆଉ ମୁହୂର୍ତ୍ତେ ବି

ମନ୍ମଥଙ୍କୁ ଚାହିଁ ଚାହିଁ ଆଖିର ଲୁହ ଶୁଖିଗଲା ତଟିନୀର ତଥାପି ଏଯାବତ୍ ଅନନ୍ତ ପ୍ରତୀକ୍ଷା ତା'ର ସରିନାହିଁ। ପରିବାରର ବାଧ୍ୟ ବାଧକତାରେ ସିନା ଜଡ଼ବତ୍ ତନ୍ମୟଙ୍କୁ ସେ ବାହା ହେଲା, ହେଲେ ସ୍ମୃତିସିକ୍ତ ଅତୀତକୁ/ପ୍ରାଣର ମନ୍ମଥଙ୍କୁ ତଟିନୀ ସ୍ୱାମୀଙ୍କ ପ୍ରଗାଢ଼ ପ୍ରେମର ଆଶ୍ଳେଷ ମଧ୍ୟରେ ଥାଇ ବି ବିସ୍ମରି ପାରୁନି। ଅତୀତର ସମସ୍ତ ସ୍ମୃତି ସତେଜ ହୋଇ ତା' ଚକ୍ଷୁ ସାମ୍ନାରେ ବାରମ୍ବାର ପ୍ରତିଭାତ ହେଉଛନ୍ତି। ନା ସେ ସବୁ ସ୍ମୃତିକୁ ଭୁଲିପାରୁଛି ନା ନିଜେ ସେ ସ୍ମୃତିର ଫାଶରୁ ମୁକୁଳି ପାରୁଛି।

ବିଳମ୍ବ ହେଲାନି ତଟିନୀକୁ । ଯୁବସନ୍ନ୍ୟାସୀ ମଧ୍ୟ ଆଖିରେ ଆଖି ମିଳେଇ କ୍ଷଣେ କାଳ ଚାହିଁ ରହିଲେ ସୀମନ୍ତରେ ସିନ୍ଦୂର ଓ ହାତରେ ଲାଲ୍ ଚୁଡ଼ି ପରିହିତା ନବବଧୂ ତଟିନୀକୁ । ତା'ପରେ ଛେପଢୋକି ସର୍ବସମକ୍ଷରେ ସ୍ୱାଭାବିକ ଢଙ୍ଗରେ ଆରମ୍ଭ କଲେ ତଟିନୀ ଉଦ୍ଦେଶ୍ୟରେ ତାଙ୍କର ସାରଗର୍ଭକ ବକ୍ତବ୍ୟ । ତାଙ୍କ ହିନ୍ଦୀ ବକ୍ତବ୍ୟର ଓଡ଼ିଆ ଅନୁବାଦ ଥିଲା ଏଇଆ ଯେ- "ଅତୀତକୁ ଭୁଲିଯାଅ । ବିଗତ ଦିନ ହିଁ ଅତୀତ । ଅତୀତ ଓ ଅନିଶ୍ଚିତ ଭବିଷ୍ୟତ ପାଇଁ ଆଦୌ ବ୍ୟସ୍ତ ହୁଅ ନାହିଁ । ବର୍ତ୍ତମାନ ସମୟ ହେଉଛି ଜୀବନରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ଏହା ଏକ ସାଧାରଣ ବର୍ତ୍ତମାନ ନୁହେଁ । ଏହା ସର୍ବବ୍ୟାପୀ ବର୍ତ୍ତମାନ । ଆଗାମୀ ଭବିଷ୍ୟତ ହେଉଛି ଗୋଟିଏ ବୃକ୍ଷ । ବର୍ତ୍ତମାନ ହେଉଛି ତାହାର ମଞ୍ଜି । ବର୍ତ୍ତମାନ ପୋତିଥିବା ମଞ୍ଜି ମଧ୍ୟରୁ ଭବିଷ୍ୟତ ବୃକ୍ଷର ସୃଷ୍ଟି । ତେଣୁ ବର୍ତ୍ତମାନ ଉଚିତ କାର୍ଯ୍ୟ କର । ବିତି ଯାଇଥିବା ଦିନ ସବୁକୁ ଭୁଲି ନିଜର ବର୍ତ୍ତମାନର କର୍ତ୍ତବ୍ୟ ସୁଚାରୁ ରୂପେ ସମ୍ପାଦନ କର । କର୍ତ୍ତବ୍ୟ ହେଉଛି ଈଶ୍ୱର । ସଠିକ୍ କର୍ମ ହେଉଛି ପୂଜା । ତୁମେ ଯଦି ଏ ସତ୍ୟକୁ ଉପଲବ୍ଧି କରି ତଦନୁଯାୟୀ ଠିକ୍ ଭାବରେ ବର୍ତ୍ତମାନର କର୍ତ୍ତବ୍ୟ ପାଳନ କର, ତେବେ ତୁମର ଜୀବନ ସରସ, ସୁନ୍ଦର ଓ ମଧୁମୟ ହେବ । ତୁମ ସୀମନ୍ତର ସିନ୍ଦୂର ବହ୍ନିସ୍ନାତ ଓ ଅକ୍ଷ୍ରାମର ରହୁ, ଅଖଣ୍ଡ ସୌଭାଗ୍ୟବତୀ ହୁଅ । ସର୍ବୋପରି ତମ ଆଖିରେ ସଦାସର୍ବଦା ଖୁସିର, ପରିତୃପ୍ତିର ସୂର୍ଯ୍ୟୋଦୟ ସୃଷ୍ଟିହେଉ, ଏଇଆ ହିଁ ବିଭୁ ପଦାରବିନ୍ଦରେ ମୋର ବିନମ୍ର ପ୍ରାର୍ଥନା । ଖୁସିରେ ଏଠୁ ବିଦାୟ ନେଇ ପତିଙ୍କ ପାଖରେ ପହଞ୍ଚ । ତୁମ ଯୁଗଳ ଜୀବନ ମଧୁକ୍ଷରା ହେଉ ।

ସନ୍ନ୍ୟାସୀଙ୍କ ଏଇ କେତେ ଧାଡ଼ି ବାକ୍ୟରେ ବୁଦ୍‌ବୁଦ୍ ପରି ଆଖିର ଲୁହରେ ମିଳେଇ ଯାଉଥିଲା ଅତୀତର ସ୍ମୃତିସିକ୍ତ ଉତ୍ତୁଙ୍ଗ ପାହାଡ଼ । ଯୁବ ସନ୍ନ୍ୟାସୀଙ୍କୁ ପିଠି କରି ଏଥର ସମ୍ମୁଖକୁ ଚାହିଁ ଦୃଢ଼ଭାବେ ଦଣ୍ଡାୟମାନ ହେଲା ତଟିନୀ । ସାମ୍ନାରେ ସୌମ୍ୟ ଶାନ୍ତ ପ୍ରତିମୂର୍ତ୍ତି ତା'ର ଇହକାଳ ପରକାଳର ଦେବତା ତନ୍ମୟ ହସହସ ମୁଦ୍ରାରେ ତା'ର ହାତକୁ ଏ ଭିଡ଼ ମଧ୍ୟରେ ଅତିନିବିଡ଼ ଭାବେ ଜାବୁଡ଼ି ଧରୁଛନ୍ତି । ଏଥର ତଟିନୀକୁ ପ୍ରତୀତ ହେଲା ତନ୍ମୟ ହିଁ ତା'ର ବର୍ତ୍ତମାନ ଓ ସୁଖଦ ଭବିଷ୍ୟତ । ଦୀର୍ଘ ସାତବର୍ଷର ବିରାଟ ଶୂନ୍ୟତାର ବୋଝ ଏଇ ମୁହୂର୍ତ୍ତରେ ହିଁ ତା' ମୁଣ୍ଡରୁ ଆପଣାଛାଏଁ ଓହ୍ଲେଇଗଲା । ବିଷାଦଭରା ବିବର୍ଣ୍ଣ ଦୁନିଆଟା ଏବେ ତାକୁ ରଙ୍ଗମୟ ବର୍ଣ୍ଣମୟ ମହୋତ୍ସବମୟ ମନେହେଲା । ତନ୍ମୟଙ୍କ ପ୍ରଶସ୍ତ ଛାତିରେ ସେ ସେଇଠି ସର୍ବସମକ୍ଷରେ ପ୍ରଗାଢ଼ ପ୍ରଶାନ୍ତିରେ ସ୍ୱତଃ ଢଳି ପଡୁଛି । ସତରେ, ବର୍ତ୍ତମାନରେ ଜୀବନ ଜିଇବା କି ପରମଶାନ୍ତି ସେ ଆଜି ଉପଲବ୍ଧି କରୁଛି । ■■■

'ଶ୍ରୀଜୟା', ଏମ୍-୧୧/୪, ପଞ୍ଚସଖାନଗର,
ଡୁମୁଡୁମା, ଭୁବନେଶ୍ୱର



ଅଭିନନ୍ଦନ

ପବିତ୍ର ରଥଯାତ୍ରା ଅବସରରେ କେନ୍ଦୁଝର ଜିଲ୍ଲା, ରାଜ୍ୟ ତଥା ଦେଶବାସୀଙ୍କୁ ଆନ୍ତରିକ ଅଭିନନ୍ଦନ ଜଣାଉଛି । ଜଗତରନାଥ ପ୍ରଭୁ ଜଗନ୍ନାଥଙ୍କ ଅପାରକୃପାରୁ ସମସ୍ତଙ୍କ ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରିବା ସହ ମହାମାରୀ କରୋନାକୁ ପ୍ରଭୁ ବଡ ଠାକୁର ପୃଥିବୀରୁ ବିନାଶ କରାନ୍ତୁ ।

କରୋନା ହାରିବ - ଆମେ ଜିତିବା

ସନାତନ ମହାକୁଡ
ପୂର୍ବତନ ବିଧାୟକ, ଚମ୍ପୁଆ, କେନ୍ଦୁଝର

ଶକ୍ତିପ୍ରଭା ମିଶ୍ର

କଥାକାର, କ୍ଷୁଦ୍ରଗଳ୍ପ, ଉପନ୍ୟାସ, କବିତା, ବ୍ୟଙ୍ଗ ଓ ଶିଶୁସାହିତ୍ୟ କ୍ଷେତ୍ରରେ ସାଧନାରତ । ପାଞ୍ଚଟି ଗଳ୍ପ ସଂକଳନ ପ୍ରକାଶିତ । ଆକାଶବାଣୀ ଓ ଦୂରଦର୍ଶନରେ ସ୍ୱାସ୍ଥ୍ୟ ତଥା ସାହିତ୍ୟ ବିଭାଗର ଅସ୍ଥାୟୀ ସଞ୍ଚାଳିକା ଭାବେ କାର୍ଯ୍ୟ କରିଛନ୍ତି । ସାରସ୍ୱତ ସାଧନା ପାଇଁ ପୁରସ୍କୃତ ।

ନଟ ମଉସା

ନିତି ସକାଳୁ ନଟ ମଉସାଙ୍କ ସହିତ ଭେଟ ହୁଏ ସିନ୍ଧୁଜାର । ଗୋଟିଏ ହାତରେ ଜରି ଆଉ ଅନ୍ୟ ହାତରେ ଲମ୍ବା ନହକା ବାଉଁଶଟିଏ ଧରି ସେଇ ବାଡିରେ ଗଛ ସନ୍ଧିରୁ ତୋଳି ଆଣନ୍ତି ସିଏ ନାନା କିସମର ଫୁଲ । ସାମନାସାମନି ହେଲେ ଟିକେ ହସିଦେଇ ପଚାରନ୍ତି, "କ'ଣ ଝିଅ ଭଲ ଅଛ?" ସିନ୍ଧୁଜା ମୁଣ୍ଡ ଟୁଙ୍ଗାରି ଅଳ୍ପ ହସିଦିଏ । ବାସ୍ ସେତିକି... ।

ନଟ ମଉସା ଓରଫ ନଟ କିଶୋର ମହାନ୍ତି ରିଟାୟାଡ଼ କରିବା ପରେ ଆଉ ତାଙ୍କ ଗାଁକୁ ନ ଫେରି ଏବେ ଭୁବନେଶ୍ୱରରେ ଭଡ଼ାଘର ନେଇ ପୁଅ ସହିତ ରହୁଛନ୍ତି । ପୁଅ ଏଠି ଗୋଟିଏ ପ୍ରାଇଭେଟ କମ୍ପାନୀରେ କାମ କରେ । ତିନି ଝିଅଙ୍କୁ ସେ ବାହା ଦେଇସାରିଛନ୍ତି । ସବୁବେଳେ କୁହନ୍ତି, "ଏଇ ପୁଅଟାକୁ ହାତକୁ ଦି' ହାତ କରିଦେଲେ ସ୍ତ୍ରୀକୁ ନେଇ ଗାଁକୁ ଚାଲିଯିବେ ସିଏ ।" ମାଉସୀ ବି ଦିନେ ସିନ୍ଧୁଜାକୁ କହୁଥିଲେ, ସେଠି କୁଆଡ଼େ ବଡ଼ଘରଟେ କରିଛନ୍ତି ମଉସା । ଦି' ପୁଅଙ୍କ ପାଇଁ ଉପର ତଳ ଦି' ମହଲା । ସବୁ ସୁବିଧା ଅଛି ମ! କିନ୍ତୁ ବଡ ପୁଅଟା ସେଇଠି ପାଖରେ ରହୁଛି ତ! ମାଉସୀଙ୍କର ସେଇ କିନ୍ତୁ ଭିତରେ ଅନେକ କିଛି

ଅଳ୍ପହା କଥା ଲୁଚି ରହିଥିଲା ପରି ମନେ ହେଲେ ବି ସେ ସବୁକୁ ଜଲଦି ଜଲଦି ଜାଣିନେବାକୁ କେବେ ବି ଚାହିଁନି ସିନ୍ଧୁଜା ।

ମଉସାଙ୍କୁ ଦିନ ଭିତରେ ଅନେକ ରୂପରେ ବାଣ୍ଟି ହେଉଥିବା ଅବସ୍ଥାରେ ଦେଖୁଥିଲା ସିନ୍ଧୁଜା । ତାଙ୍କ ବୟସ ଅନୁପାତରେ ସେ ଟିକେ ଅଧିକ ସକ୍ରିୟ ମନେ ହେଉଥିଲେ । କେତେବେଳେ ସେ ସାଇ କେଲଟିଏ ଧରି ବାହାରି ଯାଉଥିଲେ ଦୋକାନକୁ ତ ଆଉ କେତେବେଳେ ଛାତ ଉପରକୁ ଯାଇ ଅତି ଯତ୍ନରେ ଲୁଗା ଶୁଖାଉଥିଲେ । ମାଉସୀଙ୍କର

ଦିନେ ମାଉସୀଙ୍କୁ ଏଇକଥା କହିବାରୁ ସେ କହିଲେ, ଏକୁଟିଆ ପାଞ୍ଚଟା ଛୁଆଙ୍କ ଜଞ୍ଜାଳ ବୋହି ମୁଁ ଅଦିନରେ ବୁଢ଼ୀ ହେଇଗଲି । ସିଏ ଖାଲି ସିଗାରେଟ ଧୂଆଁ ଛାଡ଼ି ହିରୋଗିରି ଦେଖେଇଲେ । ଏବେ ସମୟ କଟୁନି ବୋଲି କ'ଣ ଟିକେ କାମ କରିଦେଉଛନ୍ତି ନା...! ବୁଝିଲୁ ଝୁଅ, ପୁରୁଷ କାମ ନ କଲେ ବି ହିରୋ, ଆଉ ଯଦି କରିଦେଲା ତାହେଲେ ତ ସୁପର ହିରୋ!

ଶାଢ଼ି ଶାୟାକୁ ସେ ଛାତ ଉପରେ ଶୁଖାଉଥିବା ବେଳେ ତାଙ୍କୁ ଦେଖିଲେ ସିନ୍ଧୁଜା ଜାଣିପାରୁଥିଲା, ମଣିଷଟି ଭାରି କର୍ମପ୍ରିୟ । ଏ ବୟସରେ କାମ କରିବାରେ ଏତେ ଆଗ୍ରହ ତ କ୍ୱଚିତ୍ ଲୋକଙ୍କ ପାଖରେ ଦେଖାଯାଏ! ଦିନେ ମାଉସୀଙ୍କୁ ଏଇକଥା କହିବାରୁ ସେ କହିଲେ, ଏକୁଟିଆ ପାଞ୍ଚଟା ଛୁଆଙ୍କ ଜଞ୍ଜାଳ ବୋହି ମୁଁ ଅଦିନରେ ବୁଢ଼ୀ ହେଇଗଲି । ସିଏ ଖାଲି ସିଗାରେଟ ଧୂଆଁ ଛାଡ଼ି ହିରୋଗିରି ଦେଖେଇଲେ । ଏବେ ସମୟ କଟୁନି ବୋଲି କ'ଣ ଟିକେ କାମ କରିଦେଉଛନ୍ତି ନା...! ବୁଝିଲୁ ଝୁଅ, ପୁରୁଷ କାମ ନ କଲେ ବି ହିରୋ, ଆଉ ଯଦି କରିଦେଲା ତାହେଲେ ତ ସୁପର ହିରୋ! ସିନ୍ଧୁଜା ଭାବୁଥିଲା, ମାଉସୀଙ୍କ କଥାରେ ହୁଏତ କିଛିଟା ସତ୍ୟତା ଥାଇପାରେ! କାରଣ ଛାତ ଉପରେ ମଉସା ଘୁରୁଥିବା ବେଳେ ଅନେକବାର ସେ ତାଙ୍କୁ ଲକ୍ଷ୍ୟ କରିଛି । ଲୁଚିରହି ଦେଖିଛି ତାଙ୍କର ଛପି ଛପି ସିଗାରେଟ୍ ଟାଣିବା ଭଙ୍ଗୀକୁ । ଏକଥା ବି ଭାବିଛି, ଉତ୍ତର ବୟସରେ ଯଦି ମଉସାଙ୍କର ସଉକ ଏତେ, ତେବେ ବୟସ ବେଳେ କ'ଣ ହୋଇ ନ ଥିବେ ସିଏ!

ଦିନେ ରାସ୍ତାରେ ଦେଖାହେବା ବେଳେ ମଉସା କହିଲେ, "ଝିଅ, ତୋର ତଳଘରଟା ଭଡା ଲାଗିଲାଣି? କେତେ ଟଙ୍କା ଭଡା ରଖିଛୁ?"

ସିନ୍ଧୁଜା କହିଲା, ଆଠ ହଜାର ।

-ଦେଇଦେଉନୁ? ଲୋକ ମିଳୁନାହାନ୍ତି କି?

-ନାଇଁ ମଉସା, ମିଳୁଛନ୍ତି ଯେ... ଭଲ ପରିବାରଟିଏ ଖୋଜୁଛି । ଭଡ଼ା ପଛେ କମ୍ ହେଉ । ଘରକୁ ଯତ୍ନରେ ରଖୁଥିବା ପରିବାରଟିଏ ନିହାତି ଦରକାର ।

-ଆମେ ଘରଟା ବଦଳାଇବା କଥା ଭାବୁଥିଲୁ । ଏଇଟା ଛୋଟ ପଡ଼ିଯାଉଛି ତ, ସେଥିପାଇଁ କହୁଥିଲି । ହେଲେ... ଟଙ୍କା ଅଧିକ ହୋଇଯିବ । ପୁଅର ବାହାଘର ହେବ !

-ଇଏ ତ ବହୁତ ଖୁସିର କଥା ମଉସା । କେବେ କରୁଛନ୍ତି?

-ଏଇମାସ କୋଡ଼ିଏ ତାରିଖରେ । ଝିଅଘର ପରା ବାହାଘର ଜଲଦି କରିବାକୁ ବାଧ କରୁଛନ୍ତି!

ସିନ୍ଧୁଜା ମନେ ମନେ ଭାବିଲା, ଘରଟା ଭଡ଼ା ଦେଇଦେଲେ ହୁଅନ୍ତା! ମାଉସୀ ଭାରି ପରିଷ୍କାର ପରିଚ୍ଛନ୍ନ ମଣିଷଟିଏ । ଏମାନଙ୍କ ଜିମାରେ ଘରଟାକୁ ଛାଡିଦେଇ ସେ ଯେତେବେଳେ ଚାହିଁବ ତା' ପୁଅବୋହୂଙ୍କ ପାଖକୁ ଯାଇ ଟିକେ ନିଶ୍ଚିନ୍ତରେ ରହିପାରିବ ।

ଏହାର କିଛିଦିନ ପରେ ପାଖ ପଡ଼ୋଶୀଙ୍କୁ ଧରି ମାଉସୀ ଦିନେ ସିନ୍ଧୁଜାର ଘରକୁ ଆସିଲେ । ତାଙ୍କୁ ଘରଟା ଭଡ଼ାରେ ନେବାକଥା ପଚାରିବାରୁ କହିଲେ, ନାଇଁଲୋ ଝୁଅ, ବାହାଘରର ଆଠଟା ଦିନରେ ତ ଦୁହେଁ ହନିମୁନ ପାଇଁ ବୁଲିବାକୁ ପଳେଇବେ । ସେଇଠୁ ଆସିବା ବେଳକୁ ଘରୁ କୁଣିଆ ଖାଲି ହୋଇଯାଇଥିବେ । ଦି'ଟା ରୁମ୍ ତ ଏଠି ଅଛି । ଯେତେ ବଡ଼ଘର ସେତେ ଅଧିକ କାମ । ଏବେ ଖାଲି ବାହାଘରର କୁଣିଆ ମଇତ୍ର ରହିବାପାଇଁ ଦୁଇ ଚାରି ଦିନ ଟିକେ ଘରଟା ଦେବାକୁ ଅନୁରୋଧ କରୁଛି ।

ଘର ତ ଖାଲି ପଡିଥିଲା ସିନ୍ଧୁଜାର । ମଉସାଙ୍କର କାମରେ ଆସିପାରିଲେ ଭଲ ହେବ ଭାବି ବିନା ଦ୍ୱିଧାରେ ହଁ ମାରିଦେଲା । ମାଉସୀ ବାହାଘରର କାର୍ଡଟିକୁ ସିନ୍ଧୁଜା ହାତକୁ ବଢେଇଦେଇ ଖୁସି ମନରେ ତାଙ୍କ ଘରକୁ ଚାଲିଗଲେ । ମାଉସୀ ଯିବା ପରେ ତାଙ୍କ ସହିତ ଆସିଥିବା ସିନ୍ଧୁଜାର ଅନ୍ୟ ପଡୋଶୀ କହିଲେ, "ଘର ଦେବାକୁ କାହିଁକି ରାଜି ହୋଇଗଲେ? ଆପଣ ଜାଣିନାହାନ୍ତି ସେ ବାହାଘରିଆ କଥାକୁ । ଏବେ ପରା ନୂଆକରି ଘର ରଙ୍ଗ ଦେଇଛନ୍ତି ଆପଣ! ସମସ୍ତେ ମିଶି କାନ୍ଥବାଡର ରଙ୍ଗ ଖରାପ କରିଦେବେ । ବାଥରୁମ ଲାଟିନ୍ ସବୁ ଅପରିଷ୍କାର କରିବେ । ଏବେ ତ ଭଲ ସାଜି ଘର ଦେଇ ଦେଉଛନ୍ତି କିନ୍ତୁ ପରେ ପସ୍ତେଇବା ବେଳକୁ କିଛି ନ ଜାଣିଲା ପରି ପିଠି କରି ପଳେଇଯିବେ ଏଇମାନେ । ଏମିତି ଅଭିଜ୍ଞତା ମୋର ଅଛି ବୋଲି କହୁଛି ନା! ଆରେ ବାପରେ ବାପ, ସେଦିନୁ ତ ମୁଁ କାହାକୁ ସାହାଯ୍ୟ କରିବା କଥା ଆଉ ଭାବେନି ।"

ମୁଣ୍ଡଟା ବାଏଁ ବାଏଁ କରିଗଲା ସିନ୍ଧୁଜାର । ଏବେ ସେ କ'ଣ କରିବ! ଆଜି ଯାଏ ମଉସା ମାଉସୀ ତାକୁ ଦେଖିଲେ ହସି ହସି କେତେ କଥା ହେଉଛନ୍ତି । ନା କରିଦେଲେ ହୁଏତ ଆଉ ମୁହଁକୁ ଚାହିଁବେନି । ତାଙ୍କ ପୁଅ ବାହାଘରକୁ କୋଉ ମୁହଁରେ ସିଏ ଯିବ! ଧର୍ମ ସଂକଟରେ ପଡିଗଲା ସିନ୍ଧୁଜା । ଏପଟେ ମାରିଲେ ଗୋ ହତ୍ୟା ଆଉ ସେପଟେ ମାରିଲେ ବ୍ରହ୍ମହତ୍ୟା!

ପରଦିନ ତଳଘର କଡ଼କୁ ଲାଗି ଉଠିଥିବା କିଛି ଫୁଲଗଛରେ ପାଣି ଦେବାକୁ ଯାଇ ସିନ୍ଧୁଜା ଯାହା ଦେଖିଲା ତା' ନିଜ ଆଖିକୁ

ବିଶ୍ୱାସ କରିପାରିଲାନି । ମାଉସୀଙ୍କ ପୋର୍ଟିକୋରେ ସବୁବେଳେ ଥୁଆ ହୋଇଥିବା ତାଙ୍କ ପୁଅର ନାଲି ରଙ୍ଗର ଅଲ୍‌ଟୋ ଗାଡ଼ିର ଆଗ ପଛ କାଚ ଭାଙ୍ଗି ଚୂନା ହୋଇଯାଇଥିଲା । ସିନ୍ଧୁଜା ଏପଟ ସେପଟ ଆଖି ବୁଲେଇ ହଠାତ ତୁଳସୀ ଚଉରାରେ ପାଣି ଦେଉଥିବା ଅବସ୍ଥାରେ ମାଉସୀଙ୍କୁ ଦେଖି ପଚାରିଦେଲା, "ଏ କ'ଣ ମାଉସୀ? ଗାଡ଼ିର କାଚ କେମିତି ଭାଙ୍ଗିଲା?"

ପାଟିରେ ଆଙ୍ଗୁଠି ଦେଇ ମାଉସୀ ବତକ ଭଳି ହଲିହଲି ସିନ୍ଧୁଜାର ଘର ପାଚେରି କଡ଼କୁ ଆସିଗଲେ । ତୁନିତୁନି କହିଲେ, "ବଡ଼ପୁଅ କାଲି ଆସିଥିଲା । ସବୁଥର ପରି ଏଥର ବି ମହାଭାରତ ନଗେଇଲା । ରାଗିଯାଇ ଆଖି ଆଗରେ ଥୁଆ ହୋଇଥିବା ଶାବଳରେ ଗାଡ଼ିର କାଚସବୁ ଭାଙ୍ଗିଦେଲା । ବାହାଘରକୁ ଆସିବନି କହି ରାତି ରାତି ପଳେଇଲା ତା' ଘରକୁ । ବହୁତ ରାଗୀ ସିଏ । ମଉସା ଆଉ ମୁଁ କେହି ତ ଏମିତି ରାଗୀ ନୋହୁଁ । ତାରି ଡରରେ ତ ନିଜଘର ଛାଡ଼ି ଭଡ଼ାଘରେ ଜୀବନ କଟୁଛି ଆମର!"

ଏତିକି କହି ମାଉସୀ ତାଙ୍କ ଘରକୁ ପଳେଇଲେ । ସିନ୍ଧୁଜା ଭାବୁଥିଲା, ଇଏ ପୁଅ ନା ସଇତାନ! ବାପରେ ବାପ! ଭଲ ହୋଇଛି ମଉସା ତା' ଘରେ ରହିନାହାନ୍ତି । କିଏ ଜାଣେ, ଏଠି ରହିଥିଲେ ରାଗରେ ତା' ଗାଡ଼ିର କାଚକୁ ବି ପିଟି ଭାଙ୍ଗିଦେଇଥାନ୍ତା ସିଏ! ସିନ୍ଧୁଜା ପୁଣି ଭାବିଲା, "ଏଇ ମଉସା ମାଉସୀ କ'ଣ ମୋର ନିଜଲୋକ? ସାମନା ଘରେ ଆଜି ଭଡା ଅଛନ୍ତି କାଲିକୁ ଆଉ କୁଆଡେ ଚାଲିଯିବେ । ଅନ୍ୟ ପଡୋଶୀର ତ ନିଜ ଘର ଏଇଠି । ସାରା ଜୀବନ ନିତି ତା' ସହିତ ଦେଖାହେବ ତା'ର । ବରଂ ମଉସା ଖରାପ ଭାବନ୍ତୁ ପଛେ ତାଙ୍କୁ ନାହିଁ କରିଦେବ ସିଏ ।"

ଥରେ ଗୋଟାଏ ନିଷ୍ପତ୍ତି ନେଇଗଲେ ତା'ପରେ ଆଉ ଆଗକୁ କାରଣ ଦେଖାଇବାର ଅଭାବ ରୁହେନି । ମିଛରେ ମଉସାଙ୍କୁ ଘରଟା ଲାଗିଗଲା କହି ତଳଘରେ ଅନ୍ୟ ଏକ ତାଲା ଝୁଲାଇଦେଲା ସିନ୍ଧୁଜା । କଥାଟି ଶୁଣିବା କ୍ଷଣି ହଠାତ ମଉସା ଟିକିଏ ମୁହଁ ଶୁଖେଇଦେଲେ, କିନ୍ତୁ ପରେ କହିଲେ, "ହଉ ଦେଖିବା, ଆଉ କେଉଁଠି ବ୍ୟବସ୍ଥା କରିବା ।" ସିନ୍ଧୁଜା ଭାବୁଥିଲା, ଏମିତି ଘଡିସନ୍ଧି ମୁହୂର୍ତ୍ତରେ ତ ଭଲ ଲୋକ ଆଉ ଖରାପ ଲୋକ ଭିତରେ ତାରତମ୍ୟ ବାରିହୋଇଯାଏ । କ'ଣ ବା ଆଉ କରିପାରିବ ଯେ ସିଏ, ଏଣିକି ଯାହା ହେବ ତାକୁ କେବଳ ସାମନା କରିବ ଯାହା ।

ଚାହୁଁଚାହୁଁ ମଉସାଙ୍କ ପୁଅ ବାହାଘରର ଦିନ ପାଖେଇ ଆସିଲା । ମଉସାଙ୍କ ଛାତ ଉପରେ ବାଉଁଶ ବନ୍ଧା ହୋଇ ଟେଣ୍ଟ ପଡିଲା । ମାଉସୀଙ୍କ ଘରେ ବାହାଘରର କିଛି ନୂଆ ବିଧି ଥିଲା ବୋଧହୁଏ ଝିଅ ତାଙ୍କର ବାହାଘର ପୂର୍ବଦିନ ଘର ଘର ବୁଲି ଅନ୍ୟଘରୁ ପାଣି ମାଗି ଆଣୁଥିବା ଦେଖିଥିଲା ସିନ୍ଧୁଜା । ଉପର ମହଲାରେ ଥାଇ ସେ ଉପଭୋଗ କରୁଥିଲା ଏଇ ସୁନ୍ଦର ଦୃଶ୍ୟକୁ । ବାଲକୋନି କାଚ ପଛରୁ ସେ ଏସବୁ ଦୃଶ୍ୟ ଦେଖୁଥିବା କଥା ବାହାରୁ କେହି ଜାଣିପାରୁନଥିଲେ । ହଠାତ ଯେତେବେଳେ ଝିଅଟି ତା ଗେଟ୍ ସାମନାଦେଇ ଆଗକୁ ଚାଲିଗଲା ସିନ୍ଧୁଜାର ଛାତିଟା ଦାଉଁ କରିଦେଲା । ଭାବିଲା, କ'ଣ ଆଉ କାରଣ ହୋଇପାରେ? ନିଶ୍ଚିତ ଭାବରେ ତା'ର ଘରପାଇଁ ମନାକରିବା କଥାଟିକୁ ସହଜରେ ଗ୍ରହଣ କରିପାରିନାହାନ୍ତି ମାଉସୀ ।

ମନ ଭିତରେ ରାଗ ପଶିଗଲା ସିନ୍ଧୁଜାର । କହିଲା, "ସାହାଯ୍ୟ ମାଗିବା ପୂର୍ବରୁ ଟିକେ ଭାବିବା କଥା କି ନାହିଁ ! ସ୍ୱାମୀ ତା'ର ବାହାରେ ରହୁଛନ୍ତି ବୋଲି ସେମାନେ ସିନା ତାକୁ ପଚାରିଦେଲେ । ସେ ଥିଲେ ହୁଏତ ମୁହଁ ଉପରେ ବି ମନା କରିଦେଇଥା'ନ୍ତେ! ଆଉ ଏତିକି କଥାରେ କ'ଣ ସମ୍ପର୍କ କାଟିଦେଇଥା'ନ୍ତ ତୁମେ? ପଡୋଶୀ ଜଣକ କଣ ଏମିତି ଖରାପ କଥା କହିଦେଲେ ଯେ! ସତକଥା ତ । ଏବେ ଏବେ ତିରିଶ ହଜାର ଖର୍ଚ୍ଚକରି ସେ ଘର ରଙ୍ଗ ଦେଇଛି । ନାହିଁ କରିଦେଲା ଯଦି ତା'ର ସବୁ ଭୁଲ ହେଇଗଲା । ହୁଁ... ଜଣେ ଜଣେ ମଣିଷ ଏମିତି ଥାଆନ୍ତି । ପର ଘରେ ବଳେ ପଶି ଅଧିକାର ସାବ୍ୟସ୍ତ କରିବେ ଆଉ ସେମାନଙ୍କ ଜୀବନକୁ ଅଶାନ୍ତ କରିବେ ।"

ଚୁପ୍‌ଚାପ୍ ଚେୟାରରେ ବସିଗଲା ସିନ୍ଧୁଜା । କିଛି ଭଲ ଲାଗୁନଥିଲା ତାକୁ । ଯେଉଁ କଥାକୁ ସେ ଡରୁଥିଲା ସେଇଆ ହିଁ ହେଲା ତା' ସହିତ । ଏବେ ସମ୍ପର୍କଟିଏ କଟିଯିବାକୁ ଗ୍ରହଣ କରିନେବା କିମ୍ବା ଆଗକୁ ଯାହା ହେବ ତାକୁ ସହିବା ଛଡ଼ା ତା' ପାଖରେ ଆଉ କିଛି ବିକଳ୍ପ ନଥିଲା । ପଡୋଶୀ ଜଣକ ଯଦିଓ ଭୁଲକଥା କହିନାହାନ୍ତି କିନ୍ତୁ ଏକଥା ବି ସତ ଯେ ସେ ତାଙ୍କ କଥାରେ ଖୁବ ସହଜରେ ପ୍ରଭାବିତ ହୋଇଗଲା ।

ସିନ୍ଧୁଜା ଭାବୁଥିଲା, ସମ୍ପର୍କଟିଏ ଗଢିବାକୁ ମଣିଷକୁ କେତେ କଷ୍ଟ ସହିବାକୁ ପଡେ କିନ୍ତୁ ଭାଙ୍ଗିଦେବାକୁ ତ ଗୋଟିଏ ମୁହୂର୍ତ୍ତ । ସେଇ ସମ୍ପର୍କ ପୁଣି ଭାଙ୍ଗିଗଲେ ତାକୁ ଫେରିପାଇବା ପାଇଁ ବି ମନ ହାଇଁପାଇଁ ହୁଏ । ମାଉସୀଙ୍କ ପଡୋଶୀ ବିନିଅପା ତାକୁ ଦିନେ କହୁଥିଲେ, ବୟସ ଗର୍ବରେ ଦାସ ମଉସାଙ୍କ ବଡ଼ପୁଅଟା ଦିନେ ବାପାକୁ ଯାହା ପାରିଲା କହିଦେଲା । ମାଉସୀ ରାଗିଯାଇ ତାକୁ ଘରୁ ପଳେଇଯିବାକୁ କହିଦେଲେ । ସେ ଦିନଠୁ ସେ କୁଆଡ଼େ ଆଉ ଘରକୁ ଆସୁନି । ମାଉସୀ ତା'ରି କଥା ଭାବି ଭାବି ସବୁବେଳେ ନିଜକୁ ଧିକ୍କାରୁଛନ୍ତି, କିନ୍ତୁ ସାହସ କରି ଆଉ ତାକୁ ଭେଟିବାକୁ ଯାଉନାହାନ୍ତି କି ଏଠାକୁ ଡ଼ାକିପାରୁନାହାନ୍ତି । ପୁଅ ତ ଏବେ ତାଙ୍କୁ ଶତ୍ରୁ ଭାବି ସାରିଲାଣି ।

ମୁଣ୍ଡଟା ବାଏଁ ବାଏଁ କରିଗଲା ସିନ୍ଧୁଜାର । ଏବେ ସେ କ'ଣ କରିବ! ଆଜି ଯାଏ ମଉସା ମାଉସୀ ତାକୁ ଦେଖିଲେ ହସି ହସି କେତେ କଥା ହେଉଛନ୍ତି । ନା କରିଦେଲେ ହୁଏତ ଆଉ ମୁହଁକୁ ଚାହିଁବେନି । ତାଙ୍କ ପୁଅ ବାହାଘରକୁ କୋଉ ମୁହଁରେ ସିଏ ଯିବ! ଧର୍ମ ସଂକଟରେ ପଡିଗଲା ସିନ୍ଧୁଜା । ଏପଟେ ମାରିଲେ ଗୋ ହତ୍ୟା ଆଉ ସେପଟେ ମାରିଲେ ବ୍ରହ୍ମହତ୍ୟା!

ସମ୍ପର୍କରେ ଥରେ ଦୂରତ୍ୱ ସୃଷ୍ଟିହେଲେ ଫାଟ ମଝିରେ ଶତ୍ରୁତା ବି ଘର କରିନିଅନ୍ତି। କ'ଣ ବା ହୋଇଯାଇଥାନ୍ତା ତା'ର! ଅତି ବେଶିରେ ଘରଟା ଟିକେ ଖରାପ କରିଦେଇଥାନ୍ତେ ତ ! କିନ୍ତୁ ମଉସା ମାଉସୀଙ୍କର ଖୁସି ତା'ର ସେତିକି କ୍ଷତିର କ'ଣ ଭରଣା କରିଦେଇ ନଥାନ୍ତା! ଅଦୃଶ୍ୟ ତ ଏମିତି ଅନେକ ପରୀକ୍ଷା ନେଇଥାଏ ମଣିଷର। ଗୋଟିଏ ଝଟ୍‌କାରେ ପାଣି ଆଉ କ୍ଷୀରକୁ ଅଲଗା କରି ଅସଲ ମାପକୁ ଆଖି ଆଗରେ ଥୋଇଦିଏ। ଏବେ ଉପଦେଶ ଦେଇଥିବା ପଡ଼ୋଶୀ ଆସି କ'ଣ ତା' ପିଠିରେ ପଡ଼ିବେ?

ସିନ୍ଧୁଜା ଭାବିଲା, ସେ ତ ଏବେ ଏକା ଅଛି! ଦୁଇ ଚାରି ଦିନ ଭଉଣୀ ଘରକୁ ଚାଲିଗଲେ କଥା ସରିବ। ନଚେତ ସାରା କଲୋନୀ ଲୋକ ବାହାଘରରେ ଯୋଗଦେବେ ଆଉ ସେ ଯିବନି ଯଦି ତାକୁ ଏଠି ସମସ୍ତେ କ'ଣ କହିବେ! ଆଉ ବାଲକୋନିରେ ଠିଆ ନହୋଇ ଘର ଭିତରକୁ ଯାଇ ବ୍ୟାଗରେ ଦୁଇ ଚାରିଟା ଲୁଗା ଭର୍ତ୍ତି କରିବାକୁ ଯାଉଥିବା ସମୟରେ କଲିଂ ବେଲ ବାଜି ଉଠିଲା। ଦୁଆର ଖୋଲି ଦେଖିଲା ବେଳକୁ ମାଉସୀ ଆଉ ତାଙ୍କ ଝିଅ କାଖରେ କଳସ ଧରି ତା' ସାମନାରେ ଠିଆ ହୋଇଛନ୍ତି। ସିନ୍ଧୁଜାକୁ ଦେଖି ଝିଅଟି କହିଲା, ଆମକୁ ତୁମଘର ପାଣି ଟିକେ ଦିଅ। ଏଇ ପାଣି ନେଲେ କାଲି ଭାଇର ମଙ୍ଗୁଳା କରାଯିବ।

ପିଣ୍ଡରେ ପ୍ରାଣ ପଶିଲା ସିନ୍ଧୁଜାର। ହଁ ଆଣୁଛି କହି ଖୁସିରେ ତରବର ହୋଇ ଘର ଭିତରକୁ ପଶିଗଲା ସିଏ। କ୍ଷଣିକ ତଳେ ମନକୁ ଆଚ୍ଛନ୍ନ କରି ରଖିଥିବା ଓଜନିଆ ଚିନ୍ତା ମୁହୂର୍ତ୍ତକରେ କୁଆଡେ ଅପସରି ଯାଇଥିଲା। କୁମ୍ଭରେ ପାଣି ଦେଲା ବେଳେ ସିନ୍ଧୁଜା କହିଲା, "ତୁମେ ଆମ ଗେଟ ସାମ୍ନାରେ ଆଗକୁ ପଳେଇଯିବା ଦେଖି ମୁଁ ଭାବିଲି ବୋଧହୁଏ ଆମ ଘରକୁ ଆସିବନି।" ଝିଅଟି କହିଲା, "ବୋଉ ପରା କହିଲା, ସେ ମୋ ସହିତ ଆପଣଙ୍କ ଘରକୁ ଆସିବ। ତେଣୁ ଆପଣଙ୍କ ଘରୁ ଶେଷରେ ନେବି ବୋଲି ଠିକ କଲି।" ଝିଅଟିର କଥା ନ ସରୁଣୁ ମାଉସୀ କହିଲେ, "ଆଲୋ ହେ... ଏ ଆପଣ ଆପଣ କେତେ କହୁଛୁ ବା! ଅପା ଡ଼ାକିପାରୁନୁ?"

ଲାଜରେ ମାଉସୀଙ୍କ ମୁହଁକୁ ଚାହିଁପାରୁ ନଥିଲା ସିନ୍ଧୁଜା। ଟିକେ ସଙ୍କୁଚିତ ହୋଇ କହିଲା, "ତଳ ଘର ଲୋକ ଆସିବାକୁ କିଛି ଦିନ ଡେରି କରିବେ କହିଲେ। ଆପଣ ଚାହିଁଲେ ସେ ଘରର ଚାବି ଦେଇଦେବି।" ସିନ୍ଧୁଜାର ମୁଣ୍ଡକୁ ଆଉଁଶି ଆଣି ମାଉସୀ କହିଲେ, "ନାଇଁ ଝୁଅ, ତୁ ସେ କଥା ଜମା ଚିନ୍ତା କରନା। ଖାଲି କଥା ଦେ, ମୋ ପୁଅ ବାହାଘରରେ ମଙ୍ଗଳକୃତ୍ୟରୁ ଚଉଠି ପର୍ଯ୍ୟନ୍ତ ତୁ ଘର ଲୋକ ଭଳି ମୋ ସାଥିରେ ରହିବୁ। କୁଣିଆ ଭଳି ଖାଲି ଭୋଜି ଖାଇ ଚାଲି ଆସିବୁନି!"

ଏତକ କହି ମାଉସୀ ତାଙ୍କ ଘରକୁ ଚାଲିଗଲେ। ସିନ୍ଧୁଜା ଦୁଆର କିଳି ଭାବୁଥିଲା, ସବୁ ମଣିଷଙ୍କୁ ଗୋଟିଏ ଚିନ୍ତାର ନିକିତିରେ ତଉଲି ନିଷ୍କର୍ଷ ବାହାର କରିନେବା କେବେ ବି ଠିକ କଥା ନୁହେଁ। ଏକଥା ବି ଭୁଲିଯିବା ଉଚିତ ନୁହେଁ, ଜଣେ ମଣିଷ ଠାରୁ ଆଉ ଜଣେ ସମ୍ପୂର୍ଣ୍ଣ ଭିନ୍ନ ହୋଇପାରେ! ■■■

ଅମୃତା, ୩୨, ମୈତ୍ରୀ ଜନପଦ

ନହରକଣ୍ଟା, ଭୁବନେଶ୍ୱର-୭୫୨୧୦୧

ନିୟମାବଳୀ

- 'ଗୋପବନ୍ଧୁଙ୍କ ସତ୍ୟବାଦୀ' ପ୍ରତିମାସ ଆରମ୍ଭରେ ପ୍ରକାଶ ପାଏ।
- 'ଗୋପବନ୍ଧୁଙ୍କ ସତ୍ୟବାଦୀ' ଉଭୟ ପ୍ରବୀଣ ତରୁଣ ଲେଖକ ଓ ଲେଖିକାଙ୍କ ଲେଖା ଗ୍ରହଣ କରିଥାଏ।
- ଲେଖା ପଠାଇବା ସମୟରେ ଏହାର ଏକ ନକଲ ନିଜ ପାଖରେ ରଖନ୍ତୁ; କାରଣ ଅମନୋନୀତ ଲେଖା ଫେରସ୍ତ ଦିଆଯିବା ସମ୍ଭବ ନୁହେଁ। ଲେଖା ସହିତ ଲେଖକ/ଲେଖିକାଙ୍କ ସମ୍ପୂର୍ଣ୍ଣ ଠିକଣା ଓ ଦୂରଭାଷ ନମ୍ବର ଏବଂ ନିଜର ଜନ୍ମ ତାରିଖ, ସଂକ୍ଷିପ୍ତ ପରିଚୟ ଓ ଏକ ପାସ୍‌ପୋର୍ଟ ଫଟୋ ପଠାଇବା ବାଞ୍ଛନୀୟ।
- ଗୋଟିଏ ପ୍ରବନ୍ଧ ବା ଗଳ୍ପ ଏହି ପତ୍ରିକାରେ ପ୍ରାୟ ତିନି-ଚାରି ପୃଷ୍ଠା ମଧ୍ୟରେ ସୀମିତ ହେବା ବାଞ୍ଛନୀୟ।
- ଲେଖାଟି ନିଜର ହୋଇଥିବ ଏବଂ ଅନ୍ୟ କେଉଁଠି ପ୍ରକାଶିତ ନ ହୋଇଥିବାର ସୂଚନା ଲେଖକ ଦେବା ଆବଶ୍ୟକ।
- ଏକାଧିକ ଲେଖା ନ ପଠାଇ ନିଜର ସୁନିର୍ବାଚିତ ଲେଖା ପଠାନ୍ତୁ। ଲେଖାର ଜେରକ୍ସ ପଠାନ୍ତୁ ନାହିଁ।
- ଲେଖା ପଠାଇବାର ଛଅମାସ ମଧ୍ୟରେ କୌଣସି ଉତ୍ତର ନ ପାଇଲେ ଲେଖାଟି ଅମନୋନୀତ ବୋଲି ଧରିନେବେ।
- ପ୍ରକାଶ ପାଇଁ ସମସ୍ତ ଲେଖା ବହୁ ପୂର୍ବରୁ ମନୋନୀତ ହୋଇଥାଏ, ତେଣୁ ଲେଖା ପଠାଇ ଏହାର ପ୍ରକାଶନ ସମ୍ପର୍କରେ ଟେଲିଫୋନ୍‌ରେ ଯୋଗାଯୋଗ ନ କରିବା ପାଇଁ ବିଶେଷ ଅନୁରୋଧ। ଲେଖାଟିଏ ପଠାଇବାର ଛ'ମାସ ପର୍ଯ୍ୟନ୍ତ ଦୟାକରି ତାହା ଅନ୍ୟତ୍ର ପ୍ରକାଶ ପାଇଁ ଦିଅନ୍ତୁ ନାହିଁ।
- ଅନୁବାଦ ଗଳ୍ପ ନିମନ୍ତେ ମୂଳ ଲେଖକଙ୍କ ସଂକ୍ଷିପ୍ତ ପରିଚୟ ଏବଂ ସମ୍ଭବ ହେଲେ ଫଟୋଟିଏ ଦିଅନ୍ତୁ।
- ମତାମତ ପାଇଁ ଗଠନମୂଳକ ତଥା ବିଶ୍ଳେଷଣଧର୍ମୀ ମନ୍ତବ୍ୟ ଲେଖି ପଠାନ୍ତୁ। ନୂଆ ପ୍ରସ୍ତାବକୁ 'ଗୋପବନ୍ଧୁଙ୍କ ସତ୍ୟବାଦୀ' ସବୁବେଳେ ସ୍ୱାଗତ କରିଥାଏ।
- ଫଟୋ ସହିତ ସମ୍ପୂର୍ଣ୍ଣ ବିବରଣୀ, ଠିକଣା, ଦୂରଭାଷ ନମ୍ବର ତଥା ନିଜର ଦସ୍ତଖତ ରହିବା ଦରକାର। ଏହିସବୁ ବିବରଣୀ ନ ଥିଲେ ଫଟୋ ପ୍ରକାଶ ପାଇଁ ବିଚାରକୁ ନିଆଯିବ ନାହିଁ।
- ସମୟ ଅନୁସାରେ କେବଳ ମନୋନୀତ ହୋଇଥିବା ଫଟୋ ପ୍ରକାଶିତ ହେବ। କୌଣସି ଫଟୋ ଫେରସ୍ତ ଦିଆଯିବା ସମ୍ଭବ ନୁହେଁ।
- ଲେଖାଟି ସୁନ୍ଦର ଅକ୍ଷର ହେବା ଆବଶ୍ୟକ ଏବଂ କାଗଜର ଏକ ପାଖରେ ଲେଖନ୍ତୁ।
- ପ୍ରକାଶ ପାଉଥିବା 'ଟିକିତାରା' ବିଭାଗ ପାଇଁ ଗପଗୁଡ଼ିକ ୮୦୦ରୁ ୧୦୦୦ ଶବ୍ଦ ମଧ୍ୟରେ ହେବା ଆବଶ୍ୟକ।

ଗ୍ରାହକଙ୍କୁ ଅନୁରୋଧ

'ଗୋପବନ୍ଧୁଙ୍କ ସତ୍ୟବାଦୀ' ପତ୍ରିକାର ଗ୍ରାହକମାନଙ୍କୁ ଅନୁରୋଧ ଯେ ସେମାନେ ଗ୍ରାହକ ଦେୟ ଡିମାଣ୍ଡ ଡ୍ରାଫ୍ଟ ହୋଇଥିଲେ "The Samaja", Payable at Cuttack ଏବଂ ମନିଅର୍ଡ଼ର ହୋଇଥିଲେ ସମ୍ପାଦକ, ଗୋପବନ୍ଧୁଙ୍କ ସତ୍ୟବାଦୀ, ଗୋପବନ୍ଧୁ ଭବନ, ବକ୍ସିବଜାର, କଟକ-୭୫୩୦୦୧ ଠିକଣାରେ ଦିଅନ୍ତୁ।

ମହୀଖୁଣ୍ଟର ଛାଇ

କ୍ଷୀରୋଦବିହାରୀ ବିଶ୍ୱାଳ

ବଳିଷ୍ଠ କଥାବସ୍ତୁ ଆଧାରିତ ବାସ୍ତବଧର୍ମୀ ଗଳ୍ପ, ନାଟକ ଲେଖିବା ସହ ଜଣେ ମଞ୍ଚ ଅଭିନେତା । ତିନିଟି ଗଳ୍ପ ସଂକଳନ ପ୍ରକାଶିତ । କିଛି ସାରସ୍ୱତ ଅନୁଷ୍ଠାନରୁ ସମ୍ବର୍ଦ୍ଧିତ ତଥା ସମ୍ମାନିତ ।

ସେଦିନ ଆସରରେ ବସିବା ମୋର ପ୍ରଥମ । ମାନସ ଭାଇ ଆସର ବାବଦରେ ଯେତେସବୁ ଗପ କହିଥିଲା ସବୁ କଥାର ସତ୍ୟାସତ୍ୟ ଜାଣିବାକୁ ଓ 'ମୁଁ ବି ପାରିବି' ଏହି ସାହସ ଦେଖେଇବାକୁ ମୁଁ ଆଜି ତାଙ୍କ ଆସରର ଅତିଥି । ମୋର କିଛି ଖର୍ଚ୍ଚ କରିବାର ନଥିଲା । ସବୁ ଖର୍ଚ୍ଚ ମାଇତି ବାବୁ ଓ ମାନସ ଭାଇଙ୍କର । ମୁଁ ଓ ଦେବ କେବଳ ତାଙ୍କୁ ସାଙ୍ଗଦେବାକୁ ଓ ସେ ମାହୋଲ କେମିତି ଦେଖିବାକୁ ଯାଇଥିଲୁ ।

ସାମ୍ନାରୁ ଦେଖିଲେ ସାଧାରଣ ହୋଟେଲ । ଲୋକେ ପରିବାର ସହିତ ବି ଆସି ଖାଉଛନ୍ତି । ମାନସ ଭାଇ ଆମକୁ ଉପରକୁ ନେଇଗଲା । ଉପର ତାଲାରେ ସାଇବର କେଫେ ପରି ଛୋଟ ଛୋଟ କେବିନ । ପ୍ରତି କେବିନ ଆଗରେ ପରଦା । ଅତି ଧିମା ଆଲୁଅ । ପ୍ରଥମେ ମୋତେ ଲାଗିଲା ଭିତରେ କମ୍ପ୍ୟୁଟର ଥିବ । ଥରେ ଦୁଇଥର ମୁଁ କଣ୍ଢେଇକୁ ନେଇ ଏମିତି ଛୋଟ କେବିନ ଥିବା ସାଇବର କେଫେକୁ ଯାଇଛି । କଣ୍ଢେଇ କିଏ.... ପରେ କେବେ କହିବି ।

ମାନସ ଭାଇ ମାଇତି ବାବୁଙ୍କୁ ଫୋନ କଲା । ବସ୍‌ରେ ରୁମାଲ୍ ପକେଇ ଜାଗା ରଖିବା ପରି ଆମେ ଆସିବା ଆଗରୁ କେବିନ ରିଜର୍ଭ କରି ମାଇତି ବାବୁ ବସିଥିଲେ । ମାଇତି ବାବୁ, ଆମ ଘର

ମାଲିକ। ନିଜ ଘର ବେଙ୍ଗଲ ବର୍ଦ୍ଧରରେ। ପ୍ଲାଷ୍ଟିକ୍ ଫେକ୍ଟ୍ରୀରେ ଚାକିରି କରନ୍ତି। ଏଠି ଏକା ରୁହନ୍ତି, ଛୁଟିରେ ଗାଁକୁ ଯା'ନ୍ତି। ଗାଁରେ ତାଙ୍କ ସ୍ତ୍ରୀ ଓ ଦୁଇବର୍ଷର ପୁଅ ଅଛି ବୋଲି କୁହନ୍ତି। ଏବେ ଶିଳ୍ପାଞ୍ଚଳରେ ଜାଗା କିଣି ଘର କରିଛନ୍ତି। ଅଧା ଘରେ ସେ ରୁହନ୍ତି ଆଉ ଅଧା

ମଦ ନାଁ ଶୁଣିଲେ ମୋ ଆଖିରେ ଭାସିଆସେ ଦୁଇଜଣଙ୍କ କଥା। ଜଣେ ଆମ ଗାଁ ଫକନ ସାହୁ। ସେ ମଦ ପିଇ ରାସ୍ତାରେ ଗଡ଼େ। ଗାଁର ସମସ୍ତ ବାହାଘର, ଦୋଳ ମେଳଣ, ହୋଲି ପ୍ରସେସନ କି ପୂଜା ଭସାଣି ସବୁଥିରେ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ନାଚେ। ନାଚି ନାଚି କୋଉଠି ରାସ୍ତାରେ କି ମନ୍ଦିର ପାଖରେ ପଡ଼ିଥାଏ କେହି ପଚାରନ୍ତିନି। ଫକନର ରୋଜଗାର ନାହିଁ। ମାଗଣାରେ ପାଇଲେ ପିଏ, ନହେଲେ ମାଗିକି ପିଏ। ଅଯଥାରେ ଲୋକଙ୍କ ସହିତ ଝଗଡ଼ା କରେ ବୋଲି ତା' ସହ ମିଶନ୍ତିନି। ଦେଶୀ ମହୁଲି ପାଉଚ ଗୋଟେ ପାଇଁ ଯାହାକୁ ଟଙ୍କା ଦଶ ମାଗିଲା ତ ଜୋକ ପରି ଲାଗିଥିବ। ନଦେବା ପର୍ଯ୍ୟନ୍ତ ପଛେ ପଛେ ଗୋଡ଼େଇଥିବ। ଘର ପର୍ଯ୍ୟନ୍ତ ବି ପଳେଇ ଆସିବ। ସେଥିପାଇଁ ଲୋକେ ତାକୁ ଦେଖିଲେ ରାସ୍ତା କାଟି ପଳାନ୍ତି ଆଉ ଯଦି ଭାଗ୍ୟ ଖରାପ ତ ଟଙ୍କା ଦଶଟା ଦେଇକି ଖସିଯାନ୍ତି।

ଘର ଆମ ତିନିଜଣଙ୍କୁ ଭଡ଼ା ଦେଇଛନ୍ତି। ପୁଅ ପାଠ ପଢ଼ିବା ବୟସ ହେଲେ, ସ୍ତ୍ରୀ ଓ ପୁଅକୁ ଏଠିକି ନେଇଆସିବେ ବୋଲି ତାଙ୍କ ସ୍ତ୍ରୀଙ୍କୁ କହିଛନ୍ତି। ମାଇତି ବାବୁ ପରିବାର ଥିବା ଲୋକଙ୍କୁ କେବେ ଭଡ଼ା ଦିଅନ୍ତିନି। ତାଙ୍କର ପସନ୍ଦ ଆମ ପରି ବ୍ୟାଚେଲର ଷ୍ଟୁଡେଣ୍ଟ। ସେ କୁହନ୍ତି ଫ୍ୟାମିଲି ଲୋକଙ୍କୁ ଭଡ଼ାଦେଲେ ଦୁନିଆ ଟେନ୍‌ସନ୍, କିନ୍ତୁ ପ୍ରକୃତ କଥା ହେଲା, ତାଙ୍କ ମାତାଲି ଗୁଣ ପାଇଁ କୌଣସି ଫ୍ୟାମିଲି ବାଲା ତାଙ୍କ ଘରେ ରହିବାକୁ ରାଜି ନୁହନ୍ତି।

ଆମକୁ ଦେଖି ମାଇତି ବାବୁ, ହୃଦୟ ଖୋଲା ହସଟେ ହସି ବସିବାକୁ ଇସାରା କଲେ। କେବିନ ଭିତରେ ଥାଏ ଏକ ଛୋଟ ଟେବୁଲ। ଦୁଇ ପାଖରେ ସାମ୍ନାସାମ୍ନି ହୋଇ ଦୁଇଟି ବେଞ୍ଚ। ସେ ଦୁଇଟି ବେଞ୍ଚର ଚାରିଜଣିଆ ଜାଗାରେ ଦରକାର ପଡ଼ିଲେ ଛ' ଜଣ ବି ବସିପାରିବେ।

ଆମେ ବସୁ ବସୁ ମସଲା ପାମ୍ପଡ଼ ଓ ଚିଲିଚିକେନ ଆସିଗଲା। ଦେବ ଓ ମୁଁ ଖାଇବା ଆରମ୍ଭ କରିଦେଲୁ। ଏକାଥରେ ଦୁଇ ପିସ୍ ଚିକେନ ପାଟିରେ ପୂରେଇ ଚୋବାଉଥିବା ବେଳେ ମାଇତି ବାବୁ ପଚାରିଲେ ପିଇବ କି ନାହିଁ? ଚିକେନ ଢୋକିସାରି ଉତ୍ତର ଫେରେଇବି ଭାବିଲା ବେଳକୁ ମାନସ ଭାଇ କହିଲା ପିଇବେନି ତ ଆସିଛନ୍ତି କାହିଁକି? ଯେ ଦୁହେଁ ଆମ ମିନିବାରର ନୂଆ ମେମ୍ବ ହେଲେ ପା।

ମଦ ନାଁ ଶୁଣିଲେ ମୋ ଆଖିରେ ଭାସିଆସେ ଦୁଇଜଣଙ୍କ କଥା। ଜଣେ ଆମ ଗାଁ ଫକନ ସାହୁ। ସେ ମଦ ପିଇ ରାସ୍ତାରେ ଗଡ଼େ। ଗାଁର ସମସ୍ତ ବାହାଘର, ଦୋଳ ମେଳଣ, ହୋଲି ପ୍ରସେସନ କି ପୂଜା ଭସାଣି ସବୁଥିରେ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ନାଚେ। ନାଚି ନାଚି କୋଉଠି ରାସ୍ତାରେ କି ମନ୍ଦିର ପାଖରେ ପଡ଼ିଥାଏ କେହି ପଚାରନ୍ତିନି। ଫକନର ରୋଜଗାର ନାହିଁ। ମାଗଣାରେ ପାଇଲେ ପିଏ, ନହେଲେ ମାଗିକି ପିଏ। ଅଯଥାରେ ଲୋକଙ୍କ ସହିତ ଝଗଡ଼ା କରେ ବୋଲି ତା' ସହ ମିଶନ୍ତିନି। ଦେଶୀ ମହୁଲି ପାଉଚ ଗୋଟେ ପାଇଁ ଯାହାକୁ ଟଙ୍କା ଦଶ ମାଗିଲା ତ ଜୋକ ପରି ଲାଗିଥିବ। ନଦେବା ପର୍ଯ୍ୟନ୍ତ ପଛେ ପଛେ ଗୋଡ଼େଇଥିବ। ଘର ପର୍ଯ୍ୟନ୍ତ ବି ପଳେଇ ଆସିବ। ସେଥିପାଇଁ ଲୋକେ ତାକୁ ଦେଖିଲେ ରାସ୍ତା କାଟି ପଳାନ୍ତି ଆଉ ଯଦି ଭାଗ୍ୟ ଖରାପ ତ ଟଙ୍କା ଦଶଟା ଦେଇକି ଖସିଯାନ୍ତି। ମୋଟାମୋଟି ମଦ ପିଉଥିବାରୁ ଫକନ ସାହୁ ଏକ ମଦୁଆ ଓ ଘୃଣ୍ୟମଣିଷ ଭାବରେ କୁଖ୍ୟାତ।

ଆଉ ଜଣେ ମଦୁଆ ହେଲା ଆମ ଗାଁ ସରପଞ୍ଚ ଡମ୍ବରୁଧର ମହାନ୍ତି। ସେ ଫକନ ସାହୁ ଠାରୁ ବେଶି ମଦପିଏ। ସଭା ସମିତିରେ ବି ମଦ ପିଇ ବସିଥାଏ, ଭାଷଣ ବି ଦିଏ। ନ୍ୟାୟନିଶାପରେ ବି ତା' ପାଟିରୁ ଗନ୍ଧ ବାହାରୁଥାଏ। କିନ୍ତୁ ସେ କାହାକୁ ଗାଳି କରେନି, ରାସ୍ତାରେ ଗଡ଼େନାହିଁ, ତା' ପାଖରେ ବହୁତ ଟଙ୍କା ଥିବାରୁ ସେ ବ୍ରାଣ୍ଡେଡ୍ ମଦପିଏ। କେହି ତାଙ୍କୁ ଘୃଣା କରନ୍ତିନି କି ମଦ ପିଇବା ଖରାପ ବୋଲି ବି ତା' ଆଗରେ କୁହନ୍ତିନି।

ଯେହେତୁ ମାନସ ଭାଇର କଥା ଶୁଣି ଶୁଣି ମଦ ଚାଖିବାପାଇଁ ମୋ ମନରେ ଲୋଭଟେ ପଳେଇ ଆସିଥିଲା ସେଥିପାଇଁ ମୋ ଦାର୍ଶନିକ ମନ କହିଲା କି "ମଦ ପିଇବା ଖରାପ ନୁହଁ, କେବଳ ନିଜକୁ ଠିକ ଭାବରେ ରଖିପାରିଲେ ହେଲା" ଏଣୁ ମାଇତି ବାବୁଙ୍କ ପ୍ରଶ୍ନରେ ମୁଁ ସ୍ମିତା ହାସ୍ୟ ପୂର୍ବକ ସମ୍ମତି ପ୍ରଦାନ କଲି। ଦେବ କିନ୍ତୁ କେବଳ ଖାଇବା ଲୋଭରେ ଆମ ସହିତ ଆସିଥିଲା। ସେ ଟିକେ କୁନ୍ଥ କୁନ୍ଥ ହେଲା। ମାଇତି ବାବୁ ତା' ମନ କଥା ଜାଣି କହିଲେ,

– ହଉ କେହିତ ଜଣେ ଭଲରେ ଥାଉ, ନହେଲେ ସମସ୍ତଙ୍କୁ ଯଦି ନିଶା ଚଢ଼ିଯିବ ତ ତୁମେ ସବୁ ଘରକୁ ଯାଇପାରିବନି। ଆମ ତିନିଜଣଙ୍କ ପାଇଁ ବକାଡ଼ି ଲିମନ୍ ଆସିଲା, ଗ୍ଲାସ୍ ଆସିଲା, ଥଣ୍ଡାପାଣି, ଦେବ ପାଇଁ ସ୍ପାଇଟ। ମାନସ ଭାଇ ଗଡ଼େଇଲା। କାହାର କେତେ ପାଣି ସେ ମାପ ଜାଣି ଢାଳିଲା। ଚିୟର୍ସ.....ଚିୟର୍ସ.....ରେ ଗଗନ କମ୍ପିଲା। ଗଗନ ତ ନୁହଁ ଆମ କେବିନ କମ୍ପିଲା।

ପ୍ରଥମ ଢୋକ ନେବା ବେଳେ ମୋ ମୁହଁର ଭଙ୍ଗୀ ବିକୃତ ହୋଇଗଲା। ପାଟିରୁ

ଗଳା ବାଟଦେଇ ପେଟକୁ ଧୀରେଧୀରେ କିଛି ଗୋଟେ ଯାଉଥିବାର ମୁଁ ଅନୁଭବ କରୁଥିଲି। ସେତେବେଳେ ମୁଁ ଭାବୁଥିଲି। ମୁଁ ମଦ କାହିଁକି ପିଇଲି? ନୂଆ ଅଭିଜ୍ଞତା ପାଇଁ? ମାଗଣାରେ ମିଳୁଛି ବୋଲି? ନା ମାନସ ଭାଇ ଆଗରେ ମରଦ ପଣିଆ ଦେଖେଇବାକୁ? କାହିଁକି? ସଠିକ ଉତ୍ତର ପାଇବା ଆଗରୁ ଗୋଟେ ଗିଲାସ ଉଦରସ୍ଥ କରିସାରିଥିଲି।

ଦ୍ୱିତୀୟ ଗିଲାସ ପେଟକୁ ଗଲାପରେ ମୋର ମନେପଡ଼ିଲା କଣ୍ଢେଇ କଥା। କଣ୍ଢେଇ ଯଦି ଏକଥା ଜାଣିବ କି ମୁଁ ମଦ ପିଉଚି ବୋଲି କ'ଣ ଭାବିବ ସେ! ମୋ ସହିତ ସମ୍ପର୍କ କାଟିଦେବନି ତ? ଏତିକି ଭାବିଲା ବେଳକୁ ଦୁଇ ଗ୍ଲାସ୍ ସରି କି ତୃତୀୟ ଗ୍ଲାସ୍ ଉଠିଲାଣି। ସେଟା ଅଧା ସରିବାପରେ ଗିଲାସ ଭିତରେ ଦିଶିଲା ବାପାଙ୍କ ରାଗ ତମତମ ଦୁଇଆଖି। ମୁଁ ସଙ୍ଗେ ସଙ୍ଗେ ପଛକୁ ଅନେଇଲି। ବାପା ପଛରେ ନାହାନ୍ତି ତ? ମାନସ ଭାଇ କହିଲା କ'ଣ ହେଲା? ମୁଁ କହିଲି କିଛି ନୁହଁ।

କିଛି ବି ଭୁଲ କାମ କଲା ବେଳେ ମୋତେ ଲାଗେ ବାପା ଦେଖୁଛନ୍ତି। ଏଇନା କଲର ଧରି ଘୋଷାରି ନେବେ ଓ ମହୀଖୁଣ୍ଟରେ ବାନ୍ଧି ଗୁରୁଦଉଡ଼ିରେ ପିଟି ଦେଇଯିବେ ଯେ ଆଗ ପଛ କିଛି ଦେଖିବେନି। ତାଙ୍କର ସେ ଗୁରୁଦଉଡ଼ି ପାହାର ଭୟରେ ତ ମୁଁ ଆଜିଯାଏ ସାଧା ପୁଡ଼ିଆଟେ ବି ଖାଇ ପାରିଲିନି। ରେଲିର ପ୍ରେମପତ୍ରକୁ ପଢ଼ିସାରି ଚରିଦେଲି ଓ କେବେ ଉତ୍ତର ଫେରେଇ ପାରିଲିନି। ବେହେରା ଘର ବାଡ଼ିରୁ ସବୁ ସାଙ୍ଗ କାକୁଡ଼ି ଚୋରି କରି ଖାଉଥିଲା ବେଳେ ମୁଁ ତାଙ୍କ ସାଇକଲ ଜଗିଲି, କିନ୍ତୁ ବାଡ଼ିରେ ପଶି ପାରିଲିନି କି ସାଇକଲ ଜଗିଥିବାର ପାଉଣା ସେ ଦୁଇଟା କାକୁଡ଼ିକୁ ବି ଆଣିପାରିଲିନି।

ଭଲ ମଣିଷ କରିବା ବାହାନାରେ ବାପା ମୋତେ ଡରୁଆ ଓ ସାହସହୀନ କରିଦେଇଥିବାର ମୁଁ ଅନୁଭବ କରିଥିଲି। ସେଥିପାଇଁ ଗାଁ ଠୁ ଦୂରରେ ବାପାଙ୍କ ଆକଟଠୁଁ ଦୂରରେ, ମୁଁ ମୋ ମନର ସବୁ ଇପ୍‌ସିତ ଇଚ୍ଛା ପୂରଣ କରିବାର ସୁଯୋଗକୁ କେବେ ହାତଛଡ଼ା କରୁନଥିଲି। ସେ କଣ୍ଢେଇ ସହିତ ପ୍ରେମରେ ନିବିଡ଼ତା ହେଉ କି ପାଠ ନପଢ଼ି ସକାଳ ସନ୍ଧ୍ୟା କ୍ରିକେଟ ଖେଳିବା ହେଉ। ଆଜି ମାନସ ଭାଇ ପାଇଁ ବହୁତ ଦିନରୁ ମନରେ ଥିବା ମଦ ପିଇବାର ଇଚ୍ଛାଟା ବି ପୂରଣ ହେଇଗଲା।

ମାନସ ଭାଇ ଚାରିଗ୍ଲାସ ପିଇ ସାରିଥିଲା। ଦେବ କେବଳ ଚିଲିଚିକେନରେ ମନ ଦେଇଛି। ମାଇତି ବାବୁ କେତେ ପେଗ୍ ନେଲେଣି ହିସାବ ନାହିଁ। ମୋର କିନ୍ତୁ ତୃତୀୟ ଗ୍ଲାସଟା ସରୁ ନ ଥାଏ। ଲାଗୁଥାଏ ଆଉ ଗୋଟେ ଡ୍ରପ ବି ଭିତରକୁ ଗଲେ ବାନ୍ତି ହେଇଯିବ।

ସୂର୍ଯ୍ୟ କ'ଣ ଇଲେକ୍ଟ୍ରିକ ବଲ୍‌ବ ପରି ଏକାଥରେ ସୁଇଚ ମାରିଦେଲେ ଆଲୋକ ଦେଇଦିଏ। ସୂର୍ଯ୍ୟ ଆସିବା ଆଗରୁ ଅନ୍ଧାର ପତଳା ହୁଏ, ଆକାଶ ହାଲୁକା ପାଉଁଶିଆ ହୋଇ ପୁଣି ଲାଲ ଟମାଟର ରଙ୍ଗ ଧରେ। ତା'ପରେ ସୂର୍ଯ୍ୟଙ୍କ ଅସଲ ରୂପ ଦର୍ଶନ ହୁଏ। ମୋ ଭିତରେ ବି ମୁଁ କିଛି ଗୋଟେ ଘଟୁଥିବାର ଅନୁଭବୁଥିଲି। କିଛି ଗୋଟେ ଅତି ମଜାଦାର ଯାହା ଧୀରେ ଧୀରେ ଦେହକୁ ରୋମାଞ୍ଚିତ କରୁଥିଲା।

ଆସର ସାରିବା ବେଳକୁ ରାତି ନ'। ସେତେବେଳକୁ ଆମେ ଶୁଣି ସାରିଥିଲୁ ମାଇତି ବାବୁ ଓ ତାଙ୍କ କମ୍ପାନୀର ମହିଳା ସିକ୍ୟୁରିଟି ଗାର୍ଡ଼ଙ୍କ ଅବୈଧ ପ୍ରେମକାହାଣୀ, ମାନସ ଭାଇର ବାପାଙ୍କ ପକେଟରୁ ପଇସା ଚୋରି କରିବାର ଦଶଟି ସହଜ ଉପାୟ ଓ ଦେଶ ବିଦେଶର ଅନେକ ଗୁମର।

ଢାବାରୁ ଘର ତିନି କିଲୋମିଟର। ମାଇତି ବାବୁ ସେଇଠୁ ରାତି ଡ୍ୟୁଟି ପାଇଁ ପଳେଇଲେ ପ୍ଲାଷ୍ଟିକ ଫେକ୍ଟ୍ରୀ। ଆମେ ତିନିଜଣ ତିନିଟି ସାଇକଲ। ମୁଁ ସାଇକଲ ଚଳେଇବା ଅବସ୍ଥାରେ ନଥିଲି। ଯେତେଥର ଚେଷ୍ଟାକରି ଆଗଚକ ଡାହାଣ ପଟ ରାସ୍ତା ତଳକୁ ଚାଲିଯାଉଥାଏ। ଏଣୁ ତିନିଜଣ ସାଇକଲ ଗଡ଼େଇ ଗଡ଼େଇ ଘରକୁ ଫେରିବାକୁ ଭାବିଲୁ। ରାସ୍ତାରେ କଣ୍ଢେଇ ଘର। ଆଗରେ ତେଜରାତି ଦୋକାନ ଓ ପଛକୁ ତାଙ୍କ ଘର। ମୁଁ ବଡ଼ ପାଟିରେ ଚିଲେଇଲି "କଣ୍ଢେଇ ଆଇ ଲଭ୍ ୟୁ" ଦେବ ମୋ ପାଟିରେ ହାତ ରଖିଦେଲା। ମୋତେ ବାନ୍ତି ଆସିଲା। ମଝି ରାସ୍ତାରେ ବାନ୍ତି କଲି। ମୁହଁରୁ ନାକରୁ ସବୁ ଚିଲିଚିକେନ ଓ ମସଲା ପାମ୍ପଡ଼ ବାହାରିଗଲା। ମୋର ଇଚ୍ଛା ହେଉଥିଲା ଏବେ ବାପାଙ୍କ ଆଗରେ ଠିଆ ହୋଇ କୁହନ୍ତି "ଦେଖ.....ତୁମ ଆକଟ ମୋତେ ଅଟକେଇ ପାରିଲା କି? ନା

ଭଲ ମଣିଷ କରିବା ବାହାନାରେ ବାପା ମୋତେ ଡରୁଆ ଓ ସାହସହୀନ କରିଦେଇଥିବାର ମୁଁ ଅନୁଭବ କରିଥିଲି। ସେଥିପାଇଁ ଗାଁ ଠୁ ଦୂରରେ ବାପାଙ୍କ ଆକଟଠୁଁ ଦୂରରେ, ମୁଁ ମୋ ମନର ସବୁ ଇପ୍‌ସିତ ଇଚ୍ଛା ପୂରଣ କରିବାର ସୁଯୋଗକୁ କେବେ ହାତଛଡ଼ା କରୁନଥିଲି। ସେ କଣ୍ଢେଇ ସହିତ ପ୍ରେମରେ ନିବିଡ଼ତା ହେଉ କି ପାଠ ନପଢ଼ି ସକାଳ ସନ୍ଧ୍ୟା କ୍ରିକେଟ ଖେଳିବା ହେଉ। ଆଜି ମାନସ ଭାଇ ପାଇଁ ବହୁତ ଦିନରୁ ମନରେ ଥିବା ମଦ ପିଇବାର ଇଚ୍ଛାଟା ବି ପୂରଣ ହେଇଗଲା।

ପ୍ରେମ କରିବାକୁ ନା ମଦ ପିଇବାକୁ? ଆଗକୁ ଚୋରି ବି କରିବି। କ'ଣ କରିବ ତୁମେ.....? ଅଟକେଇ ପାରିବ? ଏବେ ଛାଟ ମାରି ବାଟ ଦେଖେଇବା ବେଳ ଗଲା.... ଏବେ ମୁଁ ସ୍ୱାଧୀନ...... ମୋର ଯାହା ଇଚ୍ଛା ତାହା କରିବି। କୋଇ ମାଇକା-ଲାଲ ମୁଝେ ରୋକ୍ ନହିଁ ସକ୍‌ତା ବେ...... ରୁମ୍‌ରେ ପହଁଚିଲା ବେଳକୁ ରାତି ବାର କି ଗୋଟାଏ ହୋଇଥିବ।

ମୁଣ୍ଡ ଝିମ୍ ଝିମ୍ କରୁଥାଏ। ସେଇମିତି ଅବସ୍ଥାରେ ଖାଲି ଚଟାଣରେ ଗଡ଼ି ପଡ଼ିଲୁ ତିନିହେଁ।

ରାତିରେ ସ୍ୱପ୍ନ ଦେଖିଲି। ଗାଁ ରେ କାହାର ଗୋଟେ ବାହାଘର ହେଉଛି। ମୁଁ ସେ ବାହାଘରରେ ଠିକ ଫକନ ସାହୁ ପରି ନାଚୁଛି। ମୁଁ ରନ୍ଧାଶାଳକୁ ପତ୍ର ନେଇ ମାଂସ ଖାଇବାକୁ ମାଗୁଛି। ମୋତେ ଲୋକମାନେ ଘେରି ଯାଇଛନ୍ତି। ଦିବାକର ଭାଇ ଗୋଟେ ହାତରେ ମାଂସ ବାଲ୍ଟି ଆଉ ଗୋଟେ ହାତରେ

ଛାତି ଧଡ଼୍ ଧଡ଼୍ ହେଉଥାଏ। ଲାଗୁଥାଏ ଏଇନେ କଲିଜା ଝଡ଼ିପଡ଼ିବ। ଗୋଟେ ବଡ଼ ପ୍ରଶ୍ୱାସ ସହ ଟିକେ ସାହସ ସାଉଁଟି କହିଲି....ବାପା.... କାଲି ରାତିରେ ମୁଁ ପ୍ରଥମ ଥରପାଇଁ ମଦ ପିଇଲି।
- ବାପା କିଛି ସମୟ ଚୁପ ରହିଲେ। ମୋତେ ଲାଗିଲା କିଛି ସମୟ ଆଗରୁ ମୋ ଠଠରେ ନିରବତା ତାଙ୍କ ପାଟିକୁ ସଂକ୍ରମିତ ହୋଇଯାଇଛି। ଟିକେ ପରେ, ଏକ ପରାଜିତ ରାଜାର ନିରାଶ ସ୍ୱର ପରି ଓଦା କଣ୍ଠରେ କହିଲେ.... ହଉ...ଆଉ କେବେ ପିଇବୁନି।

ବାଢୁଥିବା ଚାମଚ ଧରି ମୋତେ ମାରିବାକୁ ଆସିଲାବେଳେ, ମୁଁ ତା' ମାଂସ ବାଲ୍ଟିରେ ହାତ ପୂରେଇ ମୁଠେ ମାଂସ ଆଣି ପତ୍ରରେ ରଖିବା ବଦଳରେ ମୋ ପକେଟରେ ପୂରେଇ ଦଉଚି। ଗରମ ମାଂସ ଝୋଳରେ ମୋ ହାତର ଚମଡ଼ା ସିଝି ଯାଉଛି ଆଉ ପକେଟରୁ ହାତ କାଢ଼ିବା ବେଳକୁ ଚମଡ଼ାବିହୀନ ହାତ ଅତି ଭୟଙ୍କର ଦିଶୁଛି। ମୁଁ କଷ୍ଟରେ ଚିତ୍କାର କଲେ ବି କେହି ମୋ କଥା ଶୁଣୁ ନାହାନ୍ତି। ସମସ୍ତେ ବିଧା ଗୋଇଠା ମାରି ସେ ଜାଗାରୁ ମୋତେ ତଡ଼ି ଦଉଛନ୍ତି, ସତେ ଯେମିତି ମୁଁ ଗୋଟେ ବୁଲା କୁକୁର। କିଛି ଦୂରରେ ବାପା ଠିଆ ହେଇ ସବୁ ଦେଖୁଛନ୍ତି। ବାପାଙ୍କ ଆଖିରେ ଲୁହ। ସୂର୍ଯ୍ୟଙ୍କ ପରି ସବୁବେଳେ ଜଳୁଥିବା ଆଖିରେ ଲୁହବି ଥାଇପାରେ ଏକଥା ମୋର ବିଶ୍ୱାସ ହଉନି। "ଚାଲ....ଚାଲ ମୁଁ ଘରେ ମାଂସ ରାନ୍ଧିକି ଦେବି ଖାଇବୁ ଚାଲ" ଏତକ କହି ବାପା ମୋ ସିଝି ଯାଇଥିବା ହାତଧରି ଘରଆଡ଼କୁ ଟାଣି ଟାଣି ନେଉଛନ୍ତି। ମୁଁ ଚିତ୍କାର କରି ଉଠିଲି..... ବାପା..... ମୋର ଭୁଲ ହେଇଯାଇଛି..... ବାପା ମୋର ଭୁଲ...

ସ୍ୱପ୍ନ ଭାଙ୍ଗି ଯାଇଥିଲା, ରାତି ପାହି ଆସୁଥାଏ। ଧୀରେ ଧୀରେ ସେ ମେରି ଜିନ୍ଦେଗି ମେ ଆନା..... ମାନସ ଭାଇର ଫୋନ୍ ରିଂ ହେଲା। ଡିସପ୍ଲେରେ ଆମ ଘର ଲ୍ୟାଣ୍ଡଫୋନ୍ ନମ୍ବର। ଏତେ ସକାଳୁ ଘରୁ କେବେ ଫୋନ୍ ଆସେନି। ବାପା ଖବର ପାଇଗଲେ କି? ମୋ ଛାତି ଥରୁଥାଏ ଅଜଣା ଭୟରେ। ମୁଁ ଫୋନ୍ ଉଠେଇଲି....

- ହ....ହ....ହାଲୋ

- ସେପଟରେ ବାପା ଥିଲେ

- ତୋ ଦେହ ଭଲ ନାହିଁ କିରେ? କ'ଣ ହେଲା?

- ନାହିଁ ବାପା.....ସେମିତି କିଛି ନାହିଁ। ଏଇ ଶୋଇ କି ଉଠିଲି ତ.....ମୁଁ ଡରି ଡରି ଉତ୍ତର ଦେଲି

- ବାପା ପୁଣି କହିଲେ। କାଲି ରାତିରେ ମୁଁ ଖରାପ ସ୍ୱପ୍ନଗୁଡ଼ା ଦେଖିଲି ତ, ସେଥିପାଇଁ ମନଟା ଭଲ ଲାଗିଲାନି। ଫୋନ୍ କରିଦେଲି ସକାଳ ନ ହଉଣୁ।

- ବାପା... ଉଁ...ଉଁ... ଗୋଟେ... କଥା କହିବାର ଥିଲା। ମଁ ଡରି ଡରି କହିଲି।

- କ'ଣ କହ.... ଟଙ୍କା ଦରକାର?

- ନାଇଁ ବାପା....

- ତ କ'ଣ କହ...

- ବାପାଙ୍କ କହ ବୋଲି କହି ଅନୁମତି ଦେବାର ଗୋଟେ ମିନିଟ ପର୍ଯ୍ୟନ୍ତ ମୁଁ ଶବ୍ଦ ଖୋଜୁଥିଲି। କ'ଣ କହିବି, ସତ କହିଦେଲେ ଏଇନେ ବାପା ବସ୍‌ରେ ମୋ ପାଖରେ ପହଞ୍ଚିଯିବେ। ସାଙ୍ଗରେ ଗୁରୁ ଦଉଡ଼ି ଆଣିଥିବେ କୋଉ ଗୋଟେ ଗଛରେ ବାନ୍ଧି ପିଟିବେ।

- ବାପା ପୁଣି ଗମ୍ଭୀର ହୋଇ କହିଲେ

- କ'ଣ କହିବୁ ପରା... କହୁନୁ

ଛାତି ଧଡ଼୍ ଧଡ଼୍ ହେଉଥାଏ। ଲାଗୁଥାଏ ଏଇନେ କଲିଜା ଝଡ଼ିପଡ଼ିବ। ଗୋଟେ ବଡ଼ ପ୍ରଶ୍ୱାସ ସହ ଟିକେ ସାହସ ସାଉଁଟି କହିଲି.... ବାପା.... କାଲି ରାତିରେ ମୁଁ ପ୍ରଥମ ଥରପାଇଁ ମଦ ପିଇଲି।

- ବାପା କିଛି ସମୟ ଚୁପ ରହିଲେ। ମୋତେ ଲାଗିଲା କିଛି ସମୟ ଆଗରୁ ମୋ ଓଠରେ ନିରବତା ତାଙ୍କ ପାଟିକୁ ସଂକ୍ରମିତ ହୋଇଯାଇଛି। ଟିକେ ପରେ, ଏକ ପରାଜିତ ରାଜାର ନିରାଶ ସ୍ୱର ପରି ଓଦା କଣ୍ଠରେ କହିଲେ....ହଉ...ଆଉ କେବେ ପିଇବୁନି। ନେ ତୋ ବୋଉ ସହିତ କଥା ହ...

ରିସିଭର ବୋଉ ହାତକୁ ବଢ଼େଇ ଦେଇ ବାପା ଚାଲିଗଲେ। ବାପାଙ୍କ ସେହି ଗୋଟିଏ ପଦରେ, ଗୋଟେ ପଟେ ପାହାଡ଼ ଭାଙ୍ଗୁଥିବାର ଶବ୍ଦ ମୁଁ ଶୁଣି ପାରୁଥିଲି ଆଉ ଆର ପଟରେ ଗୋଟେ ଆଗ୍ନେୟଗିରିର ଲାଭା ଉଠୁଥିବାର।

■■■

ନୂଆପୁର, କଲ୍ୟାଣୀ, ବାଲେଶ୍ୱର

ଅନୁବାଦ ଗଳ୍ପ

ଅନୁବାଦ:
ରାଜେନ୍ଦ୍ର ପ୍ରସାଦ ମହାପାତ୍ର

ଓଡ଼ିଆ ଭାଷା ସାହିତ୍ୟରେ ବିମୁଗ୍ଧ ପାଠକ, ଲେଖକ ତଥା ସୁବକ୍ତା । ବିଭିନ୍ନ ସମ୍ବାଦପତ୍ରରେ ବିଶେଷ ପ୍ରବନ୍ଧ ସହ ସାହିତ୍ୟ ପତ୍ରିକାରେ ଅନୁବାଦ ଗଳ୍ପ, ପ୍ରବନ୍ଧ, ମହାପୁରୁଷ ତଥା ସାଧୁସନ୍ଥଙ୍କ ଜୀବନୀ ଆଧାରିତ ବହୁ ଲେଖା ପ୍ରକାଶିତ ।

ଭାଇ ଅବଦୁଲ୍ ରହମାନ୍

(ମୂଳ ସିନ୍ଧୀ : ଅମରଲାଲ ହିଙ୍ଗୋରାନି)

କେହି କେହି ତାଙ୍କୁ କୁହନ୍ତି ପାଗଳା, କିଏ କହେ ନିର୍ବୋଧ, କିଏ କହେ ସୁଫି ସନ୍ଥ, କିଏ କହେ ବାରବୁଲା ଫକୀର ଏବଂ ଆଉ କିଏ କହେ ଭଗବଦ୍‌ପ୍ରେମୀ । ସେ ଏ ସବୁକିଛିର ସମାହାର ହୋଇପାରନ୍ତି । ସେ ଥିଲେ ପତଳା ଓ ଡେଙ୍ଗା ଏବଂ ତାଙ୍କ ଦେହର ବର୍ଣ୍ଣ ଥିଲା ଗହମ ରଙ୍ଗର । ସେ ସମ୍ପୂର୍ଣ୍ଣ ଲଙ୍ଗଳା ଫକୀର ନଥିଲେ । ଏକ ପୁରୁଣା କଉପୁନି ଥିଲା ତାଙ୍କର ଏକମାତ୍ର ପିନ୍ଧାବସ୍ତ୍ର । ସବୁବେଳେ ଏକ ଆଧାତ୍ମିକ ପରିବେଶ ଭିତରେ ସେ ରହୁଥିଲେ ଓ ସବୁପ୍ରକାର ପୂଜାସ୍ଥଳୀକୁ ଯାଉଥିଲେ । ଧାର୍ମିକ ସ୍ଥଳୀ ଯେଉଁ ଧର୍ମର ହେଇଥାଉ ନା କାହିଁକି । ମନ୍ଦିର ଓ ମସଜିଦ୍ ଉଭୟ ତ ଭଗବାନଙ୍କ ପୂଜାର ସ୍ଥଳୀ ନା । ନଦୀ ପାଖରେ ଥିବା ମନ୍ଦିର ପାଖରେ ଲୋକେ ପ୍ରାୟ ଜମା ହୋଇ ହିନ୍ଦୁ ଧର୍ମର ଶ୍ଳୋକ ସବୁ ପାଠ କରନ୍ତି । ଭାଇ ଅବଦୁଲ୍ ରହମାନ୍ ମଧ୍ୟ ସେମାନଙ୍କ ସହିତ ମିଶି ଆନନ୍ଦରେ ସେସବୁକୁ ଶୁଣନ୍ତି । ବେଳେବେଳେ ସେ ନିଜକୁ ନିଜେ ଗୁଣୁଗୁଣୁ ହୋଇ କୁହନ୍ତି, "ଭାଇ ଅବଦୁଲ୍ ରହମାନ୍, ତୁମେ ଏହାକୁ ଅନୁସରଣ କରୁଛ? ତୁମେ କେବେ ଆଲୋକ ଦେଖିବ?"

ଥରେ ସେ ଏକ ପଥରକୁ ଝୁଣ୍ଟି ପଡିଲେ ଏବଂ ନିଜକୁ ନିଜେ କହିଲେ, "ଭାଇ ଅବଦୁଲ୍ ରହମାନ୍, ତୁମେ କେତେ ଗର୍ବୀ ଓ ଅହଙ୍କାରୀ! କେତେ ଉଦ୍ଧତ ହୋଇ ତୁମେ ଚାଲୁଥିଲ ! ଯଦି ତଳକୁ ଚାହିଁଥା'ନ୍ତ ତେବେ ତୁମେ ଝୁଣ୍ଟି ନଥା'ନ୍ତ।" ଏହା କହି ଆଉ କିଛି ବାଟ ଯାଇଛନ୍ତି କି ନାହିଁ ସେ ପୁଣି ନିଜକୁ ନିଜେ କହିବାକୁ ଲାଗିଲେ, "ଭାଇ ଅବଦୁଲ୍ ରହମାନ୍, ତୁମେ କେତେ ସ୍ୱାର୍ଥପର! ଏହି ପଥରକୁ ଏହିପରି ଛାଡିଦେଇ ଯିବା କ'ଣ ତୁମର ଠିକ ହେଲା? ଆଉ କେହି ଯାତ୍ରୀ ଯଦି ଏହାକୁ ଝୁଣ୍ଟିବ?" ଏହାପରେ କିଛି ସମୟ ଅଟକିଯାଇ ସେ ପୁଣି କହିଲେ, "ଭାଇ ଅବଦୁଲ୍ ରହମାନ୍, ଯଦି ତୁମେ ଜଣେ ଭଲଲୋକ, ତେବେ ତୁମେ ଏହି ପଥରକୁ ଉଠାଇବ ଏବଂ ଦୂରକୁ ଫିଙ୍ଗିଦେବ।" ଏହାପରେ ସେ ପଥରକୁ ଉଠାଇଲେ ଓ ଦୂରକୁ ଫୋପାଡି ଦେଲେ।

ନିଜ ସହିତ ସବୁବେଳେ କଥାହେବା ଥିଲା ତାଙ୍କର ଅଭ୍ୟାସ। ଜଣେ ଦାର୍ଶନିକ ତାଙ୍କ ବନ୍ଧୁଙ୍କ ସହିତ କଥାହେଲା ଭଳି ସେ ନିଜସହ କଥା ହୁଅନ୍ତି। ଜଣେ ବ୍ୟକ୍ତି ଆଉ ଜଣେ ବ୍ୟକ୍ତିଙ୍କ ସହ କଥା ହେଲାଭଳି ସେ ନିଜସହ କଥା ହୁଅନ୍ତି। ନିଜକୁ ଭାଇ ଅବଦୁଲ୍ ରହମାନ୍ ବୋଲି ସମ୍ବୋଧନ କରି ସେ ସବୁବେଳେ କଥା ହୁଅନ୍ତି। ତାଙ୍କୁ ଯଦି କେହି ପଚାରିବ, "ଭାଇ ଅବଦୁଲ୍ ରହମାନ୍, ଆପଣ ଭୋକିଲା ଅଛନ୍ତି? କିଛି ଖାଇବେ?" ଏହାର ଉତ୍ତର ଦେବାକୁ ଯାଇ ପ୍ରଥମେ ସେ ନିଜ ସହ କଥାହେବେ। ନିଜକୁ ପଚାରିବେ, "ଭାଇ ଅବଦୁଲ୍ ରହମାନ୍ ଜଣେ ଭଦ୍ରବ୍ୟକ୍ତି ଜାଣିବାକୁ ଚାହୁଁଛନ୍ତି ଆପଣ କ'ଣ ଭୋକିଲା ଅଛନ୍ତି ଏବଂ କିଛି ଖାଇବାକୁ ଚାହୁଁଛନ୍ତି?" ତା'ପରେ ନିଜ ଭିତରୁ କିଛି ଉତ୍ତର ପାଇଗଲା ପରି ଏକ ଉର୍ଦ୍ଦୁ ଉଦ୍ଧୃତାଂଶ ପ୍ରକାଶ କରିବେ ଯେ- ଜଣେ ବଞ୍ଚିବା ପାଇଁ ଖାଇବା ଉଚିତ, ଖାଇବା ପାଇଁ ବଞ୍ଚିବା ଉଚିତ ନୁହେଁ। ଏହିପରି କୌଣସି ପ୍ରଶ୍ନର ଉତ୍ତର ଦେବା ପୂର୍ବରୁ ସେ ପ୍ରଥମେ ନିଜ ସହ କଥା ହେବେ। ସେ ପାର୍ସୀ ଭାଷାରେ କବିତା ଲେଖୁଥିଲେ। ହଫିଜଙ୍କୁ ସେ ଭଲ ଭାବେ ଜାଣିଥିଲେ। ଅଧିକାଂଶ ସିନ୍ଧି କବି ଏବଂ ଶାହ ଅବଦୁଲ ଲତିଫ ଓ ସାମିଙ୍କ ରଚନା ଉପରେ ତାଙ୍କର ଗଭୀର ପ୍ରବେଶଥିଲା। ସେ ଥିଲେ ସିନ୍ଧିର ପ୍ରଖ୍ୟାତ ସନ୍ଥ ଓ କବି ସାଚଲଙ୍କ ପଟ୍ଟଶିଷ୍ୟ। ସେ ମଧ୍ୟ ଉର୍ଦ୍ଦୁ ଭାଷା ଜାଣିଥିଲେ। ଯେତେବେଳେ ପଞ୍ଜାବରୁ କିଛି ଉର୍ଦ୍ଦୁ ଭାଷାରେ ଲେଖା ଚିଠି ଆସୁଥିଲା ସେତେବେଳେ ଏହାକୁ ପଢ଼ି ଅର୍ଥ ବୁଝାଇବା ପାଇଁ ଅବଦୁଲ୍ ରହମାନ୍‌ଙ୍କୁ ଡକରା ପଡୁଥିଲା। ସେ ଥିଲେ ଖୁବ୍ ଶାନ୍ତ ଓ ଭଦ୍ର ସ୍ୱଭାବର। ତାଙ୍କ ପାଖରେ କିଛି ଜିନିଷ ପତ୍ର ନଥିଲା। ତାଙ୍କ ଆବଶ୍ୟକତା ଥିଲା ଖୁବ୍ କମ୍ ଓ ସେ ଥିଲେ ସ୍ୱଳ୍ପାହାରୀ। ଯେଉଁ ଋତୁ ହେଉ କି ପାଗ ହେଉ ସେ ସବୁବେଳେ ଗୋଟାଏ କମ୍ବଳ ଘୋଡେଇ ହୋଇ ରହୁଥିଲେ। ରାତିରେ ଏହାକୁ ଘୋଡିପୋଡି ହୋଇ ଶୋଉଥିଲେ। ଯେତେ ଗରମ ହେଲେ ବି ସେ ସେହି କମ୍ବଳକୁ ଘୋଡିହୋଇ ଶୋଉଥିଲେ ଯଦିଓ ଜଣେ ସାଧାରଣ ଲୋକ ଏପରି କଲେ ତା'ର ଅଂଶୁଘାତରେ ମରିଯିବାର ସମ୍ଭାବନା ରହିଛି। କିଏ ବା ଜାଣିଛି ଯେ କମ୍ବଳ ଭିତରେ ତାଙ୍କ ପ୍ରିୟତମ ଭଗବାନଙ୍କ ସହ ସେ କି ଗୁପ୍ତ ଆଲୋଚନା କରୁଥିଲେ!

ଥରେ ଜଣେ ନିରୀହ ଲୋକ ଏକ ଅପରାଧିକ ମାମଲାରେ ଫସିଗଲା। ଜଣେ ଧନୀ ମୁସଲମାନ ବ୍ୟବସାୟୀ (ଶେଠ୍‌ଙ୍କ)ର ଏକ ସୁନା ଘଣ୍ଟା ଚୋରି କରିଥିବାର ଆରୋପ ତା' ଉପରେ ଲାଗିଥିଲା। ପୁଲିସ ଘଟଣାର ତଦନ୍ତ କରି ଏହି ଲୋକଠାରୁ ସୁନା ଘଣ୍ଟାଟିକୁ ପାଇଥିଲା ଏବଂ ତା' ବିରୁଦ୍ଧରେ ସାକ୍ଷ୍ୟ ପ୍ରମାଣ ଯୋଗାଡ କରିଥିଲା। ଲୋକଟି ବିରୁଦ୍ଧରେ ସାକ୍ଷ୍ୟ ପ୍ରମାଣ ଏତେ ଦୃଢ଼ ଥିଲା ଯେ ସେ ଖସିପାରିବା ସମ୍ଭାବନା ଖୁବ୍ କମ୍ ଥିଲା। ଶେଠ୍ ଜଣକ ଖୁବ୍ ପ୍ରଭାବଶାଳୀ ବ୍ୟକ୍ତି ଥିଲେ। ଅଭିଯୁକ୍ତ ଜଣକ କହିଲେ ଯେ ତାଙ୍କ ବିରୁଦ୍ଧରେ ଉଦ୍ଦେଶ୍ୟମୂଳକ ଭାବେ ଚୋରି ଅଭିଯୋଗ କରାଯାଇଛି। ଦିନେ ସେ ଶେଠ୍‌ଙ୍କ ଘରବାଟେ ଯାଉଥିଲା। ଶେଠ୍‌ଙ୍କ ଭିତରେ ତା' ବିରୋଧରେ ଏକ ଭୁଲ୍ ଭାବନା ସୃଷ୍ଟି ହୋଇଥିଲା ଯେ ସେ ତାଙ୍କ ଝିଅ-ବୋହୂଙ୍କୁ ଅଶ୍ଳୀଳ ଇଙ୍ଗିତ ପ୍ରଦର୍ଶନ କରିଛନ୍ତି। ତେଣୁ ବିଚରା ସେହି ନିରୀହ ବ୍ୟକ୍ତିଙ୍କୁ ଶେଠ୍ ଲୋକ ଲଗେଇ ନିର୍ଦ୍ଦୟ ଭାବେ ନିସ୍ତୁକ ମାଡ ମରେଇଥିଲେ। ତେବେ ଘଟଣାବଶତଃ ସେହି ବାଟଦେଇ ଭାଇ ଅବଦୁଲ୍ ରହମାନ୍ ଯାଉଥିଲେ ଏବଂ ଲୋକଟିକୁ ରକ୍ଷାକରିଥିଲେ। ନହେଲେ ସେଦିନ ତା'ର ପ୍ରାଣ ଚାଲିଯାଇଥା'ନ୍ତା। ଏପରିକି ଅବଦୁଲ୍ ରହମାନ୍‌ଙ୍କ ହସ୍ତକ୍ଷେପ ସତ୍ତ୍ୱେ ମଧ୍ୟ ଶେଠ୍‌ଙ୍କ ରାଗ ଶାନ୍ତ ହୋଇନଥିଲା। ସେ କହିଲେ ଯେ ଉକ୍ତ ବ୍ୟକ୍ତି ତାଙ୍କ ମାନ ସମ୍ମାନ ନଷ୍ଟ କରିଛନ୍ତି। ତେଣୁ ତା'ର ବଞ୍ଚିବାର ଆଉ କୌଣସି ଅଧିକାର ନାହିଁ। ଶେଠ୍ ଥିଲେ ସଂପୃକ୍ତ ଅଞ୍ଚଳର ଜଣେ ସମ୍ମାନାସ୍ପଦ ବ୍ୟକ୍ତି ଏବଂ ତାଙ୍କ ସମ୍ମାନ ଥିଲା ତାଙ୍କ ପାଇଁ ସବୁଠୁ ମୂଲ୍ୟବାନ...।

ଏଥର ଅବଦୁଲ୍ ରହମାନ୍ ନିଜକୁ ପ୍ରଶ୍ନ ପଚାରିଥିଲେ, "ଭାଇ ଅବଦୁଲ୍ ରହମାନ୍, ଶେଠ୍ ବିଚରା ସେ ନିରୀହ ଲୋକଟିକୁ ଜମାରୁ ଛାଡିବ ନାହିଁ। ତା' ସମ୍ମାନ ତା' ପାଇଁ ସବୁଠୁ ମୂଲ୍ୟବାନ। ତା'ର ଗୋଟେ ଭଉଣୀ ଅଛି। ମାତ୍ର ତା' ପାଇଁ ଶେଠ୍ ଗୋଟେ ବରଘର ଖୋଜି ଦେଉନାହିଁ, କାରଣ ଭଉଣୀ କାଳେ ପୈତୃକ ସମ୍ପତ୍ତିରୁ ତା'ର ଅଧିକାର ଦାବି କରିବ। ଜଣେ ମହିଳାଙ୍କର ସ୍ୱାମୀ ରହିବା ଦରକାର କିମ୍ବା...." ଦାର୍ଶନିକ ଏଥର ନିଜକୁ ଅଟକାଇ ଦେଲେ। ସେ କହିଲେ, "ଅନ୍ୟ ଲୋକଙ୍କ ଗୋହି ଖୋଳିବା ଠିକ୍ ନୁହେଁ। ବରଂ ଶେଠ୍‌ଙ୍କୁ ଆଉଥରେ ବୁଝେଇବା ଠିକ ହେବ। ଯଦି ସେ ନମାନେ ତେବେ ତାକୁ ସମ୍ପୂର୍ଣ୍ଣ ସତ୍ୟ ସମ୍ବନ୍ଧରେ ଅବଗତ କରାଇବା ଠିକ୍‌ହେବ।" ଏଥର କିନ୍ତୁ ଅବଦୁଲ୍ ରହମାନ୍ ତାଙ୍କ ନିଜ ସହ ଧୀର ସ୍ୱରରେ କଥା ହୋଇନଥିଲେ। ନିଜ ସହ ତାଙ୍କର ଏହି ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ସାମାନ୍ୟ ବଡପାଟିରେ ବାହାରି ଯାଇଥିଲା। ଏକଥାକୁ ଶେଠ୍‌ଙ୍କ ସହିତ ଉପସ୍ଥିତ ଅନ୍ୟ ସମସ୍ତେ ଶୁଣିପାରିଥିଲେ। ଫଳରେ ଶେଠ୍‌ଙ୍କ ବଦନାମ ହୋଇଥିବା ନେଇ ବଜାର ଘାଟରେ ଟୁପୁରଟାପର ଚାଲିଲା। ଶେଠ୍ କିନ୍ତୁ ତା' ଜିଦିରେ ଥିଲା ନଛୋଡବନ୍ଧା। ତେଣୁ ଚୋରି ଅଭିଯୁକ୍ତଙ୍କ ବିରୁଦ୍ଧରେ ମୋକଦ୍ଦମା ଚାଲିଲା। ସେ ଅତିକଷ୍ଟରେ ତା' ସପକ୍ଷରେ ଚାରି ପାଞ୍ଚ ଜଣ ସାକ୍ଷୀ ଠିକ୍ କରିଥିଲା। ମାତ୍ର ସେମାନଙ୍କୁ

ଭିତରୁ କେତେକ କୋର୍ଟକୁ ଆସିବାକୁ ରାଜି ହେଲେ ନାହିଁ । ଆଉ କେତେଜଣ ପରବର୍ତ୍ତୀ ସମୟରେ ଘଟଣା ସମ୍ବନ୍ଧରେ ସେମାନଙ୍କ ଅଜ୍ଞତା ପ୍ରକାଶ କଲେ । ତା' ସପକ୍ଷରେ ସାକ୍ଷୀ ଦେବା ପାଇଁ କେବଳ ବାକି ରହିଗଲେ ଅବଦୁଲ୍ ରହମାନ୍ । ଏପରି ଜଣେ ବ୍ୟକ୍ତିଙ୍କୁ ସାକ୍ଷୀ ଭାବେ କାଠଗଡାରେ ଠିଆ କରିବାର ଯୌକ୍ତିକତାକୁ ଗୁରୁତର ଭାବେ ସନ୍ଦେହ କଲେ ପ୍ରତିପକ୍ଷ ଓକିଲ । ମାତ୍ର ଅବଦୁଲ୍ ରହମାନ୍‌ଙ୍କ ଉପରେ ଅଭିଯୁକ୍ତଙ୍କର ଅଖଣ୍ଡ ଭରସା ଥିଲା । ଜଣେ ଧାର୍ମିକ ବ୍ୟକ୍ତି ଭାବେ ସେ ସତ କହିବା ନେଇ ତାଙ୍କ ଉପରେ ଭରସା କରାଯାଇ ପାରେ ବୋଲି ଅଭିଯୁକ୍ତ ଦୃଢ଼ ଭାବେ ବିଶ୍ୱାସ କରୁଥିଲେ ।

ଯେତେ ବେଳେ ଅବଦୁଲ୍ ରହମାନ୍‌ଙ୍କୁ କୋର୍ଟରେ ହାଜର ହେବା ପାଇଁ ଡାକରା ଆସିଲା ସେତେବେଳେ ସେ ନିଜକୁ ନିଜେ କହିଲେ, "ଭାଇ ଅବଦୁଲ୍ ରହମାନ୍ । ତୁମକୁ ଏକ ନ୍ୟାୟ ପାଇଁ କୋର୍ଟରେ ହାଜର ହେବାକୁ ଡାକରା ଆସିଛି । ଏହି ସ୍ଥାନ ହେଉଛି ଏକ ମର୍ଯ୍ୟାଦାଜନକ ସ୍ଥାନ । ବିନା ଚପଲରେ ତୁମେ ସେଠାକୁ ଯିବା ଉଚିତ ନୁହେଁ ।" ତେଣୁ କୋର୍ଟକୁ ଯିବାପାଇଁ ସେ କୌଣସିମତେ ହଳେ ଚପଲ ସଂଗ୍ରହ କଲେ । ନିଜର ସମ୍ମାନ ପାଇଁ ନୁହେଁ, ବରଂ ଏକ ମର୍ଯ୍ୟାଦାପୂର୍ଣ୍ଣ ସ୍ଥାନକୁ ସମ୍ମାନ ପ୍ରଦର୍ଶନ କରିବା ପାଇଁ ସେ ଚପଲ ହଳକ ସଂଗ୍ରହ କରିଥିଲେ । ପ୍ରତ୍ୟେକ ଶୁଣାଣି ସମୟରେ ସେ ତାଙ୍କ କମ୍ବଳ ଘୋଡେଇ ଚପଲ ହଳକୁ ହାତରେ ଧରି କୋର୍ଟକୁ ଯାଉଥିଲେ! ତାଙ୍କୁ ଯେତେବେଳେ ସାକ୍ଷ୍ୟ ପ୍ରଦାନ କରିବା ପାଇଁ ଡକାଗଲା ସେତେବେଳେ ସେ ଚପଲ ହଳକୁ ବଡ କାଇଦାରେ ପିନ୍ଧିଲେ । କମ୍ବଳଟିକୁ ଦେହରେ ପକେଇ ଅବଶିଷ୍ଟ ଅଂଶକୁ ମୁଣ୍ଡରେ ମଫଲର ଭଳି ଘୋଡି ହୋଇଥା'ନ୍ତି । କୋର୍ଟ ଭିତରକୁ ପଶିବାକୁ ଆରମ୍ଭ କରିଛନ୍ତି ଏହି ସମୟରେ ପିଅନ ଜଣକ ତାଙ୍କୁ ଚପଲ ବାହାରେ ଥୋଇ ଭିତରକୁ ଆସିବା ପାଇଁ କହିଲା । ଏହାହିଁ ଥିଲା ସେଠାକାର ପ୍ରଥା ଓ ସେଠାରେ ଏହାକୁ ସମସ୍ତେ ଅନୁସରଣ କରୁଥିଲେ । ମାତ୍ର ସେ ତ ଥିଲେ ସମସ୍ତ ସାମାଜିକ ପ୍ରଥାର ଊର୍ଦ୍ଧ୍ୱରେ!

ଅବଦୁଲ୍ ରହମାନ୍ ଏଥର ନିଜକୁ ପ୍ରଶ୍ନକଲେ, "ଭାଇ ଅବଦୁଲ୍ ରହମାନ୍, ତୁମକୁ ଖାଲିପାଦରେ କୋର୍ଟ ଭିତରକୁ ଯିବାପାଇଁ କୋର୍ଟର ପିଅନ କହୁଛନ୍ତି । ତାଙ୍କ ମତରେ ଏପରି ଯିବାଦ୍ୱାରା ହିଁ ତୁମେ କୋର୍ଟକୁ ସମ୍ମାନ ପ୍ରଦର୍ଶନ କରୁଛ ବୋଲି ମନେ କରାଯିବ । ମାତ୍ର ତୁମେ ତାଙ୍କୁ କୁହ ଯେ ବରଂ କୋର୍ଟକୁ ସମ୍ମାନ ପ୍ରଦର୍ଶନ କରିବା ଉଦ୍ଦେଶ୍ୟରେ ହିଁ ତୁମେ ଚପଲ ହଳକ ଆଣିଛ ବୋଲି ।" ନିଜ ଭିତରୁ ଆଜ୍ଞା ପାଇ ଅବଦୁଲ୍ ରହମାନ୍ ଚପଲ ପିନ୍ଧି ଭିତରକୁ ଗଲେ । ତାଙ୍କୁ ଦେଖି ମାଜିଷ୍ଟ୍ରେଟ ହସିଲେ । ସେ ସାକ୍ଷ୍ୟଦେବା ପାଇଁ ଯେତେବେଳେ କାଠଗଡ଼ା ଭିତରକୁ ଗଲେ ସେତେବେଳେ ମାଜିଷ୍ଟ୍ରେଟ ତାଙ୍କୁ ପଚାରିଲେ ଯେ ସେ କାହିଁକି କମ୍ବଳରେ ତାଙ୍କ ଦେହ ଓ ମୁଣ୍ଡକୁ ଘୋଡେଇଛନ୍ତି । ସବୁଥରକ ଭଳି ମାଜିଷ୍ଟ୍ରେଟଙ୍କ ପ୍ରଶ୍ନକୁ ସେ ନିଜକୁ ନିଜେ ପଚାରିଲେ । ଭିତରୁ ଉତ୍ତର ଆସିଲା, "ଭାଇ ଅବଦୁଲ୍ ରହମାନ୍, ତୁମେ ଏବେ କୋର୍ଟରେ ଅଛ । ତେଣୁ ଅତ୍ୟନ୍ତ ସତର୍କତାର ସହ ଉତ୍ତର ଦିଅ । ମାଜିଷ୍ଟ୍ରେଟଙ୍କୁ କୁହ ଯେ ଗୁରୁତ୍ୱପୂର୍ଣ୍ଣ ସମୟରେ ମୁଣ୍ଡରେ କପଡା ଘୋଡେଇ ହେବା ହେଉଛି ହିନ୍ଦୁମାନଙ୍କର ଏକ ପ୍ରଥା ଏବଂ ତୁମେ ଠିକ୍ ସେଇଆ କରିଛ ।" ନିଜ ଭିତରୁ ଏପରି ଉତ୍ତର ପାଇବା ପରେ ଅବଦୁଲ୍ ରହମାନ୍ ତାହାକୁ ମାଜିଷ୍ଟ୍ରେଟ ମହୋଦୟଙ୍କୁ ଜଣାଇଦେଲେ ।

ଏହାପରେ ଗତାନୁଗତିକ ଢ଼ଙ୍ଗରେ ସିରସ୍ତାଦାର ଶପଥପାଠ କରାଇବା ପାଇଁ ଅବଦୁଲ୍ ରହମାନ୍‌ଙ୍କ ପାଖକୁ ଗଲେ- "ଭଗବାନଙ୍କ ନାମରେ ମୁଁ ଶପଥ କରୁଛି ଯେ ଯାହା କହିବି ସତ କହିବି ଓ ସତ ଛଡା ଅନ୍ୟ କିଛି କହିବି ନାହିଁ," ଏପରି କହି ଶପଥପାଠ କରିବା ପାଇଁ ସିରସ୍ତାଦାର ଅବଦୁଲ୍ ରହମାନ୍‌ଙ୍କୁ କହିଲେ । ଅବଦୁଲ୍ ରହମାନ୍ ଚିରାଚରିତ ଢ଼ଙ୍ଗରେ ନିଜକୁ ପ୍ରଶ୍ନ ପଚାରି ଶପଥପାଠର ଔପଚାରିକତା ପୂରଣ କଲେ ।

ଏଥର ସିରସ୍ତାଦାର ପ୍ରଶ୍ନକଲେ, "ତୁମର ନାଁ କ'ଣ?" ଅବଦୁଲ୍ ରହମାନ୍ ପୂର୍ବଭଳି ନିଜକୁ ପ୍ରଶ୍ନକଲେ, "ଭାଇ ଅବଦୁଲ୍ ରହମାନ୍, ସିରସ୍ତାଦାର ତୁମ ନାଁ ଜାଣିବାକୁ ଚାହୁଁଛନ୍ତି ।" ତା'ପରେ ବିଚାରପତିଙ୍କ ଆଡକୁ ଚାହିଁ କହିଲେ, "ମୋ ନାଁ ଅବଦୁଲ୍ ରହମାନ୍ ।" କୋର୍ଟରେ ହାସ୍ୟରୋଳ ଉଠିଲା । କିଛିସମୟ ଘଟଣାର ମଜାନେବା ପରେ ମାଜିଷ୍ଟ୍ରେଟ ବିରକ୍ତି ବୋଧକଲେ । ପ୍ରତିପକ୍ଷ ଓକିଲ ତାଙ୍କୁ

> କୋର୍ଟରେ ଚାପା ଗୁଞ୍ଜରଣ ଓ ମୁହଁଲୁଚା ହସ ଖେଳିଗଲା । ଅବଦୁଲ୍ ରହମାନ୍‌ଙ୍କ ମୁହଁରେ ସୁଦୃଶ୍ୟ ହସ ସେମିତି ଲାଖି ରହିଥାଏ । ସେ ନିଜ ସହ ଏକ ସାମାନ୍ୟ ଚାପା ଅଥଚ ଶୁଣିହେଲା ଭଳି ସ୍ୱରରେ କଥାହେଲେ, "ଭାଇ ଅବଦୁଲ୍ ରହମାନ୍, ମାଜିଷ୍ଟ୍ରେଟ ସାହେବ କହୁଛନ୍ତି ଯେ ଜଣେ ଅସଭ୍ୟ ହେଉଛି ସେହି ବ୍ୟକ୍ତି ଯିଏକି ଇଂରାଜୀ ଜାଣିନାହାନ୍ତି । ଯଦିଓ ମାଜିଷ୍ଟ୍ରେଟ ସାହେବ ଇଂରାଜୀ ଜାଣିଛନ୍ତି, ସେ କିନ୍ତୁ ତୋପାନମାଲ ଜାତିର । ତାଙ୍କ ପୂର୍ବପୁରୁଷ କାଞ୍ଜିଆହୁଦାର ରକ୍ଷକ ଥିଲେ । ତୁମେ ମାଜିଷ୍ଟ୍ରେଟ ସାହେବଙ୍କୁ ପଚାରିବ କି ତାଙ୍କ ପୂର୍ବପୁରୁଷମାନେ ଇଂରାଜୀ ଜାଣିଥିଲେ । ତେଣୁ ସେମାନେ ମଧ୍ୟ ଅସଭ୍ୟ ଥିଲେ କି । ଆଉ ସେ ମଧ୍ୟ ଅସଭ୍ୟଙ୍କ ସନ୍ତାନ କି ....?"

ବୁଝାଇବାକୁ ଲାଗିଲେ ଯେ ସାକ୍ଷୀଜଣଙ୍କର ନିଜ ସହ କଥା ହେବାର ଅଭ୍ୟାସ ରହିଛି ।

"ତୁମର ଧର୍ମ କ'ଣ ?" ଜଣେ ଅଧସ୍ତନ ପଦାଧିକାରୀ ପ୍ରଶ୍ନକଲେ ।

ଅବଦୁଲ୍ ରହମାନ୍ ଆଖି ଅର୍ଦ୍ଧମୁଦ୍ରିତ କରି ଚିନ୍ତାକଲେ । ନିଜ ଭିତରୁ ସେ ଏକ ସତର୍କବାଣୀ

ଶୁଣିଲେ, "ଭାଇ ଅବଦୁଲ୍ ରହମାନ୍। ତୁମେ ସତ କହିବ ବୋଲି ଶପଥ ନେଇଛ। ପ୍ରଶ୍ନ ବଡ ଜଟିଳ। ଯଦି ତୁମେ ନିଜକୁ ମୁସଲିମ୍ ବୋଲି କହିବ ତେବେ ହିନ୍ଦୁମାନେ ବ୍ୟତିକ୍ରମ ବାହାର କରିବେ। ଯଦି ତୁମେ ନିଜକୁ ହିନ୍ଦୁ ବୋଲି କହିବ ତେବେ ମୁସଲମାନମାନେ ଭ୍ରୂକୁଞ୍ଚନ କରିବେ। ତେଣୁ ଭାଇ ଅବଦୁଲ୍ ରହମାନ୍ ବିବ୍ରତ ହୁଅନାହିଁ। ସନ୍ଥ ସଚଲଙ୍କର ଏହି କବିତା ପଙ୍କ୍ତିଟି ଗାୟନ କର-ମୁଁ ହିନ୍ଦୁ ନୁହେଁ, ମୁଁ ମୁସଲମାନ୍ ନୁହେଁ, ମୁଁ ନିଜେ ଯାହା ସେଇଆ।"

ଅବଦୁଲ୍ ରହମାନ୍‌ଙ୍କ ଏହି ମନ୍ତବ୍ୟ ଶୁଣି ସିରସ୍ତାଦାର ଜାଣିପାରିଲେ ନାହିଁ କି ଏହାକୁ ରେକର୍ଡ ଭୁକ୍ତ କରିବେ ନା ନାହିଁ। ତେଣୁ ସେ ମାର୍ଗଦର୍ଶନ ପାଇଁ ମାଜିଷ୍ଟ୍ରେଟଙ୍କ ଆଡକୁ ଚାହିଁଲେ। ତାଙ୍କୁ ଜଣେ ମୁସଲମାନ୍ ବୋଲି ଲେଖିବାକୁ ମାଜିଷ୍ଟ୍ରେଟ ନିର୍ଦ୍ଦେଶ ଦେଲେ।

ଏଥର ସିରସ୍ତାଦାର ପ୍ରଶ୍ନକଲେ, "ତୁମର ବୟସ କେତେ?"

"ଭାଇ ଅବଦୁଲ୍ ରହମାନ୍ ତାଙ୍କୁ କହିଦିଅ ଯେ ଯେହେତୁ ପୂର୍ବପ୍ରଶ୍ନର ଉତ୍ତର ମାଜିଷ୍ଟ୍ରେଟ ତୁମପାଇଁ ନିଜେ ଦେଇଦେଲେ, ଏ ପ୍ରଶ୍ନର ଉତ୍ତର ମଧ୍ୟ ସେହିଭଳି ସେ ପ୍ରଦାନ କରନ୍ତୁ।"

ଏହାଶୁଣି ମାଜିଷ୍ଟ୍ରେଟ ରାଗିଯାଇ ଗର୍ଜନ କରିଥିଲେ। "ଅସଭ୍ୟ! ତୁମର ମନ୍ତବ୍ୟକୁ ତୁମେ ସଠିକ ଓ ଯୁକ୍ତିଯୁକ୍ତ ଭାବେ ପ୍ରଦାନ କରିବ କି? ଭୁଲି ଯାଅନାହିଁ ଯେ ତୁମେ ଏକ କୋର୍ଟରେ ଅଛ ବୋଲି"।

ଅବଦୁଲ୍ ରହମାନ୍‌ଙ୍କ ଓଠରେ ହସର ଏକ ଧାର ଖେଳିଗଲା। ସେ କହିଲେ, "ଭାଇ ଅବଦୁଲ୍ ରହମାନ୍, ମାଜିଷ୍ଟ୍ରେଟ ତୁମକୁ ଅସଭ୍ୟ ବୋଲି ସମ୍ବୋଧନ କଲେ। ମାଜିଷ୍ଟ୍ରେଟଙ୍କୁ ପଚାର ତ ଅସଭ୍ୟ ଶବ୍ଦର ଅର୍ଥ କ'ଣ?"

ମାଜିଷ୍ଟ୍ରେଟଙ୍କୁ ଏହା ସିଧାସଳଖ ପଚାରିବା ପୂର୍ବରୁ ସିରସ୍ତାଦାର କହିଲେ, "ଅସଭ୍ୟ ଅର୍ଥ ହେଉଛି ଜଣେ ନିର୍ବୋଧ ଓ ଅଶିକ୍ଷିତ ବ୍ୟକ୍ତି।"

"ତୁମେ ଏହା ଶୁଣିଲତ ଭାଇ ଅବଦୁଲ୍ ରହମାନ୍? ମାଜିଷ୍ଟ୍ରେଟ ସାହେବ କହୁଛନ୍ତି କି ଅସଭ୍ୟ ହେଉଛି ଜଣେ ବ୍ୟକ୍ତି ଯିଏକି ଅଶିକ୍ଷିତ। ଏହି ସଂଜ୍ଞା ଅନୁଯାୟୀ ଭାଇ ଅବଦୁଲ୍ ରହମାନ୍ ତୁମକୁ ଅସଭ୍ୟ କୁହାଯାଇ ପାରିବ ନାହିଁ। ତୁମେ ସିନ୍ଧୀ, ପାର୍ସୀ, ଉର୍ଦ୍ଦୁ, ସଂସ୍କୃତ ଓ ହିନ୍ଦୀ ଆଦି ୫ଟି ଭାଷା ଲେଖି, ବୁଝି, କହି ଓ ପଢ଼ିପାରିବ। ତୁମେ ମାଜିଷ୍ଟ୍ରେଟ ସାହେବଙ୍କୁ ପଚାରିବ କି ସେ କେତୋଟି ଭାଷା ଜାଣିଛନ୍ତି ?"

ଅବଦୁଲ୍ ରହମାନ୍ ମାଜିଷ୍ଟ୍ରେଟଙ୍କୁ ଏହା କହିବାକୁ ଯାଉଥିଲେ। ମାତ୍ର ସେହି ସିରସ୍ତାଦାର ତାଙ୍କୁ ଅଟକାଇ ଦେଲେ।

"ଅସଭ୍ୟ ହେଉଛି ସେହି ବ୍ୟକ୍ତି ଯିଏକି ଇଂରାଜୀ ଜାଣିନଥାଏ," ଏକ ବିଜୟ ସୂଚକ ସ୍ୱରରେ ସେ ଉତ୍ତର ଦେଲେ। ଆଉ ଆଶାକଲେ କି ତାଙ୍କର ଏହି ଉତ୍ତର ପ୍ରତିପକ୍ଷକୁ ଧରାଶାୟୀ କରିଦେବ।

କୋର୍ଟରେ ଚାପା ଗୁଞ୍ଜରଣ ଓ ମୁହଁଲୁଚା ହସ ଖେଳିଗଲା। ଅବଦୁଲ୍ ରହମାନ୍‌ଙ୍କ ମୁହଁରେ ସୁଦୃଶ୍ୟ ହସ ସେମିତି ଲାଖି ରହିଥାଏ। ସେ ନିଜ ସହ ଏକ ସାମାନ୍ୟ ଚାପା ଅଥଚ ଶୁଣିହେଲା ଭଳି ସ୍ୱରରେ କଥାହେଲେ, "ଭାଇ ଅବଦୁଲ୍ ରହମାନ୍, ମାଜିଷ୍ଟ୍ରେଟ ସାହେବ କହୁଛନ୍ତି ଯେ ଜଣେ ଅସଭ୍ୟ ହେଉଛି ସେହି ବ୍ୟକ୍ତି ଯିଏକି ଇଂରାଜୀ ଜାଣିନାହାନ୍ତି। ଯଦିଓ ମାଜିଷ୍ଟ୍ରେଟ ସାହେବ ଇଂରାଜୀ ଜାଣିଛନ୍ତି, ସେ କିନ୍ତୁ ତୋପାନମାଲ ଜାତିର। ତାଙ୍କ ପୂର୍ବପୁରୁଷ କାଞ୍ଜିଆହୁଦାର ରକ୍ଷକ ଥିଲେ। ତୁମେ ମାଜିଷ୍ଟ୍ରେଟ ସାହେବଙ୍କୁ ପଚାରିବ କି ତାଙ୍କ ପୂର୍ବପୁରୁଷମାନେ ଇଂରାଜୀ ଜାଣିନଥିଲେ। ତେଣୁ ସେମାନେ ମଧ୍ୟ ଅସଭ୍ୟ ଥିଲେ କି। ଆଉ ସେ ମଧ୍ୟ ଅସଭ୍ୟଙ୍କ ସନ୍ତାନ କି ....?"

"ମୂର୍ଖ, ତୁମର ସମସ୍ତ ପ୍ରଳାପ ହେଉଛି ଅସଭ୍ୟତା ଓ ଔଦ୍ଧତ୍ୟପୂର୍ଣ୍ଣ। ତୁମ ଉପରେ କାହିଁକି କୋର୍ଟ ଅବମାନନା ମାମଲା ଆରୋପିତ କରାଯିବ ନାହିଁ ସେ ନେଇ ତୁମେ କାରଣ ଦର୍ଶାଇ ପାରିବ କି?" କ୍ରୋଧରେ ଥରିଥରି ମାଜିଷ୍ଟ୍ରେଟ ଚିତ୍କାର କଲେ। କଥାବାର୍ତ୍ତା ବନ୍ଦ କରି ଲିଖିତ ଭାବେ କାରଣ ଦର୍ଶାଇବା ପାଇଁ ଅବଦୁଲ୍ ରହମାନ୍‌ଙ୍କୁ ନିର୍ଦ୍ଦେଶ ଦିଆଗଲା।

ଅବଦୁଲ୍ ରହମାନ୍ ସାକ୍ଷୀଙ୍କ ପାଇଁ ଉଦ୍ଦିଷ୍ଟ କାଠଗଡାରୁ ବାହାରି ଆସିଲେ ଓ ଦୋଷୀଙ୍କ ପାଇଁ ପ୍ରଯୁଜ୍ୟ ଟେବୁଲ ଉପରେ ନଇଁପଡି ନିମ୍ନଲିଖିତ ବିବରଣୀ ଲେଖି ପ୍ରଦାନ କଲେ...

"ମାଜିଷ୍ଟ୍ରେଟ ସାହେବ ମହୋଦୟ, ଭାଇ ଅବଦୁଲ୍ ରହମାନ୍ କୋର୍ଟ ଅବମାନନା ମାମଲାରେ ଦୋଷୀ ନୁହେଁ। ଯଦି କୋର୍ଟ ଅବମାନନା ମାମଲାରେ କେହି ଦୋଷୀ ତେବେ ସେ ହେଉଛନ୍ତି ଆପଣ। କେବଳ ଆଜିର ଦିନରେ ହିଁ ଆପଣ ଅନେକ ସାକ୍ଷୀଙ୍କୁ ଦୁର୍ବ୍ୟବହାର କରିଛନ୍ତି। ମାତ୍ର ଆପଣଙ୍କ କୁ-ଭାଷା ଭାଇ ଅବଦୁଲ୍ ରହମାନ୍‌ଙ୍କ କମ୍ବଳର ବାହାର ପାର୍ଶ୍ୱକୁ ମଧ୍ୟ ସ୍ପର୍ଶ କରିପାରିନାହିଁ। ଆପଣଙ୍କୁ ମୁଁ ଏକ ଛୋଟ ଉପଦେଶ ଦେଉଛି। ଆପଣ ଲୋକମାନଙ୍କୁ ନ୍ୟାୟ ଦେବାପାଇଁ ବସିଛନ୍ତି। ଆପଣ ସେମାନଙ୍କର ମାଲିକ ନୁହନ୍ତି। ଆପଣ ହେଉଛନ୍ତି ସେମାନଙ୍କ ସେବକ। ଆମେ ସାକ୍ଷୀମାନେ ନିଜେ ନିଜେ କୋର୍ଟକୁ ଆସିନୁ। ଆପଣଙ୍କୁ ନ୍ୟାୟ ପ୍ରଦାନରେ ସହାୟତା ପ୍ରଦାନ କରିବାପାଇଁ ଆମକୁ ଏଠାକୁ ଡକାଯାଇଛି ଏବଂ ଆପଣ ଆମ ସହିତ ଏପରି ବ୍ୟବହାର କରୁଛନ୍ତି। ଆପଣ ଯଦି ସାକ୍ଷୀମାନଙ୍କ ସହିତ ଏପରି ବ୍ୟବହାର କରିବେ ତେବେ ଆଉ କିଏ ସାକ୍ଷ୍ୟ ଦେବାକୁ କୋର୍ଟକୁ ଆସିବ? ଆପଣ ଚାକିରିରୁ କାହିଁକି ବରଖାସ୍ତ ହେବେନାହିଁ ଓ ଆପଣଙ୍କ ବିରୁଦ୍ଧରେ କୋର୍ଟ ଅବମାନନା ମାମଲା କାହିଁକି ଲାଗୁହେବ ନାହିଁ ସେ ସମ୍ବନ୍ଧରେ କାରଣ ଦର୍ଶାଇବେ କି? କୋର୍ଟରେ ଗ୍ରହଣ କରିଥିବା ଶପଥପାଠ ଅନୁଯାୟୀ ଭାଇ ଅବଦୁଲ୍ ରହମାନ୍ ସତ କହିଛି। ଅନ୍ୟ କିଛି ନୁହେଁ, କେବଳ ସତ ହିଁ କହିଛି। ତେଣୁ ତାଙ୍କୁ ଭଗବାନ ସହାୟ ହୁଅନ୍ତୁ।

ସ୍ୱାକ୍ଷର

ଭାଇ ଅବଦୁଲ୍ ରହମାନ୍

■■■

ବ୍ରାହ୍ମଣ ସାଇଲୋ, କଟକ-୭୫୪୦୧୮

ପୁରୁଣା ସତ୍ୟବାଦୀ ପୃଷ୍ଠାରୁ

ଦ୍ୱିତୀୟ ଖଣ୍ଡ	ସନ ୧୩୨୪ ସାଲ କନ୍ୟା, ତୁଳା, ବିଛା, ଧନୁ, ମକର	୮ମ ରୁ ୧୨ଶ ସଂଖ୍ୟା

ଏକଦା ଅସ୍ମିତାର ପ୍ରତିଷ୍ଠା ଓ ପୁନରଭ୍ୟୁତ୍‌ଥାନ ପାଇଁ ସଂଘର୍ଷଶୀଳ ଓଡ଼ିଆ ଜାତି ନିମନ୍ତେ ଉତ୍କଳମଣିଙ୍କ 'ସତ୍ୟବାଦୀ' ପତ୍ରିକା ଥିଲା ଦିଶା ନିର୍ଦ୍ଦେଶକ ଏକ ସମୁଜ୍ଜ୍ୱଳ ଜ୍ୟୋତିଃସ୍ତମ୍ଭ । ପ୍ରାୟ ୧୦୦ ବର୍ଷ ପୂର୍ବେ ହସ୍ତଚାଳିତ ଛାପାଯନ୍ତ୍ରରେ ସୀସା ଅକ୍ଷର ମୁଦ୍ରିତ 'ସତ୍ୟବାଦୀ' ଏବେ ଇତିହାସ... ହେଲେ ଇତିହାସ ବାଟ ଦେଖାଏ, ବାଟ କଢ଼ାଏ, ଆବଶ୍ୟକସ୍ଥଳେ ବାଟ ଫିଟାଏ । ଏହି ପରିପ୍ରେକ୍ଷୀରେ ତତ୍କାଳୀନ ଉତ୍କଳର ବାଣୀପୁତ୍ର ଓ ବରପୁତ୍ରମାନଙ୍କ ସଂକଳ୍ପ, ସାଧନା ଓ ଭୂୟୋଦର୍ଶନର ପ୍ରତିଫଳନ– 'ସତ୍ୟବାଦୀ'ର ଅମ୍ଳାନ ପୃଷ୍ଠାରୁ ଉର୍ଜା ଆହରଣ ଅଭିପ୍ରାୟରେ ସେଥିରେ ସ୍ଥାନିତ ରଚନାକୁ ଏଠାରେ ଅବିକଳ ଉପସ୍ଥାପନ କରାଯାଉଛି ।

କ୍ଷୁଦ୍ର ହେଲେ ସୁଦ୍ଧା ସତ୍ୟବାଦୀ ମନ୍ଦିର କ୍ରମେ ଯେପରି ଭାରତୀୟ ପରିଚୟ ଏବଂ ପ୍ରତିଷ୍ଠା ପାଉଅଛି ଏବଂ ସତ୍ୟବାଦୀରେ ଯେ ସବୁ କାର୍ଯ୍ୟ ହେବାର ଆବଶ୍ୟକ ହୋଇଅଛି ସେଥିରେ ଏ ଆୟ ଅତି ସାମାନ୍ୟ । ପୁରୀକି ଯେଉଁ ଯାତ୍ରୀମାନେ ଆସନ୍ତି ସେମାନଙ୍କ ମଧ୍ୟରୁ ପ୍ରାୟ ସମସ୍ତେ ଯିବା ବେଳେ ହେଉ ବା ଫେରିବା ବେଳେ ହେଉ ସତ୍ୟବାଦୀ ଦର୍ଶନକୁ ଆସିଥା'ନ୍ତି । ମାତ୍ର ଠାକୁରଙ୍କ ଠାରେ ସେମାନେ ଅତି ସାମାନ୍ୟ ଭେଟ ଲାଗି କରିଥା'ନ୍ତି । ଅନେକେ ଦୁଇଚାରି ପଇସା ମାତ୍ର ଦେଇଥା'ନ୍ତି । ଏ ମନ୍ଦିରର ଏକ ନିୟମ ଏହି ଯେ ତମ୍ବା ମୁଦ୍ରା ଯାହା ଠାକୁରଙ୍କର ଭେଟ ହୁଏ ତାହା ସେବକ ନିଯୋଗମାନେ ନିଅନ୍ତି । ଅଣି ସୁନାରୁପାର ମୁଦ୍ରା ବା ଅଳଙ୍କାର ଆଦି ଠାକୁରଙ୍କ ଭଣ୍ଡାରକୁ ଯାଏ ।

ସତ୍ୟବାଦୀ ବା ସାକ୍ଷିଗୋପାଳ

ଶାସନ ଏବଂ ତତ୍ତ୍ୱାବଧାନ

ଜଗତରେ ଏକ ଶ୍ରେଣୀର ଲୋକେ କାର୍ଯ୍ୟ କରିଯାଆନ୍ତି । ଅନ୍ୟ ଏକ ଶ୍ରେଣୀରେ ଲୋକେ ତାହାର ଫଳ ଭୋଗ କରନ୍ତି । ଯେ କରନ୍ତି ସେ କେବଳ କର୍ମରେ ତନ୍ମୟ । ବ୍ୟକ୍ତିଗତ ଲାଭ କ୍ଷତିର ଆଶା ବା ଆଶଙ୍କା ତାଙ୍କର ନ ଥାଏ । କାର୍ଯ୍ୟର ସିଦ୍ଧିରେ ତାଙ୍କର ସନ୍ତୋଷ । ସେ ଚାଲିଯାଆନ୍ତି । ତାଙ୍କ କାର୍ଯ୍ୟ ରହେ । ଅନେକ ସ୍ଥଳେ କାର୍ଯ୍ୟରେ ତାଙ୍କର ନାମ ବା ଚିହ୍ନ ପର୍ଯ୍ୟନ୍ତ ରହେନାହିଁ । ଏହି ଅବସ୍ଥାରେ କର୍ମୀ ସାଧକର ଶାନ୍ତି ଓ ମୁକ୍ତି ।

"ଭୋ ତାତ କର୍ମପାଦେ ସେବ
କର୍ମହୁଁ ନାହିଁ ଅନ୍ୟ ଦେବ ।"

କର୍ମସାଧକର ଜୀବନ ଏହି ମହୋପଦେଶର ଅନୁସରଣ । ନିଜ ଆରାଧ୍ୟ କର୍ମ ଦେବତାଙ୍କଠାରେ ଆପଣାର ବ୍ୟକ୍ତିଗତ ସତ୍ତା ଓ ଶକ୍ତି, କର୍ତ୍ତୃତ୍ୱ ଓ କୃତିତ୍ୱ ଲୀନ କରି ଦେବା ତାଙ୍କ ପକ୍ଷେ ପରମପଦ ଲାଭ । ଏହି ଶ୍ରେଣୀର ସାଧକମାନେ ମାନବ ସମାଜର ଭିତ୍ତି ଏବଂ ମୂଳାଧାର । ସେମାନଙ୍କ ଶ୍ରମ ସାଧନା ସ୍ୱାର୍ଥତ୍ୟାଗ ଉପରେ ସମାଜର ଭବିଷ୍ୟତ ଗଢ଼ାହୁଏ । ମାତ୍ର ଆଶ୍ଚର୍ଯ୍ୟର କଥା, ଭାବୀ ଉତ୍ତରାଧିକାରୀମାନେ ସେମାନଙ୍କର ଗୌରବ ପ୍ରାୟ ଭୁଲିଯାଆନ୍ତି ଏବଂ ଅନେକ ସ୍ଥଳେ କେବଳ ସେମାନଙ୍କ କର୍ମର ଫଳ ଉପଭୋଗରେ ଆପଣାକୁ ଗୌରବାନ୍ୱିତ ମଣନ୍ତି ।

ସତ୍ୟବାଦୀ ଏବଂ ତାଙ୍କ ସଂକ୍ରାନ୍ତ ଅନ୍ୟାନ୍ୟ ସକଳ ଅନୁଷ୍ଠାନ ବାବା ଏବଂ ହରିନାରାୟଣ ବ୍ରହ୍ମଚାରୀ ଦୁହିଁଙ୍କ ସାଧନାର ଫଳ । ଗୋପାଳଙ୍କ ପ୍ରତିଷ୍ଠାନ ପରେ ବାବାଙ୍କର ତିରୋଧାନ ହେଲା; ନୂତନ ମନ୍ଦିର ସମ୍ପୂର୍ଣ୍ଣ ହେବା ପରେ ହରିନାରାୟଣ ମଧ୍ୟ ପରଲୋକ ହେଲେ । ଖରସୁଆଁ ନଦୀ ତୀରବର୍ତ୍ତୀ କେନ୍ଦୁଝର ରାଜ୍ୟ ଅନ୍ତର୍ଗତ ଖଣ୍ଡିତର

ବଜାରରେ ସେ ବିସୂଚିକାରେ ଆକ୍ରାନ୍ତ ହୋଇ ୮୦ ବର୍ଷ ବୟସରେ ଦେହତ୍ୟାଗ କଲେ।

ଏଣିକି ମନ୍ଦିର ଏବଂ ଗୋପାଳଙ୍କ ତତ୍ତ୍ୱାବଧାନ କିପରି ଚଳିଲା? ପୂର୍ବେ କୁହାଯାଇ ଅଛି ବର୍ତ୍ତମାନ ମନ୍ଦିର ଗଢ଼ାହେଲା ବେଳକୁ ଓଡ଼ିଶା ରାଜା ରାମଚନ୍ଦ୍ର ଦେବଙ୍କର ଜଣେ ଭାଇ ରାୟ ସାହେବ ଆସି ସତ୍ୟବାଦୀଠାରେ ରହିଲେଣି। ଇଂରେଜମାନେ ଓଡ଼ିଶା ଅଧିକାର କଲାପରେ ପ୍ରଧାନ ପ୍ରଧାନ ମନ୍ଦିରଗୁଡ଼ିକ ଆପଣା ଶାସନାଧୀନରେ ନେଇଥିଲେ। ସତ୍ୟବାଦୀ ଠାକୁରଙ୍କ ଇଲାକା ସେହିପରି ଅଧୀନରେ ନିଆହୋଇଥିଲା। ପୁରୀ ରାଜା ଖୋର୍ଦ୍ଧାରୁ ବେଦଖଲ ହୋଇ କେବଳ ମାସିକ ବୃତ୍ତି ପାଇଲେ। ସୁତରାଂ ରାଜାଙ୍କ ଭାଇ ଜ୍ଞାତି ଗୋତ୍ରମାନଙ୍କର ଚଳିବାପକ୍ଷେ କ୍ରମେ ବଡ଼ କଷ୍ଟ ହେଲା। ଗୋପୀନାଥ ରାୟ ରାଜା ରାମଚନ୍ଦ୍ରଙ୍କ କକା। ପୁରୀ ଜଗନ୍ନାଥ ମନ୍ଦିର ପ୍ରଥମେ ଇଂରେଜ ସରକାରଙ୍କ ତତ୍ତ୍ୱାବଧାନରେ ଥିଲାବେଳେ ସେ ଉକ୍ତ ମନ୍ଦିରରେ କୌଣସି ସେବା ପାଇବା ଲାଗି ଆବେଦନ କଲେ। ଓଡ଼ିଶା କମିଶନର ଟମାସ ପାକେନ ସାହେବ ଏ ସମ୍ବନ୍ଧେ ଖୋର୍ଦ୍ଧାର କଲେକ୍ଟର ଉଇଲ୍‌କିନ୍‌ସନ୍ ସାହେବଙ୍କୁ ୧୮୨୭ ମସିହା ନଭେମ୍ବର ୨୪ ତାରିଖରେ ପତ୍ର ଲେଖିଲେ।

ଉକ୍ତ ପତ୍ରର ସାରମର୍ମ ଏହିକି ରାଜା ରାମଚନ୍ଦ୍ରଦେବଙ୍କ କକା ଗୋପୀନାଥ ରାୟ ପୁରୀ ମନ୍ଦିରରେ କୌଣସି କାର୍ଯ୍ୟ ଭାର ପାଇବା ନିମନ୍ତେ ଦରଖାସ୍ତ କରିଅଛନ୍ତି। ମାତ୍ର ମନ୍ଦିର (ଜଗନ୍ନାଥ ମନ୍ଦିର)ରେ ବର୍ତ୍ତମାନ ସେପରି କୌଣସି ପଦ ଶୂନ୍ୟ ନାହିଁ। ସ୍ୱର୍ଗୀୟ ଶିବଜି ପଣ୍ଡିତ ସତ୍ୟବାଦୀ ମନ୍ଦିରର ଯେଉଁ ତତ୍ତ୍ୱାବଧାନ କରୁଥିଲେ ତହିଁରେ ଗୋପୀନାଥଙ୍କୁ ରଖିବା ଲାଗି ମୁଁ ପ୍ରସ୍ତାବ କରେଁ। ଏ ପ୍ରସ୍ତାବରେ ତୁମ୍ଭର କୌଣସି ଆପତ୍ତି ଥିଲେ ଜଣାଇବ। ଏ ପତ୍ରରୁ ଜଣାଯାଏ ଶିବଜି ପଣ୍ଡିତ ନାମକ ଜଣେ ବ୍ୟକ୍ତି ୧୮୨୭ ମସିହା ପୂର୍ବରୁ ସତ୍ୟବାଦୀ ମନ୍ଦିର ତତ୍ତ୍ୱାବଧାରକ ଥିଲେ। ଖୁବ୍ ସମ୍ଭବ ସେ ମରହଟ୍ଟା। ଇଂରେଜ ଅଧିକାର ସ୍ଥିରହେବା ବେଳକୁ ବୋଧହୁଏ ରାଜା ରାମଚନ୍ଦ୍ରଙ୍କ ସମୟରୁ ସେ ଏହି କାର୍ଯ୍ୟ ଚଳାଉଥିଲେ।

ଗୋପୀନାଥ ରାୟ ସତ୍ୟବାଦୀ ମନ୍ଦିର ତତ୍ତ୍ୱାବଧାରକ ହେବା ବିଷୟରେ ଉଇଲକିନ୍‌ସନ୍ ସାହେବଙ୍କର କୌଣସି ଆପତ୍ତି ନଥିବାର ସେ କମିଶନର ପାକେନ୍‌ସାହେବଙ୍କୁ ଜଣାଇଲାରୁ ରାୟ ସାହେବ ଗୋପୀନାଥ ୧୮୨୮ ମସିହା ଜାନୁଆରୀ ମାସରୁ ସତ୍ୟବାଦୀର ତତ୍ତ୍ୱାବଧାନ ଭାର ପାଇଲେ। ଏତେବେଳକୁ ନୂତନ ଦେଉଳ ତିଆରି ହେବା ଆଉ ପ୍ରାୟ ୩୦ବର୍ଷ ଆଗକୁ ଅଛି। ଗୋପୀନାଥ ରାୟଙ୍କ ପରେ ତାଙ୍କ ପୁଅ ପଦ୍ମନାଭ ରାୟ ସାହେବ ଉତ୍ତରାଧିକାରୀ ସୂତ୍ରେ ମନ୍ଦିରର ସୁପରିଣ୍ଟେଣ୍ଡେଣ୍ଟ ବା ତତ୍ତ୍ୱାବଧାରକ ହେଲେ। ଇତିମଧ୍ୟରେ ଭାରତ ଗଭର୍ଣ୍ଣମେଣ୍ଟ ଧର୍ମ ପ୍ରତିଷ୍ଠାନ ସମ୍ପର୍କୀୟ ଆଇନ (Religions endowment Act) ଜାରିକଲେ। ସତ୍ୟବାଦୀ ମନ୍ଦିର ସେହି ଆଇନ ଅଧୀନରେ ଆସିଲା। ୧୮୬୪ ମସିହା ନଭେମ୍ବର ମାସ ୯ ତାରିଖରେ କମିଶନର ସାହେବଙ୍କଠାରୁ ପଦ୍ମନାଭ ରାୟ ସାହେବଙ୍କଠାକୁ ଏହି ମର୍ମରେ ନିମ୍ନୋଦ୍ଧୃତ ପତ୍ର ଆସିଲା।

"ମହତ ଉପଯୁକ୍ତ ସତ୍ୟବାଦୀ ଗୋପୀନାଥଜୀ ମନ୍ଦିର ସୁପରିଣ୍ଟେଣ୍ଡେଣ୍ଟ ପଦ୍ମନାଭ ରାୟ ସାହେବ କୁଶଳରେ ଥିବ। ଯେହେତୁ ଆଜି ତାରିଖ ହଜୁର ରୋବକାରୀ ଲିଖିତ ମହାମାନ୍ୟ ଶ୍ରୀଯୁକ୍ତ ବଙ୍ଗଳା ଗଭର୍ଣ୍ଣମେଣ୍ଟଙ୍କ ଜୁନିଅର ସେକ୍ରେଟାରୀ ସାହେବଙ୍କ ଗତ ଅକ୍ଟୋବର ମାସ ୨୪ ତାରିଖ ୩୫୫୫ ନମ୍ବର ଚିଟାଉ ଦ୍ୱାରା ମଞ୍ଜୁର ହୋଇଥିବା ତୁମ୍ଭ ସୁପରିଣ୍ଟେଣ୍ଡେଣ୍ଟ ଇଲାକା ଶ୍ରୀ ଗୋପୀନାଥଜୀଙ୍କ ମନ୍ଦିର ଇଲାକା ଆୟବ୍ୟୟ ତତ୍ତ୍ୱାନୁସନ୍ଧାନ କରିବା ନିମନ୍ତେ ବାବୁ ଭାଗବତ ମହାନ୍ତି, ବାବୁ ଭାଗୀରଥି ଦାସ ଓ ବାବୁ କୃଷ୍ଣମୋହନ ରାୟଙ୍କୁ କମିଟି ସ୍ୱରୂପ ନିଯୁକ୍ତ କରାଯାଇ ତୁମ୍ଭଙ୍କୁ ଲେଖାଯାଉ ଅଛି କି ତୁମ୍ଭେ ଏ ବିଷୟ ଜ୍ଞାତ ହେବ।"

ଅଳ୍ପଦିନ ପରେ ବାବୁ ଭାଗୀରଥି ଦାସ ଓ ବାବୁ କୃଷ୍ଣମୋହନ ରାୟଙ୍କ ସ୍ଥାନରେ ଗଡ଼ଜାତର ଆସିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟ ବାବୁ ହରେକୃଷ୍ଣ ଦାସ ବା ଓଡ଼ିଶାର ସୁପରିଚିତ ହରିବାବୁ ଏବଂ ରାମଗୋପାଳ ଚାତୁର୍ଯ୍ୟା ଯଥାକ୍ରମେ ନିଯୁକ୍ତ ହେଲେ।

ପଦ୍ମନାଭ ରାୟ ସାହେବ କମିଟିଙ୍କ କ୍ଷମତା ସ୍ୱୀକାର କରିବାକୁ କୁଣ୍ଠିତ ହେବା ସ୍ୱାଭାବିକ। କମିଟି ତାଙ୍କ ଆୟବ୍ୟୟର ତତ୍ତ୍ୱାନୁସନ୍ଧାନ କରିବେ। ଏ କଥାଟି ଶୁଣିବାକୁ ଯେପରି ସାମାନ୍ୟ, ଯଥାର୍ଥରେ ସେପରି ନୁହେଁ। ଏହାର ଫଳରେ ରାୟସାହେବଙ୍କର ମନ୍ଦିରରେ ଆଉ କିଛି କର୍ତ୍ତୃତ୍ୱ ନରହିବାର କଥା। ସୁତରାଂ ସେ କମିଟିଙ୍କି ହିସାବ ପତ୍ର ଦେଲେ ନାହିଁ ଗଭର୍ଣ୍ଣମେଣ୍ଟ ଆଦେଶ ବିରୁଦ୍ଧରେ ପ୍ରତିବାଦ କଲେ। କିଛିଫଳ ହେଲାନାହିଁ। କମିଟି ଏବଂ ପଦ୍ମନାଭଙ୍କ ମଧ୍ୟରେ ଅନେକ ମାମଲା ମକଦ୍ଦମା ଲାଗିଲା। ଅବଶେଷରେ ୧୮୭୯ ମସିହାରେ କଟକର ସବ୍ ଜଜ୍‌ଙ୍କ ନିଷ୍ପତ୍ତି ଅନୁସାରେ ରାୟସାହେବ ସତ୍ୟବାଦୀ ମନ୍ଦିରର ପରିଛା ପଦରୁ ସମ୍ପୂର୍ଣ୍ଣ ବିଚ୍ୟୁତ ହେଲେ। ଏଣିକି ମନ୍ଦିର କମିଟିଙ୍କ ତତ୍ତ୍ୱାବଧାନରେ ଚଳିଲା। ଓଡ଼ିଶାର ଅନ୍ୟାନ୍ୟ ମନ୍ଦିର କମିଟିରେ ତିନିଜଣ ଲେଖାଏଁ ସଭ୍ୟ ଥାନ୍ତି। ଏ କମିଟିରେ ମଧ୍ୟ ସେହି ସଂଖ୍ୟକ ସଭ୍ୟ ପ୍ରଥମେ ଥିଲେ। ପୁରୀର ଓକିଲ ବାବୁ ହରିଶ୍ଚନ୍ଦ୍ର ଘୋଷ ଏ କମିଟିର ଅନ୍ୟତମ ସଭ୍ୟ ଥିଲେ। ତାଙ୍କ ଅନ୍ତେ ୧୯୦୮ ମସିହାରେ ତାଙ୍କ ସ୍ଥାନରେ ତିନିଜଣ ମେମ୍ବର ନିଯୁକ୍ତ ହେଲେ। ବର୍ତ୍ତମାନ କମିଟିର ସଭ୍ୟ ସଂଖ୍ୟା ପାଞ୍ଚଜଣ। ଯାହା ସମସ୍ତଙ୍କ କାର୍ଯ୍ୟ ତାହା କାହାରି କାର୍ଯ୍ୟ ନୁହେଁ। କମିଟି ଅଧୀନସ୍ଥ ଓଡ଼ିଶାର ଅଧିକାଂଶ ମନ୍ଦିରର ଏହି ଦଶା। କମିଟିରେ ମେମ୍ବର ହେବାଲାଗି ଲୋକଙ୍କର ଯେ ଆଗ୍ରହ ଦେଖାଯାଏ କାର୍ଯ୍ୟ ପରିଚାଳନାରେ ପ୍ରାୟ ତେତେ ଆଗ୍ରହ ନଥାଏ। ପୁଣି କାହାରି ଜଣଙ୍କର ଉତ୍ସାହ ଥିଲେ ମଧ୍ୟ ଅନ୍ୟାନ୍ୟମାନଙ୍କ ମତାମତ ଦ୍ୱାରା ତାଙ୍କ କାର୍ଯ୍ୟ ନିୟମିତ ହୁଏ। ତେଣୁ କମିଟିଦ୍ୱାରା ଯେଭଳି କାର୍ଯ୍ୟ ହେବାର ଆଶା କରାଯାଏ ଅନେକ ସ୍ଥଳେ ଫଳରେ ତାହା ହୁଏନାହିଁ। କମିଟି ସମ୍ବନ୍ଧୀୟ ଆଇନ ପୂର୍ଣ୍ଣାଙ୍ଗ ନୁହେଁ। ତହିଁରେ ଆବଶ୍ୟକ ପରିବର୍ତ୍ତନ ଓ ପରିବର୍ଦ୍ଧନ ନହେବା ଯାଏ କମିଟି ଶାସନ ଆଶାନୁରୂପ ଫଳପ୍ରଦ ହେବ ନାହିଁ। ଯାହାହେଉ, ଓଡ଼ିଶାର ଅନ୍ୟାନ୍ୟ କମିଟି ଅଧୀନସ୍ଥ ମନ୍ଦିର ତୁଳନାରେ ସତ୍ୟବାଦୀ ମନ୍ଦିର ସୁପରିଚାଳିତ। ମନ୍ଦିରର-ବର୍ଦ୍ଧିଷ୍ଣୁ ଆର୍ଥିକ ଅବସ୍ଥା ଏଥିର ପ୍ରମାଣ।

କମିଟିର କୃତିତ୍ୱ ଏବଂ ମନ୍ଦିରର କଲ୍ୟାଣ ମେମ୍ବର ବିଶେଷଙ୍କ ନିଷ୍ଠା ଓ କାର୍ଯ୍ୟ କୌଶଳ ଉପରେ ନିର୍ଭର କରେ । ଏହି ବିବରଣ ଲେଖା ସମୟରେ ସତ୍ୟବାଦୀ କମିଟିର ଜନୈକ ସଭ୍ୟ ବାବୁ ଶ୍ରୀ ଦୀନବନ୍ଧୁ ଶତପଥୀ ମନ୍ଦିର କାର୍ଯ୍ୟ ତତ୍ତ୍ୱାବଧାନରେ ଅତ୍ୟନ୍ତ ଯତ୍ନବାନ୍ ଏବଂ ମନୋଯୋଗୀ ଥିବାର କୃତଜ୍ଞତା ସହିତ ସ୍ୱୀକାର କରିବାକୁ ହେବ ।

ମନ୍ଦିରର ବାର୍ଷିକ ଆୟ ବର୍ତ୍ତମାନ ପ୍ରାୟ ୧୬ ହଜାର ଟଙ୍କା । ଏଥିରୁ ଅଧିକାଂଶ ଭୂସମ୍ପତ୍ତିରୁ ଆମଦାନି । କ୍ଷୁଦ୍ର ହେଲେ ସୁଦ୍ଧା ସତ୍ୟବାଦୀ ମନ୍ଦିର କ୍ରମେ ଯେପରି ଭାରତୀୟ ପରିଚୟ ଏବଂ ପ୍ରତିଷ୍ଠା ପାଉଅଛି ଏବଂ ସତ୍ୟବାଦୀରେ ଯେ ସବୁ କାର୍ଯ୍ୟ ହେବାର ଆବଶ୍ୟକ ହୋଇଅଛି ସେଥିରେ ଏ ଆୟ ଅତି ସାମାନ୍ୟ । ପୁରୀକି ଯେଉଁ ଯାତ୍ରୀମାନେ ଆସନ୍ତି ସେମାନଙ୍କ ମଧ୍ୟରୁ ପ୍ରାୟ ସମସ୍ତେ ଯିବା ବେଳେ ହେଉ ବା ଫେରିବା ବେଳେ ହେଉ ସତ୍ୟବାଦୀ ଦର୍ଶନକୁ ଆସିଥା'ନ୍ତି । ମାତ୍ର ଠାକୁରଙ୍କ ଠାରେ ସେମାନେ ଅତି ସାମାନ୍ୟ ଭେଟ ଲାଗି କରିଥା'ନ୍ତି । ଅନେକେ ଦୁଇଚାରି ପଇସା ମାତ୍ର ଦେଇଥା'ନ୍ତି । ଏ ମନ୍ଦିରର ଏକ ନିୟମ ଏହି ଯେ ତମ୍ବା ମୁଦ୍ରା ଯାହା ଠାକୁରଙ୍କର ଭେଟ ହୁଏ ତାହା ସେବକ ନିଯୋଗମାନେ ନିଅନ୍ତି । ଅଣି ସୁନାରୁପାର ମୁଦ୍ରା ବା ଅଳଙ୍କାର ଆଦି ଠାକୁରଙ୍କ ଭଣ୍ଡାରକୁ ଯାଏ । ଆହୁରି ଅଧିକ ଉପଯୁକ୍ତ ତତ୍ତ୍ୱାବଧାନ ହେଲେ ଆୟ ନାନା ଆଡ଼େ ବଢ଼ିବାର ସମ୍ଭାବନା ଅଛି ।

ନୀତି

ଯେ କୌଣସି ହିନ୍ଦୁ ଦେବାଳୟର ବିବରଣରେ ନୀତି ଏକ ପ୍ରଧାନ ଜ୍ଞାତବ୍ୟ ବିଷୟ । ସାଧାରଣ ମନୁଷ୍ୟ ଭାଷାରେ ଯେ ସବୁ କ୍ରିୟାକୁ ନିତ୍ୟକର୍ମ କୁହାଯାଏ ସେହିସବୁ ଠାକୁରଙ୍କର ନୀତି । ପ୍ରତ୍ୟହ ସକାଳେ ପହଡ଼ରୁ ଉଠି ପୁଣି ରାତିରେ ପହଡ଼କୁ ବିଜେ କରିବାଯାଏ ଠାକୁରଙ୍କର ଯେ ଅବଶ୍ୟ କର୍ତ୍ତବ୍ୟ ବିଧିବିଧାନଗୁଡ଼ିକ ସମ୍ପାଦିତ ହୋଇଥାଏ ତାହା ନୀତି ।

ପୂର୍ବେ କୁହାଯାଇଅଛି ସତ୍ୟବାଦୀରେ ଗୋପାଳଙ୍କ ନୀତି ପ୍ରାୟ ସର୍ବାଂଶରେ ପୁରୀ ଜଗନ୍ନାଥ ମହାପ୍ରଭୁଙ୍କ ନୀତି ଅନୁସାରେ ସମ୍ପାଦିତ ହୋଇଥାଏ । ଅତି ପ୍ରତ୍ୟୁଷରେ କବାଟ ଫିଟି ଠାକୁରଙ୍କର ପହଡ଼ ଭାଙ୍ଗିବା ପରେ ମଙ୍ଗଳାଳତି । ତହିଁ ଉତ୍ତାରୁ ଅବକାଶ ବା ସ୍ନାନ । ସ୍ନାନର ଆନୁଷଙ୍ଗିକ ବିଧିବିଧାନ ସୁଗନ୍ଧ ତୈଳ ଲେପନାଦି ଅବଶ୍ୟ ହୋଇଥାଏ । ସ୍ନାନ ପରେ ବେଶ୍ ଅର୍ଥାତ୍ ଅଳଙ୍କାର ପୋଷାକ ପରିଚ୍ଛଦ ଫୁଲ ଚନ୍ଦନ ଆଦିରେ ଠାକୁର ବିଭୂଷିତ ହୁଅନ୍ତି । ଇତିମଧ୍ୟରେ ସୂର୍ଯ୍ୟପୂଜା ଏବଂ ଦ୍ୱାରପାଳ ପୂଜା ହୋଇଥାଏ । ବେଶଲାଗି ଅନ୍ତେ ଠାକୁରଙ୍କର ବଲ୍ଲଭ । ବଲ୍ଲଭ ବୋଇଲେ ଶୀତଳ ମୁଣୋହି । ବଲ୍ଲଭ ସରିଲେ ଭକ୍ତ ସାଧାରଣଙ୍କୁ ଦର୍ଶନ ମିଳେ । କେତେକ ସମୟ ପରେ ସକାଳ ଧୂପ ହୁଏ । ସକାଳ ଧୂପ ଠାକୁରଙ୍କର ସକାଳ ବେଳାର ଭୋଗ । ତହିଁଉତ୍ତାରୁ ପୁଣି ଦର୍ଶନ । ସାଧାରଣଙ୍କ ଦର୍ଶନରେ କେତେକ ସମୟ ବିତି ଗଲାରୁ ଅନ୍ୟ ଏକ ବେଶ ଲାଗିହୁଏ । ତାହା ପରେ ବୀରକିଶୋରୀ ବଲ୍ଲଭ । ପୁରୀ ମନ୍ଦିରରେ ଯେ ଭୋଗକୁ ଭୋଗମଣ୍ଡପ କହନ୍ତି ସତ୍ୟବାଦୀରେ ତାହାର ନାମ ବୀରକିଶୋରୀ ବଲ୍ଲଭ । ସମ୍ଭବତଃ ରାଜା ରାମଚନ୍ଦ୍ର ଦେବଙ୍କ ପୁଅ ବୀରକିଶୋର ଦେବ ଏ ଭୋଗ ଖଞ୍ଜା କରିଥିଲେ । ବୀରକିଶୋରୀ ବଲ୍ଲଭ ପରେ ଦୁଇ ପ୍ରହର ବେଶ ଲାଗି ଏବଂ କିଛିକ୍ଷଣ ଉତ୍ତାରୁ ଦୁଇ ପ୍ରହର ଧୂପ । ଦୁଇ ପ୍ରହର ବେଶ ସରିଲେ ମହାପ୍ରଭୁଙ୍କର ପହଡ଼ ହୁଏ । ଏସମସ୍ତ ଦିବାଭାଗର ନୀତି ।

ସନ୍ଧ୍ୟାବେଳକୁ ପହଡ଼ ଭାଙ୍ଗେ ଏବଂ ମହାପ୍ରଭୁଙ୍କର ସନ୍ଧ୍ୟା ଆରତି ହୁଏ । ତଦନନ୍ତର ଗୋଧନ ବାହୁଡ଼ା ଭୋଗ । ଶ୍ରୀକୃଷ୍ଣ ଗୋପପୁରେ ଥିବାବେଳେ ସାରାଦିନ ଗାଇ ବାଛୁରିଙ୍କି ବନ ପର୍ବତରେ ଚରାଇ ସନ୍ଧ୍ୟା ସରିକି ଘରକୁ ଫେରିବାମାତ୍ରେ ସ୍ନେହମୟୀ ମାତା ଯଶୋଦା ଅତି ଆଦରରେ ସର ମାଖନ ଆଦି ତାଙ୍କୁ ଖାଇବାକୁ ଦେଉଥିଲେ । ବାଲ୍ୟ କାଳର ଅଭ୍ୟସ୍ତ ପ୍ରଭୁଙ୍କର ଏହି ଖାଦ୍ୟର ବ୍ୟବସ୍ଥା ବିନା ନୀତି ସର୍ବାଙ୍ଗ ସୁନ୍ଦର ହେବକି? ଗୋଧନ ବାହୁଡ଼ା ଭୋଗସାରି ଠାକୁର ଅନ୍ୟ ଏକ ବେଶ ଲାଗି ହୁଅନ୍ତି । ତହିଁ ଉତ୍ତାରୁ ସନ୍ଧ୍ୟା ଦର୍ଶନ ଏବଂ ପରେ ସନ୍ଧ୍ୟା ଧୂପ । ଅବଶେଷରେ ବଡ଼ ସିଂହାର । ସିଂହାର ଅର୍ଥ ବେଶ । ବଡ଼ ସିଂହାର ସମସ୍ତ ଦିନ ମଧ୍ୟରେ ସର୍ବୋତ୍କୃଷ୍ଟ ବେଶ । ବେଶଲାଗି ଅନ୍ତେ ବଡ଼ସିଂହାର ଭୋଗ; ତତ୍‌ପରେ ପୁଷ୍ପାଞ୍ଜଳି ଅନ୍ତେ ପହଡ଼ ।

ଏହି ନୀତି ସବୁର ଏତେ ବିଶଦ ଉଲ୍ଲେଖ କାହାରି କାହାରିକୁ ନିଷ୍ପ୍ରୟୋଜନ ବୋଧ ହୋଇପାରେ । ଆଜି ଏଗୁଡ଼ିକ ବର୍ତ୍ତମାନ ଦେବାଳୟରେ ନିତ୍ୟ କ୍ରିୟା ବୋଲି ଏଥିପ୍ରତି କାହାରି ତେତେ କୌତୂହଳ ନାହିଁ । ମାତ୍ର ପରିବର୍ତ୍ତନଶୀଳ କାଳଚକ୍ରରେ ଏପରି ଦିନ ଆସିବା ବିଚିତ୍ର ନୁହେଁ ଯେତେବେଳେ ଏଥିରୁ ଅନେକର ଅର୍ଥ ବୁଝାପଡ଼ିବା ଦୁଷ୍କର ହେବ ଏବଂ ଏହି ବିଧିମାନ ଐତିହାସିକର ଅନୁସନ୍ଧେୟ ସାମଗ୍ରୀରେ ପରିଣତ ହେବ । ଆଜିର ଅତି ସାମାନ୍ୟ ହେୟ ଘଟନା ଶତ ଶତ ବର୍ଷ ପରେ ପରବର୍ତ୍ତୀ କାଳରେ ଜ୍ଞାନୀ ତତ୍ତ୍ୱାନୁସନ୍ଧିତ୍ସୁମାନଙ୍କ ନିକଟରେ ବି ଅମୂଲ୍ୟ ଉପାଦେୟ ସମ୍ପଦ ବୋଲି ଆଦୃତ ହେବ ତାହା କିଏ ଜାଣେ?

କୌଣସି ଦେବାଳୟର ନୀତି ଦେଖିଲେ ମନେହୁଏ ଠାକୁରଙ୍କର ଭୋଗ କରିବାକୁ ବେଳ ଅଣ୍ଟୁନାହିଁ । ଯଥାର୍ଥ । ଠାକୁର ଯେ ସେଠାରେ ସ୍ୱାଧୀନ ନୁହନ୍ତି; ଭକ୍ତର ଆରାଧନାରେ ଆବଦ୍ଧ । "ଯଥା ଦେହେ ତଥା ଦେବେ" ଏହି ନୀତି ଓ ବିଶ୍ୱାସରେ ଭକ୍ତ ତାଙ୍କର ପୂଜା ଏବଂ ପରିଚର୍ଯ୍ୟାର ବ୍ୟବସ୍ଥା କରିଥା'ନ୍ତି । ପ୍ରାୟ ଦେଖାଯିବ ପ୍ରତ୍ୟେକ ଧୂପ ପୂର୍ବରୁ ଠାକୁରଙ୍କର ବେଶ ପରିବର୍ତ୍ତନ । ଏହା ସାଧାରଣ ଦରିଦ୍ର ଲୋକପକ୍ଷେ ଅସମ୍ଭବ ବା ଅଶୋଭନୀୟ ହୋଇପାରେ, ମାତ୍ର ସମ୍ପଦଶାଳୀ ରାଜା ମହାରାଜାଙ୍କ ପକ୍ଷେ ସାଧାରଣ କ୍ରିୟା । ମୂର୍ତ୍ତି ପୂଜା ସମ୍ବନ୍ଧେ ମତଭେଦ ହୋଇପାରେ, କିନ୍ତୁ ଯେଉଁମାନେ ଏହାର ଆବଶ୍ୟକତା ଉପଲବ୍ଧି କରନ୍ତି ଏବଂ ସ୍ଥୂଳ ଶରୀର ଓ ଇନ୍ଦ୍ରିୟ ସକଳକୁ ଏକାବେଳକେ ଭୁଲିନଯାଇ ଭଗବତ୍‌ଭକ୍ତି ଅର୍ଜନରେ ସେସବୁର ସାର୍ଥକତା ସ୍ୱୀକାର କରନ୍ତି ଏବଂ ମାନବର ପ୍ରତ୍ୟେକ କାର୍ଯ୍ୟକୁ ଦେବତା ସମ୍ମତ ଓ ସୁଗ୍ରାହ୍ୟ କରିବାଲାଗି ପ୍ରୟାସ କରନ୍ତି, ମନ୍ଦିରର ନୀତି ବିଧିବିଧାନମାନଙ୍କୁ ସେହିମାନଙ୍କ ଦୃଷ୍ଟିରେ ଦେଖିବା ଉଚିତ । ■■■

ପ୍ରଗତିଶୀଳ ଓଡ଼ିଆ ସାହିତ୍ୟର ଜଣେ ଆଗଧାଡ଼ିର ସ୍ରଷ୍ଟା । ଛାତ୍ରଜୀବନରୁ ହିଁ ସାରସ୍ୱତସାଧନାର ସ୍ଫୁରଣ ଘଟିଥିଲା । ତତ୍କାଳୀନ ସାହିତ୍ୟ ପତ୍ରିକା 'ଯୁଗବୀଣା', 'ଉତ୍କଳ ସାହିତ୍ୟ', 'ସହକାର', 'ନବଭାରତ', 'ପ୍ରଗତି', 'ସାରଥି' ଆଦି ପତ୍ରପତ୍ରିକାରେ ଲେଖୁଥିଲେ । ଜଣେ ଗାଳ୍ପିକ, ପ୍ରାବନ୍ଧିକ, ସମ୍ପାଦକ ତଥା ଜାତୀୟତାବାଦୀ ଚିନ୍ତାଧାରାର ଉଦ୍‌ଘୋଷକ ଭାବରେ ଭଗବତୀ ଚରଣଙ୍କ ଖ୍ୟାତି ରହିଛି । ନିଜ ଜୀବନକାଳ ମଧ୍ୟରେ ସୀମିତ ସଂଖ୍ୟକ ଗଳ୍ପ ଲେଖିଥିଲେ । ମାତ୍ର ଏହା ଥିଲା କାଳଜୟୀ, ପ୍ରତିନିଧିଶ୍ରେଣୀୟ । ଓଡ଼ିଶାରେ ବାମପନ୍ଥୀ ଚିନ୍ତାଧାରାର ଅନ୍ୟତମ ପ୍ରବକ୍ତା ଏହି ସାରସ୍ୱତସାଧକଙ୍କ 'ଶିକାର', 'ବଞ୍ଚିତା', 'ମୃତ୍ୟୁର ବିବେଚନା', 'ଝଡ଼', 'ସମୟାତୀତ', 'ଜୀବନସମାଧି', 'ହାତୁଡ଼ି ଓ ଦା' ଗୋଟିଏ ଗୋଟିଏ ସଫଳ ସୃଷ୍ଟି । ସଭ୍ୟ ଦୁନିଆର ଆଲୋକ ନଥିବା ଦୁଇବର୍ଷର ଶିଶୁ ଜଙ୍ଗଲ ଗୁହାରେ ରହି ହୋଇଯାଏ 'ପଶୁମଣିଷ' (ଜଙ୍ଗଲୀ) । ଏହି ଜଙ୍ଗଲୀ କିନ୍ତୁ ଘଟଣା ଚକ୍ରରେ ଜଣେ ଯୁବତୀର ସ୍ନେହ ପ୍ରେମର ବନ୍ଧନରେ ବାନ୍ଧି ହୋଇଯାଇଛି । ଯୁବତୀକୁ ଭଲ ପାଇବା ଭିତରେ ପୂର୍ବରୁ ତା'ର ଜୀବନସାଥି, ସୁଖଦୁଃଖର ସାଥି ଥିବା ହରିଣୀକୁ ବି ହତାଦର କରିଛି । ଏହି ଅହେତୁକ ଆକର୍ଷଣର ଦୁଃଖଦ ପରିସମାପ୍ତି 'ଜଙ୍ଗଲୀ' ଗଳ୍ପର କଥାବସ୍ତୁ ।

ଜଙ୍ଗଲୀ

ଭଗବତୀଚରଣ ପାଣିଗ୍ରାହୀ

॥ ଏକ ॥

ସେ ସୃଷ୍ଟିରୁ ବାହାର । ତା'ର ଆକାରରୁ ଏପରି ବୋଧହୁଏ ସେ ପୁରୁଷ । କିନ୍ତୁ ମନୁଷ୍ୟତାର କୌଣସି ଲକ୍ଷଣ ତା'ଠାରେ ପରିଲକ୍ଷିତ ହୁଏ ନାହିଁ । ତା'ର ଧର୍ମ ନାହିଁ, ଜାତି ନାହିଁ, ସମାଜ ନାହିଁ– ଯେପରି କି ସେ ଏକା ଗୋଟାଏ ଜାତୀୟ ଜୀବ । ସେ ଦେଖିବାକୁ ମନୁଷ୍ୟ ପରି; କିନ୍ତୁ ତା'ର ପ୍ରକୃତି ମାନବପ୍ରକୃତିଠାରୁ ଏକାବେଳକେ ଫରକ । ତା'ର ସୁବୃହତ୍ କୃଷ୍ଣବର୍ଣ୍ଣ ଶରୀର ଅତି ଭୀଷଣ । କପାଳ ଏବଂ ଦୁଇ ଚକ୍ଷୁର ଦୁଇ ପ୍ରାନ୍ତ ଭାଗରୁ ନାସିକାର ଅଗ୍ରଭାଗ ପର୍ଯ୍ୟନ୍ତ– ଏହି କ୍ଷୁଦ୍ର ତ୍ରିଭୁଜାକାର ଅଂଶଟି ବ୍ୟତୀତ ପ୍ରାୟ ସମସ୍ତ ମସ୍ତକ ଘନକୃଷ୍ଣ କେଶ ଏବଂ ଶ୍ମଶ୍ରୁଦ୍ୱାରା ଏପରି ଭାବରେ ଆବୃତ ଯେ, ଓଷ୍ଠ ଦିଓଟି ଆଦୌ ଦେଖାଯାଏ ନାହିଁ– କର୍ଣ୍ଣ ଦିଓଟି ଘନ କେଶ ମଧ୍ୟରୁ ଅଳ୍ପ ଦେଖାଯାଏ । ତା'ର ସର୍ବାଙ୍ଗ ଦୀର୍ଘ କୃଷ୍ଣ ଲୋମରେ ଆଚ୍ଛାଦିତ– ଶରୀରରେ ତା'ର ଅସୁରର ବଳ । ଯେପରି ଏ ଯୁଗରେ ଆଦି ମାନବର ଗୋଟାଏ ଅବତାର ସେ!

ସେ ଥାଏ ଏକ ନିବିଡ଼ ଜଙ୍ଗଲ ମଧ୍ୟସ୍ଥ ଗୋଟିଏ ପାହାଡ଼ର ଗୁହା ମଧ୍ୟରେ । ସେ ସ୍ଥାନରେ ମନୁଷ୍ୟର ପାଦ କେବେ ପଡ଼ିଛି କି ନାହିଁ ସନ୍ଦେହ । ଏପରି ସ୍ଥାନକୁ ଗୋଟିଏ ମାନବସନ୍ତାନ କିପରି ଆସିଲା, ତାହା କଳ୍ପନା କରାଯାଇ ପାରେ ନାହିଁ । ମନେ ହୁଏ, ପଚା ଫଳ ମଧ୍ୟରେ ପିତାମାତାଙ୍କ ଅଭାବରେ ଯେପରି କୀଟର ଆବିର୍ଭାବ ହୁଏ, ସେହିପରି ସେ ଭୟଙ୍କର ତମସାଚ୍ଛନ୍ନ ଗହ୍ୱର ମଧ୍ୟରୁ ଏ ଭୀଷଣ ଜୀବନର ସୃଷ୍ଟି! ଜଗତର ସକଳ ଭୀଷଣତା ଯେପରି ଘନୀଭୂତ ହୋଇ ଏହି ଲୋକଟାର ଆକାରରେ ପ୍ରକାଶିତ ହେବାକୁ ଚେଷ୍ଟା କରିଛି ।

ତା'ର ସୌନ୍ଦର୍ଯ୍ୟଜ୍ଞାନ ଅତି ଅଦ୍ଭୁତ ରକମର । ଫୁଲଟିଏ ଫୁଟିବାର ଦେଖିଲେ ସେ ଖଣ୍ଡ ଖଣ୍ଡ କରି ଛିଣ୍ଡାଇ ପକାଇବ– କୋକିଳ ଗାଇ ଉଠିଲେ ତାକୁ ବିକଟ ସ୍ୱରରେ ପ୍ରତ୍ୟୁତ୍ତର ଦେବ । ଦକ୍ଷିଣ ବାୟୁସ୍ପର୍ଶରେ ତା'ର ପୁଲକ ଜାତ ହେଲେ, ସେ ଉନ୍ମତ୍ତ ହୋଇ ସମସ୍ତ ଜଙ୍ଗଲ ମଥିତ କରିବ । ହସ୍ତୀ, ସିଂହ, ବ୍ୟାଘ୍ର ଯାହା ଦେଖିବ, ତା' ସଙ୍ଗେ ଯୁଦ୍ଧ ଆରମ୍ଭ

କରିଦେବ । ଶ୍ରାବଣର ଅନ୍ଧକାର ରାତ୍ରିରେ ଝଡ଼ ତୋଫାନର ଆୟୋଜନ ଦେଖିଲେ ସେ ସିଂହୀ ସହିତ ବାସର ରଚିବ ।

ଜଙ୍ଗଲର ପଶୁମାନଙ୍କ ସହିତ ତା'ର ବେଶ୍ ପରିଚୟ ଥିଲା । କେତେବେଳେ ସେମାନଙ୍କ ସହ ମିଳିମିଶି କ୍ରୀଡ଼ା କରେ, କେତେବେଳେ ବା ସେମାନଙ୍କ ସହିତ କଳହ କରି ଯୁଦ୍ଧ ଆରମ୍ଭ କରି ଦିଏ । ଏପରି ଯୁଦ୍ଧ କରିବା ବିଷୟରେ ସେ ପଶୁମାନଙ୍କ ତୁଳନାରେ କୌଣସିମତେ କମ୍ ଭୀଷଣ ନୁହେଁ । ସେ କେତେବେଳେ ବୃକ୍ଷ ଉପରକୁ ଉଠିଯାଏ । କେତେବେଳେ ଅପର ପକ୍ଷକୁ ସହସା ଆଘାତ କରି ବୃକ୍ଷ ଅନ୍ତରାଳରେ ଛପି ରହେ । ନିମିଷକ ମଧ୍ୟରେ ସେ ଯେ କେତେ ଥର କେତେ ପ୍ରକାରରେ ଶତ୍ରୁକୁ ଆଘାତ କରି ଅନ୍ତର୍ହିତ ହୋଇଯାଏ, ଭାବିଲେ ମନୁଷ୍ୟ ପକ୍ଷରେ ତାହା ସମ୍ଭବପର ବୋଲି ଆଦୌ ବିଶ୍ୱାସ ହେବ ନାହିଁ । କେତେଥର ଏହିପରି ଯୁଦ୍ଧ କରି ସେ ଭୀଷଣ ଆଘାତ ପ୍ରାପ୍ତ ହୋଇଛି– ସୁସ୍ଥ ସବଳ ହୋଇ ପୁଣି ଯୁଦ୍ଧ ଆରମ୍ଭ କରି ଦେଇଛି । ଆଉ ପ୍ରତିଥର ଯୁଦ୍ଧର ଆହ୍ୱାନ ଆସେ ଏହାରି ପକ୍ଷରୁ ।

ଅଧିକାଂଶ ବନଚରଙ୍କ ସହିତ ତା'ର ପରିଚୟ ଥିଲେହେଁ ଗୋଟିଏ ହରିଣୀ ସହ ତା'ର ପ୍ରଣୟ ଥିଲା ସବୁଠାରୁ ବେଶି । ହରିଣୀଟିକୁ ସବୁବେଳେ ନିକଟରେ ରଖିବାକୁ ତା'ର ସବୁଠାରୁ ବେଶି ଆଗ୍ରହ । କିନ୍ତୁ ହରିଣୀଟି ବଡ଼ ଚପଳ ପ୍ରକୃତିର । ସେ ମୁହୂର୍ତ୍ତକ ମଧ୍ୟରେ ଜଙ୍ଗଲର ଏ ପାଖରୁ ସେପାଖଯାଏ ଡେଇଁ ବୁଲି ଆସିବ । କେତେ ହରିଣଙ୍କ ସଙ୍ଗେ ଖେଳିବ– କେଉଁଠି କଅଁଳ ଘାସରେ ମୁହଁ ମାରିବ– ଧୀର ପବନ ଦେହରେ ଲାଗିଲେ ମୁହଁ ଟେକି ପବନ ଦିଗକୁ ଚାହିଁବ– ଯେପରି କିଛି ଗୋଟାଏ ଆଘ୍ରାଣ କରୁଛି । ସାଙ୍ଗେ ସାଙ୍ଗେ ଟିକିଏ ନାଚିଯିବ । ଏ ସବୁ ଦେଖି ଆମର ବନ୍ୟ ଜୀବଟିର ଭାରି ଆନନ୍ଦ! କିନ୍ତୁ ହରିଣୀର ଚପଳତା ଯୋଗେ ସେ ହରିଣୀ ଉପରେ ସମୟ ସମୟରେ ରାଗ କରେ– ଅଭିମାନ କରେ । ହରିଣୀ ଯେତେବେଳେ ଦୌଡ଼େ, ସେ ମଧ୍ୟ ଦୌଡ଼ିବାକୁ ବାହାରେ । କିନ୍ତୁ ହରିଣୀ ସହିତ



ସେ ଯୋଗ ଦେଇପାରେ ନାହିଁ । ହରିଣୀ ତାକୁ ପଛରେ ପକାଇ ଚାଲିଯାଏ– ତା' ପାଇଁ ଅପେକ୍ଷା କରେ ନାହିଁ । ସେଥିପାଇଁ ସେ ହରିଣୀ ଉପରେ ଅଭିମାନ କରି ବସେ । ତା'ର ଇଚ୍ଛା ବିରୁଦ୍ଧରେ ହରିଣୀ ତା' ନିକଟରୁ ଖସି ଚାଲିଗଲେ ସେ ରାଗିଯାଏ । ପୁଣି ନିକଟକୁ ଫେରିଲେ ତାକୁ ପ୍ରହାର କରିବ ବୋଲି ପ୍ରତିଜ୍ଞା କରେ, କିନ୍ତୁ ହରିଣୀ ଆସି ଯେତେବେଳେ ନିଜର ଲୋମଶ ମୁଖରେ ତା'ର ଗାଲକୁ ଆସ୍ତେ ଆସ୍ତେ ଆଉଁଶେ, ସେ ସବୁ ରାଗ ଅଭିମାନ ଭୁଲି ଯାଇ ତାକୁ ଆଲିଙ୍ଗନ କରେ ।

ଏ ଭୀଷଣ ଜୀବଟି ପ୍ରତି ହରିଣୀଟିର କାହିଁକି କେଜାଣି ଗୋଟାଏ ମମତା ଜନ୍ମି ଯାଇଥିଲା । ସେ ସବୁ ହରିଣ ହରିଣୀଙ୍କ ସହ ମିଶେ– ଖେଳେ, ବୁଲେ, ଚରେ, କିନ୍ତୁ ସେମାନଙ୍କ ମଧ୍ୟରୁ କାହାରି ସଙ୍ଗରେ ତା'ର ବିଶେଷ ଘନିଷ୍ଠତା ନ ଥିଲା । ସେ ଯଦି କେବେ କୌଣସି ବିପଦର ଆଶଙ୍କା ଦେଖେ, ତେବେ ତା'ର ଏହି ମାନବ ବନ୍ଧୁଟିର ଆଶ୍ରୟ ନିଏ । ହରିଣୀ କେବେ ଆଘାତ ପ୍ରାପ୍ତ ହେଲେ ତା'ର ବନ୍ଧୁଟି ଅତି ଯତ୍ନସହକାରେ ଶୁଶ୍ରୂଷା କରେ । ବନ୍ଧୁ ଯଦି କେବେ ସିଂହ ବ୍ୟାଘ୍ରଙ୍କ ଦ୍ୱାରା କ୍ଷତ

ବିକ୍ଷତ ହୁଏ, ହରିଣୀ ତା'ର କ୍ଷତସ୍ଥାନମାନ ଲେହନ କରି ପୀଡ଼ା ନିବାରଣ କରିବାକୁ ଚେଷ୍ଟା କରେ। ଏହିପରି ଭାବରେ ଦୁହିଁଙ୍କର ଦିନ କଟିବାକୁ ଲାଗିଲା।

॥ ଦୁଇ ॥

ଥରେ ରାତ୍ରିର ଅନ୍ଧକାରରେ ପଥ ଭୁଲି ଗୋଟିଏ ଷୋଡ଼ଶୀ ଶବରକନ୍ୟା ସେହି ଗୁହା ନିକଟରେ ଆସି ପହଞ୍ଚିଲା। ସେତେବେଳକୁ ତା'ର ବାହାର ପ୍ରତି ଲକ୍ଷ୍ୟ ନ ଥିଲା। ସେ ଗୁହା ମଧ୍ୟରେ କ୍ରୀଡ଼ାରତ ଥିଲା। ହଠାତ୍ ତା'ର ଦୃଷ୍ଟି ବାହାରକୁ ପଡ଼ିବା ମାତ୍ରକେ ସେ ଯୁବତୀକୁ ବସିବାର ଦେଖି ପାରିଲା। ଯୁବତୀର ମୁଖରେ ସ୍ୱର୍ଣ୍ଣକିରଣ ପଡ଼ି ଅତି ସୁନ୍ଦର ଦେଖାଯାଉଥିଲା– ଭୟରେ ଯୁବତୀର ଚକ୍ଷୁ ଦିଓଟି ଚଞ୍ଚଳ ହୋଇ ଉଠିଥିଲା। ଏପରି ଏକ ଅପୂର୍ବ ଜୀବ ଦେଖି ସେ ଜଙ୍ଗଲୀ ପ୍ରଥମେ ଏକାବେଳକେ ସ୍ତମ୍ଭୀଭୂତ ହୋଇଗଲା। କିଛିକ୍ଷଣ ପରେ ଗୁହା ମଧ୍ୟରୁ ବାହାରି ଧୀରେ ଧୀରେ ଅଗ୍ରସର ହୋଇ ଯୁବତୀକୁ ଧରି ପକାଇଲା। ଯୁବତୀ କ'ଣ ବସି ଭାବୁଥିଲା– ହଠାତ୍ ଏ ସ୍ପର୍ଶ ପାଇ ଚମକି ଉଠିଲା। ଚାହିଁ ଦେଖେ ତ, ଭୀଷଣାକାର ନଗ୍ନ ପୁରୁଷମୂର୍ତ୍ତି! ଯୁବତୀ ଚିତ୍କାର କରି ମୂର୍ଚ୍ଛିତ ହୋଇ ପଡ଼ିଲା, କିନ୍ତୁ ଜଙ୍ଗଲୀ ଏ ଚିତ୍କାରର କୌଣସି ଅର୍ଥ ବୁଝି ନ ପାରି ଅବାକ୍ ହୋଇଗଲା। କ'ଣ ବିଚାରି ତା'ର ଶରୀରରେ ଧୀରେ ଧୀରେ ହସ୍ତ ସଞ୍ଚାଳନ କରିବାକୁ ଲାଗିଲା। ଯୁବତୀ ପ୍ରକୃତିସ୍ଥ ହୋଇ ଦେଖିଲା, ଲୋକଟି ତା'ର କୌଣସି ଅନିଷ୍ଟ କରିବାକୁ ଚାହେଁ ନାହିଁ। ସେ ଭୟ ତ୍ୟାଗ କରି କ୍ରମେ ଆଶ୍ୱସ୍ତ ହେଲା।

> ତା'ର ଇଚ୍ଛା ହେଉଥାଏ ସେ ଜଙ୍ଗଲୀଟିକୁ ସଙ୍ଗରେ ନେଇ ଯିବାକୁ, କିନ୍ତୁ ପିତା ସମ୍ମୁଖରେ ସେ କଥା ବା କହୁଛି କିପରି! କୌଣସିମତେ ମନ କଥାଟା ମନରେ ମାରିନେଲା। କିଛିଦୂର ଅଗ୍ରସର ହେଉ ନ ହେଉଣୁ ପଛରୁ ବିକଟ ଶବ୍ଦ ଶୁଣାଗଲା ଏବଂ ଗୋଟାଏ ଢେଲା ତରୁଣୀର ପିତା ଉପରେ ବାଜିଲା। ଶବର ଫେରି ଦେଖିଲା, ଭୀଷଣାକୃତି ମାନବଟାଏ ଗୋଟାଏ ବୃକ୍ଷର ଶାଖା ଧାରଣ କରି ସେମାନଙ୍କ ଦିଗକୁ ଧାବିତ। ସେ କୌଣସି ଉପାୟ ନ ଦେଖି ଶରସନ୍ଧାନ କଲା, ତରୁଣୀର ଶରୀର କମ୍ପି ଉଠିଲା। ତା'ର ଇଚ୍ଛା ହେଲା, ପିତାକୁ ବାରଣ କରିବ, କିନ୍ତୁ ବାରଣ କରିବା ପୂର୍ବରୁ ଶରଟି ସାଇଁସାଇଁ ଧ୍ୱନି କରି ଜଙ୍ଗଲୀର ବିଶାଳ ଲୋମଶ ବକ୍ଷ ଭେଦ କଲା। ଜଙ୍ଗଲୀ ଚିତ୍କାର କରି ପତିତ ହେଲା।

ଶବରକନ୍ୟା ଦେଖିଲା, ଏ ନିବିଡ଼ ଜଙ୍ଗଲ ମଧ୍ୟରେ ପଥ ଖୋଜି ଘରକୁ ଯିବା ତା' ପକ୍ଷରେ ସମ୍ଭବ ନୁହେଁ। ସେ ବାଧ ହୋଇ ସେ ଜଙ୍ଗଲୀର ଆଶ୍ରୟ ନେଲା। ଘର କଥା, ପିତା, ମାତା, ଭ୍ରାତା, ଭଗିନୀଙ୍କ କଥା ମନେ ପଡ଼ିଲେ ତରୁଣୀ ଅବିରଳ ଲୋତକ ବର୍ଷଣ କରି ରୋଦନ କରେ। ଜଙ୍ଗଲୀଟି କିନ୍ତୁ ଏ ଲୋତକପାତର କୌଣସି କାରଣ ଖୋଜି ପାଏ ନାହିଁ। ସେ ତାକୁ କେତେ ଗେଲ କରେ, ସୁଆଗ କରେ– ତା'ର ଗଣ୍ଡରୁ ଲୋତକ ଧାର ପୋଛି ଦିଏ। ଏ ସବୁ ଆଦରଦ୍ୱାରା ଯୁବତୀର କୋହ ଦ୍ୱିଗୁଣିତ ହୋଇ ଉଠେ। ଜଙ୍ଗଲୀ କେବଳ ବଡ଼ ବଡ଼ ଆଖି ମେଲାଇ ଚାହିଁ ରହେ।

ଯୁବତୀକୁ ପାଇ ଜଙ୍ଗଲୀର ମହା ଆନନ୍ଦ! ତା'ର ଜୀବନ ଆହୁରି ସୁଖକର ହୋଇ ଉଠିଛି। ସେ କେତେବେଳେ ଯୁବତୀକୁ ଆଲିଙ୍ଗନ କରେ, କେତେବେଳେ ହରିଣୀକୁ ଆଲିଙ୍ଗନ କରିପକାଏ। କେତେବେଳେ ବା ଆନନ୍ଦରେ ଦୁହିଁଙ୍କ ସମ୍ମୁଖରେ ନୃତ୍ୟ କରେ। ସେ ଜଙ୍ଗଲ ମଧ୍ୟରୁ ନାନା ପ୍ରକାର ଫଳମୂଳ ଆଣି ଯୁବତୀକୁ ଦିଏ। ତାକୁ ଖୁସି କରାଇବାପାଇଁ ତା'ର ସମ୍ମୁଖରେ ହରିଣୀ ସହ ନାନା ପ୍ରକାର କ୍ରୀଡ଼ା କରେ।

ଅଳ୍ପଦିନ ମଧ୍ୟରେ ଶବର-କନ୍ୟାର ଗତି ବିଧି ଦେଖି ଜଙ୍ଗଲୀ ଏକାବେଳକେ ବିସ୍ମୟାଭିଭୂତ ହୋଇଯାଇଛି। ସେ ତରୁଣୀ ମାଟିର ପାତ୍ର ନିର୍ମାଣ କରେ, ଝକମକି ପଥରରେ ଲୁହା ଘଷି ଅଗ୍ନି ବାହାର କରେ। ଅଗ୍ନି ସାହାଯ୍ୟରେ ମାଟିର ପାତ୍ରରେ ସେ ମାଂସ, ଶାକ ଆଦି ରାନ୍ଧି ଅତି ସୁନ୍ଦର ସୁସ୍ୱାଦୁ ଖାଦ୍ୟ ପଦାର୍ଥ ପ୍ରସ୍ତୁତ କରେ। ବୃକ୍ଷରେ ଆରୋହଣ ନ କରି ବାଂଶଦଣ୍ଡ ସାହାଯ୍ୟରେ ବୃକ୍ଷରୁ ଫଳତୋଳି ପାରେ। ଗୁହାଟିକୁ ପରିଷ୍କାର କରି ସୁସଜ୍ଜିତ ରଖେ। ଏ ସବୁ କଣ କମ୍ କଥା! ଜଙ୍ଗଲୀ ଦେଖିଲା, ଏ ଗୋଟିଏ ଉଚ୍ଚ ଶ୍ରେଣୀର ଜୀବ– ଆଉ ଯାଠାରେ କିଛି ବିଶେଷତ୍ୱ ଅଛି। ସେ ତରୁଣୀକୁ ଦେଖିଲେ ଶଙ୍କା ବୋଧ କଲା, ତାକୁ ବଡ଼ ସମ୍ମାନ– ସମ୍ଭ୍ରମ ଦେଖାଇଲା। ଯୁବକର ଏ ଦୁର୍ବଳତାର ସୁବିଧା ପାଇ ଯୁବତୀ ତା' ଉପରେ ବେଶ୍ ଆଧିପତ୍ୟ ବିସ୍ତାର କରି ବସିଲା। ସେ ତାକୁ ନାନା ପ୍ରକାର କାର୍ଯ୍ୟ କରିବାପାଇଁ ଆଦେଶ କରେ– ଆଉ ସେ ଆଦେଶ ପାଳନ କରିବାକୁ ଜଙ୍ଗଲୀ ସବୁବେଳେ ତତ୍ପର। ତରୁଣୀ ତାକୁ ଭାଷା ଶିକ୍ଷା ଦିଏ– ସୁବିଧାରେ କାର୍ଯ୍ୟ ସାଧନ କରିବାକୁ ନାନା ପ୍ରକାର ଉପଦେଶ ଦିଏ। ତା'ର ପ୍ରଭାବରେ ଜଙ୍ଗଲୀର ଯଥେଷ୍ଟ ପରିବର୍ତ୍ତନ ଘଟିଛି। ସେ ତା'ର ପଶୁପ୍ରକୃତିକୁ କ୍ରମେ କ୍ରମେ ଛାଡ଼ି ଦେଲାଣି– ଅଳ୍ପ ଅଳ୍ପ କଥା କହି ପାରେ– ପଶୁମାନଙ୍କ ସହିତ ଆଉ ପୂର୍ବ ପରି ଯୁଦ୍ଧରେ ପ୍ରବୃତ୍ତ ହୁଏ ନାହିଁ।

ଶବରକନ୍ୟା ଏ ବନ୍ୟ ଯୁବକକୁ ଭଲ ପାଏ କି ନା କହି ହେବ ନାହିଁ, କିନ୍ତୁ ତା'ର ଇଚ୍ଛା ଯୁବକ ଆଉ କାହାକୁ ଭଲ ନ ପାଉ। ସେ ଯେତେବେଳେ ଦେଖିଲା, ଯୁବକର ହରିଣୀ ସହିତ ବେଶ୍ ଘନିଷ୍ଠ ସମ୍ବନ୍ଧ ଅଛି, ସେ ହରିଣୀକି ଈର୍ଷା ଚକ୍ଷୁରେ ଦେଖିଲା। ସେ ତା' ଉପରେ ନାନା ପ୍ରକାର ଦୁର୍ବ୍ୟବହାର କରିବାକୁ ଲାଗିଲା। କେତେବେଳେ ତାକୁ ପ୍ରହାର କରି ଗୁହା ମଧ୍ୟରୁ

ଚତୁର୍ଦ୍ଦିଗ ଉଷାର କ୍ଷୀଣ ଆଲୋକରେ ଆଲୋକିତ ହୋଇ ଉଠିଥିଲା। ଯୁବତୀ ପଥଶ୍ରାନ୍ତ ହୋଇ ଗୁହା ସମ୍ମୁଖସ୍ଥ ଶିଳାଖଣ୍ଡ ଉପରେ ବସିଲା। ବନଚାରୀ ମାନବଟି ନିଦ୍ରା ତ୍ୟାଗ କରି ହରିଣୀ ସଙ୍ଗେ ନାନା ପ୍ରକାର ଗେଲ, ସୁଆଗ ଆରମ୍ଭ କରି ଦେଇଥିଲା।

ବାହାର କରି ଦିଏ, କେତେବେଳେ ବା ତାକୁ ପଦାଘାତ କରେ । ହରିଣୀ ଜଙ୍ଗଲୀ ପ୍ରତି କରୁଣ ଦୃଷ୍ଟିପାତ କଲେ, ତରୁଣୀ ଉଚ୍ଚ ହାସ୍ୟ କରେ– ଜଙ୍ଗଲୀ ଯନ୍ତ୍ରଚାଳିତ ପରି ତା'ର ହାସ୍ୟର ପ୍ରତିଧ୍ୱନି କରି ଉଠେ । ହରିଣୀ ସେଠାରୁ ନୀରବରେ ଚାଲିଯାଏ । ଜଙ୍ଗଲୀ ସେ କଥା ଦେଖିପାରେ ନାହିଁ, ଏକାବେଳକେ ତରୁଣୀ ଦ୍ୱାରା ବିମୋହିତ ବିମୁଗ୍ଧ ହୋଇ ରହିଥାଏ । କେତେବେଳେ ବା ସେ ନିଜେ ହରିଣୀକି ଗୁହା ମଧ୍ୟରୁ ଘଉଡ଼ାଇ ଦେଇ ତରୁଣୀର ହାସ୍ୟରେ ଯୋଗଦିଏ । ଦିନେ ତରୁଣୀ ହରିଣୀଟିକି ମାରି ରନ୍ଧନ କରିବା ପାଇଁ ଇଚ୍ଛା ପ୍ରକାଶ କଲା । ଯୁବକ ଆଜି ପର୍ଯ୍ୟନ୍ତ ଯୁବତୀର ସକଳ ଆଦେଶ, ସକଳ ଅନୁରୋଧ ରକ୍ଷା କରି ଆସିଛି, କିନ୍ତୁ ଏ ଅନୁରୋଧଟି ସେ ରକ୍ଷା କରି ପାରିଲା ନାହିଁ । ସେ ସେହିକ୍ଷଣି ଅନ୍ୟ ଗୋଟିଏ ହରିଣୀ ମାରି ଆଣି ଯୁବତୀକୁ ଦେଲା । ସେହିଦିନୁ ହରିଣୀ ପ୍ରତି ଯୁବତୀର ରାଗ, ଈର୍ଷା ଦ୍ୱିଗୁଣିତ ହେଲା । ସେ ଆହୁରି ନିର୍ଦ୍ଦୟ ଭାବରେ ହରିଣୀ ଉପରେ ଅତ୍ୟାଚାର କରିବାକୁ ଲାଗିଲା । ହରିଣୀଟି ଅତି ଅସହାୟ ଭାବରେ ସହସ୍ର ଦୁର୍ବ୍ୟବହାର ସହ୍ୟ କଲା । ତଥାପି ସେ ଗୁହା ଛାଡ଼ି ଗଲା ନାହିଁ । ଜଙ୍ଗଲୀଠାରେ ସେ କି ଆଶା ପୋଷଣ କରିଥିଲା କେଜାଣି?

ଜଙ୍ଗଲୀ ଏବେ ଆଉ ପୂର୍ବ ପରି ଯେ କୌଣସି ସମୟରେ ତରୁଣୀକି ଆଲିଙ୍ଗନ କରି ପାରେ ନାହିଁ । ତା'ର କିପରି ଭୟ ହୁଏ । ଯଦି କେବେ ଆଲିଙ୍ଗନ ବା ଆଦର କରିବାକୁ ଯାଏ, ତରୁଣୀଠାରୁ ତର୍ଜନା ପାଇ ନତଶିର ହୋଇ ଫେରିଆସେ । ତା'ର ସମସ୍ତ ଦୁର୍ଦ୍ଦମନୀୟତା ଏହିଠାରେ ହିଁ ପରାଜିତ! ଯୁବକର ମନରେ କଷ୍ଟ ହୋଇଛି, ବୁଝି ପାରିଲେ ଯୁବତୀ ହସି ହସି କିଛି ଗୋଟାଏ କାମ କରିବାକୁ କହେ । ଜଙ୍ଗଲୀ ସେ ସ୍ମିତ ବଦନ ଦେଖି ସବୁ ଦୁଃଖ ଭୁଲିଯାଏ । କାର୍ଯ୍ୟ ସାଧନ କରିବା ପାଇଁ ଛୁଟିଯାଏ । ତରୁଣୀ ଏ କଥା ଦେଖି ମନେ ମନେ ହସେ ।

॥ ତିନି ॥

ଦିନେ ହଠାତ୍ ତରୁଣୀ ତା'ର ପିତା ସେହି ପଥ ଦେଇ ଯାଉଥିବାର ଦେଖିଲା । ସେତେବେଳକୁ ଜଙ୍ଗଲୀ ଗୁହା ମଧ୍ୟରେ ନ ଥିଲା । ତରୁଣୀ ପିତାକୁ ଦେଖି ଆନନ୍ଦ ଗଦ୍‌ଗଦ କଣ୍ଠରେ ଡାକ ଦେଲା । ପିତା କନ୍ୟାର କଣ୍ଠସ୍ୱର ବାରି ପାରି ଫେରି ଚାହିଁଲା । କନ୍ୟା ଏକ ନିଶ୍ୱାସରେ ପିତା ନିକଟକୁ ଛୁଟି ଆସିଲା । କନ୍ୟାକୁ ଆଲିଙ୍ଗନ କରି ପିତା ଆନନ୍ଦରେ ପଚାରିଲା, "କିରେ! ତୁ ଏତେ ଦିନ କେଉଁଠି ଥିଲୁ?" କନ୍ୟା ଗୁହାଟିକୁ ଦେଖାଇ ଦେଲା । ଏତେବଡ଼ ଭୟଙ୍କର ସ୍ଥାନରେ ସେ ଏକାକିନୀ କିପରି ଥିଲା ଭାବି ପିତା ବିସ୍ମିତ ହୋଇଗଲା । ତା' ପରେ ସେ ଗୁହାର ଇତିହାସ ତା' ଆଗରେ କହିଲା । ସେ ଗୁହାରେ ୨୦ ବର୍ଷ ତଳେ ଗୋଟାଏ ଦୁର୍ଦ୍ଦାନ୍ତ ଦସ୍ୟୁ ଥିଲା । ସେ ଦସ୍ୟୁର ଗୋଟିଏ ଦୁଇ ତିନିବର୍ଷ ବୟସର ପୁତ୍ର ଥିଲା । ଦିନେ ସେ ଶିଶୁଟିକୁ ଗୁହା ମଧ୍ୟରେ ଛାଡ଼ି ଚୋରି କରିବାକୁ ଯାଇଥିଲା । ଚୋରି ସମୟରେ ଧରା ହୋଇ ସେ ଯାବଜ୍ଜୀବନ କାରାଦଣ୍ଡ ପାଇଲା । ଏ ମଧ୍ୟରେ ତା'ର ପୁତ୍ରଟିର କ'ଣ ହେଲା କେହି ଜାଣେ ନାହିଁ । ତରୁଣୀ ବୁଝି ପାରିଲା, ସେ ପୁତ୍ର ଆଉ କେହି ନୁହେଁ, ସେହି ଜଙ୍ଗଲୀ ଯୁବକ, କିନ୍ତୁ ସେ ଯୁବକର କଥା କୌଣସିମତେ ପିତା ଆଗରେ ଉତ୍ଥାପିତ କରିବାକୁ ସାହସ କଲା ନାହିଁ । ତା'ର ଭୟ ହେଲା, ପିତା ଯଦି ଜାଣେ ଯେ, ସେ ସେହି ଜଙ୍ଗଲୀ ନିକଟରେ ଏତେ ଦିନ ଥିଲା, ତେବେ କ'ଣ ବିଚାରିବ!

ପିତା କନ୍ୟାକୁ ନେଇ ବାହାରିଲା । ଘରକୁ ଯିବାକୁ ତରୁଣୀ ବଡ଼ ଉତ୍କଣ୍ଠିତା ହୋଇ ଉଠିଥିଲା, କିନ୍ତୁ ଚିରଦିନ ପାଇଁ ସେହି ସରଳ ଜଙ୍ଗଲୀଟିକୁ ଛାଡ଼ି ଯିବାକୁ ତା'ର ମନ କୁଣ୍ଠିତ ହୋଇଉଠିଲା । ତା'ର ଇଚ୍ଛା ହେଉଥାଏ ସେ ଜଙ୍ଗଲୀଟିକୁ ସଙ୍ଗରେ ନେଇ ଯିବାକୁ, କିନ୍ତୁ ପିତା ସମ୍ମୁଖରେ ସେ କଥା ବା କହୁଛି କିପରି! କୌଣସିମତେ ମନ କଥାଟା ମନରେ ମାରିନେଲା । କିଛିଦୂର ଅଗ୍ରସର ହେଉ ନ ହେଉଣୁ ପଛରୁ ବିକଟ ଶବ୍ଦ ଶୁଣାଗଲା ଏବଂ ଗୋଟାଏ ଢେଲା ତରୁଣୀର ପିତା ଉପରେ ବାଜିଲା । ଶବର ଫେରି ଦେଖିଲା, ଭୀଷଣାକୃତି ମାନବଟାଏ ଗୋଟାଏ ବୃକ୍ଷର ଶାଖା ଧାରଣ କରି ସେମାନଙ୍କ ଦିଗକୁ ଧାବିତ । ସେ କୌଣସି ଉପାୟ ନ ଦେଖି ଶରସନ୍ଧାନ କଲା, ତରୁଣୀର ଶରୀର କମ୍ପି ଉଠିଲା । ତା'ର ଇଚ୍ଛା ହେଲା, ପିତାକୁ ବାରଣ କରିବ, କିନ୍ତୁ ବାରଣ କରିବା ପୂର୍ବରୁ ଶରଟି ସାଇଁସାଇଁ ଧ୍ୱନି କରି ଜଙ୍ଗଲୀର ବିଶାଳ ଲୋମଶ ବକ୍ଷ ଭେଦ କଲା । ଜଙ୍ଗଲୀ ଚିତ୍କାର କରି ପତିତ ହେଲା । ତରୁଣୀ 'ଉଃ-ସ୍' କରି ପିତାର ସ୍କନ୍ଧକୁ ଆଉଜି ପଡ଼ିଲା । କନ୍ୟା ଏ ହତ୍ୟାକାଣ୍ଡ ଦେଖି ଭୟ ପାଇଲା ବୋଲି ଭାବି ତାକୁ ଘେନି ଶବର ସେ ସ୍ଥାନରୁ ଶୀଘ୍ର ପ୍ରସ୍ଥାନ କଲା ।

ସେ ଯେତେବେଳେ ଦେଖିଲା, ଯୁବକର ହରିଣୀ ସହିତ ବେଶ୍ ଘନିଷ୍ଠ ସମ୍ବନ୍ଧ ଅଛି, ସେ ହରିଣୀକି ଈର୍ଷା ଚକ୍ଷୁରେ ଦେଖିଲା । ସେ ତା' ଉପରେ ନାନା ପ୍ରକାର ଦୁର୍ବ୍ୟବହାର କରିବାକୁ ଲାଗିଲା । କେତେବେଳେ ତାକୁ ପ୍ରହାର କରି ଗୁହା ମଧ୍ୟରୁ ବାହାର କରି ଦିଏ, କେତେବେଳେ ବା ତାକୁ ପଦାଘାତ କରେ । ହରିଣୀ ଜଙ୍ଗଲୀ ପ୍ରତି କରୁଣ ଦୃଷ୍ଟିପାତ କଲେ, ତରୁଣୀ ଉଚ୍ଚ ହାସ୍ୟ କରେ– ଜଙ୍ଗଲୀ ଯନ୍ତ୍ରଚାଳିତ ପରି ତା'ର ହାସ୍ୟର ପ୍ରତିଧ୍ୱନି କରି ଉଠେ । ହରିଣୀ ସେଠାରୁ ନୀରବରେ ଚାଲିଯାଏ । ଜଙ୍ଗଲୀ ସେ କଥା ଦେଖିପାରେ ନାହିଁ, ଏକାବେଳକେ ତରୁଣୀ ଦ୍ୱାରା ବିମୋହିତ ବିମୁଗ୍ଧ ହୋଇ ରହିଥାଏ । କେତେବେଳେ ବା ସେ ନିଜେ ହରିଣୀକି ଗୁହା ମଧ୍ୟରୁ ଘଉଡ଼ାଇ ଦେଇ ତରୁଣୀର ହାସ୍ୟରେ ଯୋଗଦିଏ ।

ଜଙ୍ଗଲୀର ସେ ସୁବିଶାଳ ବକ୍ଷରୁ ରକ୍ତର ସ୍ରୋତ ଉବୁକି ଉଠୁଥିଲା । କିଛିକ୍ଷଣ ତା'ର ସେ ଦୁର୍ଦ୍ଦମନୀୟ ଅଙ୍ଗପ୍ରତ୍ୟଙ୍ଗ ଛଟପଟ ହୋଇ ଚିରକାଳ ପାଇଁ ନିଶ୍ଚଳ ହୋଇଗଲା । ମୂକ ହରିଣୀଟି ବିନ୍ଦୁ ବିନ୍ଦୁ ଲୋତକପାତ କରି ତା'ର ବକ୍ଷଦେଶ ଲେହନ କରୁଥିଲା । ■■■

ମୋ ଭୁଲାପଣ ସପକ୍ଷରେ!

ରାଧାଶ୍ୟାମ ରାଉଳ

ଲେଖକ ଭାରତୀୟ ଜୀବନବୀମା ନିଗମରେ ଅଧିକାରୀ ଭାବେ କାର୍ଯ୍ୟରତ । କବିତା ସଂକଳନ- 'କେହିଜଣେ ଆସିବ', ରମ୍ୟରଚନା ସଂକଳନ- 'ଚୁଗୁଲି', 'କାଚଘରେ ରହୁଥିବା ଲୋକ', 'ଫୁଲ୍ ଅଫିସିଆଲ୍' ଓ 'ଖେଳ ଖତମ୍' ପାଇଁ ପାଠକୀୟ ଶ୍ରଦ୍ଧା ଲାଭ କରିଛନ୍ତି । ବିଭିନ୍ନ ସାହିତ୍ୟ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ ଓ ସମ୍ବର୍ଦ୍ଧିତ ।

ମୋ ଭୁଲାପଣକୁ ନେଇ ପତ୍ନୀ ମୋତେ ଛିଗୁଲେଇ କହିଲେ, 'ହୁଁ, ଲୁଚିଛି ନା ଗୋଡ଼ ଦି'ଟା ଦିଶୁଛି! ବୁଝିଲ, ତୁମେ ଜମାରୁ ସୁଧୁରିବା ଲୋକ ନୁହଁ । ଆଗରୁ ଯେମିତି ଥିଲ, ଏବେବି ଠିକ୍ ସେମିତି ଅଛ! ଆରେ ଗୁରୁତ୍ୱପୂର୍ଣ୍ଣ କଥା କି କାମକୁ ତୁମେ ଏତେ ସହଜରେ ଭୁଲିଯାଅ କେମିତି? ମୋତେ ତ ଆଶ୍ଚର୍ଯ୍ୟ ଲାଗୁଛି, କିଛି ମନେ ରଖିପାରୁ ନାହଁ ମାନେ କେମିତି ଅଫିସ୍ କାମ କରୁଛ, କେମିତି ଲେଖାଲେଖି କରୁଛ? ଅଫିସ୍ ଯିବା ସମୟରେ ମୁଁ ଯଦି ତୁମକୁ କହିଥିବି ଛେନାପୋଡ଼ ଆଉ ମିକ୍ସଚର୍ ଆଣିବାକୁ ସେତକ ବି ତୁମର ମନେ ନଥିବ । ଛେନାପୋଡ଼ ବଦଳରେ ଆଣିଥିବ ଜିଲାପି ଆଉ ମିକ୍ସଚର୍ ବଦଳରେ ମୁଗଡାଲି! ହୁଁ, କ'ଣ କରିବି, ମୋ କପାଳ ମନ୍ଦ! ତୁମ ପରି ଭୁଲା (ଭୋଳାମଣିଷ)କୁ ନେଇ ବାକିତକ ଜୀବନ ମୋତେ ବିତେଇବାକୁ ଅଛି, ହେ ଭଗବାନ୍!

ମୋ ପ୍ରତି ପତ୍ନୀଙ୍କର ଏ ପରିହାସୋକ୍ତି ନୂଆ ନଥିଲା । ପାନରୁ ଟିକିଏ ଚୂନ ଖସିବା ପ୍ରାୟେ ତାଙ୍କର ଫରମାଇସ୍ କିମ୍ବା ଦାବି ପୂରଣ କ୍ଷେତ୍ରରେ ଯଦି ମୁଁ ଉଦାସୀନ ରହେ, କିମ୍ବା କାଳକ୍ଷେପଣ ନୀତି ଧରିବସେ, ସେ ଏମିତି ମୋ ଉପରେ ବାଚନିକ ଆକ୍ରମଣ କରିବସନ୍ତି । ମୋର ଗୋହି ଖୋଳି ବସନ୍ତି, ଇମୋସନାଲ ବ୍ଲାକ୍‌ମେଲିଂ କରିବାକୁ ମଧ୍ୟ ଆଦୌ ପଛାନ୍ତି ନାହିଁ । ତେବେ ପତ୍ନୀଙ୍କର ଈଦୃଶ ସଦ୍ୟ ଅସନ୍ତୋଷର ହେତୁ ସହଜରେ ମୁଁ ଠଉରିନପାରି ସସ୍ମିତେ ତାଙ୍କୁ ପୁଛିଲି, "ପ୍ରିୟେ, ଯେହେତୁ ପେଖନା ପ୍ରଦର୍ଶନରେ ତୁମେ ସମ୍ପୂର୍ଣ୍ଣ ଭାବେ ଲାଇସେନ୍ସ ପ୍ରାପ୍ତ, ତେଣୁ ମୋ ଭୁଲାପଣକୁ ନେଇ ମୋତେ ତୁମେ ବାରମ୍ବାର କରୁଅଛ ଅପଦସ୍ଥ, ହନ୍ତସନ୍ତ! ତୁମ ମନରେ କ'ଣ ଅଛି, ଫେଡ଼ିକିରି କହୁନା । ତା' ନ କରି ଅକାରଣେ ମୋ ଉପରେ ଗରଗର ଓ ଗାରୁଗାରୁ ହେଉଛ କିଆଁ?"

ମୁଁ ମରମ କଥାରେ ମୋହର ମାରିଦିଅନ୍ତେ ପତ୍ନୀ ପୂର୍ବାପେକ୍ଷା ଅଧିକ ଜୋସ୍‌ର ସହ ମୈଦାନକୁ ଓହ୍ଲେଇ ପଡ଼ିଲେ, "ଆରେ ହେ ନ ଦେଖିଲା ଲୋକ ଦେଖ, କଇଁଛ କାଢ଼ିଛି ବେକ! ତୁମ ଗୁମର ଗାଥାର ପେଡ଼ି ଖୋଲିବି କି? ଜଗତସିଂହପୁରର ସେ ସୋମନାଥ ହାଟପଡ଼ିଆ ଘଟଣା ତୁମର ମନେପଡୁଛି ଟି? ମୋତେ କହିଲ କ'ଣ ନା, ଚାଲ ମକରମେଳା ବୁଲିଯିବା । ସେଇଠୁ ମେଳାଭିତରକୁ ପଶିବାର ପ୍ରବେଶ ପଥରେ ତୁମର ଦେଖାହୋଇଗଲା କେଉଁ ସାହିତ୍ୟିକ ବନ୍ଧୁଙ୍କ ସହ । ତାଙ୍କ ସହ କିଛି ସମୟ ଗପସପ ହେବା ଉଦ୍ଦେଶ୍ୟରେ ମୋତେ କହିଲ, "ଯାଅ କିଛି ଜିନିଷ ଦେଖାଦେଖି ଓ କିଣାକିଣି କର ମେଳାଭିତରେ । ମୁଁ ଏଇ ସଙ୍ଗେ ସଙ୍ଗେ ଯାଉଛି ତୁମ ପାଖକୁ । ଯେହେତୁ କୋଡ଼ିଏ ପଚିଶ ମିନିଟ୍ ଧରି ତୁମେ ଆଉ ମୋ ପାଖରେ ପହଞ୍ଚିଲ ନାହିଁ, ତେଣୁ ମୁଁ ତୁମକୁ ଖୋଜି ଖୋଜି ଆସି ଦେଖିବାବେଳକୁ ଘଟଣା ନୁହେଁ ତ ଫୁଲ୍ ଦୁର୍ଘଟଣା ତୁମେ ଘଟେଇ ଦେଇଥିଲ ହୋ! ବୁଝୁବୁଝୁ କଥା କ'ଣ ନା, ତୁମର ସେ ସାହିତ୍ୟିକ ବନ୍ଧୁ ତୁମଠାରୁ ବିଦାୟ ନେଇଯିବା ପରେ ମୋତେ ଖୋଜି ଖୋଜି ତୁମେ ପଶିଲ ମେଳାଭିତରେ । ଭିଡ଼ ଭିତରେ ମୋତେ ମନେକରି ଅନ୍ୟଜଣେ ଭଦ୍ରମହିଳାଙ୍କ ହାତଧରି କହିଲ କ'ଣ ନା, "ଚାଲ ଏଥର ଘରକୁ ଯିବା ।" ତା' ପରର କଥା ତ ତୁମର ଭଲକିନା ମନେପଡୁଥିବ, ମୁଁ ନକହିବା ଭଲ । ତୁମର ଭାଗ୍ୟ ଟାଣ ଯେ, ଠିକ୍ ସମୟରେ ମୁଁ ଯାଇ ପହଞ୍ଚିଗଲି ସେ ଜାଗାରେ । ସେଇଠୁ ଅଳ୍ପକେ ବର୍ତ୍ତିଗଲ ନିଶ୍ଚିତ ଆକ୍ରମଣରୁ । ନୋହିଲେ କିଛି ଉତ୍ତମ ମଧ୍ୟମ ବସିଯାଇଥାନ୍ତା ତୁମ ପିଠିରେ, ମୁହଁରେ ଓ ଗାଲରେ!

ପତ୍ନୀଙ୍କର ଏ ଉଦାହରଣ ପ୍ରଦାନ ମଧ୍ୟ ନୂଆ ନ ଥିଲା ମୋ ପାଇଁ । ଆଗରୁ ଏଇ ସମାନ କଥା କହି ସେ କେଇବାର ମୋ ଦୁର୍ବଳ ମୁହୂର୍ତ୍ତର ଫାଇଦା ଉଠେଇଛନ୍ତି । ଅର୍ଥାତ୍ କୌଶଳ କରି ସେ ତାଙ୍କର ନୂତନ ଡ୍ରେସ୍ କିମ୍ବା ଶାଢ଼ି କିମ୍ବା ଗହଣାପତ୍ର କ୍ରୟ କରିବାକ୍ଷେତ୍ରରେ ସଫଳ ହୋଇପାରିଛନ୍ତି । ମୁଁ ପୂରାପୂରି ନିରବ ରହି ପତ୍ନୀଙ୍କ ମୁହଁରୁ ପରବର୍ତ୍ତୀ କଥନିକା ଶୁଣିବାପାଇଁ ଅତ୍ୟନ୍ତ ଧୈର୍ଯ୍ୟର ସହ ଅପେକ୍ଷା କରି ରହିଲି । କାରଣ ପତ୍ନୀଙ୍କ କଥନିକାର ଧାରା ଯାହା, ସେ ଗୋଟିଏ କଥା କହି ଜମାରୁ ସ୍ଥିର ରହନ୍ତି ନାହିଁ । ଗୋଟିକ ପରେ ଅନ୍ୟଟିକୁ ଯୋଡ଼ି ସେ ତାଙ୍କର ବାକ୍‌ଚାତୁରୀର ପରିଚୟ ଦେବାକୁ ଚାହାନ୍ତି । ସେଇ ସୂତ୍ରରେ ମୋ ନିରବତାକୁ ଲକ୍ଷ୍ୟ କରି ପତ୍ନୀ ପୁଣି କହିଲେ, "ଖୋଲିବି କି ତୁମ ଭୁଲାପଣ ପେଡ଼ିରୁ ଦ୍ୱିତୀୟ ଆଇଟମ୍?"

ଜଣେ ପତ୍ନୀବଶ ପତିର ସ୍ୱରୂପ ତେଜି ସେଇ ମୁହୂର୍ତ୍ତରେ ଜଣେ ସ୍ୱାଧୀନଚେତା ମଣିଷର ସ୍ୱରୂପ ନେଇ ପତ୍ନୀଙ୍କର କଳଗାଉଣା ସମ ସଂଳାପ କ୍ଷେପଣରେ ରୋକ୍ ଲଗେଇ ମୁଁ କହିଲି, "ବାସ୍, ବନ୍ଦକର କହୁଛି ତୁମର ସେଇସବୁ ପୂର୍ବ ପାଠର ଆଲୋଚନା । ହଁ କହିଲେ କହିବ, ବ୍ୟାଚେଲର୍ ଲାଇଫ୍‌ରେ ଅଫିସ୍‌ରେ ସହକର୍ମୀମାନଙ୍କ ସହ କାଠମାଣ୍ଡୁ ବୁଲିଯାଇଥିବା ବେଳର ଅନୁଭୂତିର କଥା । ବିହାରର ରାଜଗିର୍‌ରେ କେମିତି ଏକ ରେଷ୍ଟୁରାଣ୍ଟରେ କୋଲ୍ଡ ଡ୍ରିଙ୍କ୍ସ ପିଇ କାଉଣ୍ଟରରେ ବସିଥିବା ସୁନ୍ଦରୀ ଯୁବତୀଙ୍କୁ ଖଣ୍ଡିଏ ଶହେଟଙ୍କିଆ ନୋଟ୍ ବଢ଼େଇଦେଇ ଅନ୍ୟମନସ୍କ ଭାବରେ ଅବଶିଷ୍ଟ ଟଙ୍କା ତାଙ୍କ ପାଖରୁ ନ ଦେଇ ଭୁଲାପଣର ବଶବର୍ତ୍ତୀ ହୋଇ ଫେରିଯାଇଥିଲି ରହୁଥିବା ହୋଟେଲକୁ । ପରେ ପୁଣି କଥାଟି ମନେପଡ଼ିବାରୁ ରେଷ୍ଟୁରାଣ୍ଟ ଫେରି ଅବଶିଷ୍ଟ ଟଙ୍କା ମାଗିଥିଲି ସେଇ ଯୁବତୀଙ୍କୁ । ଆଉ ଯୁବତୀ ଜଣକ ମନ୍ଦମନ୍ଦ ହସି ମୋତେ ଫେରେଇ ଦେଇଥିଲେ ଅବଶିଷ୍ଟ ତେୟାନବେ ଟଙ୍କା । ହେଲ୍ ସେଇ କଥାକୁ ତୁମେ ଫେଣେଇ ଚାଲିଛ ଆଜି ପର୍ଯ୍ୟନ୍ତ ତିଳକୁ ତାଳ କରୁଛ, ଜିରାରୁ ଶିରା କାଢୁଛ? ମୋତେ ଥରକୁଥର ଜେରା କରି ଚାଲିଛ, "ସେ ସୁନ୍ଦରୀ ଯୁବତୀକୁ ତୁମେ କେତେ ସମୟ ଚାହିଁ ଦେଖିଥିଲ? ତା' ସୁନ୍ଦର ରୂପ ଦେଖି ତୁମର ନିଶ୍ଚେ ହୋଇଯାଇଥିବ ଅକଲ ଗୁଡ଼ୁମ୍! ତୁମେ ତା' ସୁନ୍ଦର ଚେହେରାକୁ ତୁମ ମନକାନ୍‌ଭାସ୍‌ରେ ଆଙ୍କି ଏମିତି ମସ୍ତ ବିଭୋର ହୋଇଯାଇଥିଲ ଯେ ଅବଶିଷ୍ଟ ଟଙ୍କା ଆଣିବାକୁ ଭୁଲିଗଲ!" ହୁଁ ଆଉ ଚଳିବ ନାହିଁ ତୁମର ଚାଲାକିପଣ, ବୁଝିଲ! ବାଜେ କଥା ଏଣିକି ବନ୍ଦକର, କହୁଛି । ଆରେ ଦୀର୍ଘ ପଚିଶ ଛବିଶ ବର୍ଷର ଆମ ଦାମ୍ପତ୍ୟ ଜୀବନରୁ ତୁମେ ଆଉ ଶିଖିଲ କ'ଣ? ଆଜି କ'ଣ ତୁମେ ମୋତେ ନୂଆ ଦେଖୁଛ? ହଁ ମୁଁ ମାନୁଛି, ମୋର ଭୁଲାପଣ ପାଇଁ କେତେବେଳେ କେତେବେଳେ କେଉଁଠି ନା କେଉଁଠି ମୁଁ ଅସୁବିଧାର ସମ୍ମୁଖୀନ ହୋଇଛି, କିନ୍ତୁ ସେ ଅସୁବିଧା ସୁବିଧାରେ ପରିଣତ ହୋଇଛି, ସମସ୍ୟାର ମଧ୍ୟ ସମାଧାନ ହୋଇଯାଇଛି । ଏଇ ଭୁଲାପଣ ପାଇଁ ତିନିତିନିଟି ଦାମିକା ମୋବାଇଲ ସେଟ୍ ହରେଇଛି । କେତେବେଳେ ମନିପର୍ସ ନ ନେଇ ବଜାରକୁ ଯାଇଛି ତ କିଛି କିଣାକିଣି କରିନପାରି ଖାଲି ବ୍ୟାଗ୍ ଧରି ଘରକୁ ଫେରିଛି । ଥରେ ଟୁଥ୍‌ପେଷ୍ଟ ବଦଳରେ ଥାକରେ ଥିବା ଫେୟାର୍ ଏଣ୍ଡ ଲଭ୍‌ଲି କ୍ରିମ୍‌କୁ ଦାନ୍ତବ୍ରସ୍ କରି ବାନ୍ତି କରିଥିଲି । ବେଳେବେଳେ ଭୁଲାପଣର ବଶବର୍ତ୍ତୀ ହୋଇ ଅଫିସ ଫେରନ୍ତା ବାଟରେ ଘରକୁ ଫେରିବା ଛକରୁ ଆଗକୁ ବଢ଼ି ପହଞ୍ଚି ଯାଇଥିବି ଏକ କିଲୋମିଟର ଦୂରରେ ଥିବା ମାର୍କେଟ କମ୍ପ୍ଲେକ୍ସ ଛକରେ ।

ବୁଝିଲ ପ୍ରିୟେ, କେବଳ ମୋ ଜୀବନରେ ନୁହେଁ, ଅନ୍ୟମାନଙ୍କ ଜୀବନରେ ବି ଏମିତି କିଛିକିଛି ଭୁଲାପଣ ରହିଛି, ରହିଥିବ ମଧ୍ୟ । ଅଥଚ ତାକୁ ନେଇ ତୁମେ ମୋତେ ପରିହାସର ପାତ୍ର ସଜେଇବା କ'ଣ ଠିକ୍? ଆରେ ବିଶ୍ୱର କେତେକେତେ ଖ୍ୟାତିସମ୍ପନ୍ନ କବି, ଲେଖକ, ନାଟ୍ୟକାର,

ଦାର୍ଶନିକ, ଚିତ୍ରଶିଳ୍ପୀ, ବୈଜ୍ଞାନିକମାନେ ପରା ଫୁଲ୍ ଭୋଳା ମଣିଷ! ନିଜ ନିଜର ଗବେଷଣା, ସାଧନା, ଅଧ୍ୟୟନ, ସୃଜନ କର୍ମରେ ସେମାନେ ଏତେ ପ୍ରଗାଢ଼ ଭାବରେ ତନ୍ମନ୍ ଲଗେଇ ଦେଇଥାଆନ୍ତି ଯେ ସେମାନେ ସେବେଳରେ ଭୁଲିଯାଆନ୍ତି ସେମାନଙ୍କର ଆଖପାଖ ଓ ପାରିପାର୍ଶ୍ୱିକ ଅବସ୍ଥାକୁ। ଏଭଳି କି ଭୁଲିଯାଆନ୍ତି ନିଜକୁ, ନିଜ ଘରସଂସାର, ପରିବାରକୁ। ବାଟ ଚାଲୁଚାଲୁ କେଉଁଠି ନା କେଉଁଠି ସେମାନେ ବାଟ ହୁଡ଼ିଛନ୍ତି ତ କେଉଁଠି ପୁଣି ଦୁର୍ଘଟଣାର ଶିକାର ହୋଇଛନ୍ତି। ସାଂସାରିକ ଭୋଗବିଳାସ, ମୋହବାସନାକୁ ଅନେକ ସମୟରେ ଆଡ଼େଇଯାଇ ସମ୍ପୂର୍ଣ୍ଣ ଭାବେ ନିଜମନସ୍କ, ନିଜ ଚିନ୍ତା, ଭାବନା, କଳ୍ପନା, ସାଧନା, ସର୍ଜନାକୁ ନେଇ ସେମାନେ ତନ୍ମୟ, ବିଭୋର ହୋଇଛନ୍ତି।

ମୋ କଥାର ଗୁରୁତ୍ୱକୁ ହେଜି ପତ୍ନୀ ତାଙ୍କର ନିରବତା ତେଜି ସହଜ ସ୍ୱାଭାବିକ ହେଲେ। ଅତଃ ପର ସ୍ମିତ ହସି ସେ କହିଲେ, "ହଁ, ହଁ, ଠିକ୍ କଥା। ଆମ ବିଜ୍ଞାନ ସାର୍‌ଙ୍କ ପାଖରୁ ବୈଜ୍ଞାନିକ ନିଉଟନ ଓ ଆଇନ୍‌ଷ୍ଟାଇନ୍‌ଙ୍କର ଜୀବନ-କାହାଣୀ କିଛି କିଛି ଶୁଣିଥିଲି। ସତରେ ସେ ଦୁହେଁ ଏକ୍‌ବାରେ ଭୁଲା ଥିଲେ, ନୁହଁ?"

ହଠାତ୍ ପତ୍ନୀଙ୍କର ଏମନ୍ତ ପଟ୍ଟ ପରିବର୍ତ୍ତନ ଓ ଭୁଲାପଣ ପ୍ରସଙ୍ଗକୁ ନେଇ ତାଙ୍କର ଅଧିକ ଜାଣିବାର ଆଗ୍ରହକୁ ସାଦରେ ଗ୍ରହଣ କରିନେଇ ମୁଁ କହିଲି, "ହଁ ସେ ଦୁହେଁ ଫୁଲ୍ ଭୁଲା, ମାନେ ଭୋଳାମଣିଷ ଥିଲେ। ଗଣିତ, ପଦାର୍ଥବିଜ୍ଞାନ ଓ ଜ୍ୟୋତିର୍ବିଜ୍ଞାନ କ୍ଷେତ୍ରରେ ସମଗ୍ର ମାନବଜାତି ପ୍ରତି ସେ ଦୁହିଁଙ୍କର ଅବଦାନ ବହୁତ। ମାଧ୍ୟାକର୍ଷଣ ନିୟମ (ଲ' ଅଫ୍ ଗ୍ରେଭିଟେସନ୍) ପାଇଁ ନିଉଟନ୍ ଯେମିତି ପ୍ରସିଦ୍ଧ, ଆପେକ୍ଷିକ ତତ୍ତ୍ୱ (ଥିଓରି ଅଫ୍ ରିଲେଟିଭିଟି) ପାଇଁ ଆଇନ୍‌ଷ୍ଟାଇନ୍ ମଧ୍ୟ ସେମିତି ପ୍ରସିଦ୍ଧ। ହେଲେ ସେ ଦୁହିଁଙ୍କର ସମାନ ସମସ୍ୟା ଥିଲା, ତାହା ହେଲା, ବିସ୍ମରଣଶୀଳତା। ଯାନି ଏଇକ୍ଷଣି କଥା ଭୁଲିଯାଉଥିଲେ ପରକ୍ଷଣକୁ। ନିଉଟନ୍‌ଙ୍କର ମନର ଏକାଗ୍ରତା ବଡ଼ ବିଚିତ୍ର ଥିଲା। ସେ ବାରମ୍ବାର ଖାଇବା ଓ ଶୋଇବା ଭୁଲିଯାଉଥିଲେ। କାରଣ ରାତିଯାକ ସେ ତାଙ୍କ ଚିନ୍ତା, ଭାବନା, ଅଧ୍ୟୟନ, ଗବେଷଣାରେ ସମ୍ପୂର୍ଣ୍ଣ ମଗ୍ନ ରହୁଥିଲେ। ଫଳସ୍ୱରୂପ ତାଙ୍କ ଘରେ ଥିବା ପୋଷା ବିଲେଇ ତାଙ୍କ ପ୍ଲେଟରେ ରହିଯାଉଥିବା ବଳକା ଖାଦ୍ୟ ଖାଇ ବହୁତ ମୋଟା ହୋଇଯାଇଥିବା ତଥ୍ୟ ତାଙ୍କ ଜୀବନରୁ ମିଳେ। ସେଇପରି ଆଇନ୍‌ଷ୍ଟାଇନ୍‌ଙ୍କର ଭୁଲାପଣ ମଧ୍ୟ ବଡ଼ ବିଚିତ୍ର। ଥରେ ସେ ନିଜ କର୍ମକ୍ଷେତ୍ରରୁ ଘରକୁ ଟ୍ରେନ୍‌ରେ ଫେରୁଥିବା ସମୟରେ ନିଜର ଟ୍ରେନ୍ ଟିକଟ୍ ହଜେଇ ଭାରି ଅଥୟ ହୋଇପଡ଼ିବା ସହ ନିଜକୁ ଦୋଷୀ ମଣିଥିଲେ। ଅବଶ୍ୟ ଟିକଟ୍ ଯାଞ୍ଚ କରୁଥିବା ଟି.ଟି.ଇ. ତାଙ୍କୁ ଜାଣିପାରି ଏନେଇ ତାଙ୍କୁ ବ୍ୟସ୍ତ ନ ହେବାକୁ କହିବାରୁ ସେ ଆଶ୍ୱସ୍ତ ହୋଇଥିଲେ ଓ ଅଳ୍ପକେ ନିଶ୍ଚିତ ବଦନାମ ହେବାରୁ ବର୍ତ୍ତି ଯାଇଥିଲେ।

ଏବେ ବିଶିଷ୍ଟ ବ୍ରିଟିଶ୍ ଦାର୍ଶନିକ ଓ ଲେଖକ ଜି.କେ. ଚେଷ୍ଟରଟନଙ୍କ ଭୁଲାପଣ ବାବଦରେ ଗୋଟିଏ ଘଟଣା କହୁଛି ଶୁଣ। ଥରେ ଚେଷ୍ଟରଟନ୍ ମହାଶୟ ଲଣ୍ଡନ ସହର ଉପକଣ୍ଠରେ ବୁଲୁଥିବା ବେଳେ ବାଟ ହୁଡ଼ିଗଲେ। ଜମାରୁ ଜାଣିପାରିଲେ ନାହିଁ, ସେତେବେଳେ ସେ କେଉଁଠି ଥିଲେ ଏବଂ କେଉଁ ରାସ୍ତା ଧରି ସେ ଘରକୁ ଫେରିବେ?

ଏମିତି ଏମିତି ବଡ଼ଲୋକମାନଙ୍କର ଭୁଲାପଣ ସମ୍ପର୍କରେ ଆଲୋଚନା କରିବସିଲେ, ଗୋଟିକପରେ ଆଉ ଗୋଟିଏ କାହାଣୀ ଯୋଡ଼ି ହୋଇଯାଉଥିବ ଯେ ସରୁନଥିବ ସେ କାହାଣୀ!

ମୋ କଥାରେ ପୂର୍ଣ୍ଣଚ୍ଛେଦ ଲଗେଇ ପତ୍ନୀ କହିଲେ, ବଡ଼ ଆଶ୍ଚର୍ଯ୍ୟର କଥା! ସେଇସବୁ ବଡ଼ ଲୋକମାନେ ସେମାନଙ୍କର ଭୁଲାପଣ ହେତୁ ଯଦିଓ ବିପଦକୁ ବରଣ କରିଛନ୍ତି ତଥାପି କେବେବି ସେମାନେ ସେମାନଙ୍କର ଭୁଲାପଣରୁ ଓହରି ଯାଇନାହାନ୍ତି।

ତ୍ୱରିତେ ମୁଁ କହିଲି, "ବାସ୍, ସେଇ କଥା ତ! ଏବେ ଭଲକିନା ବୁଝିପାରିଲ ତ ଭୁଲାପଣର ଗୁରୁତ୍ୱ ଓ ମହତ୍ତ୍ୱକୁ? ପୁନଶ୍ଚ ମୋ ଭୁଲାପଣ ପାଇଁ, ମୋର ସ୍ଥାନ କେଉଁଠି? ଏଥିପାଇଁ ମୁଁ କେମିତି ବିଶ୍ୱର ପ୍ରସିଦ୍ଧ ବ୍ୟକ୍ତିମାନଙ୍କ ସହ ସାମିଲ୍ ଅଛି? ଆରେ ଭୁଲାପଣ ନିର୍ବୋଧତାର ମାପକ ନୁହେଁ। ବରଂ ଏହା ଅଧିକ ଦମ୍‌ଦାର୍, ମାନେ ଅଧିକ ପ୍ରତ୍ୟୁତ୍ପନ୍ନମତିସମ୍ପନ୍ନ ନିଷ୍ପତ୍ତି ଗ୍ରହଣ କରିବାରେ ସହାୟକ ହୋଇଥାଏ। ଭୁଲାପଣ କଦାପି କୁଖ୍ୟାତି ନୁହେଁ, ବରଂ ସୁଖ୍ୟାତି। ନକାରାତ୍ମକ ଉପଲବ୍ଧି ନୁହେଁ, ବରଂ ସକାରାତ୍ମକ ଉପଲବ୍ଧି। ଏହା ଏକ ଅଭିଳଷିତ ଅବସ୍ଥା! ସମସ୍ତେ ଏ ଅବସ୍ଥା ପ୍ରାପ୍ତ ହୋଇପାରନ୍ତି ନାହିଁ। ଯେଉଁମାନେ ଉଚ୍ଚାକାଂକ୍ଷୀ, ବା ଉଚ୍ଚାଭିଳାଷୀ ସେମାନେ ଏ ଅବସ୍ଥା ପ୍ରାପ୍ତ ହୋଇଥାନ୍ତି।"

ପତ୍ନୀ ହସିହସି କହିଲେ, "ମହାଶୟ, ତୁମ ଭୁଲାପଣକୁ ମୁଁ ସମ୍ମାନ ଜଣାଉଛି। ଏଣିକି ମୁଁ ଆଉ ତୁମକୁ ଭୁଲା କି ଭୋଳା ମଣିଷ କହିବି ନାହିଁ। ବଡ଼ବଡ଼ ଲୋକମାନଙ୍କ ପରି ତୁମେ ମଧ୍ୟ କଳ୍ପନାପ୍ରବଣ, ଖିଆଲୀ ମଣିଷ!"

ମୁଁ ବେଶ୍ ସ୍ପଷ୍ଟଭାବରେ ଅନୁଭବ କରିପାରିଲି ସେବେଳରେ, ସତେଯେମିତି ବିଜୟୋଲ୍ଲାସର ଊର୍ମିମାଳା ମୋ ଚେତନାର ବେଳାଭୂମିକୁ ଗୋଟାପଣେ ଛୁଇଁ ଯାଉଥିଲା। ଆନନ୍ଦରେ ସ୍ୱଗତୋକ୍ତି ତୋଳିଲି, "ଯାହାହେଉ, ମୋ ଭୁଲାପଣ ସପକ୍ଷରେ ମୁଁ ବଳିଷ୍ଠ ଯୁକ୍ତି ଉପସ୍ଥାପନ କରି ସମ୍ପୂର୍ଣ୍ଣ ପରାଜିତ କରିପାରିଛି ମୋ ପତ୍ନୀଙ୍କୁ! ଇଏ କିଛି କମ୍ କଥା ନୁହେଁ! ହାଃ ହାଃ ହାଃ।" ■■■

ବୀମାବିହାର, ମର୍କତନଗର, ସେକ୍ଟର-୬, କଟକ-୭୫୩୦୧୪

ଶ୍ରୀଜଗନ୍ନାଥ ଉପାସନାର ଦାର୍ଶନିକ ତତ୍ତ୍ୱ

ଶ୍ରୀକ୍ଷେତ୍ର ନୀଳାଚଳଧାମରେ ଶ୍ରୀଜଗନ୍ନାଥ କାହିଁ କେଉଁ ଆବହମାନ କାଳରୁ ଉପାସିତ ହୋଇ ଆସୁଛନ୍ତି। ସୁପ୍ରଶସ୍ତ ବଡ଼ଦାଣ୍ଡରେ ଶେଷ ସୀମାରେ ରହିଛି ନଭଶ୍ଚୁମ୍ବୀ ଶ୍ରୀମନ୍ଦିର। ଗର୍ଭଗୃହସ୍ଥ ରତ୍ନସିଂହାସନରେ ପୂଜା ପାଉଛନ୍ତି ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର, ଶ୍ରୀସୁଭଦ୍ରା ଓ ଶ୍ରୀସୁଦର୍ଶନ। ଦାରୁବ୍ରହ୍ମ ଶ୍ରୀଜଗନ୍ନାଥଙ୍କ ଶରୀରାଭ୍ୟନ୍ତରରେ ରହିଛି ଗୋପନୀୟ ଜ୍ଞାନଗମ୍ୟ ଅନିର୍ବଚନୀୟ ବ୍ରହ୍ମ। ଶ୍ରୀଜଗନ୍ନାଥ ହେଉଛନ୍ତି ସୂକ୍ଷ୍ମତମ ଅଦୃଶ୍ୟ ବ୍ରହ୍ମଙ୍କର ଏକ ସ୍ଥୂଳ ତଥା ଦୃଶ୍ୟମାନ ପରିପ୍ରକାଶ। ବେଦୋକ୍ତ ପୁରୁଷୋତ୍ତମ ତତ୍ତ୍ୱର ପ୍ରତିଭୂ ହେଉଛନ୍ତି ଦାରୁବ୍ରହ୍ମ ପୁରୁଷୋତ୍ତମ ଶ୍ରୀଜଗନ୍ନାଥ। ତାଙ୍କର ସ୍ୱରୂପ ହେଉଛି ଦାରୁ ଓ ବ୍ରହ୍ମଙ୍କର ଏକ ଅପୂର୍ବ ସମନ୍ୱୟ। ସେ ସ୍ଥୂଳ ଓ ସୂକ୍ଷ୍ମ, ଅର୍ଥାତ୍ କ୍ଷର ଓ ଅକ୍ଷର ପୁରୁଷଠାରୁ ଊର୍ଦ୍ଧ୍ୱରେ– ପୁରୁଷୋତ୍ତମ। ଏହି ପରିପ୍ରେକ୍ଷୀରେ ବିଶିଷ୍ଟାଦ୍ୱୈତବାଦର ପ୍ରଧାନାଚାର୍ଯ୍ୟ ରାମାନୁଜ, ଦ୍ୱୈତବାଦର ପ୍ରବର୍ତ୍ତକ ମଧ୍ୱାଚାର୍ଯ୍ୟ, ଦ୍ୱୈତାଦ୍ୱୈତବାଦର ପ୍ରବର୍ତ୍ତକ ନିର୍ମାକାଚାର୍ଯ୍ୟ, ଶୁଦ୍ଧାଦ୍ୱୈତବାଦର ପ୍ରଧାନ ପ୍ରଚାରକ ବଲ୍ଲଭାଚାର୍ଯ୍ୟ ପ୍ରମୁଖଙ୍କ ଦାର୍ଶନିକ ଚିନ୍ତାଚେତନା ବିଶ୍ଳେଷଣ ସହ ନ୍ୟାୟଦର୍ଶନ, ବୈଶେଷିକ ଦର୍ଶନ, ସାଂଖ୍ୟ ଦର୍ଶନ, ଶାକ୍ତ ଦର୍ଶନ, ଜୈନଦର୍ଶନ ଆଧାରରେ ଶ୍ରୀଜଗନ୍ନାଥ ଉପାସନାର ଦାର୍ଶନିକ ତତ୍ତ୍ୱ ସମ୍ପର୍କରେ ଏହି ବିଶେଷ ଆଲେଖ୍ୟ।

ଅନ୍ତର୍ଯ୍ୟାମୀ ମିଶ୍ର

ଲେଖକ ଜଣେ ସାହିତ୍ୟିକ, ସ୍ତମ୍ଭକାର, ଗବେଷକ, ବାଗ୍ମୀ ଓ ଭାଷାବିଜ୍ଞାନୀ। ସେ ଦୀର୍ଘ ପଚାଶବର୍ଷ ଧରି ସାରସ୍ୱତ ସାଧନାରେ ନିମଗ୍ନ। ତାଙ୍କ ଲେଖନୀ ନିଃସୃତ ତିରିଶିଖଣ୍ଡ ଗ୍ରନ୍ଥ ପ୍ରକାଶିତ ହୋଇ ବିଶେଷ ପାଠକୀୟ ଆଦୃତି ଲାଭ କରିଅଛି। ସାରସ୍ୱତ ସାଧନା ନିମିତ୍ତ ସେ ଶତାଧିକ ଅନ୍ତର୍ଜାତୀୟ, ଜାତୀୟ ଓ ରାଜ୍ୟସ୍ତରୀୟ ପୁରସ୍କାର, ସମ୍ମାନ, ସମ୍ବର୍ଦ୍ଧନା ଲାଭ କରିବା ସହିତ ୨୦୧୯ରେ ପ୍ରଥମ ଓଡ଼ିଆ ଭାବରେ ଶାସ୍ତ୍ରୀୟ ଓଡ଼ିଆ ଭାଷା ନିମିତ୍ତ ମହାମହିମ ରାଷ୍ଟ୍ରପତିଙ୍କଠାରୁ ପୁରସ୍କାର ଲାଭ କରିଛନ୍ତି।

ଶ୍ରୀଜଗନ୍ନାଥ ସ୍ମରଣାତୀତ କାଳରୁ ଦିବ୍ୟ ନୀଳାଚଳ ଧାମରେ ଉପାସିତ। ମହୋଦଧି ତଟରେ ସୁପ୍ରଶସ୍ତ ବଡ଼ଦାଣ୍ଡର ଶେଷ ସୀମାରେ ଶତାବ୍ଦୀ ଶତାବ୍ଦୀ ଧରି ସଗର୍ବରେ ଦଣ୍ଡାୟମାନ ହୋଇରହିଛି ନଭଶ୍ଚୁମ୍ବୀ ଶ୍ରୀମନ୍ଦିର। ଶ୍ରୀମନ୍ଦିରର ଶୀର୍ଷରେ ଶ୍ରୀନୀଳଚକ୍ର ଉପରେ ଫରଫର ହୋଇଉଠୁଛି ମହାକେତନ 'ପତିତ ପାବନ ବାନା'। ବୈକୁଣ୍ଠ ଭବନ ଶ୍ରୀବତ୍ସ ଖଣ୍ଡଶାଳ ରୀତିରେ ନିର୍ମିତ ଶ୍ରୀମନ୍ଦିରର ଗର୍ଭଗୃହରେ ରତ୍ନସିଂହାସନରେ ପୂଜା ପାଉଛନ୍ତି ଚତୁର୍ଦ୍ଧା ମୂର୍ତ୍ତି– ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର, ଶ୍ରୀସୁଭଦ୍ରା ଓ ଶ୍ରୀ ସୁଦର୍ଶନ। ଜଗମୋହନରେ ସ୍ତମ୍ଭ ଉପରେ ଯୋଡ଼ହସ୍ତରେ ଶ୍ରୀଗରୁଡ଼ ବିରାଜିତ। ରତ୍ନସିଂହାସନରେ ଚତୁର୍ଦ୍ଧା ମୂର୍ତ୍ତିଙ୍କ ସହିତ ଶ୍ରୀଦେବୀ, ଭୂଦେବୀ ଓ ନୀଳମାଧବ ଉପାସିତ। ଦାରୁବ୍ରହ୍ମ ଶ୍ରୀଜଗନ୍ନାଥଙ୍କ ଶରୀରାଭ୍ୟନ୍ତରରେ ରହିଛି ଗୋପନୀୟ ଜ୍ଞାନଗମ୍ୟ ଅନିର୍ବଚନୀୟ ବ୍ରହ୍ମ। ଯୁଗ ଯୁଗ ଧରି ବ୍ରହ୍ମଙ୍କର ସ୍ୱରୂପ ଗୋପନୀୟ ରହିଆସିଛି। ଅଗଣିତ ଜ୍ଞାନୀ, ବେଦାନ୍ତୀ, ଶାସ୍ତ୍ରୀ, ପଣ୍ଡିତ ଯୋଗୀ, ତତ୍ତ୍ୱଦର୍ଶୀ, ବୈଷ୍ଣବାଚାର୍ଯ୍ୟ, ଗବେଷକ ସେହି ବ୍ରହ୍ମଙ୍କର ସ୍ୱରୂପ ଜାଣିବାକୁ ପ୍ରଯତ୍ନ କରି ଆସିଛନ୍ତି ଏବଂ ମନଗଢ଼ା କାହାଣୀ ବର୍ଣ୍ଣନା କରି ଆସିଛନ୍ତି, ଅଥଚ ସେ ଦୁର୍ବୋଧ। ଅଧିକନ୍ତୁ ଯେଉଁମାନେ ଦାରୁବ୍ରହ୍ମଙ୍କ ଦର୍ଶନପୂର୍ବକ ତାଙ୍କ ବ୍ରହ୍ମଙ୍କ ସମ୍ପର୍କରେ କିଛି ଜିଜ୍ଞାସା କରିଛନ୍ତି ସେମାନେ ବଡ଼ଦାଣ୍ଡର ଶରଧାବାଲି ସ୍ପର୍ଶ କରିବା ମାତ୍ରକେ ନିଜ ନିଜର ଜ୍ଞାନ, ବେଦ, ଶାସ୍ତ୍ର, ପାଣ୍ଡିତ୍ୟ, ଯୋଗ, ତତ୍ତ୍ୱ, ବୈଷ୍ଣବୀୟ ଚେତନା ଓ ଗବେଷଣା ଭୁଲିଯାଇ ପ୍ରଣତି ଜଣାଇ ପରମପଦ କାମନା କରିଛନ୍ତି। ମହନୀୟତା ହେଉଛି ଦାରୁବ୍ରହ୍ମଙ୍କ ନିରନ୍ତର ଦର୍ଶନ ପୂର୍ବକ ବ୍ରହ୍ମାନୁଭୂତିରେ ଅବଗାହନ କରିବାର ମହାଭିପ୍ରାୟରେ ତାଙ୍କ ଧାମରେ ମଠ, ଆଶ୍ରମ, ଭବନ ଓ ପ୍ରାସାଦ ନିର୍ମାଣ ପୂର୍ବକ ବ୍ରହ୍ମଲୀନ ହେବାର କାମନା ପୋଷଣ କରିଛନ୍ତି।

ଦାରୁବ୍ରହ୍ମ ଶ୍ରୀଜଗନ୍ନାଥ ନଶ୍ୱର ଓ ଈଶ୍ୱର ଉଭୟଙ୍କର ସମ୍ମିଳିତ ସ୍ୱରୂପ। ସେ ହେଉଛନ୍ତି ସୂକ୍ଷ୍ମତମ ଅଦୃଶ୍ୟ ବ୍ରହ୍ମଙ୍କର ଏକ ସ୍ଥୂଳ ତଥା ଦୃଶ୍ୟମାନ ପରିପ୍ରକାଶ। ତାଙ୍କୁହିଁ ଆଧାର କରି ଭାରତୀୟ ଦର୍ଶନ ପଲ୍ଲବିତ, ପୁଷ୍ପିତ ଓ ସୁରଭିତ। ଭାରତୀୟ ଦର୍ଶନରେ ବ୍ରହ୍ମାଣ୍ଡ ଓ ପିଣ୍ଡାଣ୍ଡର ଐକ୍ୟ ସର୍ବତୋଭାବେ ସ୍ୱୀକୃତ ତଥା ବ୍ରହ୍ମ ଓ ଆତ୍ମାର ଏକତା ପ୍ରତିପାଦିତ। ବ୍ରହ୍ମୋପଲବ୍ଧିକୁ ସରଳ, ସହଜ ଓ ସୁଗମ କରିବା ନିମିତ୍ତ ବେଦରେ ପୁରୁଷୋତ୍ତମ ତତ୍ତ୍ୱର ଅବତାରଣା କରାଯାଇଛି। ସେହି ବେଦୋକ୍ତ ପୁରୁଷୋତ୍ତମ ତତ୍ତ୍ୱର ପ୍ରତିଭୂ ହେଉଛନ୍ତି ଦାରୁବ୍ରହ୍ମ ପୁରୁଷୋତ୍ତମ ଶ୍ରୀଜଗନ୍ନାଥ। ତାଙ୍କ ସ୍ୱରୂପ ହେଉଛି ଦାରୁ ଓ ବ୍ରହ୍ମଙ୍କର ଏକ ଅପୂର୍ବ ସମନ୍ୱୟ। ସେ ସ୍ଥୂଳ ଓ ସୂକ୍ଷ୍ମ ଅର୍ଥାତ୍ ଅକ୍ଷର ଓ କ୍ଷର ପୁରୁଷଠାରୁ ଊର୍ଦ୍ଧ୍ୱରେ ଏକ ଉତ୍ତମପୁରୁଷ ବା ପୁରୁଷୋତ୍ତମ। ଦାରୁବିଗ୍ରହ ମଧ୍ୟରେ ଯେଉଁ ବ୍ରହ୍ମ ସଂସ୍ଥାପିତ, ସେ ହେଉଛନ୍ତି 'ଅକ୍ଷର ପୁରୁଷ' ଏବଂ ଦାରୁବ୍ରହ୍ମଙ୍କର ଯେଉଁ ରୂପ ଅଗଣିତ ଭକ୍ତଦର୍ଶନ କରିଥା'ନ୍ତି ସେ ହେଉଛନ୍ତି 'କ୍ଷର ପୁରୁଷ'। ଯଥାର୍ଥରେ ଦାରୁବିଗ୍ରହ ହେଉଛନ୍ତି ଅଗଣିତ ମୁମୁକ୍ଷୁଜନଙ୍କ ନିମିତ୍ତ ସୂକ୍ଷ୍ମତମ ଅଦୃଶ୍ୟ ବ୍ରହ୍ମଙ୍କର ଏକ ସ୍ଥୂଳ ତଥା ଦୃଶ୍ୟମାନ ପରିପ୍ରକାଶ। ଶ୍ରୀମଦ୍ ଭଗବଦ୍ ଗୀତାରେ ତାଙ୍କ ସ୍ୱରୂପ ସମ୍ପର୍କରେ କୁହାଯାଇଛି।

ଯସ୍ମାତ୍ କ୍ଷରମତୀତୋଽହମକ୍ଷରାଦପି ଚୋତ୍ତମଃ
ଅତୋଽସ୍ମି ଲୋକେ ବେଦେଚ ପ୍ରଥିତଃ ପୁରୁଷୋତ୍ତମ।

(ଗୀତା ୧୫।୧୮)

ପୁରୁଷୋତ୍ତମ ତତ୍ତ୍ୱକୁ ଆଧାର କରି ପରଂବ୍ରହ୍ମ ଏହି ଦାରବୀଲୀଳା ରଚନା କରିଛନ୍ତି। ସେ ହିଁ ଭାରତୀୟ ଧର୍ମ ଓ ଦର୍ଶନର ପ୍ରାଣସ୍ୱରୂପ ସହସ୍ର ଶୀର୍ଷା ପୁରୁଷ ବା ପୁରୁଷୋତ୍ତମ। ବେଦାନ୍ତଦର୍ଶନର ମୂଳାଧାର ବ୍ରହ୍ମାକ୍ଷର ପ୍ରଣବକୁ ଦାରୁମୂର୍ତ୍ତିରେ ରୂପାଙ୍କନ କରାଯାଇ ନିର୍ଗୁଣ ନିରାକାର ବ୍ରହ୍ମଙ୍କ ସଗୁଣ ସାକାର କରାଯାଇଛି ପୁରୁଷୋତ୍ତମ ଜଗନ୍ନାଥ ନାମରେ। ଅର୍ଥାତ୍ ବ୍ରହ୍ମାକ୍ଷର ପ୍ରଣବକୁ ପ୍ରତିମାବାଦର ଝଲକରେ ପ୍ରତୀକବାଦର ରହସ୍ୟରୂପରେ ମୂର୍ତ୍ତିମନ୍ତ କରାଯାଇଛି। ସ୍କନ୍ଦପୁରାଣରେ ଦାରୁମୂର୍ତ୍ତିଙ୍କର ସ୍ୱରୂପ ସମ୍ପର୍କରେ କୁହାଯାଇଛି:-

ନେକାନୈକ ସ୍ଥୂଳ ସୂକ୍ଷ୍ମାଣୁ ମୂର୍ତ୍ତେ,
ବ୍ୟୋମାତୀତଂ ବ୍ୟୋମରୂପଂ ପ୍ରକାଶଂ
ବ୍ୟୋମାକାରଂ ବ୍ୟାପିନୋ ବ୍ୟୋମସଂସ୍ଥ,
ବ୍ୟୋମାରୂଢ଼ଂ ବ୍ୟୋମ କେଶାଦ୍ଧ ଯୋନେ।

(ସ୍କ.ପୁ. ପୁରୁଷୋତ୍ତମ ମାହାତ୍ମ୍ୟ ୧୯।୨୮)

ଅର୍ଥାତ୍ ସେ ଏକ ଅଥଚ ଅନେକ, ସ୍ଥୂଳ ଅଥଚ ସୂକ୍ଷ୍ମ, ବ୍ୟୋମାତୀତ ଅଥଚ ବ୍ୟୋମରୂପ, ବ୍ୟୋମାକାର ଅଥଚ ବ୍ୟୋମସଦୃଶ ପରିବ୍ୟାପ୍ତ ଏବଂ ବ୍ୟୋମାରୂଢ଼ ଅଥଚ ବ୍ୟୋମକେଶ। ମୂର୍ତ୍ତି ନିର୍ମାଣ ପରେ ପୁରୁଷସୂକ୍ତ ମନ୍ତ୍ରରେ ସେ ପ୍ରତିଷ୍ଠିତ ହୋଇଥିଲେ ବୋଲି ସ୍କନ୍ଦ ପୁରାଣରେ ଉଲ୍ଲିଖିତ।

ତ୍ରୟୀ ପ୍ରସିଦ୍ଧଂ ଯତ୍‌ସୂକ୍ତଂ ପାବନଂ ପୌରୁଷଂ ମହତ୍,
ତେଜ ନାରାୟଣଂ ଭୂପଃ ପଜୟାମାସ ଶକ୍ତିତଃ।

(ସ୍କ.ପୁ. ପୁରୁଷୋତ୍ତମ ମାହାତ୍ମ୍ୟ ୨୦।୩୨)

ପ୍ରତ୍ୟହ ପୂଜାପ୍ରକରଣରେ ପ୍ରଣବନ୍ୟାସ ସମୟରେ ବଳଭଦ୍ରଙ୍କୁ ଅକାର, ସୁଭଦ୍ରାଙ୍କୁ ଉକାର ଓ ଜଗନ୍ନାଥଙ୍କୁ ମକାର ରୂପେ ଚିନ୍ତନ କରାଯାଇ ପୂଜା କରାଯାଏ।

ଓଁକାର ସତ୍ତ୍ୱଗୁଣଂ ଶୁକ୍ଳବର୍ଣ୍ଣଂ ନମଃ ନଭୈ
ଓଁ ଉକାର ରାଜୋଗୁଣଂ ରକ୍ତବର୍ଣ୍ଣଂ ନମଃ ହୃଦୟେ
ଓଁ ମକାର ତମୋଗୁଣଂ କୃଷ୍ଣବର୍ଣ୍ଣଂ ନମଃ ମୂର୍ଦ୍ଧନି।

(ଶ୍ରୀଜଗନ୍ନାଥ ତତ୍ତ୍ୱ, ଗୋପୀନାଥ ମହାପାତ୍ର ପୃ.୧୧୯)

ଅଦ୍ୱୈତ ବେଦାନ୍ତର ମୂଳତତ୍ତ୍ୱ ପରମାର୍ଥ ସତ୍ତାରୂପ ବ୍ରହ୍ମର ଏକତା ତଥା ଅନେକାତ୍ମକ ଜଗତର ମାୟିକତା। ଏହାର ମୌଳିକ ସିଦ୍ଧାନ୍ତ ହେଉଛି ଆତ୍ମପ୍ରତ୍ୟୟର ସ୍ୱୟଂ ସିଦ୍ଧତା। ଉପନିଷଦ୍‌ରେ ନିର୍ଗୁଣ ବ୍ରହ୍ମ ଓ ସଗୁଣ ବ୍ରହ୍ମ ଉଭୟର ପ୍ରତିପାଦନ କରାଯାଇଛି, ଯାହାର ପ୍ରତିଭୂ ପୁରୁଷୋତ୍ତମ ଜଗନ୍ନାଥ। ସେ ହିଁ ନିର୍ଗୁଣ ଓ ସଗୁଣର ସମନ୍ୱୟ। ଯଜୁର୍ବେଦରେ ଉଲ୍ଲେଖ ଅଛି:-

ବେଦାହମେତଂ ପୁରୁଷଂ ମହାନ୍ତମାଦିତ୍ୟବର୍ଣ୍ଣ ତମସଃ ପରସ୍ତାତ୍,
ତମେବ ବିଦିତ୍ୱାତି ମୃତ୍ୟୁମେତି ନାନ୍ୟଃ ପନ୍ଥା ବିଦ୍ୟତେଽୟନାୟ।

(ଯଜୁର୍ବେଦ ୩୧ଅ/୧୮ମନ୍ତ୍ର)

ଶ୍ୱେତାଶ୍ୱେତର ଉପନିଷଦ୍‌ରେ ଏହି ମନ୍ତ୍ର ସହିତ ଋଗ୍‌ବେଦର

ସହସ୍ରଶୀର୍ଷା ମନ୍ତ୍ର ବ୍ୟକ୍ତ କରାଯାଇ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତର ପୁରୁଷ ରୂପରେ ତାଙ୍କୁ ଚିତ୍ରଣ କରାଯାଇଛି ।

ପୁରୁଷ ଏବେଦ୍ ସର୍ବ ଯଦ୍‌ଭୂତଂ ଯଚ୍ଚ ଭବ୍ୟମ୍

ଉତାମୃତତ୍ୱସ୍ୟେଶାନୋ ଯଦ୍‌ନ୍ନେନାତିରୋହତି ।

(ଶ୍ୱେ.ଉ.୩ଅ/୧୧ମନ୍ତ୍ର)

ଏହି ଶ୍ୱେତାଶ୍ୱେତର ଉପନିଷଦ୍‌ରେ ଦାରୁରେ ପରମପୁରୁଷଙ୍କର ଦିବ୍ୟଶରୀର ରହସ୍ୟ ବର୍ଣ୍ଣିତ ।

ଅପାଣିପାଦୋ ଯବନୋ ଗ୍ରହୀତା ପଶ୍ୟତ୍ୟଚକ୍ଷୁ ସ ଶୃଣୋତ୍ୟକର୍ଣ୍ଣ,

ସବେତ୍ତିବେଦ୍ୟଂ ନ ଚ ତସ୍ୟାସ୍ତିବେତ୍ତା ତମାହୁରାଗ୍ର୍ୟଂ ପୁରୁଷଂ ମହାନ୍ତମ୍ ।

(ଶ୍ୱେ.ଉ.୩ଅ/୧୯ମନ୍ତ୍ର)

ଶ୍ୱେତାଶ୍ୱେତର ଉପନିଷଦ୍‌ର ଏହି ମନ୍ତ୍ରଟି ପରବର୍ତ୍ତୀ କାଳରେ କୈବଲ୍ୟ ଉପନିଷଦ୍‌ରେ ଭିନ୍ନ ଭାବରେ ଉପସ୍ଥାପନା କରାଯାଇ ଦାରୁବିଗ୍ରହଙ୍କ ପରିକଳ୍ପିତ ମୂର୍ତ୍ତି କଳ୍ପନା ଓ ରହସ୍ୟକୁ ବ୍ୟାପକ କରାଯାଇଥିଲା ।

ଅପାଣିପାହୋଽହଂ ଅଚିନ୍ତ୍ୟଶକ୍ତି ପଶ୍ୟାମଚକ୍ଷୁ ଶୃଣୋମ୍ୟକର୍ଣ୍ଣ

ଅହଂ ବିଜାନାମି ବିବିଭକ୍ତ ରୂପୋ ନଗସ୍ତିବେତ୍ତା ମମବିସ୍ବହମ୍ ।

(କୈବଲ୍ୟ ଉପନିଷଦ, ୨୧ମନ୍ତ୍ର)

ଉପନିଷଦୀୟ ବ୍ରହ୍ମଚେତନାରେ ଅପାଣିପାଦ ମୂର୍ତ୍ତି ହିଁ ନିର୍ମାଣ କରାଗଲା ଏବଂ ବେଦାନ୍ତର ପ୍ରତିପାଦ୍ୟ ବ୍ରହ୍ମାକ୍ଷର ପ୍ରଣବକୁ ଦାରୁମୂର୍ତ୍ତିରେ ରୂପାଙ୍କନ କରି ବିଶ୍ୱବନ୍ଦ୍ୟ କରିବାର ପ୍ରଚେଷ୍ଟା କରାଗଲା । ବେଦାନ୍ତ ଦର୍ଶନର ମହାନ ପ୍ରବକ୍ତା ଜଗଦ୍‌ଗୁରୁ ଆଦି ଶଙ୍କରାଚାର୍ଯ୍ୟଙ୍କ ପ୍ରତିଷ୍ଠିତ ଗୋବର୍ଦ୍ଧନପୀଠର ଅଧକ୍ଷ ବୃନ୍ଦ ଦଣ୍ଡସ୍ପର୍ଶନ ମୁହୂର୍ତ୍ତରେ ପୁରୁଷୋତ୍ତମ ଜଗନ୍ନାଥଙ୍କୁ ଓଁକାରରୂପୀ ପରମପୁରୁଷ ଜ୍ଞାନରେ ପ୍ରଣାମ କରିଥା'ନ୍ତି ।

ବ୍ରହ୍ମାକ୍ଷର ପରଂ ନିତ୍ୟ ନମୋ ପୁରୁଷ ପୂର୍ବଜମ୍,

ଓଁ ତତ୍‌ସତ୍ ସ୍ୱରୂପେଣ ବ୍ରହ୍ମଣ ତ୍ରିବିଧ ବପୁଃ

ସତ୍‌ସ୍ୱରୂପ ଶିବସାକ୍ଷାତ୍ ତତ୍‌ସ୍ୱରୂପ ତଦାତ୍ମିକା

ଅକ୍ଷର ବ୍ରହ୍ମରୂପାୟ ଦାରବ ବପୁଷେ ନମଃ ।

ବିଶିଷ୍ଟାଦ୍ୱୈତର ପ୍ରଧାନ ଆଚାର୍ଯ୍ୟ ହେଉଛନ୍ତି ରାମାନୁଜ । ଅଦ୍ୱୈତ ମତରୁ ତାଙ୍କ ମତ ଭିନ୍ନ ହେଲେହେଁ ସେ ଭାଗବତ ସମ୍ପ୍ରଦାୟରୁ ଈଶ୍ୱରଙ୍କ ପଞ୍ଚରୂପର କଳ୍ପନା ଗ୍ରହଣକରି ଶ୍ରୀଜଗନ୍ନାଥଙ୍କଠାରେ ଆରୋପିତ କରିଥିଲେ । ତାଙ୍କ ମତରେ ପୁରୁଷୋତ୍ତମ ଜଗନ୍ନାଥ ହିଁ ସର୍ବାନ୍ତର୍ଯ୍ୟାମୀ ଏବଂ ସକଳ ଜଗତର ଅଭିନ୍ନ ନିମିତ୍ତୋପାଦନର କାରଣ । ତାଙ୍କରି ଅନୁଗ୍ରହରୁ ଜୀବ ଏହି ବିଷମ ସଂସାରରୁ ମୁକ୍ତିଲାଭ କରିଥାଏ । ରାମାନୁଜ ପାଞ୍ଚରାତ୍ର ଆଗମକୁ ବେଦ ସ୍ୱରୂପ ପ୍ରମାଣ ଭୂତ ସ୍ୱୀକାର କରିଛନ୍ତି ।

ସାଂଖ୍ୟଂ ଯୋଗଃ ପାଞ୍ଚରାତ୍ରଂ ବେଦାଃ ପାଶୁପତଂ ତଥା

ଆତ୍ମପ୍ରମାଣାନ୍ୟେତାନି ନ ହନ୍ତବ୍ୟାନି ହେତୁଭିଃ ।

(ଶ୍ରୀଭାଷ୍ୟ-୨।୨।୪୨)

ଶ୍ରୀଜଗନ୍ନାଥଙ୍କର ନିତ୍ୟନୈମିତ୍ତିକ ଉପାସନା ପାଞ୍ଚରାତ୍ର ବିଧିରେ ହିଁ ସମ୍ପନ୍ନ ହୋଇଥାଏ । ରାମାନୁଜାଚାର୍ଯ୍ୟ ଶ୍ରୀଜଗନ୍ନାଥଙ୍କୁ ଅଦ୍ୱୈତଦର୍ଶନ ଓ ବୈଷ୍ଣବଦର୍ଶନ ଉଭୟର ଉଦ୍‌ଗମସ୍ଥଳ ବିଚାର ପୂର୍ବକ ଶ୍ରୀମନ୍ଦିର ଶୀର୍ଷରେ ରାମାନନ୍ଦୀଚିତା ସଂସ୍ଥାପନ କରିଥିଲେ । ତାଙ୍କରି ସମୟରୁ ଶ୍ରୀଜଗନ୍ନାଥ ବୈଷ୍ଣବଦର୍ଶନର କେନ୍ଦ୍ରବିନ୍ଦୁ ପାଲଟିଗଲେ ତଥା ବିଭିନ୍ନ ବୈଷ୍ଣବ ସମ୍ପ୍ରଦାୟ ଶ୍ରୀଜଗନ୍ନାଥଙ୍କ ଇଷ୍ଟରୂପେ ବିବେଚନା କଲେ ।

ଦ୍ୱୈତବାଦର ପ୍ରବର୍ତ୍ତକ ମଧ୍ୱାଚାର୍ଯ୍ୟଙ୍କ ଦୃଷ୍ଟିରେ ପୁରୁଷୋତ୍ତମ ଜଗନ୍ନାଥ ହିଁ ଅନନ୍ତଗୁଣ ପରିପୂର୍ଣ୍ଣ ସାକ୍ଷାତ୍ ବିଷ୍ଣୁ । ସେ ଦାରୁଶରୀର ଧାରଣ କରିଥିଲେ ମଧ ନିତ୍ୟ ତଥା ସର୍ବତନ୍ତ୍ର ସ୍ୱତନ୍ତ୍ର । ତାଙ୍କ ଅନୁଗ୍ରହ ବିନା ପରତନ୍ତ୍ର ଜୀବ ସାଧାରଣ କାର୍ଯ୍ୟ ମଧ କରିପାରେ ନାହିଁ। ଶ୍ରୀଜଗନ୍ନାଥ ଉତ୍ପତ୍ତି, ସ୍ଥିତି, ସଂହାର, ନିୟମନ, ଜ୍ଞାନ, ଆବରଣ, ବନ୍ଧ ଓ ମୋକ୍ଷ, ଏହି ଆଠଟିର କର୍ତ୍ତା ହୋଇଥିବାରୁ ସ୍ୱୟଂ ଭଗବାନ । ମଧ୍ୱମତରେ ଲୀଳାମୟ ବିଗ୍ରହ ହେଉଛନ୍ତି ଦାରୁବ୍ରହ୍ମ ପୁରୁଷୋତ୍ତମ ଜଗନ୍ନାଥ । ତାଙ୍କ କରୁଣା ବିନା ଜୀବସାଲୋକ୍ୟ, ସାମୀପ୍ୟ, ସାରୂପ୍ୟ ଓ ସାଯୁଜ୍ୟ ମୁକ୍ତି ପାଇପାରେ ନାହିଁ ।

ନିର୍ମାକାଚାର୍ଯ୍ୟ ଦ୍ୱୈତାଦ୍ୱୈତବାଦର ପ୍ରବର୍ତ୍ତକ । ତାଙ୍କ ମତରେ ଶ୍ରୀଜଗନ୍ନାଥ ହିଁ ସଗୁଣ ବ୍ରହ୍ମ । ଦ୍ୱୈତାଦ୍ୱୈତର ଆଚାର୍ଯ୍ୟବୃନ୍ଦ ଶ୍ରୀଜଗନ୍ନାଥଙ୍କୁ ପରମାତ୍ମା, ପରଂବ୍ରହ୍ମ, ନାରାୟଣ, ଭଗବାନ, କୃଷ୍ଣ ଓ ପୁରୁଷୋତ୍ତମ ପ୍ରଭୃତି ନାମରେ ଅଭିହିତ କରିଥାନ୍ତି । ସେମାନଙ୍କର ସିଦ୍ଧାନ୍ତ ହେଉଛି, ଶ୍ରୀଜଗନ୍ନାଥ ହିଁ ଉତ୍ପତ୍ତି, ସ୍ଥିତି, ସଂହାର, ନିୟମନ, ଜ୍ଞାନ, ଆବରଣ, ବନ୍ଧ ଓ ମୋକ୍ଷ ଏହି ଆଠଟିର କର୍ତ୍ତା । ଏମାନଙ୍କ ମତରେ ଜଗନ୍ନାଥ ପ୍ରତ୍ୟକ୍ଷ କୃଷ୍ଣ, ବଳଭଦ୍ର କୃଷ୍ଣାନୁଜ ଓ ସୁଭଦ୍ରା ଶକ୍ତି ଅଟନ୍ତି । ଜୀବ ତାଙ୍କର ଅଂଶସ୍ୱରୂପ । ଜୀବ ଭକ୍ତି ଦ୍ୱାରା ଭଗବତ୍ ସାକ୍ଷାତ୍‌କାର ଲାଭ କରେ । ଭକ୍ତି ଦ୍ୱାରା ଭଗବଦ୍ ଭାବାପନ୍ନ ହୋଇ ଜୀବ ସକଳ କ୍ଲେଶରୁ ମୁକ୍ତ ହୋଇଯାଏ ।

ବଲ୍ଲଭାଚାର୍ଯ୍ୟ ଶୁଦ୍ଧାଦ୍ୱୈତବାଦର ପ୍ରଧାନ ପ୍ରଚାରକ । ଏହି ମତର ପ୍ରବର୍ତ୍ତକ ରୁଦ୍ର ସମ୍ପ୍ରଦାୟର ବିଷ୍ଣୁସ୍ୱାମୀ ହେଲେ ହେଁ ପରବର୍ତ୍ତୀ କାଳରେ ଜ୍ଞାନଦେବ, ନାମଦେବ ଓ ତ୍ରିଲୋଚନ ପ୍ରମୁଖ ମହାତ୍ମା ପ୍ରଚାର ଓ ପ୍ରସାର ଘଟାଇଥିଲେ । ବଲ୍ଲଭାଚାର୍ଯ୍ୟ ଏହି ମାର୍ଗର ଅନୁସରଣ କରି ନିଜର ଶୁଦ୍ଧାଦ୍ୱୈତମୂଳକ ପୁଷ୍ଟିମାର୍ଗ ପ୍ରଚାର କଲେ ତଥା ବିଜୟନଗର ରାଜସଭାରେ ଅଦ୍ୱୈତମାର୍ଗୀମାନଙ୍କ ବିଦ୍‌ବତ୍ତା ବଳରେ ପରାସ୍ତ କରି ବିଜୟୀ ହୋଇଥିଲେ । ତାଙ୍କ ମତରେ ବ୍ରହ୍ମ ମାୟାଦ୍ୱାରା ଲିପ୍ତ ନୁହନ୍ତି, ତେଣୁ ନିତାନ୍ତ ଶୁଦ୍ଧ । ତାଙ୍କ ଦିବ୍ୟଦୃଷ୍ଟିରେ ଅଖିଳ ରସାମୂର୍ତ୍ତି ନିଖିଳ ଲୀଳାଧାମ ଶ୍ରୀକୃଷ୍ଣ ହିଁ ପୁରୁଷୋତ୍ତମ ଜଗନ୍ନାଥ । କ୍ଷରରୁ ଅତୀତ ଓ ଅକ୍ଷରରୁ ଉତ୍ତମ ହୋଇଥିବା ହେତୁ ପରଂବ୍ରହ୍ମଙ୍କୁ ଗୀତାରେ ପୁରୁଷୋତ୍ତମ ବୋଲି କୁହାଯାଇଛି । ଅକ୍ଷରବ୍ରହ୍ମ ଜ୍ଞାନୈକଗମ୍ୟ, ପରନ୍ତୁ ପୁରୁଷୋତ୍ତମ ଅନନ୍ୟ ଭକ୍ତି ଦ୍ୱାରା ପ୍ରାପ୍ତ ହୁଅନ୍ତି ବୋଲି ଗୀତାର ଅଷ୍ଟମ ଅଧ୍ୟାୟ ଦ୍ୱାବିଂଶ ଶ୍ଳୋକରେ ଉଲ୍ଲିଖିତ ।

ପୁରୁଷଃ ସ ପରଃ ପାର୍ଥ ଭକ୍ତ୍ୟା ଲଭ୍ୟସ୍ତ୍ୱନନ୍ୟୟା,

ଯସ୍ୟାନ୍ତଃସ୍ଥାନି ଭୂତାନି ଯେନ ସର୍ବମିଦଂ ତତମ୍ ।

ଏହି ଗୀତା ବାକ୍ୟର ଆଧାରରେ ବଲ୍ଲଭାଚାର୍ଯ୍ୟ ସିଦ୍ଧାନ୍ତ ନେଇଛନ୍ତି ଯେ ଶ୍ରୀକୃଷ୍ଣ ବା ଶ୍ରୀଜଗନ୍ନାଥ କେବଳ ଅନନ୍ୟ ଭକ୍ତି ଦ୍ୱାରା ପ୍ରାପ୍ତି ହୋଇଥାନ୍ତି ।

ମଧୁର ରସମୟ କୀର୍ତ୍ତନ ମାଧମରେ ମହାଭାବ ସୃଷ୍ଟିକାରୀ

ପ୍ରେମାବତାର ଗୌରାଙ୍ଗ ମହାପ୍ରଭୁ ବଲ୍ଲଭାଚାର୍ଯ୍ୟଙ୍କର ସମସାମୟିକ ଥିଲେ । ଶ୍ରୀଜଗନ୍ନାଥଙ୍କଠାରେ ରାଧାକୃଷ୍ଣଙ୍କର ସମ୍ମିଳିତ ସ୍ୱରୂପ ସଂଦର୍ଶନ ପୂର୍ବକ ସେ ଜୀବନର ଶେଷ ଅଠରବର୍ଷ ନୀଳାଚଳରେ ନିବାସ କରି ବ୍ରହ୍ମଲୀନ ହେଲେ । ତାଙ୍କ ମତରେ ଭଗବାନଙ୍କର ଅଚିନ୍ତ୍ୟ ଶକ୍ତି ହେତୁ ଶ୍ରୀଜଗନ୍ନାଥ ଦାରୁମୂର୍ତ୍ତି ହୋଇ ମଧ୍ୟ ବିଭୁ ଅଟନ୍ତି । ଏହି ପରିଚ୍ଛିନ୍ନତ୍ୱ ତଥା ବିଭୁତ୍ୱର ଯୁଗପତ୍ ସ୍ଥିତିର ବର୍ଣ୍ଣନା ବ୍ରହ୍ମସଂହିତା ପଞ୍ଚମ ଅଧ୍ୟାୟ ତେୟାଳିଶ ଶ୍ଳୋକରେ ବ୍ୟକ୍ତ ।

ପନ୍ଥାସ୍ତୁ କୋଟିଶତବତ୍ସରସ ପ୍ରଗମ୍ୟୋ,
ବାୟୋରଥାପି ମନସୋ ମୁନିପୁଙ୍ଗବାନାମ୍ ।
ସୋଽପ୍ୟସ୍ତି ଯତ୍ ପ୍ରପଦ ସୀମ୍ନ୍ୟ ବିଚିନ୍ତ୍ୟତତ୍ତ୍ୱେ,
ଗୋବିନ୍ଦମାଦି ପୁରୁଷଂ ତମହଂ ଭଜାମି ।

ଏହି ଦିବ୍ୟଦୃଷ୍ଟିରେ ଶ୍ରୀଚୈତନ୍ୟଙ୍କ ଦାର୍ଶନିକ ଚେତନା 'ଅଚିନ୍ତ୍ୟଭେଦାଭେଦ' ମତରେ ଶ୍ରୀଜଗନ୍ନାଥ ହିଁ ପରଂବ୍ରହ୍ମ ଶ୍ରୀକୃଷ୍ଣ । ଶ୍ରୀଚୈତନ୍ୟ ଓ ତାଙ୍କର ଅନୁଗାମୀବୃନ୍ଦ ଶ୍ରୀଜଗନ୍ନାଥଙ୍କୁ ରାଗାତ୍ମିକା ଭକ୍ତିଦ୍ୱାରା ପ୍ରିୟତମ ବିବେଚନା କରିଥିଲେ ।

ରାମାନନ୍ଦୀ ସମ୍ପ୍ରଦାୟର ବୈଷ୍ଣବବୃନ୍ଦ ପୁରୁଷୋତ୍ତମ ଜଗନ୍ନାଥଙ୍କୁ ପ୍ରଭୁ ଶ୍ରୀରାମ ସ୍ୱରୂପରେ ବିଚାର କରିଥା'ନ୍ତି । ପ୍ରାଚୀନଗ୍ରନ୍ଥ ପଦ୍ମପୁରାଣର ପାତାଳଖଣ୍ଡ ଗୁରୁମଣ୍ଡଳରେ ପୁରୁଷୋତ୍ତମ ଜଗନ୍ନାଥଙ୍କୁ ଶ୍ରୀରାମ ଓ ମହାଲକ୍ଷ୍ମୀଙ୍କୁ ସୀତା ବୋଲି କୁହାଯାଇଛି ।

ଯୋଽସୌ ନୀଳାଧିବାସୀଚ ସ ରାମଃ ପୁରୁଷୋତ୍ତମଃ
ସୀତା ସାକ୍ଷାତ୍ ମହାଲକ୍ଷ୍ମୀ ସର୍ବକାରଣ କାରଣମ୍ ।

ସଂସ୍କୃତ ବାଲ୍ମୀକି ରାମାୟଣ ବର୍ଣ୍ଣନାନୁସାରେ ଲଙ୍କାବିଜୟ ପରେ ପ୍ରଭୁ ଶ୍ରୀରାମ ଭକ୍ତ ବିଭୀଷଣଙ୍କୁ ଶ୍ରୀଜଗନ୍ନାଥଙ୍କ ଉପାସନା କରିବାକୁ ଉପଦେଶ ପ୍ରଦାନ କରିଥିଲେ । ଶ୍ରୀମନ୍ଦିର ଅଦ୍ୟାବଧି ବିଭୀଷଣ ବନ୍ଦାପନା ପରମ୍ପରା ଉଜ୍ଜୀବିତ ରହିଛି ।

କି ଚାନ୍ୟତ ବକ୍ତୁମିଚ୍ଛାମି ରାକ୍ଷସେନ୍ଦ୍ର ମହାବଳଃ
ଆରାଧୟ ଜଗନ୍ନାଥମିକ୍ଷାକୁ କୁଳଦୈବତମ୍ ।
(ବାଲ୍ମୀକି ରାମାୟଣ, ଉତ୍ତରକାଣ୍ଡ ୧୦୮/୨୮)

ଶ୍ରୀମନ୍ଦିରରେ ପବିତ୍ର ପୌଷପୂର୍ଣ୍ଣିମାରେ ଦାରୁବ୍ରହ୍ମ ଜଗନ୍ନାଥ ୧୦୮ କଳସ ସୁବାସିତ ଜଳରେ ସ୍ନାନ ଓ ଅଭିଷେକ ହେବା ପରେ ରଘୁନାଥ ବେଶ ଧାରଣ କରିଥା'ନ୍ତି । ଶ୍ରୀରାମାନୁଜାଚାର୍ଯ୍ୟ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ଶ୍ରୀସୁଭଦ୍ରାଙ୍କୁ ଶ୍ରୀରାମ, ଲକ୍ଷ୍ମଣ ଓ ସୀତା ବେଶ କରାଇଥିଲେ । ଷୋଡ଼ଶ ଶତାବ୍ଦୀରେ ଗଜପତି ରାମଚନ୍ଦ୍ରଦେବ ସ୍ୱ-ରାଜତ୍ୱର ୧୧ଅଙ୍କ ଶ୍ରାବଣ ଶୁକ୍ଳନବମୀରେ ରତ୍ନସିଂହାସନରେ ଠାକୁରଙ୍କୁ ବିଜେ କରାଇଥିଲେ ଏବଂ ରାମାଭିଷେକ ମୋହର ପ୍ରଚଳନ କରାଇଥିଲେ । ସେ ବହୁ ଅର୍ଥବ୍ୟୟରେ ବିଭିନ୍ନ ରତ୍ନଅଳଙ୍କାର ନିର୍ମାଣ ପୂର୍ବକ ପ୍ରଥମେ ଶ୍ରୀଜଗନ୍ନାଥଙ୍କୁ ରଘୁନାଥବେଶ କରାଇଥିଲେ । ଶ୍ରୀମନ୍ଦିର ଅଭିଲେଖରୁ ଜଣାଯାଏ ଯେ ପରମ୍ପରାନୁସାରେ ବୈଶାଖ ମାସରେ ଯେଉଁ ତିଥିରେ ରାମଚନ୍ଦ୍ର ଦେବଙ୍କ ଅଭିଷେକ ଉତ୍ସବ ପଡ଼ିଥାଏ ସେହି ତିଥିରେ ରଘୁନାଥ ବେଶ ଅନୁଷ୍ଠିତ ହୋଇଥାଏ । ରାମାନନ୍ଦୀ ଆଚାର୍ଯ୍ୟବୃନ୍ଦ ଉଦ୍‌ଘୋଷଣା କରିଛନ୍ତି ।

ଲକ୍ଷ୍ମଣଂ ବଳରାମଂ ଚ ରାଘବଃ ପୁରୁଷୋତ୍ତମଃ
ମୈଥିଳୀ ଭକ୍ତି ରୂପାଶ୍ଚ ସୁଭଦ୍ରା ଚାରୁହାସିନୀ,
ଆଞ୍ଜନେୟ ମହାବୀରଂ କ୍ଷେତ୍ରସ୍ୟ ରକ୍ଷକୋତ୍ତମ୍
ରାମାନନ୍ଦ ଗୁରୁର୍ବନ୍ଦେ ଶ୍ରୀକ୍ଷେତ୍ରେ ଧ୍ୱଜ ରକ୍ଷକମ୍ ।

ଶ୍ରୀରାମଚରିତ ମାନସର ରଚୟିତା ଗୋସ୍ୱାମୀ ତୁଳସୀଦାସ ଶ୍ରୀଜଗନ୍ନାଥ ଚେତନାର ମହାଭାବରେ ଅନୁପ୍ରାଣିତ ହୋଇ ଦାରୁବ୍ରହ୍ମଙ୍କୁ ଦର୍ଶନ କରିବା ପରେ ଗାଇଥିଲେ ।

ଯୋଇ ରାମ ସୋଇ ଜଗଦୀସା, ଜିହ୍ନହିକା ଅନ୍ତ ନ ପାଓ୍ୱତ ଶେଷା ।
ଶେଷ ଭୟେ ଲଚ୍ଛମନ ଅନୁଚାରୀ, ଭଦ୍ରା ଯେ ସୀୟ ଜନକ କୁମାରୀ ।
ବଳଉଁ ସୁଦ୍ଧ ବ୍ରହ୍ମ ଅବିନାସୀ, ଜୟ ହନୁମାନ ରାମ ପଦ ଦାସୀ ।

ପ୍ରାଚୀନ ଯୋଗଦର୍ଶନରେ ଈଶ୍ୱରଙ୍କ ସ୍ଥାନ ଅତ୍ୟନ୍ତ ମହତ୍ତ୍ୱଶାଳୀ । ଯୋଗ ଶବ୍ଦରେ କ୍ଳେଶ, କର୍ମ, ବିପାକ ତଥା ଆଶ୍ରୟ ଶୂନ୍ୟ ପୁରୁଷଙ୍କୁ ଈଶ୍ୱର କୁହାଯାଏ । ଈଶ୍ୱର ସଦା ମୁକ୍ତ । ଏହି ତତ୍ତ୍ୱକୁ ହୃଦୟଙ୍ଗମ କରି ନାଥଯୋଗୀ ସତ୍ୟନାଥ ଓ ଗୋରେଖନାଥ ପ୍ରମୁଖ ପୁରୁଷୋତ୍ତମ ଜଗନ୍ନାଥଙ୍କୁ ଈଶ୍ୱର ଜ୍ଞାନ କରିଥିଲେ । ନୀଳାଚଳଧାମ ସନ୍ନିକଟ ଗିରିବନ୍ତଠାରେ ମହାଯୋଗୀ ନଙ୍ଗାବାବା ବା ତୋତାପୁରୀ ଦୀର୍ଘକାଳ ଶ୍ରୀଜଗନ୍ନାଥଙ୍କୁ ଧ୍ୟାନପୂର୍ବକ ମହାସମାଧିରେ ପ୍ରବେଶ କରିଥିଲେ । ସେ ନିରାସକ୍ତ ସାଧନାଦ୍ୱାରା କୈବଲ୍ୟ ଅନୁଭବ କରିଥିଲେ ତଥ୍ୟ ପୁରୁଷାର୍ଥଶୂନ୍ୟ ହେବାପରେ ତାଙ୍କର ସକଳଗୁଣମାନଙ୍କର ସ୍ୱକାରଣରେ ପ୍ରବିଲୟ ଘଟିଥିଲା । ମହନୀୟତା ହେଉଛି, ଯୋଗୀବୃନ୍ଦ ପୁରୁଷୋତ୍ତମ ଜଗନ୍ନାଥଙ୍କୁ ଜ୍ୟୋତିରୂପୀକୁଣ୍ଡଳିନୀ ରୂପେ ବିବେଚନା କରିଥା'ନ୍ତି ।

ସର୍ବଲକ୍ଷଣ ସମ୍ପୂର୍ଣ୍ଣଂ ସର୍ବେନ୍ଦ୍ରିୟ ବିବର୍ଜିତମ୍,
କୂଟସ୍ଥ ମଚଳଂ ସୂକ୍ଷ୍ମ ଜ୍ୟୋତିରୂପ ସନାତନମ୍ ।
ଭାବ ଭାଷା ବିନିର୍ମୁକ୍ତଂ ବ୍ୟାପିନଂ ପ୍ରକୃତଃ ପରମ୍,
ନମସ୍ୟାମି ଜଗନ୍ନାଥମୀଶ୍ୱରଂ ସୁଖଦଂ ପ୍ରଭୁମ୍ ।

ନ୍ୟାୟ ଦର୍ଶନରେ ଈଶ୍ୱରଙ୍କୁ ନିମିତ୍ତ କାରଣ ରୂପରେ ଜଗତର ସ୍ରଷ୍ଟା ବୋଲି କୁହାଯାଇଛି, ଅଥଚ ମାନବୀୟ ଭାବର ଦୁର୍ବଳତା ଦର୍ଶାଯାଇଛି । ବେଦାନ୍ତ ଶାସ୍ତ୍ର ସମ ନ୍ୟାୟଶାସ୍ତ୍ର ଈଶ୍ୱରଙ୍କୁ ଜଗତର ଉପାଦାନ ତଥା ନିମିତ୍ତର କାରଣ ରୂପେ ସ୍ୱୀକାର କରିଛି । ଧ୍ୟାନ ଦ୍ୱାରା ଆତ୍ମସାକ୍ଷାତକାର ବା ଈଶ୍ୱର ଦର୍ଶନ କରିଥିବା ପୁରୁଷଙ୍କୁ ଜୀବନ୍ମୁକ୍ତ କୁହାଯାଏ । ଜଗଦ୍‌ଗୁରୁ ଆଦି ଶଙ୍କରାଚାର୍ଯ୍ୟ ଥିଲେ ଜୀବନ୍ମୁକ୍ତ । ସେ ପୁରୁଷୋତ୍ତମ ଜଗନ୍ନାଥଙ୍କୁ ଦର୍ଶନ, ଅନୁଭବ ଓ ଉପଲବ୍ଧି ପରେ ଆତ୍ମାର ଅପରୋକ୍ଷାନୁଭୂତିରେ ପ୍ରାତଃ ସ୍ମରଣୀୟ ପୁରୁଷୋତ୍ତମ ରୂପରେ ପ୍ରାର୍ଥନା କରିଥିଲେ ।

ପ୍ରାତର୍ନମାମି ତମସଃ ପରମର୍କ ବର୍ଣ୍ଣମ୍,
ପୂର୍ଣ୍ଣସନାତନ ପଦଂ ପୁରୁଷୋତ୍ତମାଖ୍ୟାମ୍,
ଯସ୍ମିନିଦଂ ଜଗତଶେଷମଶେଷ ମୂର୍ତ୍ତୌ,
ରଜ୍ଜା ଭୁଜଙ୍ଗମ ଇବ ପ୍ରତିଭାସିତ ବୈ ।

ଏହି ଦିବ୍ୟଦୃଷ୍ଟିରେ ନ୍ୟାୟଶାସ୍ତ୍ରୀମାନେ ପ୍ରାରବ୍ଧକୁ ନାଶ କରିବା ନିମିତ୍ତ ଶ୍ରୀଜଗନ୍ନାଥ ଉପାସନା ଉପରେ ଗୁରୁତ୍ୱ ପ୍ରଦାନ କରିଅଛନ୍ତି ।

ବୈଶେଷିକ ଦର୍ଶନ ଭାରତର ଏକ ପ୍ରାଚୀନ ଦର୍ଶନ। ସକଳ ବୈଶେଷିକ ପଣ୍ଡିତ ଈଶ୍ୱରଙ୍କ ସିଦ୍ଧି ଏକମତରେ ସ୍ୱୀକାର କରିଛନ୍ତି। ବୈଶେଷିକ ଦର୍ଶନର ସିଦ୍ଧାନ୍ତ ହେଉଛି, ତତ୍ତ୍ୱଜ୍ଞାନ ଦ୍ୱାରା ଆତ୍ମାର ଯଥାର୍ଥ ରୂପର ଅନୁଭୂତି ଅର୍ଜନ ହେବାପରେ ନିଃଶ୍ରେୟସ ପ୍ରାପ୍ତି ହୁଏ। ଏହି ତତ୍ତ୍ୱଜ୍ଞାନ ନିମିତ୍ତ ବୈଶେଷିକବାଦୀଗଣ ପୁରୁଷୋତ୍ତମ ଜଗନ୍ନାଥଙ୍କୁ ନିଜର ଇଷ୍ଟ ରୂପରେ ମାନିଥାଆନ୍ତି। ବୈଶେଷିକମାନଙ୍କର ସିଦ୍ଧାନ୍ତ ତାର୍କିକ ଦୃଷ୍ଟିରେ ସର୍ବମାନ୍ୟ ନହେଲେ ମଧ୍ୟ ଆଧୁନିକ ଭୌତିକ ବିଜ୍ଞାନସଦୃଶ ବୈଶେଷିକଙ୍କର ଭୌତିକ ଜଗତର ସମୀକ୍ଷା ଲୌକିକ ଦୃଷ୍ଟିରେ ନିତାନ୍ତ ଉପାଦେୟ ଓ ଗ୍ରାହ୍ୟ। ତତ୍ତ୍ୱପ୍ରାସାଦର ଏହି ପାବଛ୍ଛସମୂହ ସାହାଯ୍ୟରେ ଅଦ୍ୱୈତତତ୍ତ୍ୱର ଉପଲବ୍ଧି କାମନାରେ ବୈଶେଷିକ ବାଦୀଗଣ ଶ୍ରୀଜଗନ୍ନାଥଙ୍କର କୃପାପ୍ରାର୍ଥୀ ହୋଇଥାଆନ୍ତି।

ସାଂଖ୍ୟଦର୍ଶନ ମଧ୍ୟ ଏକ ପ୍ରାଚୀନ ଦର୍ଶନ। ଏହି ଦର୍ଶନର ସିଦ୍ଧାନ୍ତ ହେଉଛି, ପ୍ରକୃତି ଓ ପୁରୁଷର ବିଶୁଦ୍ଧ ଜ୍ଞାନ ପ୍ରାପ୍ତିରେ ଦୁଃଖର ନିବୃତ୍ତି ଘଟିଥାଏ। ଏହି ଜ୍ଞାନର ପାରିଭାଷିକ ସଂଜ୍ଞା ହେଉଛି "ପ୍ରକୃତି ପୁରୁଷାନ୍ୟଆଖ୍ୟାତି" ବା "ପ୍ରକୃତି ପୁରୁଷବିବେକ"। ଶ୍ରୀମଦ୍ ଭାଗବତ, ଶ୍ରୀମଦ୍ ଭଗବଦ୍ ଗୀତା ଓ ଅନ୍ୟାନ୍ୟ ପୁରାଣରେ ସାଂଖ୍ୟ ତତ୍ତ୍ୱର ଗଭୀର ତତ୍ତ୍ୱାଲୋଚନା ପରିଦୃଷ୍ଟ ହୁଏ। ସାଂଖ୍ୟଦର୍ଶନ ଦ୍ୱୈତମତର ପ୍ରତିପାଦନ, ଯହିଁରେ ପ୍ରକୃତି ଓ ପୁରୁଷଙ୍କୁ ଦ୍ୱିବିଧ ମୂଳତତ୍ତ୍ୱ ଓ ପାରସ୍ପରିକ ସମ୍ବନ୍ଧ ଦ୍ୱାରା ଜଗତ ସୃଷ୍ଟ ବୋଲି କୁହାଯାଇଛି। ପୁରୁଷ ତ୍ରିଗୁଣାତୀତ ଓ ସାକ୍ଷାତ୍ ଚୈତନ୍ୟ ସ୍ୱରୂପ। ପ୍ରକୃତିର ଧର୍ମ କ୍ରିୟାଶୀଳତା ଅଥଚ ପୁରୁଷ ନିଷ୍କ୍ରିୟ। ପୁରୁଷ କେବଳ ସାକ୍ଷୀ ଓ ଦ୍ରଷ୍ଟାମାତ୍ର। ଦାରୁବ୍ରହ୍ମ ଶ୍ରୀଜଗନ୍ନାଥ ନିଷ୍କ୍ରିୟ, ସାକ୍ଷୀ ଓ ଦ୍ରଷ୍ଟା। ତେଣୁ ସାଂଖ୍ୟ ମତରେ ପୁରୁଷୋତ୍ତମ ଜଗନ୍ନାଥ ସଚ୍ଚିଦାନନ୍ଦ ବିଗ୍ରହ। ମନୁଷ୍ୟ ଦୁଃଖଦ୍ୱାରା ବ୍ୟଥିତ ହୋଇ ମୁକ୍ତିଲାଗି ପ୍ରଯତ୍ନଶୀଳ ବା କୈବଲ୍ୟାର୍ଥେ ପ୍ରବୃତ୍ତ। ସେହି କୈବଲ୍ୟ ଦାତା ହିଁ ଶ୍ରୀଜଗନ୍ନାଥ।

ବେଦାନ୍ତ ବର୍ଣ୍ଣିତ ଜ୍ଞାନକାଣ୍ଡ ପୂର୍ବରୁ କର୍ମକାଣ୍ଡର ପ୍ରଚଳନ ଓ ଲୋକପ୍ରିୟତା ରହିଥିଲା। ତେଣୁ କର୍ମକାଣ୍ଡ ବା କର୍ମମୀମାଂସାକୁ ପୂର୍ବମୀମାଂସା ତଥା ଜ୍ଞାନକାଣ୍ଡ ବା ଜ୍ଞାନମୀମାଂସାକୁ ଉତ୍ତର ମୀମାଂସା କୁହାଯାଏ। ପ୍ରାଚୀନ ମୀମାଂସା ଗ୍ରନ୍ଥମାନଙ୍କରେ ଈଶ୍ୱରଙ୍କ ସତ୍ତାକୁ ସ୍ୱୀକାର କରାଯାଇ ନଥିଲେ ହେଁ ପରବର୍ତ୍ତୀ ମୀମାଂସକମାନେ ଈଶ୍ୱରଙ୍କୁ ଯଜ୍ଞପତି ରୂପରେ ସ୍ୱୀକାର କରିଅଛନ୍ତି। ସେମାନେ ଈଶ୍ୱର ସମର୍ପଣ ସଦ୍ଧାନ୍ତକୁ ଶ୍ରୁତିମୂଳକ ସ୍ୱୀକାର କରି ସମସ୍ତ କାର୍ଯ୍ୟମାନଙ୍କର ଫଳକୁ ଈଶ୍ୱରାର୍ପିତ କରିବାକୁ ଉପଦେଶ ପ୍ରଦାନ କରିଛନ୍ତି। ଯଜ୍ଞଯାଗାଦି ବୈଦିକ ଅନୁଷ୍ଠାନର ତାତ୍ତ୍ୱିକ ବିବେଚନା ମୀମାଂସାର ମୋକ୍ଷ ବିଷୟ। ମହାଦାରୁରୁ ଚତୁର୍ଦ୍ଧାମୂର୍ତ୍ତି ନିର୍ମାଣ ବୈଦିକ ଯଜ୍ଞ ପ୍ରକ୍ରିୟାରେ ହିଁ ସମାହିତ ହୋଇଥିଲା। ଶ୍ରୀଜଗନ୍ନାଥଙ୍କୁ ନବକଳେବରର ଦାରୁସଂଗ୍ରହ, ମୂର୍ତ୍ତି ନିର୍ମାଣ ଓ ନ୍ୟାସଦାରୁ ପ୍ରତିଷ୍ଠା ପ୍ରଭୃତି ଯାଜ୍ଞିକ ପ୍ରକ୍ରିୟାରେ ସମ୍ପନ୍ନ ହୋଇଥାଏ। କେବଳ ସେତିକି ନୁହେଁ, ଶ୍ରୀଜଗନ୍ନାଥଙ୍କର ନିତ୍ୟନୈମିତ୍ତିକ ପୂଜା ନିମିତ୍ତ ବୈଦିକକର୍ମର ଏକାନ୍ତ ପ୍ରୟୋଜନୀୟତା ରହିଛି। ଶ୍ରୀଜଗନ୍ନାଥ ମୂଳତଃ ବୈଦିକ ଦେବତା ହୋଇଥିବାରୁ ତାଙ୍କ ଉପାସନାରେ ମୀମାଂସା ଶାସ୍ତ୍ରର ଅନୁଶୀଳନ ହିଁ ଧର୍ମାଚାର। ମୀମାଂସାଦର୍ଶନ ଉପରେ ଆଧାର କରି ଶ୍ରୀଜଗନ୍ନାଥ ଧର୍ମର ବ୍ୟାଖ୍ୟା ହୋଇଥାଏ।

ଶୈବତନ୍ତ୍ରରେ ଶ୍ରୀବଳଭଦ୍ରଙ୍କୁ ଶିବସ୍ୱରୂପ ଚିନ୍ତନ କରାଯାଏ। ଶିବପୁରାଣରେ ଶିବଙ୍କୁ ଜଗନ୍ନାଥ କୁହାଯାଇଛି। ଶୈବତନ୍ତ୍ରବାଦୀ ନାଥ ସମ୍ପ୍ରଦାୟ ଜଗନ୍ନାଥଙ୍କୁ ଆପଣାର ଇଷ୍ଟ ବିବେଚନା କରିଥାନ୍ତି। ନାଥଯୋଗୀ ସତ୍ୟନାଥ ଦାରୁବ୍ରହ୍ମଙ୍କୁ ପ୍ରଥମେ ଜଗନ୍ନାଥ ନାମରେ ସମ୍ବୋଧନ କରିଥିଲେ। ସତ୍ୟନାଥଙ୍କ ଗୁରୁ ମହାଯୋଗୀ ଗୋରେଖନାଥ ମୂର୍ତ୍ତି ଶ୍ରୀମନ୍ଦିର ପରିସରରେ ପୂଜା ପାଉଅଛି। ଆଦି ଶଙ୍କରାଚାର୍ଯ୍ୟ ଚତୁର୍ଦ୍ଧାମୂର୍ତ୍ତିଙ୍କ ମଧ୍ୟରେ ଆପଣାର ଇଷ୍ଟ ଶିବଙ୍କୁ ଦର୍ଶନ କରିଥିଲେ। ଶୈବତନ୍ତ୍ର ପ୍ରଭାବରେ ଈଶାନେଶ୍ୱର, ଅଗ୍ନିଶ୍ୱର,, ଲୋକନାଥ, ମାର୍କଣ୍ଡେଶ୍ୱର, ଯମେଶ୍ୱର, କପାଳମୋଚନ ଓ ନୀଳକଣ୍ଠ ପଞ୍ଚପାଣ୍ଡବ ସ୍ୱରୂପରେ ଶ୍ରୀଜଗନ୍ନାଥଙ୍କ ଚଳନ୍ତି ପ୍ରତିମା ମଦନମୋହନଙ୍କ ସହିତ ଜଳକ୍ରୀଡ଼ା କରିବାର ପରମ୍ପରା ରହିଛି। ଶୀତଳଷଷ୍ଠୀ ତିଥିରେ ଶିବ ଓ ପାର୍ବତୀଙ୍କର ବିବାହ ପରେ ବରକନ୍ୟା ଶ୍ରୀଜଗନ୍ନାଥଙ୍କ ନିମନ୍ତ୍ରଣକ୍ରମେ ଶ୍ରୀମନ୍ଦିରରେ ପଞ୍ଚୁଗ୍ରାସୀ କରିଥା'ନ୍ତି। ଶ୍ରୀଜଗନ୍ନାଥଙ୍କ ବିବାହ କାର୍ଯ୍ୟ ସମ୍ପନ୍ନ ପରେ ଚମ୍ପକ ଦ୍ୱାଦଶୀରେ ମହାବାହୁ ଯମେଶ୍ୱର ମନ୍ଦିରକୁ ବିଜେ କରିଥା'ନ୍ତି, ଶୈବତନ୍ତ୍ରର ସାଧକବୃନ୍ଦ ଶ୍ରୀଜଗନ୍ନାଥଙ୍କୁ ମହାଭୈରବ ସ୍ୱରୂପରେ ଉପାସନା କରିଥା'ନ୍ତି। ଶୈବସଂସ୍କୃତିର ପ୍ରଭାବରେ ଶ୍ରୀମନ୍ଦିରରେ ଶିବରାତ୍ରି, ଶୀତଳଷଷ୍ଠୀ, କୁକ୍କୁଟୀବ୍ରତ, ଅଶୋକାଷ୍ଟମୀ ଓ ଋଷି ପଞ୍ଚମୀ ପ୍ରଭୃତି ଶୈବପର୍ବ ପାଳିତ ହୋଇଥାଏ। ଶୈବମାନଙ୍କ ମତରେ:-

ଯୋ ରୁଦ୍ରଃ ସୋ ସ୍ୱୟଂ ବିଷ୍ଣୁ ସୋ ମହେଶ୍ୱର,
ଉଭୟୋରନ୍ତରଂ ନାସ୍ତି ପବନାକାଶ ୟୋରିବଃ।

ଶାକ୍ତଦର୍ଶନରେ ଶ୍ରୀଜଗନ୍ନାଥଙ୍କୁ ମହାକାଳୀ ବିବେଚନା କରାଯାଏ।

ଶ୍ରୀଜଗନ୍ନାଥ ହେଉଛନ୍ତି ଶ୍ରୀଚକ୍ରପୀଠରୁ ପୀଠାଧୀଶ୍ୱର ଓ ଦେବୀ ବିମଳା ହେଉଛନ୍ତି ପୀଠାଧୀଶ୍ୱରୀ । ଶ୍ରୀଚକ୍ର ବା ଭୈରବୀ ଚକ୍ରରେ ବିମଳା ଭୈରବୀ ଓ ଜଗନ୍ନାଥ ଭୈରବ ଅଟନ୍ତି । ମହାଶକ୍ତିମୟୀ ମହାଭୈରବୀ ବିମଳାଙ୍କ ସହିତ ମହାଶକ୍ତିମାନ ମହାଭୈରବ ଜଗନ୍ନାଥଙ୍କର ତାନ୍ତ୍ରିକ ଉପାସନା ଧାରା ପ୍ରବର୍ତ୍ତନ ହୋଇ ପୁରୀ ବିଶ୍ୱପ୍ରସିଦ୍ଧ ତନ୍ତ୍ରପୀଠର ମାନ୍ୟତା ଲାଭ କରିଛି । ନୀଳତନ୍ତ୍ରର ଅନୁଗାମୀବୃନ୍ଦ ବଳଭଦ୍ରଙ୍କୁ ତାରା, ସୁଭଦ୍ରାଙ୍କୁ ଭୁବନେଶ୍ୱରୀ ଓ ଜଗନ୍ନାଥଙ୍କୁ ଦକ୍ଷିଣକାଳୀ ବିବେଚନା କରିଥାଆନ୍ତି ।

ତାରାୟନ୍ତ୍ର ମହାଶେଷ ସୁଭଦ୍ରା ଭୁବନେଶ୍ୱରୀମ୍
ଶ୍ୟାମଚକ୍ରେ ଜଗନ୍ନାଥଂ ଦକ୍ଷିଣକାଳିକା ସ୍ୱୟମ୍ ।

ପ୍ରସିଦ୍ଧ ତନ୍ତ୍ରଶାସ୍ତ୍ର ତନ୍ତ୍ରଯାମଳ ଛବିଶ ଅଧ୍ୟାୟରେ ପୁରୁଷୋତ୍ତମ କ୍ଷେତ୍ରକୁ ଭୂସ୍ୱର୍ଗ କୁହାଯାଇଛି ।

ଭାରତେଚୋତ୍କଳେ ଦେଶେ ଭୂସ୍ୱର୍ଗେ ପୁରୁଷୋତ୍ତମ,
ଦାରୁରୂପୀ ଜଗନ୍ନାଥୋ ଭକ୍ତନାମ ଭୟପ୍ରଦଃ ।

ଉଡ୍ଡୀଶତନ୍ତ୍ରରେ ମଧ୍ୟ ସୁଭଦ୍ରାଙ୍କୁ ଯୋଗମାୟା ବା ମୂଳପ୍ରକୃତି ରୂପରେ ଚିତ୍ରଣ କରାଯାଇଛି । ଉଡ୍ଡୀୟାନପୀଠର କେନ୍ଦ୍ରସ୍ଥଳରେ ଆତ୍ମଶକ୍ତି ସୁଭଦ୍ରା ସପ୍ତାବରଣ ଶକ୍ତିଦ୍ୱାରା ପରିବେଷ୍ଟିତା ହୋଇ ସକଳ ସୃଷ୍ଟିର ଭଦ୍ର ବା ମଙ୍ଗଳ ବିଧାନ କରୁଅଛନ୍ତି ।

ଭାରତରେ ଅଗଣିତ ନାନକପନ୍ଥୀ ଓ କବୀରପନ୍ଥୀ ଶ୍ରୀଜଗନ୍ନାଥଙ୍କୁ ଇଷ୍ଟରୂପେ ସ୍ୱୀକାର କରିଛନ୍ତି । ଗୁରୁନାନକ ଶ୍ରୀମନ୍ଦିରରେ ପ୍ରବେଶ କରିନପାରି ସମୁଦ୍ର ତଟରେ ଧ୍ୟାନସ୍ଥ ଥିବା ସମୟରେ ପୂଜାପଣ୍ଡାଙ୍କ ହାତରୁ ଆଳତି ଦୀପ ଯାଇ ତାଙ୍କ ଚତୁଃପାର୍ଶ୍ୱରେ ବୁଲିଥିଲା । ଏହା ଦର୍ଶନ କରି ଅଗଣିତ ଭକ୍ତ ବିସ୍ମିତ ହୋଇଯାଇଥିଲେ । ଗୁରୁନାନକ ପୁରୀରେ ପଞ୍ଜାବୀମଠ ଓ ତାଙ୍କ ପୁତ୍ର ବାଉଳିମଠ ସ୍ଥାପନା କରିଥିଲେ । ନାନକପନ୍ଥୀମାନେ ଏହି ମଠରେ ଗ୍ରନ୍ଥସାହେବ ନିକଟରେ ଶ୍ରୀଜଗନ୍ନାଥଙ୍କ ବିଗ୍ରହ ରଖି ପୂଜା କରୁଛନ୍ତି । ସେମାନଙ୍କ ମତରେ ଶ୍ରୀଜଗନ୍ନାଥ ହିଁ ଜଗଦୀଶ ।

ସଦ୍‌ଗୁରୁ କହତ ଏ ଭାବଦିୟାନି,
ଅଲଖ ଅଗମ ଜଗଦୀଶ ହଜାନି ।

ସନ୍ଥ କବୀର ରାମାନନ୍ଦଙ୍କର ଶିଷ୍ୟ ହେଲେ ହେଁ ନିର୍ଗୁଣବାଦୀ ଥିଲେ । ସେ ପୁରୀ ଆଗମନ କରିଥିଲେ ହେଁ ମୁସଲମାନ ହୋଇଥିବାରୁ ଶ୍ରୀଜଗନ୍ନାଥ ମନ୍ଦିରରେ ପ୍ରବେଶ କରି ପାରିନଥିଲେ । ସମୁଦ୍ରତଟରେ ତାଙ୍କ ପ୍ରତିଷ୍ଠିତ ଆଶ୍ରମ କବୀର ଚଉରା ନାମରେ ପ୍ରସିଦ୍ଧ । କବୀରପନ୍ଥୀଙ୍କ ମତରେ ଶ୍ରୀଜଗନ୍ନାଥ ହିଁ ପରମଜ୍ୟୋତି ସ୍ୱରୂପ ଆଦି ପୁରୁଷ ।

କବୀରନ ସୁନହ ଚିହ୍ନହୁ କଳିଧାମା,
ଆଦି ପୁରୁଷ ଯହିଁ ଜ୍ୟୋତି ସମାନା ।

ଜୈନଦର୍ଶନରେ ସମ୍ୟକ ଦର୍ଶନ, ସମ୍ୟକ ଜ୍ଞାନ ଓ ସମ୍ୟକ ଚାରିତ୍ରକୁ ଜୈନତ୍ରିରତ୍ନ କୁହାଯାଇଛି । ଏହି ତ୍ରିରତ୍ନର ଅଧିକାରୀ ହେବା ନିମିତ୍ତ ଜୈନମାନେ ଶ୍ରୀଜଗନ୍ନାଥଙ୍କୁ ଜୀନନାଥ ବିବେଚନା କରିଥାନ୍ତି । କେତେକଙ୍କ ମତ ଆଷାଢ଼ ଶୁକ୍ଳ ଦ୍ୱିତୀୟା ବା ଶ୍ରୀଗୁଣ୍ଡିଚା ତିଥି ହେଉଛି ଜୈନଧର୍ମର ପ୍ରଥମ ତୀର୍ଥଙ୍କର ଋଷଭନାଥଙ୍କର ଗର୍ଭକଲ୍ୟାଣ ତିଥି । ଜୈନମୂର୍ତ୍ତିଙ୍କର ଅଭିଷେକ ସହିତ ଶ୍ରୀଜଗନ୍ନାଥଙ୍କର ସ୍ନାନୋତ୍ସବର ସାମଞ୍ଜସ୍ୟ ରହିଛି । ଗବେଷକଙ୍କ ମତରେ ଜୈନଧର୍ମର ବଦ୍ଧମଙ୍ଗଳ ଓ ନଳୀପଦ ସଙ୍କେତଦ୍ୱୟର ମିଶ୍ରଣରେ ଜଗନ୍ନାଥ ମୂର୍ତ୍ତି ନିର୍ମିତ । ଏହି ଦିବ୍ୟଦୃଷ୍ଟିରେ ଜୈନଦର୍ଶନରେ କୈବଲ୍ୟଦାତା ହିଁ ଶ୍ରୀଜଗନ୍ନାଥ । ଶ୍ରୀମନ୍ଦିର ପରିସରରେ ଥିବା କଳ୍ପବଟ ମଧ୍ୟ ଜୈନଧର୍ମର କଳ୍ପତରୁରୁ ଉଦ୍ଭବ ବୋଲି କେତେକଙ୍କର ବିଶ୍ୱାସ । ଜୈନଧର୍ମ ସଦୃଶ ବୌଦ୍ଧଧର୍ମରେ ମଧ୍ୟ 'ଶ୍ରୀଜଗନ୍ନାଥ' ଶବ୍ଦ ବୁଦ୍ଧଙ୍କ ଅର୍ଥରେ ବହୁଶାସ୍ତ୍ରରେ ବ୍ୟବହୃତ ହୋଇଛି । ସମ୍ଭବତଃ ବୌଦ୍ଧମାନେ ଶ୍ରୀଜଗନ୍ନାଥ ଉପାସନାରେ ଅନୁପ୍ରାଣିତ ହୋଇ ବୁଦ୍ଧଙ୍କୁ ଜଗନ୍ନାଥ କହିଥିଲେ । କେତେକଙ୍କ ମତ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ହେଉଛନ୍ତି ବୌଦ୍ଧତ୍ରିରତ୍ନର ପ୍ରତୀକ । ବୁଦ୍ଧ, ଧର୍ମ ଓ ସଂଘ ଏହି ତ୍ରିରତ୍ନରୁ ତ୍ରିମୂର୍ତ୍ତି କଳ୍ପିତ ବୋଲି ଗବେଷକମାନେ ମତ ପ୍ରଦାନ କରିଥାନ୍ତି । ବୌଦ୍ଧ ତନ୍ତ୍ରସାଧକ ଅନଙ୍ଗବଜ୍ର ସ୍ୱରଚିତ 'ପ୍ରଜ୍ଞାପାୟେବିନିଶ୍ଚୟସିଦ୍ଧି' ଗ୍ରନ୍ଥରେ ପ୍ରଥମେ ବୁଦ୍ଧଙ୍କୁ ଶ୍ରେଷ୍ଠତନ୍ତ୍ରଦେବତା ଜଗନ୍ନାଥ ଉଲ୍ଲେଖ କରିଥିଲେ ।

ସଦା ପରିହିତ ସୌବ ଚର୍ଯ୍ୟାୟାଦ୍ଧକର୍ମ୍ୟଚେତ୍‌ସା,
ପର୍ଯ୍ୟୁପାସୋ ଜଗନ୍ନାଥ ଗୁରୁ ସର୍ବାର୍ଥ ସିଦ୍ଧିଦଃ ।

ସେ ମଧ୍ୟ 'ହେ ବଜ୍ର ସାଧନା'ରେ ଜଗନ୍ନାଥଙ୍କୁ ତନ୍ତ୍ରଦେବତା ନାମରେ ଅଭିହିତ କରିଛନ୍ତି । ତଦୀୟ ଶିଷ୍ୟ ଇନ୍ଦ୍ରଭୂତି ଶ୍ରୀଜଗନ୍ନାଥଙ୍କୁ ତନ୍ତ୍ରଦେବତା ଭାବରେ 'ଜ୍ଞାନସିଦ୍ଧ' ଗ୍ରନ୍ଥରେ ପ୍ରଗତି ଜଣାଇଛନ୍ତି ।

ପ୍ରଣିପତ୍ୟ ଜଗନ୍ନାଥଂ ସର୍ବଜନ ବରାର୍ଚ୍ଚିତମ୍
ସର୍ବବୁଦ୍ଧମୟଂ ସିଦ୍ଧି ବ୍ୟାପିନୋ ଗଗନୋପମ୍ ।

ଏହି ଗ୍ରନ୍ଥରେ ଇନ୍ଦ୍ରଭୂତି ବୁଦ୍ଧଙ୍କୁ ଜଗନ୍ନାଥ ନାମରେ ସମ୍ବୋଧନ କରିଛନ୍ତି । ପରବର୍ତ୍ତୀ କାଳରେ ଓଡ଼ିଶାର ସିଦ୍ଧସାଧକ ବୃନ୍ଦ ଜଗନ୍ନାଥ ଓ ବୁଦ୍ଧଙ୍କୁ ଏକ ଓ ଅଭିନ୍ନ ବୋଲି ବିବେଚନା କରିଛନ୍ତି ।

ଭାରତରେ ଜନ୍ମ ନେଇଥିବା ପ୍ରତ୍ୟେକ ଦର୍ଶନରେ ଶ୍ରୀଜଗନ୍ନାଥ ପରଂବ୍ରହ୍ମ ତଥା ବିଶ୍ୱନିୟନ୍ତା ଭାବରେ ସ୍ୱୀକୃତ । ତାଙ୍କ ଉପାସନା ଧାରାରେ ସକଳ ଦାର୍ଶନିକ ତତ୍ତ୍ୱର ମହାମିଳନ ଘଟିଛି । ଏପରିକି ଅନେକ ଦାର୍ଶନିକ ଶ୍ରୀମନ୍ଦିରର ପ୍ରବେଶାଧିକାର ପାଇନଥିଲେ ହେଁ ଶ୍ରୀଜଗନ୍ନାଥଙ୍କୁ ଇଷ୍ଟ ରୂପେ ସ୍ୱୀକାର କରିଛନ୍ତି । ଶ୍ରୀଜଗନ୍ନାଥଙ୍କ ନିକଟରେ ଜାତି, ବର୍ଣ୍ଣ, ସମ୍ପ୍ରଦାୟ, ଗୋଷ୍ଠୀ ଓ ମତବାଦୀ ସଭିଏଁ ସମାନ । ସେ ବାହୁପ୍ରସାରି ସଭିଙ୍କୁ ଆପଣାର କରିନେଉଛନ୍ତି । ତାଙ୍କ ଚକାଆଖିରେ ସଭିଏଁ ଏକ । ଯିଏ ଯେଉଁ ମତ ବା ଗୋଷ୍ଠୀର ହେଉ ତାଙ୍କୁ ତ୍ରୈଲୋକ୍ୟନାଥ ଭାବରେ ସ୍ୱୀକାର କରନ୍ତି ଏବଂ ତାଙ୍କ କୃପାରୁ ବାଞ୍ଛିତ ଫଳ ଲାଭ କରନ୍ତି ।

ଯଃ ଶୈବା ସମୁପାସତେ ଶିବ ଇତି ବ୍ରହ୍ମେତି ବେଦାନ୍ତିନୋ,
ବୌଦ୍ଧାଃ ବୁଦ୍ଧ ଇତି ପ୍ରମାଣ ପଟବଃ କର୍ତ୍ତେତି ନୈୟାୟିକାଃ ।
ଅର୍ହ ନିତ୍ୟଥ ଜୈନ ଶାସନରତା କର୍ମେତି ମୀମାଂସକା
ସୋଽୟଂ ବୋ ବିଦଧାତୁ ବାଞ୍ଛିତଫଳ ତ୍ରୈଲୋକ୍ୟନାଥୋ ହରିଃ ।

■■■

ଆନନ୍ଦ ନଗର, କାଠଗଡ଼ା, ଢେଙ୍କାନାଳ-୭୫୯୦୦୧

ଲୋକକଳା ଓ ପରମ୍ପରାରେ କଣ୍ଢେଇ ନାଚ

ପ୍ରସନ୍ନ ମିଶ୍ର

ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ । ଛାତ୍ରାବସ୍ଥାରୁ ଲେଖାଲେଖି ପ୍ରତି ଆଗ୍ରହ ରହିଆସିଛି । ବିଭିନ୍ନ ପ୍ରତିଷ୍ଠିତ ପତ୍ରପତ୍ରିକାରେ, ଶିଶୁକିଶୋର ଉପଯୋଗୀ ବହୁ ଉପାଦେୟ ଲେଖା– କ୍ଷୁଦ୍ରଗଳ୍ପ, ପ୍ରବନ୍ଧ ପ୍ରକାଶିତ । ପ୍ରକାଶିତ ଶିଶୁକିଶୋର ପୁସ୍ତକ 'ଟିକି ମଞ୍ଜିରୁ ଗଛଟିଏ' ।

ଆଜକୁ ପ୍ରାୟ ଏକହଜାର ବର୍ଷ ତଳେ କଣ୍ଢେଇ ନାଚ ପରମ୍ପରା ରାଜସ୍ଥାନରୁ ଆରମ୍ଭ ହୋଇଥିଲା । କ୍ରମେ ଏହାର ପ୍ରସାର ଘଟି ଓଡ଼ିଶା, ଆନ୍ଧ୍ରପ୍ରଦେଶ, ତାମିଲନାଡୁ, କର୍ଣ୍ଣାଟକ, କେରଳ, ମହାରାଷ୍ଟ୍ର ଓ ପଶ୍ଚିମବଙ୍ଗରେ ଏହା ଏକ ସର୍ବଜନାଦୃତ ଓ ଲୋକପ୍ରିୟ ନାଚରୂପେ ପ୍ରସିଦ୍ଧି ଲାଭ କରିଥିଲା । ଛୋଟ ମଞ୍ଚରେ ଜଣେ ବା ଦୁଇଜଣ କଳାକାର ବସି କିମ୍ବା ଉହାଡ଼ରେ ରହି ନିଜ ହସ୍ତର ଆଙ୍ଗୁଠି ଏବଂ ସୂତା ସାହାଯ୍ୟରେ ଭିନ୍ନ ଭିନ୍ନ ରଙ୍ଗ ଓ ଆକୃତିର ଛୋଟ ବଡ଼ କାଠ ତିଆରି ଖେଳନା ନଚାଇ ନୃତ୍ୟ, ଲୋକକଥା, ପୁରାଣ କାହାଣୀ, ଐତିହାସିକ ଘଟଣାବଳୀ ଆଦିର ଉପସ୍ଥାପନ ସହିତ ଗୀତ ଓ ସଙ୍ଗୀତର ସମନ୍ୱୟ ରଖି ଲୋକନାଟକ ପରିବେଷଣ ହେଉଛି କଣ୍ଢେଇ ନାଚର ବିଶେଷତ୍ୱ । ବିଭିନ୍ନ ରାଜ୍ୟରେ ଏହାର ନିର୍ମାଣ, କଳା କୌଶଳ ଓ ନାମକରଣ ଅଲଗା ଅଲଗା । ତେବେ ପ୍ରକାର ଭେଦରେ ଏହାକୁ ଚାରିଗୋଟି ଭାଗରେ ବିଭକ୍ତ କରାଯାଏ । ଏଗୁଡ଼ିକ ହେଲା ଦସ୍ତାନୀ, ସରୁଲାଠି, ସୂତା ଓ ଛାୟାମୂର୍ତ୍ତି କଣ୍ଢେଇ ନାଚ ।

ରାଜସ୍ଥାନରେ ଜନ୍ମିତ ଏହି ଖେଳକୁ 'କଠପୁତଲୀ' କହନ୍ତି । ଏ ସମସ୍ତ ଖେଳ ସୂତା କଣ୍ଢେଇ ଶ୍ରେଣୀର । କାଠରେ ତିଆରି କଣ୍ଢେଇ ସବୁ ଖୁବ୍ ରଙ୍ଗବେରଙ୍ଗ ଏବଂ ରାଜସ୍ଥାନ ଶୈଳୀରେ ପୋଷାକ ପିନ୍ଧିଥା'ନ୍ତି । କଣ୍ଢେଇଗୁଡ଼ିକର ମୁଣ୍ଡ କାଠରେ ଖୋଦେଇ କରାଯାଇଥାଏ । ପରେ ଏହାକୁ ବିଭିନ୍ନ ଚରିତ୍ର ଅନୁଯାୟୀ ଚିତ୍ରିତ କରାଯାଇ ଏମାନଙ୍କ ମୁଣ୍ଡରେ ସୂତା ବାନ୍ଧି ଦିଆଯାଏ । କଣ୍ଢେଇଗୁଡ଼ିକର ମୁହଁସବୁ ସାଧାରଣତଃ ହଳଦିଆ, ଧଳା କିମ୍ବା ଫିକା ରଙ୍ଗରେ ଚିତ୍ରିତ କରାଯାଏ ।ଏହାର ହାତ ଓ ଅଣ୍ଟା ପର୍ଯ୍ୟନ୍ତ ଛିଣ୍ଡା ଓ ଟୁକୁରା କନାରେ ତିଆରି ହୋଇଥାଏ ଏବଂ ହାତରେ ଯୋଡ଼େଇ ନଥାଏ । ପ୍ରଦର୍ଶନ ବେଳେ ଏହା ଜଣାପଡ଼େ ନାହିଁ । କାରଣ ପିନ୍ଧିଥିବା ପୋଷାକ ଅଣ୍ଟା ତଳକୁ ପାଦ ପର୍ଯ୍ୟନ୍ତ ଘୋଡ଼େଇ ଦେଇଥାଏ । ସାଧାରଣତଃ ରାଜପୁତ ବୀର, ଯଥା- ଅମର ସିଂ ରାଠୋର, ରାଣା ପ୍ରତାପ ଓ ଜୟସିଂହ ପ୍ରମୁଖଙ୍କ ବୀରତ୍ୱର ବିଭିନ୍ନ କାହାଣୀ ଲୋକବାଦ୍ୟର ତାଳେ ତାଳେ କଠପୁତଲୀ ନାଚରେ ପରିବେଷଣ କରାଯାଇଥାଏ ।

ଓଡ଼ିଶାରେ ଏହା କଣ୍ଢେଇ ନାଚ, ରାବଣ ଛାୟା, କାଠିକଣ୍ଢେଇ ଓ ଗୋପଲୀଳା କଣ୍ଢେଇ ନାଚ ରୂପରେ ବିଖ୍ୟାତ । କଣ୍ଢେଇ ନାଚରେ ପ୍ରଦର୍ଶିତ ଦସ୍ତାନୀ କଣ୍ଢେଇଗୁଡ଼ିକ ପ୍ରତ୍ୟେକ ତିନିଟି କାଠଖଣ୍ଡରେ ତିଆରି ହୋଇଥାଏ । ଏଥିରେ ଗୋଟିଏ ମୁଣ୍ଡ ଓ ଦୁଇଟି ହାତ ଥାଏ ଯାହାର ଭିତର ପାଖ ପୋଲା ଥାଏ । ଦୁଇପାଖର କାଠହାତ ଭିତରେ, ଦୁଇ ଆଙ୍ଗୁଠି ଓ ମୁଣ୍ଡ ଭିତରେ ଗୋଟିଏ ଆଙ୍ଗୁଠି ରଖି ଖେଳ ଦେଖାଯାଏ । ଖୋଲା ରହିଥିବା ହାତପାପୁଲିକୁ ରଙ୍ଗିନ କନା ପୋଷାକରେ ଘୋଡ଼ାଇ ଦିଆଯାଇଥାଏ । ଏ ପ୍ରକାରର କଣ୍ଢେଇ ନାଚରେ ଜଣେ କିମ୍ବା ଦୁଇଜଣ କଳାକାର ରହିପାରନ୍ତି । ଏକକ ପ୍ରଦର୍ଶନରେ, ଗୋଟିଏ ହାତରେ ଖେଳ ବା ନାଚ ଦେଖାଇବା ସଙ୍ଗେ ସଙ୍ଗେ ଅପର ହସ୍ତରେ ଢୋଲ ଓ, ଅନ୍ୟ ବାଦ୍ୟଯନ୍ତ୍ର ବଜାଇ ଗୀତ ବୋଲାଯାଇଥାଏ । ଦୁଇଜଣ ଥିଲେ ଦୁହେଁ ମିଳିତ ଭାବେ କଣ୍ଢେଇ ନାଚ ଦେଖାନ୍ତି । ଜଣେ ଗୀତ ବୋଲିଲେ ଅନ୍ୟଜଣେ ନାଚ ଦେଖାଏ ଓ ଢୋଲ ବଜାଏ କିମ୍ବା ଦୁଇଜଣଯାକ ମିଳିତ ଭାବେ ବୋଲନ୍ତି ଓ ସଂଳାପ କହିଥାଆନ୍ତି । ଏଭଳି ନାଚ ସାଧାରଣତଃ କଟକ ଜିଲାର ତରିକୁନ୍ଦ ଓ ମନ୍ତ୍ରୀପଡ଼ା ଅଂଚଳରେ ପ୍ରଦର୍ଶିତ ହୋଇଥାଏ ।

ଓଡ଼ିଶାରେ ଅନ୍ୟ ଏକ ପ୍ରକାରର ଚମଡ଼ା ତିଆରି କଟ୍‌ଆଉଟ୍ ମୂର୍ତ୍ତି ଯୋଗେ କଣ୍ଢେଇ ନାଚ ପ୍ରଦର୍ଶନ କରାଯାଇଥାଏ । ଏହାକୁ "ରାବଣ ଛାୟା' କଣ୍ଢେଇ ନାଚ କୁହାଯାଏ । ଦର୍ଶକମାନଙ୍କ ସମ୍ମୁଖରେ ଏକ ଧଳାକନା ବା ଲୁଗାର ସ୍କ୍ରିନ୍ ରଖାଯାଇ ତା' ପଛରେ କଟ୍‌ଆଉଟ୍ କଣ୍ଢେଇଗୁଡ଼ିକ ସଜେଇ ଆଲୋକ ଲିଭାଇ ଦିଆଯାଏ । କଳା ପଛରେ ଛୋଟିଆ ଲଣ୍ଠନ କିମ୍ବା ଦୀପ ଜାଳି କଣ୍ଢେଇର ବିଭିନ୍ନ ଅଙ୍ଗରେ ବନ୍ଧାଯାଇଥିବା ସୂତାଟାଣି ଖେଳ ଦେଖାଯାଏ । କନା ପଛରେ ଥିବା ତଥାକଥିତ ଷ୍ଟେଜ୍‌ର ପୃଷ୍ଠଭୂମିରେ ଥିବା ଦୃଶ୍ୟାବଳୀକୁ ସ୍ଥିର ରଖାଯାଇ ଚରିତ୍ରଗୁଡ଼ିକର କଟ୍‌ଆଉଟଗୁଡ଼ିକୁ ସୂତାଦ୍ୱାରା ଟାଣି ଅଭିନୟ କରାଯାଏ । କଟ୍‌ଆଉଟଗୁଡ଼ିକର ପଛରେ ଆଲୋକ ଥିବାରୁ ଏଗୁଡ଼ିକର ଛାଇ ସାମନାରେ ଥିବା ଧଳାକନା ବା ଲୁଗାର ସ୍କ୍ରିନ୍ ଉପରେ ପଡ଼େ ଏବଂ ଚରିତ୍ରଗୁଡ଼ିକର ଅଭିନୟ 'ଛାଇ' ଆକାରରେ ଦୃଶ୍ୟମାନ ହୋଇଥାଏ । ଏହି 'ରାବଣ ଛାୟା' କଣ୍ଢେଇ ନାଚ ଓଡ଼ିଶାର ଢେଙ୍କାନାଳ ଜିଲାର 'ଓଡ଼ଶ' ଅଞ୍ଚଳରେ ପ୍ରଦର୍ଶନ କରାଯାଇଥାଏ । ଏଥିରେ ସାଧାରଣତଃ ରାମାୟଣର ବିଭିନ୍ନ ଅଧ୍ୟାୟ ପରିବେଷଣ କରାଯାଇଥାଏ ।

ଆଉ ଏକ କଣ୍ଢେଇ ନାଚ ହେଉଛି "କାଠିକଣ୍ଢେଇ' ନାଚ । ଏଥିରେ ଗୋଟିଏ କାଠିରେ କଣ୍ଢେଇ ବା ରୂପକୁ ସ୍ଥିରକରି ଲଗାଇ ଦିଆଯାଏ । କଣ୍ଢେଇଟିର ଦୁଇଟି ହାତ ଦୁଇଟି ଗୋଡ଼ ଓ ମୁଣ୍ଡର ସଂଯୋଗସ୍ଥଳ ବା ଗ୍ରନ୍ଥୀକୁ କଣାକରି ସୂତା ସାହାଯ୍ୟରେ କାଠିରେ ଲଗାଯାଇଥିବା ଦେହରେ ଏଭଳି ଭାବରେ ଖଞ୍ଜି ଦିଆଯାଏ ଯେପରିକି ଏଗୁଡ଼ିକ ସଂଯୋଗସ୍ଥଳୀକୁ କେନ୍ଦ୍ରକରି ଏପଟ ସେପଟ ହୋଇପାରିବ । ବିଭିନ୍ନ ଅଙ୍ଗରେ ସୂତା ବାନ୍ଧି ଆଙ୍ଗୁଠିରେ ଲଗାଯାଏ ଏବଂ ଗୋଟିଏ ହାତରେ ଧରି ଅନ୍ୟ ହାତରେ ସୂତାଟାଣି କାଠିକଣ୍ଢେଇର ବିଭିନ୍ନ ଅଙ୍ଗଭଙ୍ଗୀ ସହିତ ତାଳଦେଇ ଗୀତ ଓ ବାଜା ବଜାଇବା ସହିତ ଖେଳ କରାଯାଏ । ଓଡ଼ିଶାର କେଉଁଝରଠାରେ ବର୍ତ୍ତମାନ ଗୋଟିଏ ମାତ୍ର ଦଳ ଅଛନ୍ତି ଯେଉଁମାନେ କାଠିକଣ୍ଢେଇ ନୃତ୍ୟ ପ୍ରଦର୍ଶନ କରୁଛନ୍ତି । ସେମାନଙ୍କ ପରେ ହୁଏତ ଏହି କଳା ପ୍ରଦର୍ଶନର ବିଲୁପ୍ତି ଘଟିବ ।

ଅନ୍ୟତମ କଣ୍ଢେଇ ନାଚ ହେଲା ଗୋପଲୀଳା । ଏହି ପଦ୍ଧତିରେ କଣ୍ଢେଇଗୁଡ଼ିକର କେବଳ ଅଣ୍ଟାଠାରୁ ଉପରକୁ ରହିଥାଏ ଯାହା ସହିତ ଖୋଲାଯାଇ ପାରୁଥିବା ହାତ ଦୁଇଟା ସୂତା ସାହାଯ୍ୟରେ ଯୋଡ଼େଇ ହୋଇଥାଏ । କଣ୍ଢେଇଗୁଡ଼ିକର ଅଣ୍ଟାଠାରୁ ତଳ ପର୍ଯ୍ୟନ୍ତ ବିଭିନ୍ନ ରଙ୍ଗର ପୋଷାକ ଝୁଲି ରହିଥାଏ । ପୂର୍ବରୁ ଷ୍ଟେଜର ପଛପରଦା ହିସାବରେ ଗୋଟିଏ ମଶିଣା ଦେହରେ ମୟୂରଚନ୍ଦ୍ରିକା ଖଞ୍ଜି ବ୍ୟବହାର କରାଯାଉଥିଲା । ମାତ୍ର ପରେ ଏହା ବଦଳରେ ସୁନ୍ଦର ସୁନ୍ଦର ଚିତ୍ର ଥିବା ପରଦାର ବ୍ୟବହାର ହେଲା । ସୂତାରେ ଝୁଲି ଝୁଲି କଣ୍ଢେଇ ନଚାଇ, କବିତା ଆକାରରେ ଲେଖା ହୋଇଥିବା ପୌରାଣିକ, କାଳ୍ପନିକ ଓ ସାମାଜିକ ବିଷୟବସ୍ତୁକୁ ନେଇ ରଚିତ ନାଟକ ପରିବେଷଣ କରାଯାଉଥିଲା । ଦର୍ଶକମାନଙ୍କ ମନୋରଞ୍ଜନ ପାଇଁ ପ୍ରଦର୍ଶନ ସମୟରେ ପର୍ଯ୍ୟାପ୍ତ ନାଚ ଏବଂ ବ୍ୟଙ୍ଗାତ୍ମକ ଅଭିନୟ ସହିତ ଗୀତ ପରିବେଷଣ କରାଯାଉଥିଲା । ଏହି କଣ୍ଢେଇ ନାଚ ଅବିଭକ୍ତ କଟକ, ପୁରୀ, ଗଞ୍ଜାମ ଓ ଢେଙ୍କାନାଳ ଜିଲାରେ ଦେଖାଯାଇଥାଏ ।

ଆମ ପଡ଼ୋଶୀ ପଶ୍ଚିମବଙ୍ଗ ରାଜ୍ୟରେ ପ୍ରଚଳିତ "ପୁତୁଲ ନାଚ'ର ପରମ୍ପରା ବହୁ ପୁରାତନ ଓ ଖୁବ୍ ଲୋକପ୍ରିୟ । ସାଧାରଣ କଣ୍ଢେଇ ନାଚରେ ପ୍ରଦର୍ଶିତ କଣ୍ଢେଇଗୁଡ଼ିକର ହାତ, ମୁଣ୍ଡ ଓ ଅଣ୍ଟାରେ ସୂତାବାନ୍ଧି ଉପରୁ ସୂତା ଦ୍ୱାରା ନିୟନ୍ତ୍ରଣ କରାଯାଇଥାଏ । ମାତ୍ର ପଶ୍ଚିମବଙ୍ଗରେ ପ୍ରଚଳିତ ଏହି "ପୁତୁଲ ନାଚ'ରେ କାନ୍ଧ ଉପରେ ରଖି ସୂତାରେ ବନ୍ଧା ହୋଇଥିବା କାଠି ସାହାଯ୍ୟରେ ତଳପାଖରୁ ଏଗୁଡ଼ିକୁ ନଚାଯାଏ । ପ୍ରଦର୍ଶନକାରୀମାନେ ସାମନା ପାଖ ଅଣ୍ଟାରେ ଏକ ଫମ୍ପା ବାଉଁଶ ଖୋଳ ବାନ୍ଧି ତା' ଉପରେ ବାଉଁଶ ରଖି ଖେଳ ଦେଖାନ୍ତି । ଏହି କଣ୍ଢେଇଗୁଡ଼ିକର ସାଧାରଣ ଉଚ୍ଚତା ପାଞ୍ଚଫୁଟ ଏବଂ ଏଗୁଡ଼ିକ ପ୍ରାୟ ଆଠଫୁଟ ଲମ୍ବା

ବାଉଁଶରେ ବନ୍ଧା ଯାଇଥାଏ । ଗୋଡ଼ ନଥିବାରୁ ଦେହରେ ସୁନ୍ଦର ସୁନ୍ଦର ରଙ୍ଗିନ କନାର ପୋଷାକ ଅଣ୍ଟାଠାରୁ ତଳକୁ ଝୁଲାଇ ଦିଆଯାଇଥାଏ । ପଶ୍ଚିମବଙ୍ଗର ଗ୍ରାମାଞ୍ଚଳରେ ଥିବା ଅତି ଅଳ୍ପସଂଖ୍ୟକ ଲୋକ ବର୍ତ୍ତମାନ ପୁତୁଲ ନାଚ ପ୍ରଦର୍ଶନ କରୁଛନ୍ତି । ଏଥିରେ ରାମାୟଣ ଓ ସତୀ ବେହୁଲା ଆଦି ନାଟକ ଅଭିନୀତ ହୋଇଥାଏ । ଏଭଳି ପୁତୁଲ ନାଚ ଆସାମର କେତେକ ଅଞ୍ଚଳରେ ମଧ୍ୟ ଦେଖାଯାଇଥାଏ ।

ଆଶ୍ଚର୍ଯ୍ୟର ବିଷୟ, କଣ୍ଢେଇ ନାଚର ଜନ୍ମସ୍ଥାନ ରାଜସ୍ଥାନରେ ଏହାର ଆଦର ଦିନୁଦିନ କମିଯାଉଥିବା ବେଳେ ଆନ୍ଧ୍ରପ୍ରଦେଶରେ ଏହା କ୍ରମଶଃ ପ୍ରସାରିତ ହେଉଅଛି । କାକିନାଡ଼ା ଏବଂ ସମୁଦ୍ରତଟବର୍ତ୍ତୀ ଜିଲାଗୁଡ଼ିକର ବହୁ ପରିବାର "ଛାୟା କଣ୍ଢେଇ ନାଚ"କୁ ନିଜର ବୃତ୍ତି ଭାବେ ଗ୍ରହଣ କରିନେଇଛନ୍ତି । ଅନନ୍ତପୁର ଜିଲାରେ ଏଥିପାଇଁ ଏକ "କଣ୍ଢେଇ ତିଆରି ସମବାୟ ସମିତି" ଗଠନ କରାଯାଇ କାରିଗରମାନଙ୍କୁ ସାହାଯ୍ୟ କରାଯାଉଛି । ଏଥିରେ ମହାଭାରତ ଓ ଶ୍ରୀକୃଷ୍ଣ ଚରିତ ଅଭିନୟ କରାଯାଉଛି । କେବଳ ସେତିକି ନୁହେଁ, ସମବାୟ ସମିତି ପକ୍ଷରୁ କଣ୍ଢେଇ ନାଚ ପ୍ରଦର୍ଶନର ଷ୍ଟେଜ ପାଇଁ ସୁନ୍ଦର ସୁନ୍ଦର ଲ୍ୟାମ୍ପ ପର୍ଦ୍ଦା, ଝାଲର ଓ ପୋଷାକ ଆଦି ତିଆରି ପାଇଁ ଉତ୍ସାହିତ କରାଯାଇ ଅନେକ କାରିଗରଙ୍କୁ ଥଇଥାନ କରାଯାଇଛି । ସେମାନଙ୍କ ଦ୍ୱାରା ପ୍ରସ୍ତୁତ କଣ୍ଢେଇ ନାଚ ଦେଶବିଦେଶରେ ବେଶ୍ ଆଦୃତ ହୋଇଅଛି ।

ଏହାବ୍ୟତୀତ ତାମିଲନାଡୁରେ 'ବୋମାଲାତାମ' ବା ସୂତା କଣ୍ଢେଇ ଓ 'ଥୋଲ ପାଭାକୁଥୁ' ଛାୟା କଣ୍ଢେଇ କେରଳରେ, ପାଭାକୁଥୁ ଓ ଥୋଇ ପାଭାକୁଥୁ ବା ଚମଡ଼ା କଣ୍ଢେଇ ଖେଳ, ମହାରାଷ୍ଟ୍ରରେ "କାଳସୂତ୍ରୀ ବାହୁଲ୍ୟ' ବା ସୂତା କଣ୍ଢେଇ ଓ "ଚାମାଡ଼ାଚେବାହୁଲ୍ୟ' ବା ଛାୟା କଣ୍ଢେଇ ଏବଂ କର୍ଣ୍ଣାଟକ ରାଜ୍ୟରେ ଏକପ୍ରକାରର ସୂତା କଣ୍ଢେଇର ପ୍ରଚଳନ ଅଛି ଯାହାକୁ କନ୍ନଡ଼ ଭାଷାରେ 'ଗୋମ୍ବାଆଟା' ବା 'କଣ୍ଢେଇ ନାଚ' କୁହାଯାଏ । ଏଥିସହିତ ଛାୟା କଣ୍ଢେଇ ପର୍ଯ୍ୟାୟରେ ଅନ୍ୟ ଏକ ଲୋକପ୍ରିୟ କଣ୍ଢେଇର ପ୍ରଚଳନ ଅଛି ଯାହାକୁ କର୍ଣ୍ଣାଟକୀ ଭାଷାରେ 'ଟୋଗାଲ ଗୋମ୍ବା ଆଟା' କହନ୍ତି । ଏହା ରାଜ୍ୟର ବେଲାରୀ, ବିଜାପୁର, ଶରଦୁର୍ଗା, ଦରୱାଡ଼, ମାଣ୍ଡ୍ୟ, ଗୁଲବର୍ଗା, ହସନ ଓ କୋଲାର ଆଦି ଅଞ୍ଚଳରେ ପ୍ରଦର୍ଶନ କରାଯାଏ ।

ବର୍ତ୍ତମାନର ଟେଲିଭିଜନ, କମ୍ପ୍ୟୁଟର, ଇଣ୍ଟରନେଟ୍ ଓ ଚିତ୍ର ଦେଖି ହେଉଥିବା ମୋବାଇଲ ଫୋନ ଯୁଗରେ 'କଣ୍ଢେଇ ନାଚ' ଭଳି ଏକ ପିଲାଖେଳ ଦେଖିବାର ସଉକ ଓ ଆଗ୍ରହ ଦିନୁଦିନ କମିଯାଉଛି । ମାତ୍ର ଆମର ଲୋକକଥା, ଲୋକସାହିତ୍ୟ ଓ ଜନଜୀବନକୁ ପ୍ରତିଫଳିତ କରୁଥିବା ଏହି ପାରମ୍ପରିକ କଳାକୌଶଳର ଆଦର ଯେ ବିଦେଶରେ ବୃଦ୍ଧି ପାଉଛି, ଏହା ଏକ ଆଶା ଓ ଆଶ୍ୱାସନାର ବିଷୟ । ପୂର୍ବକାଳରେ କଣ୍ଢେଇ ନାଚକୁ ରାଜା ମହାରାଜା ଓ ଜମିଦାରମାନେ ପ୍ରୋତ୍ସାହନ ଦେଉଥିଲେ । ସେମାନେ କଳାକାରମାନଙ୍କୁ ସମ୍ମାନ ଦେବା ସହିତ ପୁରସ୍କାର ଦେଉଥିଲେ । ସେହି କାରଣରୁ ସେମାନେ ଅନ୍ୟାନ୍ୟ କାହାଣୀ ସହିତ ରାଜା ମହାରାଜାମାନଙ୍କର କାହାଣୀଗୁଡ଼ିକୁ ନାଟକରେ ରୂପାନ୍ତରିତ କରି ପରିବେଷଣ କରୁଥିଲେ । ସେହି ଯୁଗରେ ପୃଥ୍ୱୀରାଜ-ସଂଯୁକ୍ତା, ବତ୍ରିଶ ସିଂହାସନ କଥା, ରାଣୀ ଲକ୍ଷ୍ମୀବାଈ ଓ ଅମର ସିଂ ରାଠୋର ପ୍ରମୁଖ ଐତିହାସିକ ଚରିତ୍ରମାନଙ୍କୁ ନେଇ ରଚିତ ନାଟକ ଓ କାହାଣୀଗୁଡ଼ିକ ଖୁବ୍ ପ୍ରସିଦ୍ଧ ଥିଲା । କଣ୍ଢେଇ ନାଚ ଏକ କଳା ଏବଂ ଆମ

ଦେଶରେ ଦୀର୍ଘ ବର୍ଷ ଧରି ଏହା ପିଲାଠାରୁ ବୁଢ଼ା ପର୍ଯ୍ୟନ୍ତ ସମସ୍ତଙ୍କର ମନୋରଞ୍ଜନ କରିଆସିଛି । ଏବେ ବିଭିନ୍ନ ସହର ବଜାରରେ ଏହାର ଆଦର କମି ଯାଇଥିଲେ ହେଁ ଭାରତର ଗ୍ରାମାଞ୍ଚଳରେ ସମସ୍ତେ ଏକାଠି ବସି କଣ୍ଢେଇ ନାଚକୁ ଉପଭୋଗ କରିବାର ପରମ୍ପରା ରହିଆସିଛି । ସୀମିତ ହେଲେ ହେଁ ଦର୍ଶକମାନଙ୍କ ଉପରେ ଏହାର ପ୍ରଭାବ ଅଧିକ ଓ ସାଧାରଣ ଶିକ୍ଷାଦାନର ଏକ ଉତ୍ତମ ମାଧ୍ୟମ । ସେହି କାରଣରୁ ଏବେ ମଧ୍ୟ ଆମ ରାଜ୍ୟରେ ଦାସକାଠିଆ ଓ ପାଲା ମାଧ୍ୟମରେ ବିଭିନ୍ନ ସରକାରୀ ଉନ୍ନୟନ ଯୋଜନା, ଅନ୍ଧବିଶ୍ୱାସ ଦୂରୀକରଣ, ସ୍ୱାସ୍ଥ୍ୟ ସଚେତନତା, ସାକ୍ଷରତା ଅଭିଯାନ ଓ ପ୍ରୌଢ଼ଶିକ୍ଷା ଆଦିର ପ୍ରଚାର କରାଯାଉଛି । ଅଳ୍ପ ଖର୍ଚ୍ଚରେ ଏଭଳି ପ୍ରଚାରର ଯେ ଖୁବ୍ ଭଲ ଫଳ ମିଳୁଛି, ଏଥିରେ ସନ୍ଦେହ ନାହିଁ । ସେହିଭଳି, କଣ୍ଢେଇ ନାଚ ମାଧ୍ୟମରେ ସାମାଜିକ ସଚେତନତା ସୃଷ୍ଟି ନିମନ୍ତେ ଏକ ଯୁଗାନ୍ତକାରୀ ଉଦ୍ୟମ ଆରମ୍ଭ କରିଛନ୍ତି ପୁନାର ଯୁବଦମ୍ପତି ହେମନ୍ତ କାନିଟକର ଓ ତାଙ୍କ ପତ୍ନୀ ରଞ୍ଜନା କାନିଟକର ।

ହେମନ୍ତ ଓ ରଞ୍ଜନା ପୁନାର ବାସିନ୍ଦା । ଥରେ ପୁନା ନଗରୀ

ନିକଟବର୍ତ୍ତୀ 'ଭିଲ୍ଲେ' ନାମକ ଏକ ଗ୍ରାମରେ ଏଡ୍ସ ପ୍ରଭାବରେ ବହୁ ଯୁବକଙ୍କ ପ୍ରାଣହାନି ଘଟିଲା । ଏମାନଙ୍କୁ ଛୁଇଁଲେ ରୋଗ ସଂକ୍ରମଣର ଅନ୍ଧବିଶ୍ୱାସ କାରଣରୁ ମୃତ ଯୁବକମାନଙ୍କର ଶବଦାହ କରିବା ପାଇଁ କେହି ଆସିଲେ ନାହିଁ । ହେମନ୍ତ ଓ ରଞ୍ଜନା ଭିଲ୍ଲେ ଗ୍ରାମକୁ ଯାଇ ଗ୍ରାମବାସୀଙ୍କୁ ଏଡ୍ସ ସମ୍ବନ୍ଧରେ ବୁଝାଇଲେ ଏବଂ ସେମାନଙ୍କ ମନରେ ଥିବା ଭୁଲଧାରଣା ଦୂର କରିବା ପାଇଁ ଚେଷ୍ଟା କଲେ । ଦୁହେଁ ଆବଶ୍ୟକ ସାଜସରଞ୍ଜାମ ଓ ଜାଳେଣି କାଠ ଯୋଗାଡ଼ କରି ଶବଗୁଡ଼ିକୁ ନିଜେ ପୋଡ଼ିଲେ । ପରବର୍ତ୍ତୀ ସମୟରେ ସେମାନେ ଗ୍ରାମବାସୀଙ୍କୁ ଶିକ୍ଷା ଦେବାପାଇଁ ଏକ ଅଭିନବ ପନ୍ଥା ଗ୍ରହଣ କରିଥିଲେ । ଏଡ୍ସ ରୋଗର ଭୟାବହତା, ଏଥିରୁ ରକ୍ଷା ପାଇବାର ଓ ସଂକ୍ରମଣ ପାଇଁ ଆବଶ୍ୟକ ସତର୍କତା ସମ୍ବନ୍ଧରେ ସୁନ୍ଦର ସୁନ୍ଦର କଥାବସ୍ତୁକୁ ନେଇ ଛୋଟ ନାଟକ ମାଧ୍ୟମରେ ଅଭିନୟ ପ୍ରଦର୍ଶନ ନିମନ୍ତେ ସର୍ବୋତ୍କୃଷ୍ଟ ପନ୍ଥା ରୂପେ କଣ୍ଢେଇ ନାଚକୁ ବାଛି ନେଲେ । ନିଜ ଉଦ୍ୟମରେ ଦୁହେଁ ସଫଳ ହେଲେ ଓ କଣ୍ଢେଇ ନାଚ ସାହାଯ୍ୟରେ ଭିଲ୍ଲେ ଗ୍ରାମବାସୀଙ୍କ ମନରେ ଥିବା ଭୟ ଓ ଅନ୍ଧବିଶ୍ୱାସ ଦୂର କରିବାକୁ ସମର୍ଥ ହୋଇଥିଲେ । ପରୀକ୍ଷାମୂଳକ ଭାବେ ପ୍ରଦର୍ଶନ କରିଥିବା କଣ୍ଢେଇ ନାଚର କ୍ଷୁଦ୍ର ମଞ୍ଚ ଉପରୁ ଚରିତ୍ରଗୁଡ଼ିକ ସତେ ଯେମିତି ଜୀବନ୍ତ ହୋଇ ହାତ ଓ ମୁଣ୍ଡରେ ବନ୍ଧା ହୋଇଥିବା ସୂତା ଛିଣ୍ଡେଇ ଜନମାନସ ଭିତରକୁ ଡେଇଁ ପଡ଼ିଥିଲେ!

ହେମନ୍ତ ଓ ରଞ୍ଜନା କଣ୍ଢେଇ ନାଚର ଚାରିଗୋଟି ବିଭାଗ, ଯଥା- ଦସ୍ତାନା, ସରୁଲାଠି, ସୂତା ଓ ଛାୟାମୂର୍ତ୍ତି କଣ୍ଢେଇଗୁଡ଼ିକ ପାଇଁ ଭିନ୍ନ ଭିନ୍ନ ଧରଣର ପୋଷାକପତ୍ର ତିଆରି କରିଥିଲେ ଏବଂ ଅଭିନୀତ ନାଟକର ଚରିତ୍ର ଅନୁଯାୟୀ ବ୍ୟବହାର କରୁଥିଲେ । ଦୁହେଁ ନିଜର ଛୋଟିଆ ଥିଏଟରଟିକୁ ସଙ୍ଗରେ ନେଇ ଏବେ ଭାରତର ବିଭିନ୍ନ ଅଞ୍ଚଳ ବୁଲି ବୁଲି କଣ୍ଢେଇ ନାଚ ପ୍ରଦର୍ଶନ କରୁଛନ୍ତି । ପ୍ରଥମେ ଏକ ନିର୍ଦ୍ଦିଷ୍ଟ ଅଞ୍ଚଳକୁ ଯିବା ପୂର୍ବରୁ ଉକ୍ତ ଅଞ୍ଚଳରେ କାର୍ଯ୍ୟ କରୁଥିବା ବିଭିନ୍ନ ଏନ୍.ଜି.ଓ. ସହିତ ପର୍ଯ୍ୟାପ୍ତ ଆଲୋଚନା କରି ସମ୍ପୃକ୍ତ ଅଞ୍ଚଳର ମୁଖ୍ୟସମସ୍ୟା ସେମାନେ ଅନୁଧ୍ୟାନ କରନ୍ତି । ଦର୍ଶକମାନଙ୍କ ସାମାଜିକ ଚଳଣି ସହିତ ମେଳରଖି ନାଟକ ରଚନା କରନ୍ତି ଓ ଉପଯୁକ୍ତ ଚରିତ୍ରକୁ ଦେଖି କଣ୍ଢେଇ ପ୍ରସ୍ତୁତ କରନ୍ତି । ଏହାପରେ ଦୁହେଁ ଗ୍ରାମକୁ ଯାଆନ୍ତି । ଗ୍ରାମବାସୀଙ୍କୁ ଉକ୍ତ ସମସ୍ୟା ସମ୍ବନ୍ଧରେ ବୁଝାଇବାକୁ ଚେଷ୍ଟା କରନ୍ତି । କଣ୍ଢେଇ ନାଚ ପୂର୍ବରୁ ଗ୍ରାମବାସୀ ଭଜନ କୀର୍ତ୍ତନ କରନ୍ତି । ତା'ପରେ କଣ୍ଢେଇ ନାଚ ହୁଏ । ଫଳତଃ ନାଚ ଓ ଗୀତ ମାଧ୍ୟମରେ ପ୍ରଚାରିତ ସାମାଜିକ ସଚେତନତାର ବାର୍ତ୍ତାଗୁଡ଼ିକ ସାଧାରଣ ଜନତାର ମନକୁ ଛୁଇଁ ପାରିଥାଏ ।

କଣ୍ଢେଇ ନାଚ ମାଧ୍ୟମରେ ସଚେତନତା ସୃଷ୍ଟିର ବିଚାର ସେମାନଙ୍କ ମନକୁ ଆସିଥିଲା ୧୯୯୦ ମସିହାରେ । ସେତେବେଳେ ସ୍ୱର୍ଗତ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧିଙ୍କ ବ୍ୟକ୍ତିଗତ ପରାମର୍ଶଦାତା ସାମ୍ ପିଟ୍ରୋଡ଼ା ଏଥିପାଇଁ ଭାରତରେ ପୂର୍ବରୁ ପ୍ରଚଳିତ କଳା, ବିଜ୍ଞାନ ଓ ଶିଳ୍ପବିଜ୍ଞାନର ସାହାଯ୍ୟ ନେବାକୁ ପ୍ରଧାନମନ୍ତ୍ରୀଙ୍କୁ ପରାମର୍ଶ ଦେବା ସହିତ କଣ୍ଢେଇ ନାଚକୁ ହିଁ ଅଗ୍ରାଧିକାର ଦେଇଥିଲେ । ସେହିଦିନ ଠାରୁ ହେମନ୍ତ ଓ ରଞ୍ଜନା କଣ୍ଢେଇ ନାଚର ସାହାଯ୍ୟ ନେଇ ଜନସାଧାରଣଙ୍କୁ ଶିକ୍ଷାଦାନ ନିମନ୍ତେ ଉଦ୍ୟମ ଆରମ୍ଭ କରିଦେଇଥିଲେ । ସେମାନେ ଗ୍ରାମ ହେଉ ବା ସହର ହେଉ, ସେଠାକାର ଦର୍ଶକମାନଙ୍କ ରୁଚିକୁ ନେଇ ସ୍ଥାନୀୟ ଭିତ୍ତିରେ ନାଟକ ରଚନା କରୁଥିଲେ । ଏହି ନାଟକଗୁଡ଼ିକର ବିଷୟବସ୍ତୁ ହେଉଛି ନିରକ୍ଷରତା ଓ ସ୍ତ୍ରୀ ପୁରୁଷ ଭେଦଭାବ ଦୂରୀକରଣ ବଧୂ ନିର୍ଯାତନା, ନିରାକରଣ ଯୌତୁକ ବ୍ୟବସ୍ଥାର ବିଲୋପ, କନ୍ୟାଶିଶୁ ହତ୍ୟା ରୋକିବା ଓ ଜନ୍ମ ନିୟନ୍ତ୍ରଣ ଇତ୍ୟାଦି ।

ହେମନ୍ତ କାନିଟକର ପାରମ୍ପରିକ କଣ୍ଢେଇ ନାଚର କଳା ଓ କୌଶଳ ସବୁ ତାଙ୍କର ପିତା ବସନ୍ତ କାନିଟକରଙ୍କଠାରୁ ଶିକ୍ଷାଲାଭ କରିଥିଲେ । ସେହିଦିନଠାରୁ ହେମନ୍ତ ଆଉ କେବେ ପଛକୁ ଫେରି ଚାହିଁ ନାହାନ୍ତି । ଦିନେ କାନିଟକର ପରିବାର ଭିତରୁ ଆରମ୍ଭ ହୋଇଥିବା କଣ୍ଢେଇନାଚ ଏବେ ଏକ ବିରାଟ ଅନୁଷ୍ଠାନରେ ପରିଣତ ହୋଇଛି, ଯାହାର ଛତ୍ରଛାୟା ତଳେ କେବଳ ମହାରାଷ୍ଟ୍ରରେ ୭୨ଟି ଦଳ ରହି କାର୍ଯ୍ୟ କରୁଛନ୍ତି । ଏହି ଅନୁଷ୍ଠାନର ସଭ୍ୟସଭ୍ୟାମାନେ ତୃଣମୂଳ ସ୍ତରରେ କାର୍ଯ୍ୟ କରୁଥିବା କଣ୍ଢେଇ ନାଚର ଶିଳ୍ପୀ ବା କଳାକାରମାନଙ୍କୁ ତାଲିମ ଦେଉଛନ୍ତି । ଏଥିପାଇଁ ହେମନ୍ତ ବମ୍ବେ ବିଶ୍ୱବିଦ୍ୟାଳୟର ଫେଲୋସିପ୍ ଲାଭ କରିଛନ୍ତି ।

ହେମନ୍ତ ଓ ରଞ୍ଜନା କହନ୍ତି - "ପ୍ରଥମେ ପ୍ରଥମେ ଆମ ଦ୍ୱାରା ପ୍ରସ୍ତୁତ ଶିକ୍ଷାଧର୍ମୀ ନାଟକଗୁଡ଼ିକୁ ପରିବେଷଣ କରିବା ସମୟରେ ଆମେ ପ୍ରବଳ ବିରୋଧର ସମ୍ମୁଖୀନ ହୋଇଥିଲୁ । ୧୯୮୪ ମସିହାରେ ଗୋଟିଏ ଗ୍ରାମରେ ବାଲ୍ୟବିବାହ ପ୍ରଥାକୁ ବିରୋଧ କରି ରଚିତ ହୋଇଥିବା ଏକ ନାଟକ ଅଭିନୟ ସମୟରେ ଦର୍ଶକମାନେ ଷ୍ଟେଜ୍ ଉପରକୁ ବାଲି ଫୋପାଡ଼ିଥିଲେ । କାରଣ ସେ ସମୟରେ ବାଲ୍ୟବିବାହ ରାଜସ୍ଥାନରେ ଏକ ସ୍ୱୀକୃତିପ୍ରାପ୍ତ ପରମ୍ପରା ଥିଲା । ମାତ୍ର ଆମେ ଧୈର୍ଯ୍ୟ ହରାଇ ନଥିଲୁ । କାରଣ ଆମେ ଜାଣିଥିଲୁ ବର୍ଷ ବର୍ଷ ଧରି ଚାଲି ଆସିଥିବା ଏହି ପାରମ୍ପରିକ ବିଶ୍ୱାସର ପରିବର୍ତ୍ତନ ଏକ ସହଜ ବ୍ୟାପାର ନୁହେଁ । ଆମର ଆଉ ଏକ ସମସ୍ୟା ହେଉଛି ଅର୍ଥ । ଦେଶସାରା ଘୂରି ଘୂରି ସାମାଜିକ ସଚେତନତାର ଜାଗରଣ ପାଇଁ ପ୍ରଚୁର ଅର୍ଥର ଆବଶ୍ୟକତା ରହିଛି । ବେସରକାରୀ ଅନୁଷ୍ଠାନମାନେ ଇଚ୍ଛା କରନ୍ତି ଆମେ ମାଗଣାରେ ସେମାନଙ୍କ ପାଇଁ କଣ୍ଢେଇ ନାଚ କାର୍ଯ୍ୟକ୍ରମ ପରିବେଷଣ କରିବୁ । ସେମାନେ ଜାଣନ୍ତି ନାହିଁ ଯେ ଏହା ଏକ ବ୍ୟୟବହୁଳ ବ୍ୟବସାୟ, କେବଳ ମାତ୍ର କାଠ କଣ୍ଢେଇର ଖେଳନା ନୁହଁ ।"

ବର୍ତ୍ତମାନ ମହାରାଷ୍ଟ୍ରରେ ୭୨ଟି କଣ୍ଢେଇ ନାଚ ଦଳ ରାଜ୍ୟର ବିଭିନ୍ନ ସ୍ଥାନରେ ପରିବେଷଣ କରୁଛନ୍ତି ଏବଂ ଜାତୀୟ ସ୍ତରରେ ଏଥିପାଇଁ ମୋଟ୍ ୪୦ଟି ଦଳ କାର୍ଯ୍ୟ କରୁଅଛନ୍ତି । ଜାପାନ ଢାଞ୍ଚାରେ ଆମ ଦେଶରେ କଣ୍ଢେଇ ନାଚ ପାଇଁ ଏକ ତାଲିମ କେନ୍ଦ୍ର ସ୍ଥାପନ କରିବା ଦୁହିଁଙ୍କର ଦୀର୍ଘଦିନର ସ୍ୱପ୍ନ । ଇଂଲଣ୍ଡ, ଜର୍ମାନୀ ଏବଂ ଅନ୍ୟ କେତେକ ପାଶ୍ଚାତ୍ୟ ଦେଶରେ କଣ୍ଢେଇ ନାଚ ପ୍ରତି ଆଗ୍ରହ ରଖିଥିବା ଅନେକ ବ୍ୟକ୍ତି ଏଥିପାଇଁ ସେମାନଙ୍କ ସହିତ ଯୋଗାଯୋଗ ରଖିଅଛନ୍ତି । ସେମାନଙ୍କର ସ୍ୱପ୍ନ ସତ୍ୟ ହେଉ । ■■■

୩୮, ଶ୍ରୀକ୍ଷେତ୍ର କଲୋନୀ, ପୁରୀ-୨

ଇନ୍ଦିରା ଦାଶ

ଚାରି ଦଶନ୍ଧିରୁ ଅଧିକ କାଳ ଧରି ଗଳ୍ପ, ଉପନ୍ୟାସ, ଭ୍ରମଣକାହାଣୀ ଓ ଶିଶୁ ସାହିତ୍ୟ ଇତ୍ୟାଦି ସୃଷ୍ଟି କରି ଚାଲିଛନ୍ତି । କଥା ସାହିତ୍ୟ ସର୍ଜନା କ୍ଷେତ୍ରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ଜଣେ ଯଶସ୍ୱିନୀ କଥାକାର ଭାବରେ ପାଠକ-ପାଠିକା ମହଲରେ ଆଦୃତ ହୋଇଛନ୍ତି । ତାଙ୍କର ଏଯାବତ୍ ପଚିଶ ଖଣ୍ଡ ପୁସ୍ତକ ପ୍ରକାଶ ପାଇଛି । ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ସହିତ ସେ ବହୁ ସମ୍ମାନ ଓ ପୁରସ୍କାରର ଅଧିକାରୀଣୀ ।

ଧାରାବାହିକ ଉପନ୍ୟାସ

କୃଷ୍ଣ ପ୍ରାସାଦର ମହାରାଣୀ

[ଭାଗ- ୯]

ପୂର୍ବରୁ ପଢ଼ିଥିଲେ....

..... ତେଣୁ ଏ ସ୍ୱପ୍ନ ମୋତେ ବିବ୍ରତ କରିବାରେ ଲାଗିଲା । ରାତ୍ରିରେ ସ୍ୱାମୀଙ୍କୁ ଏ ଦୁଃସ୍ୱପ୍ନ କଥା ବର୍ଣ୍ଣନା କଲି । ସେ ମୋତେ ସାନ୍ତ୍ୱନା ଦେଇ କହିଲେ, "ପୁତ୍ରମାନଙ୍କ ଚିନ୍ତାରେ ତୁମ ଅନ୍ତରାତ୍ମା ସବୁବେଳେ ବ୍ୟଥିତ ହୋଇ ରହିଛି । ତୁମ ଅବଚେତନ ମନରେ ଥିବା ଭୟର ଏହା ପରିପ୍ରକାଶ । ଗାନ୍ଧାରି, ତୁମେ ବୀର ପ୍ରସବିନୀ । ତୁମକୁ ସ୍ୱପ୍ନ ବିଚଳିତ କରିବା ଆଦୌ ଶୋଭା ପାଏନି । ତୁମେ ଦେଖିବ ଯଦି ଯୁଦ୍ଧ ହୁଏ ତୁମ ପୁତ୍ରମାନେ ବିଜୟଶ୍ରୀର ଅଧିକାରୀ ହେବେ ।"

ଏହାପରେ....

ସ୍ୱାମୀଙ୍କ କଥାରେ ମୋ ମନ କିଛିଟା ଶାନ୍ତ ହେଲା, କିନ୍ତୁ ସ୍ୱପ୍ନରେ ଦେଖିଥିବା ସେ ମା' କଚ୍ଛପର ବିକଳ ସ୍ୱର ଓ ଅଭିଶାପ ମୋ କର୍ଣ୍ଣ ଗହ୍ୱରରେ ବାରମ୍ବାର ପ୍ରତିଧ୍ୱନିତ ହେଉଥିଲା ।

ତଥାପି ମୁଁ ସ୍ୱାମୀଙ୍କ ପ୍ରଶସ୍ତ ଛାତି ଉପରେ ମସ୍ତକ ରଖି କହିଲି, "ଆର୍ଯ୍ୟପୁତ୍ର! ଆପଣଙ୍କ କଥାରେ ମୁଁ ବିଶ୍ୱାସ କରେ । ମୁଁ ଜାଣେ ଆପଣ ଆପଣଙ୍କ ଅନୁଜ ପାଣ୍ଡୁଙ୍କ ପୁତ୍ରମାନଙ୍କୁ ନିଜ ପୁତ୍ର ଭଳି ସ୍ନେହ କରନ୍ତି । ମୋର ବିନୀତ ଅନୁରୋଧ ଆପଣ ଦୁର୍ଯ୍ୟୋଧନ ତଥା ତା'ର ପରାମର୍ଶଦାତାଙ୍କ କଥାରେ ପଡ଼ି ଏପରି କିଛି କରିବେ ନାହିଁ ଯାହା ସେମାନଙ୍କୁ ଦୁଃଖ ଦେବ । ଆପଣଙ୍କ ପୁତ୍ରମାନଙ୍କ ପରି ପାଣ୍ଡୁପୁତ୍ରମାନଙ୍କର ପୂର୍ବ ପୁରୁଷଙ୍କର ରାଜ୍ୟରେ ସେମାନଙ୍କ ସମାନ ଅଧିକାର ଅଛି । ତାଙ୍କୁ ତାଙ୍କ ନ୍ୟାଯ୍ୟ ପ୍ରାପ୍ୟରୁ ବଞ୍ଚିତ କଲେ ଆମର କିଛି ମଙ୍ଗଳ ହେବ ନାହିଁ ।"

ଧୃତରାଷ୍ଟ୍ର ଗମ୍ଭୀର ହୋଇ ଉତ୍ତର ଦେଲେ, "ହେ ପ୍ରିୟତମା ଗାନ୍ଧାରି! ତୁମେ ଯାହା କହିଲ ତାହା ସତ୍ୟ ନ୍ୟାୟସମ୍ମତ ଓ ତାହା ମଧ୍ୟ ମୋର ଇଚ୍ଛା, କିନ୍ତୁ ମୁଁ ସ୍ୱାଧୀନ ନୁହେଁ । ଦୁର୍ଯ୍ୟୋଧନ ମୋ ସହିତ ଏ ବିଷୟରେ କଥା ହେଲେ ମୁଁ ତା'ର ଅଧୀନ ହୋଇଯାଏ । ମୋର ସବୁ ବିଚାରଶକ୍ତି ଲୋପ ପାଇଯାଏ ମୋ ମନ ମଧ୍ୟରୁ । ଦୁର୍ଯ୍ୟୋଧନ ଯାହା କହେ ମୁଁ ସେଥିରେ ସମ୍ମତି ଦେବା ପାଇଁ ବାଧ୍ୟ ହୁଏ । ଯେଉଁ ଦ୍ୟୂତକ୍ରୀଡ଼ା ହୋଇଥିଲା

ସେଥିରେ ମୋର ଆଦୌ ଇଚ୍ଛା ନ ଥିଲା, କିନ୍ତୁ ଦୁର୍ଯ୍ୟୋଧନ ପାଇଁ ଅତ୍ୟନ୍ତ ସ୍ନେହ ମୋତେ ଉଚିତ ଅନୁଚିତ୍‌ର ବିଚାର ଠାରୁ ବହୁ ଦୂରକୁ ନେଇଯାଏ। ମୁଁ ଉତ୍ତର ଦେଲି, "ମୁଁ ଦୁର୍ଯ୍ୟୋଧନର ମାତା। ମୁଁ ତାକୁ ବହୁତ ସ୍ନେହ କରେ, କିନ୍ତୁ ମୋ ପାଖେ ଧର୍ମ-ଅଧର୍ମର ବିଚାର ଅଛି। ମୁଁ ସବୁବେଳେ ଯାହା ଧର୍ମସଙ୍ଗତ ସେଥିରେ ସମ୍ମତି ଦେଇଥାଏ। ହେ ସ୍ୱାମୀ! ଆପଣ ନିଜକୁ ଟିକିଏ କଠିନ କରନ୍ତୁ। ପୁତ୍ର ସ୍ନେହରେ ଲହୁଣି ପରି ତରଳି ଗଲେ ଯୁଦ୍ଧର ଭୟାବହ ଅଗ୍ନିରେ ଆମେ ଧ୍ୱଂସ ହେବା।"

ମୋ ପତି ମୋ ଠାରୁ ଆଉ ବିଶେଷ କିଛି ଶ୍ରବଣ କରିବାକୁ ପ୍ରସ୍ତୁତ ନ ଥିଲେ। ପୂରା ଦିବସ ସଭାକାର୍ଯ୍ୟରେ ବ୍ୟସ୍ତ ଥାଇ ମୁଁ ଅତ୍ୟନ୍ତ କ୍ଳାନ୍ତ କହି ଶୟନ କରିବାକୁ ଇଚ୍ଛା ପ୍ରକାଶ କଲେ।

ମୁଁ ବା ଆଉ ଅଧିକା କ'ଣ କରିପାରି ଥାଆନ୍ତି। ମୁଁ ମଧ୍ୟ ନିଦ୍ରା ଯିବାକୁ ଚେଷ୍ଟା କଲି।

ସବୁଦିନ ପରି ପରଦିନ ମହାରାଜ ଧୃତରାଷ୍ଟ୍ର ସଭା ସ୍ଥଳକୁ ପ୍ରସ୍ଥାନ କଲେ। ସେହିଦିନ ପାଣ୍ଡବମାନଙ୍କ ଦ୍ୱାରା ଦ୍ରୁପଦଙ୍କ ରାଜପୁରୋହିତ ଦୂତ ହୋଇ ଆସିଥିବା ସମ୍ବାଦ ମୁଁ ପାଇଥିଲି ସୁଲଭାଠାରୁ। ସେ ମୋତେ ଜଣାଇ ଦେବାକୁ ଆସିଥିଲା ପାଣ୍ଡବମାନଙ୍କ ପକ୍ଷରୁ ସନ୍ଧି ପ୍ରସ୍ତାବ ନେଇ ଦ୍ରୁପଦଙ୍କ ରାଜପୁରୋହିତ ତାଙ୍କର ଶିଷ୍ୟମାନଙ୍କ ସହ ଆଗମନ କରିଛନ୍ତି। ମୋ ସ୍ୱାମୀ ରାଜସଭାକୁ ଯିବା ପୂର୍ବରୁ ପୂର୍ବ ପୁରୁଷମାନଙ୍କଠାରୁ ବିନୀତ କଣ୍ଠରେ ଆଶୀର୍ବାଦ ଭିକ୍ଷା କରିଥିଲେ– "ସନ୍ଧି ପ୍ରସ୍ତାବରେ ମହାରାଜ ସ୍ୱୀକୃତି ପ୍ରଦାନ କରନ୍ତୁ।"

ମୁଁ ମୋ ଅନ୍ତରରେ ସେୟା ଚାହୁଁଥିଲେ ମଧ୍ୟ ମୋ ମନର ଭୟ "ଦୁର୍ଯ୍ୟୋଧନ ଏ ପ୍ରସ୍ତାବକୁ କେତେଦୂର ଗ୍ରହଣ କରିବ।" ସେ ଯଦି ଗ୍ରହଣ ନ କରେ ଧୃତରାଷ୍ଟ୍ରଙ୍କର ଏପରି ମନୋବଳ ନାହିଁ ଯେ ସେ ଦୁର୍ଯ୍ୟୋଧନର ଇଚ୍ଛାକୁ ଉପେକ୍ଷା କରି ନିଜେ ସନ୍ଧି ସପକ୍ଷରେ ସମ୍ମତି ପ୍ରଦାନ କରିବେ।

ମୁଁ ବହୁ ପ୍ରୟାସ କରିଛି ଦୁର୍ଯ୍ୟୋଧନକୁ ମୋ କକ୍ଷକୁ ଡ଼କାଇ ପାଣ୍ଡବମାନଙ୍କ ରାଜ୍ୟ ସେମାନଙ୍କୁ ପ୍ରଦାନ କରିବା ପାଇଁ। ଭାଇ ଭାଇ ମଧ୍ୟରେ କଳହ ଲାଗିଲେ ପୂର୍ବଜଙ୍କ ଧର୍ମକ୍ଷୟ ହୁଏ ଏବଂ ବଂଶର ବିନାଶ ହୁଏ। ସେ ହସି ହସି ମୋତେ ଉତ୍ତର ଦିଏ, "ମାତେ! ଆପଣ ତ ଇଚ୍ଛାକୃତ ଅନ୍ଧତ୍ୱ ବରଣ କରିଛନ୍ତି। ଆପଣ କିପରି ଜାଣିବେ କର୍ଣ୍ଣ ଓ ମୋ ଭାଇମାନଙ୍କର ପରାକ୍ରମ! ଆମେ ହିଁ ପ୍ରକୃତ କୁରୁବଂଶଜ। ତେଣୁ ଏ ସସାଗରା ଧରିତ୍ରୀ ଆମର। ଏଥିରୁ ଏତେ ଟିକିଏ ବି ମୁଁ ପାଣ୍ଡବମାନଙ୍କୁ ଦେବି ନାହିଁ।"

ମୁଁ ତାକୁ ବୁଝାଇବାକୁ ଚେଷ୍ଟା କରେ– "ଖାଲି ଜନ୍ମ ଦେଇ ଦେଲେ ଜଣେ ମାତା କିମ୍ବା ପିତା ହୋଇ ଯାଏନି। ସେମାନଙ୍କ ଲାଳନ ପାଳନ କରି ଶିକ୍ଷା ଦେଲେ ସେ ସେହି ପାଦର ଅଧିକାରୀ ହୁଏ। ତେଣୁ ତୁ ବୁଝିବାକୁ ଚେଷ୍ଟା କର ଭୀଷ୍ମ ଯେପରି ତୁମମାନଙ୍କୁ ସ୍ନେହ କରନ୍ତି ଠିକ୍ ସେହିପରି ପାଣ୍ଡବମାନଙ୍କୁ ସ୍ନେହ କରନ୍ତି। ଯଦି ତୁ ଆଶା କରୁଥାଉ ଭୀଷ୍ମ ପାଣ୍ଡବମାନଙ୍କ ସହିତ ଯୁଦ୍ଧ କରିବେ ତାହା ଅମୂଳକ। ଦ୍ରୋଣାଚାର୍ଯ୍ୟ, କୃପାଚାର୍ଯ୍ୟ, ଭୀଷ୍ମ ପିତାମହ କେହି ସେମାନଙ୍କ ବିପକ୍ଷରେ ଯିବେ ନାହିଁ।"

ଦୁର୍ଯ୍ୟୋଧନର ଆଉ ଇଚ୍ଛା ବା ଆଗ୍ରହ ନ ଥାଏ ମୋ କଥା ଶୁଣିବା ପାଇଁ। ସେ ମୋତେ ପ୍ରଣାମ ଜଣାଇ କହେ, "ମାତେ! ମୋତେ ବିଦାୟ ଦିଅନ୍ତୁ। ମୋ ନିକଟରେ ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଅଛି ସମ୍ପାଦନ କରିବାକୁ।"

ଦୁର୍ଯ୍ୟୋଧନ ମୋ କକ୍ଷରୁ ଚାଲିଯାଏ। ମୋତେ ଲାଗେ ଏ ହସ୍ତିନାପୁର କେବଳ ମୋ ପାଇଁ ନୁହେଁ, ସାରା କୁରୁବଂଶ ପାଇଁ ଅନ୍ଧକାରର ପ୍ରାସାଦ ହେବାକୁ ଯାଉଛି।

ସେଦିନ ମହାରାଜ ଧୃତରାଷ୍ଟ୍ର ସଭାଗୃହରୁ ପ୍ରତ୍ୟାବର୍ତ୍ତନ କରିବା ପରେ ନିରବରେ ଓ ବହୁ ସମୟ ଏକାନ୍ତରେ ତାଙ୍କ କକ୍ଷରେ ବିତାଇଲେ। ମୁଁ ଜାଣିବା ପାଇଁ ବ୍ୟଗ୍ର ଥିଲି ଦ୍ରୁପଦଙ୍କ ରାଜପୁରୋହିତ ଶାନ୍ତିଦୂତ ହୋଇ ସନ୍ଧି ପ୍ରସ୍ତାବ ନେଇ ଆସିଥିଲେ ତା'ର କ'ଣ ଫଳାଫଳ ହେଲା? ମୁଁ ବହୁତ ପଚରା-ଉଚରା କଲା ପରେ ମୋ ସ୍ୱାମୀ କହିଲେ, "ଏ ଯାଏ କିଛି ସ୍ଥିର ହୋଇ ନାହିଁ। ପିତାମହ ଭୀଷ୍ମ, ଦ୍ରୋଣାଚାର୍ଯ୍ୟ ବା କୁଳଗୁରୁ କୃପାଚାର୍ଯ୍ୟ କେହି ଯୁଦ୍ଧର ସପକ୍ଷରେ ନୁହନ୍ତି। ସଭାରେ ଅର୍ଜୁନଙ୍କ ପ୍ରଶଂସା ଶୁଣି କର୍ଣ୍ଣ ଅତ୍ୟନ୍ତ ଉତ୍ତ୍ୟକ୍ତ ହୋଇ କ୍ରୁଦ୍ଧ ଭାବରେ ଦ୍ରୁପଦଙ୍କ ରାଜପୁରୋହିତଙ୍କୁ ଅସମ୍ମାନ ଦେଖାଇଲେ। ଭୀଷ୍ମ ମଧ୍ୟ କର୍ଣ୍ଣଙ୍କୁ ଉଚିତ୍ ଜବାବ ଦେଲେ। ସବୁକୁ ଦୃଷ୍ଟିକୁ ନେଇ ମୁଁ ଘୋଷଣା କଲି, "ସଞ୍ଜୟ ଆମର ଦୂତ ହୋଇ ଶୀଘ୍ର ଯୁଧିଷ୍ଠିରଙ୍କୁ ଭେଟିବା ପାଇଁ ବିରାଟଙ୍କ ଉପଲବ୍ୟ ନଗରୀକୁ ଯିବେ। ଆପଣ ନିଶ୍ଚିନ୍ତ ହୋଇ ପ୍ରତ୍ୟାବର୍ତ୍ତନ କରନ୍ତୁ ରାଜପୁରୋହିତ!"

ମୋର ବା ଆଉ କ'ଣ ପଚାରିବାର ଥିଲା?

ମୋ ପତିଙ୍କ ବିବଶତା ମୁଁ ହୃଦୟଙ୍ଗମ କରି ପାରୁଥାଏ। ଏପଟେ ଦୁର୍ଯ୍ୟୋଧନ ପ୍ରତି ଅତ୍ୟଧିକ ପୁତ୍ର ସ୍ନେହ ସେପଟେ ଧର୍ମ ଓ ନିରପେକ୍ଷତାର ଆଦର୍ଶ। ସେ ନିଶ୍ଚୟ ବଡ଼ କଠିନ ସମୟ ଦେଇ ଗତି କରୁଥିବେ। ଏଥିପାଇଁ ମୁଁ ମୋ ନିଜକୁ ବେଳେବେଳେ ଦାୟୀ କରେ। ମୁଁ ଯଦି ଭ୍ରାତା ଶକୁନିଙ୍କର ଉପଦେଶ ମାନି ଥାଆନ୍ତି ତେବେ ହୁଏତ ଗାନ୍ଧାରର ବହୁ କ୍ଷତି ହୋଇଥାଆନ୍ତା - ବିପୁଳ ଜନଜୀବନ ନଷ୍ଟ ହୋଇଥାଆନ୍ତା, କିନ୍ତୁ ପିତୃକୁଳ ରକ୍ଷା କରିବାକୁ ଯାଇ ମୁଁ ପିତୃକୁଳ ରକ୍ଷା କରିପାରିଲି ନା ଏପଟେ ଶ୍ୱଶୁରକୁଳ ରକ୍ଷା କରିପାରିଲି? ମୋ ଭାଇମାନେ ବନ୍ଦୀଶାଳାରେ ମୃତ୍ୟୁ ମୁଖରେ ପଡ଼ିଲେ ଏବଂ କେବଳ ଭ୍ରାତା ଶକୁନି ବଞ୍ଚି ରହିଲେ। ସେ କିନ୍ତୁ ତାଙ୍କ ପ୍ରତିଜ୍ଞାକୁ ସାକାର କରିବାରେ ଲାଗି ପଡ଼ି ଦୁର୍ଯ୍ୟୋଧନକୁ ଅହଙ୍କାର ଓ ଲୋଭର ସୁରାପାନ କରେଇବାରେ ଲାଗି ପଡ଼ିଛନ୍ତି। ସେ ଭୀଷ୍ମଙ୍କ ଉପରେ ପ୍ରତିଶୋଧ ନେବାରେ ବଦ୍ଧପରିକର। ହେ ମହାଦେବ! ତାଙ୍କୁ ସୁବୁଦ୍ଧି ଦିଅ ଓ ଏହି କୁରୁବଂଶକୁ ବିନାଶ ମୁଖରୁ ରକ୍ଷା କର। ଏବେ ମୁଁ ମହାରାଜଙ୍କ ଆସିବାକୁ ଅପେକ୍ଷା କରି ରହିଥିଲେ ମଧ୍ୟ ତାଙ୍କୁ କିଛି ପ୍ରଶ୍ନ କରେ ନାହିଁ। ନୀହାରିକା ଓ ସୁଶୀଳା ଅନେକ ଖବର ସଂଗ୍ରହ କରି ମୋ ନିକଟରେ ପ୍ରକାଶ କରନ୍ତି। ସେମାନେ ଡ଼ରି ଡ଼ରି ମୋତେ ଜଣାନ୍ତି, "ଯୁବରାଜ ଯୁଦ୍ଧ ଲାଗି ପ୍ରସ୍ତୁତ ହେଉଛନ୍ତି ଏବଂ ସେଥିପାଇଁ ବିଭିନ୍ନ ରାଜ୍ୟକୁ ଦୂତ ପଠାଉଛନ୍ତି, ଯଦିଓ ମହାରାଜ ଧୃତରାଷ୍ଟ୍ର ସଞ୍ଜୟଙ୍କୁ ପାଣ୍ଡବମାନଙ୍କ ପାଖକୁ ପଠାଇଛନ୍ତି ପାଣ୍ଡବ ଓ କୌରବମାନଙ୍କ ମଧ୍ୟରେ

ମିତ୍ରତା ସ୍ଥାପନ କରି ଯୁଦ୍ଧର ଭୟାବହ ଧ୍ୱଂସ ଲୀଳାରୁ ଉଭୟ ବଂଶକୁ ରକ୍ଷା କରିବା ପାଇଁ ।”

ମୁଁ ସୁଶୀଳାକୁ ପଚାରିଲି ତୁ ଏତେ ଖବର ପାଉଛୁ କେଉଁଠୁ?

“ମହାରାଣୀ! ମୋ ଭାଇ ଯିଏ ଯୁବରାଜ ଦୁର୍ଯ୍ୟୋଧନଙ୍କର ଘୋଡ଼ାମାନଙ୍କର ଯତ୍ନ ନେବାରେ ନିୟୋଜିତ ଅଛନ୍ତି । ତାଙ୍କଠାରୁ ରାଜା ଘରେ ସୋରିଷ ଫୁଟିଲେ ତାହା କାହାକୁ ଗୋଚର ନ ହୁଏ?”

ମୁଁ ମନେ ମନେ ଭାବିଲି, ନିଆଁ ଟିକିଏ କୁହୁଳିଲେ ତାକୁ କ’ଣ ଲୁଚେଇ ରଖି ହେବ? ସେ ନିଶ୍ଚୟ ଅଗ୍ନି ହୋଇ ପ୍ରକଟ ହେବ । ପିଲାଦିନୁ କୌରବମାନେ ପାଣ୍ଡୁ ପୁତ୍ରଙ୍କୁ ସହି ପାରନ୍ତି ନାହିଁ ଏବଂ ତାଙ୍କ ପ୍ରତି ଈର୍ଷାପରାୟଣ ଓ ଅସୂୟା ଯୁକ୍ତ, ଏକଥା କୁରୁ ରାଜ୍ୟରେ କିଏ ନ ଜାଣେ?

ନୀହାରିକା କହିଲା, “ସୁଶୀଳା, ଆମ ମହାରାଣୀ ମହାରାଜଙ୍କୁ ସନ୍ଧି, ଦୂତ ପ୍ରେରଣ ଇତ୍ୟାଦି ବିଷୟରେ ପଚାରିବାକୁ ଉଚିତ ମନେ କରୁନାହାନ୍ତି, କିନ୍ତୁ କୁରୁରାଜ୍ୟର ଭାଗ୍ୟ ଓ ଭବିଷ୍ୟକୁ ନେଇ ସେ ଅତ୍ୟନ୍ତ ଚିନ୍ତିତା । ତୁ ଯଦି ତୋ ଭ୍ରାତାଙ୍କଠାରୁ କିଛି କୁଶଳ ସମାଚାର ପାଉ ତାହା ଆସି ଆମ ଅନ୍ନଦାତ୍ରୀ ମହାରାଣୀଙ୍କୁ ଜଣାଇବୁ । ତାଙ୍କର ସଦା ଦଗ୍ଧୀଭୂତ ହେଉଥିବା ହୃଦୟକୁ ଟିକିଏ ଶାନ୍ତି ମିଳିପାରେ ।”

ସୁଶୀଳା ଦୀର୍ଘ ଶ୍ୱାସ ତ୍ୟାଗ କରି କହିଲା, “ସଖି ନୀହାରିକା ଭାଗ୍ୟ କି ପଦାର୍ଥ କେହି ଜାଣେ ନାହିଁ । ମଣିଷ ଅଦୃଷ୍ଟ ହାତରେ କାଷ୍ଠ ପୁତ୍ତଳିକା ପରି ନୃତ୍ୟ କରୁଥାଏ । କାହିଁକି ମାତା ସତ୍ୟବତୀଙ୍କ ପିତା ତାଙ୍କ ବିବାହ ପ୍ରସଙ୍ଗରେ ଏପରି କଠିନ ସର୍ତ୍ତ ରଖିଥିଲେ? ପିତାମହ ଭୀଷ୍ମ ଏପରି ପ୍ରତିଜ୍ଞା କଲେ କାହିଁକି? ସବୁ ସେଇ ବିଧାତାର ଖେଳ । ଏ ଯୁଦ୍ଧ ଯଦି ପ୍ରକୃତରେ ହୁଏ ତେବେ ଦୁଇ ପ୍ରତାପୀ ଶତ୍ରୁ ପକ୍ଷ ମଧ୍ୟରୁ କାହା ଜୟ ହେବ କହିବା ଅସମ୍ଭବ ।”

ମୁଁ ମାନସିକ ସ୍ତରରେ ବି ଭୀଷଣ କ୍ଳାନ୍ତ । ମୋ ଚକ୍ଷୁ ଅବଶ ଲାଗିବାକୁ ଲାଗିଲା ଏବଂ ମୁଁ ଚିନ୍ତିତ ହୋଇ ଶୟନ କରିଲି ।

ନୀହାରିକା ଧୀରେ ଧୀରେ ମୋ ପାଦ ମଞ୍ଜାଳିବାକୁ ଲାଗିଲା । କିଛିଦିନ ହେଲା ମୋର ସନ୍ଧ୍ୟା ହେଲେ ଗଳାରେ କଷ୍ଟ ହେଉଛି, କଥା ଭଲ କରି କହିପାରୁ ନାହିଁ । ସୁଶୀଳା ମୋ ପାଇଁ କିଛି ତୁଳସୀ ପତ୍ର ଓ ଅଦ୍ରକର ରସ ନିର୍ଗତ କରି ମଧୁ ସହିତ ମୋତେ ପାନ କରିବାକୁ ଦେଉଛି । ରାତ୍ରିରେ ନିଦ୍ରା ଯିବା ପୂର୍ବରୁ କିଛି ଗରମ ଦୁଗ୍ଧରେ ହରିଦ୍ରା ଚୂର୍ଣ୍ଣ ମିଶ୍ରଣ କରି ମୋତେ ସେବନ କରିବାକୁ ଦିଏ । ଏଥି ଯୋଗୁଁ ମୋ କଫ କିଛି ମାତ୍ରାରେ ଉପଶମ

ହୋଇଛି । ଶାରୀରିକ ପୀଡ଼ା ପାଇଁ କିଛି ଔଷଧି ଅଛି, କିନ୍ତୁ ମାନସିକ ପୀଡ଼ା ଓ ଚିନ୍ତା ପାଇଁ କ'ଣ କିଛି ଔଷଧି ଅଛି? ସନ୍ଧ୍ୟା ହେବାରୁ ନୀହାରିକା ମୋତେ ଧୀର ସ୍ୱରରେ କହିଲା, "ମହାରାଣୀ ନିଦ୍ରା ପରିତ୍ୟାଗ କରନ୍ତୁ । ମହାରାଜ ସଭାକକ୍ଷରୁ ଫେରିବାର ସମୟ ଆଗତ ।"

ମହାରାଜ ଆସି ନିଜ ଆସନରେ ଉପବିଷ୍ଟ ହୋଇ ଡ଼ାକିଲେ, "ପ୍ରିୟେ ଗାନ୍ଧାରି! ତୁମେ କେଉଁଠି ଅଛ । ମୋ ପାଖୁ ଶୀଘ୍ର ଆସ ।"

ସୁଶୀଳା ଓ ନୀହାରିକା ମୋତେ ନେଇ ତାଙ୍କ ସମୀପରେ ଥିବା ରିକ୍ତ ଆସନରେ ଉପବିଷ୍ଟ କରାଇଲେ । ମୁଁ କହିଲି, "ମହାରାଜ, ଆପଣ ମୋତେ ଖୋଜୁଥିଲେ ।"

ସେ କହିଲେ, "ହଁ ଗାନ୍ଧାରି, ହଁ । ମୁଁ ତୁମକୁ କହିବାକୁ ଚାହେଁ ସଞ୍ଜୟ ଆମ ପକ୍ଷରୁ ଦୂତ ହୋଇ ଯୁଧିଷ୍ଠିରଙ୍କ ପାଖୁ ଯାଇଛନ୍ତି । ମୁଁ ତାଙ୍କୁ ବହୁତ ବୁଝାଇ କହିଛି ଯେପରି ଯୁଦ୍ଧ ନ ହୁଏ ସେଥିପାଇଁ ସେ ପର୍ଯ୍ୟାପ୍ତ ଚେଷ୍ଟା କରିବେ । ତାଙ୍କ ପକ୍ଷରେ କୃଷ୍ଣ, ଧୃଷ୍ଟଦ୍ୟୁମ୍ନ ଓ ବୀର ଭ୍ରାତାମାନେ ଥିଲେ ମଧ୍ୟ ଦୁର୍ଯ୍ୟୋଧନ ପକ୍ଷରେ ଭୀଷ୍ମ, ଦ୍ରୋଣ, କର୍ଣ୍ଣ ଓ ଅଶ୍ୱତ୍ଥାମା ଆଦି ମହାରଥୀମାନେ ଅଛନ୍ତି । ଦୁଇପକ୍ଷର ଯୋଦ୍ଧାମାନେ କିଏ କାହାକୁ କମ୍ ନୁହନ୍ତି । ତେଣୁ ଶାନ୍ତି ଯେପରି ସ୍ଥାପନା ହୁଏ ସେପରି ଚେଷ୍ଟା କରିବ ।"

ଏବେ ମୁଁ ମୁହଁ ଖୋଲି ପଚାରିଲି, "ମହାରାଜ! ଆପଣ ଇନ୍ଦ୍ରପ୍ରସ୍ଥ ସେମାନଙ୍କୁ ଫେରାଇ ଦେବା କଥା କହିଛନ୍ତି?"

ସ୍ୱାମୀ ଗମ୍ଭୀର ହୋଇ ଉତ୍ତର ଦେଲେ, "ନା', ଦୁର୍ଯ୍ୟୋଧନ ଏହାର ବିରୋଧୀ । ସେ ସମ୍ପୂର୍ଣ୍ଣ କୁରୁରାଜ୍ୟ ଭୋଗ କରିବାକୁ ଚାହେଁ ।"

ମୁଁ ଉତ୍ତର ଦେଲି "ତେବେ ଯୁଦ୍ଧ ଅବଶ୍ୟମ୍ଭାବୀ । ସେମାନେ ସବୁଦିନ ବିରାଟ ରାଜାଙ୍କ ପାଖେ ବା ଦ୍ରୁପଦଙ୍କ ପାଖେ ରହିପାରିବେ ନାହିଁ । ପାଣ୍ଡବମାନେ ନିଶ୍ଚୟ ତାଙ୍କ ରାଜ୍ୟ ପାଇଁ ଯୁଦ୍ଧ କରିବେ । ଚିରସ୍ଥାୟୀ ଶାନ୍ତିର ସର୍ବପ୍ରଥମ ସର୍ତ୍ତ ହେଉଛି, ପାଣ୍ଡବମାନଙ୍କୁ ତାଙ୍କର ଉଚିତ ପ୍ରାପ୍ୟ ଦେଇଦେବା ।"

ମୋ ସ୍ୱାମୀ ବାଷ୍ପରୁଦ୍ଧ କଣ୍ଠରେ କହିଲେ, "ଗାନ୍ଧାରି! ମୁଁ ଦୁର୍ଯ୍ୟୋଧନର ପିତା । ସେ ମୋ ରକ୍ତରୁ ଜନ୍ମ । ମୁଁ ତାକୁ ଅସନ୍ତୁଷ୍ଟ କରିବାକୁ ଇଚ୍ଛା କରେ ନାହିଁ ।"

"ଆପଣ ରାଜା ହୋଇ ନ୍ୟାୟ-ଅନ୍ୟାୟର ପାର୍ଥକ୍ୟ ଦେଖିବାକୁ ସକ୍ଷମ ନୁହନ୍ତି? ଅତ୍ୟଧିକ ପୁତ୍ର ସ୍ନେହରେ ଅନ୍ଧ ହେଲେ ଆପଣଙ୍କ ପୁତ୍ରର ସର୍ବନାଶ ହେବ ।" ମୁଁ ଧୀର ତଥା କଠିନ ସ୍ୱରରେ କହିଲି । ମୋ ସ୍ୱାମୀ ମୋ ହସ୍ତକୁ ତାଙ୍କ ହସ୍ତ ମଧ୍ୟରେ ସ୍ଥାପନା କରି କହିଲେ, "ଗାନ୍ଧାରି! ତୁମେ ଦୁର୍ଯ୍ୟୋଧନର ମାଆ ହୋଇ କିପରି କହିପାରୁଛ?"

"ହଁ, ମୁଁ ଦୁର୍ଯ୍ୟୋଧନର ମାତା, ମୁଁ ତାକୁ ବହୁତ ସ୍ନେହ କରେ । ତା' ଅମଙ୍ଗଳ ମୋତେ କଷ୍ଟ ଦେବ । ତେଣୁ ମୁଁ ପୂର୍ବରୁ ତୁମକୁ ସୂଚାଇ ଦେଉଛି ଯାହା ନ୍ୟାୟ ତୁମେ ସେୟା ହିଁ କର ।"

ତହିଁ ଆରଦିନ ସଞ୍ଜୟ କୌରବ ପକ୍ଷରୁ ଦୂତ ହୋଇ ପାଣ୍ଡବମାନଙ୍କ ପାଖୁ ଗଲେ । ସଞ୍ଜୟ ବିରାଟଙ୍କ ଉପଲବ୍ୟ ନଗରୀରେ ପହଞ୍ଚି ମହାରାଜ କହିଥିବା ଅନୁସାରେ ତାଙ୍କୁ ଯୁଧିଷ୍ଠିରଙ୍କୁ ପାଣ୍ଡବମାନଙ୍କ କୁଶଳ ସମାଚାର ପଚାରିଲେ ଓ ଧୃତରାଷ୍ଟ୍ରଙ୍କ ଗଭୀର ସ୍ନେହ ତାଙ୍କୁ ଜଣାଇଲେ । କଥାବାର୍ତ୍ତା ପ୍ରସଙ୍ଗରେ ଯୁଧିଷ୍ଠିରଙ୍କୁ କହିଥିଲେ ଧୃତରାଷ୍ଟ୍ର ଯୁଦ୍ଧ ଚାହାନ୍ତି ନାହିଁ । ସେ ପାଣ୍ଡବ ଓ କୌରବମାନଙ୍କ ମଧ୍ୟରେ ମିତ୍ରତା ଚାହାନ୍ତି ।

ସେଠାରେ ଶ୍ରୀକୃଷ୍ଣ ଉପସ୍ଥିତ ଥିଲେ, ଯୁଧିଷ୍ଠିର ତାଙ୍କ ଉପଦେଶ ଭିକ୍ଷା କଲେ । ଶ୍ରୀକୃଷ୍ଣ ଅଳ୍ପ ହସି ସଞ୍ଜୟଙ୍କୁ କହିଲେ, "ମୁଁ ପାଣ୍ଡବ ଓ କୌରବ ଉଭୟଙ୍କ ମଙ୍ଗଳ ଚାହେଁ । ଯୁଧିଷ୍ଠିର ମଧ୍ୟ ଶାନ୍ତି ଓ ସନ୍ଧି ଚାହାନ୍ତି । ଏହାର ଅର୍ଥ ନୁହେଁ ତାଙ୍କ ପ୍ରାପ୍ୟକୁ ସେ ବିନା ଯୁଦ୍ଧରେ ଦୁର୍ଯ୍ୟୋଧନକୁ ଦେଇ ଦେଇ ଭିକ୍ଷା ବୃତ୍ତି କରି ଜୀବନ ନିର୍ବାହ କରିବେ? ଏହା କ୍ଷତ୍ରିୟର ଧର୍ମ ନୁହେଁ ।" ଯୁଧିଷ୍ଠିର ମଧ୍ୟ ସଞ୍ଜୟଙ୍କୁ ଖୁବ୍ ନମ୍ରତାର ସହିତ କହିଲେ, "ଯୁଦ୍ଧ ମୁଁ ଚାହେଁ ନାହିଁ । ଧୃତରାଷ୍ଟ୍ର ଯେପରି ସ୍ନେହପରବଶ ହୋଇ ଆମକୁ ଆମ ପିତୃରାଜ୍ୟର ଅର୍ଦ୍ଧେକ ଦେଇଥିଲେ ଏବେ ମଧ୍ୟ ସେପରି କରନ୍ତୁ । ଅନ୍ତତଃ ପକ୍ଷେ ଆମକୁ ପାଞ୍ଚଟି ଗ୍ରାମ ଦେଇ ଦେଲେ ସେତିକିରେ ସନ୍ତୁଷ୍ଟ ହୋଇ ଆମେ ଯୁଦ୍ଧ କରିବୁ ନାହିଁ ।" ଏହାପରେ ସଞ୍ଜୟ ଯୁଧିଷ୍ଠିରଙ୍କ ଠାରୁ ବିଦାୟ ନେଇ ହସ୍ତିନାପୁର ପ୍ରତ୍ୟାବର୍ତ୍ତନ କଲେ । ଏଣେ ସନ୍ଧି ପାଇଁ ଚେଷ୍ଟା ଚାଲିଥିଲେ ମଧ୍ୟ ଉଭୟ ପକ୍ଷ ଯୁଦ୍ଧ ଆୟୋଜନରେ ନିଜ ନିଜକୁ ବ୍ୟସ୍ତ ରଖି ଥାଆନ୍ତି । ଦୂତ ପ୍ରେରଣ କରି ସେମାନେ ଏହି ବିରାଟ ଯୁଦ୍ଧରେ ଯୋଗ ପାଇଁ ବିଭିନ୍ନ ରାଜା ଓ ମହାରାଜାମାନଙ୍କ ପାଖୁ ସମ୍ବାଦ ପଠାଇଲେ । ସେମାନେ ସମସ୍ତେ ନିଜ ନିଜର ବିଶାଳ ସୈନ୍ୟ ସାମନ୍ତ ଧରି ଆଗେଇଲେ । ଏହି ସମୟରେ ମାଦ୍ରୀଙ୍କ ଭ୍ରାତା ଶଲ୍ୟ ତାଙ୍କ ଭଣଜା ତଥା ପାଣ୍ଡବମାନଙ୍କୁ ସାହାଯ୍ୟ କରିବା ପାଇଁ ବାହାରି ଥିଲେ । ମଦ୍ର ଦେଶରୁ ହସ୍ତିନାପୁରର ଯୁଦ୍ଧକ୍ଷେତ୍ର ଆସିବା ବାଟରେ ଦୁର୍ଯ୍ୟୋଧନ କପଟତା କରି ତାଙ୍କୁ ଏପରି ସମ୍ମାନ କରିଥିଲେ ଯେ ସେ ଜାଣିପାରି ନ ଥିଲେ ଏହି ଚର୍ଚ୍ଚା ପାଣ୍ଡବଙ୍କ ପକ୍ଷରୁ କରାଯାଇ ନାହିଁ । ତେଣୁ ଦୁର୍ଯ୍ୟୋଧନର ଚକ୍ରାନ୍ତରେ ପଡ଼ି ଶେଷରେ ସେ ବାଧ୍ୟ ହୋଇଥିଲେ ନିଜ ଭଣଜାମାନଙ୍କ ବିପକ୍ଷରେ ଯୁଦ୍ଧ କରିବାକୁ । ଶଲ୍ୟ, ତାଙ୍କର ପୁତ୍ରଙ୍କୁ ନେଇ ପାଣ୍ଡବମାନଙ୍କ ପକ୍ଷରେ ଯୁଦ୍ଧ କରିବାକୁ ଆସିଥିଲେ, ମାତ୍ର ପରିସ୍ଥିତିର ଶିକାର ହୋଇ ସେ କୌରବମାନଙ୍କ ପକ୍ଷରେ ଯୁଦ୍ଧ କଲେ । ସଞ୍ଜୟ ଯୁଧିଷ୍ଠିରଙ୍କ ପାଖୁ ସନ୍ଧି ପ୍ରସ୍ତାବ ନେଇ ଯାଇଥିଲେ ଯେଉଁଥିରେ ଧୃତରାଷ୍ଟ୍ର ଶାନ୍ତି ଚାହାନ୍ତି ବ୍ୟତୀତ କେତେ ରାଜ୍ୟ ପାଣ୍ଡବମାନଙ୍କୁ ଦେବେ ସେ ବିଷୟରେ ନିରବ ଥିଲେ । ସେଠାରେ ଉପସ୍ଥିତ ଥିବା କୃଷ୍ଣ ମଧ୍ୟ କହିଲେ ଯେ ସେ ପାଣ୍ଡବ ଓ କୌରବ ମଙ୍ଗଳ କାମନା କରି ଆସିଛି । ସଞ୍ଜୟ କିନ୍ତୁ ଯାହା କହିଲେ ସେଥିରୁ ପୂର୍ଣ୍ଣ ରୂପେ ପ୍ରମାଣିତ ପାଣ୍ଡବମାନଙ୍କ ଧର୍ମୋପାର୍ଜିତ ପୈତୃକ ରାଜ୍ୟକୁ ଧୃତରାଷ୍ଟ୍ର ଅପହରଣ କରିବାକୁ ବସିଛନ୍ତି । ଦୁର୍ଯ୍ୟୋଧନ ଶକୁନିଙ୍କ ପରାମର୍ଶରେ କପଟ ପଶାରେ ଯୁଧିଷ୍ଠିରଙ୍କୁ ପରାସ୍ତ କରି ତାଙ୍କର ଧନ ଜନ ଲକ୍ଷ୍ମୀ ନେଇ ମଧ୍ୟ ସନ୍ତୁଷ୍ଟ ନ ହୋଇ ଭରା କୁରୁସଭାରେ ଦ୍ରୌପଦୀଙ୍କୁ ବିଭିନ୍ନ ପ୍ରକାର ଅସଦ୍ ବାକ୍ୟ କହି ତାଙ୍କୁ ସେଠାରେ ଉଲଗ୍ନ କରି ନିର୍ଯାତିତା କରିବାକୁ ଚେଷ୍ଟା କରିଥିଲେ । ପରମ ଧାର୍ମିକା ଦ୍ରୌପଦୀ ନିଜର ଭକ୍ତି ଓ ଉତ୍ସର୍ଗୀକୃତ ମନୋଭାବ ଯୋଗୁ ସେଥିରୁ ରକ୍ଷା ପାଇଥିଲେ । ଧୃତରାଷ୍ଟ୍ର ପୁତ୍ରସ୍ନେହରେ ବଶ ହୋଇ ଯାହା କହିଛନ୍ତି ଓ କରିବାକୁ ଯାଉଛନ୍ତି ତାହା ଅତ୍ୟନ୍ତ ଅଶୋଭନୀୟ । କ୍ଷତ୍ରିୟର ଧର୍ମ ହେଲା ଧର୍ମରକ୍ଷା ଲାଗି ଯୁଦ୍ଧ କରିବା । ଶ୍ରୀକୃଷ୍ଣ ପୁନଶ୍ଚ ସଞ୍ଜୟଙ୍କୁ କହିଲେ,

"ତୁମେ ହସ୍ତିନା ଫେରିଯାଅ । ମୁଁ ଶାନ୍ତିଦୂତ ହୋଇ ହସ୍ତିନାପୁର ଯିବି ଏବଂ ଶେଷଥର ପାଇଁ ଧୃତରାଷ୍ଟ୍ରଙ୍କୁ ବୁଝାଇବି ପାଣ୍ଡବମାନଙ୍କ ରାଜ୍ୟ ତାଙ୍କୁ ପ୍ରଦାନ କରିବା ପାଇଁ । ସଞ୍ଜୟ ଫେରି ଆସି ଏହିସବୁ କଥା ମୋ ପତିଙ୍କୁ କହିବା ପରେ ସେ ଅତ୍ୟନ୍ତ ଚିନ୍ତିତ ହୋଇ ପଡ଼ିଲେ ଓ ବିଦୁରଙ୍କୁ ଡାକିବା ପାଇଁ ସେ ଦ୍ୱାରପାଳଙ୍କୁ ତାଙ୍କ ଭବନକୁ ପଠାଇଲେ ।

ଏସବୁ କଥା ଅନ୍ୟ କକ୍ଷରେ ଥାଇ ମଧ୍ୟ ମୁଁ ଶୁଣି ପାରୁଥାଏ ଏବଂ ସେଥିରୁ ମୁଁ ସ୍ପଷ୍ଟ ଅନୁମାନ କରୁଥାଏ ନିଶ୍ଚୟ କୌରବ ଓ ପାଣ୍ଡବଙ୍କ ମଧ୍ୟରେ ମହାଯୁଦ୍ଧ ହେବ । ଯଦିଓ ମହାରାଜା ମୋତେ ଅତ୍ୟନ୍ତ ପ୍ରେମ କରନ୍ତି, କିନ୍ତୁ ସେ ମୋ କଥାରେ ଆଦୌ ଯିବେ ନାହିଁ । ମହାରାଜ ଧୃତରାଷ୍ଟ୍ର ସତ୍ୟ ଅସତ୍ୟ, ନ୍ୟାୟ ଅନ୍ୟାୟ ଓ କରଣୀୟ ଅକରଣୀୟ ମଧ୍ୟରେ ରହି ମହା ଦ୍ୱନ୍ଦ୍ୱରେ ପଡ଼ିଛନ୍ତି । ତେଣୁ ସେ ଭାବିଛନ୍ତି ମହାଜ୍ଞାନୀ ବିଦୁରଙ୍କଠାରୁ କିଛି ସୁପରାମର୍ଶ ଓ ଉପଦେଶ ଶୁଣି ସେ ଚିନ୍ତାଶୂନ୍ୟ ହୋଇ ଟିକିଏ ନିଦ୍ରା ଯାଇପାରିବେ । ବିଦୁର ଆସି ମୁଁ ଯାହା ଭାବିଥିଲି ସେଇ ଉପଦେଶ ମହାରାଜ ଧୃତରାଷ୍ଟ୍ରଙ୍କୁ ଦେଲେ । ସେ କହିଲେ, "ଧର୍ମପୁତ୍ର ଯୁଧିଷ୍ଠିର ତ୍ରିଭୁବନର ଅଧିକାରୀ ହେବାର ଯୋଗ୍ୟ । ଆପଣ ଅତିରିକ୍ତ ପୁତ୍ର ସ୍ନେହରେ ଅନ୍ଧ ହୋଇ ତାଙ୍କ ପ୍ରାପ୍ୟରୁ ବଞ୍ଚିତ କରି ଦୁର୍ଯ୍ୟୋଧନ, ଦୁଃଶାସନ, କର୍ଣ୍ଣ ଓ ଶକୁନିଙ୍କ ପରି ଅଯୋଗ୍ୟ ବ୍ୟକ୍ତିମାନଙ୍କ ହସ୍ତରେ ଏତେ କୀର୍ତ୍ତିବାନ କୌରବବଂଶର ମର୍ଯ୍ୟାଦା ଟେକି ଦେବାକୁ ବସିଛନ୍ତି? ମୋ କଥା ଏବେ ବି ମାନନ୍ତୁ ଏବଂ ପାଣ୍ଡୁଙ୍କର ପଞ୍ଚପୁତ୍ରଙ୍କୁ ତାଙ୍କର ନ୍ୟାୟୋଚିତ ପ୍ରାପ୍ୟ ପ୍ରଦାନ କରି ଅର୍ଦ୍ଧେକ ରାଜ୍ୟରେ ନିଜ ପୁତ୍ରମାନଙ୍କ ସହିତ ବସବାସ କରନ୍ତୁ । ଏ ପୃଥିବୀରେ ସବୁକିଛି କ୍ଷଣସ୍ଥାୟୀ । ଦୁର୍ଯ୍ୟୋଧନ ଶତ ବର୍ଷ ରାଜ୍ୟ ଭୋଗ କଲା ପରେ ବି ତାଙ୍କର ମନ ସନ୍ତୁଷ୍ଟ ହେବ ନାହିଁ । ଆପଣ ବିଜ୍ଞ ଓ ବୁଦ୍ଧି ସମ୍ପନ୍ନ । ମୁଁ ଯେତେ ଉପଦେଶ ଦେଲେ ମଧ୍ୟ ତାହାର କିଛି ମୂଲ୍ୟ ନାହିଁ ଯଦି ଆପଣ ନ୍ୟାୟ ପଥରେ ଯିବାକୁ ନ ଚାହାନ୍ତି ।"

ମୁଁ ସେମାନଙ୍କର ସବୁ କଥା ସ୍ପଷ୍ଟ ଭାବେ ଶୁଣି ପାରୁଥାଏ । ରାତ୍ରି ବଢ଼ି ଚାଲିଥାଏ । ମହାରାଜଙ୍କର ଦୁଃଖଭରା ଦୀର୍ଘ ନିଃଶ୍ୱାସ ମୁଁ ଶୁଣି ପାରୁଥାଏ । ସାରା ରାତି ବିଦୁର ତାଙ୍କୁ ସତ୍ତ୍ୱେ ଉପଦେଶ ଦେବାରେ ଲାଗିଥାଆନ୍ତି । ମୋ ସ୍ୱାମୀ ସେ ସବୁ କେବଳ ନିରବରେ ଶ୍ରବଣ କରୁଥାଆନ୍ତି । ମୁଁ ବି ରାତି ସାରା ସେ ଶୟନ କକ୍ଷରେ ଉଜାଗର ରହି ବିଦୁରଙ୍କର ସବୁ କଥା ଶ୍ରବଣ କରୁଥାଏ । ମୁଁ ଜାଣେ ବିଦୁର ଯାହା କହୁଛନ୍ତି ତାହା ସତ୍ୟ ଏବଂ ଏହା ମଧ୍ୟ ହୃଦୟଙ୍ଗମ କରି ପାରୁଥାଏ ଯଦିଓ ଏସବୁର କ୍ଷଣିକ ପ୍ରଭାବ ଧୃତରାଷ୍ଟ୍ରଙ୍କ ଉପରେ ପଡୁଛି କିନ୍ତୁ ଆସନ୍ତା କାଲି ଦୁର୍ଯ୍ୟୋଧନକୁ ଦେଖିଲେ ସେ ସବୁ ଭୁଲି ଯିବେ ଏବଂ ଦୁର୍ଯ୍ୟୋଧନର ଇଚ୍ଛା ପୂରଣ କରିବା ପାଇଁ ଯତ୍‌ପରୋନାସ୍ତି ଚେଷ୍ଟା କରିବି । ମୁଁ ଗାନ୍ଧାରୀ, ମୁଁ ଚକ୍ଷୁରେ ପୁଟୁଳି ବାନ୍ଧି ରହିଥିଲେ ବି ମୋ ମାନସ ଚକ୍ଷୁ ସର୍ବଦା ଭବିଷ୍ୟତ ଦେଖିବାରେ ସକ୍ଷମ । ମୁଁ ଜାଣିପାରୁଛି ମୋ ପୁତ୍ରମାନଙ୍କ ଭବିଷ୍ୟତ ଅନ୍ଧକାରମୟ । ପୁତ୍ର କୁପୁତ୍ର ହେଲେ ମଧ୍ୟ ମାତା କଦାପି କୁମାତା ହୋଇ ପାରିବ ନାହିଁ । ସେ ମୁହଁରେ ଯାହା କହିଲେ ବି ତା' ହୃଦୟ ତା' ସନ୍ତାନମାନଙ୍କ ପାଇଁ ସର୍ବଦା ବିଳାପ କରୁଥିବ । ମୁଁ ଜାଣେ ମୁଁ ସେହି ମା' ମାନଙ୍କ ଭିତରୁ ଜଣେ ।

ତହିଁ ପରଦିନ ଯଥା ସମୟରେ ମହାରାଜ ସଭାରେ ଉପସ୍ଥିତ ହେଲେ । ସବୁଦିନ ପରି ସଭାଗୃହରେ ଭୀଷ୍ମ ପିତାମହ, ଦ୍ରୋଣାଚାର୍ଯ୍ୟ, କୃପାଚାର୍ଯ୍ୟ ଓ ଦୁର୍ଯ୍ୟୋଧନ ଓ ଅନ୍ୟମାନେ ସଭା ଗୃହରେ ନିଜ ନିଜର ଆସନ ଗ୍ରହଣ କରି ଉପବିଷ୍ଟ ହୋଇ ଅପେକ୍ଷା କରିଥାଆନ୍ତି ସଞ୍ଜୟଙ୍କ ବକ୍ତବ୍ୟକୁ । ମୋର ଇଚ୍ଛା ହେଉଥାଏ ସୁଶୀଳା କିମ୍ବା ନୀହାରିକାକୁ ପଠାଇ ସଭା ମଧ୍ୟରେ କି କଥାବାର୍ତ୍ତା ହେଉଛି ତାହା ଶୁଣିବା ପାଇଁ ।

ମୁଁ ନିଜକୁ ସଂଯତ କଲି । ମୁଁ ଜାଣେ ସଞ୍ଜୟ କ'ଣ କହିବେ ଓ ସଭାରେ ଉପସ୍ଥିତ ବିଜ୍ଞ ଓ ପଣ୍ଡିତମାନଙ୍କର କି ପରାମର୍ଶ ହେବ । ମୁଁ ଜାଣେ ଭୀଷ୍ମ ପିତାମହ ବଡ଼ ନିଷ୍ଠାବାନ ବ୍ୟକ୍ତି, ଦ୍ରୋଣାଚାର୍ଯ୍ୟ ଓ କୃପାଚାର୍ଯ୍ୟ ମଧ୍ୟ ଉଚିତ୍ ଅନୁଚିତ୍ ବିଚାର କରିବାର ବୁଦ୍ଧି ଅଛି । ମାତ୍ର ଦୁର୍ଯ୍ୟୋଧନ ଏସବୁ ଶୁଣିଲେ ତ? ପୁଣି ସେ ଯାହା ଟିକିଏ ଚିନ୍ତା କରନ୍ତା ତା' ପାଖେ ତା' ଭାଇ ଦୁଃଶାସନ, ମିତ୍ର କର୍ଣ୍ଣ ଓ ମାତୁଳ ଶକୁନି ତାକୁ କିଛି ଭାବିବାକୁ ସମୟ ଦେଲେ ସିନା! ମୋର ଭ୍ରାତା ଶକୁନିଙ୍କ ଉପରେ ଭୟଙ୍କର ରାଗ ହେଉଥାଏ । ନିଜର ରାଜ୍ୟ, ପୁତ୍ରମାନଙ୍କୁ ଛାଡ଼ି ପାଞ୍ଚଶହ କୋଶ ଦୂରରେ ଭଉଣୀର ଶ୍ୱଶୁରାଳୟରେ ରହି ଏତେ କୁମତି ମୋ ପୁତ୍ରକୁ ଦେବାରେ ସେ କାହିଁକି ଏତେ ବ୍ୟସ୍ତ? ପ୍ରତିଶୋଧ ଅଗ୍ନିକୁ ପୂର୍ଣ୍ଣମାତ୍ରାରେ ନ ନିଭାଇଲେ ସେ କୁହୁଳି କୁହୁଳି ତୁମକୁ ଜାଳି ପାଉଁଶ କରିବ । ମୁଁ କଳ୍ପନା କରିପାରୁଛି ଯୁଦ୍ଧ ହେଲେ ଯୁଦ୍ଧର ପରିଣତି କ'ଣ ହେବ, ମୁଁ ଜାଣେ ଏ କୃଷ୍ଣ ସାଧାରଣ ମନୁଷ୍ୟ ନୁହନ୍ତି । ଏ ସତ୍ୟର ପଥ ପ୍ରଦର୍ଶକ ଏବଂ ଇଏ ମଧ୍ୟ ପାଣ୍ଡବମାନଙ୍କର ମାତୁଳପୁତ୍ର ଭ୍ରାତା । ସେ ନିଶ୍ଚୟ ସେମାନଙ୍କର ସହାୟକ ହେବେ ।

ମୋ ମନ ଛଟପଟ ହେଉଥାଏ, ଇଚ୍ଛା ହେଉଥାଏ କୁନ୍ତୀ ପାଖୁ ଯାଇ ନିଜ ମନର ସବୁ ଦୁଃଖ ତାଙ୍କୁ କହି ଦିଅନ୍ତି । ସେ ବି ତ ମାତା, ସେ ମୋ ମନ ବୁଝନ୍ତା? ତାଙ୍କୁ କହନ୍ତି, ଚାଲ ଆମେ ଦୁହେଁ ରାଜସଭାକୁ ଯାଇ କହିବା, "ରାଜ୍ୟର ବିଭାଜନ ପୂର୍ବ ପରି କର । ମହାରାଜ ଧୃତରାଷ୍ଟ୍ର! ଦେଶରେ ଶାନ୍ତି ସ୍ଥାପନା ହେଉ, ଭାଇ ଭାଇଙ୍କ ଭିତରେ ସଦ୍‌ଭାବ ଉଦ୍ରେକ ହେଉ ।" ପୁଣି ଭାବିଲି କେଉଁ ମୁହଁ ନେଇ ମୁଁ କୁନ୍ତୀକୁ ଏ ଅନୁରୋଧ କରିବି? ମୋ ପୁତ୍ରମାନଙ୍କ ଚକ୍ରାନ୍ତରୁ ତାଙ୍କ ପୁତ୍ରମାନେ ବାଲ୍ୟକାଳରୁ ବିଭିନ୍ନ ଦୁଃଖ କଷ୍ଟ ସହି ଆସିଛନ୍ତି । ଏବେ ବି ୧୨ ବର୍ଷ ବନରେ କଟାଇ, ଏକ ବର୍ଷ ଅଜ୍ଞାତବାସରେ ପାଚକ, ନୃତ୍ୟଗୁରୁ, ଘୋଡ଼ା ସବାର, ଗାଈ ରଖୁଆଳ ହୋଇ ତ ଦ୍ରୌପଦ ରାଜକୁମାରୀ ପାଞ୍ଚାଳ ଦାସୀ ହୋଇ ଏକ ବର୍ଷ କାଳ ଅତିବାହିତ କରି ଆସିଛନ୍ତି । କୁନ୍ତୀ ଯଦି ମୋତେ ପାଲଟା ପ୍ରଶ୍ନ କହନ୍ତି, "ନାନୀ, ଆପଣ କ'ଣ ଜାଣନ୍ତି ନାହିଁ ମୋ ପୁଅମାନେ ସାରା ଜୀବନ କେତେ କଷ୍ଟ ସହିଲେଣି? ଆପଣ ମୋ ଜାଗାରେ ଥିଲେ କ'ଣ ଯୁଦ୍ଧ ନ କରି କହିଥାଆନ୍ତେ ଆପଣଙ୍କ ପୁଅମାନେ ଭିକ୍ଷା ବୃତ୍ତି କରି ବଞ୍ଚନ୍ତୁ ।" ମୁଁ କୁନ୍ତୀଙ୍କ ପାଖୁ ଯିବି କେଉଁ ମୁହଁ ନେଇ? ମୋ ମନ ବିକଳ ହେଉଛି-ମାତୃ ହୃଦୟର କାତରତାକୁ କ'ଣ ପୁତ୍ର ବି ବୁଝିପାରେ?

କ୍ରମଶଃ....

୫୨, ଖାରବେଳ ନଗର, ଭୁବନେଶ୍ୱର

KAILASH FISHERIES AQUATICS

ASTAPURA, BAISINGA, MAYURBHANJ, ODISHA
Contact. : 9437147897 | 9437191841

25 VARIETIES OF FISH BREEDING & SEEDS SUPPLY

● FIRST TRAINING CENTRE (Approved by Skill India) ● RAS System ● OWN BRAND FEED PRODUCTIONS ● AQUA ONE CENTRE ● PRAWAN HATCHREY ● AFS APPROVED BY CIFA.

ଆପଣଙ୍କ ଚିଠିପତ୍ର



ମତାମତ ପଠାଇବାର ଠିକଣା

ସମ୍ପାଦକ
'ଗୋପବନ୍ଧୁଙ୍କ ସତ୍ୟବାଦୀ', 'ସମାଜ' କାର୍ଯ୍ୟାଳୟ
ଗୋପବନ୍ଧୁ ଭବନ, ବକ୍ସିବଜାର, କଟକ-୭୫୩୦୦୧
ଦୂରଭାଷ-୦୬୭୧-୨୩୦୧୨୪୦/୨୩୦୧୬୯୭
E-mail: samaja.satyabadi@gmail.com

'ଗୋପବନ୍ଧୁଙ୍କ ସତ୍ୟବାଦୀ' ପାଠକରି ପ୍ରତିକ୍ରିୟା ପତ୍ରଯୋଗେ ଜଣାଇଥିବା କେତେକ ପାଠକ-ପାଠିକାଙ୍କ ମତାମତ ସହିତ ଆମର ଉତ୍ତର ସ୍ଥାନିତ କରୁଛୁ । ସୀମିତ ସ୍ଥାନ ହେତୁ ସମସ୍ତ ପତ୍ରକୁ ସ୍ଥାନ ଦେବା ସମ୍ଭବ ହେଉ ନ ଥିବାରୁ ଆମେ ଦୁଃଖିତ । –ସମ୍ପାଦକ

■ 'ଗୋପବନ୍ଧୁଙ୍କ ସତ୍ୟବାଦୀ' ମେ-୨୦୨୧ ସଂଖ୍ୟା ପଢ଼ିଲି । ଏହାର ବଳିଷ୍ଠ ସମ୍ପାଦକୀୟ ଅତୀତ ସହିତ ବର୍ତ୍ତମାନକୁ ଖାଲି ଯୋଡ଼ି ନାହିଁ, ଅତୀତରେ ଲବ୍‌ଧଗୁରୁକୃପାକୁ ଫେରାଇ ଆଣିବା ବାର୍ତ୍ତା ଦେଇଛି । ପତ୍ରିକାରେ ସ୍ଥାନିତ ସୁନିର୍ବାଚିତ ଗଳ୍ପ, କବିତା, ପ୍ରବନ୍ଧ, ରମ୍ୟରଚନା ଆଦି ନିରପେକ୍ଷ ସମ୍ପାଦନାର ପରିଚାୟକ । ସାମ୍ପ୍ରତିକ ସମାଜରେ ଘଟୁଥିବା ଘଟଣାଗୁଡ଼ିକର କଳାତ୍ମକ ଅନୁଧ୍ୟାନ କରି ପତ୍ରିକାଟି ପାଠକୀୟ ସ୍ୱୀକୃତି ସାଉଁଟି ଚାଲିଥାଉ– ଏହାହିଁ କାମନା ।

–ସେବତୀ ପରିଡ଼ା, ବୋଲଗଡ଼, ଖୋର୍ଦ୍ଧା

ମତାମତ ପାଇଁ ଧନ୍ୟବାଦ । 'ଗୋପବନ୍ଧୁଙ୍କ ସତ୍ୟବାଦୀ'ରେ ସୁନିର୍ବାଚିତ ଲେଖା ପ୍ରକାଶ ଦିଗରେ ଆମେ ବିଶେଷ ଗୁରୁତ୍ୱ ଦେଇଥାଉ । ପତ୍ରିକାର ଅଗଣିତ ପାଠକ-ପାଠିକାଙ୍କ ଗଠନମୂଳକ ପରାମର୍ଶ ହିଁ ଏ ଦିଗରେ ଆମକୁ ଆଗେଇ ନେଉଛି । ଆପଣଙ୍କୁ କୃତଜ୍ଞତା ଜଣାଉଛୁ, ପ୍ରଣାମ ।

■ 'ଗୋପବନ୍ଧୁଙ୍କ ସତ୍ୟବାଦୀ' ସାହିତ୍ୟ ପତ୍ରିକା ଓଡ଼ିଶାରୁ ପ୍ରକାଶିତ ଅନ୍ୟାନ୍ୟ ସାହିତ୍ୟ ପତ୍ରିକାଠାରୁ ଅତି ଉଚ୍ଚକୋଟୀର । ଓଡ଼ିଶାର କଳା, ଐତିହ୍ୟ, ସଂସ୍କୃତିର ବାର୍ତ୍ତାବହ ଭାବେ ଏହାର ମହକ ଅତୁଳନୀୟ । ସମ୍ପାଦକ ମହୋଦୟଙ୍କ ଦ୍ୱାରା ମନୋନୀତ ଯେଉଁସବୁ ଲେଖା ପ୍ରକାଶ ପାଉଛି ସେସବୁର ଗୁଣାତ୍ମକ ମୂଲ୍ୟବୋଧ ରହିଛି । ଏଥିପାଇଁ ଏହା ପାଠକ ମହଲରେ ପ୍ରଶଂସିତ ଓ ଆଦୃତ । ମୋ ଭଳି ଅନଗ୍ରସର ଜିଲାର ଲେଖକଲେଖିକାଙ୍କୁ ସ୍ଥାନ ଦେଉଥିବାରୁ ଆନ୍ତରିକ ଧନ୍ୟବାଦ ।

–କେଶବ ଚନ୍ଦ୍ର ନାୟକ, ମାଲକାନଗିରି

ମତାମତ ପାଇଁ ଆପଣଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜଣାଉଛୁ । ଜିଲା ନୁହେଁ, ସର୍ବଦା ଲେଖାର ଗୁଣାତ୍ମକ ମାନ ପ୍ରତି ଧ୍ୟାନ ଦେଇ ପ୍ରକାଶ କରାଯାଇଥାଏ । ବିଶେଷ କରି ନୂତନ ଲେଖକ ଲେଖିକାଙ୍କୁ ଅଗ୍ରାଧିକାର ଦିଆଯାଇଥାଏ । ପ୍ରଣାମ ।

■ 'ଗୋପବନ୍ଧୁଙ୍କ ସତ୍ୟବାଦୀ' ସାହିତ୍ୟ ପତ୍ରିକା ସମକାଳୀନ ସମୟର ଏକ ଉନ୍ନତମାନର ସାହିତ୍ୟ ପତ୍ରିକା, ଏହା ଅନସ୍ୱୀକାର୍ଯ୍ୟ । ଏହାର ପ୍ରଚ୍ଛଦ, ସମ୍ପାଦକୀୟ ଅତୁଳନୀୟ । ମଇ ସଂଖ୍ୟାରେ ପ୍ରକାଶିତ ଗାଳ୍ପିକ ପଞ୍ଚାନନ ଦାଶଙ୍କର କ୍ଷୁଦ୍ରଗଳ୍ପ 'କିଣା କନିଆଁ' ଅତି ଉଚ୍ଚକୋଟୀର, ବାସ୍ତବଧର୍ମୀ ବୋଧହୁଏ । ଏହା ଗାଳ୍ପିକଙ୍କ ସମାଜମନସ୍କତାର ପରିଚୟ ଦିଏ । ଏହା ଛଡ଼ା ସ୍ଥାନିତ ପ୍ରତ୍ୟେକଟି ଲେଖା ହୃଦୟଗ୍ରାହୀ ।

–ଅମ୍ବିକା ପ୍ରସାଦ ବାରିକ, ଯାଜପୁର

ମତାମତ ପାଇଁ ଆପଣଙ୍କୁ ଧନ୍ୟବାଦ । ଗଳ୍ପ ସମ୍ପର୍କିତ ଆପଣଙ୍କ ମତ ଏହା ମାଧ୍ୟମରେ ସମ୍ପୃକ୍ତ ଗାଳ୍ପିକଙ୍କୁ ଜଣାଇ ଦେଉଛୁ । ଆପଣଙ୍କ ଭଳି ପାଠକଙ୍କ ସୁଚିନ୍ତିତ ମତାମତ ଆମକୁ ଆଗକୁ ଆଗେଇବାରେ ସାହାଯ୍ୟ କରିବ । ରୁଚିସମ୍ପନ୍ନ ଲେଖାକୁ ଆମେ ସର୍ବଦା ଗୁରୁତ୍ୱ ଦେଉଥାଉ । କୃତଜ୍ଞତା ଜଣାଉଛୁ, ପ୍ରଣାମ ।

■ 'ଗୋପବନ୍ଧୁଙ୍କ ସତ୍ୟବାଦୀ' ମଇ-୨୦୨୧ ସଂଖ୍ୟା ରୁଚିଶୀଳ ଲେଖାରେ ପରିପୂର୍ଣ୍ଣ, ଏକ ସୁଖପାଠ୍ୟ ସାରସ୍ୱତ ସମ୍ଭାର । ସାହିତ୍ୟ ଉଦ୍ୟାନର ବିଭିନ୍ନ କୁସୁମର ଏକ ସୁନ୍ଦର ମାଳା । 'ଶେଷ ପୃଷ୍ଠା'ରେ ପ୍ରକାଶିତ ତୁଳସୀ ଓଝାଙ୍କ 'ତତୋ ଜୟ ମୁଦୀରୟେତ୍' ଏକ ସମୟୋପଯୋଗୀ, ଶିକ୍ଷଣୀୟ ଆଲେଖ୍ୟ । ସ୍ରଷ୍ଟାଙ୍କ ସମ୍ପର୍କରେ ପଦେ ପ୍ରକାଶ କରାଯାଇ ନ ଥିବାରୁ ଅବସୋସ । ପରବର୍ତ୍ତୀ ସଂକଳନରେ ତାଙ୍କର ଏକ ସୃଷ୍ଟିକୁ ସ୍ଥାନିତ କରି ପରିଚିତ କରାଇବାକୁ ଅନୁରୋଧ ।

–ପ୍ରହ୍ଲାଦ ସାହୁ, ଜଟଣୀ

ଆପଣଙ୍କ ମତାମତ ପାଇଁ ଅନେକ ଧନ୍ୟବାଦ । ଲେଖିକା ତୁଳସୀ ଓଝାଙ୍କ ବହୁ ଲେଖା ପତ୍ରିକାରେ ପ୍ରକାଶ ପାଇଛି ଓ ଏଥିରେ ତାଙ୍କର ପରିଚିତି ଦିଆଯାଇଛି । ନିକଟରେ ଜାନୁଆରୀ ୨୦୨୧ ସଂଖ୍ୟାରେ 'ବିଶେଷ ଆଲେଖ୍ୟ'ରେ ତାଙ୍କର ଏକ ଲେଖା ସ୍ଥାନ ପାଇଛି, ଯେଉଁଥିରେ ତାଙ୍କର ପରିଚିତି ଉଲ୍ଲେଖ ଅଛି । କୃତଜ୍ଞତା ଜଣାଉଛୁ, ପ୍ରଣାମ ।

ଗୋପବନ୍ଧୁଙ୍କ ସତ୍ୟବାଦୀ

ଗ୍ରାହକ ଆବେଦନ ପତ୍ର

ସମାଜ The Samaja
101
YEARS OF EXCELLENCE
1919-2020

ପ୍ରାପ୍ତେଷୁ,
ସମ୍ପାଦକ, 'ଗୋପବନ୍ଧୁଙ୍କ ସତ୍ୟବାଦୀ', 'ସମାଜ', କଟକ–୭୫୩୦୦୧

ମହାଶୟ,
ଦୈନିକ ଖବରକାଗଜ 'ସମାଜ' ତରଫରୁ ପ୍ରକାଶ ପାଉଥିବା **'ଗୋପବନ୍ଧୁଙ୍କ ସତ୍ୟବାଦୀ'**ର ଗ୍ରାହକ ହେବା ନିମିତ୍ତ ମୁଁ ଇଛା କରୁଅଛି ଏବଂ ମୋର ପ୍ରତ୍ୟେକ ମାସର ପତ୍ରିକା ଡାକଯୋଗେ ପଠାଇବା ପାଇଁ ଆପଣଙ୍କୁ ଅନୁରୋଧ କରୁଅଛି । ନିମ୍ନରେ ଡାକ ଯୋଗେ ପଠାଇବାର ସବିଶେଷ ତଥ୍ୟ ସହିତ ଆପଣଙ୍କ ଦ୍ୱାରା ନିର୍ଦ୍ଧାରିତ ଗ୍ରାହକ ଦେୟ ଏଥିସହିତ ପୈଠ କରୁଅଛି ।

ଗ୍ରାହକଙ୍କ ନାମ..

ସମ୍ପୂର୍ଣ୍ଣ ଡାକ ଠିକଣା..

....

....ଜିଲ୍ଲା.............................. ପିନ.................................

ଟେଲିଫୋନ ନଂ.. ଇ–ମେଲ୍ ....

ଗ୍ରାହକ ସମୟ (✓ଚିହ୍ନ ଦିଅନ୍ତୁ): ଏକ ବର୍ଷ ☐ ଛଅ ମାସ ☐ ତିନି ମାସ ☐

ଗ୍ରାହକ ଦେୟ (✓ଚିହ୍ନ ଦିଅନ୍ତୁ): ଟ.୫୦୦/– ☐ ଟ.୩୦୦/– ☐ ଟ.୧୫୦/– ☐

ଦେୟ ପୈଠର ପ୍ରକାର (✓ଚିହ୍ନ ଦିଅନ୍ତୁ): ମନି ଅର୍ଡର୍ ☐ ଡିମାଣ୍ଡ ଡ୍ରାଫ୍ଟ ☐ ନଗଦ ପୈଠ ☐

ଦେୟର ବିବରଣୀ:
ମନି ଅର୍ଡର୍ ନଂ ଓ ତାରିଖ ☐
ଡିମାଣ୍ଡ ଡ୍ରାଫ୍ଟ ନଂ ଓ ତାରିଖ ☐
ନଗଦ ପୈଠ ରସିଦ ନଂ ଓ ତାରିଖ ☐

ତାରିଖ:...................... *ଆବେଦନକାରୀଙ୍କ ସ୍ୱାକ୍ଷର*

କାର୍ଯ୍ୟାଳୟ ବ୍ୟବହାର ନିମିତ୍ତ

ଦରଖାସ୍ତ ପାଇବାର ତାରିଖ:

ଗୋପବନ୍ଧୁଙ୍କ ସତ୍ୟବାଦୀ କାର୍ଯ୍ୟାଳୟ ☐ ପ୍ରସାର ବିଭାଗ ☐

ଗ୍ରାହକ ନଂ ☐ ଦେୟର ବିବରଣୀ ☐

ଯୋଗାଣ ଆରମ୍ଭର ମାସ ☐

ସତ୍ୟବାଦୀ କାର୍ଯ୍ୟାଳୟ ତରଫରୁ *ପ୍ରସାର ବିଭାଗ ତରଫରୁ*

ବର୍ଷକୁ ୧୨ ମାସରେ 'ଗୋପବନ୍ଧୁଙ୍କ ସତ୍ୟବାଦୀ'ର ମୂଲ୍ୟ ସର୍ବମୋଟ ୭୦୦ ଟଙ୍କା ହେଉଥିଲାବେଳେ ବାର୍ଷିକ ଗ୍ରାହକଙ୍କ ନିମନ୍ତେ ରିଆତି ମୂଲ୍ୟରେ ଏହା ୫୦୦ ଟଙ୍କା ରଖାଯାଇଛି । ଏଥିସହିତ ୨ଟି ସ୍ୱତନ୍ତ୍ର ସଂଖ୍ୟା ଅନ୍ତର୍ଭୁକ୍ତ ।

ବି.ଦ୍ର.: ୧) ଗ୍ରାହକ ଦେୟ ଏକ ବର୍ଷ ପାଇଁ ଟ.୫୦୦/–, ଛଅ ମାସ ପାଇଁ ଟ.୩୦୦/–, ତିନି ମାସ ପାଇଁ ଟ.୧୫୦/–
୨) ଡାକ ଖର୍ଚ୍ଚ 'ସମାଜ' ତରଫରୁ ବହନ କରାଯିବ ।
୩) ଅନଲାଇନ୍ ଦେୟ ପୈଠ ପାଇଁ 'ସମାଜ'ର ୱେବସାଇଟ୍: **www.thesamaja.com** ଦେଖନ୍ତୁ ।
୪) ଦେୟ ପୈଠର ଠିକଣା: **DD: "The Samaja"** payable at Cuttack
Money Order: The Editor, 'Gopabandhunka Satyabadi', Gopabandhu Bhawan, Buxi Bazar, Cuttack-753001
୫) **E-Mail :** samaja.satyabadi@gmail.com

ଗାଳ୍ପିକ ସମକାଳୀନ ଓଡ଼ିଆ
ସାହିତ୍ୟରେ ଏକ ସ୍ୱର୍ଦ୍ଧିତ ସ୍ୱର ।
'ସୂର୍ଯ୍ୟଘର', 'ଜନ୍ମଦାତ୍ରୀ' ଆଦି ୫ଟି
ଗଳ୍ପ ସଂକଳନ ଓ ୪ଟି ଉପନ୍ୟାସର
ସ୍ରଷ୍ଟା ତଥା ଶିଶୁସାହିତ୍ୟିକ ।
ସାରସ୍ୱତ ପ୍ରତିଭା ପାଇଁ ସମ୍ମାନିତ ।

ସଚ୍ଚିଦାନନ୍ଦ କର

ଝୁରୁଛି ତାଙ୍କୁ ଏ ଜାତି

କିଏ ଗୋପବନ୍ଧୁ କିଭଳି ମଣିଷ
କେମିତି ହୃଦୟ, ମନ
ଜାଣିନି ସେ ହେଲେ ପହଞ୍ଚିଲା ଆସି
ଆଶା କରି କିଛି ଧନ ।
ମଥାରେ ଚନ୍ଦନ କାନ୍ଧରେ ପଇତା
ବେକରେ ରୁଦ୍ରାକ୍ଷ ମାଳ
ବ୍ରାହ୍ମଣ ବେଶରେ ଥିଲା ସିଏ ତା'ର
ହାତେ ଥିଲା ଭିକ୍ଷାଥାଳ ।
ମାଗୁଛି ମୁଁ ଜଣେ ଗରିବ ବ୍ରାହ୍ମଣ
ଦିଅ କିଛି ହାତ ଖୋଲି
କହିଲା ଏତିକି ବଢ଼ାଇଲା ଥାଳ
ଶ୍ଳୋକଟିଏ ଦେଲା ବୋଲି ।
ଗଲାନି ଦେହରେ ଗୋପବନ୍ଧୁଙ୍କର
ବ୍ରାହ୍ମଣର ଏଇ କଥା
ଗରିବ ବ୍ରାହ୍ମଣ ଭିକମଗା ପଦ
ତତାଇଲା ତାଙ୍କ ମଥା ।
ତୁ କିଆଁ ଜାଣିନୁ ଭିକମାଗିବାଟା
ଅପରାଧଟିଏ ବୋଲି
କହିଲେ ସିଏ ମୁଁ ବିରୋଧୀ ଏହାର
ପାରିବିନି ହାତ ଖୋଲି ।
ଶୁଣିଲା ଏତିକି ଫେରିଲା ନିରାଶେ
ନଥିଲା ତ କିଛି ବାଟ
ଭିକ ନ ମିଳିବା ଦୁଃଖରେ କାନ୍ଦିଲା
ଭୋକେ ହେଲା ଛଟପଟ ।

ଭିକାରିର କାନ୍ଦ ଦେଖିଦେଲା ରାମା
ସେବକ ତାଙ୍କର ସିଏ
ଆସି ତାଙ୍କ ପାଶେ କହିଲା ସେକ୍ଷଣି
ଅସୁନ୍ଦର କଥା ଇଏ ।
ଶୁଣି ଗୋପବନ୍ଧୁ ଦିଶିଲେ ଚିନ୍ତିତ
ଭାବିଲେ କି ହେଲା ଆହା
ଅନାହାର ଥିଲା ଗରିବ ଲୋକଟା
ହୋଇପାରିଲିନି ସାହା ।
ସେପରି ଲୋକକୁ କଟୁଭାଷା ମୋର
ଉଚିତ ହୋଇନି କେବେ
କହିଲେ ରାମା ତୁ ଡାକିଆଣ ତାକୁ
ଦେବି ମୁଁ ଖୁସିରେ ଏବେ ।
ଚାଲିଗଲା ରାମା ନପାଇ କେଉଁଠି
ଫେରିଲା ଶୁଖାଇ ମୁହଁ
ଶୁଣି ତା'ର କଥା କାନ୍ଦିଲେ ସେ ବସି
ବୁହାଇଲେ ଆଖି ଲୁହ ।
କହିଲେ ଆଜି ମୁଁ କଲି ପାପକାମ
ଦେବାକୁ ନ ହେଲି ରାଜି
କରିବାକୁ ହେବ ପ୍ରାୟଶ୍ଚିତ୍ତ ମୋତେ
ଉପାସେ ରହିବି ଆଜି ।
ସତରେ ସେଦିନ ରହି ସେ ଉପାସ
ବିତାଇଲେ ଗୋଟା ରାତି
ଥିଲେ ସେ ଏମିତି ଗରିବର ବନ୍ଧୁ
ଝୁରୁଛି ତାଙ୍କୁ ଏ ଜାତି ।

■■■

'ନିର୍ମାଲ୍ୟ', ନୂଆପଡ଼ା, ନୟାବଜାର, କଟକ-୪

ବୃତ୍ତି ଶିକ୍ଷକତା । ପ୍ରକାଶିତ ଶିଶୁ କବିତା ପୁସ୍ତକ 'ଜୁନି କବିତା' । ବିଭିନ୍ନ ପତ୍ରପତ୍ରିକା ତଥା ସମ୍ବାଦପତ୍ରରେ ଶିଶୁଗଳ୍ପ, କବିତା ତଥା ଗଳ୍ପ ପ୍ରକାଶିତ ।

ପ୍ରଦୀପ୍ତ କୁମାର ଆଚାର୍ଯ୍ୟ

ଝାଡୁ

ଅଳିଆ ପରା ହଟାଏ ମୁହିଁ
ସଫା ସୁତୁରା ରଖେ
ଯେଉଁଠି ତୁମେ ରୁହନା କାହିଁ
ଥାଏ ମୁଁ ପାଖେ ପାଖେ ।

ଗରିବ ହେଉ, ହେଉ ବା ଧନୀ
ସର୍ବେ ଲୋଡ଼ନ୍ତି ମତେ
ସବୁରି ସେବା କରୁଛି ବୋଲି
ଆନନ୍ଦ ପାଏ କେତେ ।

ଜାତି, ଧରମ ମାନେନି କେବେ
କାମରେ ଲାଗିଥାଏ
କରମ ଅଟେ ଧରମ ମୋର
ଏଇ କଥାଟି କୁହେ ।

ମଇଳା କରେ ନିଜ ଦେହକୁ
ଆନର ହିତ ପାଇଁ
ପରିବେଶକୁ କରିବି ସ୍ୱଚ୍ଛ
ଶପଥ ମୋର ଏହି ।

କଷଣ ପଛେ ପାଏ ଅନେକ
କରେନି ମନ ଦୁଃଖ
ମହତ କାମ କରୁଛି ବୋଲି
ମିଳେ ପରମ ସୁଖ ।

ଛୋଟିଆ ଚିଜ ବୋଲିଟି ମୁହିଁ
କରୁଛ ହତାଦର
ଭାବିଲ ଥରେ ମୋ' ପରି କିଏ
କରୁଛି ଉପକାର?

ପଚାରେ ଝାଡୁ ମଣିଷ ଭାଇ
କଥାକୁ ମୋର ହେଜ
ଛୋଟିଆ ବୋଲି ନମଣି ହେୟ
କାମର ମୂଲ ବୁଝ ।

■■■

କୋଠି, କୁଜଙ୍ଗ, ଜଗତ୍‌ସିଂହପୁର

ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ । ଚାରି ଦଶନ୍ଧିରୁ ଅଧିକ ବର୍ଷ ହେଲା ଶିଶୁ ସାହିତ୍ୟ ରଚନାରେ ନିମଗ୍ନ । ତେରଗୋଟି ଶିଶୁ କବିତା ପୁସ୍ତକ ପ୍ରକାଶିତ । ଶିଶୁ ସାହିତ୍ୟ କ୍ଷେତ୍ରକୁ ଅବଦାନର ସ୍ୱୀକୃତି ସ୍ୱରୂପ ବହୁ ସାରସ୍ୱତ ଅନୁଷ୍ଠାନରୁ ସମ୍ବର୍ଦ୍ଧିତ ତଥା ସମ୍ମାନିତ ।

ରତ୍ନାକର ନାୟକ

ମାଟି ଓ ଆକାଶ

ଦିନେ ଆକାଶ, ମାଟି
କରିଲେ ବଡ଼ ପାଟି
ବିଶାଳ କେତେ ଆକାଶ କହି
ହାତକୁ ଦେଲା ଛାଟି ।

ଦେହେ ସୂରୁଯ, ତାରା
ପଡ଼ୁଛି ମେଘ, ଖରା,
ନଥିଲେ ମୁହିଁ ବାଦଲ, ଜହ୍ନ
ହୁଅନ୍ତେ ଧରା ପରା ।

ମାଟିଲୋ ଟିକେ ଶୁଣ
କାହାର କେତେ ଗୁଣ,
ସବାତଳେ ତୁ ରହିଛୁ ପଡ଼ି
ହଜାରେ ତୋର ଖୁଣ ।

ଖରା, ବରଷା ପାଣି
ସବୁରି ମନ ଜାଣି,
ଯାହା ମୁଁ ଦିଏ ଦେବରେ କିଏ
ଦେଖାଉ ମିଛେ ଠାଣି ।

ମାଟି ଖୋଲିଲା ପାଟି
କହିଲୁ ସତ ଖାଣ୍ଟି,
ଆକାଶ ଭାଇ ଜଞ୍ଜାଳ ପାଇଁ
ହେଉଛି ସିନା ଘାଣ୍ଟି ।

ଭରିଛି ଦେହେ ମୋର
ନଈ, ପୋଖରୀ, ଯୋର,
ଫୁଲ, ଫସଲ ବଣ, ଜଙ୍ଗଲ
ଚିନ୍ତା ଅଛି କି ତୋ'ର?

ଜୀବ ଜଗତ ପାଳି
ସେବାଟି ଜପା ମାଳି,
ଦାନ କରି ମୁଁ ମହାନ ନୁହେଁ
ଦେଉଛୁ କିଆଁ ଗାଳି?

ଶୁଣ ଆକାଶ ଭାଇ
ଗରବ ମୋର ନାହିଁ
କାମ ସରିନି ଆଶା କରିନି
ବଡ଼ ଆସନ ପାଇଁ ।

ମାଟିର କଥା ଶୁଣି
ମନରେ ହେଲା ଗୁଣି,
ସତେଲୋ ମାଟି ତୁ ମାଆଟି
ସଭିଏଁ ଆମେ ଋଣୀ ।

■■■

ଭବାନୀପୁର, ଧର୍ମଶାଳା, ଯାଜପୁର-୭୫୫୦୦୮



ବିଶ୍ୱ ପ୍ରସିଦ୍ଧ ପବିତ୍ର ରଥ ଯାତ୍ରା ଉପଲକ୍ଷେ
ଓଡ଼ିଶାବାସୀଙ୍କୁ ହାର୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ।
'କରୋନା' ମହାମାରୀରୁ ନିସ୍ତାର ପାଇଁ
ସରକାରଙ୍କ ମାର୍ଗଦର୍ଶିକା ପାଳନ କରନ୍ତୁ ।

ବୃଷକେତୁ ଦାଶ

ପ୍ରଧାନ ଶିକ୍ଷକ,
ମହାରାଜାଙ୍କ ବାଳକ ଉଚ୍ଚ ବିଦ୍ୟାଳୟ
ପରଳାଖେମୁଣ୍ଡି, ଗଜପତି

ଜଣେ ଶିଶୁ ସାହିତ୍ୟିକ ଭାବରେ ସୁପରିଚିତ । 'ଜହ୍ନରେ ବଣଭୋଜି', 'ବିଜ୍ଞାନ ମୁଳକ' ଆଦି ଶିଶୁ ଗଳ୍ପସଂକଳନ ତାଙ୍କ ସୃଜନର ସ୍ୱାକ୍ଷର ବହନ କରେ । ଶିଶୁ ସାହିତ୍ୟ ପାଇଁ ସେ 'ମାଣିକ ବିଶ୍ୱନାଥ ସ୍ମୃତି ନ୍ୟାସ' ସମେତ ବହୁ ପ୍ରତିଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ ହୋଇଛନ୍ତି ।

ଦେବାଶିଷ ଚକ୍ରବର୍ତ୍ତୀ

ବଖାଣି ହେବନି ଗୁଣ

ଗଙ୍ଗା, ଗୋଦାବରୀ, କୃଷ୍ଣା, କାବେରୀ
ଅଯୋଧ୍ୟା, ମଥୁରା, ପୁରୀ
ମାଆର କାଣିଚେ ସେନେହ ସହିତ
ହୋଇକି ପାରିବେ ସରି ?

ଖାଇ ନ ଥିଲେ ମୁଁ ଅଖିଆ ଅପିଆ
ବାଟ ମୋର ଥାଏ ଚାହିଁ
ସବୁ ଦୁଃଖ ମୋର ଦେଇଥାଏ ତଡ଼ି
ମିଠାକଥା ପଦେ କହି ।

ଅଝଟ ହେଲେ ମୁଁ ଆକାଶ ଛାତିରୁ
ଚାନ୍ଦ ଆଣିଦିଏ ତୋଳି
ଆଖିରେ ମୋହର ନିଦ ଭରିଦିଏ
ଗାଇକରି ମିଠା ଲୋରି ।

ଥଣ୍ଡା ହୋଇକରି ନାକରୁ ମୋହରି
ପାଣି ଯଦି ଯାଏ ଝରି
ପିନ୍ଧିଲା ଲୁଗାରେ ପୋଛିଦିଏ ତାକୁ
ତିଳେବି ଘୃଣା ନକରି ।

ପଣତ ତାହାର ଅଭୟ ଆଶ୍ରୟ
ଗଛ ଛାଇଠାରୁ ବଳି
ଆପଦେ ବିପଦେ ରଖିଅଛି ମୋତେ
ତହିଁରେ ଘୋଡ଼େଇ କରି ।

ଜଗତେ ଏପରି ରହିଛି କିଏ ସେ
ଶୁଝିବ ତାହାର ଋଣ
ରାତିଦିନ ବସି ଗାଇଲେ ବି ତା'ର
ବଖାଣି ହେବନି ଗୁଣ ।

■■■

ମଣ୍ଡୁଆ, କେନ୍ଦୁଝରଗଡ଼-୭୫୮୦୧୪



ସେବା ମନୋବୃତ୍ତି

ରମେଶଚନ୍ଦ୍ର ଦାଶ

ଲେଖକ ବୃତ୍ତିରେ ଶିକ୍ଷକ । ଶିଶୁ ସାହିତ୍ୟିକ, ସଂଗଠକ । ଶିଶୁ ଓ କିଶୋର ଉପଯୋଗୀ ୧୮ଟି ପୁସ୍ତକ ରଚନା କରିଛନ୍ତି । ସାରସ୍ୱତ ସାଧନା ପାଇଁ ବହୁ ଅନୁଷ୍ଠାନରୁ ସମ୍ମାନିତ ।

ଉଦୁଉଦିଆ ଦି'ପହର । ଜଣେ ବାଟୋଇ ତାଙ୍କର ଦୁଇଚକିଆ ଯାନରେ ଯାଉଥାଆନ୍ତି । ହଠାତ୍ ଯାନଟିରେ କିଛି ଯାନ୍ତ୍ରିକ ତ୍ରୁଟି ଦେଖାଯିବାରୁ ଯାନଟି ଅଟକିଗଲା । ବାଟୋଇ ଜଣକ ବହୁ ଚେଷ୍ଟାକରି ଯାନଟିକୁ ଚଳାଇବାରେ ଅକ୍ଷମ ହେଲେ । ବାରମ୍ବାର ଚେଷ୍ଟା କରି ବାଟୋଇଙ୍କର ଗୋଡ଼ରେ କ୍ଷତ ମଧ୍ୟ ହୋଇଗଲା । ରାସ୍ତାଘାଟ ଶୂନ୍‌ଶାନ୍ । ଏହି ସମୟରେ ଜଣେ ବାଳକ ତା'ର ରୋଗିଣୀ ମାଆ ପାଇଁ କିଛି ଖାଦ୍ୟ ଧରି ସେହି ବାଟ ଦେଇ ଯାଉଥାଏ । ତା'ର ଗୋଟିଏ ଗୋଡ଼ ଖରାପ । ସେ ଗୋଟିଏ ଆଣ୍ଠୁବାଡ଼ି ଧରି ଧରିଥାଏ । ବାଟୋଇଙ୍କର ଅସୁବିଧା ଦେଖି ସେ ତାଙ୍କ ପାଖକୁ ଗଲା । ତାକୁ ଦେଖି ଦୁଇଚକିଆ ଯାନର

ଆରୋହୀ କହିଲେ– ତୋର ତ ଗୋଡ଼ ଖରାପ। ତୁ ମୋତେ କ'ଣ ସାହାଯ୍ୟ କରିବୁ? ତୁ ଯାଆ। ପିଲାଟି କିନ୍ତୁ ନଯାଇ କହିଲା– ଆପଣ ତ ଏତେ ଚେଷ୍ଟା କଲେଣି। ଆପଣଙ୍କର ଗୋଡ଼ ବି ଖଣ୍ଡିଆ ହୋଇଗଲେଣି। ମୋତେ ଟିକେ ଦିଅନ୍ତୁ। ମୁଁ ଚେଷ୍ଟା କରେ। ଯଦି ସେଥିରେ ବିଫଳ ହେବି ତେବେ ଆପଣ ଅନ୍ୟ ଉପାୟ ଦେଖିବେ। ବାଟୋଇ ଜଣକ ତାକୁ ଯାନଟିକୁ ଦେବାକୁ ଇଚ୍ଛୁକ ନଥିଲେ। ତାଙ୍କର ଭୟ ଥାଏ କାଳେ ଯାନଟିର ଅନ୍ୟ କୌଣସି ଅଂଶ ଖରାପ କରିଦେବ। ପିଲାଟିର ଜିଦ୍ କିନ୍ତୁ ତାଙ୍କୁ ଅଡୁଆରେ ପକାଇଲା। ସେ ବାଧ୍ୟହୋଇ ଯାନଟିକୁ ତା'ର ହାତକୁ ଦେଲେ। ପିଲାଟି ତା' ମାଆ ପାଇଁ ନେଉଥିବା ଖାଦ୍ୟ ପୁଡ଼ିଆଟି ପାଖ ଗଛ କୋରଡ଼ରେ ଥୋଇଦେଇ ଲାଗିଗଲା ଗାଡ଼ି ସଜାଡ଼ିବା କାମରେ। ତା'ର ଛୋଟ ବୁଦ୍ଧିରେ ଦୁଇଚକିଆ ଯାନ ତିଆରି କରିବାରେ ଲାଗିପଡ଼ିଲା। ସତକୁ ସତ ଅଳ୍ପ କେଇ ମୁହୂର୍ତ୍ତରେ ଗାଡ଼ିଟି ଠିକ୍ ହୋଇଗଲା।

ଗାଡ଼ିଟି ଚାଲିବାରୁ ଭଦ୍ରବ୍ୟକ୍ତି ଜଣଙ୍କ ତାକୁ ଧନ୍ୟବାଦ ଦେଇ ଚାଲିଗଲେ। ପିଲାଟି ଆତ୍ମସନ୍ତୋଷ ଲାଭ କରି ଗଛ କୋରଡ଼ ପାଖକୁ ଫେରିଲା ବେଳକୁ ଦେଖିଲା ସେଠାରେ ଖାଦ୍ୟ ନାହିଁ। ପାଖରେ ବସିଥିବା ଗୋଟିଏ କୁଆ ତାକୁ ନେଇଯାଇଛି। କୁଆ ସେହି ଖାଦ୍ୟକୁ ଖାଇବା ସହିତ ମଝିରେ ମଝିରେ କା' କା' ରାବୁଥାଏ। ସେହି ରାବ କିନ୍ତୁ ପିଲାଟିକୁ ଛିଗୁଲେଇବା ଭଳି ମନେ ହେଉଥାଏ। ସତେ ଯେମିତି କୁଆ କହୁଛି– ଦେଖ, ତୋ ଖାଦ୍ୟ କେମିତି ମୁଁ ଖାଉଛି।

ସେ ବିକଳ ହୋଇ କୁଆକୁ ଚାହିଁ ରହିଲା। ଏଣେ ମାଆ ପାଇଁ ଖାଦ୍ୟ ନାହିଁ। ଡେରି ବି ହେଲାଣି। ରାସ୍ତାଘାଟରେ କେହି ନାହିଁ। ପାଖରେ ପଇସା ବି ନାହିଁ। ସେ ଚାରିଆଡ଼କୁ ଚାହିଁ ଦେଖିଲା– ପାଖରେ ଗୋଟିଏ ବ୍ୟାଗ୍ ଥୁଆ ହୋଇଛି। ସେ ଜାଣିଗଲା ଯେ ବ୍ୟାଗଟି ଗାଡ଼ି-ଚାଳକଙ୍କର। ସେ କେମିତି ତାଙ୍କୁ ଏହା ଫେରାଇବ, ପୁଣି ଗୋଟିଏ ନୂଆ ଚିନ୍ତା ତାକୁ ଘାରିଲା। ଧୀରେ ଧୀରେ ଖରା ବଢ଼ିବା ସହିତ ବିଳମ୍ବ ବି ହେଉଥାଏ। ଏତିକିବେଳେ ଜଣେ ଭଦ୍ରବ୍ୟକ୍ତି ସେଠାରେ ଉପସ୍ଥିତ ହୋଇ କହିଲେ– ଗାଡ଼ିଚାଳକ ଜଣଙ୍କ ଯେଉଁ ବ୍ୟାଗଟି ଛାଡ଼ି ଯାଇଥିଲେ ସେଇଟି ତୋର। କିଛି ପଚାରିବା ପୂର୍ବରୁ ସେହି ଭଦ୍ରବ୍ୟକ୍ତି ଚାଲିଗଲେ। ପ୍ରକୃତରେ ଗାଡ଼ିଚାଳକ ଜଣକ ଜାଣି ଜାଣି ବ୍ୟାଗଟି ଛାଡ଼ି ଯାଇଥିଲେ। କାରଣ ସେ ଜାଣିଥିଲେ ଯେ ପିଲାଟିର ଖାଦ୍ୟ ପୁଡ଼ିଆ କୁଆ ନେଇଯାଇଛି। ତା'ପରେ ପିଲାଟି ବହୁତ ଭାବିଲା ପରେ ଜାଣିଲା ଯେ ସେହି ଗାଡ଼ିଚାଳକ ଜଣକ ହେଉଛନ୍ତି ତା'ର ପୂର୍ବତନ ଶିକ୍ଷକ। ସେ ଏହିଭଳି ବିଭିନ୍ନ ପିଲାଙ୍କୁ ସାହାଯ୍ୟ ଦେଇ ପାଠ ପଢ଼ାନ୍ତି। ତାଙ୍କୁ ମନେମନେ ଧନ୍ୟବାଦ ଦେଲା ଓ କହିଲା– ଗୁରୁଙ୍କ ଋଣ ଶୁଝିବା ସମ୍ଭବ ନୁହେଁ।

ପିଲାଟି ଗାଡ଼ି ସଜାଡ଼ିବା ସମୟରେ ସେହି ବ୍ୟକ୍ତିଜଣକ ପିଲାଟି ଯେ ତାଙ୍କର ପୂର୍ବତନ ଛାତ୍ର ଜାଣିପାରିଥିଲେ। ତାକୁ ପାରିଶ୍ରମିକ ବା ସାହାଯ୍ୟ ଦେଲେ କିଛି ଗ୍ରହଣ କରିବ ନାହିଁ ବୋଲି ଭାବି ସେ ଜାଣି ଜାଣି ବ୍ୟାଗଟି ଛାଡ଼ି ଚାଲିଯାଇଥିଲେ।

ଛାତ୍ରଟିର କାର୍ଯ୍ୟ ପାଇଁ ସେ ମଧ୍ୟ ନିଜକୁ ଧନ୍ୟ ମନେକଲେ। ସେବା କରିବାର ମନୋବୃତ୍ତି ଥିଲେ ଶାରୀରିକ ଅକ୍ଷମତା ବାଧକ ହୁଏ ନାହିଁ ବୋଲି ତାଙ୍କର ଦୃଢ଼ ଧାରଣା ହେଲା। ■■■

ଶିକ୍ଷାଶ୍ରୀ ଲେନ୍, କୁମ୍ଭାରପଡ଼ା, ପୁରୀ-୨

ଭଲ କାମର ଭଲ ଫଳ

ରବିନାରାୟଣ ସାହୁ

ଶିଶୁସାହିତ୍ୟିକ ଭାବେ ସୁପରିଚିତ । ଆକାଶବାଣୀରେ ତାଙ୍କର ଗୀତ, କବିତା, ଗପ ଓ ଗୀତିନାଟ୍ୟ ପ୍ରଚାରିତ ହୋଇଛି । ଅଦ୍ୟାବଧି ୧୧ଟି ପୁସ୍ତକ ପ୍ରକାଶିତ ହୋଇ ପାଠକୀୟ ଶ୍ରଦ୍ଧାଲାଭ କରିଛି । ସାରସ୍ୱତ ସାଧନା ପାଇଁ ବହୁ ଅନୁଷ୍ଠାନରୁ ସମ୍ମାନିତ ।

ବସନ୍ତ ଋତୁ ସମୟ । ଗଛମାନଙ୍କରେ ଭରିଯାଇଥାଏ ନବ କିଶଳୟ । ଆମ୍ବ ବଗିଚାରୁ ଭାସି ଆସୁଥାଏ ବଉଳର ମହକ । ମନ୍ଦମନ୍ଦ ହୋଇ ବହୁଥାଏ ମଳୟ ପବନ । ନାନା ଜାତି ଫୁଲରେ ହସି ଉଠୁଥାଏ ଗଛଲତା । କିଚିରିମିଚିରି ଶବ୍ଦକରି ଉଡୁଥାନ୍ତି ଚଢ଼େଇମାନେ । ଫୁଲମାନଙ୍କ ଉପରେ ଗୁଣୁଗୁଣୁ ହୋଇ ଚକ୍କର ମାରୁଥାନ୍ତି ମହୁମାଛି ଓ ଡେଣା ହଲେଇ ରଙ୍ଗିନ ପ୍ରଜାପତିମାନେ ଏ ଫୁଲରୁ ଉଡ଼ି ସେ ଫୁଲରେ ଯାଇ ବସୁଥା'ନ୍ତି ।

ସେଦିନ ଥାଏ ରବିବାରର ଏଇମିତି ଏକ ଶାନ୍ତ ସ୍ନିଗ୍ଧ ସକାଳ । ମାମୁନି ସକାଳୁ ସକାଳୁ ବୁଲି ବାହାରିଥାଏ ତାଙ୍କ ଘର ପଛପଟେ ଥିବା ବଗିଚାକୁ । ସାଥିରେ ଥାଏ ସାନଭାଇ ମୁନା । ମୁନା ଓ ମାମୁନି ଦୁହେଁ ବଗିଚାରେ ପହଞ୍ଚିଲା ବେଳକୁ ମାଳୀ ଗଛମୂଳେ ପାଣି ଦେଉଥାଏ । ବଗିଚାରେ ବୁଲୁଥିବାବେଳେ ମୁନା ଦେଖେଇ ଦେଇ କହିଲା, ଦେଖ ଦିଦି, ସେ ଗଛ ଡାଳରେ କେଡ଼େ ସୁନ୍ଦର ଶୁଆଟିଏ ବସିଛି । ମାମୁନି ଦେଖିଲା ଆମ୍ବ ଗଛ ଡାଳରେ ଲାଲ ଥଣ୍ଟବାଲା ସବୁଜ ରଙ୍ଗର ଶୁଆଟିଏ ବସି ଗୋଟିଏ ଡାଳରେ ଥଣ୍ଟକୁ ଘଷୁଛି । ମନେମନେ କେତେ କ'ଣ ଗୀତ ବି ତା' ଭାଷାରେ ଗାଇ ଯାଉଛି । ଲାଲ ଥଣ୍ଟ

ସାଙ୍ଗକୁ ବେକର ଲାଲ କଣ୍ଠି ତାକୁ ଭାରି ମାନୁଛି । ଶୁଆଟିକୁ ଦେଖୁ ଦେଖୁ ମାମୁନି ଭାବିଲା, "ଏଇ ଶୁଆଟି ନେଇ ଘରେ ରଖିଲେ ଭାରି ଭଲ ହେବ । ପିଞ୍ଜରାରେ ରଖି କ୍ଷୀର ଭାତ ସାଙ୍ଗକୁ ପାଚିଲା ପିଜୁଳି ଖାଇବାକୁ ଦେଇ ତା' ସହ କଥା ହେବ ଓ ପ୍ରତିଦିନ ସ୍କୁଲରୁ ଫେରି ତା' ସହ ମଜା କରିବ ।"

ଏଇଆ ଭାବି ମନକଥା ଯାଇ ମାଳୀକୁ କହିଲା ମାମୁନି । ମାଳୀ ଯେତେ ମନା କଲେ ବି ତା'ର କିନ୍ତୁ ଏକା ଜିଦ୍ ଯେ ଶୁଆକୁ ନନେଲେ ସେ ବଗିଚାରୁ ଜମା ଯିବନି । ଶେଷରେ ମାଳୀ ଛପି ଛପି ଗଛରେ ଚଢ଼ି ଜାଲ ପକାଇ ଶୁଆଟିକୁ ଧରିଲା । ମାମୁନି ଶୁଆଟିକୁ ନେଇ ଏକ ବଡ଼ ପିଞ୍ଜରାରେ ଭରିଦେଲା । ଏଣେ ମୁନା ଦୌଡ଼ି ଯାଇ ମାଆଙ୍କୁ ସବୁକଥା କହିଦେଲା । ସେତେବେଳେ ମାଆ ରୋଷେଇ ଘରେ ଥାଆନ୍ତି । ମୁନା କଥା ଶୁଣି ଧାଇଁ ଆସିଲେ ଓ ଶୁଆଟିକୁ ପିଞ୍ଜରାରେ ଥିବା ଦେଖିଲେ । ବିଚରା ଶୁଆଟି ମନଦୁଃଖ କରି ପିଞ୍ଜରା ଭିତରେ ବସିଥାଏ । ମାଆ ମାମୁନିକୁ ବୁଝେଇ ଦେଇ କହିଲେ, "ତୁ ଏ କ'ଣ କଲୁ ମାମୁନି । ଖୋଲା ଆକାଶରେ ମୁକ୍ତ ଭାବରେ ଉଡ଼ିବୁଲୁଥିବା ଶୁଆଟିକୁ ଆଣି ପିଞ୍ଜରାରେ ଭରିଦେଲୁ । ଦେଖ୍, ସେ କେମିତି ଏକୁଟିଆ ବସି ତା' ଘର ତା' ପରିବାର ସଦସ୍ୟଙ୍କ କଥା ମନେ ପକଉଛି, ମନେ ମନେ କାନ୍ଦୁଛି ।" ମାମୁନି କହିଲା "ମୁଁ ତାକୁ ଭଲଭଲ ଜିନିଷ ଖାଇବାକୁ ଦେବି । ରୁପା ଗିନାରେ ପାଣି ପିଇବାକୁ ଦେବି । ବାପାଙ୍କୁ କହି ବଜାରରୁ ପାଚିଲା ଫଳ ଆଣି ଖାଇବାକୁ ଦେବି । ତା' ସହ କଥାବାର୍ତ୍ତା ହୋଇ ତା' ମନ ଭୁଲେଇ ଦେବି ।" ମାଆ ବୁଝେଇ କହିଲେ ତୁ ଯେତେ ଯାହା କଲେ ବି ସ୍ୱାଧୀନ ହୋଇ ବୁଲୁଥିବା ପକ୍ଷୀକୁ ପିଞ୍ଜରା ଭିତରେ ବନ୍ଦୀ କରି ଖୋଲା ଆକାଶର ସୁଖ ଦେଇପାରିବୁ ନାହିଁ । ତୋତେ ଗୋଟିଏ କୋଠରି ଭିତରେ ବନ୍ଦ କରି ସୁସ୍ୱାଦୁ ଖାଦ୍ୟ ଦେଲେ ତୁ ଯେମିତି ଶାନ୍ତିରେ ରହିପାରିବୁ ନାହିଁ ଠିକ୍ ସେମିତି ଚଢ଼େଇମାନେ ବି ପିଞ୍ଜରା ଭିତରେ ଖୁସିରେ ରହିପାରନ୍ତି ନାହିଁ । ବରଂ ତୁ ଗୋଟିଏ କାମ କର । ଏ ଶୁଆଟିକୁ ନେଇ ପିଞ୍ଜରାରୁ ଖୋଲି ପଦାକୁ ଛାଡ଼ି ଦେ । ପ୍ରତିଦିନ ଛାତ ଉପରକୁ ଯାଇ ତାକୁ କିଛି ଖାଇବାକୁ ଦେ । ଦେଖିବୁ ତୋ ହାତରୁ ଖାଉ ଖାଉ ସେ କେମିତି ତୋ ସାଙ୍ଗ ପାଲଟିଯିବ ।

ମାଆଙ୍କ କଥା ମାନି ମାମୁନି ପିଞ୍ଜରାସହ ଶୁଆଟିକୁ ନେଇ ଘରର ଛାତ ଉପରକୁ ଗଲା ଓ ପିଞ୍ଜରାଟି ଖୋଲିଦେଲା । ପିଞ୍ଜରା ଭିତରୁ ବାହାରି ଶୁଆଟି ସିଧା ଆକାଶକୁ ଉଡ଼ିନଯାଇ ଟିକିଏ ଦୂରରେ ବସିଲା । ମାମୁନି ପାଖକୁ ଡାକି କ୍ଷୀରଭାତ ଖାଇବାକୁ ଦେଇ କହିଲା, "ତୁ ପ୍ରତିଦିନ ଏଇ ଛାତ ଉପରକୁ ଆସିବୁ । ମୁଁ ପାଚିଲା ଫଳ ସହ କ୍ଷୀରଭାତ ଖାଇବାକୁ ଦେବି । ମନଭରି ଖାଇ ପୁଣି ଆକାଶ କୋଳକୁ ଉଡ଼ିଯିବୁ ।" ସେହିଦିନ ଠାରୁ ଶୁଆଟି ପ୍ରତିଦିନ ଠିକ୍ ସମୟରେ ଛାତ ଉପରକୁ ଆସେ ଓ ମାମୁନି ଖାଇବାକୁ ଦେଇ ତା' ସହ ମନ ଖୋଲି କଥା ହୁଏ ।

ଦିନକର କଥା । ମାମୁନିଠାରୁ କ୍ଷୀର ଭାତ ଖାଇ ସାରିଲା ପରେ ଶୁଆ କହିଲା, "ଜାଣିଲୁ ମାମୁନି, ତମ ବଗିଚାରେ ଯେଉଁ ଜଗୁଆଳି ଜଣକ ଅଛିନା ସେ ଜମା ଭଲ ଲୋକ ନୁହେଁ । ପ୍ରତିଦିନ ଲୁଚେଇ ଲୁଚେଇ ପାଚିଲା ଓ କଞ୍ଚା ଆମ୍ବ ବିକ୍ରି କରି ନିଜେ ପଇସା ନେଇଯାଉଛି । ତମେ ତାକୁ ଟିକେ ଆଖିରେ ରଖ । ନଚେତ ତମର ବହୁତ କ୍ଷତି ହେବ ।" ଏତିକି କହି ଶୁଆଟି ବଗିଚା ଆଡ଼େ ଉଡ଼ିଗଲା । ସେଦିନ ମାମୁନିର ସ୍କୁଲଯିବା ପାଇଁ ଡେରି ହୋଇଯାଉଥାଏ । ତଥାପି ତରବର ହୋଇ ଶୁଆ କହିଥିବା କଥା ସେ ବାପାଙ୍କୁ ଯାଇ କହିଲା । ଶୁଆ କଥା ସତ କି ମିଛ ଜାଣିବା ପାଇଁ ବାପା ଥରେ ଲୁଚିଲୁଚି ଯାଇ ଜଗୁଆଳିର କାର୍ଯ୍ୟକଳାପ ଦେଖିଲେ । ଜଗୁଆଳି ଯେ ଜଣେ ଠକ, ଏକଥା ଜାଣିବାରେ ତାଙ୍କର ଆଉ ବାକି ରହିଲା ନାହିଁ । ସଙ୍ଗେ ସଙ୍ଗେ ତାକୁ ବାହାର କରି ନୂଆ ଜଗୁଆଳି ଜଣେ ରଖିବାକୁ ସ୍ଥିର କଲେ ଓ ଘରକୁ ଆସି ମାମୁନିକୁ କହିଲେ, "ଜାଣିଲୁ ମାମୁନି ତୁ ସେହି ଶୁଆଟିକୁ ବନ୍ଦୀକରି ପିଞ୍ଜରା ଭିତରେ ରଖିବାକୁ ଚାହୁଁଥିଲୁ ମାତ୍ର ଶୁଆଟି ଆଜି ତୋ ସହିତ ବନ୍ଧୁତା କରି ଆମ ପାଇଁ ଭଲ ଖବରଟିଏ ଆଣିଦେଲା କି ନାହିଁ? ନଚେତ ଏମିତି ବଗିଚାରୁ ଆମର କେତେ ଯେ ଫଳ ଚୋରି ହୋଇଥାଆନ୍ତା କିଏ ଜାଣେ?" ଶୁଆଟିକୁ ଧନ୍ୟବାଦ ଦେଇ ବାପା ମାମୁନିକୁ କହିଲେ, "ତୁ ତାକୁ ପିଞ୍ଜରାରୁ ଛାଡ଼ିଦେବା ଭଳି ଭଲକାମ କରିବାରୁ ସିନା ସେ ଆମ ପାଇଁ ଭଲ ଖବରଟିଏ ଆଣିଦେଲା । ଭଲକାମର ଫଳ ସର୍ବଦା ଭଲ ହିଁ ହୋଇଥାଏ ।

ସେହିଦିନଠାରୁ ଚଢ଼େଇମାନଙ୍କୁ ପିଞ୍ଜରାରେ ରଖିବା କଥା ମାମୁନି କେବେ ବି ଚିନ୍ତା କଲା ନାହିଁ । ■■■

ସମ୍ପାଦକ 'ଶିଶୁଶ୍ରୀ', ବିଭୁକୃପା, ବରଗଡ଼-୨୮

ଅନ୍ତାକ୍ଷରୀ ଅନ୍ତ ଶୁଦ୍ଧ କରିଦେଲା
ଗୀତିମୟ କରିଦେଲା ମନକୁ
ଭାଗବତ ପଢ଼ା କବି କରିଦେଲା
ଜାଗ୍ରତ କରିଲା କବି ଭାବକୁ
ଯୌଥ ପରିବାର କୋଳ ଶିଖାଇଲା
ଆନ ପାଇଁ ସ୍ୱଚ୍ଛ ସ୍ନେହ ପ୍ରେମକୁ
ଶିକ୍ଷକ ବୃତ୍ତିକୁ ଜୀବିକା କରିଲ
ଆପଣେଇ ନେଲ ପିଲାମେଳକୁ
ଆଜି ପରିଣତ ବୟସରେ ମଧ
ଭୁଲିପାରିନାହଁ ପିଲାବେଳକୁ ।

ଶିଶୁ ସାହିତ୍ୟିକ ରୂପକାର ଆହେ
ଲେଖିଛ ପିଲାଙ୍କ ମନକୁ ବୁଝି
ତୁମ ଗପ ଆଉ କବିତା ପଢ଼ିଲେ
ପିଲାର ଅନ୍ତର ହୁଅଇ ମାଜି
ତୁମ ଲେଖା ପଦ୍ୟ ‘ମା’ ପରି କେ ହେବ’
ପଢ଼ିଲେ ସଭିଏଁ ଯାଆନ୍ତି ଭିଜି
ଆଜିଯାଏ ସିଏ ମହକ ବାଣ୍ଟୁଛି
ଖାସା କବିତା ହେ ପାରିଛ ସୃଜି
ପିଲାଙ୍କୁ ସଂସ୍କାରୀ କରି ଗଢ଼ିବାରେ
କେତେ ଯେ ପ୍ରଶଂସା ଅଛ ଅରଜି ।

ଶିକ୍ଷକତା କରି ମଣିଷ ଗଢ଼ିଛ
ସାହିତ୍ୟ ସାଧିଛ ଶବ୍ଦ ଗୋଟେଇ
ଯାହା ଲେଖିଅଛ, ଏବେବି ଲେଖୁଛ
କେବଳ ପିଲାଙ୍କ ମନକୁ ନେଇ
ପିଲା ଭଲହେଲେ ଦେଶ ଭଲ ହେବ
ଏକଥା ହେଜିଛ ଅନ୍ତର ଦେଇ
ସାରସ୍ୱତ ସନ୍ଥ ପଣ୍ଡିତ ପ୍ରବର
ପାଣ୍ଡିତ୍ୟର ତୁମ ତୁଳନା ନାହିଁ
ସାଧାସିଧା ବେଶ ସରଳ ମଣିଷ
ତୁମପରି ଜଣେ ଅଛି କେ କାହିଁ । ■

(ରାମଚନ୍ଦ୍ର ନାୟକ)

ଜ୍ଞାନ ରଥ
ମୋ.-୯୮୬୧୪୪୨୩୨୩

ସ୍ମୃତିରେ

ରାଜା ବୀରମିତ୍ରୋଦୟ ସିଂହଦେବ

ସାରସ୍ୱତ ପ୍ରତିଭା, ମଣିମା ମହାପ୍ରୁ,
କୋଟି ଦଣ୍ଡବତ ।

କଥା ଅଛି "ରଜା ଗୋଜା", କ୍ଷମତା ଐଶ୍ୱର୍ଯ୍ୟ ଭୋଗ ବିଳାସର ଇଏ ଗୋଟେ ଶବ୍ଦ ଓ ଅନୁଭବ । ପ୍ରାରବ୍ଧ କର୍ମରୁ ଏମାନେ ରଜା ଘରେ ଜନ୍ମ ହୁଅନ୍ତି ଓ ରଜା ବି ହୁଅନ୍ତି, ଯୋଗ୍ୟତା ଥାଉ କି ନଥାଉ । ଭୋଗ ବିଳାସର ସ୍ୱପ୍ନିଳ ଜୀବନ ବିତାଇ, ପ୍ରଜାଙ୍କୁ ତଣ୍ଡି ଏମାନେ ଦିନେ ଲିଭିଯାଆନ୍ତି । ଆୟୁଷରେ କେବଳ ନୁହଁ, ସାଧାରଣ ସ୍ମୃତିପଟରୁ ବି । ପ୍ରଜା ଅଭିସମ୍ପାତ ବି କମ୍ ନଥାଏ । ମାତ୍ର କ୍ୱଚିତ୍ 'ମଣିମା' ପ୍ରଜାରଞ୍ଜକ ହୋଇଥାଆନ୍ତି । ଆଉ ସାଧାରଣ ଜନତା, ପ୍ରଜାଙ୍କ ପାଇଁ ଚଳନ୍ତି ଦେବତା ବନିଯାଆନ୍ତି । ତମେ ସେମିତି ଜଣେ ଚଳନ୍ତି ଦେବତା, ରାଜକୀୟ ଜୀବନରେ ବି ବନିଯାଇଥିଲ । କ୍ଷମତା ଭୋଗ ବିଳାସର ମୋହ ତମଠୁ କାହିଁ କେତେ ଦୂରରେ ଥିଲା । ବିପୁଳ ଜନମଙ୍ଗଳ କାର୍ଯ୍ୟ ତ ତମକୁ ଅମର କରିଛି । ମାତ୍ର ବୌଦ୍ଧିକ ଜୀବନ ବା ସମାଜରେ ତମେ ବି ସ୍ୱର୍ଣ୍ଣାକ୍ଷରେ ଲିପିବଦ୍ଧ ହୋଇଗଲ । ଐଶ୍ୱର୍ଯ୍ୟ, କ୍ଷମତାର ସଉତୁଣୀ ଜ୍ଞାନ ଓ ବୌଦ୍ଧିକତା । କବିବର ପରା ଲେଖିଲେ, "ଲକ୍ଷ୍ମୀଙ୍କ ସପତ୍ନୀ ହେବାରୁ ବରଦା, ଦାରିଦ୍ର୍ୟ ତୁମ୍ଭର ସଙ୍ଗୀ ହେଲା ସଦା ।" ମାତ୍ର ତମଠି ଏଇ ଦୁଇ ସୌଭାଗ୍ୟ ରାଜକୀୟ ଭାବେ ବିରାଜମାନ କରିଥିଲେ । ଓଡ଼ିଆ ଭାଷା, ସାହିତ୍ୟକୁ ତମ ଅବଦାନ ଅବିସ୍ମରଣୀୟ । ସୋନପୁର ରାଜପରିବାରରେ ତମେ ତ ୮।୭।୧୮୭୪ ମସିହାରେ ଜନ୍ମଗ୍ରହଣ କରିଥିଲ । ପିତା ପ୍ରତାପରୁଦ୍ର ସିଂହଦେବ ଓ ମାତା ଅମୂଲ୍ୟମଣିଙ୍କ ତମେ ସୁଯୋଗ୍ୟ ସନ୍ତାନ ଥିଲ । ତମ ପିତା ଓ ପିତାମହ ମଧ୍ୟ ସାହିତ୍ୟସାଧକ ଥିଲେ । ମାତାଙ୍କ ଇଚ୍ଛାନୁସାରେ ତମେ ରାଜସଭାର ପଣ୍ଡିତମାନଙ୍କଠାରୁ ଧର୍ମଶାସ୍ତ୍ର ଓ ସଂସ୍କୃତ ଶିକ୍ଷା କରିବା ସଙ୍ଗେ ସଙ୍ଗେ ସେଥିରେ ଗଭୀର ବ୍ୟୁତ୍ପତ୍ତି ମଧ୍ୟ ଲାଭ କରିଥିଲ । ତମ ପିତା ପ୍ରତାପରୁଦ୍ର ସିଂହାସନ ଆରୋହଣ କଲାବେଳକୁ ତମକୁ ମାତ୍ର ୧୭ ବର୍ଷ ବୟସ ହୋଇଥିଲା । ମାତ୍ର ପିତା ତମକୁ ପ୍ରଶାସନିକ ଓ ଦକ୍ଷତା ହାସଲ ପାଇଁ ବିଭିନ୍ନ ଦାୟିତ୍ୱ ଦେଇଥିଲେ । ଜମିଜମା ବନ୍ଦୋବସ୍ତ କାମରେ ତମକୁ ପିତା ନିୟୋଜିତ କରିଥିଲେ ଓ ଯୁବରାଜ ହୋଇ ବି ରାଜକର୍ମଚାରୀଙ୍କ ଅଧୀନରେ କାମ କରିବାର ବୌଦ୍ଧିକତା ତମେ ହାସଲ କରିଥିଲ । ପିତାଙ୍କ ମୃତ୍ୟୁ ପରେ ୧୯୦୨ ଅଗଷ୍ଟ ତା୮ ରିଖରେ ତମେ ସୋନପୁର ସିଂହାସନ ଆରୋହଣ କରିଥିଲ ମାତ୍ର ୨୮ ବର୍ଷ ବୟସରେ । ୧୮୯୫ ମସିହାରେ କାଶୀପୁର (କଳାହାଣ୍ଡି) ରାଜଜେମା ପାର୍ବତୀଙ୍କୁ ବିବାହ କରିଥିଲ ।

ବିନମ୍ରତା, ପ୍ରଜାବତ୍ସଳତା ଓ ବୌଦ୍ଧିକତା ତମର ରକ୍ତଗତ ଥିଲା । ତମ ପିତାଙ୍କ ନିବାସସ୍ଥଳ 'ପ୍ରାସାଦ' ନ ଥିଲା । ଚାଳଛପର ଘର ଜଣେ ରାଜାର ବି ବାସଭବନ ହୋଇପାରେ ଏ ଅବିଶ୍ୱସନୀୟ ସତ୍ୟ ତମ ପିତା ପ୍ରତାପରୁଦ୍ର ନିଜ ଜୀବନରେ ଦେଖେଇ ଦେଇ ଯାଇଥିଲେ । କୋଠା ଘରେ ରହୁଥିବା ରାଜ୍ୟର ସମ୍ଭ୍ରାନ୍ତ ଲୋକେ, ସେଇଥିପାଇଁ ଏ ତ୍ୟାଗୀଳ ରଜାଙ୍କ ଆଗେ ନିଊନ ହୋଇଯାଇଥିଲେ, ମଥା ନତ କରୁଥିଲେ, ପ୍ରାଣରେ, ମନ ଭିତରେ, ହୃଦୟରେ ।

ସମୟର ବାଲୁକା ରାଶିରେ
ବାଟଚଲା ଯେତେ ରଙ୍କ, ରାଜା
କାହା ପଦ ଚିହ୍ନ ତ ରହିନି
ସର୍ବେ, ସବୁ ବିସ୍ମୃତିରେ ହଜା ।
କେମିତି ହେ ବୀରମିତ୍ରୋଦୟ
ତମ ସ୍ମୃତି, ପଦଚିହ୍ନ ମାନ
ଅବିକଳ ରହିଛି ସେମିତି
ନିତି କରେ ତମ ଜୟଗାନ ।
ମନ ମୁନ ଥିଲା ତମ ପ୍ରଜାନୁରଞ୍ଜନ
ସାରସ୍ୱତ ବୌଦ୍ଧିକ ବିଳାସୀ
ରାଜା ଥାଟ ପୋଷାକ କି ତମ
ପାରିଥିଲା ତ୍ୟାଗ ଭାବ ନାଶୀ?
ପୋଷାକ କି କ୍ଷମତାର ରାଜା
ନଥିଲ ତ ତମେ ହେ ମହାନ
ପ୍ରଜାର ହୃଦୟ ରାଜା ତମେ ଥିଲ
ସାରସ୍ୱତ ରାଇଜ ରାଜନ ।
ପ୍ରଣିପାତ ଘେନ ଏ ଜାତିର
ପ୍ରତିଧ୍ୱନି ତା ହୃଦେ ତମର
ହେଉଥାଉ ଆଜି ଏ ବେଳରେ
ଏ ବିନତି ଏଇ ଜାତି କରେ ।

ସେଇ ରକ୍ତର ପ୍ରଭାବରେ ତମ ଜୀବନ ଉତ୍ସର୍ଗିତ ଥିଲା ରାଜ୍ୟର ବିପୁଳ ବିକାଶ ସହ ଶିକ୍ଷା ଓ ବୌଦ୍ଧିକତାର ବିକାଶ ତମ ସ୍ୱାତନ୍ତ୍ର୍ୟର ଏକ ବିଭାବ। ସେତେବେଳକୁ ସୋନପୁରରେ ମାତ୍ର ୨ଟି ବାଳିକା ବିଦ୍ୟାଳୟ ସମେତ ୨୨ଟି ବିଦ୍ୟାଳୟ ଥିଲା। ତମ ରାଜତ୍ୱ କାଳରେ ୪୩ଟି ବିଦ୍ୟାଳୟ ୪୫ଟି ପାଠଶାଳା ପ୍ରତିଷ୍ଠା କରିଥିଲ। ଏହାର ପରିଚାଳନା ଓ ସୁରକ୍ଷା ପାଇଁ ତମେ ୬ଲକ୍ଷ ୨୨ ହଜାର ଟଙ୍କାର ଏକ ପାଣ୍ଠି ଶିକ୍ଷାବିକାଶ ନାମରେ ପ୍ରତିଷ୍ଠା କରିଥିଲ। ଓଡ଼ିଆ ଭାଷାକୁ ନାକଟେକୁଥିବା କଲିକତାରେ ବିଶ୍ୱବିଦ୍ୟାଳୟ ପାଇଁ ଟ୫୧,୫୦୦ଙ୍କା ଦାନ କରିବା ସହ ସେଠାରେ ଓଡ଼ିଆ ଅଧ୍ୟୟନ ପାଇଁ ଦୁଇଜଣ ଓଡ଼ିଆ ଅଧ୍ୟାପକଙ୍କ ବେତନ ବାବଦରେ ବାର୍ଷିକ ୧୮ ହଜାର ଟଙ୍କା ଦୀର୍ଘ ୧୪ ବର୍ଷ ଧରି ପ୍ରଦାନ କରିଥିଲ। ରେଭେନ୍‌ସା କଲେଜରେ ଇଂରାଜୀ ଭାଷା ସାହିତ୍ୟରେ ସ୍ନାତକୋତ୍ତର ଶ୍ରେଣୀ ଖୋଲିବା ପାଇଁ ଏକଲକ୍ଷ ଏକସ୍ତରି ହଜାର ପାଞ୍ଚଶହ ଟଙ୍କା ନିଜ ସ୍ତ୍ରୀ ପାର୍ବତୀଙ୍କ ନାମରେ ଦାନ କରିଥିଲ। ତମ ସାରସ୍ୱତ ପ୍ରତିଭା ଓ ପୃଷ୍ଠପୋଷକତା ପାଇଁ ତମେ ସମ୍ମାନଜନକ ଉତ୍କଳ ସାହିତ୍ୟ ସମାଜର ସଭାପତି ଆସନ ମଣ୍ଡନ କରିଥିଲ। ରୟାଲ-ଏସିଆଟିକ ସୋସାଇଟିର ସଦସ୍ୟ ତଥା ବିହାର-ଓଡ଼ିଶା ଗବେଷଣା ପରିଷଦର ଉପ-ପୃଷ୍ଠପୋଷକ ଥିଲ। ଆଧ୍ୟାତ୍ମିକ କ୍ଷେତ୍ରକୁ ଉଲ୍ଲେଖନୀୟ ଅବଦାନ ପାଇଁ ପୁରୀ ମୁକ୍ତିମଣ୍ଡପ ପଣ୍ଡିତ ସଭା ଦ୍ୱାରା 'ଧର୍ମନିଧି' ଓ ବଙ୍ଗୀୟ ସଂସ୍କୃତ ମହାମଣ୍ଡଳ ପକ୍ଷରୁ 'ଜ୍ଞାନ ଗୁଣକର' ଉପାଧି ପାଇଥିଲ। ପ୍ରାୟ ଏକୋଇଶଟି କାବ୍ୟ, କବିତା ଓ ଉପନ୍ୟାସ ରଚନା କରି ସାରସ୍ୱତ ଜଗତରେ ଅଲିଭା ପଦଚିହ୍ନ ଛାଡ଼ି ଯାଇଛ।

ତମର କବିତ୍ୱ, ପାଣ୍ଡିତ୍ୱ ଓ ସର୍ଜନଶୀଳତାର ବଳିଷ୍ଠ ସ୍ୱାକ୍ଷର 'କୃଷ୍ଣପ୍ରେମୋଦୟ ଚମ୍ପୂ' କାବ୍ୟରେ ସଂସ୍କୃତ ଗଦ୍ୟ ଓ ପଦ୍ୟ ଶ୍ଳୋକ ସହିତ ଓଡ଼ିଆ ବର୍ଣ୍ଣମାଳା କ' ଠାରୁ କ୍ଷ ଅକ୍ଷର ପର୍ଯ୍ୟନ୍ତ ବ୍ୟଞ୍ଜନ ବର୍ଣ୍ଣର ଆଦ୍ୟ ନିୟମରେ ୩୪ଟି ବିଭିନ୍ନ ଗୀତର ସମାବେଶ ହୋଇଛି। 'ଶ୍ରୀସୁବର୍ଣ୍ଣମେରୁ ଶତକମ୍' ମଧ୍ୟ ଏକ ଭକ୍ତି ଭାବାଶ୍ରୟୀ ରଚନା।

ସାରସ୍ୱତ ପ୍ରତିଭାମାନଙ୍କୁ ସମ୍ମାନିତ, ସମ୍ବର୍ଦ୍ଧିତ ଓ ପୁରସ୍କାର ଦେବାରେ ତମ ସମତୁଲ କ୍ୱଚିତ୍ ରାଜା ଥିଲେ। ଲେଖକ, କବିମାନଙ୍କୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ବିଭିନ୍ନ ସମୟରେ ରୌପ୍ୟ ଘଡ଼ି, ପାଟ ବସ୍ତ୍ର, ସ୍ୱର୍ଣ୍ଣମୁଦ୍ରିକା ଆଦି ଉପଢୌକନ ଓ ପ୍ରଶସ୍ତି ପତ୍ର ପ୍ରଦାନ କରି ସମ୍ମାନିତ କରୁଥିଲେ। ସମ୍ବଲପୁରରେ ହିନ୍ଦୀ ପରିବର୍ତ୍ତେ ଓଡ଼ିଆ ପ୍ରଚଳନ ତମ ଅବଦାନ ଓ ପ୍ରଚେଷ୍ଟାର ଫଳ। ସେତେବେଳେ ସମ୍ବଲପୁର ମଧ୍ୟପ୍ରଦେଶ ଅନ୍ତର୍ଗତ ଥିଲା। ଯୁବରାଜ ଥାଉ ବି ତମେ ମୁଖ୍ୟ କମିସନର ଫ୍ରେଜରଙ୍କୁ ଏଠାରେ ଓଡ଼ିଆ ଭାଷା ପ୍ରଚଳନ କରାଯାଉ ବୋଲି ଦାବି କରିଥିଲ। ତା' ଫଳରେ ସମ୍ବଲପୁରରେ ହିନ୍ଦୀ ବଦଳରେ ଓଡ଼ିଆ ଭାଷା ପ୍ରଚଳିତ ହେଲା। ସମ୍ବଲପୁରକୁ ଓଡ଼ିଶା ଡିଭିଜନ ସହ ମିଶାଇବାକୁ ତମ ଦାବି ଫଳରେ ୧୯୦୫ ମସିହାରେ ସମ୍ବଲପୁର ଓଡ଼ିଶାରେ ମିଶିଥିଲା। ସ୍ୱତନ୍ତ୍ର ଓଡ଼ିଶା ଗଠନ ପାଇଁ ତମ ଦାବି ସରକାରଙ୍କ ଉପରେ ଢେର ପ୍ରଭାବ ପକାଇଥିଲା। ତମ ବହୁମୁଖୀ ପ୍ରତିଭାର ସ୍ୱୀକୃତିରେ ସରକାର ତମକୁ ତତ୍କାଳୀନ ସମ୍ମାନାସ୍ପଦ କେ.ସି.ଆଇ.ଇ ଉପାଧି ଦେଇ ସମ୍ମାନିତ କରିଥିଲେ।

ମାତ୍ର ୬୨ ବର୍ଷ ବୟସରେ ତମେ ଆମକୁ ଛାଡ଼ି ଚାଲିଗଲ ସିନା, ସମୟର ବାଲୁକାରାଶି ଉପରେ ତମ ଅମଳିନ ଓ ସୁରଭିତ ପଦ ଏବେ ବି ଅମ୍ଳାନ ରହିଛି। ରାଜା ହୋଇ ବି ତମ ପ୍ରଜାନୁରାଗତାକୁ ଆଜି ଏ ତଥାକଥିତ ଗଣତାନ୍ତ୍ରିକ ପଦ୍ଧତିରେ ନିର୍ବାଚିତ ମନ୍ତ୍ରୀ ନାଁରେ ରାଜା ବନୁଥିବା ଏ ନେତାମାନେ କେତେ ବୁଝିଛନ୍ତି, କେତେ ଅନୁସରଣ କରିଛନ୍ତି ସେମାନେ ଜାଣନ୍ତି। ରାଜୁଡ଼ାଶାସନ ଉଠେଇଥିବା ପୂର୍ବ ସୂରୀମାନେ ତମକୁ ମନେ ପକେଇଲାବେଳେ, ଆଜି ଏ ନେତାଙ୍କ ଦୁର୍ନୀତି ଦେଖି ଅନୁତାପ କରୁଛନ୍ତି।

ସେ ଯାହାହେଉ, ତମେ ତ ସ୍ୱର୍ଗବାସୀ ୩୦।୪।୧୯୩୭ ମସିହାରୁ ହେଲଣି। ଦେଖୁଥିବ ତମ ଉତ୍କଳର ଓ ଜନତାର ଦଶା। ଟିକିଏ ହେଲେ ଆଶୀର୍ବାଦ ସ୍ୱର୍ଗରୁ କର।

ଏତିକି ବିନତି
ଜଣେ ଓଡ଼ିଆ।

ଫଟୋ- ସ୍ୱାଧୀନ ମେହେର

ରାଜାଙ୍କ ଦ୍ୱାରା ନିର୍ମିତ ବୀରମିତ୍ରୋଦୟ ଭବନ (ରାଜପ୍ରାସାଦ)

ସତ କହ ସତ କହ ହେ ପ୍ରାସାଦ
ରଷି ପ୍ରତିମର ଜଣେ
ଏଠି ରହୁଥିଲେ ରାଜମକୁଟରେ
ପ୍ରଜା ଅନୁରାଗୀ ଗୁଣେ।
ସୌଧ ନିବାସୀ ହେଲେ ବି ଏ ରାଜା
ବୌଦ୍ଧିକ ଭାବେ ଭରା
ବିଳାସବ୍ୟସନୁ ବହୁ ଦୂରେ ଥିଲେ
ପ୍ରଜାରଞ୍ଜକ ପରା।
କହ ହେ ପ୍ରାସାଦ କହ
ପ୍ରତିଧ୍ୱନିତ ଏବେ କି ହେଉଛି
ବୀରମିତ୍ରୋଦୟ ରାଜାର ସେ ଭାବ
ପ୍ରଜାରଞ୍ଜନ ମୋହ।

–ସତ୍ୟବାଦୀ ବ୍ୟୁରୋ

ଶେଷ ପୃଷ୍ଠା

ଦୁଃସ୍ଥିତିରେ ବଞ୍ଚୁଥିବା ମଣିଷ

ଗୋବିନ୍ଦଚନ୍ଦ୍ର ତ୍ରିପାଠୀ

ସାମାଜିକ ଦୂରତା ରକ୍ଷାକରି ସେଦିନ ରାଜଦାଣ୍ଡରେ ଛିଡ଼ାହୋଇ ଜଣୈକ ବନ୍ଧୁଙ୍କ ସହିତ କିଛି ଆଲୋଚନା କରୁଥିଲାବେଳେ ଭେଟ ହୋଇଯାଇଥିଲେ ଅଧ୍ୟାପକ ମେହେର ବାବୁ। ମୁହଁରେ ଶୋଭା ପାଉଥିଲା ସମ୍ବଲପୁରୀ କପଡ଼ାରେ ତିଆରି ତୁଣ୍ଡି(ମାସ୍କ)– 'ଆରେ ମେହେରବାବୁ ଯେ!! କେମିତି ଅଛନ୍ତି ସାର୍? ଆପଣଙ୍କ ହାଲ୍‌ଚାଲ୍ ସବୁ ଭଲ ତ?' ସବୁଦିନ ଭଳି ମୋର ସ୍ୱଭାବସୁଲଭ ଭଙ୍ଗୀରେ ତାଙ୍କର କୁଶଳ ସମାଚାର ପଚାରି ବସିଲି ମୁଁ।

'ହଁ, ବଞ୍ଚିଛି। କୌଣସି ପ୍ରକାରେ ବଞ୍ଚିଛି। ବୋଧହୁଏ ଆଜିକାର ତାରିଖରେ ଏତକ କହିବା ହିଁ ଠିକ୍‌ହେବ ମୋ ପାଇଁ–' ଦୀର୍ଘଶ୍ୱାସଟିଏ ଟାଣି କହିଲେ ସେ। 'ଏଇ ଅବେଳରେ ଆପଣ କିନ୍ତୁ ବଡ଼ ଅଡୁଆ ପ୍ରଶ୍ନଟିଏ ପଚାରିଲେ ରାଧାନାଥ ବାବୁ! ଯାହାର ଉତ୍ତର ଦେଲା ବେଳକୁ ଏଇ ଦେଖୁ ନାହାନ୍ତି କେମିତି ମୋ ଦେହରୁ ନିଗିଡ଼ି ପଡୁଛି ଝାଳ। ଗମ୍‌ଗମ୍ ଝାଳ? କେମିତି ଅଛି? ଏବେ ତା'ର ସଠିକ ଉତ୍ତର ଦେବାକୁ ଏକବାରେ ଅସମର୍ଥ ମୁଁ। ଯାହା କହିବି, ତାହା ନିଶ୍ଚିତ ରୂପେ ସତ୍ୟର ଅପଳାପ ମାତ୍ର। ଏତିକି କହିଲେ ଅତ୍ୟୁକ୍ତି ହେବନାହିଁ ବୋଧହୁଏ–' ଗୋଟିଏ ବିଚିତ୍ର ବାଗରେ ରହସ୍ୟମୟ ହସଟିଏ ମୋ ଉଦ୍ଦେଶ୍ୟରେ ଫୋପାଡ଼ି ଦେଉ ଦେଉ କହିଲେ ସେ।

ହଠାତ୍ ଚମକି ପଡ଼ିଲି ମୁଁ। 'କାହାର କୁଶଳ ସମାଚାର ପଚାରିବା ବି ଏକ ଅଡୁଆ ପ୍ରଶ୍ନ ହୋଇପାରେ!!' ଏଇଟା ମୋ ପାଇଁ ଥିଲା ଏକବାରେ ଅବୋଧ। ଏମିତି ପ୍ରଶ୍ନକରି ମୁଁ କିଛି ଭୁଲକରି ନାହିଁ ତ? ଅବଶ୍ୟ କାହାର ବ୍ୟକ୍ତିଗତ ଜୀବନ ଆଉ ହାନିଲାଭ ବିଷୟରେ ଆଲୋଚନା କରିବା ଏକ ନିହାତି ଅସମୀଚୀନ ବ୍ୟାପାର। କିନ୍ତୁ କାହାର କୁଶଳ ପ୍ରଶ୍ନ କରିବା ଯେ ଅଖାଡୁଆ କଥା, ତାହା ଏତେଦିନ ପର୍ଯ୍ୟନ୍ତ ଥିଲା ମୋ ଜ୍ଞାନର ପରିସୀମା ବାହାରେ। ନିଜ ଭିତରେ ନିଜେ ଗୋଳେଇ ଘାଣ୍ଟି ହେବାରେ ଲାଗିଥିଲି ମୁଁ। ମୋ ମୁହଁରୁ ହଠାତ୍ ଉଭେଇ ଯାଇଥିଲା ଓଠରେ ଲାଗି ରହିଥିବା ସେଇ ଚିରହରିତ ହସ ଟିକକ। ତା'ସହିତ ମୋତେ ଏତେକାଳ ଧରି ବଞ୍ଚେଇ ରଖିଥିବା ମୋର ସକଳ ଉତ୍ସାହ ଆଉ ଉଦ୍ଦୀପନା ମଧ୍ୟ ଥିଲା ଦୋଦୁଲ୍ୟମାନ ଅବସ୍ଥାରେ।

'କ୍ଷମା କରିବେ ମେହେରବାବୁ! ଆପଣଙ୍କୁ କୁଶଳ ସମାଚାର ପଚାରି ମୋ ଅଜାଣତରେ ମୁଁ କିଛି ଭୁଲ୍ କରିନାହିଁ ତ? ଦୀର୍ଘଶ୍ୱାସ ଟାଣି 'ହଁ, ବଞ୍ଚିଛି। କୌଣସି ପ୍ରକାରେ ବଞ୍ଚିଛି' ବୋଲି କହିଲେ ଯେ!!' ଥରଥର କଣ୍ଠରେ ଏତକ ପ୍ରଶ୍ନକଲି ମୁଁ।

ସେ ହସିଲେ ଏକ ମଉଳା ହସ। ସେତକ ଦେଖି ମୋତେ ଲାଗୁଥିଲା ଯେମିତିକି ଏକ ବୃନ୍ତଚ୍ୟୁତ ମଉଳା ଫୁଲର ଓଠରେ ଲାଖି ରହିଛି ତା' ଜୀବନର ଶେଷତମ ଧାରେ ହସ, ଯାହା ଥିଲା ତା' ଜୀବନର ସର୍ବଶେଷ ପୁଞ୍ଜି।

'ଆରେ ନା' ନା', ଆପଣ କିଛି ଭୁଲ୍ କରିନାହାନ୍ତି। ଏମିତି ଅଯଥାରେ ନିଜକୁ ଦୋଷୀ କରନ୍ତୁ ନାହିଁ। ମୋତେ ଖରାପ ଲାଗିବ। ହଁ ଏକଥା ସତ ଯେ, ଆଜିକାର ସମୟରେ ଯେତେବେଳେ ସମସ୍ତେ ନିଜ ନିଜ ସୁଖ ସୁବିଧାରେ ମଗ୍ନ, ପୁଣି ଆଗାମୀ କାଲିର ଜୀବନ ପ୍ରତି ସନ୍ଦିହାନ; ସେତେବେଳେ କିଏ ବା କାହିଁକି କାହାର କୁଶଳ ସମାଚାର ଜାଣିବାକୁ ଆଗ୍ରହ ପ୍ରକାଶ କରିବ ଯେ ଆପଣ ଭୁଲ୍‌କଲେ ବୋଲି କହିବି ମୁଁ?' ଦୀର୍ଘଶ୍ୱାସଟିଏ ଟାଣି କହିଲେ ଅଧ୍ୟାପକ ମେହେର ବାବୁ। 'ଆଜି ଆମେ ବଞ୍ଚୁଥିବା ଏଇ ସମୟ ହିଁ ଏମିତି। ଯେଉଁଥି ପାଇଁ ମୋ ପାଟିରୁ ହଠାତ୍ ବାହାରି ଗଲା ସେତକ। ତାହା ଆପଣଙ୍କୁ କଷ୍ଟ ଦେଇଛି ଜାଣି ଦୁଃଖିତ। ଆପଣ ତ ଜାଣନ୍ତି ରାଧାନାଥ ବାବୁ, ଗୋଟେ ପଟେ ଅପରାଜେୟ ଏକ ରୋଗର ସଂହାରକାରୀ ତାଣ୍ଡବ ଲୀଳା, ଅନ୍ୟପଟେ ଆସନ୍ନ ଯୁଦ୍ଧର କରାଳ ଛାୟା। ଏମିତି ଏକ ଦୁଃସମୟରେ ମଣିଷଟିଏ ଦେହଧରି ବଞ୍ଚି ରହିବା ହିଁ ତ ସବୁଠୁ ବଡ଼କଥା, ଆଶ୍ଚର୍ଯ୍ୟର କଥା। ଆଜିକାର ସମୟରେ ଏକ ଅଲୌକିକ ଚମତ୍କାର କହିଲେ ବି ଅତିଶୟୋକ୍ତି ହେବନାହିଁ ବୋଧହୁଏ। କ'ଣ କିଛି ଭୁଲ୍ କହିଲି? ଆପଣ ବିଜ୍ଞଲୋକ। ମୋ କଥାର ମର୍ମ ଠିକ୍ ବୁଝି ପାରୁଥିବେ। ନମସ୍କାର। ମୁଁ ଆସୁଛି। ଏଇ ସମୟରେ ବାହାରେ ବେଶି ସମୟ ରହିବା ଆମମାନଙ୍କ ସ୍ୱାସ୍ଥ୍ୟ ପ୍ରତି ଶୁଭଙ୍କର ନୁହେଁ। ସରକାରଙ୍କ ସବୁ କଟକଣା ମାନି ଆମକୁ ଚଳିବାକୁ ପଡ଼ିବ। ସେଥିରେ ହିଁ ଆମ ସମସ୍ତଙ୍କ ମଙ୍ଗଳ–' ନାକ ଉପରକୁ ଭଲଭାବେ ତୁଣ୍ଡିଟାକୁ ଟାଣି ନେଉନେଉ କହିଲେ ମେହେର ବାବୁ।

ହଠାତ୍ ଚାରିଶହ ଚାଳିଶ ଭୋଲ୍ଟର ଇଲେକ୍ଟ୍ରିକ୍ ସକ୍ ଖାଇଲା ପରି ଲାଗିଲା ମୋତେ। ସତରେ ତ, ଆଜିର ମଣିଷ କାଲିକି ନାହିଁ। କେତେବେଳେ କାହା ଜୀବନରେ କି ଅଘଟଣ ଘଟୁଛି ଜାଣିବା ମୁସ୍କିଲ। ଯେଉଁଠି ପ୍ରାଣୀ ଜୀବନର ରକ୍ଷକ ଦ୍ୱିତୀୟ ଈଶ୍ୱର ଡାକ୍ତରମାନଙ୍କ ଜୀବନ ବିପନ୍ନ, ସେଇଠି ସେମାନେ ଅବା ରକ୍ଷା କରିବେ କାହାକୁ? ବାସ୍ତବରେ ଅଳ୍ପକିଛି ଶବ୍ଦ ଭିତରେ ବହୁତ କିଛି ଗହନ କଥା କହି ଚାଲି ଯାଉଥିଲେ ଅଧ୍ୟାପକ ମେହେର ବାବୁ। ମନେମନେ ଭାବିବାରେ ଲାଗିଥିଲି 'ତେବେ ଏଇ ଦୁଃସ୍ଥିତିରୁ ମୁକୁଳିବା ପାଇଁ କ'ଣ ହୋଇପାରେ ସମୁଚିତ ଉପାୟ? ଆଜି ବିପଦ ଘନେଇ ଆସୁଛି ମାନେ ସେଥିରୁ ମୁକୁଳିବାର ଉପାୟ ମଧ୍ୟ ଦିନେ ନା ଦିନେ ମିଳିଯିବ ନିଶ୍ଚୟ। କେବଳ ସାହସର ସହିତ ସେତେଦିନ ପର୍ଯ୍ୟନ୍ତ ଏଇ ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡ଼ିବ ଆମକୁ।' ■■■

ଭାରତୀ କୁଟୀର, ଡୁଙ୍ଗୁରିପାଲି–୭୬୭୦୨୩, ସୁବର୍ଣ୍ଣପୁର

pragati
pragati
Gold Milk
ସମ୍ପୂର୍ଣ୍ଣ
ଉନ୍ନତମାନର
ଦୁଗ୍ଧ
www.pragatimilk.com
www.facebook.com/pragatimilk1999
ଗାଈ, କୁକୁଡା, ମାଛ ଓ ଚିଙ୍ଗୁଡି
ଚାଷରେ ଅଧିକ ଲାଭ ପାଇଁ ସବୁବେଳେ
ବ୍ୟବହାର କରନ୍ତୁ ଉନ୍ନତମାନ ଓ ଭିଟାମିନ୍ ଯୁକ୍ତ
ପଶୁପତି ଫିଡସ୍
PASUPATI AQUA SINKING FEED
AQUA SINKING FEED
PASUPATI PELLET CATTLE FEED
PRAGATI PELLET CATTLE FEED
GOLD
PAPL
Pasupati
PASUPATI PELLET DEVELOPER
PASUPATI AGROVET PVT.LTD.
H.O : Plot No. 93/110, New Industrial Estate, Phase III,
Jagatpur, Cuttack 754021, Odisha, Email : pasupatifeeds@gmail.com

R.N.I Regn.No- ODIODI/2016/73341
Vol.6 • Issue 3 • July 2021 • Rs.50/-, Odia Monthly, Cuttack
ବର୍ଷ: ୬, ସଂଖ୍ୟା-୩, ଜୁଲାଇ ୨୦୨୧, ମୂଲ୍ୟ: ୫୦ଟଙ୍କା, ଓଡ଼ିଆ ମାସିକ, କଟକ

Printed and Published by Niranjan Rath on behalf of Servants of the People Society, published at Gopabandhu Bhawan, Buxi Bazar, Cuttack-753001, Printed at Satyabadi Press, Gopabandhu Bhawan, Buxi Bazar, Cuttack-753001, Tel.0671-2301240/2301697, samaja.satyabadi@gmail.com
Editor : **Niranjan Rath**
ସଂପାଦକ: ନିରଞ୍ଜନ ରଥ